ନାରୀ ଅସ୍ତିତ୍ୱର ବାସ୍ତବତା:

ବିବର୍ତ୍ତିତ ଓଡ଼ିଆ କବିତା

ଡକ୍ଟର ପ୍ରତିଭା ଶତପଥୀ

Digitized by PPRACHIN, SOA

ନାରୀ ଅସ୍ତିତ୍ୱର ବାସ୍ତବତା

ବିବର୍ତ୍ତିତ ଓଡ଼ିଆ କବିତା

ଡକ୍ଟର ପ୍ରତିଭା ଶତପଥୀ

ବିଦ୍ୟାପୁରୀ

Digitized by PPRACHIN, SOA

NARI ASTITWARA VASTAVATA
BIBARTITA ODIYA KABITA
by Dr. Prativa Satapathi
Published by Vidyapuri, Cuttack 753 002

ISBN 978-81-7411-705-2
ପ୍ରଥମ ପ୍ରକାଶ ମେ ୨୦୦୯
ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩ ୦୦୨

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩ ୦୦୨

ପ୍ରଚ୍ଛଦ
ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ସାହୁ

ମୁଦ୍ରଣ
ରୟାଲ ହାଫ୍‌ଟୋନ୍ କୋ, କଟକ

ମୂଲ୍ୟ ଟ ୮୦.୦୦

Digitized by PPRACHIN, SOA

ବିଶ୍ୱର କୋଣ ଅନୁକୋଣରେ କଷଣ ଓ ଅପମାନ-ପିଷ୍ଟ ହୋଇ,
ତଥାପି ଆପଣାର ତ୍ୟାଗ ଓ କଲ୍ୟାଣ କାମନାଦ୍ୱାରା
ଧରା ତଳକୁ ଉର୍ବର କରୁଥିବା ଓ ଦୁର୍ଦ୍ଦଶାରୁ ମୁକୁଳିଯିବା ନିମିତ୍ତ
ନିରନ୍ତର ପ୍ରୟାସ ଜାରି ରଖିଥିବା
ସେହି ନାରୀମାନଙ୍କ ଉଦ୍ଦେଶ୍ୟରେ

ଲେଖିକା

Digitized by PPRACHIN, SOA

ବାସ୍ତବତାର ମୁଖଶାଳା

ନାରୀ ଅସ୍ତିତ୍ୱର ବାସ୍ତବତାର ଚିତ୍ର ସଂପର୍କରେ ଏହି ପୁସ୍ତକଟି ବାସ୍ତବ ଘଟଣାର ପ୍ରତ୍ୟକ୍ଷ ସନ୍ଦର୍ଶନ ଓ ବହୁ ବିଦ୍ୱାନ୍ ବିଦୁଷୀଙ୍କ ଅନୁଧ୍ୟାନ ଉପରେ ପର୍ଯ୍ୟବସିତ । ପ୍ରବନ୍ଧଗୁଡ଼ିକର ଚିନ୍ତା ଓ ଯୋଜନା କାଳରେ ନାରୀ ସ୍ଥିତିର କାବ୍ୟିକ ଚିତ୍ର କେତେଦୂର ବାସ୍ତବ, ତାହାର ଗଭୀରତା କେତେ ତଳସ୍ପର୍ଶୀ ଓ ପରିଣତିରେ ତାହା କେତେ ବେଶି ନିଖୁଣ ଓ ପ୍ରଭାବଶାଳୀ – ଏହାର ତୀବ୍ର ପରୀକ୍ଷା-ନିରୀକ୍ଷା ସଂଘଟିତ ହୋଇଛି । ବ୍ୟକ୍ତିଗତ ଅଭିଜ୍ଞତା ଓ ନିରୀକ୍ଷଣଜନିତ ବହୁଦୃଷ୍ଟିଭଙ୍ଗୀ ଏବଂ ପ୍ରତିକ୍ରିୟା, ଅସହାୟ ମୁହୂର୍ତ୍ତର ହତାଶା ଓ କ୍ରୋଧ, ଅପରପକ୍ଷରେ ଯେ ସବୁକିଛିକୁ ଅନୁଶୀଳନ କରିବାରେ ଅପରିସୀମ ଆନନ୍ଦ, ସବୁ ମିଶି ପୁସ୍ତକର ବିଷୟବସ୍ତୁଟିକୁ ଗୁରୁତ୍ୱ ଦେବାକୁ ଏହି ପ୍ରାବନ୍ଧିକାକୁ ଅନୁପ୍ରେରିତ କରିଛି । ନାରୀ ସ୍ଥିତିର ଅନୁଶୀଳିତ ବାସ୍ତବତାକୁ ବିଶ୍ୱପରିପ୍ରେକ୍ଷୀରେ ଓ ଭାରତୀୟ ପୃଷ୍ଠଭୂମିରେ ବିଚାର କରିବା ସମୟରେ ମାନବ ସଭ୍ୟତାର ଚରମ ବିଡ଼ମ୍ବନା ପ୍ରତ୍ୟକ୍ଷୀଭୂତ ହୋଇଛି । ଶରୀର ଓ ସର୍ଜନ କ୍ଷମତା (ମାତୃତ୍ୱ)କୁ ନେଇ ନାରୀ କେତେ କେଜାଣି ଅମାନୁଷିକତାକୁ ବରଦାସ୍ତ କରିଛି । ତଥାପି, ଅନାଦିକାଳରୁ ଧୈର୍ଯ୍ୟ, ସହିଷ୍ଣୁତା, ସେବା ଓ ତ୍ୟାଗବଳରେ ନାରୀ ମାନବଜାତିକୁ ଅଗ୍ରସର କରାଇବାର ନିଃସର୍ତ୍ତ ଦାୟିତ୍ୱ ବହନ କରିଛି । ତେବେବି ତା'ର ପ୍ରାପ୍ୟ ମର୍ଯ୍ୟାଦାଠାରୁ ସେ ବଞ୍ଚିତା ଓ ବହୁଭାବରେ ନିର୍ଯାତିତା । ସେସବୁର ପୁଙ୍ଖାନୁପୁଙ୍ଖ ଆଲୋଚନା ମାଧ୍ୟମରେ ନାରୀ ସ୍ଥିତିର ବାସ୍ତବତା ଉପରେ ଆଲୋକପାତ କରିବା ଏହି ପୁସ୍ତକର ଉଦ୍ଦେଶ୍ୟ ।

ଏଠାରେ ପାଶ୍ଚାତ୍ୟ ଫେମିନିଜିମ୍ ପ୍ରତି ଗୁରୁତ୍ୱାରୋପ କରାଯାଇ ନାହିଁ । କାରଣ 'ଭାରତୀୟ ନାରୀ ଆନ୍ଦୋଳନ' ପୃଷ୍ଠପଟରେ ପାଶ୍ଚାତ୍ୟ 'ନାରୀବାଦ' (FEMINISM)ର ନିୟମିତତା ନାହିଁ । ଆଲୋଚିକା ସଂଯୁକ୍ତା ଦାସଗୁପ୍ତଙ୍କ ମତରେ "Women. writing in English or in Bengali in India, often refuse to call themselves feminists" (Indian Literature, Review Sept-Oct 2005. P-228-229) ବଙ୍ଗ ଲେଖିକାମାନଙ୍କ ପ୍ରତି ଯାହା ପ୍ରଯୁଜ୍ୟ, ଓଡ଼ିଆ ଲେଖିକା ଓ କବିମାନଙ୍କ ପ୍ରତି ତାହାହିଁ ପ୍ରଯୁଜ୍ୟ, ଅର୍ଥାତ୍ ସେମାନେ ଫେମିନିଷ୍ଟ ନୁହନ୍ତି ବରଂ ସେମାନଙ୍କ ରଚନା ନାରୀସୁଲଭ ଓ କେତେକାଂଶରେ ନାରୀ ସପକ୍ଷବାଦୀ । ଏଠାରେ 'ବାମାବାଦ' ଶବ୍ଦଟିକୁ ଗ୍ରହଣ କରାଯାଉ ନାହିଁ, କାରଣ ପୁରୁଷର ବାମପାର୍ଶ୍ୱରେ ଆସୀନା ନାରୀ (ପତ୍ନୀ)କୁ 'ବାମା' କୁହାଯାଏ । ତେଣୁ ଏଠାରେ 'ନାରୀବାଦ' ହିଁ ଗ୍ରହଣଯୋଗ୍ୟ ।

Digitized by PPRACHIN, SOA

ପରିବର୍ତ୍ତିତ ପରିସ୍ଥିତିରେ ନାରୀସତ୍ତାର ଆକଳନ, ତା'ର ବାସ୍ତବ ସ୍ଥିତିର ସ୍ୱରୂପ ଉଦ୍‌ଘାଟନ ଏକ ଯୁଗୋପଯୋଗୀ ବ୍ୟାପାର । ନାରୀ ଅସ୍ତିତ୍ୱକୁ କେଉଁ ରୂପେ ବିଚାର କରିବା ସ୍ପୃହଣୀୟ ଓ ପ୍ରକୃତପକ୍ଷେ କେଉଁ ଦୃଷ୍ଟିରେ ବିଚାର କରାଯାଉଛି – ଏହା ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱକୁ ଲକ୍ଷ୍ୟ କରିବା ବର୍ତ୍ତମାନ ଜରୁରୀ । ଆମେ ସଭ୍ୟ ଶିକ୍ଷିତ ମାନବଗୋଷ୍ଠୀ ଏକବିଂଶ ଶତକର ପ୍ରଥମ ଦଶକରେ, ସମାଜ ଓ ପରିବାର କ୍ଷେତ୍ରରେ, ଏପରିକି ଆବେଗିକ ସ୍ତରରେ ନାରୀ ସ୍ଥିତି ପ୍ରତି କିପରି ଗୁରୁତ୍ୱ ପ୍ରଦାନ କରୁଛେ, ଏହାର ଅନୁଶୀଳନ ସ୍ୱାଗତଯୋଗ୍ୟ । ଏହି ଅନୁଶୀଳନ ନିମିତ୍ତ ଏଠାରେ ଅଠାବନ ଜଣ ଓଡ଼ିଆ କବିଙ୍କ କାବ୍ୟରଚନାକୁ ଅନୁଧ୍ୟାନ କରାଯାଇଛି । ନାରୀ ସ୍ଥିତିର ପ୍ରାସଙ୍ଗିକ ବାସ୍ତବ ଚିତ୍ରଗୁଡ଼ିକୁ ୫ଗୋଟି ଅଧ୍ୟାୟରେ ବିନ୍ୟସ୍ତ କରାଯାଇ ସବିଶେଷ ନିରୀକ୍ଷଣ କରାଯାଇଛି ।

ପ୍ରଥମ ଅଧ୍ୟାୟରେ ଆଲୋଚ୍ୟକାଳ ଓ ତା'ର ପୂର୍ବବର୍ତ୍ତୀ ସମୟରେ ନାରୀମାନଙ୍କ ସ୍ଥିତି, କେବଳ ଭାରତୀୟ ନାରୀମାନଙ୍କର ନୁହେଁ, ସାରା ବିଶ୍ୱର ନାରୀମାନଙ୍କ ପ୍ରତି କିପରି ଭେଦ ବିଚାର ପରିଦୃଷ୍ଟ ଏହା ଦର୍ଶାଯାଇଛି । ସୁଖର କଥା, ବିଂଶ ଶତକର ଶେଷଦଶକ ଓ ତା'ର ପରବର୍ତ୍ତୀ କାଳରେ ନାରୀ ସ୍ଥିତି ପ୍ରତି ତୀବ୍ର ସଚେତନତା ଜାଗ୍ରତ ହୋଇଛି ଓ ବହୁ ବିଦ୍ୱାନ୍, ବିଦୁଷୀ ହିନ୍ଦୀ ଓ ଇଂରାଜୀ ଭାଷାରେ ଏ ସଂପର୍କରେ ଉପାଦେୟ ପୁସ୍ତକମାନ ରଚନା କରିଛନ୍ତି । ଓଡ଼ିଆ ଭାଷାରେ ଏହି ପ୍ରସଙ୍ଗରେ ବିଧିବଦ୍ଧ ଆଲୋଚନା ନ ଥିଲେ ହେଁ ଓଡ଼ିଆ ଭାଷାରେ ରଚିତ ପୁସ୍ତକ, ଜୀବନୀ ଓ ଆତ୍ମଜୀବନୀ ଗ୍ରନ୍ଥ ସମୂହକୁ ମଧ୍ୟ ଏହି ବାସ୍ତବତାର ଭିତ୍ତିର ଏକ ଅଂଶରୂପେ ଗ୍ରହଣ କରାଯାଇଛି ।

ଏହି ପୁସ୍ତକର ଦ୍ୱିତୀୟ ଅଧ୍ୟାୟଟି, ପୁରୁଷକବି ଓ ନାରୀକବିମାନଙ୍କର କାବ୍ୟିକ ସୃଜନରେ ନାରୀ ବାସ୍ତବତାର ଏକ ତୁଳନାତ୍ମକ ଅନୁଧ୍ୟାନ ନିମିତ୍ତ ଉଦ୍ଦିଷ୍ଟ ହୋଇଛି । ନାରୀର ସେବା, ସ୍ନେହ, ସହିଷ୍ଣୁତା, ତ୍ୟାଗ ଆଦିରେ ପୁରୁଷ ଉଦ୍‌ବୁଦ୍ଧ ହୋଇଛି । ନାରୀ କିନ୍ତୁ ତା'ର ସକଳ ସଦ୍‌ଗୁଣ ସତ୍ତ୍ୱେ ନିର୍ଯାତନା ଓ ଆଘାତ ପାଇଚାଲିଛି, ଏହାର ନାନା ଦୃଷ୍ଟାନ୍ତ କବିତାମାନଙ୍କରେ ଲକ୍ଷ୍ୟଣୀୟ । ପୁରୁଷକବି ଓ ନାରୀକବି ନିର୍ବିଶେଷରେ ସମସ୍ତେ ନିଜ ସଂରଚନାରେ ମାଆ, ଜେଜେମାଆ, ପତ୍ନୀ ଓ କନ୍ୟା ପ୍ରତି ଆନ୍ତରିକତା, ଆଦର ଓ ସ୍ଥଳବିଶେଷରେ ସହାନୁଭୂତି ପ୍ରକଟ କରିଛନ୍ତି । ପୁରୁଷକବିଗଣ ପତ୍ନୀର ତ୍ୟାଗପୂତ, ଉତ୍ସର୍ଗିତ ସ୍ନେହଦ୍ୱାରା ଅଭିଭୂତ ହୋଇଛନ୍ତି । ବହୁ ପୁରାଣକଳ୍ପ ମାଧ୍ୟମରେ ପୁରୁଷକବି ଓ ନାରୀକବିଙ୍କ ଲେଖନୀରେ ନାରୀଚରିତ୍ରର ବିଶେଷତ୍ୱ ଉତ୍କୀର୍ଣ୍ଣ ହୋଇଛି । ମାତ୍ର ନାରୀ କବିଙ୍କ ରଚନାରେ ଅଭିବ୍ୟକ୍ତ ମାତା, କନ୍ୟା, ପତ୍ନୀର ଆକୁଳତା ଅଧିକ ଆନ୍ତରିକତା-ସଂବାହୀ ହୋଇପାରିଛି । କବିଗଣ ସାଧାରଣ ନାରୀର ଦୁଃସ୍ଥିତି ପ୍ରତି ସଂବେଦନଶୀଳ ହୋଇପାରିଥିବା ଲକ୍ଷ୍ୟ କରାଯାଇଛି ।

ତୃତୀୟ ଅଧ୍ୟାୟଟିରେ ନାରୀ ଓ ପୁରୁଷ ଭିତରେ ସଂପର୍କର ଦ୍ୱନ୍ଦ୍ୱାତ୍ମକ ବିଭାବକୁ ପର୍ଯ୍ୟାଲୋଚନା କରାଯାଇ ଉଲ୍ଲେଖ୍ୟ ସମୟର ପ୍ରେମ କବିତାରେ ଏହାର ବିକାଶର ଅନୁସନ୍ଧାନ ଓ ବିଶ୍ଳେଷଣ କରାଯାଇଛି । ରଚିତ ପ୍ରେମ କବିତାଗୁଡ଼ିକରେ ଦେହର ଆଲୋଡ଼ନ, ଦେହାତୀତର ଅଭୀପ୍ସା ଉତ୍ସାରିତ ହେବାର ଚିତ୍ର ପ୍ରତ୍ୟକ୍ଷୀଭୂତ ହୋଇଛି । ଏସବୁ ପ୍ରେମ କବିତାରେ

Digitized by PPRACHIN, SOA

ପୁରୁଷ-କବି-ଚେତନାର ବିହ୍ୱଳତା ଅଧିକ ଉଦାତ୍ତ ହୋଇଥିବାସ୍ଥଳେ ନାରୀକବିଗଣଙ୍କ ଚେତନାର ସଂଭ୍ରମ, ବ୍ୟାକୁଳତା ଓ ସାହସିକତା ଅଧିକତର ତୀବ୍ର ଭାବେ ଅଭିବ୍ୟକ୍ତ ହୋଇଅଛି ।

ଚତୁର୍ଥ ଅଧ୍ୟାୟଟି ନାରୀର ସାମାଜିକ ତଥା ପାରିବାରିକ ବନ୍ଧନ ବିରୋଧରେ ଓଡ଼ିଆ କବିତାରେ ପ୍ରତିବାଦର ସ୍ୱର ଓ ନାରୀ ମୁକ୍ତିର ସମ୍ଭାବନା ସଂପର୍କରେ ଅନୁଶୀଳନ ନିମିତ୍ତ ନିୟୋଜିତ । ଏ କ୍ଷେତ୍ରରେ ନାରୀକବିଗଣ ନିଶ୍ଚିତ ଅଧିକ ଉଦାତ୍ତ ଉଚ୍ଚାରଣ କରିଛନ୍ତି । ତଥାପି କେତେକ ପୁରୁଷ କବି ଅପୂର୍ବ ସଂବେଦନା ମାଧ୍ୟମରେ ନାରୀ ସ୍ଥିତିର ବିଡ଼ମ୍ବନା ପ୍ରତି ଗଭୀର ମାର୍ମିକ ସ୍ୱର ଉତ୍ତୋଳନ କରିଥିବାର ଲକ୍ଷ୍ୟ କରାଯାଏ । କେତେକ କ୍ଷେତ୍ରରେ ନାରୀଗଣ ନିଜ ପ୍ରତି ଆଚରିତ ଅବିଚାରକୁ ଭୋଗି, ସେହି ଦୁର୍ଦ୍ଦଶାର ଚିତ୍ର କବିତା ମାଧ୍ୟମରେ ଆଙ୍କିଛନ୍ତି, ମାତ୍ର ପ୍ରତିବାଦର ସ୍ୱର ଉଠାଇ ନାହାନ୍ତି । ଅନ୍ୟ କେତେକ ସ୍ଥଳରେ ଏମାନେ ମୂଳ ଦ୍ୱନ୍ଦ୍ୱକୁ ଏଡ଼ାଇ ଯାଇଛନ୍ତି । ତେବେ ଅନେକ ନାରୀକବି ନାରୀ ସ୍ଥିତିର ଦୁର୍ଦ୍ଦଶା ଓ ଅବିଚାର ପ୍ରତି ତୀବ୍ର ପ୍ରତିବାଦ ଏବଂ ବିଦ୍ରୂପର ସ୍ୱର ଉତ୍ତୋଳନ କରିଥିବାର ଦୃଷ୍ଟାନ୍ତ ଉର୍ଜସ୍ୱଳ ।

ପଞ୍ଚମ ଅଧ୍ୟାୟ ବା ଶେଷତମ ଅଧ୍ୟାୟରେ ନାରୀକବିଗଣଙ୍କ ରଚନାରେ ଅଙ୍କିତ ଉତ୍ତରଣର ଅଭୀପ୍ସାର ସ୍ୱରୂପକୁ ଅନୁଧ୍ୟାନ କରାଯାଇଛି । ନାରୀଟିଏ ଯେ ସାଧାରଣ ସ୍ଥିତିର ଊର୍ଦ୍ଧ୍ୱରେ ଅଧିରୂଢ଼ା ହୋଇ ଅନ୍ୟ ଏକ ବୃହତ୍ତର, ଉଚ୍ଚତର ଆଲୋକମୟ ସ୍ଥିତିର ଅନୁସନ୍ଧାନରେ ବ୍ରତୀ ହୋଇପାରିଛି ଏହା ପଞ୍ଚମ ଅଧ୍ୟାୟରେ ଉତ୍କୀର୍ଣ୍ଣ । ନାରୀର ଚେତନା ଯେ ତୁଚ୍ଛତାକୁ ପରିହାର କରିବାରେ ସମର୍ଥ ଓ ବିପୁଳତାକୁ ଗ୍ରହଣ କରିବା ନିମିତ୍ତ ଉନ୍ମୁଖ, ଏହି ଭାବାଭିବ୍ୟକ୍ତିର ମାର୍ମିକତାକୁ ଏଠାରେ ଆଲୋଚନା କରାଯାଇଛି ।

ଏହାପରେ ପୁସ୍ତକର ଶେଷାଂଶରେ ସମଗ୍ର ପାଞ୍ଚଟି ଅଧ୍ୟାୟରେ ଚର୍ଚ୍ଚିତ, ବିଭିନ୍ନ ଦିଗରୁ ପରୀକ୍ଷିତ ଓ ପରିଶୀଳିତ ନାରୀ ସ୍ଥିତିର ବାସ୍ତବତାର ଚିତ୍ରକୁ ନେଇ ଏକ ମନୋଜ୍ଞ ସଂଭାବନାମୟ ବିଚାର ଦର୍ଶାଯାଇଛି । ନାରୀ ସ୍ଥିତିର ଉନ୍ନତି ଓ ବିକାଶପାଇଁ ନାରୀ ଚରିତ୍ରର ଦୃଢ଼ତା, ଏକନିଷ୍ଠତା ଯେତିକି ଜରୁରୀ, ପୁରୁଷର ସାମାଜିକ ଓ ପାରିବାରିକ ବ୍ୟକ୍ତିତ୍ୱରେ ମାନବିକତା, ଉଦାର ସମ୍ବେଦନଶୀଳତା ସେତିକି ଅପରିହାର୍ଯ୍ୟ । ଏହି ଉଭୟ ବ୍ୟକ୍ତିତ୍ୱର ଆନ୍ତରିକ ବୁଝାମଣାରେ ହିଁ ନାରୀ ସ୍ଥିତିର ଯଥାର୍ଥ ମର୍ଯ୍ୟାଦା ପ୍ରତିଷ୍ଠିତ ହେବ- ଏହା ସ୍ୱୀକାର କରାଯାଇଛି ।

ଆଧୁନିକ କବିତା ମାଧ୍ୟମରେ ଭାରତୀୟ ତଥା ଓଡ଼ିଆ ନାରୀର ସ୍ଥିତି ଯେଉଁ ନୂତନ ଦୀକ୍ଷାଦ୍ୱାରା ଅଭିମନ୍ତ୍ରିତ ଓ ନିଜକୁ ଦୃଢ଼ କରିବାରେ ସକ୍ରିୟ, ସେସବୁର ସବିଶେଷ ପରିଚୟ ପ୍ରଦାନ କରିବାକୁ ଯାଇ ସୁସ୍ଥ ସମାଜ ଗଠନ ନିମିତ୍ତ ସ୍ଥିତିର ପରିବର୍ତ୍ତନ ଓ ବିକାଶ କେତେ ଦୂର ସମ୍ଭବ – ଏହି ପୁସ୍ତକରେ ଏହାର ଏକ ଗଠନମୂଳକ ଆକଳନ କରାଯାଇଛି । ଉପନିବେଶବାଦୀ ଶାସନର ପରବର୍ତ୍ତୀକାଳରେ ନାରୀ ସ୍ଥିତି ଅନେକ ଭାବେ ସହଜ ଓ ବିକାଶମୁଖୀ ହୋଇପାରିଛି । ଶିକ୍ଷା ଓ ସଚେତନତାଦ୍ୱାରା ପ୍ରଭାବିତ ହୋଇଛି । ଯାହା ଘଟିଛି ଓ ଯାହା ଘଟିବାର ସୁସ୍ଥ ସମ୍ଭାବନା ଦେଖାଦେଇଛି, ସେସବୁର ଏକ ମୂର୍ତ୍ତ ରୂପ ଏଠାରେ ପ୍ରାଞ୍ଜଳ ହୋଇପାରିଛି ବୋଲି ମୋର ବିନମ୍ର ଆଶା ।

ଚୈତ୍ର, ୨୦୦୯ — ପ୍ରତିଭା ଶତପଥୀ

Digitized by PPRACHIN, SOA

କ୍ରମବିନ୍ୟାସ

ପ୍ରଥମ ଅଧ୍ୟାୟ

ନାରୀ ଅସ୍ତିତ୍ୱର ବାସ୍ତବତା ସଂପର୍କରେ
ବିଶିଷ୍ଟ କେତେକ ତଥ୍ୟାବଳୀର ଅନୁଧ୍ୟାନ ଓ ବିଶ୍ଳେଷଣ ୧
ନାରୀ ଅସ୍ତିତ୍ୱ : ଏକ ସମାଜଶାସ୍ତ୍ରିକ ଅନୁଧ୍ୟାନ ୮
ନାରୀ ଅସ୍ତିତ୍ୱ : ମିଥ୍ ଓ ବାସ୍ତବିକତା ୧୫
ଓଡ଼ିଆ କାବ୍ୟକବିତାରେ ନାରୀ ସ୍ଥିତିର ଚିତ୍ର
[୧୯୦୦ରୁ ୧୯୭୫ ମସିହା ପର୍ଯ୍ୟନ୍ତ] ୨୦
ହିଂସାକାଣ୍ଡର ଦାଢ଼ରେ ନାରୀ [ଦେଶବିଭାଜନ-କାଳ] ୨୮
ଜୀବନ ସାଧନା ପଥରେ ନାରୀ : ଆତ୍ମ-ନିରୀକ୍ଷଣ ୩୩
କନ୍ୟା ଓ ତା'ର ଅଧିକାର ୪୨
ନିର୍ଯାତନାର କଠୋର ଭୂମି : ଯୌତୁକ ପ୍ରଥା ୪୮
ନାରୀ ନିର୍ଯାତନାର ଦେଶକାଳ ୫୪

ଦ୍ୱିତୀୟ ଅଧ୍ୟାୟ

ଉଲ୍ଲିଖିତ କାଳ ମଧ୍ୟରେ ପୁରୁଷ ଓ ନାରୀକବିମାନଙ୍କ କାବ୍ୟିକ
ସୃଜନରେ ନାରୀ ବାସ୍ତବତାର ଚିତ୍ରଣର ଏକ ତୁଳନାତ୍ମକ ଅନୁଧ୍ୟାନ ୬୪

ତୃତୀୟ ଅଧ୍ୟାୟ

ନାରୀ ଓ ପୁରୁଷ ମଧ୍ୟରେ ସଂପର୍କର ଦ୍ୱନ୍ଦ୍ୱାତ୍ମକ ବିଭାବ ଓ
ବିବର୍ତ୍ତିତ ଓଡ଼ିଆ ପ୍ରେମକବିତାରେ ଏହାର ବିକାଶର ଅନୁଶୀଳନ ୮୭

ଚତୁର୍ଥ ଅଧ୍ୟାୟ

ନାରୀ ପ୍ରତି ସାମାଜିକ ତଥା ପାରିବାରିକ ବନ୍ଧନ ବିରୋଧରେ
ପ୍ରତିବାଦର ସ୍ୱର ଓ ନାରୀ ମୁକ୍ତିର ସମ୍ଭାବନା ଉପରେ ଏକ ଆକଳନ ୧୧୯

ପଞ୍ଚମ ଅଧ୍ୟାୟ

ନାରୀ ଅସ୍ତିତ୍ୱର ଆଧ୍ୟାତ୍ମିକ ଦିଗଗୁଡ଼ିକର ଉନ୍ମୋଚନ ଓ ତା'ର
ଉଚ୍ଚତର ମୂଲ୍ୟବୋଧଭିତ୍ତିକ ରୂପାନ୍ତର ନେଇ ଅନୁଶୀଳନ ୧୩୪

ଶେଷ ସ୍ପର୍ଶ

ଏ ଯୁଗର ନାରୀ - ସାମର୍ଥ୍ୟ ଓ ଅସାମର୍ଥ୍ୟ ୧୪୯

Digitized by PPRACHIN, SOA

ପ୍ରଥମ ଅଧ୍ୟାୟ

ନାରୀ ଅସ୍ତିତ୍ୱର ବାସ୍ତବତା ସଂପର୍କରେ ବିଶିଷ୍ଟ କେତେକ ତଥ୍ୟାବଳୀର ଅନୁଧ୍ୟାନ ଓ ବିଶ୍ଳେଷଣ

୧. ବାସ୍ତବ ସ୍ଥିତିର ସମସ୍ୟା

ନାରୀ ଓ ପୁରୁଷ ସମାଜର ଓ ଦେଶର ଏବଂ ଏହି ବୃହତ୍ ପୃଥିବୀର ଜୀବନ ପ୍ରବାହର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଂଶ । ଠିକ୍ ଅଂଶ ନୁହନ୍ତି, ଗୋଟିଏ ପୂର୍ଣ୍ଣତାର ଦୁଇ ଗୋଟି ସମଭାଗ, ସୃଷ୍ଟି ଓ ସ୍ଥିତିର ନିୟାମକ । ମାତ୍ର ନାରୀ ଓ ପୁରୁଷ କୁତ୍ରାପି ସମଭାବେ ଗୁରୁତ୍ୱପ୍ରାପ୍ତ ହୋଇ ନାହାନ୍ତି । ସୃଷ୍ଟିର ପ୍ରାରମ୍ଭ କାଳରୁ ନାନା ପରିବର୍ତ୍ତନ ମଧ୍ୟ ଦେଇ ପ୍ରବାହିତ ଏହି ଜୀବନ ଧାରାରେ ନାରୀ ବିଭିନ୍ନ କାଳରେ ବିଭିନ୍ନ ପରିବର୍ତ୍ତନର କଠୋରତାକୁ ଅଙ୍ଗେ ନିଭାଇଛି । ସଭ୍ୟତାର ବିକାଶ ସହିତ ମନୁଷ୍ୟର ଚରିତ୍ର ବିକାଶପ୍ରାପ୍ତ ହୋଇଛି । ବ୍ୟକ୍ତି, ପରିବାର ଓ ସମାଜର ଅନେକ ପ୍ରଗତି ଦୃଶ୍ୟମାନ ହୋଇଛି । ମାତ୍ର ଜୀବନର ଅର୍ଦ୍ଧାଂଶ ଭାବେ, ପ୍ରକୃତିର ଶ୍ରେଷ୍ଠ ସୃଜନ ଏହି ନାରୀଟିର ମୂଳ ସମସ୍ୟା ଅଧିକରୁ ଅଧିକ ଜଟିଳ ହୋଇପଡ଼ିଛି । ପୁରୁଷ ନିଜର ପ୍ରାଧାନ୍ୟ ଘୋଷଣା କରିବା ସହିତ ନାରୀର ସ୍ଥିତି ପ୍ରତି ହେୟ ମନୋଭାବ ପୋଷଣ କରିଛି । କିନ୍ତୁ, ଏପରି ଘଟିବାର ହେତୁ କ'ଣ ? କ'ଣପାଇଁ ନାରୀ ନିଜ ସ୍ୱାଧିକାରରୁ, ନିଜ ବିଶିଷ୍ଟତାରୁ ବଞ୍ଚିତ ହୋଇ ରହିଯାଇଛି ? କାହିଁକି ସେ ସମାଜ ଓ ପରିବାରର ପାତର ଅନ୍ତର ରୀତିକୁ ସ୍ୱୀକାର କରିନେଇଛି ? ଏସବୁ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆମେ ନାରୀର ସହନଶୀଳତା ଓ ସନ୍ତାନ ବାତ୍ସଲ୍ୟକୁ କାରଣ ରୂପେ ଉପସ୍ଥାପିତ କରିବା କି ? ଅନ୍ୟପକ୍ଷରେ ଏହି ପ୍ରକାର ବାସ୍ତବତାର କାରଣ ସ୍ୱରୂପ ଆମେ ନାରୀର ନିଜ ସ୍ଥିତି ପ୍ରତି ଅସଚେତନତାକୁ ଗ୍ରହଣ କରିପାରିବା କି ?

ନାରୀର ସ୍ଥିତିକୁ ଅନୁଧ୍ୟାନ କରିବା ଦିଗରେ ଅଗ୍ରସର ହେଲେ ତା'ର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ଏହି ତିନି କାଳର ଅବସ୍ଥାକୁ ଅନୁଧ୍ୟାନ କରିବାକୁ ହେବ । ନାରୀର ବର୍ତ୍ତମାନର ସ୍ଥିତି ଅତୀତରେ ନ ଥିଲା ଏବଂ ଭବିଷ୍ୟତ୍‌କୁ ମଧ୍ୟ ନିଶ୍ଚିତ ଭାବେ ପରିବର୍ତ୍ତିତ ହୋଇଯାଇଥିବ । ତେଣୁ ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡ ମଧ୍ୟରେ (୧୯୭୫-୨୦୦୦) ନାରୀ ସ୍ଥିତିକୁ ବିଚାର କରିବାକୁ ଗଲେ ଏହାର ଅତୀତ ନିଶ୍ଚିତରୂପେ ପ୍ରାସଙ୍ଗିକ ହେବ । ବିଂଶ ଶତକର ପ୍ରଥମାର୍ଦ୍ଧ ମଧ୍ୟରେ, ଏପରିକି ୧୯୭୫ ଯାବତ୍ ନାରୀ ସ୍ଥିତି କ୍ରମଶଃ ପରିବର୍ତ୍ତିତ ହୋଇ ଉତ୍ତରଣ ପଥରେ ଅଗ୍ରଗତି କରିଛି ବୋଲି ପ୍ରତୀତ ହେବ ।

Digitized by PPRACHIN, SOA

ଅଳ୍ପ ବୟସରେ, କିଶୋରୀ କାଳରେ ବିବାହ କରି ପତି ଗୃହକୁ ଆସୁଥିବା ନବବଧୂଟି ନିଜର ବାକ୍‌ଶକ୍ତିକୁ ରୁଦ୍ଧ କରି ରଖିବାକୁ ବାଧ୍ୟ ହେଉଥିଲା । ଠାରରେ, ଭଙ୍ଗୀରେ ନିଜ ବକ୍ତବ୍ୟକୁ ପ୍ରକାଶ କରିବାର ନିୟମକୁ ମାନି ନେଉଥିଲା । ବର୍ତ୍ତମାନ ହଜାର ହଜାର ଶ୍ରୋତାଙ୍କ ସମ୍ମୁଖରେ ସେ ନିଜ ବକ୍ତବ୍ୟକୁ ଦୃଢ଼ ଭାବେ ଉପସ୍ଥାପନ କରିପାରୁଛି । ଝିଅ-ବୋହୂମାନେ ଦାଣ୍ଡବାରଣ୍ଡାକୁ ଆସିବା ନିଷିଦ୍ଧ ଥିଲା । ବର୍ତ୍ତମାନ ସେମାନେ ଏକା ଏକା ଦେଶବିଦେଶକୁ କାର୍ଯ୍ୟାନ୍ତରରେ ଯାଇପାରୁଛନ୍ତି । ପୂର୍ବରୁ ନାରୀମାନଙ୍କ ଶିକ୍ଷା ଗ୍ରହଣ ବ୍ୟବସ୍ଥା କ୍ୱଚିତ୍ ଥିଲାବେଳେ, ବିଂଶ ଶତକର ଶେଷାର୍ଦ୍ଧରେ ବାଳିକା ସ୍କୁଲ୍, ମହିଳା କଲେଜ, ବାଳିକା ଛାତ୍ରୀ ନିବାସ, ମହିଳା ଛାତ୍ରୀ ନିବାସ, କର୍ମଜୀବୀ ମହିଳା ନିବାସଗୁଡ଼ିକ ବହୁସଂଖ୍ୟାରେ ସ୍ଥାପିତ ହୋଇ ଝିଅମାନଙ୍କ ଶିକ୍ଷାକୁ କ୍ରମଶଃ ସ୍ୱାଚ୍ଛନ୍ଦ୍ୟ ଓ ଗୁରୁତ୍ୱ ପ୍ରଦାନ କରିଛି ଏବଂ ଆଗେଇ ନେବାରେ ସାହାଯ୍ୟ କରିଛି । ଭାରତୀୟ ପ୍ରେକ୍ଷାପଟରେ ନାରୀ ସ୍ଥିତିର ବାସ୍ତବତା ଯାହା ଥିଲା, ଓଡ଼ିଶାରେ ମଧ୍ୟ ତାହା ସମସ୍ତରରେ ରହିଥିଲା । ନାରୀ ଶିକ୍ଷାର ପ୍ରଚଳନ ନାରୀକୁ ସଚେତନ କରାଇବାରେ ସାହାଯ୍ୟ କଲା । ନିଜକୁ ନିରୀକ୍ଷଣ ଓ ବିଶ୍ଳେଷଣ କରିବାକୁ ନାରୀକୁ ଉଦ୍‌ବୁଦ୍ଧ କଲା । ତା'ର ଯେ ସ୍ୱତନ୍ତ୍ର ଚିନ୍ତା, ଆବେଗ, ଆଗ୍ରହ, ଇଚ୍ଛା ଓ ବିଚାର ରହିଛି ଏହା ସେ ପ୍ରଥମ କରି ବୁଝିପାରିଲା ଓ ତାହାକୁ ପ୍ରକାଶ କରିବାର ମାଧ୍ୟମ ଖୋଜିଲା ।

୨. କାବ୍ୟକବିତାର ଜଗତ

କବିତା ଜନସମାଜର ତଥା ଜନମାନସର ପ୍ରତିଛବି ବହନ କରିଥିବା ହେତୁ ନାରୀର କ୍ରମ ଉତ୍ତରିତ ସ୍ଥିତିର ଚିତ୍ର ବହନ କରିବା ଅବଶ୍ୟମ୍ଭାବୀ । କବିତା କବିର ଅନ୍ତର୍ମନର ଏକ ପ୍ରଜ୍ଞାବେଗମୟ ଉଚ୍ଚାରଣ । ତେଣୁ ଗଳ୍ପ ଉପନ୍ୟାସ ମାଧ୍ୟମରେ ନାରୀ ବାସ୍ତବତାର ଚିତ୍ର ବହୁଳଭାବେ ଉପଲବ୍ଧ ହୋଇଥିଲେ ବି କବିତା ମାଧ୍ୟମରେ ଏହି ଚିତ୍ର କେବଳ କିଛି ସହାନୁଭୂତିର ସ୍ୱର ଉତ୍ତୋଳନ କରିଥିଲା । ନାରୀ ରଚୟିତ୍ରୀଙ୍କ ସଂଖ୍ୟା ବିଂଶ ଶତାବ୍ଦୀର ପ୍ରଥମ ଚଉଠ ଭାଗରେ ନଗଣ୍ୟ ଥିଲା । ମାତ୍ର ସେମାନଙ୍କ ମଧ୍ୟରେ କବି କୁନ୍ତଳାକୁମାରୀ ସାବତ (୧୯୦୦-୧୯୩୮) ଏକ ବିସ୍ମୟ ହୋଇ ଦେଖା ଦିଅନ୍ତି । ସେ ଥିଲେ ସେ କାଳର ଉଚ୍ଚଶିକ୍ଷିତା, ଡାକ୍ତରାଣୀ ଓ ବୃତ୍ତିଜୀବିନୀ । ପରାଧୀନ ଓଡ଼ିଶାରେ ତଥା ଭାରତରେ ଜାତୀୟତାର ସ୍ୱର ଉତ୍ତୋଳନ କରି ସେ ଅନେକ କବିତା ରଚନା କରିଥିଲେ । ଏହା ବ୍ୟତୀତ ଆବେଗମୟ ପ୍ରେମ କବିତା ଓ ଉପନ୍ୟାସ ରଚନା ଏବଂ ଓଜସ୍ୱିନୀ ବକ୍ତୃତା ପ୍ରଦାନରେ ତାଙ୍କର ଅନନ୍ୟ ବିଶିଷ୍ଟତା ଥିଲା । ବିଧିବଦ୍ଧ ଭାବେ ଜଣେ କବି ଲେଖିକା ଓ ଦେଶପ୍ରାଣ ବ୍ୟକ୍ତିତ୍ୱ ଭାବରେ ନିଜକୁ ପ୍ରତିଷ୍ଠା କରି ସେ ଓଡ଼ିଶାର ନାରୀ ସମାଜ ସମକ୍ଷରେ ଏକ ଆଦର୍ଶ ରୂପେ ପ୍ରତିଭାତ ହୋଇଥିଲେ । ସାହିତ୍ୟ ସୃଷ୍ଟି, ରାଜନୀତିକ ବିଚାରବୋଧ ଓ ବୃତ୍ତିଗତ ସାଫଲ୍ୟ ମାଧ୍ୟମରେ ନାରୀ ବ୍ୟକ୍ତିତ୍ୱର ପାରଦର୍ଶିତା ପ୍ରତିପାଦନ କରିଥିଲେ । ଏହାସତ୍ତ୍ୱେ ତତ୍କାଳୀନ ଶିକ୍ଷିତା, ସଂବେଦନଶୀଳା ଏହି ମହିଳା ଚିକିତ୍ସିକା

Digitized by PPRACHIN, SOA

ନାରୀଶିକ୍ଷା ସମ୍ବନ୍ଧରେ ଅଭିମାନୋକ୍ତି ପ୍ରକାଶ କରିଛନ୍ତି । ଶିକ୍ଷାଗତ ଯୋଗ୍ୟତା ହେତୁ ବିଦ୍ୱତ୍ତା ଲାଭ କରିଥିବା କୁନ୍ତଳାକୁମାରୀ ତାଙ୍କ ରଚିତ 'ନାରୀଶିକ୍ଷା' ପ୍ରବନ୍ଧରେ ମତବ୍ୟକ୍ତ କରନ୍ତି ଶିକ୍ଷାର ଫଳ ମୋ ଜୀବନରେ ବହୁତ ଭୋଗିଲି । ପୁରୁଷ ନାରୀର ଶରୀର ମାତ୍ରକୁ ସର୍ବଶ୍ରେଷ୍ଠ ବିବେଚନା କରେ । × × ସେହି ପୁରୁଷ ସ୍ୱାମୀ ହିସାବରେ ସ୍ତ୍ରୀକୁ ଧକ୍କା ଦିଏ । ଜାର (ଉପପତି) ହିସାବରେ ପ୍ରେମକରେ, ପୁଣି ତା'ପାଇଁ ସ୍ତ୍ରୀ ନରକକୁଣ୍ଡରେ ପଡ଼େ । ସତୀତ୍ୱ ସର୍ବଶ୍ରେଷ୍ଠ ଧର୍ମ । ସର୍ବଶ୍ରେଷ୍ଠ ସମ୍ମାନ । × × ବହୁତ ପଢ଼ି ନାରୀ ବେଶ୍ୟା ହେବାକୁ ଭଲ ପାଏ । × × ଆଧୁନିକ ସଭ୍ୟତାର ଅର୍ଥ ବେଶ୍ୟା ହୁଅ, କିନ୍ତୁ ପୁରୁଷକୁ ଭଲ ପାଅ । × × ଅଗ୍ନିରେ ପରୀକ୍ଷା ଦେବା ପରେ ବେଶ୍ୟା କହି ସ୍ତ୍ରୀକୁ ମଧ ତଡ଼ି ଦିଆଯାଇପାରେ × × ଭାରତୀୟ ସମାଜ ବ୍ୟବସ୍ଥାରେ ନାରୀ ଘୃଣା, ଲାଂଛନା, ଅପବାଦ ଓ ଦାସତ୍ୱର ପ୍ରତୀକ । ନିଜ ଜୀବନର ବିଡ଼ମ୍ବନା ସହ ପୁରାଣଯୁଗ ପ୍ରତି ଦୃଷ୍ଟିପାତ କରି କବି କୁନ୍ତଳାକୁମାରୀ ଉପରୋକ୍ତ ହତାଶାବ୍ୟଂଜକ ସ୍ୱର ଶୁଣାଇଛନ୍ତି ।

୩. ସମାଜ ଓ ରାଜନୀତିର କ୍ଷେତ୍ର

ସାମସମୟିକ ଭାବେ ଆସନ୍ତି ଶ୍ରୀମତୀ ରମାଦେବୀ । ସମାଜସେବା ଓ ତ୍ୟାଗ କ୍ଷେତ୍ରରେ ସେ ନିଜ ଅଲିଭା ସ୍ୱାକ୍ଷର ରଖି ଯାଇଛନ୍ତି । ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ମଧ ସ୍ୱାଧୀନତା ପ୍ରାପ୍ତି ପରେ କ୍ଷମତା ରାଜନୀତିରୁ ଦୂରେଇ ରହି ଜନସେବାରେ ବ୍ରତୀ ହେଲେ । ମୁଖ୍ୟତଃ, ନାରୀ, ପ୍ରସୂତୀ, ଗର୍ଭବତୀ ଓ ଶିଶୁମାନଙ୍କ ହିତାର୍ଥେ ସେ ନିଜ ଜୀବନକୁ ନିୟୋଜିତ କରିଥିଲେ । ଭୂଦାନ ଯଜ୍ଞକୁ ଆଗେଇ ନେବାରେ ତାଙ୍କ ଭୂମିକା ଅନନ୍ୟ । ଜାତୀୟ କ୍ଷେତ୍ରରେ ସମାଜସେବା ନିମିତ୍ତି ସେ 'ଯମୁନାଲାଲ ବଜାଜ' ପୁରସ୍କାରଦ୍ୱାରା ସମ୍ମାନିତା ହୋଇଥିଲେ । ତାଙ୍କ ପରେ ପରେ ଆସନ୍ତି ଶ୍ରୀମତୀ ସରଳା ଦେବୀ । ସେ ନିଜର ବ୍ୟକ୍ତିତ୍ୱର ପରାକାଷ୍ଠା ପ୍ରଦର୍ଶନ କରନ୍ତି । ସ୍ୱଗୃହରେ ଶିକ୍ଷାଲାଭ କରି ମଧ ସରଳାଦେବୀ ଇଂରାଜୀ, ହିନ୍ଦୀ, ତେଲୁଗୁ ଆଦି ଭାଷାରେ ପାରଙ୍ଗମ ଥିଲେ । ସବୁଜ ରଥୀମାନଙ୍କ ସହ ମିଳିତ ଭାବେ ସେ 'ବାସନ୍ତୀ' ଉପନ୍ୟାସ ରଚନା କରିଥିଲେ । ପରିବାର ଭିତରେ ନାରୀର ଗୁରୁତ୍ୱ ସମ୍ପର୍କରେ ସେ ନିଜସ୍ୱ ଦୃଷ୍ଟିଭଙ୍ଗୀ ବ୍ୟକ୍ତ କରିଥିଲେ । ସାହସିକତା ଓ ଯୁକ୍ତିମତ୍ତା ତାଙ୍କ ଚରିତ୍ରର ବିଶିଷ୍ଟ ଗୁଣ ଥିଲା । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ବିଭିନ୍ନ ଭୂମିକା ସମ୍ପାଦନ କରିଥିଲେ । ପ୍ରଥମ ନାରୀ ଭାବେ କାରାବରଣ କରିଥିଲେ ଓ ଓଡ଼ିଶାର ପ୍ରଥମ ରାଜନୀତିକ ନେତ୍ରୀ ଭାବେ ସେ ବିଧାନସଭାର ସଦସ୍ୟା ହୋଇଥିଲେ । ଓଡ଼ିଶାରେ ନାରୀଶିକ୍ଷା, ନାରୀ ଜାଗରଣ, ବାଲ୍ୟ ବିବାହ ବିରୋଧ ଓ ବିଧବା ବିବାହ ପ୍ରଚଳନ କ୍ଷେତ୍ରରେ ସେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ତାଙ୍କର ମୁଖ୍ୟ ବିଶେଷତ୍ୱ ଏହି ଯେ, ଗୃହର ଚାରି କୋଣ ମଧରେ ଆବଦ୍ଧ, ପାରିବାରିକ ନିଷ୍ଠୁର ନିୟମରେ ରୁଦ୍ଧ ନାରୀଜାତିକୁ ସେ ସଚେତନତାର ମନ୍ତ୍ରରେ ଦୀକ୍ଷିତ କରିଥିଲେ । ପତିପତ୍ନୀ ମଧରେ ଉପଯୁକ୍ତ ପାରସ୍ପରିକ ସମ୍ମାନବୋଧ

Digitized by PPRACHIN, SOA

ପ୍ରତିଷ୍ଠା ହେବା ଆବଶ୍ୟକ, ଏ ଦିଗରେ ସେ ପ୍ରଥମେ ସ୍ୱରୋତ୍ତୋଳନ କରିଥିଲେ । ନାରୀର ଶରୀର ଉପରେ ନାରୀର ନିଜ ଅଧିକାରର ଗୁରୁତ୍ୱ ସପକ୍ଷରେ ସେ ଯୁକ୍ତି ଉପସ୍ଥାପନ କରିଥିଲେ ।

ସେତେବେଳକୁ ଭାରତର ତଥା ଓଡ଼ିଶାର ବହୁ ନାରୀ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ନିଜର ତ୍ୟାଗ ଓ ନିଷ୍ଠାର ଦୃଷ୍ଟାନ୍ତ ପ୍ରତିଷ୍ଠା କରିସାରିଲେଣି । ସମାଜ ସେବିକା ଶ୍ରୀମତୀ ରମାଦେବୀ ଓ ମାଳତୀ ଚୌଧୁରୀ ଆଦି ଅସହଯୋଗ ଆନ୍ଦୋଳନ, ସତ୍ୟାଗ୍ରହ, ଲୁଣମରା ଅଭିଯାନ ଇତ୍ୟାଦିରେ ସକ୍ରିୟ ଅଂଶଗ୍ରହଣ କରି କାରାବରଣ କଲେଣି, ନାରୀମାନେ ନିଜ ସାହସିକତା ଓ ବିପ୍ଳବ-ମନସ୍କତାର ପରିଚୟ ପ୍ରଦାନ କରିସାରିଲେଣି । ବସ୍ତ୍ରଭୂଷଣ ମଧ୍ୟରେ ବନ୍ଦିନୀ, ସ୍ଥଳବିଶେଷରେ ପରିବାର ମଧ୍ୟରେ ଦାସୀଭଳି ଚଳପ୍ରଚଳ ହେଉଥିବା ନାରୀକୁ ତାହାର ଅନ୍ତଃଶକ୍ତି ସହ ପରିଚିତ କରାଇବାର ପ୍ରଚେଷ୍ଟା କରିସାରିଲେଣି । ପୁରୁଷ ଓ ନାରୀ ଯେ ସମାନ ଗୁରୁତ୍ୱର ଅଧିକାରୀ ଓ ସମାଜ, ପରିବାର ସ୍ତରରେ ନାରୀର ନିର୍ଯାତନା ଏକ ଦୋଷାବହ କର୍ମ– ଏହା ସପକ୍ଷରେ ପ୍ରତିବାଦ ଓ ଆବେଦନର ସ୍ୱର ବେଶ୍ ସ୍ପଷ୍ଟ ହୋଇଉଠିଲାଣି । ଭାରତୀୟ ପୃଷ୍ଠପଟରେ ମଧ୍ୟ ଓଡ଼ିଶା-ଅନୁରୂପ ନାରୀ ସ୍ଥିତିରେ ପରିବର୍ତ୍ତନ ଏହି ସମୟକୁ ସଂଘଟିତ ହୋଇଗଲାଣି । ଯେଉଁ ନାରୀ ବ୍ୟକ୍ତିତ୍ୱଟି ନିଜର ସ୍ୱର ହଜାଇ ସାରିଥିଲା, ପୁରୁଷର ଅନ୍ଧ ଆନୁଗତ୍ୟ ତା' ପାଇଁ ଶ୍ରେୟ ରୂପେ ଗ୍ରହଣ କରିଥିଲା, ସେ ନିଜର ସ୍ୱତନ୍ତ୍ର ପରିଚୟ ଦାବି କରିବାର ପ୍ରୟାସ ପୋଷଣ କଲାଣି । ବହୁ କାଳରୁ ନାରୀକୁ ହତୋତ୍ସାହ କରିବା ନିମିତ୍ତ ଅନେକ ପ୍ରବାଦ ପ୍ରଚଳିତ ଥିଲା, ଯଥା– ନାରୀର ନ୍ୟୂନତା ପ୍ରତିପାଦନ କରି ପାଶ୍ଚାତ୍ୟର ସେଣ୍ଟ ଆମ୍‌ରୋସ୍ କହିଲେ "ଆଦାମ ଶରୀରରୁ ପଞ୍ଜରା ହାଡ଼ ଖଣ୍ଡେ ମାତ୍ର ନେଇ ଈଶ୍ୱର ଇଭ୍‌କୁ ଗଢ଼ିଲେ ।" ଭାରତ ତଥା ଓଡ଼ିଶାରେ ମଧ୍ୟ ଏତାଦୃଶ ଅର୍ଥବହନକାରୀ ଶ୍ଳୋକ ଓ ଲୋକୋକ୍ତି ବହୁ ଯୁଗରୁ ବହୁଳ ଭାବେ ପ୍ରଚଳିତ ଥିଲା । ନାରୀ ଏପରି ଏକ ଅସୁରକ୍ଷିତ ସତ୍ତା ଯେ, କୁମାରୀ କାଳରେ ପିତା, ଯୌବନରେ ପତି, ବାର୍ଦ୍ଧକ୍ୟରେ ପୁତ୍ର – ଏହି ତିନୋଟି ଅବସ୍ଥାରେ ବିଭିନ୍ନ ରୂପରେ ପୁରୁଷ ହିଁ ନାରୀର ରକ୍ଷାକର୍ତ୍ତା । କିନ୍ତୁ ମାତା ଯେ ସନ୍ତାନର ସର୍ବଶ୍ରେଷ୍ଠ ଓ ସର୍ବୋତ୍ତମ ରକ୍ଷାକର୍ତ୍ତ୍ରୀ ଏ ବିଷୟରେ ବିଶେଷ କିଛି କୁହାଯାଇ ନ ଥିଲା । ଏ କଥାକୁ କେବଳ ସହଜଭାବେ ଗ୍ରହଣ କରିନିଆଯାଇଥିଲା । ଏହି ଅବସ୍ଥାର ପରିବର୍ତ୍ତନ ଖୁବ୍ ଶୀଘ୍ର ହୋଇ ନାହିଁ । ସ୍ୱାଧୀନ ଭାରତର ରାଜନୀତିକ ଦଳ ମଧ୍ୟ ନାରୀ ସତ୍ତାର ଅବହେଳା ପ୍ରତି ପ୍ରତିବାଦ ଉଠାଇ ନାହାନ୍ତି । ବିଭିନ୍ନ ଜାତି, ବିଭିନ୍ନ ସମ୍ପ୍ରଦାୟଙ୍କ ପ୍ରତି ରାଜନୀତିକ ନେତାମାନେ ଯେତିକି ତତ୍ପର ହୋଇଛନ୍ତି, ସେହି ପରିମାଣରେ ନାରୀର ମାନ୍ୟତା ରକ୍ଷା କରିବାରେ ହୋଇଛନ୍ତି ପରାଙ୍ମୁଖ, କାରଣ ନାରୀକୁ ପୁରୁଷ-ପ୍ରଧାନ ସମାଜର ଶୋଷଣଠାରୁ ବଞ୍ଚାଇବାକୁ ଗଲେ, ନେତାମାନଙ୍କୁ ପୁରୁଷ ଗୋଷ୍ଠୀର ଚକ୍ଷୁଃଶୂଳ ହେବାକୁ ପଡ଼ିବ । ଯେହେତୁ ନାରୀ ଯେତେ ଅଧିକ ଶିକ୍ଷିତା ହେବେ, ଆତ୍ମସତ୍ତାର କେନ୍ଦ୍ର ଦିଗକୁ ଅଗ୍ରସର ହେବେ, ବ୍ୟକ୍ତିତ୍ୱ ସଚେତନ ହେବେ, ଅନ୍ଧବିଶ୍ୱାସ ଓ ମିଥ୍ୟାରୋପ ବିରୋଧରେ ସେତେ ଅଧିକ ସ୍ୱରୋତ୍ତୋଳନ କରିବ ।

Digitized by PPRACHIN, SOA

୪. ନାରୀ ପ୍ରଗତିର ସ୍ୱରୂପ

ତଥାପି, ଏ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଆଜି ପ୍ରତ୍ୟେକ ସ୍ଥଳରେ ନାରୀ ପୁରୁଷର ସମକକ୍ଷ ହୋଇପାରିଛି । କେବଳ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ଲାଗୁ କରାଯାଇଛି । ମାତ୍ର ସମାଜ ଓ ପରିବାର କ୍ଷେତ୍ରରେ ନାରୀଠାରୁ ଏକାନ୍ତ ସମର୍ପଣ ଦାବି କରାଯାଉଛି । କର୍ମ କ୍ଷେତ୍ରରେ ବହୁ କଷ୍ଟ ସ୍ୱୀକାର କରି ନାରୀକୁ ପୁରୁଷର ସମକକ୍ଷ, କେବେ ତା'ଠାରୁ ଅଧିକ ଦକ୍ଷ ହେବାକୁ ପଡୁଛି । ତା' ସତ୍ତ୍ୱେ ନାରୀର ଆତ୍ମପରିଚୟ ବିଭକ୍ତ ଓ ଖଣ୍ଡିତ ହୋଇପଡୁଛି । ଫଳତଃ, ସ୍ତ୍ରୀର ଜୀବନ ସକାରାତ୍ମକଠାରୁ ଅଧିକ ନକାରାତ୍ମକ ହୋଇପଡୁଛି । କାରଣ, ଏଇ ପ୍ରତିଯୋଗିତାପୂର୍ଣ୍ଣ ଦୁନିଆରେ ନାରୀ ସକଳ କ୍ଷେତ୍ରରେ ସାମର୍ଥ୍ୟ ପ୍ରଦର୍ଶନ କରିବା ସହ ସନ୍ତାନ ଜନ୍ମ ଓ ଲାଳନ ତା'ର ଏକାନ୍ତ ଭୂମିକା ରୂପେ ଅବଧାରିତ ହୋଇଛି । ଫଳରେ ଜୀବନର ସମ୍ପୂର୍ଣ୍ଣତାକୁ ଭୋଗ କରିବା ତା' ପକ୍ଷରେ ସମ୍ଭବ ହେଉ ନାହିଁ । ଆତ୍ମବିଶ୍ୱାସ ପ୍ରତିଷ୍ଠା କରିବା କଷ୍ଟକର ହେଉଛି । ଏପରିକି ବିଂଶ ଶତକରେ ସମସ୍ତଙ୍କ ଜ୍ଞାତସାରରେ ନିର୍ଦ୍ଦୋଷ ନାରୀତ୍ୱକୁ ଲୁଣ୍ଠନ କରାଯାଉଛି । ଉଦାହରଣସ୍ୱରୂପ, ୧୯୭୫ ମସିହାରେ ଉତ୍ତରପ୍ରଦେଶର ଭଟେରୀ ଗ୍ରାମର ଏକ ନୃଶଂସ ହତ୍ୟାକାଣ୍ଡକୁ ବିଚାର କରାଯାଇପାରେ । ବସ୍‌ମତୀଆ ନାମକ ଏକ ମୂଲିଆଣୀ ତା' ମାଲିକର ବଳାତ୍କାରର ଶିକାର ହୋଇ ଗର୍ଭବତୀ ହେଲା । ବସ୍‌ମତୀଆ ଥିଲା ବିଧବା । ତା' ଗର୍ଭସ୍ଥ ଭ୍ରୂଣର ପିତୃତ୍ୱକୁ ତା'ର ମାଲିକ ଅସ୍ୱୀକାର କଲା । ବସ୍‌ମତୀଆ ଘର ଘର ଯାଇ ଲୋକଙ୍କୁ ଗୁହାରି କଲା – ପଞ୍ଚାୟତ ବସାଇବାକୁ ଅନୁନୟ କଲା । ପଞ୍ଚାୟତ ନିର୍ଣ୍ଣୟ ନେଲା ଯେ ଅବୈଧ ସନ୍ତାନକୁ ଗର୍ଭରେ ଧରି ବସ୍‌ମତୀଆ ପତିତା ହୋଇଛି । ସେ ଗାଁରୁ ବିତାଡ଼ିତ ହେବ ଓ ଗର୍ଭପାତ କରାଇବ । ବସ୍‌ମତୀଆ ଏହି ନିର୍ଣ୍ଣୟ ଅମାନ୍ୟ କଲା । ଫଳତଃ, ତାହାକୁ ଗ୍ରାମବାସୀଙ୍କ ସହମତିରେ ପୋଡ଼ି ମାରିଦିଆଗଲା । ଏହି ନାରକୀୟ କାଣ୍ଡ ଓ ନାରୀ ପ୍ରତି ଅମାନୁଷିକ ବିଚାର ଏବେ ମଧ୍ୟ ଭାରତ ଭୂଇଁରେ କେଉଁ କେଉଁ ଅଞ୍ଚଳରେ ଯେ ଘଟୁଥିବ, ଏହା ଅସମ୍ଭବ ନୁହେଁ । ତଥାପି ପରିସ୍ଥିତି ଅନେକଟା ବଦଳିଛି । ଏହି ପରିବର୍ତ୍ତନର ପୃଷ୍ଠପଟରେ ଯେ କେତେ ନିରୀହା ନାରୀ ବଳି ପଡ଼ିଛନ୍ତି ତା'ର ଇୟତ୍ତା ନାହିଁ ।

ନାରୀ ସନ୍ତାନକୁ ଗର୍ଭରେ ଧରି, ଜନ୍ମ ଦେଇ ଲାଳନପାଳନ କରୁଥିବାରୁ ତା'ର ଭୂମିକା ଖୁବ୍ ଗଭୀର ଓ ଗମ୍ଭୀର । ଅଥଚ ଏହି ଭୂମିକା ନିମିତ୍ତ ସେ ପର୍ଯ୍ୟାପ୍ତ ନିର୍ଯ୍ୟାତନା ଭୋଗିଥାଏ । ଅର୍ଥ ଉପାର୍ଜନର ସାମର୍ଥ୍ୟ ହେତୁ ନାରୀ ଓ ପୁରୁଷଙ୍କୁ ସମାନ କରାଯାଇ ପାରିବ ନାହିଁ । ନାରୀ ଓ ପୁରୁଷର କାର୍ଯ୍ୟ ଓ ବେତନ ସମାନ ହେଲେ ମଧ୍ୟ ନାରୀର ଦାୟିତ୍ୱ ଗୁରୁତର । ଅଥଚ ନାରୀକୁ ସକଳ ସ୍ତରରେ ପ୍ରବଞ୍ଚନାର ଶିକାର ହେବାକୁ ପଡୁଛି । ବିଂଶ ଶତକର ପଞ୍ଚମଦଶକର ପ୍ରାରମ୍ଭ କାଳକୁ ଭାରତର ତେଲେଙ୍ଗାନାଠାରେ ଧନୀ ଦରିଦ୍ର ସଂଘର୍ଷର ସୂତ୍ରପାତ ହୋଇଥିଲା । ଏହି ସଂଘର୍ଷର କ୍ରାନ୍ତିକାରୀ ସଂଗ୍ରାମରେ ପୁରୁଷଙ୍କ ସହ ନାରୀମାନେ ମଧ୍ୟ ଅଂଶଗ୍ରହଣ କରି ସାହସର ସହ ବିପ୍ଳବାତ୍ମକ କାର୍ଯ୍ୟ ସମ୍ପାଦନ କରିଥିଲେ ।

Digitized by PPRACHIN, SOA

ମାତ୍ର ଏକ ମହିଳା ବାହିନୀ ଗଠନ କରି ଆନ୍ଦୋଳନକୁ ଅଧିକରୁ ଅଧିକ ସକ୍ରିୟ କରିବା ଦିଗରେ ସେମାନଙ୍କୁ କୌଣସି ସୁଯୋଗ ଦିଆଗଲା ନାହିଁ । ଉତ୍ସାହିତ କରାଗଲା ନାହିଁ । ଯଦିଓ ଏହି ତେଲେଙ୍ଗାନା ବିପ୍ଲବୀ ସମାଜର ମୁଖ୍ୟ ଚନ୍ଦ୍ର ରାଜେଶ୍ୱର ରାଓ ପ୍ରାରମ୍ଭ କାଳରେ ମହିଳାମାନଙ୍କୁ ଉତ୍ସାହ ଦେଉଥିଲେ, ମାତ୍ର ସେମାନଙ୍କ ସୁରକ୍ଷା ଦିଗରେ ଯେ ବିପଦ ରହିଛି, କାଳେ ବିପ୍ଲବିଣୀଗଣ ଯୌନ ନିର୍ଯାତନାର ଶିକାର ହେବେ, ଏଥି ନିମିତ୍ତ ଆଶଂକିତ ଥିଲେ । ତେଣୁ ନାରୀବାହିନୀଙ୍କୁ ଅଗ୍ରସର ହେବାରୁ ନିବୃତ୍ତ କରାଇଥିଲେ ।

୫. ନାରୀର ଅବାଞ୍ଛିତ ବିଶେଷଣ

ନାରୀକୁ 'ରହସ୍ୟମୟୀ' କାହିଁକି କୁହାଯାଏ ? ସେ ଶାନ୍ତ ଏବଂ ମୌନ ରହୁଥିବା ହେତୁ ? ଏହା ଠିକ୍ ନୁହେଁ । ନାରୀକୁ ବୁଝିବାର ଆଗ୍ରହ ନ ଥିବାରୁ ତାକୁ 'ରହସ୍ୟମୟୀ' ବୋଲି କୁହାଯାଏ । କେବେ ନାରୀକୁ ଦେବୀ, କେବେ ଅପ୍ସରୀ, କେବେ ଦାନବୀ, କେବେ ବା ଅଭିନେତ୍ରୀ କୁହାଯାଇଛି । ପ୍ରତ୍ୟେକ ନାରୀକୁ ନିଜର କାର୍ଯ୍ୟକଳାପଦ୍ୱାରା ପରିମାପ କରାଯାଇଛି । ଯେପରି କୃଷକର ଘରଣୀ ଖୁବ୍ କାମିକା ହେଲେ ହିଁ ପସନ୍ଦଯୋଗ୍ୟା ହୁଏ । ସୁନ୍ଦରୀ ହେଲେ ଅଭିନେତ୍ରୀ ଗୁରୁତ୍ୱ ପାଇଥାଏ । କିନ୍ତୁ ବାହାରର ଏତାଦୃଶ ରୂପ ଦେଖିବା ଅପେକ୍ଷା ନାରୀର ଅନ୍ତର୍ମନର କଳନାଦ୍ୱାରା ତା'ର ବ୍ୟକ୍ତିତ୍ୱ ନିର୍ଣ୍ଣୟ କରିବା ଜରୁରୀ । ପ୍ରେମ ଓ ପ୍ରଣୟ କ୍ଷେତ୍ରରେ ନାରୀ ଅଧିକାଂଶତଃ ବ୍ୟବହୃତ ହୋଇଥାଏ । ତେଣୁ ଗୌଣ ବ୍ୟକ୍ତିତ୍ୱ ରୂପେ ସ୍ୱୀକୃତ ହୁଏ । ପ୍ରକୃତପକ୍ଷେ, ସଂସାର କରୁଥିବା ନାରୀ ବାସ୍ତବତଃ ଜଣେ ନାରୀ, ସେ 'ରହସ୍ୟ' ହୋଇ ନ ପାରେ । ଏଭଳି ଏକ ବିଚାର 'ରହସ୍ୟ' ପୁରୁଷ ପ୍ରାଧାନ୍ୟ ପ୍ରତି ଅନୁକୂଳ ହୋଇପାରେ, ମାତ୍ର ସ୍ପୃହଣୀୟ ନୁହେଁ ।

ବିଂଶ ଶତକ ପ୍ରଥମାର୍ଦ୍ଧରେ (ଏହା ପୂର୍ବରୁ ମଧ) ପୁରୁଷର ଉପଯୋଗିତାକୁ ନେଇ ନାରୀକୁ ସାହିତ୍ୟରେ ବର୍ଣ୍ଣନା କରାଯାଇଛି । ସମ୍ପର୍କ ଯେତେ ବାସ୍ତବ ହେବ, କଳ୍ପନା ଓ ଆଦର୍ଶ ସେତେ କମ୍ ହେବ । ସାହିତ୍ୟରେ ସମାଜକାର ଓ ଶାସ୍ତ୍ରକାରଙ୍କ କାହାଣୀ ଓ କଳ୍ପନା ମାଧ୍ୟମରେ ନାରୀ ନିଜ ଚରିତ୍ରକୁ, ରୀତିନୀତି, ଚଳଣିକୁ ସୁନ୍ଦର ଭାବେ, ପ୍ରଭାବ ଉତ୍ପାଦନକାରୀ ଭାବେ ସଜାଇ ଦେଇଛି । ପୁଣି ଏ ଯୁଗରେ ମିଥିକ୍ ଆଦର୍ଶକୁ ନାରୀର ନିୟାମକ ଭାବେ କାହାଣୀ ଓ ପୁରାଣ ମାଧ୍ୟମରେ ଲୋକ ସମ୍ମୁଖରେ ପ୍ରଚାର କରାଯାଇଛି ।

୬. ଆଲୋଚ୍ୟ କାଳର ଉପଲବ୍ଧ ବାସ୍ତବ ତଥ୍ୟାବଳୀ

ବିଂଶ ଶତକର ଉତ୍ତରାର୍ଦ୍ଧରେ ଏହି ବାସ୍ତବତା ରୂପାନ୍ତରିତ ହେବାକୁ ବାଧ୍ୟ ହୋଇଛି । ନାରୀ ନିଜର କାର୍ଯ୍ୟଦକ୍ଷତା, ବିଦ୍‌ବତ୍ତା, ବିଚାର ଓ ସୃଜନଶୀଳତାରେ ନିଜ ଅନ୍ତର୍ମନ ଓ ବିବେକକୁ ଉନ୍ମୋଚିତ କରି ନିଜସ୍ୱ ପରିଚୟର ଏକ ଉଜ୍ଜ୍ୱଳ ସ୍ୱାକ୍ଷର ଉତ୍କୀର୍ଣ୍ଣ କରିପାରିଛି । ଏସବୁସତ୍ତ୍ୱେ କେଉଁଠି ରହିଛି ଅନ୍ଧକାର ? ଏହି ଅନ୍ଧକାରର ତୀବ୍ରତା ଓ ପ୍ରଭାବ କେତେ ଦୂର କ୍ରିୟାଶୀଳ ଓ ଯୁକ୍ତିଯୁକ୍ତ ? ତା'ର ସ୍ୱରୂପ କେଉଁପରି ? ପୁରୁଷର ସଫଳ କ୍ରିୟାକଳାପ

Digitized by PPRACHIN, SOA

ତା'ର ବୀରତ୍ୱର ମାପକାଠି ହେବାସ୍ଥଳେ ନାରୀର ଏତାଦୃଶ ସଫଳତା ଓ ସାହସିକତା ତା'ର ନାରୀତ୍ୱର ପ୍ରତିଷ୍ଠା ଦିଗରେ ସହାୟକ ହୋଇଛି ତ ? ଏ ଦିଗରେ ସମାଜର ବିଚାର କ'ଣ ? ପରିବାରର ଗ୍ରହଣଶୀଳତା କେତେ ଦୂର ଆନ୍ତରିକ ଓ ଗଠନମୂଳକ ? ଏହାର ବାସ୍ତବିକତା କେତେ ବେଶି ସ୍ପୃହଣୀୟ ? ସମାଜର ବିଧିନିଷେଧ ଓ ପାରିବାରିକ ନିୟମ କାନୁନକୁ ବାଦ୍ ଦେଇ କବି ଦୃଷ୍ଟିର ସୂକ୍ଷ୍ମ ଅଭିବ୍ୟକ୍ତିକୁ ବିଚାର କରାଯିବା ଖୁବ୍ ପ୍ରାସଙ୍ଗିକ ନୁହେଁ କି ? ତେଣୁ ଏହା କିପରି ବିଂଶ ଶତକର ଉତ୍ତର ଚଉଠକାଳରେ ମୁଖ୍ୟତଃ ୧୯୭୫ରୁ ୨୦୦୦ ମସିହା ମଧ୍ୟରେ ନାରୀର ବାସ୍ତବ ସ୍ଥିତିକୁ ଆନ୍ତରିକତା ସହକାରେ ମୂଲ୍ୟାୟିତ କରିଛି, ଏହାର ଅନୁଧ୍ୟାନ ଆବଶ୍ୟକ । କବି ମଣିଷ ସମାଜର ଜଣେ ସବୁଠାରୁ ସ୍ପନ୍ଦନକ୍ଷମ, ହୃଦୟବାନ୍ ବ୍ୟକ୍ତିତ୍ୱ ବୋଲି ବୁଝିବାକୁ ହେବ । ମଣିଷ ପ୍ରତି ତା'ର ଦରଦ ଓ ସଚେତନତାକୁ, ବିଶେଷକରି ଅବହେଳାର ଶିକାର ହୋଇ ବହୁ ଦିନରୁ ଅପାଙ୍‌କ୍ତେୟ ବିବେଚିତ ହୋଇଥିବା ଏହି ନାରୀ ସ୍ଥିତିକୁ କବି କିପରି ଭାବେ ଗ୍ରହଣ କରିଛି ଓ ମୂଲ୍ୟାୟିତ କରିଛି, ତା'ର ବିଚାର-ଆଲୋଚନା ଏହି ପୁସ୍ତକର ମୂଳ ଲକ୍ଷ୍ୟ । ବର୍ତ୍ତମାନ ଯୁଗରେ ପୁରୁଷ ଓ ନାରୀ ପରିମାଣାତ୍ମକ ଭାବେ ସମାନ ନ ହେଲେ ହେଁ ଗୁଣାତ୍ମକ ଭାବେ ସମାନ ହୋଇ କାବ୍ୟ ସୃଜନରେ ବ୍ୟାପୃତ ରହିଛନ୍ତି । ନାରୀ ନିଜର ଅନ୍ତର୍ଜଗତର ସ୍ୱରକୁ ପ୍ରକଟ କରିବା ବେଳକୁ ଅନ୍ୟ ଜଣେ ପୁରୁଷ କବି ନାରୀକୁ କିଭଳି କଳନା କରିଛି, ତାହାର ଏକ ସତ୍ୟାଶ୍ରୟୀ ଆଲେଖ୍ୟ ପ୍ରଦାନ କରିବା ଏହି ଅନୁଧ୍ୟାନର ଉଦ୍ଦେଶ୍ୟ । ଏହାଦ୍ୱାରା ବହୁ ଯୁଗରୁ ନିଜ ସ୍ୱାଧିକାରରୁ ପ୍ରତ୍ୟାଖ୍ୟାତା ଓ ବଞ୍ଚିତା ନାରୀମାନଙ୍କର ବାସ୍ତବ ସ୍ଥିତିର ପରିବର୍ତ୍ତନ କେତେ ଦୂର ସ୍ୱାଗତଯୋଗ୍ୟ, ସେ ଦିଗରେ ଏକ କଳାତ୍ମକ ତଥା ସାର୍ଥକ ପଦକ୍ଷେପ ଏଠାରେ ନିଆଯାଉଛି । ଉପରୋକ୍ତ ବାସ୍ତବତାର ପରିପ୍ରେକ୍ଷୀରେ ପଚିଶ ବର୍ଷର ଓଡ଼ିଆ କବିତାର ଆଲୋଚନା କରାଯାଉଛି ।

Digitized by PPRACHIN, SOA

ନାରୀ ଅସ୍ତିତ୍ୱ : ଏକ ସମାଜଶାସ୍ତ୍ରିକ ଅନୁଧ୍ୟାନ

ସମାଜବିଜ୍ଞାନୀମାନଙ୍କ ଅନୁଭବରେ ପ୍ରତୀତ ହେଲା ଯେ, ନାରୀ ସମ୍ପର୍କରେ ଏକ ସ୍ୱତନ୍ତ୍ର ଅନୁଧ୍ୟାନ ଅତ୍ୟନ୍ତ ଜରୁରୀ । କାରଣ ବସ୍ତୁତାନ୍ତ୍ରିକ ସ୍ତର ଓ ପ୍ରଜ୍ଞାପ୍ରକାଶ ସ୍ତରରେ ପୁରୁଷଠାରୁ ନାରୀର ପ୍ରଭେଦ ଶାସ୍ତ୍ର ମାଧ୍ୟମରେ ବିଶ୍ଳେଷଣ କରାଯିବା ଉଚିତ । ସମାଜର ବୃହତ୍ତର ସ୍ତରରେ ପରିଦୃଷ୍ଟ ନାରୀ ପୁରୁଷର ଭୂମିକାଗତ ପାର୍ଥକ୍ୟ ଗୁରୁତ୍ୱସହ ବିଚାର କରାଯିବା ଉଚିତ । ତେଣୁ କେଉଁ ପଦ୍ଧତି ଯୋଗୁଁ ନାରୀମାନଙ୍କୁ ନ୍ୟୂନ ଓ ଅନ୍ତରାଳସ୍ଥିତ କରି ରଖାଗଲା, ସେସବୁ ଏହି ଶାସ୍ତ୍ର ମାଧ୍ୟମରେ ଅନୁଶୀଳିତ ହେବାରେ ଲାଗିଲା । ନାରୀ ବିଷୟକ ଅନୁଧ୍ୟାନ ବା ପାଠ୍ୟ ‘Women Studies’ ନିଶ୍ଚିତ ଭାବେ ଏକ ନବତନ ଓ ଯୁଗୋପଯୋଗୀ ଅନୁଧ୍ୟାନ । ନାରୀବ୍ୟକ୍ତିତ୍ୱର ଗୌଣତାଠାରୁ ମୁକ୍ତି, ତା’ର ଗୁରୁତ୍ୱ ସ୍ୱୀକାର ଏବଂ ନିଜ ନ୍ୟାଯ୍ୟ ଦାବିକୁ ନାରୀ ତରଫରୁ ଉପସ୍ଥାପନ, ସ୍ଥଳବିଶେଷରେ ଏଥିନିମିତ୍ତ ଆନ୍ଦୋଳନରୁ ହିଁ ଏହି ପାଠ୍ୟର ସୃଷ୍ଟି । ଏହି ଅନୁଧ୍ୟାନ (studies) ମଧ୍ୟରେ ଶିକ୍ଷାକ୍ଷେତ୍ର ଓ କର୍ମକ୍ଷେତ୍ରରେ ନାରୀର ସାମର୍ଥ୍ୟ ଓ ସହଯୋଗ, ନାରୀ ମୁକ୍ତିର ତତ୍ତ୍ୱ ଓ ପ୍ରୟୋଗ, ନାରୀ ସ୍ୱର ଓ ଅଭିଲେଖ ନିହିତ ରହିଛି । ସାରା ପୃଥିବୀର ନାରୀସମୂହର ବୌଦ୍ଧିକ ବିକାଶ ଓ ଆଦର୍ଶଗତ କୁଶଳତା ପ୍ରତି ଧ୍ୟାନଦେବା ନିମିତ୍ତ ଏହି ଅନୁଧ୍ୟାନ ତୀବ୍ର ଆହ୍ୱାନ ଜଣାଇଥାଏ । ଏହାଦ୍ୱାରା ପୁରୁଷ ଓ ନାରୀ ମଧ୍ୟରେ ସମାଜ ତଥା ପରିବାରରେ ଚଳି ଆସୁଥିବା, ବାଛବିଚାର ପ୍ରତି ଓ ଏହାର ପରିଣତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଗଲା । ନାରୀ ପ୍ରତି ଯେ ଏକ ସମଭାବାପନ୍ନ ବିଚାର ନାହିଁ, ଏହାର କାରଣ ଓ ସ୍ୱରୂପକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବା ଏହି studiesର ଲକ୍ଷ୍ୟ । କେଉଁ ବାଗରେ ଓ କେଉଁ ଉପାୟରେ ନାରୀମାନଙ୍କୁ ବଞ୍ଚିତ ଓ ପିଷ୍ଟ କରି ରଖାଯାଇଛି, ପଛକୁ ଠେଲି ଦିଆଯାଇଛି, ତାହା ନିରୀକ୍ଷଣ କରି ଲିପିବଦ୍ଧ କରିବା ଓ ଆଲୋଚନା କରିବା ଏହି ଅନୁଧ୍ୟାନର ଉଦ୍ଦେଶ୍ୟ । କାରଣ, ନାରୀର ସମତା ବିଚାରରେ ନୈତିକତାର ସ୍ପର୍ଶ ରହିଛି । ନାରୀମାନଙ୍କ ଅବସ୍ଥା, ସେମାନଙ୍କ ଭୂମିକା ଓ ସହଯୋଗକୁ ବେଖାତିର କରିବା, ନ୍ୟୂନ ରୂପରେ ଦେଖିବା ଘୋର ଅନ୍ୟାୟ । ତେଣୁ ‘ନାରୀ ଆନ୍ଦୋଳନ’ର ଦ୍ୱାହି ଦେଇ ଆଗେଇ ଗଲାବେଳେ ନାରୀ ସମ୍ପର୍କିତ ବିଚାର, ଚିନ୍ତା ଓ କ୍ରିୟାଶୀଳତାକୁ, ନାରୀର ବହୁବିଧ ଅଗ୍ରଗତିକୁ ଗୁରୁତ୍ୱ ଦେବା ବିଧେୟ । ଏହି ଅନୁଧ୍ୟାନ ଯେତେଦୂର ପ୍ରତିବଦ୍ଧ ହୋଇପାରିବ, ସେତେ ଅଧିକ ନାରୀର ମର୍ଯ୍ୟାଦା

Digitized by PPRACHIN, SOA

ଉନ୍ନତ ହେବ । ରାଜନୀତିକ, ସାମାଜିକ ଆନ୍ଦୋଳନରେ ନାରୀ ସକ୍ରିୟ ହେବ ଓ ତା'ର ସ୍ଥିତିର ଉତ୍ତରଣ ଘଟିବ । ଆଜିକାଲି ଅନେକ ବିଶ୍ୱବିଦ୍ୟାଳୟରେ ନାରୀ ସ୍ଥିତିର ଅନୁଧ୍ୟାନ ଖୁବ୍ ସକ୍ରିୟ ରହିଛି । ନାରୀ ନିର୍ଯାତନା, ନାରୀ ପ୍ରତି ହିଂସାଚରଣ, ଯୌନ ନିର୍ଯାତନା ସହିତ ବିଭିନ୍ନ ଅବିଚାର ପ୍ରତି ଲକ୍ଷ୍ୟ ରଖି ଏ ଦିଗରେ ଯଥାର୍ଥ ପ୍ରତିବାଦ ଜଣାଇବା ଓ ନାରୀକୁ ସାହାଯ୍ୟ, ସହଯୋଗ ଯୋଗାଇଦେବାରେ ଏହି ଅନୁଷ୍ଠାନ ବ୍ୟାପୃତ ରହିଛି । ଯେହେତୁ, ଏକବିଂଶ ଶତକରେ ମଧ୍ୟ ନାରୀ ପ୍ରତି ଅତ୍ୟାଚାର ଓ ବାଛବିଚାର ଦୃଢ଼ମୂଳ ହୋଇ ରହିଛି ଏବଂ ନାରୀ ଏସବୁ ସହ୍ୟ କରିବାକୁ ମଧ୍ୟ ବାଧ୍ୟ ହେଉଛି । ସ୍ଥଳବିଶେଷରେ ସେ ମନସ୍ତାତ୍ତ୍ୱିକ ଓ ରାଜନୀତିକ ପରାମର୍ଶ ଆବଶ୍ୟକ କରୁଛି । ନାରୀ ବିଷୟକ ଶାସ୍ତ୍ରର ଅନୁଶୀଳନଦ୍ୱାରା ସ୍ପଷ୍ଟ ହୁଏ ଯେ, ନାରୀକୁ ଲିଙ୍ଗ ଭେଦରେ ବିଚାର କରାଯାଉଛି । ଏହି ପାଠ୍ୟ ସମ୍ପର୍କରେ କୁହାଯାଇପାରେ – "Which even the perception, it became a genderline- a colour that was women, inextictably into the social fabric. Just as in the operational, so too in the intellectual sphere, women studies is synonymous with the women movement, challenging the dictionary between thought and action both in its personal as well as in its impulses. (Women Studies Family- by Devaki Jain and P. Rajput, P-18, Sage Publications India R.N.J.D. 2003).

ସୁରିନ୍ଦର ଜେଟ୍‌ଲୀ ନାମ୍ନୀ ଜଣେ ଗବେଷିକା ଭାରତୀୟ କୃଷକ ସମାଜର ଆଧୁନିକୀକରଣ ଉପରେ ନିବନ୍ଧ ଲେଖିଥିଲେ । 'Women's Studies'ର ତତ୍କାଳୀନ ଡାଇରେକ୍ଟର ଥିଲେ ଏକ କିମ୍ବଦନ୍ତୀୟ ମହିଳା ଡକ୍ଟର ବୀଣା ମଜୁମ୍‌ଦାର । ସେ ଜେଟ୍‌ଲୀଙ୍କୁ ପଚାରିଦେଲେ – 'What about the women in your study' ? ସୁରିନ୍ଦର ଆତ୍ମସମୀକ୍ଷା କଲେ, 'ସତେ ତ ! ମୋ ଗବେଷଣାରେ କେବଳ ପୁରୁଷଙ୍କ କଥା ରହିଛି । ସବୁଜ ବିପ୍ଳବରେ ପୁରୁଷଙ୍କ ଭୂମିକାର ବ୍ୟାଖ୍ୟା ରହିଛି । କିନ୍ତୁ ନାରୀ ? ସେମାନଙ୍କ କଥା କ'ଣ ରହିଛି ? ତା' ପରେ ମୁଁ (ଶ୍ରୀମତୀ ଜେଟ୍‌ଲୀ) ଅଧିକ ଏକ ବର୍ଷ କୃଷିରେ ନାରୀମାନଙ୍କ କ୍ରିୟାକଳାପକୁ ଅନୁଧ୍ୟାନ କଲି ଏବଂ ପଶ୍ଚିମ ଉତ୍ତରପ୍ରଦେଶର ମହିଳାମାନଙ୍କ ଭୂମିକା ନିରୂପଣ କରିବାରେ ଲାଗିଲି । ବସ୍ତୁତଃ, ମୁଁ ଜାଣିଲି ଯେ, ଏହିପ୍ରକାର ବିକାଶ ପୁରୁଷମାନଙ୍କଠାରୁ ନାରୀମାନଙ୍କ ଉପରେ ବେଶି ବୋଝ ଲଦିଦେଉଛି । ଅଥଚ, ଖୋଲାଖୋଲି ଭାବେ ନାରୀର ଭୂମିକାକୁ ଯଥେଷ୍ଟ ସ୍ୱୀକୃତି ଦିଆଯାଇ ନାହିଁ ।'' (Women's Studies)

ନାରୀବାଦର ପରିସର ଯେତେ ବିସ୍ତୃତ ହେଲେ ମଧ୍ୟ ଏହାର ବିକାଶ ଓ ବିଭିନ୍ନତା ଦିଗରେ ଅନେକ ଦୃଷ୍ଟିକୋଣ ରହିଛି । କେତେକ ନାରୀବାଦୀ ଖାଣ୍ଟି ଫେମିନିଷ୍ଟଙ୍କ ଭଳି

Digitized by PPRACHIN, SOA

ପ୍ରତିବାଦ ଓ ପ୍ରତିରୋଧର କଥା କହୁଥିଲାବେଳେ, ଅନ୍ୟ କେତେକ ଲିଙ୍ଗଭେଦ ବିଚାର ଅପେକ୍ଷା, ନାରୀ ସମସ୍ୟାର ବିଚାରକୁ ଗୁରୁତ୍ୱ ଦିଅନ୍ତି । Inspite of differences, there is recognition of the problems of women, of women as actors and looking at social reality from womens perspectives. (Sociology of Gender - by Sharmila Rage and K. Charan) ସ୍ତ୍ରୀମାନଙ୍କୁ କେବଳ ଲିଙ୍ଗଗତ ଭେଦରେ ଦେଖିଲେ, ସେମାନଙ୍କ ସ୍ୱତନ୍ତ୍ର ସମସ୍ୟାର ଅନୁଶୀଳନ ଠିକ୍‌ମତେ ହୋଇପାରିବ ନାହିଁ । ସମାଜଶାସ୍ତ୍ରର ଆନୁଷ୍ଠାନିକତା ପୂର୍ବରୁ ସମାଜଶାସ୍ତ୍ରରେ ନାରୀର ଗୁରୁତ୍ୱ ନ ଥିଲା । Rage କହିଲେ, The pre-institutional phase of sociology is more than a sociology of absence of women. (Sociology of Genger- Foreward P-XIV, Sage Publications, 2003).

ପୁରୁଷମାନଙ୍କ ସହ ସମାନୁପାତିକ ସଫଳତା ପ୍ରାପ୍ତି ନିମିତ୍ତ ନାରୀମାନେ ଦୁଇଗୁଣ ପରିଶ୍ରମ ଓ ଯତ୍ନ କରିଥାଆନ୍ତି । ସୌଭାଗ୍ୟବଶତଃ ନାରୀମାନେ ଅନାୟାସରେ ଦୁଇ ଗୁଣ କଷ୍ଟ ସାଧନ କରିପାରନ୍ତି । ଏ ସଂପର୍କରେ କୁହାଯାଇଛି "Whatever women do, they must do twice as well as men to be thought half as good. Luckily this is not difficult." (by Charlotte Whitton, Canadian feminist, Quoted from Times of India editorial p-14, 14th Nov, 2007)

ଭାରତୀୟ ନାରୀର ସ୍ଥିତି ପୃଥିବୀରେ ସବୁଠାରୁ ଦୁର୍ବଳ ରହିଛି, ଭାରତୀୟ ଅର୍ଥନୀତି ଭଲରେ ଅଛି ଓ ସେଥି ନିମିତ୍ତ ଆମେ ଆନନ୍ଦିତ ହେବା କଥା । କିନ୍ତୁ ଆମେ ଏକଥା ସ୍ୱୀକାର କରିବାକୁ ଚାହୁଁନୁ ଯେ ଆମ ପରିବାର ଓ ଅର୍ଥନୀତି ଏବେ ମଧ୍ୟ ନାରୀମାନଙ୍କ କ୍ଷେତ୍ରରେ ବାଛବିଚାର କରିଥାଏ । ବୋଧେ ଏଭଳି ଏକ ସତ୍ୟକୁ ନିନ୍ଦା କଲେ ଆମେ ବୃହତ୍‌ଶକ୍ତି ବୋଲି ଗର୍ବ କରିପାରିବା ନାହିଁ । ଏବଂ ସେଥିପାଇଁ ଆମେ ଏଥିପ୍ରତି ନଜର ଦେଉ ନାହୁଁ । World Economic Forum (WEF) ର ଲିଙ୍ଗଭେଦର ବାଛବିଚାର ଅନୁଶୀଳନ କ୍ଷେତ୍ରରେ ଭାରତ ପୃଥିବୀର ସବୁଠାରୁ ଅଧିକ ଆକ୍ରାନ୍ତ ୧୨୮ଟି ଦେଶର ମୂଲ୍ୟାୟନ କଲାବେଳକୁ ଭାରତର ସ୍ଥାନ ୧୧୪ରେ ଓ ତା'ପରେ ଆସନ୍ତି ୟେମେନ୍, ଚାଦ୍, ପାକିସ୍ଥାନ, ସାଉଦି ଆରବିୟା । ଏପରିକି ଚୀନ, ଫିଲିପିନ୍ସ, ଶ୍ରୀଲଙ୍କା ଓ ବୋଟ୍‌ସୱାନା ଭାରତଠାରୁ ବହୁତ ଉପରେ । ଏହି ଦିଗରେ ଶିକ୍ଷା, ଅର୍ଥ, ରାଜନୀତି ଓ ସ୍ୱାସ୍ଥ୍ୟ ବିଚାରରେ ନାରୀମାନଙ୍କ ପ୍ରାପ୍ତିକୁ ସର୍ଭେ କରାଯାଇଥିଲା । କେବଳ ରାଜନୀତିକ ସଶକ୍ତିକରଣରେ ଆମର ସ୍ଥାନ ୨୧ତମ । ଇନ୍ଦିରାଗାନ୍ଧୀଙ୍କ ଦୀର୍ଘ ସଫଳ ପ୍ରଧାନମନ୍ତ୍ରୀତ୍ୱ ଏଥି ନିମିତ୍ତ ଦାୟୀ । ମୁଖ୍ୟତଃ ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ହରିଆଣା, ପଞ୍ଜାବରେ ଏଯାବତ୍ ନାରୀକୁ ଏକ ସଂପତ୍ତିଭାବେ ଗଣାଯାଉଛି । ଏଠାରେ

Digitized by PPRACHIN, SOA

କନ୍ୟା ସନ୍ତାନ ଜନ୍ମ ହାର ଯଥେଷ୍ଟ ହ୍ରାସ ପାଇଛି କାରଣ, ଏଠାରେ କନ୍ୟା ଭ୍ରୁଣ ହତ୍ୟା ଓ ନବଜନ୍ମିତ କନ୍ୟାଶିଶୁ ହତ୍ୟା ପ୍ରବଳ । ଆମର ସମାଜ ଓ ଅର୍ଥନୀତିର ଅଭିବୃଦ୍ଧିରେ ବହୁଭାବରେ ସାହାଯ୍ୟ କରୁଥିଲେ ବି ନାରୀକୁ 'ଆର୍ଥିକ ବୋଝ' ବୋଲି ବିଚାର କରାଯାଉଛି । ସାକ୍ଷରତା କ୍ଷେତ୍ରରେ ପୁଅ ୭୩% ହେଲେ ଝିଅ ମାତ୍ର ୪୮% । ଶିକ୍ଷା ପରେ ଗଣସ୍ୱାସ୍ଥ୍ୟ ଅନ୍ୟ ଏକ ନିଷ୍ଫଳତାର ସ୍ଥଳ । ଭାରତର ଗ୍ରାମାଞ୍ଚଳରେ ପ୍ରତି ବର୍ଷ ଶହ ଶହ ନାରୀ ପ୍ରସବଜନିତ ଚିକିତ୍ସା ଓ ଯତ୍ନ ଅଭାବରୁ ମୃତ୍ୟୁମୁଖରେ ପଡ଼ନ୍ତି । କେବଳ ଝିଅମାନଙ୍କୁ ସାକ୍ଷର କରିବା ବ୍ୟତୀତ ସେମାନ ବି ଶିକ୍ଷା କ୍ଷେତ୍ରରେ ଉନ୍ନତି ଓ 'ସମ୍ପତ୍ତିରେ ଅଧିକାର'ର ଆଇନ୍‌କୁ ବଳବତ୍ତର ନ କଲେ, ଏହି ଭେଦ ଦୂରୀଭୂତ ହେବ ନାହିଁ । ଗୋଟିଏ ଜାତି ଅର୍ଦ୍ଧେକକୁ ଅବହେଳିତ ଓ ନଗଣ୍ୟ କଲେ କଦାପି ଅଗ୍ରଗାମୀ ଓ ଉନ୍ନତ ହୋଇପାରିବ ନାହିଁ । ସମାଜ ଓ ପରିବାର ଏ ଦିଗରେ ସଚେତନ ହେବା ଜରୁରୀ ।

ସମାଜଶାସ୍ତ୍ରିକ ଅନୁଧ୍ୟାନରେ ପରିବାର ଓ ସମାଜ ଉଭୟେ ଅନ୍ତର୍ଭୁକ୍ତ । ପରିବାର ବିନା ସମାଜ ବ୍ୟବସ୍ଥା କଳ୍ପନା କରିବା କଷ୍ଟକର । ନାରୀପାଇଁ ସୁରକ୍ଷା ଓ ଯତ୍ନପ୍ରାପ୍ତ ହେବାର ସ୍ଥାନ ହେଉଛି ତା'ର ପରିବାର । କିନ୍ତୁ ଏହି ସ୍ଥାନଟି ମଧ୍ୟ ତା'ର ବହୁ ଦୁଃଖ ଓ ଦୁର୍ଦ୍ଦଶାର ସ୍ଥାନ । ନାରୀର ଏହି ବାସ୍ତବ ସ୍ଥିତି, କବି, ଲେଖକ ଓ ଗଣମାଧ୍ୟମ ତଥା ସମାଜକର୍ମୀଙ୍କପାଇଁ ଖୁବ୍ ମୂଲ୍ୟବାନ୍ । ଅଥଚ, ପରିବାର ଭିତରେ ଯାହା ଘଟେ, ବାହାର ଲୋକେ ତାହା ଜାଣନ୍ତି ନାହିଁ । ମାତ୍ର କବି ଓ ଲେଖକ ସେମାନଙ୍କ ଅନ୍ତର୍ଦୃଷ୍ଟି ବଳରେ ନାରୀ ସ୍ଥିତିକୁ ବିଚାର କରିବା ନିମନ୍ତେ ଅଗ୍ରସର ହୁଅନ୍ତି । ନିର୍ଯାତିତା ମହିଳାମାନେ ସକଳ ନିର୍ଯାତନାକୁ ଲୁଚାଇ ରଖିଲେ ମଧ୍ୟ ସେଥିରୁ କେହି କେହି କିଛି ନିର୍ଯାତନାକୁ ଲୋକଲୋଚନକୁ ଆଣିଥାଆନ୍ତି । ଏତାଦୃଶ ସମାଜ ବ୍ୟବସ୍ଥାର ଚିତ୍ରକୁ ଉପସ୍ଥାପନ କରନ୍ତି, ଅର୍ଥନୀତି ନିମନ୍ତେ ନୋବେଲ୍ ପୁରସ୍କାର ବିଜୟୀ ଶ୍ରୀ ଅମର୍ତ୍ତ୍ୟ ସେନ୍ । "Traditional model of prince theory and market behaviour are silent on the family". ଭାରତର ଦୁର୍ଭିକ୍ଷ, ଦାରିଦ୍ର୍ୟ ଉପରେ ତାଙ୍କର ଅନୁଧ୍ୟାନରେ ଭାରତରେ ନାରୀ ଓ ପୁରୁଷର ଆନୁପାତିକ ଊଣାପଣକୁ ମଧ୍ୟ ସେ ବିଶ୍ଳେଷଣ କରନ୍ତି । ଏ ସମ୍ପର୍କରେ ଅତ୍ୟନ୍ତ ଦୁଃଖଦାୟକ କିଛି ଅବସ୍ଥା ସେ ଲକ୍ଷ୍ୟ କରିଛନ୍ତି । He found greater morality for women vis-a-vis men as a whole and among the slum population in particular. He remarks while level of health tends to improve with income, the differential of men vis-a-vis women seems to be maintained even expanded." Sen also refers to bias in nutrition and health care against females in North India.

Digitized by PPRACHIN, SOA

Infact gender attitude is visible in almost all phases of life" (Outed in women, in Indian Society by Neera Desai & Usha Thakkar, National Book Trust, 2001, P. 82).

ପରିବାର ସମାଜ ମଧ୍ୟରେ ଏକ କ୍ଷୁଦ୍ର ଏକକ ଓ ଏହାର ସମଷ୍ଟି ହିଁ ସମାଜର ଏକ ବୃହତ୍ ଅଂଶ । ତେଣୁ ସମାଜ ଓ ପରିବାରର ପୃଷ୍ଠପଟରେ ନାରୀ ବ୍ୟକ୍ତିତ୍ୱକୁ ଉଦାରତା ସହ ବିଚାର କରାଯିବା ବିଧେୟ । ସମାଜ ଓ ପରିବାରରେ ନାରୀର ସ୍ଥାନ ନାରୀବାଦୀ ଦୃଷ୍ଟିକୋଣରୁ ବିଚାର ନ କରି ଲିଙ୍ଗଭେଦ ବିଚାରକୁ ନିରୀକ୍ଷଣ ନ କରି, ନାରୀ ସମସ୍ୟା ଦିଗରୁ ସର୍ବାଦୌ ବିଚାର କରିବା ଆବଶ୍ୟକ । ଯେତେ ପ୍ରକାର ବିଚାରଭେଦ ଥାଉନା କାହିଁକି, ସମସ୍ତେ ଏକମତ ହୁଅନ୍ତି ଯେ, ନାରୀର ବହୁ ସମସ୍ୟା ରହିଅଛି । ତେବେ ଏ ଯୁଗର ନାରୀର ଜୀବନଧାରାକୁ ସମାଜଶାସ୍ତ୍ରଦ୍ୱାରା ବିଶ୍ଳେଷଣ କରାଯାଇଛି । ବୃତ୍ତିଜୀବିନୀ ପତ୍ନୀଗଣ ପରିବାରର ନିଷ୍ପତ୍ତିରେ ସହଯୋଗ କରିଥାନ୍ତି ଓ ସ୍ୱୀକୃତ ହୋଇଥାଆନ୍ତି । ଏହା ସତ୍ତ୍ୱେ, ଅନେକ ବୃତ୍ତିଜୀବିନୀ ମହିଳା ମଧ୍ୟ ଏପ୍ରକାର ସ୍ୱୀକୃତିରୁ ବଞ୍ଚିତା ହୋଇଥାନ୍ତି । ତେଣୁ ସେମାନଙ୍କ ବ୍ୟକ୍ତିତ୍ୱ ଆଘାତପ୍ରାପ୍ତ ହୋଇଥାଏ । ବର୍ତ୍ତମାନ ଶିକ୍ଷାକ୍ଷେତ୍ରରେ, ଅର୍ଥାତ୍ ପଢ଼ିବା, ସ୍କୁଲ ଯିବା, ବହି କିଣିବା ଇତ୍ୟାଦିରେ ଝିଅଙ୍କ ପ୍ରତି ଉଚ୍ଚବିତ୍ତ ପରିବାରରେ ହୁଏତ ନିଷେଧ ନ ଥାଏ । ମାତ୍ର ସାଧାରଣ ପରିବାରର ଝିଅମାନେ ଏ କ୍ଷେତ୍ରରେ ପୁଅମାନଙ୍କ ସହ ସମାନ ସୁଯୋଗ ପାଆନ୍ତି ନାହିଁ । "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର/ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।" ଭାରତୀୟ ପରିବାରର ଏହା ଆଦର୍ଶ ବାକ୍ୟ, ମାତ୍ର ବାସ୍ତବରେ ପରିବାର ମଧ୍ୟରେ ନାରୀ ନିର୍ଯାତନାର ଇୟତ୍ତା ନାହିଁ । କେବେ ଏହି ନିର୍ଯାତନା ମାନସିକ ସ୍ତରରେ ତ କେବେ ଶାରୀରିକ ସ୍ତରରେ । ମାନସିକ ଆଘାତକୁ ତ କେହି ଲକ୍ଷ୍ୟ କରନ୍ତି ନାହିଁ । ଆମ ଦେଶର ନାରୀ ସବୁ ଆଘାତକୁ ସହିନେବାକୁ ପ୍ରାୟତଃ ପ୍ରସ୍ତୁତ ଥାଏ– ନିର୍ଯାତନା ଅତ୍ୟଧିକ ହେଲେ ସେ ପାଟି ଖୋଲେ । ନାରୀ ପରିବାର ସମ୍ଭାଳିବା ସହ ଚାକିରି କରିଥାଏ । ପରିବାରର ଆର୍ଥିକ ଉନ୍ନତିରେ ସାହାଯ୍ୟ କରି ବହୁ ପ୍ରକାର ସାଲିସ୍ ସହିତ ଚଳେ । ବିଗତ ଶତାବ୍ଦୀର ପ୍ରଥମାର୍ଦ୍ଧରେ ନାରୀ କେବଳ ଶିକ୍ଷାଦାନ ଓ ଚିକିତ୍ସା କ୍ଷେତ୍ରରେ ନିଯୁକ୍ତି ପାଉଥିଲା । ଶିକ୍ଷୟିତ୍ରୀ, ଅଧ୍ୟାପିକା, ଡାକ୍ତର ଓ ସେବିକା ଭାବେ କର୍ମ ସମ୍ପାଦନ କରୁଥିଲା । ମାତ୍ର ବିଂଶ ଶତକର ଶେଷ ତିନି ଦଶକ ମଧ୍ୟରେ ଆର୍ମି ଅଫିସର, ପୋଲିସ ଅଫିସର, ପ୍ରଶାସିକା, ବ୍ୟାଙ୍କ ଅଧକ୍ଷା, ବିମାନଚାଳିକା, ଟ୍ରେନ୍ ଡ୍ରାଇଭର ଆଦି କାର୍ଯ୍ୟ ନାରୀ ନିର୍ବାହ କରୁଛି । ନାରୀ ମଧ ବିଶିଷ୍ଟ ବୈଜ୍ଞାନିକା ଓ ମହାଶୂନ୍ୟ ଯାନର ଯନ୍ତ୍ରୀ ଓ ଯାତ୍ରିଣୀ ହୋଇଛି । ଏତାଦୃଶ କାର୍ଯ୍ୟସମ୍ପନ୍ନ କ୍ଷେତ୍ରରେ ସେ ପୁରୁଷ ସହ ସମକକ୍ଷା, ସ୍ଥଳବିଶେଷରେ ଅଧିକ ଯୋଗ୍ୟା ମଧ । ଏହା ସତ୍ତ୍ୱେ,

Digitized by PPRACHIN, SOA

ଏବେବି ନାରୀ ପରିବାର ମଧ୍ୟରେ ନିର୍ଯାତନାର ଶିକାର ହେଉଛି, ନ୍ୟୂନ ରୂପେ ପରିଗଣିତ ହେଉଛି ।

ଏପ୍ରକାର ପାରିବାରିକ ନିର୍ଯାତନାକୁ ନିର୍ଦ୍ଦିଷ୍ଟ ଭାବେ ଉପସ୍ଥାପନ କରିଛନ୍ତି ପ୍ରଫେସର ବେଦବତୀ ମହାନ୍ତି । ତାଙ୍କ ମତରେ – "ବହୁକାଳରୁ ମହିଳାମାନେ ସମାଜରେ ଓ ପରିବାରରେ କେତେ କେଜାଣି ଅବିଚାର ଓ ଦୁର୍ବ୍ୟବହାରର ଶିକାର ହୋଇଆସୁଛନ୍ତି । ନିଜକୁ ହୀନିକପାଳୀ ଭାବି ବଞ୍ଚି ଆସୁଛନ୍ତି । ଆର୍ଥନୀତିକ ସ୍ତରରେ ସେମାନଙ୍କ ଦୁର୍ବଳ ସ୍ଥିତି ହିଁ ଏଥିନିମନ୍ତେ ଦାୟୀ । ନାରୀ ଓ ତା'ର ଆର୍ଥନୀତିକ ଅଧିକାର ଏକ ସ୍ୱତନ୍ତ୍ର ପ୍ରସଙ୍ଗ ××× ବର୍ତ୍ତମାନ ପାରିବାରିକ ହିଂସା ଓ ନାରୀ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଉ ।" ('ସମ୍ବାଦ' ଅକ୍ଟୋବର ୨୦୦୫) । ପାରିବାରିକ ମନ୍ଦ ଆଚରଣର ସ୍ୱରୂପ ବହୁଭାବରେ ପ୍ରକଟିତ । ଘରେ ସ୍ତ୍ରୀଟି ସ୍ୱାମୀଠାରୁ ମାଡ଼ ଖାଏ, ପରିବାର ମଧ୍ୟରେ ଧର୍ଷିତା ହୁଏ, ଯୌତୁକଜନିତ ନିର୍ଯାତନା ଭୋଗେ ଓ ବଧୂହତ୍ୟାର ଶିକାର ହୁଏ । କେବେ କେବେ ଏ ପ୍ରକାର ସ୍ଥିତିକୁ ଅସହ୍ୟ ମଣି ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୁଏ । ମହିଳାମାନଙ୍କ ପ୍ରତି ହିଂସାଚରଣର ପରିସଂଖ୍ୟାନରୁ ଜଣାଯାଏ ଯେ ସକଳ ପ୍ରକାର ଅପରାଧ ବୃଦ୍ଧି ତୁଳନାରେ ଆମ ଦେଶରେ ନାରୀମାନଙ୍କ ପ୍ରତି ସଂଘଟିତ ଅପରାଧର ବୃଦ୍ଧି ହାର ବହୁତ ଅଧିକ । ଏହି ପରିସଂଖ୍ୟାନ ବାହାରେ ଅନେକ ଅପରାଧ ରହିଯାଏ, ଯାହା ବାହାରକୁ ବିଜ୍ଞାପିତ ହୋଇପାରେ ନାହିଁ । ବିଭିନ୍ନ ତଥ୍ୟରୁ ଜଣାଯାଏ ଯେ ପ୍ରାୟ ୫୦ ପ୍ରତିଶତ ମହିଳା ପାରିବାରିକ ହିଂସାକାଣ୍ଡର ଶିକାର ହୋଇଥାନ୍ତି । ଘର ଭିତରେ ମଧ୍ୟ ନାରୀଟିଏ ସୁରକ୍ଷିତ ନୁହେଁ । ପରିବାର ଭିତରେ ପୁଅ ଝିଅଙ୍କ ପ୍ରତି ବ୍ୟବହାରରେ ତାରତମ୍ୟ, ସ୍ୱାମୀଠାରୁ ସ୍ତ୍ରୀର ନ୍ୟୂନତା ପ୍ରତିପାଦନ, ଗାଳିମାଡ଼ ତଥା ବଧୂମାନଙ୍କ ପ୍ରତି ଅବହେଳା ଏବଂ ଅତ୍ୟାଚାରର ଅନ୍ତ ନ ଥାଏ । ପାରିବାରିକ ହିଂସା ଓ ଅପବାଦ ମଧ୍ୟରେ ଚାପୁଡ଼ା ମାରିବା, ଗୋଇଠା ମାରିବା, ଠେଲିଦେବା, ଚିମୁଟିବା, ଚିଆଁଦେବା ଇତ୍ୟାଦି ଗଣାଯାଇପାରିବ । ଏହା ବ୍ୟତୀତ କଥା କଥାକେ ବଧୂଟିକୁ ତା'ର ବାପା, ଭାଇ ଓ ବାପଘରର ପରମ୍ପରାକୁ ନେଇ ଅପମାନଜନକ କଥା କହିବା ତା'ଠାରେ ମାନସିକ ଅବସାଦ ପହଞ୍ଚାଏ । ଏପରିକି ଖାଇବା ପିନ୍ଧିବାରେ କଟକଣା ସହିତ, ଯୌନସମ୍ପର୍କ ନିମିତ୍ତ ସ୍ୱାମୀ ବାରମ୍ବାର ବାଧ୍ୟ କରିବା ଖୁବ୍ ସହଜଭାବେ ଅନେକ ପରିବାରରେ ଘଟିଚାଲିଛି ।

ICRW ଆନୁକୂଲ୍ୟରେ ହୋଇଥିବା ସର୍ବେକ୍ଷଣରୁ ଜଣାଯାଏ ଯେ ମହିଳାମାନଙ୍କ ପ୍ରତି ଘଟୁଥିବା ଅତ୍ୟାଚାରରୁ ୧୨ ଶତାଂଶ ହେଉଛି ଯୌତୁକଜନିତ ନିର୍ଯାତନା । କେବଳ ଦରିଦ୍ର ଶ୍ରେଣୀରେ ନୁହେଁ, ଧନିକ ଶ୍ରେଣୀର ପରିବାରରେ ମଧ୍ୟ ଏହି ନିର୍ଯାତନା ଆସ୍ଥାନ ଜମାଇ ରହିଛି । ପ୍ରେମ ବିବାହ ଓ ଆୟୋଜିତ ବିବାହ, ଏ ଉଭୟ କ୍ଷେତ୍ରରେ

Digitized by PPRACHIN, SOA

ନାରୀ ନିର୍ଯାତିତା ହୋଇଥାଏ । କେବଳ ନିଶାଗ୍ରସ୍ତ ପୁରୁଷ ନୁହେଁ, ସ୍ୱାଭାବିକ ପୁରୁଷ ମଧ୍ୟ ସ୍ତ୍ରୀକୁ ମାଡ଼, ଗାଳି ଦେଇ ଅପମାନିତ କରିବାକୁ ନିଜର ପୌରୁଷ ବୋଲି ଭାବିଥାଏ । କେବଳ ଗୃହିଣୀମାନେ ନୁହନ୍ତି, ବୃତ୍ତିଜୀବିନୀଗଣ, ଏପରିକି ଉଚ୍ଚବେତନଧାରୀ ମହିଳାଗଣ ମଧ୍ୟ ପରିବାର ଭିତରେ ଉପରୋକ୍ତ ପ୍ରକାରର ଶାରୀରିକ ତଥା ମାନସିକ ନିର୍ଯାତନାକୁ ଅଙ୍ଗେ ନିଭାଇଥାଆନ୍ତି । ତେଣୁ ଅନେକ ସ୍ତ୍ରୀଲୋକଙ୍କ ମନରେ ଭୟ ଓ ଅବିଶ୍ୱାସ ବସା ବାନ୍ଧିଥାଏ । ଆର୍ଥନୀତିକ ସମ୍ବଳ ନ ଥିବା ମହିଳାମାନେ ପୁରୁଷର ନିର୍ଯାତନାକୁ ସେମାନଙ୍କର ପ୍ରାପ୍ୟ ବୋଲି ଭାବନ୍ତି ଓ ପ୍ରତିବାଦ ନ କରି ସହିଯିବାକୁ ବାଧ୍ୟ ହୁଅନ୍ତି । ଆଇନ୍ ଥିଲେ ମଧ୍ୟ ତାହା ସେମାନଙ୍କର ନିକଟକୁ ସହଜରେ ଆସିପାରେ ନାହିଁ । ନିର୍ଯାତନା ଅସହ୍ୟ ହେଲେ କେଉଁଠି କେବେ ହୁଏତ ନାରୀଟିଏ ବାହାରକୁ ଆସି, ଆଇନ୍‌ର ଆଶ୍ରା ନେବାକୁ ଚେଷ୍ଟା କରିଥାନ୍ତି । ୨୦୦୫ ମସିହା ଅଗଷ୍ଟ ମାସରେ ଘର ଭିତରେ ନିର୍ଯାତନା ଭୋଗୁଥିବା ମହିଳାମାନଙ୍କର ସାମ୍ବିଧାନିକ ଅଧିକାର ପ୍ରତିଷ୍ଠା ପାଇଁ ଏକ ବିଲ୍ ଗୃହୀତ ହୋଇଯାଇଛି । ବିଲ୍‌ଟିର ଶୀର୍ଷକ ହେଉଛି 'The protection of women from domestic violence' । ଏହାର କାର୍ଯ୍ୟକାରିତା ନାରୀମାନଙ୍କୁ ମର୍ଯ୍ୟାଦା ସହକାରେ ବଞ୍ଚିବାର କେତେଦୂର ସୁଯୋଗ ଦେଇପାରିବ, ତା'ର ବିଶ୍ଳେଷଣ କରାଯିବା କଥା । କାରଣ, ଥରେ ପରିବାର ଲୋକଙ୍କ ବିରୋଧରେ ଆଇନ୍‌ର ଆଶ୍ରୟ ନେଲେ, ପୁନର୍ବାର ସେହି ପରିବାରକୁ ଫେରିଆସି ଶାନ୍ତିରେ ଜୀବନ ବିତାଇବା ନାରୀଟି ପକ୍ଷେ ସହଜ ହୋଇ ନ ପାରେ, ତେଣୁ କୌଣସି ଆଇନ୍‌ର କାର୍ଯ୍ୟକାରିତା ଓ ସାର୍ଥକତା ଲୋକମାନଙ୍କ ସହୃଦୟତା ତଥା ମାନବିକତା ଉପରେ ନିର୍ଭର କରିଥାଏ । ତଥାପି, ଏ ପ୍ରକାର ଆଇନ୍ ପରିବାରର ଲୋକଙ୍କୁ ସେମାନଙ୍କ ନିଜ ଧାରଣା ସମ୍ପର୍କରେ ପୁନର୍ବିଚାର କରିବାକୁ ସାହାଯ୍ୟ କରିବ ବୋଲି ଆଶା କରାଯାଏ ।

Digitized by PPRACHIN, SOA

ନାରୀ ଅସ୍ତିତ୍ୱ : ମିଥ୍ ଓ ବାସ୍ତବିକତା

ପୁରାଣକଳ୍ପରେ ଚିତ୍ରିତ ନାରୀର ଶକ୍ତିମତ୍ତାକୁ ଅନେକ ଭାବେ ତର୍ଜମା କରାଯାଇପାରେ । ଏହା ମଧ୍ୟରେ ଆଲୋକ ନିଶ୍ଚୟ ଅଛି । ମାତ୍ର ଅନ୍ଧକାରର ପ୍ରଗାଢ଼ତା କମ୍ ନାହିଁ । ବେଦ, ପୁରାଣ, ସାହିତ୍ୟ, ସାମାଜିକ ଗ୍ରନ୍ଥ ଏ ସବୁଥିରେ ପୁରୁଷର ଶତମୁଖ ପ୍ରଶସ୍ତି ରହିଛି । ତେଣୁ ଆମ ଜାତୀୟ ସାମୂହିକ ଅବଚେତନରେ ପୁରୁଷର ଶ୍ରେଷ୍ଠତା କାହିଁ କେଉଁ ଯୁଗରୁ ଚେର ମାଡ଼ି ବସିଛି । ପୁନଶ୍ଚ ସ୍ତ୍ରୀକୁ ଦେବୀ ଆଖ୍ୟା ଦେଇ ପୌରାଣିକ, ସାମାଜିକ, ପାରିବାରିକ ଜୀବନରେ ତାକୁ ବହୁମନ୍ତେ ନିର୍ଯାତିତା କରାଯାଇଛି । ରାମାୟଣରେ ସୀତାଙ୍କୁ ଜୀବନ୍ତ ଭାବେ ଅଗ୍ନିରେ ପ୍ରବେଶ କରାଯାଇଛି ଓ ଅହଲ୍ୟାଙ୍କୁ ଅଭିଶାପରେ ପଥର କରିଦିଆଯାଇଛି । କେହି ପ୍ରତିବାଦ ଉଠାଇ ନାହାନ୍ତି । ଏସବୁଗୁଡ଼ିକ ପ୍ରତୀକାତ୍ମକ ନିଶ୍ଚୟ । ଯାହା ସାଧାରଣ ନାରୀ ଜୀବନରେ ଅଙ୍ଗେ ନିଭାଉଛି । ଏପରିକି ଦେବୀଗଣଙ୍କ ମଧ୍ୟରେ ଈର୍ଷା, ହିଂସା, ପ୍ରତିଶୋଧପରାୟଣତା ଆଦି ଦୋଷମାନ ରହିଅଛି । ମାତ୍ର ଦେବୀମାନଙ୍କଠାରେ ପରିଦୃଷ୍ଟ ଏତାଦୃଶ ଦୋଷଗୁଡ଼ିକୁ ନାରୀଠାରେ ଦେଖାଗଲେ ଗ୍ରହଣ କରିବାର ମାନସିକତା କାହାରି ନାହିଁ । ନାରୀ ଉପରେ ଯେଉଁ ଦେବୀତ୍ୱ ଆରୋପ କରାଯାଇଛି, ସେଥିରେ ନାରୀ କେବଳ କ୍ଷମା, କରୁଣା, ତ୍ୟାଗର ପ୍ରତିମୂର୍ତ୍ତି । ତେଣୁ ସେ ଦେବୀ । ଦେବୀଙ୍କ ଦୋଷଗୁଡ଼ିକ କିନ୍ତୁ ନାରୀରୂପୀ ଦେବୀଙ୍କଠାରେ ଦେଖାଯିବାର ନଜିର ନାହିଁ । ଯଦି ଦେଖାଗଲା, ତେବେ ସେମାନେ ପିଶାଚୀ, ଦେବୀ ନୁହନ୍ତି । ନାରୀଠାରେ ଦେବୀରୂପେ ଯେଉଁ ଅସହାୟ ବିନମ୍ରତାକୁ ସଂଯୁକ୍ତ କରାଯାଇଛି, ସେଥିରେ ବାସ୍ତବରେ ପୁରାଣକଳ୍ପର ଦେବୀମାନଙ୍କର ତେଜ ଓ ସାହସର ଲେଶମାତ୍ର ନାହିଁ । ନାରୀ 'ଗୌରୀ' ରୂପରେ ଶିବଙ୍କୁ ପାଇବାର ତପସ୍ୟା କରିପାରିବେ, ମାତ୍ର ଦୁର୍ଗା ରୂପରେ ମହିଷାସୁରକୁ ନିଧନ କରିବାର ଶକ୍ତି ତା'ଠାରେ ଥିବାକୁ ସମାଜ ପସନ୍ଦ କରେ ନାହିଁ । ରାଜବଧୂ ସୀତା ନିଜର ସାହସ ଓ ଦୃଢ଼ତା ଯୋଗୁଁ ସ୍ୱାମୀଙ୍କ ସହ ବନଗମନ କରିଥିଲେ । ବହୁ ଋଷି ଓ ଋଷିପତ୍ନୀଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ । ଏପରିକି ଅଶୋକବନରେ ମଧ୍ୟ ତ୍ରିଜଟା ରାକ୍ଷସୀ ତାଙ୍କୁ ଶ୍ରଦ୍ଧା ଓ ବିଶ୍ୱାସ କରୁଥିଲା । ଅସୀମ ସାହସିକତା ଓ ବୁଦ୍ଧିମତ୍ତାରେ ରାବଣଠାରୁ ନିଜର ଦୂରତ୍ୱ ରକ୍ଷା କରିପାରିଥିଲେ । ସାବିତ୍ରୀ ଦୁର୍ବାର ଦେବତା ଯମରାଜଙ୍କୁ ନିଜ ବୁଦ୍ଧିମତ୍ତା, ଯୁକ୍ତି ଓ ନିଷ୍ଠାରେ ପ୍ରଭାବିତ ଓ ସନ୍ତୁଷ୍ଟ କରି ନିଜର

Digitized by PPRACHIN, SOA

ଅଭିଳାଷକୁ ସାର୍ଥକ କରିଥିଲେ । ପାର୍ବତୀ ଅବଜ୍ଞା ଓ ଅପମାନର ପ୍ରତିବାଦରେ ଆତ୍ମୋତ୍ସର୍ଗର ନିର୍ଣ୍ଣୟ ନେଇଥିଲେ । ଦେବୀ ଲକ୍ଷ୍ମୀ ସ୍ୱବିଚାରରେ ସିଦ୍ଧାହୋଇ ଚଣ୍ଡାଳୁଣୀ ଦ୍ୱାରରେ ଆବିର୍ଭୂତା ହୋଇଥିଲେ । ଅଥଚ ଯେବେବି ନାରୀକୁ ଦେବୀ କୁହାଯାଇଛି, ତା'ଠାରେ କେବଳ ବ୍ୟକ୍ତିତ୍ୱ ସଂହାରି ଗୁଣଗୁଡ଼ିକୁ ଆରୋପ କରାଯାଇଛି । ବଙ୍ଗଳାରେ ପ୍ରଚଳିତ ଏକ ଲୋକବାଣୀକୁ ଉଲ୍ଲେଖ କଲେ, ନାରୀପ୍ରତି ସମାଜ ଓ ପରିବାରର କଠୋରତାକୁ ସହଜେ ହୃଦୟଙ୍ଗମ କରିହେବ । ଲୋକବାଣୀଟିର ଅର୍ଥ ଏହିପରି– "ନାରୀ ଯେତେବେଳେ ମୃତ୍ୟୁ ପରେ ଚିତାଗ୍ନିରେ ପ୍ରବେଶ କରେ, ସେହି ଚିତାଗ୍ନିର ଧୂଆଁ ସହ ତା'ର ଯଶ ଚାରିଆଡ଼େ ବ୍ୟାପିଯାଏ ।" ଅର୍ଥାତ୍ ବଞ୍ଚିଥିବା ଦିନତକ ନାରୀର କୌଣସି ଯଶ ବା ସୁନାମ ରଟିତ ହୁଏ ନାହିଁ । ସମସ୍ତଙ୍କୁ ସନ୍ତୁଷ୍ଟ କରି ନାରୀଟିଏ ଯେବେ ମୃତ୍ୟୁଲଭେ, ତେବେ ଯାଇ ତା'ର ଯଶ ପ୍ରତିଷ୍ଠା ହୋଇପାରେ । ଏଥିରୁ ନାରୀପ୍ରତି ଗୌଣ ବିଚାର ସହଜେ ଅନୁମେୟ ।

ସାହିତ୍ୟରେ ନାରୀ ସଂପର୍କୀୟ କାହାଣୀ ପ୍ରଚୁର ଗୁରୁତ୍ୱ ଲାଭ କରେ ମାତ୍ର ସାଧାରଣ ଜୀବନରେ ତା'ର ମହତ୍ତ୍ୱ କାହିଁ ? କାହାଣୀଗୁଡ଼ିକ ଅନେକ ପ୍ରକାର କଳ୍ପନାରେ ରଚନା କରାଯାଇଥାଏ । ଜୀବନକୁ ନେଇ ଏକ ଅପରିବର୍ତ୍ତିତ ରୂପ ନାରୀ ପାଇଁ ସଜାଇ ରଖାଯାଇଥାଏ । ଏ ସବୁକିଛି ମାନବୀୟ ଆଦର୍ଶ ଜଗତକୁ ନେଇ ଗଢ଼ାଯାଇଥାଏ । ଯଦି ନାରୀର ବ୍ୟବହାର, ଆଚରଣ ସେହି ବିଚାର ଉପରେ ଆଧାରିତ ନ ହେଲା, ସେ ବିଚାରକୁ କ୍ଷୁଣ୍ଣ କଲା, ତେବେ ନାରୀ ଦୋଷୀ ସାବ୍ୟସ୍ତ ହୁଏ । କୁହାଯାଏ ଏହି ନାରୀଠାରେ ନାରୀତ୍ୱ ଅନୁପସ୍ଥିତ । ସେ ନାରୀତ୍ୱର ବିରୁଦ୍ଧାଚରଣ କରୁଛି । ନାରୀତ୍ୱ ସତେକି ଏକ ଆଚରଣ ବିଧି ! ଏକ କୋଡ୍ ଅଫ୍ କଣ୍ଡକ୍ଟ ! ମାତ୍ର ନାରୀର ଚରିତ୍ର ତା'ର ଅନୁଭବରୁ ଉତ୍ପନ୍ନ ହେବା ଚାହି । ପୁରୁଷଠାରୁ ସ୍ତ୍ରୀ ଭିନ୍ନ, ଏହା ସତ୍ୟ । ସେହି କାରଣରୁ ପୁରୁଷ ନାରୀପ୍ରତି ଆକର୍ଷିତ ହୋଇଥାଏ । କିନ୍ତୁ ଏ ଦୁହେଁ ଯେତେବେଳେ ନିଜକୁ ମୁଖ୍ୟ ଭାବନ୍ତି, ଜଣେ ଅପରର ସ୍ୱାତନ୍ତ୍ର୍ୟକୁ ସ୍ୱୀକାର ନ କରନ୍ତି, ସେଠାରେ ସଂଘର୍ଷ ଉପୁଜେ । ନାରୀ ସତ୍ତା ଓ ନାରୀ ଅନୁଭବ ପୁରୁଷଠାରୁ ଭିନ୍ନ ନିଶ୍ଚୟ । ହେଲେ, ନାରୀ ସମ୍ବନ୍ଧରେ ପ୍ରତ୍ୟେକ କାଳ୍ପନିକ କାହାଣୀ ନାରୀକୁ ଅଦ୍ୱିତୀୟ ରୂପରେ ଦର୍ଶାଏ । ଆଦର୍ଶକୁ ମୁଖ୍ୟ ମାନଦଣ୍ଡ ଭାବେ ରଖେ । ଫଳତଃ, ନାରୀ ପାଇଁ ନିର୍ଦ୍ଦିଷ୍ଟ ଏକ ଆଦର୍ଶର ଧାରା ନିରୂପିତ କରାଯାଇଥାଏ ।

କିନ୍ତୁ ନାରୀର ମଧ୍ୟ ଦୁଇଟି ସ୍ୱରୂପ ହୋଇପାରେ । ଗୋଟିଏ କଲ୍ୟାଣକାମୀ ଓ ଅପରଟି ସଂହାରକାରିଣୀ । ଉଦାହରଣସ୍ୱରୂପ ଆଦର୍ଶ ମାଆ ଓ ନିଷ୍ଠୁର ସାବତମାଆ । ସେଥିପାଇଁ ମାଆ ଜୀବନରୂପୀ ହୋଇପାରେ ଓ ମୃତ୍ୟୁରୂପୀ ମଧ୍ୟ ହୋଇପାରେ । ବାସ୍ତବରେ ବ୍ୟକ୍ତି ଓ ସମାଜ ନିଜ ଆବଶ୍ୟକତା ଅନୁସାରେ ନାରୀ ଚରିତ୍ରକୁ ପସନ୍ଦ

Digitized by PPRACHIN, SOA

କରିଥାଏ । ମାତ୍ର ଏତାଦୃଶ ସମାଜ ପୁରୁଷ ପ୍ରଧାନ ଓ ଏଠାରେ ନାରୀ ନିଜ ବ୍ୟକ୍ତିତ୍ୱ ସଂପର୍କରେ ଅସଚେତନ ରହିଥାଏ । ପାଶ୍ଚାତ୍ୟ ଦାର୍ଶନିକ ମାଇକେଲ୍ ଲୁଇସ୍ କହନ୍ତି, "ନାରୀର ଶରୀର ରାତ୍ରି ଓ ମୃତ୍ୟୁ-ସ୍ୱରୂପ, ଏହା ସହିତ ଆକାଶରେ ଶୂନ୍ୟରେ ଉଡ଼ିବା ଭଳି ଏକ ସ୍ଥିତି ।" ମାତ୍ର ଏହିଭଳି ଏକ ବକ୍ତବ୍ୟ ପାର୍ଥିବ ସ୍ଥିତିଠାରୁ ବହୁ ଦୂରସ୍ଥ । ନାରୀର ଶରୀର ରକ୍ତ ମାଂସର, କଳ୍ପଲୋକର ନୁହେଁ ଓ ତା'ର ଶରୀର ତା' ନିଜ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ପ୍ରକୃତି ସ୍ତ୍ରୀର ଶରୀରକୁ ଏପରି ଗଢ଼ିଛି ଯେ ସକଳ ପୀଡ଼ା, ଦୁଃଖ ତା'ର ଭାଗ୍ୟ । କିନ୍ତୁ ପୁରୁଷ କଦାପି ଏହି ଦୁଃଖର ତୀବ୍ରତା ବୁଝେ ନାହିଁ । ନଚେତ୍ ସେ ସ୍ତ୍ରୀକୁ ପଶୁପରି ବ୍ୟବହାର କରି ଚାଲନ୍ତା ନାହିଁ । ପୁନଶ୍ଚ ନାରୀର ଶୃଙ୍ଗାରଜନିତ ଆନନ୍ଦକୁ ଗୁରୁତ୍ୱ ନ ଦେଇ ରହିପାରନ୍ତା ନାହିଁ । ପୁରୁଷ ନିଜକୁ ସ୍ତ୍ରୀଠାରୁ ଅଲଗା ଓ ଅଧିକ ଭାବି ନିଜର ଅହଂ ଓ ଆଳସ୍ୟକୁ ତୁଷ୍ଟ କରେ । କେବେ ନାରୀକୁ ତ୍ୟାଗ ରୂପରେ ବା କେବେ ରହସ୍ୟ ରୂପରେ ଦେଖେ । ଏ ଦୁଇଟିଯାକ ଅନୁଭବ ଓ ବିଚାର ନାରୀ ବ୍ୟକ୍ତିତ୍ୱ ପ୍ରତି ବିଭ୍ରାନ୍ତିକର ନିଶ୍ଚୟ । ନାରୀର ରତିସୁଖ ପ୍ରାପ୍ତି, ରଜସ୍ୱଳା ହେବାର ପୀଡ଼ା ପୁରୁଷ ବୁଝେ ନାହିଁ । ହୁଏତ ପୁରୁଷ ଓ ନାରୀ ଦୁଇଟି ବ୍ୟକ୍ତି ହୋଇଥିବାରୁ ପରସ୍ପରର ସଂପୂର୍ଣ୍ଣ ବୋଧଗମ୍ୟ ହୋଇ ନ ପାରନ୍ତି । କିନ୍ତୁ ନାରୀକୁ ରହସ୍ୟମୟୀ କହି ତା'ର ଅନ୍ତର୍ନିହିତ ଆଦର୍ଶକୁ ଆଡ଼େଇ ଦେବା ପୁରୁଷର ଏକ ଜଘନ୍ୟ ଅପରାଧ ।

ପ୍ରଚଳିତ ସାମାଜିକ ତଥା ପାରିବାରିକ ପରମ୍ପରାରେ ପ୍ରେମପ୍ରଣୟ କ୍ଷେତ୍ରରେ ନାରୀ ଦାସୀ ଭଳି ବ୍ୟବହୃତ ହୋଇ ଆସିଛି । ଯେଉଁମାନେ ସ୍ୱାମୀଠାରେ ଆଶ୍ରିତା, ନିର୍ଦ୍ଧନ ସ୍ତ୍ରୀଲୋକ, ସେମାନେ ଅନେକ କଥା ମନ ଭିତରେ ଲୁଚାଇ ରଖନ୍ତି । ପିଲାଦିନରୁ ଝିଅଟିକୁ ଶିକ୍ଷା ଦିଆଯାଇଥାଏ ଯେ ସେ ପୁରୁଷର ମନ ମୋହିବ । ପୁରୁଷ ପାଖରେ ଖୁବ୍ ସତର୍କ ହୋଇ ଚଳିବ, ସ୍ୱାମୀ ପାଖରେ ସର୍ବଦା ମୁଖକୁ ପ୍ରସନ୍ନ ରଖିବ, ଅର୍ଥାତ୍ ନାରୀକୁ ପୁରୁଷ ନିକଟରେ ଛଳନା କରିବାକୁ ହେବ । ଅପର ଅର୍ଥରେ ନିଜ ଅନୁଭବକୁ ଲୁଚାଇ ରଖିବାକୁ ହେବ । ଅବଶ୍ୟ ନିଜର ରୁଚି ଓ ମତାମତକୁ ପ୍ରଶ୍ରୟ ଦେଇ କୌଣସି ଯୁବକର ପ୍ରେମ ନିବେଦନକୁ ଅଗ୍ରାହ୍ୟ କରିବାର ଅଧିକାର ଯୁବତୀଟିଏର ରହିଛି । କିନ୍ତୁ ଏ ପ୍ରକାର ମତାମତର ବଶବର୍ତ୍ତୀ ହୋଇ ଝିଅଟିଏ ଯଦି ପୁରୁଷର ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରେ, ତେବେ ତାହାକୁ ହିଂସାର ଶିକାର ହେବାକୁ ପଡୁଛି । ବିଶେଷକରି ବିଂଶ ଶତକର ଶେଷବର୍ଷଗୁଡ଼ିକରୁ ଆରମ୍ଭ କରି ଏକବିଂଶ ଶତକର ପ୍ରଥମ ଦଶକ ମଧ୍ୟରେ ଝିଅଟିଏ ଯେ ଏଭଳି ହିଂସାଚରଣର ଶିକାର ହୋଇ ଏସିଡ୍ ମାଡ଼ରେ ପୋଡ଼ିଯାଉଛି, ଏହି ଅତ୍ୟନ୍ତ ଜଘନ୍ୟ କାଣ୍ଡକୁ ସଭ୍ୟ ମଣିଷ ସହ୍ୟ କରୁଛି, ଏହା ଏକ ଲଜ୍ଜାକର ଘଟଣା ।

Digitized by PPRACHIN, SOA

ମାତ୍ର ମିଥ୍ ଏକ ସୂକ୍ଷ୍ମ ମିଥ୍ୟାର ଜାଲ, ଯାହାଦ୍ୱାରା ସ୍ଥାପିତ ମୂଲ୍ୟବୋଧ ଉପରେ ଆସ୍ଥା ରଖି ବ୍ୟକ୍ତି ସହଜରେ ପ୍ରତାରିତ ହେଉଛି । ନାରୀକୁ 'ଦେବୀ', 'ସର୍ବଂସହା', 'ଧରିତ୍ରୀ' ଇତ୍ୟାଦି ଆଖ୍ୟା ଦିଆଯାଉଛି । କିନ୍ତୁ ନାରୀ ଯେ ରକ୍ତମାଂସର ଶରୀରଧାରିଣୀ, ଅଭାବ ଓ ଅନୁଭବର ସ୍ପନ୍ଦିତ ବ୍ୟକ୍ତିତ୍ୱଟିଏ ଏହା ଗ୍ରହଣ କରାଯାଉ ନାହିଁ । ଯୁଗ ଯୁଗ ଧରି ଏହିପରି ନାରୀଠାରେ ଦେବୀତ୍ୱ ଆରୋପ କରାଯାଇ ଆସିଛି । ଭାରତଭୂମିରେ ବହୁ ଅଗ୍ରଗତିସଂପନ୍ନ କ୍ରାନ୍ତିଯୁକ୍ତ ଚିନ୍ତାଧାରା ପ୍ରଚଳିତ ହୋଇ ଆସିଥିଲେ ହେଁ, ଏବେ ଯାଏଁ ନାରୀ ପ୍ରତି ଏତାଦୃଶ ମିଥିକ୍ ଆରୋପ ପ୍ରଚଳିତ ରହି ସମାଜ ତଥା ବ୍ୟକ୍ତିକୁ ବିଭ୍ରାନ୍ତ କରିବାରେ ଲାଗିଛି । ଅନ୍ୟ ଦିଗରେ ଜଣେ ସଚେତନ ବ୍ୟକ୍ତିତ୍ୱସଂପନ୍ନା ନାରୀକୁ ଏହି ଆରୋପ ଅପମାନିତ ଓ ପୀଡ଼ିତ କରୁଛି । ତେଣୁ ନାରୀକୁ ନେଇ ଯେତେକ ମିଥ୍, ତାହା ଜଣେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ବାସ୍ତବ ସ୍ଥିତିକୁ ସତେବା ମୃଗତୃଷ୍ଣା ଉପରେ ଆଧାରିତ କରି ବିଚାର କରାଯାଉଥିବା ଭଳି ପ୍ରତୀତ ହେଉଛି । ସେହି ପୁରୁଣା ମୃଗତୃଷ୍ଣାର ମାପକାଠିରେ ମାପି କେହି କେହି ସମାଜପତି କହନ୍ତି– "ନାରୀତ୍ୱ ଏବେ ଆଉ ନାହିଁ, ନାରୀ କେଉଁଠି ? ଆଜିର ନାରୀ ଯଥାର୍ଥରେ ନାରୀ ନୁହେଁ ।" ଏହି ରହସ୍ୟମୟ ବାକ୍ୟାଂଶର ତାତ୍ପର୍ଯ୍ୟ ବେଶ୍ ବୁଝିହୁଏ । ଅଥଚ ନାରୀର ଶରୀରକୁ ପ୍ରାପ୍ତ ହେବା ଯଥେଷ୍ଟ ନୁହେଁ କିମ୍ବା କେବଳ 'ବାମା' ରୂପରେ କାର୍ଯ୍ୟ କରିବା ମଧ୍ୟ ନାରୀର ଅସଲ ପରିଚୟ ନୁହେଁ । ଶିକ୍ଷାରେ, ଯୋଗ୍ୟତାରେ ନାରୀ ନିଜର (ପୁରୁଷର) ସମକକ୍ଷ ହେଉ, ଆଜିର ପୁରୁଷ ଏହା ଚାହେଁ । ତା' ସହିତ ଯା' ବି ଚାହେଁ ଯେ ଏହି ସମକକ୍ଷା ନାରୀଟି ଗୌଣ ହୋଇ ରହୁ, ତା' ନିଜର (ପୁରୁଷର) ଛାୟାଟିଏ ମାତ୍ର ହୋଇ ରହୁ ।'' କି ଅଦ୍ଭୁତ ଯେ ଦୃଷ୍ଟିକୋଣ, କେତେ ମୂଳତଃ ବିରୋଧୀ ଯେ ବିଚାର ! ଏଭଳି ଦୃଷ୍ଟିକୋଣଦ୍ୱାରା ନାରୀ ପେଷି ହୋଇଯାଏ । ପୁରୁଷର ସାହସିକତା ଓ ଦମ୍ଭୋକ୍ତି ତା'ର ଦୃଢ଼ ବ୍ୟକ୍ତିତ୍ୱର ପରିଚାୟକ ହୋଇଥିଲାବେଳେ, ନାରୀର ତାଦୃଶ ଆଚରଣରେ ନାରୀତ୍ୱ କ୍ଷୁଣ୍ଣ ହେବାର ବିଶ୍ୱାସ ସମାଜରେ ଦୃଢ଼ ମୂଳ ହୋଇ ରହିଛି । ଅଥଚ ଅତୀତର ନାରୀସ୍ଥିତିକୁ ବର୍ତ୍ତମାନର ନାରୀ ସ୍ଥିତି କୌଣସି ପ୍ରକାରେ ମାନିନେବା ବାଞ୍ଛନୀୟ ନୁହେଁ । ନାରୀକୁ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରୂପେ ପୁରୁଷ ସ୍ୱୀକାର କରିନେଲେ ହିଁ ଉପରୋକ୍ତ ପେଷଣରୁ ମୁକ୍ତ ହୋଇ ନାରୀ ସ୍ଥିତି ଏକ ମଧୁର ଆତ୍ମିକ ସଂପର୍କରେ ଅଧିଷ୍ଠିତ ହୋଇପାରିବ । ନାରୀ ତା' ନିଜ ପାଇଁ ଜୀଇଁବ ଏବଂ ତା'ର ସ୍ୱତନ୍ତ୍ର ସତ୍ତାକୁ, ବ୍ୟକ୍ତିତ୍ୱକୁ, ସଚେତନତାକୁ ପୁରୁଷ ସ୍ୱୀକାର କରିବ ।

ଅବଶ୍ୟ ବର୍ତ୍ତମାନର ନାରୀ, ବିଶେଷକରି ବିଂଶ ଶତକର ଉତ୍ତରାର୍ଦ୍ଧର ନାରୀ ଯେହେତୁ ଆତ୍ମନିର୍ଭରଶୀଳ, ଯେହେତୁ ପରିବାର ନିୟନ୍ତ୍ରଣଜନିତ ସୁଯୋଗରୁ ଅଳ୍ପ କେତୋଟି ସନ୍ତାନର ଜନନୀ, ଅପେକ୍ଷାକୃତ ଉଚ୍ଚଶିକ୍ଷିତା, ସେ ଆତ୍ମିକ, ନୈତିକ ଓ

Digitized by PPRACHIN, SOA

ବୌଦ୍ଧିକ ବିକାଶର ଅଧିକାରିଣୀ ହୋଇପାରିଛି । ସେଇଥିପାଇଁ ନାରୀ ଉପରୋକ୍ତ ଅବିଚାର ବିରୋଧରେ ପ୍ରଶ୍ନ ଉଠାଇଛି । ବିବାହ ପରେ ନିଜ ମର୍ଯ୍ୟାଦାର ସୁରକ୍ଷା ନିମିତ୍ତ ପରିବାର ତଥା ସମାଜ ସମ୍ମୁଖରେ ଅଧିକାର ଉପସ୍ଥାପନ କରୁଛି । ଅପରପକ୍ଷରେ ନାରୀ ଯଦି ପରିବାର ମଧ୍ୟରେ ଅସମ୍ମାନିତା ହୁଏ, ପରିବାର-ବିମୁଖ ହୁଏ, ସନ୍ତାନଗଣ ହୁଅନ୍ତି ଅବହେଳିତ ଏବଂ ପରିଣତିସ୍ୱରୂପ ପରିବାର ଓ ଦେଶର ଭବିଷ୍ୟତ୍ ଅଚିରେ ବିଶୃଙ୍ଖଳିତ ହୋଇଥାଏ, ଏକଥା କ୍ରମଶଃ ବୁଦ୍ଧିଜୀବୀମାନେ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେଣି । ତେଣୁ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଭାରତୀୟ ବୁଦ୍ଧିଜୀବୀମାନଙ୍କ ସମକ୍ଷରେ ନାରୀ ସମସ୍ୟା ବିରାଟ ଏକ ପ୍ରଶ୍ନ ହୋଇଉଠିଛି । ପ୍ରଶ୍ନ ଯଦି ହୁଏ 'ତୁମ ସ୍ତ୍ରୀ କ'ଣ କରନ୍ତି', ପୁରୁଷ ଉତ୍ତର ଦିଏ, 'ସେ କିଛି କରେନା, ସେ ହାଉସ୍ ୱାଇଫ୍' । ଏହି 'ହାଉସ୍ ୱାଇଫ୍' ଶବ୍ଦଟି 'ହାଉସ୍ ଫ୍ଲାଏ' ଭଳି ଶୁଭୁ ନାହିଁ କି ? କୁହାଯାଇପାରନ୍ତା, 'ସେ ପରିବାର ସମ୍ଭାଳନ୍ତି ।' ଅଥଚ କିଛି କରୁ ନ ଥିବା ସ୍ତ୍ରୀଲୋକଟି ଯେ ଘରେ କାମ ଚାପରେ ରୁଦ୍ଧ ହୋଇଯାଏ, ଏକଥା ବିଚାର କରାଯାଏନା । ଘର କାମ, ସନ୍ତାନ ଲାଳନ ପାଳନ, ରୋଗୀ, ବୃଦ୍ଧମାନଙ୍କ ସେବା ବ୍ୟତୀତ, ଅଫିସରେ କାମ କରିବା, କ୍ଷେତଖମାରରେ କାମ କରିବାରେ ତା'ର ଅଦୃଶ୍ୟ ହାତ ଉପସ୍ଥିତ ରହିଥାଏ । ପରିବାରର ବଞ୍ଚି ରହିବା ଦିଗରେ ସାହାଯ୍ୟ କରିଥାଏ । ତା'ର ଏହି ବାସ୍ତବ ସ୍ଥିତିରେ ମିଥ୍ର କୌଣସି ଯୋଗାଯୋଗ ନାହିଁ ।

Digitized by PPRACHIN, SOA

ଓଡ଼ିଆ କାବ୍ୟକବିତାରେ ନାରୀ ସ୍ଥିତିର ଚିତ୍ର

[୧୯୦୦ରୁ ୧୯୭୫ ମସିହା ପର୍ଯ୍ୟନ୍ତ]

ଏହା ନିଶ୍ଚିତ ଯେ, ୧୯୭୫ ପରବର୍ତ୍ତୀକାଳରେ ନାରୀର ବହୁମୁଖୀ ବ୍ୟକ୍ତିତ୍ୱ ଓ ଭୂମିକାର ପରିପ୍ରକାଶ ତୀବ୍ର ଓ ସତେଜଭାବେ ପରିଦୃଷ୍ଟ ହୋଇଛି । କିନ୍ତୁ ଏହାର ପୂର୍ବବର୍ତ୍ତୀ କାଳର କାବ୍ୟକବିତାରେ ନାରୀ ଅସ୍ତିତ୍ୱର ଚିତ୍ର ମଧ୍ୟ ପ୍ରକଟିତ । ଏହି ଚିତ୍ରର ସ୍ୱରୂପଟିକୁ ବିଶ୍ଳେଷଣ କରିବା ଏଠାରେ ପ୍ରାସଙ୍ଗିକ ହେଉଛି । ପ୍ରକୃତପକ୍ଷେ କବିତା ସହ ନାରୀର ପ୍ରତ୍ୟକ୍ଷ ବା ପରୋକ୍ଷ ଯୋଗାଯୋଗ ସବୁକାଳେ ରହିଛି । କେତେବେଳେ କବିଟିଏ ନାରୀ ରୂପଶୋଭା ସନ୍ଦର୍ଶନରେ ବିଭୋର ହୋଇଛି ତ, କେବେ ତା'ର ଅନ୍ତଃସୌନ୍ଦର୍ଯ୍ୟରେ ହୋଇଛି ଭାବବିହ୍ୱଳ, କେବେ ବା ତା'ର ପ୍ରତାରଣାରେ ବିକ୍ଷୁବ୍ଧ ହୋଇଛି ଏବଂ ଏହି ଅନୁଭବଗୁଡ଼ିକୁ କବି ସ୍ୱରଚନାରେ ପ୍ରମୂର୍ତ୍ତ କରିଛି । ବାସ୍ତବରେ ବିଂଶ ଶତକ ପୂର୍ବରୁ ଓଡ଼ିଆ କବିତାରେ ନାରୀସର୍ଜକଙ୍କ ସଂଖ୍ୟା ମୁଷ୍ଟିମେୟ ଥିଲା, ଗୁଣଗତ ଉତ୍କର୍ଷ ମଧ୍ୟ ବିଶେଷ ପରିଦୃଷ୍ଟ ହୋଇ ନ ଥିଲା । କିନ୍ତୁ ବିଂଶ ଶତକ ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା, ସଂସ୍କୃତି ସଂଘାତରେ ଯେଉଁ ନବଜାଗରଣ ସୃଷ୍ଟି ହେଲା, ତାହାର ଫଳସ୍ୱରୂପ ଅଭୂତପୂର୍ବ ନାରୀସଚେତନତାର ଉଦ୍ରେକ ହେଲା । ଏହା ସହିତ ନାରୀ ଅସ୍ତିତ୍ୱର ବହୁବିଧ ସ୍ୱରୂପ ବିକାଶ ଲାଭ କରିବାକୁ ଲାଗିଲା । ନାରୀକବି ଓ ପୁରୁଷକବିଗଣ ନାରୀର ଦୁର୍ଦ୍ଦଶା, ପୀଡ଼ା ଓ ବଞ୍ଚନା-ଜର୍ଜର ସ୍ଥିତିର ଚିତ୍ର ଆଙ୍କିବାକୁ ପସନ୍ଦ କଲେ । ଏହାସତ୍ତ୍ୱେ ବିଂଶ ଶତକର ପ୍ରଥମାର୍ଦ୍ଧରେ ଓଡ଼ିଆ କବିତା ଜଗତର ପ୍ରମୁଖ କବିମାନଙ୍କଠାରେ ନାରୀ ବ୍ୟକ୍ତିତ୍ୱ ପ୍ରତି ସଚେତନତା ଓ ସମ୍ମାନବୋଧ ଯଥେଷ୍ଟ ଦେଖିବାକୁ ମିଳି ନ ଥିଲା । କବି ନନ୍ଦକିଶୋର ବଳଙ୍କଠାରୁ କବି ମାନସିଂହଙ୍କ ପର୍ଯ୍ୟନ୍ତ ସର୍ଜକମାନଙ୍କର ରଚନାକୁ ବିଶ୍ଳେଷଣ କଲେ ଏହି ସତ୍ୟ ସ୍ପଷ୍ଟ ପ୍ରତୀତ ହେବ ।

ସାନ୍ନିଧଦାୟିନୀ, ତ୍ୟାଗ ଓ ସେବାର ମୂର୍ତ୍ତ ବିଗ୍ରହ

କବି ନନ୍ଦକିଶୋର ବଳଙ୍କ କବିତାରେ ନାରୀ ପ୍ରତି ପ୍ରେମ ନିବେଦିତ, ସେହି ପ୍ରେମ ସଂଯତ ଓ ସଂଭ୍ରମଶୀଳ । ତାଙ୍କ ଦୃଷ୍ଟିରେ ତ୍ୟାଗ ଉପରେ ପର୍ଯ୍ୟବସିତ, ବିରହଉଜ୍ଜ୍ୱଳ ପ୍ରେମ ହିଁ ମହିମାମୟ । ତାଙ୍କ ସୃଷ୍ଟିରେ ନାରୀ ପ୍ରତି ପ୍ରେମାକୁଳତା ବିଭିନ୍ନ ପ୍ରତୀକକୁ ଅବଲମ୍ବନ କରି ପ୍ରକାଶିତ ହେଲେ ହେଁ ନାରୀର ସାନିଧ ପ୍ରୟାସୀ କବିସତ୍ତା ମିଳନାକାଙ୍କ୍ଷୀ ।

Digitized by PPRACHIN, SOA

ବିଶେଷକରି ନନ୍ଦକିଶୋରଙ୍କ 'ଶର୍ମିଷ୍ଠା' କାବ୍ୟର ନାୟିକା ଏକ ପରକୀୟା ପ୍ରେମାସ୍ପଦା, ଏଥିରେ ନାରୀ ଅସ୍ତିତ୍ୱ ପ୍ରତି କବିଚେତନାର ବିହ୍ୱଳତା ଲକ୍ଷ୍ୟଣୀୟ । ନାରୀ ଆକର୍ଷଣୀୟ, ମୁଖ୍ୟତଃ ତା'ର ଶରୀର ହିଁ ତୀବ୍ରଭାବେ ଆକର୍ଷଣୀୟ ।

''ତରୁଣୀ-ଲଳିତ ତନୁ ଟପି/ନୃପ ନେତ୍ର ନ ପାରିଲା ଯାଇ/ ସୁଗୋଲ ନିତମ୍ବ ସଞ୍ଜଘଞବକ୍ଷ ପାସୋରି ପାରିଲେ ନାହିଁ । (ଶର୍ମିଷ୍ଠା ୫ମ ସର୍ଗ) ଏତାଦୃଶ ଶରୀର ବର୍ଣ୍ଣନାରେ କାବ୍ୟଯୁଗୀୟ ସ୍ୱର ସହଜେ ଲକ୍ଷ୍ୟଣୀୟ । ତେଣୁ ଭାବଭୂମିର ନୂତନତ୍ୱ ଏଥିରେ ନାହିଁ ।

ସତ୍ୟବାଦୀର ବିଶିଷ୍ଟ କବି ଗୋପବନ୍ଧୁ ନାରୀସତ୍ତାପ୍ରତି ସବିଶେଷ ଦୃଷ୍ଟିପାତ କରି ନାହାନ୍ତି । ଅବଶ୍ୟ ପ୍ରେମ ମାନବଜଗତମୟ ଓ ପ୍ରକୃତିମୟ – ସର୍ବତ୍ର ବିଦ୍ୟମାନ ବୋଲି ସେ ଅନୁଭବ କରନ୍ତି । ନାରୀକୁ ମାତା ବା ପତ୍ନୀ ରୂପରେ କଲ୍ୟାଣମୟୀ ରୂପେ ଚିତ୍ରିଛନ୍ତି । ତାଙ୍କ କବିତାରେ ନାରୀ ତ୍ୟାଗ ଓ ସେବାର ଏକ ମୂର୍ତ୍ତିମନ୍ତ ବିଗ୍ରହରୂପେ ଦେଖାଦେଇଛି । ତଥାପି ନାରୀ ଅସ୍ତିତ୍ୱ ପ୍ରତି ସେ ସଚେତନ ହୋଇ ନାହାନ୍ତି । ଅନ୍ୟତମ କବି ନୀଳକଣ୍ଠ ଉତ୍ତୁଙ୍ଗ କଳ୍ପନା-ପ୍ରବଣତା ମାଧ୍ୟମରେ କାବ୍ୟକବିତାକୁ ଶ୍ରୀମଣ୍ଡିତ କରିଛନ୍ତି । ନାରୀ ପ୍ରେମରେ ଧୈର୍ଯ୍ୟ, ସଂଯମ ଓ ସାମାଜିକତାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନାରୀ ପୁରୁଷର ପ୍ରେମାନୁଭବକୁ ବହୁ ପ୍ରତୀକ ମାଧ୍ୟମରେ ପ୍ରକଟ କରିଛନ୍ତି, କିନ୍ତୁ ନାରୀତ୍ୱର ବିଶେଷ ପରିଚୟ ତାଙ୍କ ରଚନାରେ ଅନୁପଲବ୍ଧ । 'ଆଦର୍ଶ ତାରା' ଓ 'ପ୍ରୀତି ରହସ୍ୟ' ଭଳି ଦୁଇ ଗୋଟି କବିତା କବିଙ୍କ ପ୍ରଣୟିନୀଙ୍କୁ 'କଳ୍ପଲୋକର ରାଣୀ' ଭାବେ ପ୍ରକୀର୍ତ୍ତିତ କରିଛି । ମାତ୍ର ନାରୀର ନବତମ ରୂପ ଏହି କବିତାମାନଙ୍କରେ ଅନୁପସ୍ଥିତ ।

ସତ୍ୟବାଦୀଯୁଗୀୟ ଧାରାନୁସାରୀ କବି ଗୋଦାବରୀଶ ମଧ୍ୟ ନାରୀବ୍ୟକ୍ତିତ୍ୱ ପ୍ରତି ଖୁବ୍ ଉନ୍ମୁଖ ନୁହନ୍ତି । ପ୍ରେମ ତାଙ୍କ ଦୃଷ୍ଟିରେ ସଂଯତ, ତ୍ୟାଗପୂତ ଓ ବିଦେହୀ । ବିଚ୍ଛେଦ ମଧ୍ୟରେ ସେ ପ୍ରେମର ସାର୍ଥକତା ନିରୂପଣ କରନ୍ତି । ନାରୀର ଚିରାଚରିତ ତ୍ୟାଗଜର୍ଜର ମାତା ଓ ପତ୍ନୀ ରୂପ ତାଙ୍କ କବିତାର ଉପଜୀବ୍ୟ ହୋଇଛି । ବସ୍ତୁତଃ, ନାରୀ ଅସ୍ତିତ୍ୱର ବିଶେଷ ଦିଗକୁ ସେ ଲକ୍ଷ୍ୟ କରି ନାହାନ୍ତି । ସମଚେତନାର କବି ପଦ୍ମଚରଣଙ୍କ କବିତା ଜାତୀୟଭାବଦ୍ୱାରା ପରିପୁଷ୍ଟ ହେଲେ ହେଁ, ତାଙ୍କ ରଚନାରେ ପ୍ରେମଚେତନାର ସ୍ଫୁରଣ ସତ୍ୟବାଦୀଯୁଗୀୟ କବିମାନଙ୍କ ସଂରଚନା ଅପେକ୍ଷା ଅଧିକତର ତୀବ୍ର ଓ ଶକ୍ତିଶାଳୀ । ପୁରୁଷପାଇଁ ନାରୀ ସାନିଧ୍ୟର ଅନିବାର୍ଯ୍ୟତା ସଂପର୍କରେ ସେ ଅନେକ ମନୋଜ୍ଞ ଚିତ୍ର ବ୍ୟକ୍ତ କରିଛନ୍ତି । ପ୍ରେମାସ୍ପଦାର ସ୍ଥିତି ପ୍ରେମିକ ପ୍ରାଣକୁ ଚଳଚଞ୍ଚଳ କରେ, ବଞ୍ଚିବାର ପ୍ରେରଣା ଯୋଗାଏ । ଜୀବନକୁ ଦିଗ୍‌ଦର୍ଶନ ଦିଏ । ପ୍ରଣୟିନୀ ହିଁ ମର୍ତ୍ତ୍ୟରେ ଆଣିଦିଏ ପ୍ରଣୟୀପାଇଁ ସ୍ୱର୍ଗସୁଖ । ଏହି ଚିରନ୍ତନ ଅନୁଭବ ତାଙ୍କ କବିତାରେ ଅଭିବ୍ୟକ୍ତି ଲାଭ କରିଛି । ଭାବଜଗତରେ ନୂତନ ବା ଅପାରମ୍ପରିକ ନ ହେଲେ ହେଁ କବି ପଦ୍ମଚରଣ

Digitized by PPRACHIN, SOA

ସ୍ୱସର୍ଜନରେ ନାରୀ ପ୍ରେମର ଜୟଗାନ କରିଛନ୍ତି । ଅପ୍ରାପ୍ତ ପ୍ରେମକୁ ମୃତ୍ୟୁପରେ ସନ୍ଧାନ କରିବା ନିମିତ୍ତ କବି ଆଶାୟୀ–

"ଥିଲୁ ଧ୍ରୁବତାରା ମୋର ନ ହେବୁ ତୁ ଊଣା
କାଳେ କାଳେ ରଖିଥିବୁ ତୋ ସ୍ନେହ କରୁଣା"
– 'ପ୍ରବାସୀ ସୈନିକର ଶେଷ ଚିନ୍ତା' 'ପଦ୍ମପାଖୁଡ଼ା' ପୃ.୭୧

କିମ୍ବା

"ମର୍ତ୍ତ୍ୟର ସଙ୍ଗେ ସ୍ୱର୍ଗ ଛନ୍ଦିଲା/ଜୀବନ ସଙ୍ଗରେ ମୃତ୍ୟୁ/ପ୍ରଣୟ ପ୍ରବାହେ ଉଜାଣି ଉଠି ସେ/ବାନ୍ଧିଲା ଶୂନ୍ୟ ସେତୁ"
– 'କବିର କୃତଜ୍ଞତା' ପଦ୍ମପାଖୁଡ଼ା, ପୃ. ୧୦)

ଦେହ ବିଦେହର ଅଭିଳାଷ

ପ୍ରକୃତପକ୍ଷେ କବି କୁନ୍ତଳାକୁମାରୀ ସାବତଙ୍କ କବିତାରେ ନାରୀ ଅସ୍ତିତ୍ୱର ବାସ୍ତବ ଚିତ୍ର ଉଜଳତର ହୋଇ ଅଭିବ୍ୟକ୍ତି ଲାଭ କରିଛି । ରକ୍ତ ମାଂସର ନାରୀ, ଆଶାସ୍ୱପ୍ନର ନାରୀ, ପ୍ରେମପ୍ରଣୟର ନାରୀ ପୁଣି ଅଧ୍ୟାତ୍ମାନୁଭବର ନାରୀ ଏ ସକଳ ବୈଶିଷ୍ଟ୍ୟରେ ନାରୀକୁ ପ୍ରମୂର୍ତ୍ତ କରିଛନ୍ତି କୁନ୍ତଳା । ନାରୀର ସ୍ୱତନ୍ତ୍ର ପୀଡ଼ା, ଆନନ୍ଦ ଓ ଗଭୀର ଜୀବନଦର୍ଶନକୁ ସ୍ୱାନୁଭବ ମାଧ୍ୟମରେ ପ୍ରତ୍ୟକ୍ଷ କରି ଯଥାର୍ଥ ରୂପପ୍ରଦାନ କରିଛନ୍ତି । ନିଜେ ଜଣେ ପ୍ରେମିକା, ଜଣେ ସେବିକା (ଡାକ୍ତରାଣୀ), ଜଣେ ବିପ୍ଳବିଣୀ ଓ ଜଣେ ସଂଗଠିକା– ଏହି ସବୁ ଭୂମିକାରେ ଅଧିରୂଢ଼ା ହୋଇ କୁନ୍ତଳା ନାରୀର ଅନ୍ତର୍ମନକୁ ଗଭୀରଭାବେ ସ୍ପର୍ଶ କରିଛନ୍ତି । ସ୍ୱଜୀବନଯାତ୍ରାରେ ନାରୀଭାବେ ବିଭିନ୍ନ ପ୍ରତିକୂଳତାକୁ ସାମ୍ନା କରି, ତା' ସହ ଯୁଝି ଯୁଝି ସେ ଅକାଳ ମୃତ୍ୟୁ ବରଣ କରିଛନ୍ତି । ତଥାପି ଏହି ମହୀୟସୀ ହିଁ ଓଡ଼ିଆ କବିତାରେ ନାରୀର ଅନ୍ତର୍ବେଦନାର ସ୍ୱରକୁ ଉଦାତ୍ତ କରିଛନ୍ତି । ନାରୀ ସଚେତନତା ତାଙ୍କ ରଚନାରେ ଯଥେଷ୍ଟ ତୀବ୍ରତା ଲାଭ କରି ନ ଥିଲେ ମଧ୍ୟ ନାରୀ ସ୍ଥିତିର ବିଭିନ୍ନ ବିଭାବକୁ ସେ ମନୋଜ୍ଞଭାବେ ରୂପାୟିତ କରିବା ନିମନ୍ତେ ଆନ୍ତରିକ ପ୍ରୟାସ କରିଛନ୍ତି ।

କଳ୍ପଲୋକର 'ଅରୂପ କୁସୁମ'

ତତ୍କାଳର ଆବଶ୍ୟକତା ଅନୁସାରେ ଜାତୀୟତାଦ୍ୱାରା ଉଦ୍‌ବୁଦ୍ଧ ସତ୍ୟବାଦୀ କାବ୍ୟଚେତନା ନାରୀ ବ୍ୟକ୍ତିତ୍ୱର ବିଶିଷ୍ଟତା ପ୍ରତି ଧ୍ୟାନଶୀଳ ହୋଇ ନ ଥିଲା । ସବୁଜ ଚେତନାନୁସାରୀ କଳ୍ପନାବିଳାସୀ କବିଗଣ କିନ୍ତୁ ନାରୀ ସ୍ଥିତି ପ୍ରତି କିଛିଟା ଧ୍ୟାନଶୀଳ ହୋଇଥିଲେ । ସବୁଜକବିଗଣ ନାରୀପ୍ରତି ଉଦାସୀନ ନ ଥିଲେ ସତ, ମାତ୍ର ନାରୀକୁ ରହସ୍ୟମୟୀ ମନେ କରୁଥିଲେ । କଳ୍ପଲୋକର ସୁନ୍ଦରୀଭାବେ ଗ୍ରହଣ କରୁଥିଲେ । ଆକାଶୀ ପ୍ରେମପ୍ରତିମାକୁ ଆଶ୍ରୟ କରିଥିଲା ଅନ୍ନଦାଶଙ୍କରଙ୍କ ତରୁଣ ପ୍ରାଣ – "ସ୍ୱପନ ରସ ରାଗେ/ଯେ ରୂପ ମନେ ଜାଗେ ସେ ସିନା ମାନସୀ ତୋ/ସେ ନୁହେଁ ମାନବୀ ତ !"
'ମାନସୀ ଓ ମୁଁ' ସବୁଜ କବିତା ପୃ. ୧୯

Digitized by PPRACHIN, SOA

ଅନ୍ନଦାଙ୍କ ସାମସମୟିକଭାବେ ଆସନ୍ତି କବି କାଳିନ୍ଦୀଚରଣ । ତାଙ୍କ ସୃଷ୍ଟିସମ୍ଭାର ମଧ୍ୟରେ ପ୍ରକଟିତ ପ୍ରେମାନୁଭୂତି ମୁଖ୍ୟତଃ ସ୍ୱପ୍ନ ଓ ସୁଦୂରର ଆକର୍ଷଣକୁ ନେଇ ଗଢ଼ିଉଠିଥିଲା । ନାରୀର ରୂପ ବିହ୍ୱଳ କବି-ଦୃଷ୍ଟି ଆକାଶୀ ପ୍ରତିମାପାଇଁ ଉନ୍ମୁଖ ଥିଲା । ତଥାପି ପ୍ରଣୟିନୀ ନିମନ୍ତେ ପ୍ରେମପତ୍ରଟିଏ ରଚିବା ନିମିତ୍ତ କବି ଅନ୍ତର ଆକୁଳ ଥିଲା । ତେବେ କାଳିନ୍ଦୀଚରଣ ଅନ୍ତତଃ ନାରୀକୁ 'ମରମୀ,' 'ଦରଦୀ ସଖୀ' ଭାବେ ବୁଝିଛନ୍ତି । ଆକାଶ ସହ ମେଦିନୀକୁ ଯୋଡ଼ି ବସନ୍ତି କବି । ତାଙ୍କର 'ତୃତୀୟ ଜୋଛନା' ସମା ସେହି ପ୍ରଣୟିନୀ ପୁଣି ଚିଟାଉଟିଏ ପଢ଼ିବାର ଯୋଗ୍ୟତା ରଖନ୍ତି । 'ମରମେ ଲେଖଇ ବିରହ ଯାହାର ଦୁରୂହ ବ୍ୟଥା/ମିଳନ ଯାହାର ସଜଳ କରଇ କଜଳପତା–

ସେହି ସେ ମନର ମାନସୀ ଆଶାରେ ଝୁରଇଁ ବସି
ତା' ଲାଗି ଚିଟାଉ ଲେଖିବାକୁ ମୁହିଁ ଖୋଜଇ କଥା''

– 'ମାନସୀ'

ଅନ୍ୟତମ ସବୁଜ ସାରଥି ବୈକୁଣ୍ଠନାଥଙ୍କ କବିତାଗୁଡ଼ିକରେ ସମ୍ଭୋଗଲିପ୍ସାରହିତ, ମୁଗ୍ଧ ଦୃଷ୍ଟିସଂପନ୍ନ ଏକ ବିହ୍ୱଳ ପ୍ରେମମୟ ଅନ୍ତରର ଚିତ୍ର ଦେଖିବାକୁ ମିଳିଥାଏ । ପ୍ରାଣପ୍ରିୟା ସହ ମିଳନକୁ ଏକ ସହଜସତ୍ୟରୂପେ ସେ ଗ୍ରହଣ କରନ୍ତି, ତାଙ୍କ ଦୃଷ୍ଟିରେ ପ୍ରୀତି ମରଣଜୟୀ । ସେଥିପାଇଁ ତାଙ୍କ କାବ୍ୟନାୟକ କହେ– 'ମରଣ ଛାୟା ମୋର ପରାଣ ଘେରିଥିଲା ସୋହାଗି !– ଜିଣିଛି ମରଣକୁ ପୀରତି ଗୀତେ ଆଜି ତୋ ଲାଗି ।''

– 'ରୂପକଥା' ।

କବିଙ୍କ ପ୍ରେମ ପ୍ରତୀକ ମାଧ୍ୟମରେ ଅଭିବ୍ୟକ୍ତ । 'ରହସ୍ୟ' ଓ 'ଅରୂପ କୁସୁମ' ତାଙ୍କ ପ୍ରଣୟିନୀର ପ୍ରତୀକ ରୂପ । ଏହି ସବୁଜ କବିତାମାନଙ୍କରେ ତେଣୁ ବାସ୍ତବାଶ୍ରୟୀ ନାରୀ ସତ୍ତାର ବିଶିଷ୍ଟତା କାହୁଁ ଆସିବ ?

ବିଂଶ ଶତକର କାବ୍ୟକୃତିରେ ପ୍ରେମ ଓ ପ୍ରଣୟର ରୂପକାର କବି ମାନସିଂହ ଯଥାର୍ଥରେ ନାରୀର ରକ୍ତମାଂସର ସ୍ଥିତିକୁ ସ୍ୱୀକାର କରିଛନ୍ତି । ତାଙ୍କ ପ୍ରଣୟିନୀ 'ତୃତୀୟ ଜୋଛନା', 'ଅରୂପ କୁସୁମ' ନୁହେଁ । ସେ ଶରୀରଧାରିଣୀ ରୂପସୀ, ପ୍ରେମପ୍ରବଣା । ତା'ର ପ୍ରେମାବେଗକୁ ସମାଜ ଓ ପରିବାର ସ୍ୱୀକାର କରେ ନାହିଁ । ସେ ଲାଞ୍ଛନା ଭୋଗେ । କାରଣ, ପୁରୁଷପାଇଁ ପ୍ରେମକ୍ଷେତ୍ରରେ ପ୍ରତିବନ୍ଧକ ତୀବ୍ର ନୁହେଁ, ମାତ୍ର ନାରୀ, ପୁଣି ବିବାହିତା, ତା' ପକ୍ଷେ ପର-ପୁରୁଷ ପ୍ରେମଗର୍ହିତ । ତେଣୁ କବି ନିଜର ଓ ପ୍ରଣୟିନୀର ଅନ୍ତର୍ବେଦନାର ମାର୍ମିକ ଚିତ୍ର ଆଙ୍କନ୍ତି । ରୂପ ଓ ପ୍ରେମ ମରଣ-ବିଜୟୀ, ଏହା ତାଙ୍କ କବିତାର ଅନ୍ତଃସ୍ୱର– ''ସେ କିନ୍ତୁ ମରି ଯେ ନାହିଁ– ମିଥ୍ୟା ସେ ବଚନ/ବିଶ୍ୱେ ନାହିଁ ରୂପ ଆଉ ସ୍ନେହର ମରଣ ।'' – ଗ୍ରନ୍ଥାବଳୀ, ପୃ. ୩୦୮ । ନାରୀ ଏଠାରେ ଶରୀରଧାରିଣୀ, ସାଧାରଣୀ, ପରକୀୟା ଓ ସ୍ଥଳବିଶେଷରେ ସ୍ୱକୀୟା । ତାଙ୍କ ରଚନାରେ ନାରୀସତ୍ତାର

Digitized by PPRACHIN, SOA

ଏକ ନୂତନ ବ୍ୟାଖ୍ୟା ଦେଖିବାକୁ ମିଳେ, ମାତ୍ର ଏହା ମଧ୍ୟ ନାରୀର ରୂପ, ସାନ୍ନିଧ୍ୟ ଓ ପ୍ରେମାବେଗଜନିତ ଉପଲବ୍ଧିର ଚିତ୍ରଣ । ରୂପର ପୂଜା ସର୍ବଦା ସୁନ୍ଦର ଓ ମହିମାମୟ । କବିଙ୍କ ରଚନାରେ ତେଣୁ ନାରୀ ପ୍ରତି ଏକ ସମ୍ମାନଜନକ ଦୃଷ୍ଟିଭଂଗୀ ପ୍ରତିଫଳିତ । ସାମସମୟିକ କବି ରାଧାମୋହନ ଗଡ଼ନାୟକ ନାରୀସତ୍ତା ଉପଲବ୍ଧି କ୍ଷେତ୍ରରେ ସବୁଜ ଗୋଷ୍ଠୀର ଅନୁବ୍ରତୀ । ତେବେ ନାରୀକୁ ଦେବୀ ଆସନରେ ଅଧିଷ୍ଠିତା କରାଇଛନ୍ତି କବି । ସେ ନାରୀ ହୁଏତ ତାଙ୍କର ପ୍ରେମିକା ନୁହେଁ, ସେ ଚିରନ୍ତନୀ– ତା'ର ରୂପକ 'ମାଟି' । ମାଟିକୁ ନାରୀ ରୂପରେ ପ୍ରତିଷ୍ଠା ଦେଇ, ତା'ର 'ସୁନ୍ଦରୀ', 'କଲ୍ୟାଣୀ' ସତ୍ତାପ୍ରତି ସମ୍ମାନ ଅର୍ପଣ କରିଛନ୍ତି । ମାତ୍ର ସେତେବେଳକୁ ବିଂଶ ଶତକରେ ଯେଉଁ ନୂତନ ନାରୀତ୍ୱ ବିକାଶଲାଭ କରିବା ନିମିତ୍ତ ଅପେକ୍ଷମାଣା ଥିଲା, କେତେକାଂଶରେ ଆତ୍ମସଚେତନତାର ଅଧିକାରିଣୀ ହୋଇସାରିଥିଲା, ଉପରୋକ୍ତ କବିମାନଙ୍କ ରଚନାରେ ସେହି ନାରୀତ୍ୱର ଭବ୍ୟ ରୂପର ଚିତ୍ର ଅନୁପସ୍ଥିତ । ଚିରାଚରିତ ଆବେଗଜର୍ଜର, କଲ୍ୟାଣମୟ, ଆଦର୍ଶ ନାରୀଚିତ୍ର ଏହି କବିମାନଙ୍କ କବିତାରେ ରୂପ ପରିଗ୍ରହଣ କରିଅଛି ।

'ଖାକୀର ହସ' ଓ 'ସିନେମାର ହାଣ୍ଡବିଲ୍'

ବିଂଶ ଶତକର ପ୍ରଥମାର୍ଦ୍ଧରେ ନାରୀର ପରିବର୍ତ୍ତିତ ଚିତ୍ର ଓ ନାରୀ ଅସ୍ତିତ୍ୱର ଏକ ନୂତନ ଅନ୍ୱୟ ପରିଦୃଷ୍ଟ ହୁଏ କବି ସଚ୍ଚିରାଉତରାୟଙ୍କ କାବ୍ୟକବିତାରେ । ତାଙ୍କ କବିତା 'ପ୍ରତିମା ନାୟକ', 'ଅଳକା ସାନ୍ୟାଲ୍' ଓ କାବ୍ୟ 'ଭାନୁମତୀର ଦେଶ'ର ନାୟିକା ବିନତା ନାରୀର ଏଯାବତ୍ ପ୍ରକଟିତ ରୂପସତ୍ତାଠାରୁ କେତେକାଂଶରେ ଭିନ୍ନ । ପ୍ରତିମା ନାୟକ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଭାରତୀୟ ନାରୀର ଅସହାୟତାକୁ ଅଭିବ୍ୟକ୍ତ କରୁଥିଲାବେଳେ, 'ଅଳକା ସାନ୍ୟାଲ୍' ପୁରାଣ ଓ ଇତିହାସର ପରିପ୍ରେକ୍ଷୀରେ ପୁଣି ସାଂପ୍ରଦାୟିକ ଦଙ୍ଗାରେ ହିଂସା, ବୀଭତ୍ସତାର ଶିକାର ହୋଇଥିବା ନାରୀର ବିଭଙ୍ଗ ଅସ୍ତିତ୍ୱକୁ ଉଦ୍‌ଘାଟନ କରେ ।– 'ପ୍ରତିମା ନାୟକ ହସେ, ଓଠେ ତା'ର ସ୍ୱପ୍ନର ଆଭାସ/ମୁହଁରେ ଖାକୀର ହସ, ଆଖିରେ ତା' ରାତିର ଇସାରା/ଦୁଇ ପାଖେ ଦ୍ରୁତ ବନ, ଗତିବାନ୍ ନକ୍ଷତ୍ରର ଧାରା'' – ('ପ୍ରତିମା ନାୟକ' ଶଙ୍ଖ, ୧ମ ବର୍ଷ, ୫ମ ସଂଖ୍ୟା, ନଭେମ୍ବର ୧୯୪୫) ତେବେ, ସଚ୍ଚିବାବୁଙ୍କ ରଚନାରେ ପରିସ୍ଫୁଟ ଆତ୍ମସଚେତନ, ସାହସିନୀ ନାରୀ ଚରିତ୍ର 'ବିନତା' । ସେ ଉଚ୍ଚଶିକ୍ଷିତା, ପ୍ରେମପ୍ରବଣା, ମାତ୍ର ପ୍ରେମ ନିମିତ୍ତ ନିଜ ବ୍ୟକ୍ତିତ୍ୱକୁ, ରୁଚିକୁ ବଳି ଦେବାପାଇଁ ପ୍ରସ୍ତୁତ ନୁହେଁ । ପ୍ରେମିକକୁ ସେ ପରିତ୍ୟାଗ କରିଛି, ବିବାହକୁ ସର୍ବଶେଷ ସତ୍ୟ ରୂପେ ମାନି ନେଇ ନାହିଁ । ବିନତାର ଚରିତ୍ରରେ ନାରୀ ଅସ୍ତିତ୍ୱର ଦୃଢ଼ତା ଅନେକାଂଶରେ ପ୍ରତିଷ୍ଠା ପାଇଛି । ଏହା ନୂତନ ବିଚାର ବୋଧର ସୂଚନା ପ୍ରଦାନ କରିଥାଏ । ସମକାଳୀନ କବି ଅନନ୍ତ ପଟ୍ଟନାୟକ ମୁଖ୍ୟତଃ ସାମାଜିକ ବୈଷମ୍ୟର ରୂପକାର, ତେଣୁ ବିପ୍ଳବର ଆହ୍ୱାନକୁ ସେ ସ୍ଥାନେ ସ୍ଥାନେ ନାରୀକୁ 'ସଖୀ' ବା 'ସଜନୀ' ସମ୍ବୋଧନ କରି ନାରୀ ସମକ୍ଷରେ ଉଚ୍ଚାରଣ କରିଛନ୍ତି ମାତ୍ର । ପରବର୍ତ୍ତୀ କବି ଗୁରୁପ୍ରସାଦ ମହାନ୍ତି ଆଧୁନିକ ନାରୀର ଅନ୍ତଃସ୍ୱରୂପ

Digitized by PPRACHIN, SOA

ଉଦ୍‌ଘାଟନ କରିଛନ୍ତି । ତାଙ୍କ ରଚିତ 'ଅଳକା ସାନ୍ୟାଲ୍' ସ୍ୱାଧୀନତା ପରବର୍ତ୍ତୀ କାଳରେ ଜୀବନ ବଞ୍ଚୁଥିବା ଏକ ବୃତ୍ତିଜୀବିନୀ ନାରୀର ଜୀବନ ଚିତ୍ର ବହନ କରେ । ସଚ୍ଚିବାବୁଙ୍କ 'ଅଳକା ସାନ୍ୟାଲ' ପୁରାଣ ଓ ଇତିହାସରୁ ମୁକୁଳି ଦେଶ ବିଭାଜନ କାଳରେ ନୂଆଖାଲିରେ ହିଂସା, ଧର୍ଷଣର ଶିକାର ହୋଇଛି । କିନ୍ତୁ ଗୁରୁପ୍ରସାଦଙ୍କ ଅଳକା ସ୍ୱାଧୀନ ଭାରତରେ ଶିକ୍ଷିତା, ଉପାର୍ଜନକ୍ଷମା ସାଧାରଣ ନାରୀର ଜୀବନ ସଙ୍କଟକୁ ସାମ୍ନା କରିଛି । କେବେ ସେ ବିଜ୍ଞାପିତା ନେତ୍ରୀ ତ କେବେ ବିଫଳ ପ୍ରେମିକା । ଗୁରୁବାବୁ ନାରୀର ଅନ୍ତଃସତ୍ତାକୁ ନିରୀକ୍ଷଣ କରିଛନ୍ତି, ହୁଏତ ଚିହ୍ନିଛନ୍ତି ବି, ମାତ୍ର ଖୁବ୍ ଆନ୍ତରିକତା ସହ ନାରୀସତ୍ତାକୁ ଚିତ୍ରଣ କରି ନାହାନ୍ତି । ''ତା' ଭିତରେ ତୁମେ ପୁଣି ପ୍ରେମ କର, ଗର୍ଭବତୀ ହୁଅ/ସିନେମାର ହାଣ୍ଡବିଲ୍ ମୁଁ ଦେଖୁଛି ତୁମରି ଦେହରେ ପବନ ତୁମକୁ ଯେବେ ଆସ୍ତେ ନିଏ ବାଲିରୁ ସାଉଁଟି/ମୁଁ ତୁମର ସ୍ୱପ୍ନ ଦେଖେ/ମୋର ଢିଲା ପାଇଜାମା, କାମିଜ୍‌ର ଅମରାବତୀରେ ।''
– ଅଳକା ସାନ୍ୟାଲ୍' ।

ସେ ଓ କବି ସଚ୍ଚିଦାନନ୍ଦ ନାରୀର ଜୀବନ ସଂଘର୍ଷ ଓ ବିପର୍ଯ୍ୟୟଠାରୁ ଦୂରରେ ଠିଆହୋଇ, ତା'ର ବଞ୍ଚିବାକୁ ରୂପ ପ୍ରଦାନ କରିଛନ୍ତି । କବି ଇଲିଅଟ୍‌ଙ୍କ ଆଧୁନିକତାର ଏହା ଏକ ବିଭାବ । 'Poetry is an escape from emotions...'– T.S. Eliot. ତେଣୁ ସଂକଟ ଦାଢ଼ରେ ଠିଆ ନାରୀ ସତ୍ତା ପ୍ରତି ତାଙ୍କଠାରେ ହୁଏତ ଯଥେଷ୍ଟ ସହାନୁଭୂତି ପରିଦୃଷ୍ଟ ହୋଇ ନାହିଁ । ତଥାପି ଏ ଦୁଇ କବି ଯେ ବିଂଶ ଶତକର ପ୍ରଥମାର୍ଦ୍ଧର ନାରୀକୁ ନୂଆ ଭାବରେ ଚିତ୍ରଣ କରିଛନ୍ତି, ଏହା ସ୍ୱୀକାର କରିବାକୁ ହେବ ।

କାବ୍ୟସର୍ଜନର ବିଡ଼ମ୍ବନା

ତତ୍କାଳର ଜଣେ ଉଲ୍ଲେଖନୀୟା କବି ବିଦ୍ୟୁତ୍‌ପ୍ରଭାଦେବୀ ନାରୀର ଜୀବନ ଯନ୍ତ୍ରଣା ଏବଂ କାବ୍ୟରଚନାର ଅନିବାର୍ଯ୍ୟତା ବିଷୟରେ ସ୍ୱ ଅନୁଭୂତି ଓ ଅଭିଜ୍ଞାନ-ଲବ୍ଧ ଅନେକ ଆବେଗମୟ ଚିତ୍ର ପ୍ରକଟ କରିଯାଇଛନ୍ତି । ସେ ଉଚ୍ଚଶିକ୍ଷିତା ନ ଥିଲେ, ଆର୍ଥିକ ଦିଗରୁ ସ୍ୱାବଲମ୍ବନଶୀଳା ମଧ୍ୟ ନ ଥିଲେ । ତଥାପି କାବ୍ୟରଚନା ଓ ପଠନ କ୍ଷେତ୍ରରେ ତାଙ୍କ ସାଧନା ଦିଗରେ ନାରୀଟିଏ ହୋଇଥିବାରୁ ବହୁ ବାଧା ଓ ବିଡ଼ମ୍ବନା ଭୋଗିଛନ୍ତି । ସେ କାଳରେ ଝିଅଟିଏ ଯେ ନାନା ଲାଞ୍ଛନା ଓ ଦୁଃଖ ନୀରବରେ ବରଣ କରି ନେଉଥିଲା, ତାହା ତାଙ୍କ ରଚିତ 'ଶିଉଳି ପଡ଼େ ଝରି' କବିତାରୁ ସୁସ୍ପଷ୍ଟ । ସ୍ୱ ଜୀବନସାଧନା ଓ କାବ୍ୟରଚନା-ସଂପ୍ରୀତିର ଏକ ବିଡ଼ମ୍ବିତ ପରିସ୍ଥିତି ତାଙ୍କ ରଚନାରେ–

''ଏଣେ ନାରୀ ଜୀବନ ତ ରଡ଼ ନିଆଁ
ତେଣେ ଗୃହ ଜଞ୍ଜାଳ କିରାସିନି' – କିମ୍ବା

''ଏଣେ ପିଠଉ ହେଇଚି ଦରବଟା / ଆଲୋ କୁଆଡ଼େ ଗଲା କି ବଡ଼ବୋହୂ''
× × ''ମୁଁ କି ଲେଖିଦେଇଚି ଯେ ଜୀବନଟା / ସଦା ବିକି ଦେଇଥିବି ଘର କାମେ– ''

Digitized by PPRACHIN, SOA

ଗୃହକର୍ମ, ସନ୍ତାନ ଜନ୍ମ ଓ ଲାଳନ ମଧ୍ୟରେ ନାରୀର ଭୂମିକା ସୀମିତ । ସେଥିପ୍ରତି ମର୍ମାହତା କବି ତୀବ୍ର ନ ହେଲେ ବି ସ୍ପଷ୍ଟ ପ୍ରତିବାଦର ଅନୁଚ୍ଚ ସ୍ୱରଟିଏ ଶୁଣାଇଛନ୍ତି ।

ସ୍ୱପ୍ନର ନାୟକ ଓ ସାହସିକତା

୧୯୬୦ କାଳକୁ ସ୍ୱରଚନାରେ ଯେଉଁ କବି ନାରୀ ମନସ୍ତତ୍ତ୍ୱର ନିର୍ଭୀକ ଓ ସଫଳ ରୂପାୟନ କରିଛନ୍ତି, ସେ ହେଉଛନ୍ତି କବି ବ୍ରହ୍ମୋତ୍ରୀ ମହାନ୍ତି । ନାରୀ ବ୍ୟକ୍ତିତ୍ୱର ନିବିଡ଼ ଆକାଙ୍‌କ୍ଷା ଓ ଗଭୀର ମନନଶୀଳତାକୁ ସେ ନିଜ କବିତାରେ ଅଭିବ୍ୟକ୍ତ କରି ସାହସିକତାର ପରିଚୟ ଦେଇଛନ୍ତି । ନାରୀର ପ୍ରେମ ପ୍ରଣୟ, ଅଭିଳାଷ, ସ୍ୱପ୍ନ ତଥା ଜିଜ୍ଞାସାକୁ ଗଭୀର ଅନୁଶୀଳନ ମାଧ୍ୟମରେ ନିଜସ୍ୱ କରିଛନ୍ତି ବ୍ରହ୍ମୋତ୍ରୀ । ନାରୀ କାନ୍ଧରେ ବସିଥିବା ତଥାକଥିତ 'ପତି ପରମଗୁରୁତ୍ତ୍ୱ' ଓ 'ପତିପ୍ରାଣତାର ମୋହର'କୁ ସେ ଅସ୍ୱୀକାର କରିଛନ୍ତି । ତାଙ୍କ ରଚନାରେ–

> ''ମୁଁ ଯଦି କେବେ ସ୍ୱପ୍ନ ଦେଖେ ରାଜକୁମାର ଜଣେ
> ଚୁମ୍ବନରେ ଅଧୀରା କରେ ମୋତେ...''

ବିବାହିତା ନାରୀଟି ସ୍ୱପ୍ନରେ ଦେଖିଥିବା ରାଜପୁତ୍ରର ଆଲିଙ୍ଗନ ଓ ଚୁମ୍ବନକୁ ବିହ୍ୱଳଭାବେ ସ୍ମରଣ କରୁଛି ଓ ଏକଥା ଜଣାଉଛି ଯେ, ସ୍ୱପ୍ନ ଭାଙ୍ଗିଲା ପରେ ଏହି ଘଟଣାଟି ସତୀତ୍ୱବାଧକ ହେବାଭଳି ସେ ମନେକରୁ ନାହିଁ ଓ ସତୀତ୍ୱର ସୁରକ୍ଷାପାଇଁ ପଞ୍ଚସତୀଙ୍କ ପୁଣ୍ୟ ନାମକୁ ଘୋଷୁ ନାହିଁ । ଏହା ଏକ ସତେଜ ସ୍ୱୀକାରୋକ୍ତି ନିଶ୍ଚୟ ।

୧୯୬୦ ମସିହା ବେଳକୁ ଓଡ଼ିଆ କାବ୍ୟ ସାହିତ୍ୟର ବିସ୍ମୟ ରୂପେ ନିଜସ୍ୱ ପରିଚୟ ରଖନ୍ତି କବି ରମାକାନ୍ତ ରଥ । ତାଙ୍କ ରଚିତ 'ଚନ୍ଦ୍ରମାର ଚୁଡ଼ି' କବିତାଟି ଓଡ଼ିଆ ପାଠକଙ୍କ ନିକଟରେ ମିଥ୍ ପାଲଟି ଯାଇଛି । ଚନ୍ଦ୍ରମା ସହରୀ ବସ୍ତି ଜୀବନର ଏକ ଦୁଃସହ ପ୍ରତିଲିପି । ସ୍ୱାମୀ ମୃତ, ବଞ୍ଚିବାର ସଂକଟରେ ଚନ୍ଦ୍ରମା ଦେହଜୀବିନୀ । ଜଣେ ବାରନାରୀର ଅନ୍ତର୍ମନକୁ ଅନୁଶୀଳନ କରି କବି ଏକ ଚିରନ୍ତନ ନାରୀର କାରୁଣ୍ୟର ପରିଚୟ ପାଇଛନ୍ତି । ପ୍ରତି ରାତିରେ ଗ୍ରାହକ ସହ ଦେହ ମିଳନର ବିସ୍ୱାଦକର ଅନୁଭୂତିରୁ ଚନ୍ଦ୍ରମାର ଅସହାୟତା ବଡ଼ ମର୍ମାନ୍ତିକ ମନେ ହୁଏ । ଗ୍ରାହକ ତା'ର ରୁଚିର ପୁରୁଷ ନୁହେଁ – ତା' ସହ ଶରୀର ସଂଭୋଗ ବିସ୍ୱାଦକର । ପତିର କୋମଳ ସ୍ମୃତି ମାନସପଟରେ ବିଜଡ଼ିତ ଥିଲେ ହେଁ ଚନ୍ଦ୍ରମା ଜୀବନର କଠୋର ଅଗ୍ନିପରୀକ୍ଷା ଭିତରେ ଅଗ୍ରସର ହୁଏ । ବଞ୍ଚିବା ନିମିତ୍ତ ଅର୍ଥକରୀ ଏହି ଉପାୟ ବିନା ତା'ର ଅନ୍ୟ ଗତି ଯେ ନ ଥାଏ । ଚନ୍ଦ୍ରମାର ଅନ୍ତରର ପୀଡ଼ା ଓ ବିସ୍ୱାଦକୁ କବି ରୂପ ଦିଅନ୍ତି–'' ଆଶ୍ଳେଷର ହରିକାଠେ ଚନ୍ଦ୍ରମାର ଅନୁଭୂତି ମଲା/ ଝାଳର ଗନ୍ଧରେ ତା'ର ଲୁପ୍ତ ହେଲା ସମଗ୍ର ଚେତନା/ ଚୁମ୍ବନର ଚାବୁକ୍‌ରେ ଗାଲ ଆଉ ଛାତିରୁ ଜୀବନ/କୃପଣର ଧନ ପରି ଅନ୍ଧାରର ସିନ୍ଧୁକେ ଲୁଚିଲା ।''– 'ଚନ୍ଦ୍ରମାର ଚୁଡ଼ି' ଏକବିଂଶ ଶତକର ପ୍ରାରମ୍ଭ କାଳରେ ମଧ୍ୟ ଚନ୍ଦ୍ରା ବେହେରାଣୀମାନଙ୍କର ସମସ୍ୟା ଓ

Digitized by PPRACHIN, SOA

ବିଡ଼ମ୍ବନା ଅଧିକରୁ ଅଧିକ ଉତ୍କଟ ହୋଇ କାୟା ବିସ୍ତାର କରିଚାଲିଛି, ଚନ୍ଦ୍ରମା ମାତ୍ରେ ଅସହାୟା । ଅଧିକାଂଶ ସ୍ଥଳରେ ଜୀବନର ଯୂପକାଠରେ ବଳି ପଶୁର ସ୍ଥିତି ସେମାନଙ୍କର । ଏହି ସ୍ଥିତି ପ୍ରତି କଟାକ୍ଷରୁ କବିଙ୍କ ନାରୀ ସ୍ଥିତି ପ୍ରତି ସଚେତନତାର ସୂଚନା ମିଳି ଥାଏ ।

ଅଭୀପ୍ସାମୟୀ

କବି ସୀତାକାନ୍ତ ମହାପାତ୍ର ଓଡ଼ିଆ କବିତାର ଏକ ବରିଷ୍ଠ ତଥା ବଳିଷ୍ଠ ସ୍ୱର । ତାଙ୍କ କାବ୍ୟ ମାନସର ନାରୀ ସଚେତନତା ମୁଖ୍ୟତଃ ମିଥିକ୍ ଚରିତ୍ରମାନଙ୍କ ମଧ୍ୟରେ ପ୍ରତୀକିତ । 'କୁବୁଜା', 'ଯଶୋଦା' ଆଦି ନାରୀ ଚରିତ୍ର ଅଧ୍ୟାତ୍ମ ଅଭୀପ୍ସାରେ ଉଚ୍ଚକିତ । କୁବୁଜା ଜୀବନର କୁତ୍ସିତତା ଭିତରେ ବଞ୍ଚିରହି ପରମଙ୍କ ସାନ୍ନିଧ୍ୟପାଇଁ ବ୍ୟାକୁଳ ଓ ପରମର କରୁଣାପ୍ରାପ୍ତି ଆଶାରେ ତା'ର ଅନ୍ତର ଓତପ୍ରୋତ । ନାରୀର ଅନ୍ତର୍ମନର ଅପମାନବୋଧ ଯନ୍ତ୍ରଣା ଓ ତା'ର ପରମପ୍ରତି ଆସ୍ପୃହା ସୀତାକାନ୍ତଙ୍କ କବିତାରେ ରୂପ ପରିଗ୍ରହଣ କରିଥାଏ ।

୧୯୭୫ ପୂର୍ବବର୍ତ୍ତୀ କାବ୍ୟକବିତାରେ ନାରୀ ସଚେତନତାର ସ୍ୱର ଦୃପ୍ତ ନ ଥିଲେ ହେଁ କ୍ରମଶଃ ସେଥିରେ କେତେକ ପରିବର୍ତ୍ତନ ସଂଘଟିତ ହୋଇ ନାରୀର ଅନ୍ତର୍ମନର ବିବିଧ ବର୍ଣ୍ଣବିଭାର ଚିତ୍ର ସମନ୍ୱୟରେ 'ନୂତନ ସଂଧାନୀ' ହୋଇପାରିଛି । ଏହି ପୃଷ୍ଠଭୂମି ଉପରେ ସଂରଚିତ ୧୯୭୫ ମସିହା ପରବର୍ତ୍ତୀ କାବ୍ୟକବିତାରେ ନାରୀର ବିପୁଳ ବ୍ୟକ୍ତିତ୍ୱର ପରିଚୟ କ୍ରମଶଃ ସ୍ପଷ୍ଟ ହୋଇଉଠିଛି । ପୂର୍ବରୁ ନାରୀର ସହଜ ଭୂମିକା ରୂପେ ସ୍ୱୀକୃତ ହୋଇଥିଲା ମାତା, ପତ୍ନୀ, ପ୍ରେମିକା, ଭଗିନୀ ଓ କନ୍ୟାର ଭୂମିକା । କିନ୍ତୁ କବି ଚେତନାରେ କ୍ରମଶଃ ସେ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରୂପେ ସ୍ୱୀକୃତ ହୋଇଛି । ସେ ଏକ ସ୍ୱତନ୍ତ୍ର ସତ୍ତା, ତା'ର କାମନା ବାସନା ରହିଛି, ରହିଛି ସ୍ୱପ୍ନ ଓ କଳ୍ପନା, ରହିଛି ମଧ୍ୟ ଉଚ୍ଚଚିନ୍ତନର ଅଭିଳାଷ । ତ୍ୟାଗ ଓ ସେବାରେ ନାରୀ ହୁଏତ ନିଜ ଜୀବନର ସାର୍ଥକତା ଦେଖେ, ମାତ୍ର ସେ ମଧ୍ୟ ଆଶା କରେ ତା'ର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ବଜାୟ ରହୁ । ବାଧ୍ୟବାଧକତାରେ ତା' ଉପରେ ଲଦି ଦିଆଯାଉଥିବା 'ଭଲପଣ'ର ଭାର ସେ ବହନ କରିବାକୁ ଚାହେଁନା । ନାରୀ ନିଜ ଧୀଶକ୍ତି, ଜ୍ଞାନର ମଧ୍ୟ ବିକାଶ ଲୋଡ଼ିଥାଏ । ସେହି କ୍ରମରେ ବିଂଶ ଶତକର ସମାପ୍ତିକାଳକୁ ନାରୀବ୍ୟକ୍ତିତ୍ୱର ବହୁମୁଖୀ ଚିତ୍ର କ୍ରମଶଃ ପରିସ୍ଫୁଟ ହେବାରେ ଲାଗିଛି । ବହୁ ବର୍ଣ୍ଣବିଭାର ସଂଯୋଗରେ ଉଜ୍ଜ୍ୱଳ ନାରୀର ଚିତ୍ର ୧୯୭୫ରୁ ୨୦୦୦ ମସିହା କାଳ ମଧ୍ୟରେ ବହୁଭାବରେ ବାସ୍ତବମୁଖୀ ଓ ବଳିଷ୍ଠ ହୋଇପାରିଛି । ତା'ର ସ୍ଥିତି ହୋଇଛି ଶକ୍ତିଶାଳୀ ଓ ସେ ନିଜ ମନର ଗୋପନତାକୁ ଉନ୍ମୋଚନ କରିବା ନିମିତ୍ତ, ନିଜ ଦାବି ଉପସ୍ଥାପନ କରିବାପାଇଁ ପ୍ରସ୍ତୁତ ହୋଇଛି । ଆଲୋଚ୍ୟ କାଳରେ ନାରୀ ଅସ୍ତିତ୍ୱ ଏକ ସଦ୍ୟ ଶତଦଳ ଭଳି ପାଖୁଡ଼ା ପରେ ପାଖୁଡ଼ା ଖୋଲି ସୌନ୍ଦର୍ଯ୍ୟ ଓ ସୁଗନ୍ଧ ବିତରଣ କରିବାରେ ପ୍ରୟାସୀ ହୋଇଚାଲିଛି ।

Digitized by PPRACHIN, SOA

ହିଂସାକାଣ୍ଡର ଦାଢ଼ରେ ନାରୀ

[ଦେଶବିଭାଜନ-କାଳ]

ନାରୀ ନିର୍ଯାତନାର ପରିଧି ବହୁ ବ୍ୟାପକ ଓ ଏହାର ବିଭିନ୍ନ ସ୍ୱରୂପ ସମୟକ୍ରମେ ପ୍ରକଟିତ ହୋଇଚାଲିଛି । ଅନ୍ୟପକ୍ଷରେ ସମାଜ ଓ ପରିବାରରେ ନାରୀର ସ୍ଥିତି ଅପରିହାର୍ଯ୍ୟ । ପୁରୁଷପାଇଁ ନାରୀଟିଏ ନ ହେଲେ ନ ଚଳେ । ଅଥଚ ତାକୁ ନିଜ ଭଳି ବିଚାରି ଗ୍ରହଣ କରିନେବାରେ ଅନେକ କାର୍ପଣ୍ୟ । ଏହି 'ନିଜ ଭଳି' ଶବ୍ଦଟିର ଅର୍ଥ ବେଶ୍ ବିପୁଳ । 'ପତ୍ନୀ ମୋର ନିଜର, ମୋ ଅର୍ଥ ପ୍ରତିପତ୍ତି ତାକୁ ହିଁ ନେଇ ଘୂରିବୁଲିବ, ମୋ ସନ୍ତାନମାନଙ୍କର ସେ ଜନ୍ମଦାତ୍ରୀ, ସେ ସର୍ବାଂଶରେ ମୋର ।' ଉପରୋକ୍ତ ବିଚାର ଅନେକ ଧନୀ, ପ୍ରତିପତ୍ତିଶାଳୀ ଲୋକଙ୍କ ମାନସିକତାକୁ ଅଧିକାର କରିଥାଏ । କିନ୍ତୁ ପତ୍ନୀର ବ୍ୟକ୍ତିତ୍ୱକୁ ସମ୍ମାନ ଦେବା, ନିଜ ପ୍ରତି ଯେଉଁ ବ୍ୟବହାର ସହ୍ୟ ହେବ ନାହିଁ, ସେପରି ବ୍ୟବହାର ପତ୍ନୀପ୍ରତି ନ କରିବା, ନିଜ କନ୍ୟାକୁ ତା'ର ପ୍ରାପ୍ୟ ସଂପତ୍ତି ଦାନ କରିବା, ଏହା ହୋଇପାରେ ନାହିଁ । ପୁଣି, ସମାଜରେ ଯେଉଁ କର୍ମ ପାଇଁ ପୁରୁଷ ନିନ୍ଦିତ ହୁଏ ନାହିଁ, ସେହି କର୍ମପାଇଁ ନାରୀଟିଏ ନିନ୍ଦା ଭୋଗେ, ସମାଜ ଓ ପରିବାର ତା'ଠାରୁ କେବଳ ଆତ୍ମୋତ୍ସର୍ଗ ଚାହେଁ, ନିଜ ଇଚ୍ଛାନୁସାରେ କଣ୍ଢେଇକୁ ନଚାଇଲା ଭଳି ନଚାଇବାକୁ ଚାହେଁ । ଅନେକତ୍ର ନାରୀ ପଣ୍ୟଭାବେ ବ୍ୟବହୃତ ହୁଏ । ସତେ କି ସେ ଗୋଟିଏ ଆବଶ୍ୟକୀୟ ପଦାର୍ଥ, ସତେ ବା ଲୁହା ଆଲମାରିଟିଏ । ବ୍ୟବହାର କରିହେବ ଓ ବ୍ୟବହାର ପରେ ତା'ର ଜୀବନ୍ତ ଆଶା, ଆଗ୍ରହକୁ ସଂପୂର୍ଣ୍ଣ ଭୁଲିଯାଇ ହେବ, ଅନ୍ୟ ଏକ ଆବଶ୍ୟକତା ପର୍ଯ୍ୟନ୍ତ । ଏହା ସତ୍ତ୍ୱେ ଆମେ ଜାଣିବାକୁ ପାଉ ଯେ, ସ୍ଥଳବିଶେଷରେ ଏକ 'ଜୀବନ୍ତ ବସ୍ତୁ' ନାରୀଟି ବସ୍ତୁଠାରୁ ବି ଆହୁରି ଅବହେଳା ଓ ନିଷ୍ଠୁରତା ପାଇବାର ଯୋଗ୍ୟା ହୁଏ । ଦେଶ ବିଭାଜନ କାଳର ସାମାଜିକ ତଥା ପାରିବାରିକ ବ୍ୟବସ୍ଥାକୁ ନିରୀକ୍ଷଣ କଲେ ଏହାର ପ୍ରକାଶ ମିଳିଥାଏ ।

ଭାରତର ସୀମାରେ ଦୁଇ ଗୋଟି ଯୁଦ୍ଧ ସଂଘଟିତ ହୋଇଗଲା ପରେ ମଧ୍ୟ ଦେଶ ବିଭାଜନର ଭୟାବହ ଘଟଣା ଓ ଅନୁଭବର କଳା ଛାଇ ଚେତନାର ପରିସରରୁ ଲିଭୁ ନାହିଁ । ମୂଳୋତ୍ପାଟିତ ମଣିଷ ନିଜକୁ ଅନ୍ୟ ଏକ ସ୍ଥାନରେ ଖାପ ଖୁଆଇବାର କୃଚ୍ଛ୍ର ସାଧନା ସାମୂହିକ ସ୍ମୃତି ଭିତରେ ପ୍ରଭାବଶାଳୀ ହୋଇରହିଛି । ହିନ୍ଦୁ, ମୁସଲମାନ, ଶିଖ ଆଦି ସଂପ୍ରଦାୟମାନଙ୍କ ମଧ୍ୟରେ ସଂପର୍କ ରକ୍ତାକ୍ତ ଓ ଛିନ୍ନଭିନ୍ନ ହୋଇଛି । ମାନବିକତା ହୋଇଛି

Digitized by PPRACHIN, SOA

ଭ୍ରଷ୍ଟ । ଗୋଷ୍ଠୀଗତ ବିଭେଦ ଓ ବିଭାଜକ ରାଜନୀତିର ବୀଭତ୍ସ ପରିଣତି ଯୋଗୁଁ ସ୍ୱାଧୀନତା ଆନ୍ଦୋଳନର ତ୍ୟାଗ, ସାହସିକତା ଓ ଉତ୍ସର୍ଗ ଏକ ଗୌରବାବହ କର୍ମରୂପେ ପରିଗଣିତ ନ ହୋଇ ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଛି ।

ସେହି ସମୟରେ ନାରୀର ସ୍ଥିତି କିଭଳି ଥିଲା ? ଭୟାନକ ତ ନିଶ୍ଚୟ । ବୀଭତ୍ସ ଓ ଅମାନବିକ ଆଚରଣର ଶିକାର ହେଲା ସେ । କାରଣ ସେତିକିବେଳେ ହିଁ ସମାଜରେ ନାରୀ ନିର୍ଯାତନା Permissible (ଆଇନ୍‌ସମ୍ମତ ବା ଆଇନ୍‌ଗତ ବିରୋଧରହିତ) ହୋଇଗଲା, ଖୋଲାଖୋଲି ଚାଲିଲା, ତା'ର ପ୍ରତିରୋଧ କରିବାକୁ କେହି ନ ଥିଲେ । ଧର୍ଷଣ ହତ୍ୟା ସହ ଯାବତୀୟ ଆସୁରିକ କ୍ରିୟାକଳାପକୁ କେହି ଦୋଷାବହ ମନେକଲେ ନାହିଁ । ଧର୍ମାନ୍ଧତାର ଦାଢ଼ରେ ନାରୀ ସକଳପ୍ରକାର ବିଭୀଷିକାର ଭୁକ୍ତଭୋଗୀ ହୋଇପଡ଼ିଲା, ସେହି କାଳରେ ଭାରତୀୟ ନାରୀ କେବେ ନିଜ ଇଚ୍ଛାରେ ତ କେବେ ପରିବାରର ସ୍ୱୀକୃତିକ୍ରମେ ଆତ୍ମଘାତୀ ହେଲା । ଏହି ପ୍ରକାର କେତେକ ତଥ୍ୟାନୁସାରୀ ବର୍ଣ୍ଣନାକୁ ଏଠାରେ ଉଲ୍ଲେଖ କରିବା ଅପ୍ରାସଂଗିକ ହେବ ନାହିଁ ।

ଏହି ସାଂପ୍ରଦାୟିକ ଦଙ୍ଗାକାଳରେ କେତେକ ଗ୍ରାମରେ ନିଜ ଲୋକମାନେ ଝିଅ ଓ ବୋହୂମାନଙ୍କୁ କୂଅରେ ପକାଇଦେଲେ, କେତେକ ସ୍ଥାନରେ ଟ୍ରେଞ୍ଚ ଖୋଳି ଜୀଅନ୍ତା ପୋତି ଦେଲେ, ଅନ୍ୟ କେତେକଙ୍କୁ ଜୀଅନ୍ତା ପୋଡ଼ି ଦିଆଗଲା । ଆଉ କେତେକ ମଧ୍ୟ ଇଲେକ୍‌ଟ୍ରିକ୍ ତାରକୁ ଛୁଇଁ ମୃତ୍ୟୁବରଣ କଲେ । ଉଦ୍ଦେଶ୍ୟ, କିପରି ସେମାନଙ୍କୁ ଭିନ୍ନ ସଂପ୍ରଦାୟର ଉତ୍ତ୍ୟକ୍ତ ଲୋକମାନେ ନ ଛୁଅନ୍ତୁ ।

ଦେଶବିଭାଜନ କାଳରେ ଡାକିବଜେଇ ଶତ୍ରୁ ସଂପ୍ରଦାୟ ଆସିଲେ– ପୁରୁଷଲୋକମାନଙ୍କୁ ବାନ୍ଧିନେଲେ, ଯୁବା ଝିଅବୋହୂଙ୍କୁ ଧର୍ଷଣ କଲେ, ମୁଖକୁ କ୍ଷତାକ୍ତ କରିପକାଇଲେ, ସ୍ତନକୁ କାଟିଦେଲେ ଓ ଫିଙ୍ଗିଦେଇ ଚାଲିଗଲେ । ଝିଅବୋହୂଙ୍କ ସାରା ଦେହରେ ଦାନ୍ତ-ଚିହ୍ନ । ସେଇ ଝିଅବୋହୂଙ୍କ ପରିବାର ଲୋକେ କହିଲେ, "ଏଇଲେ ଆମେ ୟାଙ୍କୁ ରଖିବୁ କେଉଁଠି ? ଏମାନେ ମରିଗଲେ ଭଲ ।" ଅତ୍ୟାଚାରିତାମାନଙ୍କ ମଧ୍ୟରୁ ଅଧିକାଂଶ ଅଠର, ପନ୍ଦର, ଚଉଦବର୍ଷ ବୟସର । ସେମାନଙ୍କ ଚରିତ୍ର ଯେ ନଷ୍ଟ ହୋଇଗଲା ! ଜଣକୁ ଆଠ ଦଶଜଣ ଲେଖାଏଁ ଧର୍ଷଣ କରିଛନ୍ତି । ଜଣକର ବାପ ତାକୁ ଘରକୁ ନେବାକୁ ନାସ୍ତି କରି, ତାକୁ ପୋଡ଼ି ମାରିଦେଲା । × × ମାଆମାନେ ଛଟପଟ ହୋଇ କାନ୍ଦୁଥିଲେ 'କ'ଣ ହବ ଏଇଲେ, ଆହା, ଏମାନେ ହେଲେ ଜନ୍ମ ହୋଇ ନ ଥାନ୍ତେ !" 'ଦୁର୍ଗାରାଣୀଙ୍କ ସମ୍ମାନଜନକ ମରଣ'– 'Borders and Boundaries'–by Rita Menon, Kamala Bhasin, II Print, 2004, Publ- Kali for women.

ଉପରୋକ୍ତ ଅତ୍ୟାଚାରର ବିବରଣୀମାନ ହିଂସାକାଣ୍ଡରୁ ବର୍ତ୍ତିଥିବା ଓ ଏହି ବର୍ତ୍ତିଥିବା ନାରୀସମୂହଙ୍କ ଥଇଥାନ ଦିଗରେ କାର୍ଯ୍ୟ କରୁଥିବା ମହିଳାମାନଙ୍କଠାରୁ ଜାଣିବାକୁ ମିଳିଲା । ଏହିଭଳି ନାରକୀୟ ଅତ୍ୟାଚାର ଦେଶ ବିଭାଜନର ପ୍ରାକ୍‌କାଳରୁ ଆରମ୍ଭ ହୋଇ

Digitized by PPRACHIN, SOA

ପଞ୍ଚମଦଶକଯାଏଁ ଚାଲୁରହିଥିଲା । ଏହାର ପୃଷ୍ଠପଟରେ ଯଦିଓ ଐତିହାସିକ କାଳ ଓ ସାଂପ୍ରତିକ ହିଂସା ରହିଥିଲା, ତଥାପି ଏସବୁଥିରୁ ଆମେ ଅଧିକାଂଶ ନାରୀ ଭୋଗୁଥିବା ପ୍ରାତ୍ୟହିକ ଦୁର୍ଦ୍ଦଶା ସଂପର୍କରେ ବେଶ୍ କିଛି ଅନୁମାନ କରିପାରିବା ।

ଦେଶ ବିଭାଜନ କାଳରେ ୧୯୪୭ ଅଗଷ୍ଟ ୨୬ରେ ଗୁରୁନାନକପୁରାଠାରେ ସଂଘଟିତ ହିଂସାକାଣ୍ଡରେ ତତ୍କାଳୀନ ସିଭିଲ୍ ସର୍ଜନ କହିଲେ, "ବିଭିନ୍ନ ପ୍ରକାର ନିର୍ବସ୍ତ୍ର ମହିଳାମାନେ ହସ୍‌ପିଟାଲକୁ ଆସୁଥିଲେ । ଖୁବ୍ ସଂଭ୍ରାନ୍ତ ମହିଳାମାନେ ବି ଏପ୍ରକାର ଦୁର୍ଦ୍ଦଶାରୁ ବାଦ୍ ପଡ଼ି ନ ଥିଲେ । × × × ଏପରିକି ଛଅଗୋଟି ମହିଳାଙ୍କ ବକ୍ଷୋଜ କାଟି ନିଆଯାଇଥିଲା, ସେହି ଅବସ୍ଥାରେ ସେମାନେ ହସ୍‌ପିଟାଲକୁ ଆସିଥିଲେ । ଛଅଜଣଯାକ ମୃତ୍ୟୁବରଣ କଲେ ।"– (ତତ୍ରୈବ)

ସମ୍ମାନଜନକ ମରଣ

ବହୁ ମହିଳା ଲୁଗାପଟା, ବିଛଣାପତ୍ର ଏକାଠି କରି ନିଆଁ ଲଗାଇ, ସେହି ନିଆଁ ଭିତରକୁ ଡେଇଁପଡ଼ି ପ୍ରାଣ ହରାଇଥିଲେ । ମିରଟ, ସୁରଟ, ଭାଗଲପୁର, ଅହମଦାବାଦ ଆଦି ସ୍ଥାନରେ ମହିଳାମାନଙ୍କ ପ୍ରତି ସାଂପ୍ରଦାୟିକ ହିଂସାଚରଣ ହୋଇଥିଲା । ଇତିହାସ ପୃଷ୍ଠାରେ ଓ ଚଳନ୍ତି ସମୟରେ ମହିଳାମାନଙ୍କ ପ୍ରତି ଘଟୁଥିବା ହିଂସାଚରଣ, ବର୍ବରତା ଓ ଯୌନ ବୀଭତ୍ସତାକୁ କଳନା କରି ହେବ ନାହିଁ । ସାରାବିଶ୍ୱରେ ନାରୀପ୍ରତି ହିଂସାଚରଣର ପଟ୍ଟାନ୍ତର ନାହିଁ । ଏଭଳି ଧର୍ଷଣରେ ନାରୀର ଗର୍ଭାଶୟ ହିଁ 'ଅଧିକୃତ ଅଞ୍ଚଳ' ରୂପେ ସାବ୍ୟସ୍ତ ହେଉଛି । "The idea of polluting and cleaning applies especially to women's bodies." (ତତ୍ରୈବ stasa zajovic. p. 44). ଶତ୍ରୁମାନଙ୍କଦ୍ୱାରା ସନ୍ତାନ ଜନ୍ମକରିବା ଅପେକ୍ଷା ଲୋକମାନେ ଗର୍ଭାଶୟକୁ ଖାଲି କରିଦେବାର ଚେଷ୍ଟାରେ କାର୍ଯ୍ୟ କରିଲାଗନ୍ତି । ନାରୀର ସନ୍ତାନ-ଜନ୍ମ ଭୂମିକାଟି ଏତାଦୃଶ ବହୁ ଦୁର୍ଦ୍ଦଶାଦ୍ୱାରା କବଳିତ ହୁଏ । "Worse, the female body itself can be made to seem as if it has turned traitor". (ତତ୍ରୈବ)

ନାରୀର ସମ୍ମାନ ବଞ୍ଚାଇବା, ପୁରୁଷ ଓ ସ୍ୱସଂପ୍ରଦାୟର ସମ୍ମାନ ବଞ୍ଚାଇବା ସହିତ ସମାନ । ମାତ୍ର ଏହି 'ନାରୀ-ସମ୍ମାନ ବଞ୍ଚାଇବା' ଏକ ଭିନ୍ନ ଦୃଷ୍ଟିରୁ ବିଚାର କରାଯାଏ । ଦେଶ ବିଭାଜନ କାଳରେ ନାରୀପ୍ରତି ଅମର୍ଯ୍ୟାଦାର ବହୁ ଲୋମହର୍ଷକ ଘଟଣା ଘଟିଥିଲା । ଅନେକ ପରିବାରରେ ବିଷଦେଇ, ତଣ୍ଟିଚିପି, ପୋଡ଼ିପକାଇ, ହାଣିଦେଇ, ନତୁବା ପାଣିରେ ବୁଡ଼ାଇ ସ୍ତ୍ରୀଲୋକମାନଙ୍କୁ ମାରିଦିଆଗଲା । ନିଜ ଲୋକମାନେ ହିଁ ଏହି କାମ କଲେ । ନାରୀମାନଙ୍କୁ ମାରିଦେଲେ, ଯେଉଁ ନାରୀମାନେ ଆତ୍ମହତ୍ୟା କଲେ, ତାଙ୍କୁ ଏହି ପ୍ରକାର 'ସମ୍ମାନସୂଚକତା' ଗ୍ରହଣ କରିବାକୁ ବାଧ କରାଗଲା । 'ସତୀଦାହ' ପରି ଏହି ମରଣ ବାଧ୍ୟତାମୂଳକ ହେଲା ନାହିଁକି ? ପଞ୍ଜାବରେ ଏକ ପ୍ରବାଦ ଅଛି– ପୁତାର୍, ଔରତ୍ ଦା ଆର ତନ୍ ଭରତି ଦାଣ୍ଡି ଆଇ, ହମେଶା, ଭାନ୍‌ଭେ ଅପନେ ହୋଁ, ଭନ୍‌ଭେ ପରାୟେ"

Digitized by PPRACHIN, SOA

(My child, what of a woman ? It is her lot to be used, either by her own men or by others." (ତତ୍ରୈବ)

ସାଂପ୍ରଦାୟିକ ଦଙ୍ଗାକାଳରେ ନାରୀମାନେ କେମିତି ବଞ୍ଚିଥିଲେ, କହି ହେବ ନାହିଁ। କେହି ସମାଜକର୍ମୀ (Social activist) ବା ସାହିତ୍ୟକାର ସେମାନଙ୍କ ଅନୁଭବକୁ ଯଥାଯଥଭାବେ ବର୍ଣ୍ଣନା କରିପାରିବ ନାହିଁ। ଦିନରାତିର ପ୍ରତ୍ୟେକ ମୁହୂର୍ତ୍ତ ସେମାନଙ୍କୁ ଜୀବନର ଶେଷ ମୁହୂର୍ତ୍ତ ବୋଲି ମନେ ହେଉଥିବ। ଏପରିକି ଜଣେ ଜଣେ ଶିଖ ବା ହିନ୍ଦୁ ନିଜ ହାତରେ ନିଜ ପତ୍ନୀ, କନ୍ୟା, ଭଗିନୀ, ବଧୂ ଆଦି ପ୍ରିୟନାରୀଗଣଙ୍କୁ ଏକତ୍ର ୪୦/୫୦ ସଂଖ୍ୟାରେ ଗୁଳିକରି ମାରିଦେଇଛନ୍ତି, ହିଂସା କନ୍ଦଳ କାଳରେ ଦୁଇପ୍ରକାର ନାରୀହତ୍ୟା ହୁଏ। ପ୍ରଥମତଃ, ଶତ୍ରୁ କବଳରେ ନିର୍ଯାତିତା ଏବଂ ଗର୍ଭବତୀ ହେବା ଅପେକ୍ଷା ନିଜ ଲୋକେ ସେମାନଙ୍କୁ ହତ୍ୟାକରି ଦିଅନ୍ତି। ଦ୍ୱିତୀୟତଃ, ଶତ୍ରୁ ଲୋକେ ଧର୍ଷଣ ଓ ହତ୍ୟା କରନ୍ତି। ନାରୀର ଶରୀରକୁ 'ଇଜ୍ଜତ'ଭାବେ ବିଚାରୁଥିବା ଏତାଦୃଶ 'ନିଜ ଲୋକ'ଙ୍କ ସମକ୍ଷରେ ମୃତ୍ୟୁବରଣ କରିବାକୁ ନାରୀଟି ପ୍ରତିବାଦ କରିପାରେ ନାହିଁ। କହିପାରେନା ଯେ, ସେ ଏପରି ମରିବାକୁ ଚାହେଁନା। ପ୍ରତିବାଦ କଲେ ମଧ୍ୟ ସେକାଳରେ କେହି ଶୁଣନ୍ତେ ନାହିଁ। କାରଣ ନାରୀର ଯୌନବିଚାର ତା'ର ସତୀତ୍ୱ, ପବିତ୍ରତା ଓ ଦୂଷିତତା, ତା'ର ଶରୀରକୁ ହିଁ ନେଇ ବିଚାର କରାଯାଏ। ତେଣୁ ଧର୍ଷିତା ହେବା ପରେ ବା ଧର୍ଷିତା ହେବାପୂର୍ବରୁ ତା' ନିଜ ଲୋକମାନେ ତାହାର ମୃତ୍ୟୁକାମନା କରିଥାନ୍ତି ବା ହତ୍ୟା କରିଥାନ୍ତି।

ଅନ୍ୟପକ୍ଷରେ ଏହା ମଧ୍ୟ ଦେଖାଯାଇଛି ଯେ, ଦେଶ ବିଭାଜନ ପରେ ଅନେକ ସ୍ୱାମୀ, ପିତା ଓ ଭ୍ରାତା ସେମାନଙ୍କ ପତ୍ନୀ, କନ୍ୟା ଓ ଭଗ୍ନୀମାନଙ୍କୁ ଦେହ ବ୍ୟବସାୟରେ ଲିପ୍ତ ରହିବା ନିମିତ୍ତ ପ୍ରରୋଚନା ଦେଇଛନ୍ତି। କାରଣ, ଅର୍ଥ ଉପାର୍ଜନ ହେଲେ ସେମାନେ ବଞ୍ଚିବେ। ବର୍ତ୍ତମାନ କାଳରେ ପୁରୁଷର ବଞ୍ଚିବା ନିମିତ୍ତ ନାରୀର ଶରୀର ଓ ତା'ର ଯୌନ ସ୍ଥିତି ବ୍ୟବହୃତ ହୁଏ। କିନ୍ତୁ ସେଥିରେ 'ଇଜ୍ଜତ' ଯାଏ ନାହିଁ। ଏହି ବିଚାର କିଭଳି ଏକଦେଶଦର୍ଶୀ ଓ ହୀନତାର ପରିଚାୟକ, ଏହା କହିବା ନିଷ୍ପ୍ରୟୋଜନ। ଏ ସଂପର୍କରେ 'Borders and Boundary' ପୁସ୍ତକର ୫୮ ପୃଷ୍ଠାରେ କୁହାଯାଉଛି – "Much later, and post partition, many of these same husbands and fathers would force their women into prostitution to enable the family to survive, now male survival was more urgent than male 'honour.' "

ଯଦି ଶତ୍ରୁ ସୈନ୍ୟ ବା ଭିନ୍ନ ସଂପ୍ରଦାୟର ଅତ୍ୟାଚାରୀଙ୍କ କବଳରେ ପଡ଼ି ପୁରୁଷ ନିର୍ଯାତିତ ହେବ ଓ ପରେ ପୁଣି ମୁକ୍ତ ହୋଇ ନିଜ ଲୋକଙ୍କ ପାଖକୁ ଫେରିବ, ତେବେ ତାକୁ କେହି 'ମାରି ଦିଆଯାଉ' ବୋଲି କହିବେ ନାହିଁ, 'ଅଗ୍ରାହ୍ୟ' ରୂପେ ବିଚାର କରିବେ ନାହିଁ, ବରଂ ତାକୁ ଅଧିକ ହେପାଜତ କରିବେ। ମାତ୍ର ନାରୀଟିଏ ଏପରି ଅବସ୍ଥାରେ

Digitized by PPRACHIN, SOA

ପଡ଼ିଲେ, ସେ 'ମରିଯିବା ଶ୍ରେୟସ୍କର' ବୋଲି ନିଜ ଲୋକେ ହିଁ ଚାହିଁବେ । ନାରୀର ଶରୀର କ'ଣ ଏ ପରି କିଛି, ଯାହା ସ୍ପର୍ଶ ମାତ୍ରକେ ଅପବିତ୍ର ଓ ବର୍ଜ୍ୟ ହୋଇଯାଏ ? ତା' ପରେ ତାକୁ ଗ୍ରହଣ କରିନେବା ଅପମାନଜନକ, ସ୍ୱାଭିମାନବର୍ଜିତ ? ଏ ପ୍ରଶ୍ନ ଅନୁତ୍ତରିତ ରହିବ ହିଁ ରହିବ ।

ରିଫ୍ୟୁଜି କ୍ୟାମ୍ପମାନଙ୍କରେ ଆଜିଠାରୁ ୫୦ ବର୍ଷ ତଳେ, ଏପରିକି ଏବେ ଯାଏଁ ବି, ବିଧବା ଓ ପତିତାମାନଙ୍କପାଇଁ ଥିବା ଆଶ୍ରମରେ ରହୁଥିବା ବୟସ୍କା ମହିଳାମାନେ କନ୍ୟା ସନ୍ତାନମାନଙ୍କୁ ଜନ୍ମଦେଇ ଖୁବ୍ ଅସହାୟତା ଭୋଗୁଛନ୍ତି । ଏହା ବାହାରେ ସାଧାରଣ ସମାଜରେ ମଧ୍ୟ ପୁରୁଷବିହୀନ ପରିବାରରେ ଝିଅମାନଙ୍କୁ ବଢ଼ାଇ ଚଳାଇବା କଷ୍ଟକର ହୋଇପଡୁଛି । ବେଳେବେଳେ ବିପଜ୍ଜନକ ମଧ୍ୟ ହେଉଛି, ଯେଉଁଠି ସାଂପ୍ରଦାୟିକ ଦଙ୍ଗା, ସନ୍ତ୍ରାସ, ଖଣ୍ଡ ଯୁଦ୍ଧ ବା ଯୁଦ୍ଧ ହେଉଛି, ସେଠାରେ ନାରୀ ହିଁ ପ୍ରଥମେ ନିର୍ଯାତନାର ଲକ୍ଷ୍ୟ (Target) ହୋଇପଡୁଛି । ନାରୀ ନିର୍ଯାତନାର, ଅପମାନର ଅନେକ ନୂତନ ଉପାୟ ମଧ୍ୟ ପ୍ରଚଳିତ ହେଲାଣି । ସେ ସମସ୍ତର ଆଲୋଚନା ଅନ୍ୟତ୍ର କରାଯିବା ଯୋଜନାଭୁକ୍ତ ହୋଇଅଛି ।

Digitized by PPRACHIN, SOA

ଜୀବନ ସାଧନା ପଥରେ ନାରୀ : ଆତ୍ମ-ନିରୀକ୍ଷଣ

ବିଂଶ ଶତକର ପ୍ରଥମାର୍ଦ୍ଧ, ଭାରତରେ ନାରୀଜାଗରଣର ଉନ୍ମେଷକାଳ ବୋଲି ବୁଝିବାକୁ ହେବ । ଏହି କାଳରେ ଜନ୍ମଗ୍ରହଣ କରି ଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାପ୍ରାପ୍ତ ହୋଇଥିବା ନାରୀମାନଙ୍କ ସଂଖ୍ୟା ସ୍ୱଳ୍ପ ହେଲେ ବି ସେମାନଙ୍କ ଜୀବନ ସଂଗ୍ରାମର ପ୍ରତିଲିପି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ଓ ବିସ୍ମୟକର । ଏହି ସଂଭ୍ରାନ୍ତ ଓ ପ୍ରତିଷ୍ଠିତା ମହିଳାଗଣ ନିଜ ଆତ୍ମଜୀବନୀ ମାଧ୍ୟମରେ ଜୀବନ ସଂଘର୍ଷର ଅନ୍ତର୍ଦ୍ୱନ୍ଦ୍ୱ ଓ ଅନ୍ତର୍ଦାହ ସହିତ ସଫଳତା ଓ ଆନନ୍ଦ ସଂପର୍କରେ ନିଜେ କିଛି ଜଣାଇ ନାହାନ୍ତି । ବିଶେଷତ୍ୱସଂପନ୍ନା ନାରୀ ବା ସାଧାରଣ ନାରୀମାନଙ୍କ ଆତ୍ମଜୀବନୀରୁ ହୁଏତ ଅନେକ ସତ୍ୟାଶ୍ରୟୀ ବାସ୍ତବତାର ଚିତ୍ର ମିଳି ପାରିଥାନ୍ତା । ମାତ୍ର ସେମାନଙ୍କ ମଧ୍ୟରୁ କ୍ୱଚିତ୍ ନିଜର ଆତ୍ମଜୀବନୀ ଲେଖିଛନ୍ତି । ଭାରତରେ ନାରୀମାନଙ୍କଦ୍ୱାରା ଲିଖିତ ଆତ୍ମଜୀବନୀ ଭାବେ ଅମୃତା ପ୍ରୀତମ୍‌ଙ୍କ 'ରସିଦି ଟିକଟ୍' ଓ କମଳା ଦାସଙ୍କ 'ମାଇଁ ଷ୍ଟୋରି' କୁ ବାଦ୍‌ଦେଲେ ଏଯାବତ୍ ଖୁବ୍ କମ୍‌ସଂଖ୍ୟକ ନାରୀଙ୍କ ଆତ୍ମଜୀବନୀ ଦେଖିବାକୁ ମିଳିଥାଏ । ଆସାମୀ ଲେଖିକା ପ୍ରଫେସର ଇନ୍ଦିରା ଗୋସ୍ୱାମୀଙ୍କ 'ଅଧାଲେଖା ଦସ୍ତାବିଜ୍' ମଧ୍ୟ କେତେକାଂଶରେ ଗୁରୁତ୍ୱପୂର୍ଣ୍ଣ । ଆତ୍ମଜୀବନୀ ଯଦି ସତ୍ୟମୂଳକ ହୋଇଥାଏ, ତେବେ ବ୍ୟକ୍ତିର ବାସ୍ତବ ଜୀବନଧାରା ସହିତ ସମାଜ, ରାଜନୀତି, କଳା, ସଂସ୍କୃତି ଇତ୍ୟାଦିର ବହୁବିଧସ୍ୱରୂପ ଉନ୍ମୋଚିତ ହୋଇଥାଏ । ଏକଥା ସତ ଯେ, ବିଶିଷ୍ଟ ପରିବାରର କନ୍ୟା ଓ ବଧୂଗଣ ଅପେକ୍ଷାକୃତ କମ୍ ଅବିଚାର ଓ ନିର୍ଯାତନାର ଶିକାର ହୋଇଥାନ୍ତି । ମାତ୍ର ଓଡ଼ିଶାର ନାରୀଗଣଙ୍କ ମଧ୍ୟରୁ ଖୁବ୍ ଅଳ୍ପସଂଖ୍ୟକ ଆତ୍ମଜୀବନୀ ଲେଖିଛନ୍ତି । ତେଣୁ ଅନ୍ୟମାନଙ୍କ ଜୀବନଯାତ୍ରାର ବାସ୍ତବ ସତ୍ୟ ଜାଣିବାର ଉପାୟ ନାହିଁ । କେବଳ ଏହି ନାରୀମାନଙ୍କ ସଂରଚନା ମଧ୍ୟରେ ତାଙ୍କର ନିଜସ୍ୱ ଯେଉଁ ସ୍ୱରୂପଟି ଅଭିବ୍ୟକ୍ତ, ତାହାକୁ ହିଁ ସୂତ୍ର କରି ଅନ୍ୟ କେହି ଲେଖକ ତାଙ୍କ ବିଷୟରେ କିଛି ତଥ୍ୟ ସଂବଳିତ ଓ କଳ୍ପନାପ୍ରସୂତ ଜୀବନୀ ରଚନା କରିଛନ୍ତି, ଏଥି ମଧ୍ୟରୁ 'କୁନ୍ତଳାକୁମାରୀ ଜୀବନଚରିତ' ପ୍ରଥମ ଜୀବନୀ ପୁସ୍ତକ, ଯାହା ୰ଚକ୍ରଧର ମହାପାତ୍ର ରଚନା କରିଛନ୍ତି । ମାତ୍ର ଏଥିରୁ କୁନ୍ତଳାଙ୍କ ଆଭ୍ୟନ୍ତରୀଣ ଚିନ୍ତା, ଆବେଗ, ବିଶ୍ୱାସ, ଶପଥ ଇତ୍ୟାଦିର ପ୍ରତ୍ୟକ୍ଷ ବିବରଣୀ କାହୁଁ ମିଳିବ ? ଅନ୍ୟ ଦୁଇଟି ଜୀବନୀ ଗ୍ରନ୍ଥ କବି ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଓ ଶ୍ରୀମତୀ ସରଳାଦେବୀଙ୍କ ଜୀବନୀଗ୍ରନ୍ଥ । ଏହି ଉଭୟ ଗ୍ରନ୍ଥର ରଚନା ଓ ଉପସ୍ଥାପନା

Digitized by PPRACHIN, SOA

କରିଛନ୍ତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି । ଯେଉଁ ଦୁଇଜଣ ନାରୀ ଆଂଶିକ ଓ ପୂର୍ଣ୍ଣାଂଗ ଆତ୍ମଜୀବନୀ ରଚନା କରିଛନ୍ତି ତନ୍ମଧ୍ୟରୁ ୰ ରମାଦେବୀଙ୍କ 'ଜୀବନପଥେ' ଓ ତାଙ୍କ କନ୍ୟା ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣାଙ୍କ 'ଅମୃତ ଅନୁଭବ' ଉଲ୍ଲେଖଯୋଗ୍ୟ । ୧୯୧୭ରେ ଜନ୍ମଗ୍ରହଣ କରିଥିବା ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ଆତ୍ମଜୀବନୀ ମୁଖ୍ୟତଃ ସ୍ୱାଧୀନତା ସଂଗ୍ରାମର ଆଲେଖ୍ୟ ହୋଇଥିଲାବେଳେ, ସଂଭ୍ରାନ୍ତ ପରିବାରର ଜଣେ କନ୍ୟା ଭାବରେ ସେ ଯେତିକି ବା ଲେଖିଛନ୍ତି, ସେଥିରୁ ତତ୍କାଳ କନ୍ୟାସନ୍ତାନର ପ୍ରମାଦ ବେଶ୍ ପ୍ରକଟିତ ହୋଇପାରେ । ''ଝିଅ ଜନମ କରିଛି, ତେଣୁ ମୋ ବୋଉ ଛାତିରେ କାତେ ପାଣି– କାଲେ ଝିଅ ନାଆଁ ପକେଇବ, ବୋଲଣା ଶୁଣିବ ।'' ଶାଶୂଘର ବ୍ୟାପାରଟାରେ ଝିଅକୁ ସଚେତନ କରାଇବା କାମଟା ଝିଅ ଶେଯଛୁଆ ଥିବାବେଳୁ ଆରମ୍ଭ ହୋଇଯାଉଥିଲା । ''ମୋ କୁନିକୁ ମାଇଲେ ଶାଶୂ/ଦେଇ ପଠାଇବି ଡୋଲା (ସବାରି) ଗଉଡ଼ ମୋ/କୁନି ଶାଶୂଘରୁ ଆସୁ'' । ମାଆ ଝିଅକୁ ଗେଲ କରୁ କରୁ କଳ୍ପନା କଲାଣି – ଏ ଝିଅ ମୋର ଶାଶୂଠାରୁ ମାଡ଼ ଖାଇବ । ସେଥିପାଇଁ ଝିଅ କିପରି ମାଡ଼ରୁ ବର୍ତ୍ତିବ, ତା'ର ଉପାୟ ପାଞ୍ଚି ବୋଉ କହୁଛି – 'ମୋ କୁନି ଯାଇଥିବ ଶାଶୂଘରକୁ ମୁଁ ଡୋଲା ଆଗେ ଦେବି ଗାଈ / ସାଇ ପଡ଼ଶୁଣୀ ଦେଖି କହୁଥିବେ ଧନ୍ୟ ତା'ର ବାପ ଭାଇ' । ସେଥିରେ ସୁଦ୍ଧା ଯଦି ଶାଶୂ ପ୍ରସନ୍ନ ନ ହେଲା, ଶେଷ ବିନତି ହେଉଛି – ''ମୋ କୁନିକୁ ମାରିବ ନାହିଁ । ମୋ କୁନିର ଯେବେ କାଇଲି ହେବ ତା' ବାପା ତ ବୁଝିବେ ଯାଇଁ, ଏ ନାନାବାୟା ଗୀତରେ ମା ହୃଦୟର ବେଦନାବୋଳା ଅଭିବ୍ୟକ୍ତି, ସେହିପରି ଥିଲା ବାହୁନା । × × ଆମ ପିଲାଦିନ ଚଳଣିରେ କରଣ ଘରଝିଅ ବିଭା ପରେ ପୁଆଣି ହୋଇ ବାପଘରକୁ ଯିବା ଥିଲା ସୁଦୂର ପରାହତ ।'' ଏହି ଦେଶସେବୀ. ସାହସିନୀ, ଉତ୍ସର୍ଗିତ ଜୀବନର ଅଧିକାରିଣୀ ଶ୍ରୀମଣୀ ଅନ୍ନପୂର୍ଣ୍ଣା ଝିଅ ଜୀବନର ଅସହାୟତା ଓ କାରୁଣ୍ୟକୁ ଅନୁଭବ କରିଥିଲେ । ନିଜେ ହୁଏତ ଏତେ ବେଶି ଭୁକ୍ତଭୋଗୀ ନ ଥିଲେ ।

୧୯୦୪ ମସିହାରେ ଜନ୍ମଲାଭ କରିଥିବା ଓଡ଼ିଶାର ବିଶିଷ୍ଟ ମହିଳା ଶ୍ରୀମତୀ ସରଳାଦେବୀ ଏକାଧାରରେ ସମାଜସେବୀ, ସତ୍ୟାଗ୍ରହୀ, ବିଧାୟିକା, ବିପ୍ଳବିଣୀ, ଲେଖିକା ଥିଲେ । ନାରୀ ସୁରକ୍ଷା ନିମିତ୍ତ ସେ ଖୁବ୍ ଦୃଢ଼ ମନ୍ତବ୍ୟ ପ୍ରଦାନ କରିଥିଲେ, ୧୯୩୦ ମସିହା ବେଳକୁ । ଯେତେବେଳକୁ କି ନାରୀସୁରକ୍ଷା ସଂପର୍କରେ 'ସିମୋନ୍ ଡି ବୁଭାହ'ଙ୍କ ନାମ ହିଁ ବିଶ୍ୱରେ ଶ୍ରୁତିଗୋଚର ହୋଇ ନାହିଁ, ସେ ସମୟକୁ ସରଳାଦେବୀ ନାରୀର ଅଧିକାର, ତା'ର ପତ୍ନୀ ଓ ମାତା ଭୂମିକାର ମର୍ଯ୍ୟାଦାବୋଧ, ପୁତ୍ର ଓ କନ୍ୟାର ପାତର ଅନ୍ତର ବିରୋଧରେ ପ୍ରତିବାଦ ଇତ୍ୟାଦି ଚିନ୍ତାଧାରାକୁ ନିଜ ରଚନା.ଓ ବକ୍ତବ୍ୟମାନଙ୍କରେ ଦୃଢ଼ଭାବେ ପ୍ରକାଶ କରିଥିଲେ । ତାଙ୍କ ସ୍ୱରରେ ଚିରକାଳୀନ ନାରୀ ଆତ୍ମାର ଏକ ସଂସ୍କାରମୁକ୍ତ, ସ୍ୱାଧିକାର ପ୍ରସଙ୍ଗର ଉଚ୍ଚାରଣ ସମ୍ଭବ ହୋଇଥିଲା । ''ମୁଁ କହୁଛି, ସ୍ତ୍ରୀ ଦେହ କେବେ ସ୍ୱାମୀର ହୋଇପାରେନା । ଏହା ତା'ର ନିଜ ସଂପତ୍ତି, ସ୍ୱାମୀର ନୁହେଁ ।

Digitized by PPRACHIN, SOA

ନିଜ ଇଚ୍ଛାନୁସାରେ ସେ ସ୍ୱାମୀକୁ ପରିତ୍ୟାଗ କରିପାରେ । ସେ ତା'ର ବ୍ୟବସାୟ ନିର୍ବାଚନ କରିପାରେ, ମନ ମୁତାବକ ରାଜନୀତିକ ଦଳରେ ଯୋଗଦାନ କରିପାରେ । ସନ୍ତାନ ପ୍ରସବ କରିବ କି ନା, ଏ ସମ୍ବନ୍ଧରେ ତା'ର ସଂପୂର୍ଣ୍ଣ ଅଧିକାର ଅଛି, ଏବଂ କେବେ ସନ୍ତାନ ଜନ୍ମ କରିବ, ତାହା ସେ ସ୍ଥିର କରିପାରେ । ବିବାହକୁ ମୂଳକରି କୌଣସି ଲୋକ ସ୍ତ୍ରୀଲୋକକୁ ନିଜ ଅଧୀନରେ ରଖିପାରେ ନାହିଁ । ଏହି ଦେଶର ×× କ୍ରୀତଦାସୀ ନୁହେଁ । × × ପରସ୍ପର ଦୟା, ପରସ୍ପର ଶାଳୀନତା, ପରସ୍ପର କ୍ଷମା ଓ ତ୍ୟାଗ, ସର୍ବୋପରି ବିବାହ ପରସ୍ପରର ନୈତିକତା ଉପରେ ପୂରା ନିର୍ଭର କରେ ।'' (ପ୍ରବନ୍ଧ ପୁସ୍ତକ-'ନାରୀର ଦାବି', ପ୍ରକାଶକ- ହିନ୍ଦୁସ୍ଥାନ ଗ୍ରନ୍ଥମାଳା, ୧୯୩୪).

ଆଉ ଜଣେ ବିଶିଷ୍ଟ ଲେଖିକା, ୨୦୦୪ର ନୋବେଲ ପୁରସ୍କାର ବିଜୟିନୀ ଆଲ୍‌ଫ୍ରେଡ୍ ଜେଲିନେକଙ୍କ ଜୀବନ ସାଧନାକୁ ବିଚାରକୁ ନିଆଯାଇପାରେ । 'ପିଆନୋ ଟିଚର' ନାମକ ତାଙ୍କ ରଚିତ ପ୍ରସିଦ୍ଧ ପୁସ୍ତକରେ ସେ ନାରୀ ସଂପର୍କରେ ଅନେକ ଆଭ୍ୟନ୍ତରୀଣ ଅନୁଭବର ଚିତ୍ର ଦେଇଛନ୍ତି, ଏହା ତାଙ୍କ ନିଜ ଜୀବନ କାହାଣୀ ବୋଲି କୁହାଯାଏ । ତାଙ୍କ ଜୀବନ ନଖଠାରୁ ଶିଖ ଯାଏଁ ପ୍ରତିରୋଧଧର୍ମିତାର ଏକ ଜ୍ୱଳନ୍ତ ଉଦାହରଣ । ନିଜ ଜୀବନରେ ହେଉ ବା ଯୁଗଜୀବନରେ ହେଉ ନାନା ସଂକଟ ବିରୋଧରେ ତାଙ୍କର ପ୍ରତିରୋଧର ସ୍ୱର ଉଦାତ୍ତ । ସେ କହନ୍ତି – ''ଯଦି କୌଣସି ଲେଖିକା ମର୍ଯ୍ୟାଦାସହ ଆତ୍ମଜୀବନୀ ଲେଖନ୍ତି, ତେବେ ସେ କିପରି ନିଜ ଦେହକୁ ଭୁଲିଯିବେ ? ଦେହ ସ୍ତରରେ ସ୍ତ୍ରୀଲୋକକୁ ଯାତନା ଭୋଗିବାକୁ ପଡ଼ିଥାଏ । ଜେଲିନେକ୍ ନାରୀ ଓ ଅସ୍ମିତା ଅପେକ୍ଷା ନିଜସ୍ୱତାକୁ ବେଶି ଗୁରୁତ୍ୱ ଦିଅନ୍ତି । ନାରୀବାଦର ସବୁଠାରୁ ବଡ଼ ଅଭିଯୋଗ ହେଉଛି, ପ୍ରତ୍ୟକ୍ଷ ବା ପରୋକ୍ଷ ହିଂସା, ନଗ୍ନ ବର୍ଣ୍ଣନା ବିନା, ସ୍ତ୍ରୀଲୋକ ଘରେ ବାହାରେ ଯେଉଁ ହିଂସାକୁ ଅଙ୍ଗେ ନିଭାଉଛନ୍ତି ତା'ର ପ୍ରତିକାର କିପରି ହୋଇପାରିବ ?'' ନାରୀ ନିର୍ଯାତନା ସଂପର୍କରେ ଜେଲି ନେକ୍ କହନ୍ତି – ''ସମାଜର ନୈତିକ ବ୍ୟବସ୍ଥା ଭାଙ୍ଗିପଡ଼ିଛି ଓ ନୈତିକତାର ପ୍ରଚାରକ କେବେ ସଂସ୍କୃତି ବା କେବେ ପରିବାରର ଦ୍ୱାହି ଦେଇ ପୂର୍ବ ସ୍ଥିତିକୁ ଅପରିବର୍ତ୍ତିତ ରଖିବାକୁ ଚାହୁଁଛନ୍ତି । ଯେଉଁ ବ୍ୟକ୍ତି ହିଂସାର ଶିକାର ହେଉଛି, ଏହି ପ୍ରଚାରକଗଣ ତାକୁ ସହନଶୀଳତା ଓ ଧୈର୍ଯ୍ୟର ଉପଦେଶ ଦେବା ପରମକର୍ତ୍ତବ୍ୟ ବୋଲି ଭାବୁଛନ୍ତି । ଜେଲିନେକ୍ ଏହି ବ୍ୟବସ୍ଥାକୁ ତୀବ୍ର ଓ ସ୍ପଷ୍ଟଭାବେ ସମାଲୋଚନା କରନ୍ତି । ତାଙ୍କ ଉପନ୍ୟାସରେ ନାରୀପ୍ରତି ହେଉଥିବା ହିଂସାର ଭିନ୍ନ ଭିନ୍ନ ଭୟାନକ ଚିତ୍ର ସେ ଅଙ୍କନ କରିଛନ୍ତି ।'' (ଡିସେମ୍ବର ୨୦୦୪ 'ନୟା ଜ୍ଞାନୋଦୟ' ଜ୍ଞାନପୀଠ ତରଫରୁ ପ୍ରକାଶିତ ପତ୍ରିକାରେ ଶ୍ରୀ ବିଷ୍ଣୁଗୋପାଲଙ୍କ ରଚନାରୁ ଉଦ୍ଧୃତ) ।

ନାରୀ ସଂପର୍କୀୟ ଚିନ୍ତନ ପ୍ରଥମେ ଗୁରୁତ୍ୱଲାଭ କଲା ସିମୋନ୍ ଡି ବୁଭାହଙ୍କ second sex ପୁସ୍ତକ ମାଧ୍ୟମରେ । ୨ୟ ବିଶ୍ୱଯୁଦ୍ଧ ପରେ ଏବଂ ହିଟ୍‌ଲରଙ୍କ ପତନ ସହିତ ରୁଷଦେଶରେ ସମାଜବାଦୀ ବ୍ୟବସ୍ଥାରେ ନାରୀ ଓ ପୁରୁଷଙ୍କୁ ସମାନ ରାଜନୀତିକ ଓ

Digitized by PPRACHIN, SOA

ଆର୍ଥନୀତିକ ଅଧିକାର ପ୍ରଦାନ କରାଗଲା । ୧୯୧୮ରେ ପ୍ୟାରିସ୍ ସହରରେ ସିମୋନ ବୁଭାହ ଜନ୍ମ ହୋଇଥିଲେ । ୧୯୪୭ରେ ତାଙ୍କ ଦ୍ୱାରା second sex ପୁସ୍ତକ ଲେଖା ଆରମ୍ଭ ହୋଇ ୧୯୪୯ରେ ପ୍ରକାଶ ପାଇଲା । ଫ୍ରାନ୍ସରେ ସେ ନାରୀ ଆନ୍ଦୋଳନର ଅଗ୍ରଣୀ ଥିଲେ, ଥିଲେ ମଧ୍ୟ ଜଣେ କୁଶଳୀ ଲେଖିକା । ନିଜେ ନାରୀ ହୋଇ, ନାରୀଜୀବନର ସମସ୍ତ ଭଲମନ୍ଦକୁ ଭୋଗି, ନାରୀ ଅଭ୍ୟନ୍ତରର ବେଦନାକୁ ତାର୍କିକ ସଂବେଦନାସହ ଶ୍ରୀମତୀ ବୁଭାହ ଉପସ୍ଥାପନ କଲେ । ସେ କହନ୍ତି, 'ଲିଙ୍ଗଭେଦରେ ଜନ୍ମ ହେଲେ ହେଁ, କେହି ବାଳିକା ଜନ୍ମରୁ 'ସ୍ତ୍ରୀ' (ନାରୀ) ହୋଇଯାଏ ନାହିଁ । ତାକୁ 'ସ୍ତ୍ରୀ' କରାଇଦିଆଯାଏ । ତା' ଉପରେ ଦାସୀତ୍ୱ ଲଦି ଦିଆଯାଏ ।'' ଷ୍ଟୁଆର୍ଟ ମିଲ୍ ଲେଖିଛନ୍ତି ''ପୁରୁଷର ପ୍ରେମପୂର୍ଣ୍ଣ ଛଳନା ହେତୁ ନାରୀ ଦାସତ୍ୱକୁ ସ୍ୱୟଂ ସ୍ୱୀକାର କରିନେଇଛି ।'' ସ୍ତ୍ରୀଙ୍କୁ ନ୍ୟୂନ କରି ନାନାପ୍ରକାରେ ସବୁ ଦେଶରେ ସବୁ ଭାଷାରେ ଊଣା ଅଧିକେ କୁହାଯାଇଛି । ସାରାବିଶ୍ୱରେ ପୁରୁଷହାତରେ ଲିଖିତ ପୁସ୍ତକମାନଙ୍କରେ ନାରୀ ସମ୍ବନ୍ଧରେ ଭ୍ରମାତ୍ମକ ପ୍ରଚାର ହୋଇଅଛି । କିନ୍ତୁ ପ୍ରକୃତପକ୍ଷେ, କେବଳ ଜୈବିକ ଭିନ୍ନତା ବ୍ୟତୀତ ନାରୀପୁରୁଷ ଭେଦରେ ଅନ୍ୟ କୌଣସି ସାମର୍ଥ୍ୟର କିଛି ବି ଊଣା ଅଧିକ ନାହିଁ । ପ୍ରାଣିବିଜ୍ଞାନ ମଧ୍ୟ ନାରୀପୁରୁଷର ତାରତମ୍ୟକୁ ସ୍ୱୀକାର କରେ ନାହିଁ । ସିମୋନ ଡି ବୁଭାହ କହନ୍ତି – ''ନାରୀଜନିତ, ନ୍ୟାର୍ଯ୍ୟୋଚିତ ଗୁଣ ବା ବିଶେଷତ୍ୱ ହେତୁ ହିଁ ନାରୀ, ନାରୀ ହୋଇଛି । ପୁରୁଷକୁ ନକଲ କରି ପୁରୁଷ ବନିଯିବାକୁ ସେ ସମର୍ଥନ କରେ ନାହିଁ । ନାରୀ ହେବାର ଗର୍ବ ତା'ର ଅଛି । ସେ କେବଳ ସମାଜରେ ପୂର୍ଣ୍ଣ ସ୍ୱାଧୀନତା ପାଇ ବଞ୍ଚିବାର ଅଧିକାର ପାଇବାକୁ ଚାହେଁ । × × ନାରୀ ମୁକ୍ତି ପୁରୁଷ ବିରୋଧୀ ନୁହେଁ । ବରଂ ସଂପୂର୍ଣ୍ଣ ମାନବ ମୁକ୍ତିର ଅନିବାର୍ଯ୍ୟ ସର୍ତ୍ତ ।''

କୌମାର୍ଯ୍ୟ ଭଙ୍ଗ, ଗର୍ଭାଧାନ ଓ ପ୍ରସବପୀଡ଼ାର ସମ୍ଭାବିତ ଭୟ ନାରୀକୁ ଆଶଙ୍କିତ କରିଥାଏ । ନଚେତ୍ ନାରୀ ଆପଣାର ପୂର୍ଣ୍ଣତା ହେତୁ ପୁରୁଷ ସହ ଆନନ୍ଦରେ ସହଭାଗୀ ହୁଅନ୍ତା । ଅର୍ଥ ଓ ପ୍ରଭୁତ୍ୱରେ ମଦମତ୍ତ ପୁରୁଷ ଭୋଗବିଳାସରେ ମାତିଲା, ଦାସପ୍ରତି ଅତ୍ୟାଚାର ଓ ବେଶ୍ୟାପ୍ରତି ବ୍ୟଭିଚାର କଲା । ଏହି କ୍ରମରେ ବହୁ ବିବାହର ସ୍ୱାଧୀନତା ପାଇଲା ଏବଂ ଏହିପରି ଭାବରେ ଆର୍ଥିକ ଅବଦମିତ ନାରୀ ସାମାଜିକ ଦମନର ଶିକାର ହେଲା ।'' କାର୍ଯ୍ୟ ଆବଣ୍ଟନ ହେତୁ ପରିବାରର ବାହ୍ୟ ଆର୍ଥିକ ଦାୟିତ୍ୱ ପୁରୁଷ ନେଲାବେଳକୁ ଅନ୍ତଃଦାୟିତ୍ୱ (ସନ୍ତାନ ଜନ୍ମ, ଲାଳନ, ଖାଦ୍ୟ ପ୍ରକ୍ରିୟା) ନାରୀ ଗ୍ରହଣ କଲା । ଦୁଇ ଜଣଙ୍କ ମଧ୍ୟରେ କାର୍ଯ୍ୟ ଆବଣ୍ଟନ ହେତୁ ମୈତ୍ରୀ ନ ରହି ବରଂ ପୁରୁଷଠାରେ ପ୍ରଭୁତ୍ୱ ଦେଖାଦେଲା । ସିମୋନ କହିଲେ ''ଯେବେ ଯାଏଁ ପୂର୍ଣ୍ଣ ଆର୍ଥିକ ସମାନତା ରହି ନାହିଁ, ସେବେ ଯାଏଁ ନାରୀ ସର୍ବଦା ନିଜ ଉପଲବ୍ଧିକୁ ନ୍ୟୂନ ମଣିବ । ସେ ଦେଖେ ଯେ ଅର୍ଥଗତ ସ୍ୱାଧୀନତା ନ ଥିବାରୁ ସେ ଦୁର୍ବଳ । ପୁରୁଷର ପତ୍ନୀ ବା ରକ୍ଷିତା ହୋଇ ନାରୀମାନେ ସମାଜରେ ଅଧିକ ସୁବିଧା ଲାଭକରି ପ୍ରତିଷ୍ଠିତ ହୋଇଛନ୍ତି । ଏ ପ୍ରକାର ପର୍ଯ୍ୟବେକ୍ଷଣରେ ତା' ମନରେ କୁଣ୍ଠା ଜାତ ହୁଏ ।'' ସିମୋନ ପୁରୁଷକୁ ନାରୀଜାତିର ଶତ୍ରୁରୂପେ କଦାପି ଦେଖନ୍ତି

Digitized by PPRACHIN, SOA

ନାହିଁ । ବରଂ ପୁରୁଷୋଚିତ ମାନ୍ୟତା, ସାମାଜିକ ପରମ୍ପରା, ଧାର୍ମିକ ରୂଢ଼ି ଓ ଯୌନଭେଦର ହୀନତା ସମାପ୍ତ ହେଲେ ହିଁ ସ୍ତ୍ରୀ-ପୁରୁଷ ନିଜ ନିଜ ଅସ୍ତିତ୍ୱକୁ ଠିକ୍ ଗଢ଼ିତୋଳିବେ, ପରସ୍ପର ମୁକ୍ତଜୀବନର ଆନନ୍ଦ ପାଇପାରିବେ ବୋଲି ସିମୋନ୍ ବୁଭାହ୍ ମତପ୍ରକାଶ କରନ୍ତି । (ପ୍ରଭା ଦୀକ୍ଷିତଙ୍କ ହିନ୍ଦୀ ପ୍ରବନ୍ଧ 'ସିମୋନ୍ ଡି ବୁଭାହଙ୍କ ନାରୀଚିନ୍ତନର ସମୀକ୍ଷା' ଅକ୍ଷରପର୍ବ, ଅପ୍ରେଲ୍ ୨୦୦୬ ଓଡ଼ିଆ ପ୍ରରୂପ)

ନାରୀ ସଂପର୍କରେ ନୋବେଲ୍ ପୁରସ୍କାରପ୍ରାପ୍ତ ଲେଖିକା ଡେରିସ ଲେସିଂ କହନ୍ତି – "ନାରୀ ଯାହା କିଛି ମଧ କରିପାରେ, ନିଜକୁ ହିଂସାରହିତ ନ କରି ମଧ ଏପରି ଏକ ସ୍ଥଳରେ ପହଞ୍ଚିପାରେ, ଯେଉଁଠି ସକଳ ଇଚ୍ଛା ସମାହିତ ହୋଇପାରୁଥିବ । ପୁରୁଣା ଗଦିରେ ବସି ସେ ନୂଆ ଜୀବନ ବି ଆରମ୍ଭ କରିପାରିବ ।"

× × "ମଣିଷର ସ୍ୱାଧୀନତାକୁ ବଞ୍ଚାଇ ରଖିବା ଦରକାର । ନାରୀ ଏପରି ଏକ ସତ୍ୟର ଅସ୍ତିତ୍ୱ, ଯାହାର ବ୍ୟାଖ୍ୟା କରାଯାଇପାରିବ ନାହିଁ ।" ତାଙ୍କ ନାୟିକା ଆନା ବୁଲ୍‌ଫ ମନରେ କମ୍ୟୁନିଷ୍ଟ, ଅଥଚ ସଂଘର୍ଷର ରାସ୍ତାରେ ଆଗେଇ ଯିବାକୁ ଆନନ୍ଦ ଓ ବେଦନାର ସମ୍ମିଶ୍ରଣରେ ସମ୍ମୋହିତ ଏକ ଘଟଣା ବୋଲି ସେ ଗ୍ରହଣ କରେ, ନୂଆ ଜୀବନ ଜୀଇଁଲା ଭଳି ଏକ ନୂତନ ନାରୀକୁ ଡୋରିସ୍ ଲେସିଂ ସୃଷ୍ଟି କରନ୍ତି । ('ନୟା ଜ୍ଞାନୋଦୟ' ନଭେମ୍ବର ୨୦୦୭)

ବିଭିନ୍ନ ବିଶିଷ୍ଟ ମହିଳାଙ୍କ ଆତ୍ମନିରୀକ୍ଷଣ ଓ ମତାମତକୁ ବିଶ୍ଳେଷଣ କରିବା କାଳରେ ନାରୀ ନିର୍ଯାତନା ଯେ ସର୍ବବାଦିସମ୍ମତ – ଏହା ବୁଝିହୁଏ । ଲେଖିକା ଓ ସାମ୍ବାଦିକା ମୃଣାଲ୍ ପାଣ୍ଡେ କହନ୍ତି, "ଦୃଢ଼, ଆବେଗମୟୀ, କରୁଣାପ୍ରବଣା ନାରୀମାନଙ୍କ ଭିତରେ ସେ ଦେବୀଙ୍କ ସତ୍ତାକୁ ଦେଖନ୍ତି ।" ଏହି ପ୍ରକାର ନାରୀଗଣ ପୁରୁଷ ସମାଜର ନିଷେଧକୁ ମାନନ୍ତି ନାହିଁ । ସେ କହନ୍ତି, 'ପ୍ରଥମେ ତାଙ୍କ ନିଜର ଜବରଦସ୍ତ ମାଆ, ମାଆଙ୍କ ଲେଖିକା ବାନ୍ଧବୀ ଶିବାନୀ, ଦେଠେଇ ବଡ଼ ଆମ୍ମା ଓ ସେମାନଙ୍କର ଅନେକ ବାନ୍ଧବୀ ଆବେଗରହିତ ଜୀବନ ବଞ୍ଚିଯାଇଛନ୍ତି । ଚହଳ ପକାଇଥିବା ନାରୀମାନଙ୍କ ମଧ୍ୟରେ ବେଶ୍ୟା, ବିପ୍ଳବିଣୀ ଓ ସମାଜ ସଂସ୍କାରିକାମାନେ ଅନ୍ତର୍ଭୁକ୍ତ । ଏପରିକି ସ୍ତ୍ରୀଲୋକ ଅଛନ୍ତି, ଯେଉଁମାନେ ପୁରୁଷଙ୍କ କାମଲାଳସାର ଶିକାର ହୋଇ ପୁରୁଷଙ୍କ ଉପରେ ପ୍ରତିଶୋଧପରାୟଣା ହୁଅନ୍ତି । ଉପରୋକ୍ତ ସକଳ ନାରୀ ଈଶ୍ୱରଙ୍କଦ୍ୱାରା ସୃଷ୍ଟ ହୋଇଥାନ୍ତି । ଈଶ୍ୱରଙ୍କ ଅସାଧ୍ୟ ମନ୍ଦଶକ୍ତିମାନଙ୍କ ବିରୋଧରେ ଲଢ଼ି ବିଜୟିନୀ ହୋଇଥାଆନ୍ତି ।"

(Devi - Mrinal Pandey, Penguin India Books, 1996, Back cover writings)

ଏହି ପରିପ୍ରେକ୍ଷୀରେ ଓ ଭାରତର ବିଭିନ୍ନ ପ୍ରାନ୍ତରେ ଜନ୍ମ ହୋଇଥିବା କେତେକ ବିଶିଷ୍ଟ ମହିଳାଙ୍କ ଜୀବନସାଧନା ଓ ଜୀବନ-ଦୃଷ୍ଟି ଅନୁଧାନ କଲାବେଳକୁ ନାରୀଭାବେ

Digitized by PPRACHIN, SOA

ସେମାନେ ଭୋଗିଥିବା କ୍ଲେଶର ପରିଚୟ ମିଳିଥାଏ । ବର୍ତ୍ତମାନ ଏହିସବୁ ସାଧନା ଓ ଦୃଷ୍ଟିକୋଣ ମଧ୍ୟଦେଇ ସମାଜର ଉଚ୍ଚବର୍ଗର ନାରୀମାନଙ୍କ ଜୀବନ ସଂକଟକୁ ଉପଲବ୍ଧି କରିବା ସହଜ ହେବ ।

ବିଂଶ ଶତକର ଉତ୍ତରାର୍ଦ୍ଧରେ ଯେଉଁ ମହିଳାମାନେ ପ୍ରଗତିର ବିଭିନ୍ନମାର୍ଗରେ ଅଗ୍ରସର ହୋଇ ସ୍ୱଉଦ୍ୟମ ଫଳରେ ପ୍ରତିଷ୍ଠା ପ୍ରାପ୍ତ ହୋଇଛନ୍ତି, ସେମାନଙ୍କ ମଧ୍ୟରେ 'ରାଜକମଲ'ର ପ୍ରକାଶିକା ଶୀଲା ସାନ୍ଧୁ, ଐତିହାସିକା ରୋମିଲା ଥାପର, ସମାଜସେବିକା ରମାଦେବୀ, ବିପ୍ଳବିଣୀ ରାଜନୀତିକ ବ୍ୟକ୍ତିତ୍ୱ ସରଳାଦେବୀ, ଭାରତର ସର୍ବପ୍ରଥମ ଆଇ.ଏ.ଏସ୍. ଅଫିସର ପଦ୍ମା ରାମଚନ୍ଦ୍ରନ୍, ଫିଲ୍ମ ଡାଇରେକ୍ଟର ଆଣ୍ଡ୍ ପ୍ରଡ୍ୟୁସର ସାଇ ପାରାଂଜପେ, କଳ୍ପନା ଲାଜ୍‌ମୀ, ସାହସିନୀ ପୋଲିସ୍ ଅଫିସର କିରଣ ବେଦୀ, ପ୍ରଥମ ଏଭରେଷ୍ଟ ବିଜୟିନୀ ଭାରତୀୟା ବଚ୍ଛେନ୍ଦ୍ରୀ ପାଲ, ଗାୟିକା ଶୁଭା ମୁଦ୍‌ଗଲ୍, ଭାରୋତ୍ତୋଳନକାରୀ କର୍ଣ୍ଣମ୍ ମାଲେଶ୍ୱରୀ, ବିଶିଷ୍ଟ ସମାଜସେବୀ ରୁଥ୍‌ମନୋରାମା, କଥାକଳୀ ନର୍ତ୍ତକୀ, ଥିଏଟର୍ ଅଭିନେତ୍ରୀ, ନିର୍ଦ୍ଦେଶିକା ମାୟା କ୍ରିଷ୍ଣାରାଓ, ପ୍ରଖ୍ୟାତ ଆଇନ୍ ବିଶେଷଜ୍ଞା ଇନ୍ଦିରା ଜୟସିଂହ, ଚିତ୍ରଶିଳ୍ପୀ ଅଞ୍ଜଳି ଏଲା ମେନନ୍, ଓଡ଼ିଶୀ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀ, ସ୍ଥପତି ଲତିକା କାର୍ବ ଆଦି ମହିଳାମାନେ ଉଲ୍ଲେଖନୀୟା । ଏମାନେ ଜୀବନକ୍ଷେତ୍ରରେ ପ୍ରତିଷ୍ଠା ପାଇବାପାଇଁ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହୋଇଛନ୍ତି ଓ ଅନେକସ୍ଥଳରେ ନାରୀପୁରୁଷ ବାଛବିଚାର ମଧ୍ୟ ଅଙ୍ଗେ ନିଭାଇଛନ୍ତି । ବିଂଶ ଶତକର ପ୍ରଥମାର୍ଦ୍ଧରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ହେତୁ ଓ ପାଶ୍ଚାତ୍ୟ ଶିକ୍ଷାର ବହୁଳ ପ୍ରସାର ହେତୁ ଭାରତରେ ଏକ ଅପୂର୍ବ ଅଭ୍ୟୁତ୍‌ଥାନ ଘଟିଥିଲା । ଫଳସ୍ୱରୂପ ନାରୀଶିକ୍ଷା ପ୍ରସାର ଲାଭ କଲା । ସେହି କାଳଖଣ୍ଡରେ ଜନ୍ମଲାଭ କରିଥିବା ମହିଳା ଐତିହାସିକା ରୋମିଲା ଥାପ୍‌ପର (ଜନ୍ମ ୧୯୩୧ ମସିହା) 'ପଦ୍ମଭୂଷଣ' ସମ୍ମାନକୁ ଅସ୍ୱୀକାର କରିଥିଲେ । ନିଜର କର୍ମକ୍ଷେତ୍ର ସଂପର୍କରେ ସେ ନିମ୍ନୋକ୍ତମତେ ଲେଖିଛନ୍ତି – "ଜଣେ ମହିଳା ଆକାଡେମିକ୍ ହୋଇ ତିଷ୍ଠି ରହିବା ବଡ଼ କଷ୍ଟକର । ଅନ୍ତତଃ ଜଣେ ପୁରୁଷ ଏକାଡେମିକ୍‌ଠାରୁ ଅଧିକ କଷ୍ଟକର । ଏହା ଯେ ମୁଁ ଅନୁଭବ କରିଛି, ତାହା ନୁହେଁ, ଏହା ଅନୁଭବ କରିବା ନିମିତ୍ତ ମୋତେ ବାଧ୍ୟ କରାଯାଇଛି । ପ୍ରାଚୀନ ଭାରତୀୟ ଇତିହାସ ସଂପର୍କରେ କାର୍ଯ୍ୟ କରୁଥିବା ମୋ ସହକର୍ମୀଗଣ 'ନାରୀ' ଜଣେ ସେମାନଙ୍କ ସମକକ୍ଷ ହୋଇ ରହିବ, ଏହା ବିପକ୍ଷରେ ପ୍ରତିବାଦ ଉଠାଇଥିଲେ । ମୁଁ ଯେ ଜଣେ ଆର୍ମି ଅଫିସରଙ୍କ ଝିଅ, ତେଣୁ ଉତ୍ତରାଧିକାର ସୂତ୍ରରେ ମୁଁ ପ୍ରାଚୀନ ଇତିହାସ ବୁଝିବାକୁ ଅସମର୍ଥ, ଏକଥା ସେମାନେ ଛାତ୍ରମାନଙ୍କ ସମ୍ମୁଖରେ ପରିହାସ କରି କହୁଥିଲେ । ମୁଁ ନିର୍ଣ୍ଣୟ ନେଲି ଯେ, ଯଦି କିଛି ଆସ୍ଥାସୂଚକ ସ୍ଥିତି ମୋ ନିଜପାଇଁ ମୋତେ ସୃଷ୍ଟି କରିବାକୁ ପଡ଼ିବ, ତା'ହେଲେ ମୋ ପୁରୁଷ ସହକର୍ମୀମାନଙ୍କଠାରୁ ମୋତେ ଦୁଇ ଗୁଣ ଅଧ୍ୟବସାୟୀ ଓ ଶ୍ରଦ୍ଧାଶୀଳ ହେବାକୁ ପଡ଼ିବ । ସୌଭାଗ୍ୟର କଥା ଯେ, ଏହା କରିବା ମୋ ପାଇଁ ବିଶେଷ କଷ୍ଟକର ନ ଥିଲା । ତେବେ ମୋ ସହକର୍ମୀମାନଙ୍କ ମଧ୍ୟରେ କେତେଜଣ ମୋ ପ୍ରତି

Digitized by PPRACHIN, SOA

ସହନଶୀଳ ମଧ୍ଯ ଥିଲେ । ତଥାପି, ଜଣେ ନାରୀ ହୋଇଥିବାରୁ ମୋତେ କର୍ମକ୍ଷେତ୍ରରେ ଅଧିକ ସଚେତନ ହେବାକୁ ପଡୁଥିଲା ।'' (Women who dared : edited by Rita Menon, p-39 Published by Director, N.B.T. India. 2002. ଶ୍ରୀମତୀ ପଦ୍ମାରାମଚନ୍ଦ୍ରନ୍, ଭାରତୀୟ ପ୍ରଥମ ମହିଳା ଆଇ.ଏ.ଏସ୍. ଅଫିସର । ନିଜ ବୃତ୍ତିଗତ ଜୀବନ ସଂପର୍କରେ ସେ କହନ୍ତି ଯେ ''ମୋର ଟ୍ରେନିଂ କାଳରେ ପାହାଡ଼ଚଢ଼ା, ଘୋଡ଼ାଚଢ଼ା, ଫୁଲଚାଷ ଆଦିରେ ପୁରୁଷ ସହକର୍ମୀମାନଙ୍କଠାରୁ ମୁଁ ଅଧିକ ପାରଦର୍ଶିତା ଦେଖାଉଥିଲି । ଏହା ମୁଁ ଅନୁଭବ କରିଥିଲି ଯେ ମୋତେ ଅଧିକ ନ ହେଲେ ମଧ୍ୟ ପୁରୁଷ ସହକର୍ମୀମାନଙ୍କ ସମକକ୍ଷ ହେବାକୁ ପଡ଼ିବ । ଆମେ ଯେ ପ୍ରକୃତରେ ପୁଅମାନଙ୍କଠାରୁ ଭଲ କରୁଥିଲୁ, ଏହା ପ୍ରକାଶ କରିବା ନିମିତ୍ତ ସେହି ସମୟ ଉପଯୁକ୍ତ ନ ଥିଲା ।'' ଭାରତ ବିଭାଜନ କାଳରେ ଶୈଶବ ଅତିବାହିତ କରିଥିବା ପ୍ରସିଦ୍ଧ ଆଇନଜ୍ଞା ଇନ୍ଦିରା ଜୟସିଂହ କହନ୍ତି, ''ମୁଁ ବରାବର ଏହି ପ୍ରଶ୍ନର ସମ୍ମୁଖୀନ ହୁଏ ଯେ, ଆପଣ ଏତେ ଉପରକୁ କିପରି ଆସିଲେ ? ଏହି ଆଇନଜୀବିକା ପୁରୁଷପ୍ରଧାନ । ସାମାଜିକ, ଆଇନସମ୍ମତ ସମସ୍ୟାଗୁଡ଼ିକୁ ଆପଣ କିପରି ସମାଧାନ କରନ୍ତି ?'' ମୁଁ ଠିକ୍ ଜାଣେନା, ହୁଏତ ବ୍ୟକ୍ତିର ଅତୀତକୁ ବିଚାର କଲେ ଏପରି ଘଟିଥାଏ । ଦେଶ ବିଭାଜନ କାଳରେ ମୋର ସ୍ଥାନାନ୍ତରଣ ବହୁ ସମୟରେ ଆଇନ୍‌ର କାର୍ଯ୍ୟ କ୍ଷମଜଗତ ପ୍ରତି ମୋତେ ଆସକ୍ତ କରିଥିଲା । ୧୯୪୭ ମସିହାରେ ମୋର ପରିବାର ସିନ୍ଧୁପ୍ରଦେଶରୁ ଭାରତକୁ ଚାଲି ଆସିଥିଲେ । ଆମ ପୂର୍ବପୁରୁଷର ଭିଟାମାଟି ଆମପାଇଁ ପର ହୋଇଗଲା । ଏଇଥିପାଇଁ ସ୍କୁଲ ଜୀବନରୁ ମୁଁ ଏକ ନିର୍ମୂଳ (Rootless) ସ୍ୱାଧୀନତା ପାଇଗଲି । ନିଜେ ନିଜ ପାଇଁ କର୍ମଧାରା ଓ ପରିଚୟ ସୃଷ୍ଟି କଲି । ସିନ୍ଧ୍ ପରିବାରର ଝିଅ ଭାବରେ, ମୋର ଅଳ୍ପ ବୟସରେ ବିବାହ କରି ସନ୍ତାନ ଜନ୍ମ କରିବା କଥା । ମୁଁ ତାହା କଲି ନାହିଁ । ମୋର କ୍ୟାରିଅର୍ (ବୃତ୍ତିଗତ ଜୀବନ) ପ୍ରତିଷ୍ଠା ପାଇଲା । ମୋର ପିତାମାତା ମୋତେ ବିବାହ ଦେବାକୁ ପ୍ରସ୍ତୁତ ହେଲାବେଳକୁ ଯୌତୁକ କଥା ଉଠିଥିଲା । ଅଳ୍ପ ବୟସରେ ସ୍ଥିରୀକୃତ ହେବାକୁ ଥିବା ବିବାହରେ ମୋର ଶାଶୂଶ୍ୱଶୁର ମୋ ବାପାମାଆଙ୍କ ସହ ଯୌତୁକକୁ ନେଇ ମୂଲଚାଲ କରୁଥିଲେ । ମୁଁ ଭୀତତ୍ରସ୍ତ ହୋଇପଡ଼ିଥିଲି । ଆମ ଏକାନ୍ନବର୍ତ୍ତୀ ପରିବାରରେ ମୋର ସଂପର୍କୀୟା ଭଉଣୀମାନେ (cousins) ଯୌତୁକ ମୂଲଚାଲରେ ବିବାହ କରିଥିଲେ ଓ ସର୍ବଦା ଅଶାନ୍ତି ଭୋଗୁଥିଲେ । ସିନ୍ଧ୍ ସଂପ୍ରଦାୟରେ ଯୌତୁକ ପ୍ରଥା ଚେର ମାଡ଼ି ବସି ଥିଲା । ସେଥିପ୍ରତି କେହି ପ୍ରଶ୍ନ ଉଠାଉ ନ ଥିଲେ । ମୋ ବାପାମାଆ ଭାବୁଥିଲେ ଯୌତୁକ ଏକ ସ୍ୱାଭାବିକ ଘଟଣା ଓ ନ୍ୟାୟସମ୍ମତ । ସିନ୍ଧ୍‌ରେ (ସିନ୍ଧୁପ୍ରଦେଶ) ଏହି ଦୁଃସ୍ଥିତି ପ୍ରବଳ ପରାକ୍ରମଶାଳୀ ଥିଲା । ଏପରିକି, ଭାରତରେ ୧୯୬୧ ମସିହାରେ ଯୌତୁକନିରୋଧ ଆଇନ୍ ଗୃହୀତ ହେବାପୂର୍ବରୁ ସିନ୍ଧ୍‌ରେ ଏହି ଆଇନ୍ ଗୃହୀତ ହୋଇସାରିଥିଲା ।''

Digitized by PPRACHIN, SOA

ଯୌତୁକ ମୃତ୍ୟୁ ସଂପର୍କରେ ତଥ୍ୟ ପ୍ରଦାନ କରି ଇନ୍ଦିରା କହିଥିଲେ, "୧୯୭୯ରେ ହିଁ ଭାରତରେ ପ୍ରଥମ ଯୌତୁକ ମୃତ୍ୟୁ ବିଜ୍ଞାପିତ ହୋଇଥିଲା । କିନ୍ତୁ, ତାହାକୁ ଆତ୍ମହତ୍ୟା କୁହାଗଲା, ସ୍ତ୍ରୀଟି ପୋଡ଼ିହୋଇ ମରିଯାଇଥିବାର କୁହାଗଲା । ମାତ୍ର, ମୃତ୍ୟୁକାଳୀନ ଜମାନବନ୍ଦିରେ ସେହି ସ୍ତ୍ରୀଟି ନିଜ ଶାଶୂ ଓ ନଣନ୍ଦଙ୍କୁ ଦାୟୀ କରିଥିଲା । ପୂର୍ବରୁ ଏସବୁ ଘଟଣାମାନଙ୍କୁ ଚପାଇ ଦିଆଯାଉଥିଲା । ମାତ୍ର 'ତରଭିନ୍ଦର୍ କୌର'ର ମୃତ୍ୟୁପରେ 'ସ୍ତ୍ରୀ ସଂଘର୍ଷ ଅନୁଷ୍ଠାନ'ର ହସ୍ତକ୍ଷେପ ଫଳରେ ଯୌତୁକ ମୃତ୍ୟୁର ଖୋଲାଖୋଲି ପ୍ରତିବାଦ କରାଯାଇଥିଲା ।

ନାରୀ ନିର୍ଯାତନା ଓ ଭିନ୍ନକ୍ଷମା ନାରୀ

ମୁଖ୍ୟତଃ ସମର୍ଥ, ସକ୍ଷମ ନାରୀମାନେ ସମାଜ ଓ ପରିବାରରେ କିପରି ଅବହେଳିତା ଓ ନିର୍ଯାତିତା, ସେହି ବିବରଣୀମାନ ଗଣମାଧ୍ୟମ ବା ନାରୀସୁରକ୍ଷାକର୍ମୀଙ୍କଦ୍ୱାରା ପ୍ରକାଶ ପାଉଛି । ମାତ୍ର ସମାଜ, ପରିବାରରେ ଗୁରୁତର ଅବହେଳାର ଶିକାର ହେଉଥିବା ଭିନ୍ନକ୍ଷମା ନାରୀମାନଙ୍କ କଥା ପ୍ରାୟ ଲୋକଲୋଚନକୁ ଆସୁ ନାହିଁ । ଭିନ୍ନକ୍ଷମାମାନଙ୍କ ବ୍ୟାପାର ଯଦି ବିଚାର କରାଯାଏ, ଅବସ୍ଥା ହୁଏ ଆହୁରି ଶୋଚନୀୟ । ଭିନ୍ନକ୍ଷମାଙ୍କ ନିମିତ୍ତ ଜୀବନଯାପନ କ୍ଷେତ୍ରରେ ବହୁ ଯନ୍ତ୍ରଣା ଓ କଠୋରତା ଅପେକ୍ଷାକରି ରହିଥାଏ । 'ଭିନ୍ନକ୍ଷମା' ଅର୍ଥ ଏଠାରେ ଜନ୍ମରୁ ଛୋଟୀ, ଅନ୍ଧୁଣୀ, ମୂକ, କାଲ, ବଧିରଙ୍କ କଥା କେବଳ କୁହାଯାଉ ନାହିଁ, ସେମାନଙ୍କ ସହିତ, ଯେଉଁମାନେ ଦୁର୍ଘଟଣାଗ୍ରସ୍ତ, ପୋଲିଓ ଆକ୍ରାନ୍ତ, ରୋଗାକ୍ରାନ୍ତ, ସେମାନେ ବି ଭିନ୍ନକ୍ଷମଙ୍କ ମଧ୍ୟରେ ସାମିଲ୍ ହୋଇଥାନ୍ତି । ବହୁସ୍ଥାନରେ ଭିନ୍ନକ୍ଷମା ନାରୀମାନଙ୍କ ସମସ୍ୟା ଅନେକଟା ଲୁଚି ରହିଯାଏ । ସେମାନେ ଅବହେଳାର ଶିକାର ହୁଅନ୍ତି, ଅପମାନିତା ହୁଅନ୍ତି, ଅଥଚ ପ୍ରତିବାଦ କରିବା ନିମିତ୍ତ ସେମାନେ ସାଧାରଣ ନାରୀଙ୍କଠାରୁ ଅଧିକଭାବେ ଅସମର୍ଥ ହୋଇଥାନ୍ତି । ସେଥିପାଇଁ ଭିନ୍ନକ୍ଷମ ନାରୀଟିଏ ସାଧାରଣ ନାରୀଠାରୁ ଅଧିକତର ବଞ୍ଚିତା ଓ ନିର୍ଯାତିତା ହେବା ସ୍ୱାଭାବିକ । ଏ ସଂପର୍କରେ ଲେଖିକା ଓ ସଂକଳିକା ଆଶା ହଂସ କହନ୍ତି, – "We believe that among the people of the world, where women occupy a secondary or minority position, this is further entrenched among the disabled themselves, where women are secluded in another minority status" (Women Desability and Identity, ed. A. Hans, A. Patri, 2003 page - 14, pub : Sage Publications, New Delhi) ତାଙ୍କ କହିବା କଥା, ନାରୀ ତ ସହଜେ ଗୌଣଭାବେ ଗଣ୍ୟା ହୁଏ, ଯଦି ସେ ଭିନ୍ନକ୍ଷମା ହେଲା, ତା'ହେଲେ ଏହି ଗୌଣତା ଦ୍ୱିଗୁଣିତ ହୋଇଯିବା ସ୍ୱାଭାବିକ । ଆଜିକାଲି, ନିଜ ସାମର୍ଥ୍ୟ ପରୀକ୍ଷା କରିବା ନିମିତ୍ତ ନାରୀ ଆଗେଇ ଆସିଲା ବେଳକୁ, ବହୁ ଭାବରେ ନିର୍ଯାତନାର ଶିକାର ହେଉଛି, ଆଉ ଯଦି ସେ ଭିନ୍ନକ୍ଷମା, ତା' ନିର୍ଯାତନାର ଆଉ ସୀମା ରହୁ ନାହିଁ ।

Digitized by PPRACHIN, SOA

ତେବେ ଉପରୋକ୍ତ ପୁସ୍ତକର ସମ୍ପାଦିକା ଆଶା ହଂସ କହନ୍ତି, ସମାଜରେ ସାଧାରଣ ନାରୀର ଅବସ୍ଥା ସୁଧୁରିଲେ ଭିନ୍ନକ୍ଷମାମାନଙ୍କର ଅବସ୍ଥା ମଧ୍ୟ ସୁଧୁରିବ । ତେବେ ଏହି ଭିନ୍ନକ୍ଷମାଗଣ ନିହାତି ଏକତ୍ରଭାବେ କିଛି ଉଦ୍ୟୋଗ କରିବା ମଧ୍ୟ ଆବଶ୍ୟକ ପଡ଼ିବ । ଏ ଦିଗରେ ସମାଜକର୍ମୀଗଣ ସେମାନଙ୍କୁ ସହଯୋଗ କରିବା ସମ୍ଭାବନା ଦୂରବର୍ତ୍ତୀ ନୁହେଁ । ତେଣୁ ଆଧୁନିକ ଯୁଗର ଆଗାମୀ ସମୟରେ ଭିନ୍ନକ୍ଷମାଙ୍କ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହେବ– ତାଙ୍କ ଭାଷାରେ ଆଶାଜନକ ବକ୍ତବ୍ୟର ସ୍ୱରୂପ ନିମ୍ନରେ ପ୍ରଦତ୍ତ ହେଲା– "In the old stand point disabled woman's condition was bound to improve. However, we see disabled women as a specific social group, willing to challenge the differential treatments and achieve. heights not visualised. (ତତ୍ରୈବ) ବୁଦ୍ଧିମତୀ, ପ୍ରତିଷ୍ଠାପନ୍ନା ନାରୀ ଏକଦା ବହୁ ବାଛବିଚାରର ସମ୍ମୁଖୀନ ହେବାର ଦୃଷ୍ଟାନ୍ତ ପୂର୍ବରୁ ଅଭିବ୍ୟକ୍ତ ହେଲା । ତେଣୁ ସାଧାରଣ ନାରୀର ସ୍ଥିତି ଓ ଭିନ୍ନକ୍ଷମାଙ୍କ ଅବସ୍ଥା ଆହୁରି ଦୁରୂହ ବୋଲି ବୁଝିବାକୁ ହେବ । ତେବେ ସମାଜ ଓ ପରିବାରର ମାନସିକ ସ୍ଥିତି ପରିବର୍ତ୍ତିତ ହେବାର କିଂଚିତ୍ ଲକ୍ଷଣ ପରିଦୃଷ୍ଟ ହେଉଛି । ହୁଏତ ସମୟକ୍ରମେ ଏହି ପରିବର୍ତ୍ତନ ଶକ୍ତିଶାଳୀ ଓ ତ୍ୱରାନ୍ୱିତ ହେବ, ଏହା ଆଶା କରିବା ସକାରାତ୍ମକ ନିଶ୍ଚୟ !

Digitized by PPRACHIN, SOA

କନ୍ୟା ଓ ତା'ର ଅଧିକାର

କନ୍ୟାସନ୍ତାନ ପ୍ରତି ଅବଜ୍ଞା କେବଳ ଜନ୍ମ ପରେ ନୁହେଁ, ଜନ୍ମପୂର୍ବରୁ ଏ ପ୍ରକାର ଅବହେଳା, ଘୃଣା ପ୍ରଚୁର ଭାବେ ପରିଲକ୍ଷିତ ହୁଏ । ଜନ୍ମ ହୋଇ ନ ଥିବା ଓ ଜନ୍ମ ହୋଇ ସାରିଥିବା କନ୍ୟାଙ୍କ ପ୍ରତି ହତାଦର ଓ ସମୂଳେ ବିନଷ୍ଟ କରିବାର ନୃଶଂସତାକୁ ସ୍ୱୀକାର ନ କରିବାର ଉପାୟ ନାହିଁ । ଆମେ ଯେତେ ସଭ୍ୟ, ଯେତେ ଶିକ୍ଷିତ, ଯେତେ ମାନବିକତାର ଅଧିକାର ହେଉ ନା କାହିଁକି, 'କନ୍ୟା'କୁ ନେଇ ଆମେ ଖୁବ୍ ରକ୍ଷଣଶୀଳ ଓ ଅନ୍ଧବିଶ୍ୱାସର ବଶବର୍ତ୍ତୀ । ସେଥିପାଇଁ ଆବହମାନକାଳରୁ 'ଝିଅ ଜନମ ପର ଘରକୁ', 'ଝିଅ ପରଘରୀ', 'ପର ହାଣ୍ଡି ଧୋଇ ଭାତ ଖାଇବ' ଆଦି ସାମାଜିକ ଚଳଣି ଉପରେ ପ୍ରତିଷ୍ଠିତ ପ୍ରବଚନ ଝିଅକୁ ସମାଜ ଓ ପରିବାରରେ ନ୍ୟୂନ କରି ରଖିନେବାକୁ ଯଥେଷ୍ଟ ହୋଇଛି । ବର୍ତ୍ତମାନର ଏହି ସଚେତନ ସମୟରେ କନ୍ୟାସନ୍ତାନଟି ତଥାପି ପରିବାରର ବୋଝରୂପେ ପରିଗଣିତ ହେଉଛି । କନ୍ୟା ସନ୍ତାନ ପ୍ରତି ଏ ପ୍ରକାର ଅବହେଳା ସହିତ ଆଧୁନିକ ବୈଷୟିକ ଯୁଗରେ ବୈଷୟିକ ଜ୍ଞାନର ସମୃଦ୍ଧି ବଳରେ କନ୍ୟାସନ୍ତାନର ଆଗମନକୁ ନିଷେଧ କରାଯାଉଛି । ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ନିର୍ଣ୍ଣୟ କରି କନ୍ୟା ଭ୍ରୂଣକୁ ହତ୍ୟା କରାଯାଉଛି । ପରିଣତିରେ ଅନେକ ରାଜ୍ୟରେ ନାରୀ ଓ ପୁରୁଷଙ୍କ ଅନୁପାତରେ ବିଲକ୍ଷଣ ଦେଖାଯାଉଛି । ଏହି ଜଘନ୍ୟ ହତ୍ୟା ବିରୋଧରେ ଆଇନ୍ ମଧ୍ୟ ରହିଛି । କିନ୍ତୁ ତାହା ଏହି କନ୍ୟାଭ୍ରୂଣ ହତ୍ୟାକୁ ସମୂଳେ ନିଷେଧ କରିପାରୁ ନାହିଁ । କାରଣ, ମଣିଷ ମନର ପରିବର୍ତ୍ତନ ନ ହେଲେ କେବଳ ଆଇନ୍ କାନୁନ୍ କୌଣସି କୁତ୍ସିତ ପ୍ରଥା ବା ନିଷ୍ଠୁର କ୍ରିୟାକୁ ନିଷେଧ କରିବା ନିମିତ୍ତ ସମର୍ଥ ହେବ ନାହିଁ ।

'ସ୍ତ୍ରୀ ଶକ୍ତି', 'ମହିଳା ସଶକ୍ତିକରଣ' ସ୍ଲୋଗାନ୍‌ରେ ଚାରିଆଡ଼େ ଆଲୋଡ଼ନ ସୃଷ୍ଟି ହେବାରେ ଲାଗିଛି । ଏହି ସମୟରେ ଭାରତର ରାଜଧାନୀ ଦିଲ୍ଲୀ ମହାନଗରୀରେ କନ୍ୟାଭ୍ରୂଣ ହତ୍ୟା ବଢ଼ି ବଢ଼ି ଚାଲିଛି । ଆଶ୍ଚର୍ଯ୍ୟର ଘଟଣା, ଉଚ୍ଚଶିକ୍ଷିତ ଧନୀ ପରିବାରରେ ମଧ୍ୟ ସ୍ୱେଚ୍ଛାରେ ଗର୍ଭଧାରିଣୀ ମାଆମାନେ ଗର୍ଭର କନ୍ୟାଭ୍ରୂଣକୁ ହତ୍ୟା କରିବା ନିମିତ୍ତ ସମର୍ଥନ ଜଣାଉଛନ୍ତି । ଏଥିରୁ ଜଣାଯାଉଛି ଯେ, ଅବଚେତନ ମନ ତଳେ କନ୍ୟାସନ୍ତାନ ପ୍ରତି ହେୟ ମନୋଭାବ ଏବେ ମଧ୍ୟ ଶିକ୍ଷିତ ମନୁଷ୍ୟମାନଙ୍କ ମଧ୍ୟରେ, ବାପମାଆଙ୍କଠାରୁ ଆରମ୍ଭ କରି ପ୍ରିୟପରିଜନମାନଙ୍କ ମଧ୍ୟରେ ଭରିରହିଛି । ଏକଥା ସତ୍ୟ ଯେ ପ୍ରାଚୀନ କାଳରୁ ପୃଥିବୀର ଅନେକ ଦେଶରେ ପୁତ୍ରସନ୍ତାନ ଅପେକ୍ଷା କନ୍ୟାସନ୍ତାନ ପିତାମାତାଙ୍କଦ୍ୱାରା ଅବାଞ୍ଛିତ ରୂପେ ଗଣ୍ୟ ହେଉଥିଲେ । ପୂର୍ବକାଳରେ ବିଜ୍ଞାନର ପ୍ରଗତି ନ ଥିବାରୁ ଭ୍ରୂଣର ଲିଙ୍ଗ ନିର୍ଣ୍ଣୟ

Digitized by PPRACHIN, SOA

ହୋଇପାରୁ ନ ଥିଲା । ମାତ୍ର, ଜନ୍ମ ପରେ ପରେ ଧାଈମାନେ ଲୁଣ ମେଞ୍ଚାଏ ଖୁଆଇ ଶିଶୁକନ୍ୟାକୁ ହତ୍ୟା କରୁଥିବାର ବହୁ ଦୃଷ୍ଟାନ୍ତ ଭାରତବର୍ଷର କେତେକ ଅଞ୍ଚଳରେ ବଳବତ୍ତର ରହିଛି । ଏପରି ଅବସ୍ଥା ହୋଇଛି ଯେ, ଏ ବିଜ୍ଞାନସମ୍ମତ ଯୁଗରେ ବି ଝିଅ ଜନ୍ମ କଲେ ମାଆକୁ ଘୃଣା ଓ ହତାଦର କରାଯାଉଛି । ଶିଶୁକନ୍ୟାମାନଙ୍କୁ ହତାଦର ସହ ମାଆକୁ ଶାରୀରିକ ଓ ମାନସିକ ନିର୍ଯାତନାର ଅନ୍ତ ନାହିଁ । ଥରେ କଲିକତାର ଏକ ନର୍ସିଂହୋମ୍‌ର ଝର୍କାଦେଇ ତଳକୁ ନବଜାତ କନ୍ୟାକୁ ଫିଙ୍ଗିଦେଇ ମାଆଟି ହତ୍ୟା କଲା । ସେ ତାହା ସ୍ୱୀକାର କଲା ଏବଂ ଏଇଟି ତା'ର ତୃତୀୟ କନ୍ୟାସନ୍ତାନ ବୋଲି ସେ ଏପରି କଲା । କାରଣ ଶାଶୂ ଓ ସ୍ୱାମୀ କହିଥିଲେ, ଆଉ ଝିଅ ଜନ୍ମ କଲେ ଘରକୁ ଫେରିବୁ ନାହିଁ । ଦ୍ୱିତୀୟ କନ୍ୟା ପ୍ରସବ ପରେ ତାକୁ ତା'ର ଶାଶୂ ଦିନକୁ ମାତ୍ର ଥରେ ଖାଇବାକୁ ଦେଉଥିଲେ । ଧମକ, ହତାଦର, ଘୃଣାକୁ ସହି ନ ପାରି ଝିଅଟିକୁ ମାରିଦେବାର ସିଦ୍ଧାନ୍ତ ନେଲା ମାଆଟିଏ । ଅନ୍ୟତ୍ର କନ୍ୟା ଜନ୍ମ ପ୍ରତି ବିଦ୍ୱେଷ ଏତେ ବେଶି ବଢ଼ିଯାଇଛି ଯେ, ତନ୍ମଧ୍ୟରୁ ଗଣମାଧ୍ୟମରେ ଚର୍ଚ୍ଚିତ ହୋଇଥିବା କେତୋଟି ଘଟଣା ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ । ଉତ୍ତର-ପଶ୍ଚିମ ଭାରତରେ କନ୍ୟାସନ୍ତାନ ପ୍ରତି ଅଶ୍ରଦ୍ଧା ଓ ବୈରଭାବ, ଏତେ ବେଶି ବଢ଼ିଯାଇଛି ଯେ, ସନ୍ତାନ ଜନ୍ମର ଅନୁପାତ ବହୁତ କମି ଆସିଲାଣି । ପୁତ୍ରସନ୍ତାନ ୧୦୦୦ ଜନ୍ମ ହେଲା ବେଳକୁ କନ୍ୟାସନ୍ତାନର ହାର ୬୦୦କୁ ଖସିଲାଣି । ଗୁଜୁରାଟ, ମେହେସନା ଓ ବିଜାପୁର ତାଲୁକ ଭଳି କେତେକାଞ୍ଚଳରେ ଏଭଳି ଅବସ୍ଥା ହୋଇଛି, ଧନିକଶ୍ରେଣୀର ଲୋକେ ବହୁସଂଖ୍ୟାରେ କନ୍ୟାଭ୍ରୂଣ ହତ୍ୟା କରୁଛନ୍ତି । ସାଧାରଣ ଲୋକେ ମଧ୍ୟ କେତେକାଂଶରେ ଏହି କୁକର୍ମ କରୁଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କେତେକ ନିର୍ଦ୍ଦିଷ୍ଟ ସଂପ୍ରଦାୟ, ଯଥା- 'ପଟେଲ' ସଂପ୍ରଦାୟ କନ୍ୟା ଜନ୍ମ ହାର ବଢ଼ାଇବା ଲାଗି ବିଭିନ୍ନ ଯୋଜନା ଚଳାଇଛନ୍ତି । ଏହି ଯୋଜନା ମାଧ୍ୟମରେ ଦୁଇଟି କନ୍ୟା ଥିବା ଦମ୍ପତିକୁ Fiscal ବଣ୍ଡ୍ ଦିଆଯାଉଛି । ସେମାନେ ୨୫୦୦ ଟଙ୍କାଠାରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ପାଇବେ ଓ ଝିଅର ପଢ଼ିବାଖର୍ଚ୍ଚ ପ୍ରତି ବର୍ଷକୁ ୩ ହଜାର ଟଙ୍କାଯାଏଁ ମିଳିବ । ଫଳରେ ଦମ୍ପତିଗଣ ଉତ୍ସାହିତ ହେବେ ଓ ଝିଅକୁ ଜନ୍ମଦେଇ ବଞ୍ଚାଇ ରଖିବାକୁ ଚାହିଁବେ । ଅବସ୍ଥା ସାଂଘାତିକ ହେବାରୁ ଜନପ୍ରତିନିଧିମାନେ ମଧ୍ୟ ସଚେତନ ହେଲେଣି । ମେହେସନା ଜିଲ୍ଲା ପଞ୍ଚାୟତର ସଭାପତି ରମଣ ପଟେଲ୍ କହନ୍ତି – "The objective behind the bonds (above mentioned) is to encourage people to have more girls, who will not be burden on them as their educational and marriage expenses would be taken care of by the community" (Times of India, June 24th Issue 2006 page–II. The title of the article "Girl child : A bond in Gujrat, borne in Haryana" By Radha Sharma and by Sukhbi Siwach/Tnn.) କିନ୍ତୁ କେତେଦିନ ଏହିପରି ବାହାରର ଆଇନ, ସୁଯୋଗ ଓ ନିବେଦନ ଉପରେ ସମାଜକୁ

Digitized by PPRACHIN, SOA

ନିର୍ଭର କରିବାକୁ ହେବ ? ଝିଅଟିଏ ଜନ୍ମ ହେବାର ଶୁଭଲଗ୍ନ ପରିବାରପାଇଁ ଅଭିଶାପ ରୂପେ ପରିଗଣିତ ହେଉଥିବ ? ଏକବିଂଶ ଶତକର ସଭ୍ୟତା ପ୍ରତି ଏହା ଚରମ ଅପମାନ ନୁହେଁ କି ? କୌଣସି ସଂପ୍ରଦାୟର ସହାନୁଭୂତି, ସରକାରଙ୍କ ଆଇନ୍ କଟକଣା ସତ୍ତ୍ୱେ ଲୋକଙ୍କ ମନରୁ ଝିଅ ପ୍ରତି ଅନାଦର ଦୂରୀଭୂତ ହୋଇପାରୁ ନାହିଁ । ହୁଏତ ଆଜିକାଲି ପିତାମାତା ତଥା ପରିବାରଠାରୁ ଲୋକଙ୍କ ମନୋବୃତ୍ତି ପର୍ଯ୍ୟନ୍ତ କିଛିଟା ବଦଳିଛି, ସୁଧୁରିଛି । କିନ୍ତୁ ଝିଅକୁ ଅଭିଶାପ ବୋଲି ଗ୍ରହଣ କରିବା ମନୋବୃତ୍ତି ବ୍ୟାପକ ଓ ଦୃଢ଼ । ଜନ୍ମରୁ ମୂଳପୋଛ କରିବାର ଯୋଜନା ଯେଉଁଠି ସକ୍ରିୟ, ସେଠାରେ 'ଜୀବନ' ଓ 'ମର୍ଯ୍ୟାଦା'ର ପ୍ରଶ୍ନ ଉଠୁଛି କେଉଁଠାରେ ? 'ଯଦି ତାକୁ ମାରି ନ ପାରୁଛ (କନ୍ୟାସନ୍ତାନକୁ) ତାକୁ ଅଭିଶାପ ଦିଅ ।' ହରିୟାନାର ପିତାମାତାଙ୍କ ପ୍ରତି ଏହା ପ୍ରଯୁଜ୍ୟ । ଅଧିକାଂଶ ସ୍ଥଳରେ କନ୍ୟାସନ୍ତାନର ନାମକରଣରେ ଏପ୍ରକାର ମନୋବୃତ୍ତିର ପ୍ରତିଫଳନ ଦେଖିବାକୁ ମିଳିଥାଏ । କାରଣ କନ୍ୟାର ନାମକରଣ କରାଯାଏ, 'ଭତେରି' (ଯଥେଷ୍ଟ), 'ମାରିଆ' (ମରିବା ଭଳି), 'ମାରୋ' (ହତ୍ୟା କର), 'ବଧୋ' (ବହୁତ ହେଲା) 'ମାଫି (ଆଉ ନୁହଁ), 'ଭାରପାଇ' (ଦଣ୍ଡପାଉଛୁ) ଇତ୍ୟାଦି ନାମ ଓ ତା'ର ଅର୍ଥ ଏଠାରେ ପ୍ରଦାନ କରାଗଲା । ପୁଅମାନଙ୍କର ନାମ ଦିଆଯାଏ 'ଲକ୍ଷପତି', 'ଉନା' (ଆୟୁଷ୍ମାନ୍) ଇତ୍ୟାଦି । ହରିଆଣା ରାଜ୍ୟରେ ଏକବିଂଶ ଶତାବ୍ଦୀରେ ମଧ୍ୟ ଏହି ମନୋବୃତ୍ତିର ବିଶେଷ ପରିବର୍ତ୍ତନ ଘଟି ନାହିଁ । ସୁଖବୀର ସିୱାକ୍ କହନ୍ତି – "In the magged Naryana landscape, nothing much has changed for the fair sex in the 21st century". (ତତ୍ରୈବ) । ହରିଆଣା ରାଜ୍ୟର ଜନଜୀବନର, ପାରିବାରିକ ଅସହିଷ୍ଣୁତାର ସ୍ୱରୂପକୁ ଦର୍ଶାଇ ହରିଆଣାର ସର୍ବଭାରତୀୟ ଗଣତାନ୍ତ୍ରିକ ମହିଳା ସଂଗଠନର ସଭାପତି ଜାଗମତି ସାଂୱାନ୍ କହନ୍ତି –"It reflects the negative mindset and negligence towards girls. This, when sex ratio is already so seriously declined". ତଥାପି ହରିଆଣାରେ ବିଭିନ୍ନ କାର୍ଯ୍ୟକ୍ରମଦ୍ୱାରା ନାରୀର ବିକାଶ ତ୍ୱରାନ୍ୱିତ କରିବାକୁ ଜୋରସୋର ଉଦ୍ୟମ ଚାଲିଛି । ନାରୀ ଓ ଶିଶୁବିକାଶ କମିସନର ଓ ହରିଆଣାର ନାରୀକମିସନ ପ୍ରେସିଡେଣ୍ଟ ଶ୍ରୀମତୀ ଡଲିପ୍ କୌର କହନ୍ତି ଯେ, "ତାଙ୍କ ଗାଁ 'ଭିୱାନି'ରେ ବହୁ ନାମକରଣ 'ଭିତରେ' (ଅର୍ଥ : 'ଯଥେଷ୍ଟ, 'ଆଉ ନାହିଁ') ଆଦି କରାଯାଉଥିଲା । କିନ୍ତୁ ଆଜିକାଲି ଲୋକେ କିଛି ଭଲ ଓ ଆଧୁନିକ ନାମ ସେମାନଙ୍କ ଝିଅଙ୍କପାଇଁ ବାଛିଲେଣି । ହରିଆଣା ରାଜ୍ୟ ଝିଅଙ୍କ ଉନ୍ନତି ଓ ବିକାଶକଳ୍ପେ ବହୁ କାର୍ଯ୍ୟକ୍ରମ ଚାଲୁରଖିଛନ୍ତି ଏବଂ ସେମାନଙ୍କ ସାମାଜିକ ସ୍ଥିତି, ମାନମର୍ଯ୍ୟାଦାର ଉନ୍ନତିପାଇଁ ଆମେମାନେ ଧ୍ୟାନଶୀଳ ରହିଛୁ ।"

ଉପରୋକ୍ତ ପ୍ରକାରେ ଯୋଜନାବଦ୍ଧ କ୍ରିୟାକଳାପଦ୍ୱାରା ମଣିଷର କେଉଁ କାଳର ଅନ୍ଧବିଶ୍ୱାସର ପରିବର୍ତ୍ତନ ଆଶା କରାଯାଉଛି । ଏହି ପରିବର୍ତ୍ତନର ଗତି ଖୁବ୍ ମନ୍ଥର ।

Digitized by PPRACHIN, SOA

ଯେହେତୁ ପରିବାର ଝିଅକୁ ବୋଝ ମନେ କରୁଛି ଓ ସମାଜ ଝିଅଟିର ଅସ୍ତିତ୍ୱକୁ ଅପାଙ୍‌କ୍ତେୟ ଭାବୁଛି, ତେଣୁ ଆଜି ମଧ୍ୟ ଆଇନ୍ ସଫଳ ହୋଇପାରୁ ନାହିଁ । ପୂର୍ବ ସମୟରେ ଝିଅଟିଏ ପିତାମାତାଙ୍କଠାରୁ ଜନ୍ମ ହୋଇଥିଲେ ମଧ୍ୟ ଆଇନତଃ ଉତ୍ତରାଧିକାରୀ (legal heir) ଭାବେ ସ୍ୱୀକୃତ ହେଉ ନ ଥିଲା । ଫଳତଃ ଝିଅଟିର ଆର୍ଥିକ ସୁରକ୍ଷା ଆଦୌ ନ ଥିଲା । ତେଣୁ ସେ ଅସହାୟା ଓ ଦୟନୀୟା ହୋଇଥିଲା । ସମୟକ୍ରମେ ଆଜି ସେ ଆଇନ୍ ମାଧ୍ୟମରେ ଆର୍ଥିକ ଅଧିକାର ପାଇଛି, ଉତ୍ତରାଧିକାରୀ ହେବାକୁ ଯୋଗ୍ୟା ହୋଇଛି । ମାତ୍ର ଏହି ଅଧିକାର କାର୍ଯ୍ୟକାରୀ ହେବା ପଥରେ ଅନେକ ବାଧାବିଘ୍ନ ରହିଯାଇଛି ।

ପୈତୃକ ସଂପତ୍ତିରେ ଅଧିକାର

କନ୍ୟାକୁ ତା'ର ଅଧିକାର ପ୍ରଦାନ ନିମିତ୍ତ ଆଇନ୍ ପ୍ରଣୟନ କରାଗଲା । ୧୯୫୬ ମସିହାରେ 'ହିନ୍ଦୁ ଉତ୍ତରାଧିକାରୀ ବିଲ୍' (The Hindu Succession Act) ଭାରତରେ ସର୍ବସମ୍ମତିକ୍ରମେ ଗୃହୀତ ହେଲା । ଭାରତୀୟ ନାରୀକୁ ତା'ର ପୈତୃକ ସଂପତ୍ତିରେ ପୁତ୍ରସହ ସମାନ ଅଧିକାର ଲିଖିତ ଭାବେ ପ୍ରଦାନ କରାଗଲା । ଏଥି ମଧ୍ୟରେ ପ୍ରାୟ ଅର୍ଦ୍ଧଶତାବ୍ଦୀ ବିତିଗଲାଣି । ବହୁ କମ୍‌ସଂଖ୍ୟକ ନାରୀ ଏହି ଆଇନ୍ (Act) ର ସୁଯୋଗ ନେଉଛନ୍ତି । ଗରିବ ଓ ମଧ୍ୟବିତ୍ତ ପରିବାରର ନାରୀ ପ୍ରାୟତଃ ଏହି ସୁଯୋଗ ନେଇ ନାହାନ୍ତି । ଲେଖିକା ଓ ନାରୀ ସମସ୍ୟା ଅନୁଧ୍ୟାନକାରିଣୀ ଶ୍ରୀମତୀ ବସୁ କହନ୍ତି – ''ଏକଥା ନୁହେଁ ଯେ ନାରୀମାନେ ଏଇ ଆଇନ୍ ବିଷୟରେ ଅବଗତ ନୁହନ୍ତି । ବରଂ ପିତୃ ଗୃହ ସହ, ଭାଇଭାଉଜଙ୍କ ସହିତ ଶ୍ରଦ୍ଧା ସଂପର୍କ ରଖିବା ନିମିତ୍ତ ସେମାନେ ଆଗ୍ରହୀ । ତେଣୁ ସମାଜରେ ପ୍ରଚଳିତ ବାପଘରର ଦିଆନିଆ ସଂପର୍କକୁ ସମ୍ମାନ ଦେଇ ନାରୀମାନେ ଉପରୋକ୍ତ ଅଧିକାରକୁ ସାବ୍ୟସ୍ତ କରିବାକୁ ପଛଘୁଞ୍ଚା ଦେଉଛନ୍ତି ।'' (Inner flapର ଓଡ଼ିଆ ପ୍ରରୂପ – She comes to Take her Rights : Indian women property and propriety by Shrimati Basu, Pulb kali for women, 2001).

ପୈତୃକ ସଂପତ୍ତିରେ ଅଧିକାର ସାବ୍ୟସ୍ତ କରିବା କନ୍ୟାଟିଏପାଇଁ ସହଜ ନୁହେଁ ନିଶ୍ଚୟ । ଏହା ମଧ୍ୟ ସତ ଯେ, ସେ ପିତୃପରିବାରର ସମସ୍ତଙ୍କ ସହ ସୁସଂପର୍କିତ ହେବାକୁ ଚାହେଁ । ଖୁବ୍ ଧନୀ ପରିବାରରେ ଝିଅମାନେ ସଂପତ୍ତିରେ ଭାଗନେବାକୁ ପ୍ରସ୍ତୁତ ହୋଇ ଆଗେଇ ଆସୁଛନ୍ତି, ମାତ୍ର ସାଧାରଣ ପରିବାରର ଝିଅମାନେ ପ୍ରାୟ ଆଗେଇ ଆସୁ ନାହାନ୍ତି ଓ ସ୍ଥଳବିଶେଷରେ ସେମାନଙ୍କର ସଫଳ ହେବାପଥରେ ନାନାପ୍ରକାର ଅନ୍ତରାୟ ରହୁଛି । ଏଠାରେ ଏହି ଘଟଣାର ସତ୍ୟତା ଦର୍ଶାଇବାକୁ ନିମ୍ନୋକ୍ତ ଗୋଟିଏ ଉଦାହରଣ ଅପ୍ରାସଂଗିକ ହେବ ନାହିଁ ।

ସିପ୍ରା ବୋଲି ପଶ୍ଚିମବଙ୍ଗର ଝିଅଟିଏ । ତା'ର ତିନି ଭଉଣୀ ଓ ଗୋଟିଏ ଭାଇ । ଦୁଇ ଭଉଣୀଙ୍କ ବିବାହ ପରେ ବାପାଙ୍କର ମୃତ୍ୟୁ ହୁଏ । ପୂର୍ବରୁ ମାଆଙ୍କ ଦେହାନ୍ତ

Digitized by PPRACHIN, SOA

ହୋଇସାରିଥାଏ, ସିପ୍ରାର ବଡ଼ ଦୁଇ ଭଉଣୀ ବିବାହ କାଳରେ ଉପଯୁକ୍ତ ଜିନିଷପତ୍ର ଯୌତୁକ ଆକାରରେ ନେଇଥିଲେ । ମାତ୍ର ବାପାଙ୍କ ମୃତ୍ୟୁପରେ ସିପ୍ରାର ବିବାହ କାଳକୁ ଅବସ୍ଥା ଦୟନୀୟ ହୋଇପଡ଼ିଲା । ବାପାଙ୍କର ଭଲ ଜମି ଓ ଘର ଇତ୍ୟାଦି ଥିଲେ ମଧ୍ୟ ଭାଇ ସିପ୍ରାକୁ କିଛି ଦେଲେ ନାହିଁ । ଅଥଚ, ଭାଇ କହିଥିଲେ ଯେ, ‘‘ତୁ ତୋର ଭାଗ ଜମିବାଡ଼ି ମୋ ନାମରେ ଲେଖି ଦେ । ମୁଁ ତୋ ବିଭାଘର ଖୁବ୍ ଭଲରେ କରାଇଦେବି ।’ ଭାଇ ସହିତ ରହିଲାବେଳେ ସିପ୍ରା ଭାଇଭାଉଜଙ୍କଠାରୁ ମାଡ଼ଗାଳି ବି ଖାଉଥିଲା । ତେଣୁ ଭଲରେ ବିଭାହେବା ଓ ଭଲ ବ୍ୟବହାର ପାଇବା ଆଶାରେ ସେ ତା’ର ଭାଗ ଜମିବାଡ଼ି ଭାଇ ନାମରେ ଲେଖିଦେଲା । ଏହି ଘଟଣାର ୪/୫ ମାସ ପରେ ସିପ୍ରାର ଭାଇ ଗୋଟେ ଅଜଣା, ଦୂରର ଲୋକସହିତ ସିପ୍ରାର ବିଭାଘର କରାଇଦେଲା । ବିବାହ କାଳରେ ମାତ୍ର ୪/୫ଖଣ୍ଡ ଲୁଗା ଦେଇଥିଲା । ଏପରିକି, ତା’ର ଗରିବ ସ୍ୱାମୀଠାରୁ ସିପ୍ରା ଜାଣିବାକୁ ପାଇଲା ଯେ, ତାକୁ ବିଭାଦେବା ବାବଦରେ ତା’ ଭାଇ ତା’ ସ୍ୱାମୀଠାରୁ କିଛି ଟଙ୍କା ମଧ୍ୟ ନେଇଛି ।’’ (ତତ୍ରୈବ ପୃ-୭୫) । ସିପ୍ରା ଆଉ ନିଜର ଅଧିକାର ସାବ୍ୟସ୍ତ କରିବାର ଅଧିକାର ବା ସୁଯୋଗ ପାଇଲା ନାହିଁ । ଏହିଭଳି ଦେଖିବାକୁ ଗଲେ, ଝିଅଟିଏ ସହଜରେ ପୈତୃକ ସଂପତ୍ତିରେ ଅଧିକାର ସାବ୍ୟସ୍ତ କରି, ଆଇନ୍‌ର ଆଶ୍ରୟ ନେଇ, ପ୍ରାପ୍ୟ ଅର୍ଥ ଲାଭ କରିବା ପଥରେ ଅଚାନକ ବାଧା ବିପଦ ଆସିଥାଏ ।

ଝିଅଟିଏ ପିତୃ ସଂପତ୍ତିରେ ଅଧିକାର ପାଇବ ନାହିଁ । ତା’ର କାରଣସ୍ୱରୂପ ବିଚାର କରାଯାଏ ଯେ ବିବାହ କାଳରେ ଯୌତୁକ ବାବଦ ସେ ବେଶ୍ କିଛି ଅର୍ଥ ପାଇସାରିଛି । ପରିବାରରେ ଝିଅ ବିଭାକାଳରେ ଯଥେଷ୍ଟ ଅର୍ଥ ଖର୍ଚ୍ଚ ହୁଏ ନିଶ୍ଚୟ । ଉତ୍ତର ଓ ଦକ୍ଷିଣ ଭାରତରେ, ଅନ୍ୟସ୍ଥାନରେ ମଧ୍ୟ ବେଳେ ବେଳେ କନ୍ୟା ବିବାହ କାଳରେ ଯୌତୁକ ପୈତୃକ ସଂପତ୍ତିଠାରୁ ଅଧିକ ହୋଇଯାଏ । କିନ୍ତୁ ବିବାହ କାଳରେ ପ୍ରଦତ୍ତ ଏହି ଯୌତୁକ କ’ଣ ଝିଅଟିର ନିଜସ୍ୱ ସଂପଦ ବୋଲି କୁହାଯାଇପାରିବ ? ଭାଇମାନେ ଆଜୀବନ ଭଲ ଭଲ ଉପହାର ପଠାଇବେ, ଏହି ଆଶା ରଖି, ଝିଅମାନେ ବି ପିତୃସଂପତ୍ତିରେ ଅଧିକାର ପାଇବାକୁ ଚାହାନ୍ତି ନାହିଁ । ବିବାହର ନେଣଦେଣ କାରବାରରେ, ଦର୍ କଷାକଷିରେ, ଝିଅକୁ ଯୌତୁକ ଦିଆଯାଇଥାଏ ଓ ତା’ର ଉତ୍ତରାଧିକାର ସେଇଥିରେ ସରିଯାଏ । ମାତ୍ର ଯୌତୁକବାବଦ ଅର୍ଥ ଓ ବିବାହକାଳୀନ ଖର୍ଚ୍ଚ କଦାପି ଉତ୍ତରାଧିକାରର ସମକକ୍ଷ ହୋଇ ନ ପାରେ । ଯୌତୁକ ଧନ କେବେ ଝିଅଟିର ଆର୍ଥିକ ସହାୟତାରେ ଆସିପାରେ ବି ? ଝିଅମାନେ ଏପରି ବି କହିଥାନ୍ତି ଯେ, ‘‘ଆମ ଭାଇ ଯେତେବେଳେ ବାପାମାଆଙ୍କ ଖବର, ଦେହମୁଣ୍ଡ, ଆପଦବିପଦ କଥା ବୁଝୁଛି, ଯତ୍ନ ନେଉଛି, ବାପାଙ୍କ ସଂପତ୍ତି ସେ ନେଉ । ମୁଁ କିଛି କରିପାରୁ ନାହିଁ, ଦୂରରେ ରହିଲି, ନ୍ୟାୟତଃ ବାପାଙ୍କ ସଂପତ୍ତି ଭାଇର ।’’ ଏ କ୍ଷେତ୍ରରେ ଅବଶ୍ୟ ଉଚ୍ଚ ବିତ୍ତ କନ୍ୟାମାନେ ଅଧିକାଂଶ କ୍ଷେତ୍ରରେ ପିତୃସମ୍ପତ୍ତିରେ ଭାଗ ନେଇଥାନ୍ତି ।

Digitized by PPRACHIN, SOA

ପାକିସ୍ଥାନର ଏକ ସ୍କୁଲ୍‌ର ପ୍ରିନ୍‌ସିପାଲ୍ ସୋନଲ ୭୭ ବର୍ଷ ବୟସ୍କା ମହିଳା । ସେ କହନ୍ତି, ''ସମାଜରେ ନାରୀ ନିଶ୍ଚୟ ଉପଯୁକ୍ତ ମର୍ଯ୍ୟାଦା ପାଏ ନାହିଁ । ତା'ର ସ୍ୱାର୍ଥତ୍ୟାଗପାଇଁ ସେ ପୁରୁଷଠାରୁ ଅଧିକ ସମ୍ମାନ ପାଇବା କଥା । ଆମର ପ୍ରବାଦ ଅଛି, 'ବାପାଠାରୁ ମାଆ ଏଗାର ଗୁଣ ଅଧିକ ସମ୍ମାନ ପାଇବାର ହକ୍‌ଦାର ।'' (ତତ୍ରୈବ, ପୃ- ୧୭୨) । ଆମ ଓଡ଼ିଶାରେ ମଧ୍ୟ ପ୍ରବାଦ ଅଛି– ''ଘୋଡ଼ାଚଢ଼ା ବାପ ନ ଥାଉ, ଧାନ କୁଟୁଣୀ ମାଆ ଥାଉ ।'' କାରଣ, ଧନୀ ବାପାଠାରୁ ଦରିଦ୍ର ମାଆଟିଏ ପିଲାଙ୍କପାଇଁ ବେଶି ଉପଯୋଗୀ । କାରଣ ମାଆ ସ୍ନେହ ଶ୍ରଦ୍ଧାର ଖଣି ।

ଆର୍ଥିକ ସୁରକ୍ଷା

ତେବେ କି ଧନୀ, କି ଦରିଦ୍ର– ସବୁ ଶ୍ରେଣୀର ନାରୀଙ୍କପାଇଁ ପିତୃ ସଂପତ୍ତିରେ ଅଧିକାର ଏକ ନିଶ୍ଚିତ ଆର୍ଥିକ ସୁରକ୍ଷା ଦେଇଥାଏ । କିନ୍ତୁ ତାହା ପ୍ରାପ୍ତ ହେବାପାଇଁ ଯେଉଁ ବାସ୍ତବ ପ୍ରଚେଷ୍ଟା, କୋର୍ଟ କଚେରିକୁ ଧାଇଁବା, ଏସବୁ କାର୍ଯ୍ୟ ଝିଅଟି ଅବସ୍ଥା ବିଶେଷରେ କରିବାକୁ ସକ୍ଷମ ହୋଇ ନ ଥାଏ– ପୂର୍ବରୁ ଏହା କୁହାଯାଇଛି । ଏହା ସତ୍ତ୍ୱେ ଯଦି କେହି ଝିଅ ପିତୃ ସଂପତ୍ତିରେ ଅଧିକାର ଦାବି କରିବସେ, ତାକୁ ଆମ ସମାଜରେ ଅଦ୍ଭୁତଭାବେ ଗ୍ରହଣ କରାଯାଏ । ଏହି 'ଅଧିକାର ଦାବି' ଲୋକମୁଖରେ ଓ ପରିବାର ପରିଜନଙ୍କ ମୁଖରେ ନିନ୍ଦା ଓ କୁତ୍ସାର କାରଣ ହୋଇଥାଏ । ଏହା ସତ୍ତ୍ୱେ ନିଜର ନିରାପତ୍ତାପାଇଁ ଝିଅଟିଏ ଏହି ଦାବି ଯଥାର୍ଥରେ ଉପସ୍ଥାପନ କରିବା ଜରୁରୀ । ଆଶା କରାଯାଏ ଭବିଷ୍ୟତ୍ କାଳରେ ଝିଅମାନେ ଏହି ସଂପର୍କରେ ସଚେତନ ପ୍ରଚେଷ୍ଟା ଚଳାଇବେ ।

Digitized by PPRACHIN, SOA

ନିର୍ଯାତନାର କଠୋର ଭୂମି : ଯୌତୁକ ପ୍ରଥା

ଜନମାନସର ସହୃଦୟତା ପ୍ରାପ୍ତ ହେବାକୁ ନାରୀ କ'ଣ ଯୁଗ ଯୁଗ ଅନାଇଁ ବସିବ ? ବହୁ ଶତାବ୍ଦୀ ବିତିଗଲାଣି । ଏବେ ମଧ୍ୟ ନିଜର ସ୍ଥିତି, ସମ୍ମାନ ଓ ଆତ୍ମିକ ମୂଲ୍ୟପାଇଁ ନାରୀକୁ ସଜ୍ଜନମାନଙ୍କ ମାନସିକ ବିଚାରକୁ ଅପେକ୍ଷା କରିବାକୁ ହେବ ? ବହୁ ନାରୀ ଏପ୍ରକାର ଅପେକ୍ଷାର ଗ୍ଲାନି ସହ୍ୟ କରିବାକୁ ପ୍ରସ୍ତୁତ ନୁହନ୍ତି । ସେଥିପାଇଁ ଏକପ୍ରକାର ସଚେତନତା ସୃଷ୍ଟି ହେଲାଣି । ସକଳ ନିର୍ଯାତନା ଭିତରେ ନାରୀପାଇଁ ଯୌତୁକ ଏକ ଜଘନ୍ୟ ନିର୍ଯାତନା । ଯାହା ବହୁ ବର୍ଷରୁ ସମାଜରେ ଚେର ବିସ୍ତାର କରି ସମୟର ଅଗ୍ରଗତି ସହ ତାଳଦେଇ ଅଗ୍ରସର ହୋଇ ଚାଲିଛି ।

ସଚରାଚର ଲୋଭହିଁ ହିଂସାକୁ ଡାକି ଆଣିଥାଏ । ଯୌତୁକର ଲୋଭ ମନୁଷ୍ୟ ମନରେ ବୁଢ଼ିଆଣୀ ଜାଲପରି ଘେରିରହିଛି । ତେଣୁ ଯୌତୁକ ନିମିତ୍ତ ନିର୍ଯାତନା ଚାଲୁ ରହିଛି । ଆଇନତଃ ଯୌତୁକ ଦେବାନେବା ନିଷିଦ୍ଧ ହୋଇଥିଲେ ମଧ୍ୟ ଏହି ପ୍ରଥା ନିର୍ବିବାଦରେ କ୍ରିୟାଶୀଳ ରହିଛି । କନ୍ୟାଘର ଏକ ଗନ୍ତାଘର, ସେଠାରୁ ସବୁବେଳେ ଧନ ଆସିବ, ଅଧିକରୁ ଅଧିକ ଆସିବାରେ ଲାଗିଥିବ । ଝିଅଘର ସବୁକିଛି ଦେବାକଥା । ଏଭଳି ଏକ ଭୁଲ୍ ବିଚାରକୁ ଲୋଭ ମଧ୍ୟ ଇନ୍ଧନ ଯୋଗାଉଛି । ବ୍ୟକ୍ତି ଭେଦରେ ଏହି ଯୌତୁକ ଦାବି ଭୟଙ୍କର । ଦାବି ଅନୁସାରେ ଟଙ୍କା, ସୁନା, ଜମି ଏବଂ ଦାବି ବାହାରେ ଆହୁରି ଅନେକ ଜିନିଷ କନ୍ୟାପକ୍ଷ ବରପକ୍ଷକୁ ଦେବେ । ବିବାହ ପୂର୍ବରୁ ସର୍ତ୍ତ ଅନୁଯାୟୀ ଓ ବିବାହ ପରେ ସର୍ତ୍ତ ବାହାରେ ମଧ୍ୟ ଅନେକ ଅର୍ଥ ଓ ବସ୍ତୁ ମିଳିବାରେ କିଛି ଅନ୍ତରାୟ ନ ଥିବାର ବିଶ୍ୱାସ କରାଯାଉଛି । ଏହି ପ୍ରଥା କିନ୍ତୁ ପ୍ରାଚୀନକାଳରେ ଏଭଳି ନିର୍ଲଜ୍ଜ ନ ଥିଲା । ମନୁସଂହିତାରେ ମହର୍ଷି ମନୁ ଚେତାବନୀ ଦେଇଥିଲେ ଯେ, "ବ୍ୟକ୍ତି ଯେତେ ଗରିବ ହେଉ ପଛେ, ଦାସଟିଏ ହେଉ ପଛେ, କନ୍ୟାଧନ ଗ୍ରହଣ କରିବା ଉଚିତ ନୁହେଁ । ଅନ୍ୟଥା ଏହା ଝିଅଟିକୁ ବିକ୍ରୟ କରିଦେବା ଭଳି ହେବ ।" ମନୁସଂହିତା (୯.୯୮.୧୦୦) । ଏଠାରେ ମନୁ ଯେଉଁ କନ୍ୟାଧନ ପ୍ରସଙ୍ଗ କହିଛନ୍ତି, ପୂର୍ବକାଳରେ ଏହି ଧନ କନ୍ୟାପିତାକୁ ବରପକ୍ଷରୁ ପ୍ରଦାନ କରାଯାଉଥିଲା । କେଉଁ ସମୟରେ କେଜାଣି ଆମ ସମାଜରେ ଏହି 'କନ୍ୟାଧନ' ପ୍ରଥାଟି ବଦଳିଯାଇ 'ବରର ମୂଲ୍ୟ' ଭାବେ ପ୍ରଚଳିତ ହେବାକୁ ଲାଗିଲା । ଆଜିର ଉପଭୋକ୍ତା ସମାଜରେ ଅର୍ଥସହ ବିଭିନ୍ନ ଜିନିଷ, କାର୍‌ଠାରୁ ଟି.ଭି. ପର୍ଯ୍ୟନ୍ତ ଯାହା ବଜାରକୁ ଆସୁଛି, ସେସବୁ ଯୌତୁକ ସାମଗ୍ରୀର ଅନ୍ତର୍ଭୁକ୍ତ ହୋଇଯାଉଛି । ଆଇନତଃ,

Digitized by PPRACHIN, SOA

ନିଷିଦ୍ଧ ଏହି ଯୌତୁକ ଲୁଚାଚୋରାରେ କାୟାବିସ୍ତାର କରି ଚାଲିଛି । ଯୌତୁକ କମିଗଲେ, ଝିଅର ସମ୍ମାନ ଓ ସୁଖ କମିଯିବ, ଏଭଳି ବିଶ୍ୱାସ ବଦ୍ଧମୂଳ ହୋଇଛି । କେତେକ ଝିଅଙ୍କ ବିବାହ ଶେଷ ମୁହୂର୍ତ୍ତରେ ଭାଙ୍ଗିଯାଉଛି । କେତେକ ନିର୍ଯାତନା ପାଇ ତଡ଼ା ଖାଉଛନ୍ତି ତ ଅନ୍ୟ କେତେକ ଅପମାନ, ଧିକ୍କାର ସହି ନ ପାରି ଆତ୍ମହତ୍ୟା କରୁଛନ୍ତି, କେହି ବା ପରିବାରଦ୍ୱାରା ନିହତ ହେଉଛନ୍ତି । ଆଶଂକା, ସଂଶୟ, ଭୟ ଓ ଅଶାନ୍ତି ନବବଧୂର ଜୀବନକୁ ନଷ୍ଟଭ୍ରଷ୍ଟ କରିଦେଉଛି । ଯୌତୁକ ଦାନବ ମୁଖ ବ୍ୟାଦାନ କରି ବସିବା ଫଳରେ, ଯେତେ ଦୁର୍ଦ୍ଦଶା ଆସୁ ପଛେ, ଯୌତୁକ ପ୍ରତି ବିପ୍ଲବାତ୍ମକ ଘୃଣା ଏଯାବତ୍ ଆସି ନାହିଁ । କେତେକ ବିବାହଯୋଗ୍ୟା ଝିଅ ଉଚ୍ଚଶିକ୍ଷିତା, ଉଚ୍ଚବୃତ୍ତି ଧାରିଣୀ ହେଲେ ହେଁ ନିଜ ବାପ ମାଆଙ୍କଠାରୁ ଯୌତୁକ ଗ୍ରହଣ କରିବାକୁ ନିଜର ସମ୍ମାନ ବୋଲି ବିଚାରୁଛନ୍ତି । ବାପାମାଆ, ଭାଇଭଉଣୀଙ୍କ ସ୍ନେହ ଏହି ସାମଗ୍ରୀ ଅନୁସାରେ ସଂପ୍ରସାରଣଶୀଳ ବୋଲି ବୁଝି ନେଇଥାଆନ୍ତି । ତଥାପି ଅନେକ ଝିଅ ଯୌତୁକ ଦାବି ସେମାନଙ୍କ ପ୍ରତି ଅପମାନ ବୋଲି ଅନୁଭବ କଲେ ମଧ୍ୟ ଉପାୟହୀନ ହୋଇ ସହି ଯାଉଛନ୍ତି । ମୁଷ୍ଟିମେୟ ନାରୀ ବିବାହଭଙ୍ଗ କରି ସାହସିକତାର ପରିଚୟ ମଧ୍ୟ ଦେଉଛନ୍ତି । ମହର୍ଷି ଦେବଳ ଓ ମନୁ ଉଭୟଙ୍କ ମତକୁ ପର୍ଯ୍ୟାଲୋଚନା କଲେ ଜଣାଯିବ ଯେ – ''ସ୍ତ୍ରୀଧନ ହେଉଛି ପିତାଙ୍କ ଗୃହରୁ ପତ୍ନୀକୁ ମିଳିଥିବା ଅଳଙ୍କାର ଓ ଉପହାର । ଏଥିରେ ପତିର ମଧ୍ୟ କୌଣସି ଅଧିକାର ନାହିଁ । ଏପରିକି ଦୁଃସ୍ଥିତିରେ ପଡ଼ିଲେ ମଧ୍ୟ ପତି ଏହି ଧନ ଉପରେ ହାତଦେବା ଉଚିତ ନୁହେଁ ।''

ଯୌତୁକ ବିପକ୍ଷରେ ଯେତେ କୁହାଗଲେ ମଧ୍ୟ ଯେଉଁ ବ୍ୟକ୍ତିଗଣ ସମାଜସେବୀ, ସମାଜ ପରିବର୍ତ୍ତନର ପକ୍ଷପାତୀ, ସେମାନେ ମଧ୍ୟ ଏହି ଯୌତୁକ ଲୋଭକୁ ଅଭ୍ୟନ୍ତରରେ ପୋଷଣପୂର୍ବକ କାର୍ଯ୍ୟକାରୀ କରୁଛନ୍ତି । ଫଳତଃ ବାହାରକୁ ଯୌତୁକ ସଂସ୍କାରର ସପକ୍ଷବାଦୀ ହେଲେହେଁ, ସମାଜର ଧନୀ, ଶିକ୍ଷିତ, ବିଦ୍ୱାନ୍ ଓ ସମାଜବିଜ୍ଞାନୀମାନେ ନିଜ ପୁଅ ପାଇଁ ପ୍ରଚୁର ଯୌତୁକ ଗ୍ରହଣ କରି ଖୁସି ହେଉଛନ୍ତି । ଏହାର ବିରୋଧରେ ଯୌତୁକ ବିରୋଧୀ ଆଇନ୍‌ର ଯୁଦ୍ଧଟି ଦୀର୍ଘ ସମୟସାପେକ୍ଷ, ଏଥିରୁ ନ୍ୟାୟ ପାଇବାର ନିଶ୍ଚିତତା ମଧ୍ୟ ନ ଥାଇପାରେ । ତେଣୁ ଯୌତୁକ ଦେବା ଓ ନେବା ଏକ କୁପ୍ରଥା ହେଲେ ହେଁ ଏହାର ନିରାକରଣ ହୋଇପାରୁ ନାହିଁ ।

ଯୌତୁକଦାନବ ଓ ପାରିବାରିକ ଜଟିଳତା

ଆନ୍ତର୍ଜାତିକ ମହିଳା ସମ୍ବତ୍ସରକୁ ଯୌତୁକ ପରିପ୍ରେକ୍ଷୀରେ ଲକ୍ଷ୍ୟ କରାଯାଉ । ଏହି ବର୍ଷଟି ୧୯୭୫ ମସିହା । ଏ ବର୍ଷ କେତେ କେଜାଣି ନାରୀ ସମ୍ମିଳନୀ ଅନୁଷ୍ଠିତ ହେଲା, ନାରୀ ସମିତିମାନ ଗଠନ କରାଗଲା । ଅଥଚ ସେହି ବର୍ଷ ପୋଲିସ୍ ରିପୋର୍ଟ ଅନୁସାରେ ୩୫୦ରୁ ଅଧିକ ବଧୂ ପୋଡ଼ି ଘଟଣା ଘଟିଥିଲା । ଏହା ଅପେକ୍ଷା ବାସ୍ତବରେ ଅଧିକ ସଂଖ୍ୟକ ବଧୂ ପୋଡ଼ିହୋଇ ମରିଥିବେ । ଅଧିକାଂଶ ବାପାମାଆ ଏହିସବୁ ମୃତ୍ୟୁକୁ ପ୍ରତିବାଦ ଜଣାଇ ପୋଲିସ୍ ରିପୋର୍ଟ କରିଥିବେ । ମାତ୍ର ପୋଲିସ୍ ଏହାକୁ 'ଅପମୃତ୍ୟୁ',

Digitized by PPRACHIN, SOA

'କିରାସିନି ଷ୍ଟୋଭ୍ ଫାଟି ପୋଡ଼ିଯିବା ଭଳି ଭାବେ ଗ୍ରହଣ କରିଥିଲା । ସ୍ଥଳବିଶେଷରେ ଶାଶୂଘର ଲୋକେ ପ୍ରଚୁର ଅର୍ଥ ବିନିମୟରେ ଝିଅର ବାପାଭାଇଙ୍କୁ ଚୁପ୍ କରିଦେଉଥିଲେ । ଆଉ ଗୋଟିଏ ସମସ୍ୟା ହେଲା ଯୌତୁକ ମକଦ୍ଦମାରେ ନ୍ୟାୟପାଇବା ଏକ କଠିନ କାର୍ଯ୍ୟ । ସମାଜବିଜ୍ଞାନୀ Activist ଙ୍କ ମତରେ "Dowry cases drag on for years and years, and for the families of victims they become an ordeal rather than a search for justice. In many cases relatives gave up because cases take so much of time." (A gift of a Daughter' – Encounters with Victims of Dowry by Subhadra Butalia, Penguin Books, India, 2002, page-10)

ଯୌତୁକ ଲୋଭର ନଗ୍ନତା ଦର୍ଶାଇବାକୁ ଯାଇ ଶ୍ରୀମତୀ ବୁଟାଲିଆ କହନ୍ତି, ତାଙ୍କ ସୁନ୍ଦରୀ ସାନ ଭଉଣୀସହ ଜଣେ ଆର୍ମି ଅଫିସର ନିକଟତର ହେଲା । ଭଉଣୀଟି ବି ପ୍ରେମବାୟାଣୀ ହୋଇପଡ଼ିଲା । ଅଥଚ, ଝିଅର ବାପା ଶପଥ କରିଥାନ୍ତି ଯେ ସେ ଝିଅ ବିଭାଘରରେ ଯୌତୁକ ଦେବେ ନାହିଁ । ନିଜ ବାପାଙ୍କ କଥା ରକ୍ଷା କରିବାକୁ ଇଚ୍ଛାଥିଲେ ମଧ୍ୟ ଶ୍ରୀମତୀ ବୁଟାଲିଆ କୌଣସି ଉପାୟ ପାଉ ନ ଥାନ୍ତି । ଦିନେ, ସେହି ଆର୍ମି ଅଫିସରଙ୍କୁ ରାତ୍ରିଭୋଜନକୁ ନିମନ୍ତ୍ରଣ କଲେ । ଖିଆପିଆ ସରିଲାପରେ ତାଙ୍କ ବ୍ୟବସ୍ଥା ମୁତାବକ ସାନଭଉଣୀ କାମର ଆଳ ଦେଖାଇ ଅନ୍ୟତ୍ର ବାହାରିଗଲା । ଘର ଭିତରେ କେବଳ ସେ ଆର୍ମି ଅଫିସର ଓ ଶ୍ରୀମତୀ ବୁଟାଲିଆ ଥାଆନ୍ତି । କଥା ପ୍ରସଙ୍ଗରେ ବୁଟାଲିଆ ଜାଣିବାକୁ ପାଇଲେ ଯେ ଆର୍ମି ଅଫିସର ଜଣକ ତାଙ୍କ ସୁନ୍ଦରୀ ଭଉଣୀକୁ ସିଧାସଳଖ ବିବାହ ପ୍ରସ୍ତାବ ଦେଉଛନ୍ତି । ତେଣୁ ବୁଟାଲିଆ କହିଲେ, "ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଭଉଣୀ ବିଭାଘରରେ ଯୌତୁକ ଦିଆଯିବ ନାହିଁ ।" ଆର୍ମି ଅଫିସରଙ୍କ ମୁହଁ ଶୁଖିଗଲା, ସେ ଅତି କଷ୍ଟରେ କହିଲେ, "ମୁଁ ଭାବିଥିଲି ଆପଣ ଲାହୋରର ଅତି ଧନୀ ପରିବାର ମଧ୍ୟରୁ ଗୋଟିଏ ।" ବୁଟାଲିଆ ଏପ୍ରକାର ପ୍ରତିକ୍ରିୟା ଓ ଉତ୍ତର ଆଦୌ ଆଶା କରି ନ ଥିଲେ । ସେ ଉତ୍ତର ଦେଲେ, "ମୋ ବାପା ସ୍ୱଚ୍ଛଳ ଅବଶ୍ୟ, କିନ୍ତୁ ସେ କେବେଠାରୁ ମୃତ । ସେ ବଞ୍ଚିଥିଲେ ବି ଯୌତୁକ ଦେଇ ନ ଥାନ୍ତେ, ସେ ଯୌତୁକର ତୀବ୍ର ବିରୋଧ କରନ୍ତି । ସେ ବିଶ୍ୱାସ କରନ୍ତି, ବିବାହ ହେଉଛି ପ୍ରେମ ଓ ଆତ୍ମୀୟତାର ସମଭାଗିତା । ଟଙ୍କା ମୂଲଚାଲ କରିବାର କାଉଣ୍ଟର 'ବିବାହ' ହୋଇ ନ ପାରେ ।" ଖୁବ୍ ଅସ୍ପଷ୍ଟ ସ୍ୱରରେ ଅଫିସର ଜଣକ କହିଲେ, "ସେ ରାଜି, କାରଣ ତାଙ୍କ ଭଉଣୀଟି ଖୁବ୍ ସୁନ୍ଦରୀ ଏବଂ ସୌନ୍ଦର୍ଯ୍ୟ ମଧ୍ୟ ଏକପ୍ରକାର ଯୌତୁକ ।" ଅଥଚ, ଏହି ରାତ୍ରିଭୋଜନ ପରେ ସେ ଆର୍ମି ଅଫିସର ଜଣକ ଶ୍ରୀମତୀ ବୁଟାଲିଆଙ୍କ କଥା ଛାଡ଼, ତାଙ୍କ ସାନଭଉଣୀ (ତଥାକଥିତ ପ୍ରେମିକା) କୁ ମଧ୍ୟ ଥରଟେ ଦେଖାଦେଇ ନାହାନ୍ତି । ତେଣୁ ଯୌତୁକ କିଭଳି ଏକ ନିଶା ଏହା ସହଜରେ ଅନୁମାନ କରାଯାଇପାରେ ।

Digitized by PPRACHIN, SOA

ଆଉ ଗୋଟିଏ ଘଟଣାରେ ନବବଧୂଟିର ହତ୍ୟା ହୁଏ । ତା'ର ଶବ ତଥାପି ଶ୍ୱଶୁର ଘରେ ଥାଏ । ଦଳେ ନାରୀ ସୁରକ୍ଷାକାରୀ ମହିଳା ଖବର ପାଇ ସେ ଘରେ ପହଞ୍ଚିଲେ । ପୂର୍ବରୁ ଝିଅର ବାପା ବି ଝିଅ ଘରେ ପହଞ୍ଚି ସାରିଥିଲେ । ମୃତା ଝିଅର ବାପା ଏହି ନାରୀକର୍ମୀମାନଙ୍କୁ ତଡ଼ିଦେଲେ, କହିଲେ, ''ଏଠି କିଛି ଦରକାର ନାହିଁ, ଆପଣମାନେ ବାହାରି ଯାଆନ୍ତୁ ।'' ଅଥଚ, ୨।୩ ମାସ ମଧ୍ୟରେ ସେହି ବ୍ୟକ୍ତି ତାଙ୍କ ଦ୍ୱିତୀୟ ଝିଅକୁ ମୃତଦାର ବଡ଼ଜ୍ୱାଇଁଙ୍କ ସହ ବିଭା କରାଇଦେଲେ । ଗୋଟିଏ ଝିଅର ହତ୍ୟାକାରୀ ସହ ଅନ୍ୟ ଝିଅଟିର ବିବାହ ? ଏଭଳି ବୁଝାମଣାରେ ସ୍ତ୍ରୀଲୋକଙ୍କ ପ୍ରତି ଅତ୍ୟାଚାରର ନିଷେଧ କିପରି ହୋଇପାରିବ ?

ଅନ୍ୟ ଗୋଟିଏ ପରିବାରରେ ବିବାହିତା ଝିଅଟି ଉପରେ ଯୌତୁକର ଚାପ ପଡ଼ିଲେ ବାପାମାଆ କଷ୍ଟକରି ଭରଣା କରୁଥାଆନ୍ତି । ଶେଷରେ ଝିଅଟି ମରିଯାଏ । ପୋଲିସ୍ ପଚାରେ, ''ଝିଅ ଘରକୁ ଯେ ଥରକୁଥର ୨।୩ ଲକ୍ଷ ଟଙ୍କାର ଯୌତୁକ ପଠାଇଲେ, ସେହି ଟଙ୍କାରେ ଝିଅକୁ ନେଇ ପୋଷିଲେ ନାହିଁ, – ଝିଅଟା ଅନ୍ତତଃ ବଞ୍ଚିଯାଇଥାଆନ୍ତା ।'' ଝିଅର ବାପା ବୁଝାଇଲେ, ''ଆଜ୍ଞା, ଝିଅଟିକୁ ଛାଡ଼ପତ୍ର କରାଇଥିଲେ ଅପବାଦ ଉଠିଥାଆନ୍ତା । ଦ୍ୱିତୀୟ ଝିଅ ବିଭାହେବାରେ ଅସୁବିଧା ହୋଇଥାଆନ୍ତା, ଆମେ ଭାବିଲୁ ବରଂ ଏମିତି ଦିଆନିଆ କରି ଚଳାଇ ଦେବା । ମରିଯିବ ବୋଲି ତ ଜାଣି ନ ଥିଲୁ ।'' ଏସବୁ ଭିତିରି କଥା । ଏ ସବୁ ପ୍ରମାଣ କରି ନ୍ୟାୟ ପାଇବା ଖୁବ୍ ସହଜ ନୁହେଁ ।

ଏବେ ଆମ ଓଡ଼ିଶା ଭୂଇଁରେ ମଧ୍ୟ ଏପରି ଏକ ଯୌତୁକ ହତ୍ୟା ଘଟିଛି । 'ସାନନ୍ଦା' ଓଡ଼ିଆ ପତ୍ରିକାର ଜାନୁଆରୀ ୨୦୦୬ ସଂଖ୍ୟାରେ ଏହି ଘଟଣାଟି ପ୍ରକାଶିତ । ପତ୍ନୀ ହତ୍ୟାକାରୀ ସ୍ୱାମୀ ଏବେ ଜେଲ୍ ଭୋଗୁଛି । ଘଟଣାଟି ଏହିପରି– ଜଣେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀଙ୍କ କନ୍ୟା ବିଭା ହୁଏ, ଯଥେଷ୍ଟ ଟଙ୍କାସୁନା ବି ଯୌତୁକ ନିଏ । ବିଭାଘରର ଦୁଇ ବର୍ଷ ଭିତରେ ଝିଅର ବାପା ମରିଯାଆନ୍ତି । ତାଙ୍କର ବହୁତ ଧନ ଥାଏ ଓ ଜ୍ୱାଇଁଟି ସର୍ବଦା ସ୍ତ୍ରୀକୁ ବାପଘରୁ ତା'ର ସଂପତ୍ତିର ଭାଗ ଆଣିବାକୁ ପ୍ରବର୍ତ୍ତାଏ । ଝିଅଟି ଉଚ୍ଚଶିକ୍ଷିତା, ବୃତ୍ତିଜୀବନୀ ମଧ୍ୟ, ଅଥଚ, ସେ ଆତ୍ମହତ୍ୟା କରିଥିବାର ପ୍ରମାଣ କରାଯାଏ । କିନ୍ତୁ ତା'ର ମାଆ ଓ ଭାଇମାନଙ୍କ ଅକ୍ଲାନ୍ତ ପ୍ରୟାସଦ୍ୱାରା ଓ ପୋଷ୍ଟମର୍ଟମରେ ତା' ପାକସ୍ଥଳୀରୁ ବିଷ ମିଳିବାଦ୍ୱାରା ତାହା ଏକ ହତ୍ୟାଘଟଣା ବୋଲି ସାବ୍ୟସ୍ତ ହୁଏ । ସ୍ୱାମୀ ଜେଲ୍‌ରେ ରହେ । ବାପାଙ୍କ ବଂଚିଥିବା କାଳରେ ଝିଅର ସ୍ୱାମୀ ଓ ଶାଶୂଘରେ ଘଟୁଥିବା ଅପ୍ରୀତିକର ଘଟଣାକୁ ବାରମ୍ବାର ଜାଣୁଥିଲେ ବି ଝିଅଟିକୁ ପାଖରେ ନ ରଖି, ବାରବାର ବାପ୍ ମାଆ ସ୍ୱାମୀ ପାଖକୁ ପଠାଉଥିଲେ । ଭାବୁଥିଲେ, ଝିଅଟି adjust କରି ଚଳିଯାଉ । ଝିଅଟି ଖାଲି adjust କରିବ, ମାତ୍ର ସେ adjustment ର ସୀମାରେଖା ଅନିର୍ଦ୍ଦିଷ୍ଟ । ଫଳତଃ ଝିଅର ଏଭଳି ମୃତ୍ୟୁ ହେଲା ବୋଲି ମାଆ ନିଜକୁ ଧିକ୍କାର କରୁଛନ୍ତି । ସମାଜରେ, ବିବାହ ବିଚ୍ଛେଦ ପରେ ଝିଅଟିକୁ ଯେଉଁ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼େ, ପୁଅଟିକୁ ସେହି

Digitized by PPRACHIN, SOA

ଜଟିଳତା ଭୋଗିବାକୁ ପଡ଼େ ନାହିଁ । ସେ ବେଶ୍ ମୁକ୍ତ । ନାରୀ ସୁରକ୍ଷାନୁଷ୍ଠାନ 'କର୍ମିକା'ର ନେତ୍ରୀ ସୁଭଦ୍ରା ବୁଟାଲିଆ କହନ୍ତି, ''ଉପରୋକ୍ତ ଅନେକ କାରଣରୁ ସ୍ତ୍ରୀଲୋକଟିଏ ଯୌତୁକ ଚୁଇରେ ବଳିପଡ଼ିବାକୁ ବାଧ ହୁଏ ।''

ଗଣମାଧ୍ୟମ ଓ ନାରୀ

ନାରୀ ନିର୍ଯାତନାର ବିବିଧ ଉପାୟ୍ ମଧ୍ୟରେ ଗଣମାଧ୍ୟମଦ୍ୱାରା ନାରୀର ମର୍ଯ୍ୟାଦା ହାନିକାରକ ଦୃଶ୍ୟ ଓ ସଂବାଦ ନିୟତ ପରିବେଷିତ ହୋଇ ନାରୀକୁ ନ୍ୟୂନ ରୂପେ ପ୍ରତିପାଦିତ କରୁଛି । ଗଣମାଧ୍ୟମରେ ନାରୀର ମର୍ଯ୍ୟାଦାଠାରେ କୁଠାରାଘାତ ହେବା ଓ ସେସବୁକୁ ଗଣଉପଭୋଗ ନିମନ୍ତେ ଉଦ୍ଦିଷ୍ଟ କରିବା ବଡ଼ ଦୁର୍ଭାଗ୍ୟର ବିଷୟ । ଟି.ଭି. ଓ ଚଳଚ୍ଚିତ୍ରରେ ଏବଂ ବିଭିନ୍ନ ବିଜ୍ଞାପନରେ ସର୍ବଦା ନାରୀର ନଗ୍ନ ଓ ଅର୍ଦ୍ଧନଗ୍ନ ଛବି ପ୍ରଦର୍ଶନ ନାରୀକୁ ପଣ୍ୟବସ୍ତୁ ରୂପେ ବିବେଚିତ କରାଉଛି । ଏହି ବାଣିଜ୍ୟିକ ସଭ୍ୟତାରେ ନାରୀକୁ ତା'ର ବ୍ୟକ୍ତିତ୍ୱରୁ ବହୁତ ନିମ୍ନକୁ ଖସାଇ ଦିଆଯାଇଛି । ତାକୁ ନେଇ ଅଶ୍ଳୀଳ ଘଟଣା, ଚିତ୍ର ଓ ସୂଚନା ମାଧ୍ୟମରେ ଗଣମାଧ୍ୟମ ଅଧିକ ଲାଭବାନ୍ ହେବାକୁ ଉଦ୍ୟମ ଜାରି ରଖିଛି । ଚଳଚ୍ଚିତ୍ରରେ 'ଚୋଲୀ କେ ପିଛେ କ୍ୟା ହୈ' ଓ 'ତୁ ଚିଜ୍ ବଡ଼ୀ ହୈ ମସ୍ତ ମସ୍ତ' ଆଦି ସଂଗୀତର ସଂଯୋଜନାରେ ଅଶ୍ଳୀଳତାର ସୂଚନା ଦିଆଯାଇ ନାରୀତ୍ୱର ଅମର୍ଯ୍ୟାଦା କରାଯାଉଛି । ନାରୀ ପ୍ରତି ଅବମାନନାର ଏହା ପରୋକ୍ଷ ପ୍ରକାଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ ପକ୍ଷରେ ସରକାରୀଭାବେ women welfare ସଂସ୍ଥା ଗଠିତ ହେଲେ ମଧ୍ୟ ନାରୀମାନଙ୍କ ନ୍ୟାଯ୍ୟ ଦାବି ପୂରଣ କରିବା ଦିଗରେ ଏହା ସମର୍ଥ ହୋଇପାରି ନାହିଁ । ସମାଜକର୍ମୀ ବେଲ୍ ହୁକ୍ସ (Bell Hooks) ଲେଖିଛନ୍ତି – ''ଅତ୍ୟାଚାର ବିପକ୍ଷରେ ଦୃଢ଼ ଭାବେ ଠିଆହେବା ଆଉ ଅତ୍ୟାଚାରକୁ ଅତିକ୍ରମ କରିଯିବା, ଏ ଦୁଇଟି କଥା କଦାପି ଏକାକଥା ନୁହେଁ । ସ୍ତ୍ରୀଲୋକଟି 'ସହିଯାଉଛି' ଅର୍ଥ ଏହା ନୁହେଁ ଯେ ସେ 'ତା' ପ୍ରତି ଅତ୍ୟାଚାର ଯେ ଅଯୌକ୍ତିକ' ସେକଥା ବୁଝିପାରୁ ନାହିଁ ।

୧୯୧୩ ମସିହାରେ ନାରୀନେତ୍ରୀ ରେବେକା ୱେଷ୍ଟ କହିଥିଲେ ଯେ, ଯେବେ ବି ସେ ଏକ 'ପା ପୋଛ'ର ସ୍ଥିତିଠାରୁ ନିଜ ସ୍ଥିତିର ଭିନ୍ନତା ପ୍ରକାଶ କରିବାକୁ ଚାହିଁଛନ୍ତି, ଲୋକେ ତାଙ୍କୁ କହିଛନ୍ତି 'ସେ ଫେମିନିଷ୍ଟ' । ମକରନ୍ଦ ପାରାଂଜପେଙ୍କ ସହ ଅଜିତମୁନିଙ୍କ ମତ ମିଶିଯାଏ - ସେ ଦୁହେଁ କହନ୍ତି – ''ପୁରୁଷ ନାରୀଙ୍କ ସଂପର୍କରେ ଏଣିକି କିଛି ବି କୁହୁକ ନାହିଁ । ନାରୀମାନେ ଏତେ ବେଶି ରୋକ୍‌ଠୋକ୍ ଓ ଭୟ ସଂଚାରିକା ହେଲେଣି ଯେ, ସେମାନଙ୍କୁ ନେଇ ବିବାହ ସଫଳ ହେବା କଠିନ ।'' (A matter of loneliness, The Indian Express, Sunday magazine 23rd August 1992)

ରେବେକା, ମକରନ୍ଦ ଓ ଅଜିତ ଏହି ଭିନ୍ନ ମତବାଦର ବ୍ୟକ୍ତିଗଣ ନାରୀ ସଂପର୍କରେ ଯାହା କହିଛନ୍ତି, ଏହା ପ୍ରଣିଧାନଯୋଗ୍ୟ, ରେବେକା ଯାହା କହନ୍ତି, ଆମ ସମାଜରେ

Digitized by PPRACHIN, SOA

ବହୁ ନାରୀଙ୍କ ବ୍ୟକ୍ତିଗତ ଜୀବନାନୁଭବ ଠିକ୍ ସେହିପରି । ମାତ୍ର ପାରାଂଜପେ ଓ ଅଜିତ ଯାହା କହନ୍ତି, ତା' କେବଳ ମୁଷ୍ଟିମେୟ ଶିକ୍ଷିତ, ସଚେତନ, ପ୍ରତିବାଦୀ ନାରୀମାନଙ୍କ ବିଷୟରେ ସତ୍ୟ ହୋଇପାରେ । ନାରୀ ପାଟିବୁଜି ରହିଯିବା ସବୁକାଳରେ ସମ୍ଭବ ହେବ ନାହିଁ । ହୁଏତ ଭବିଷ୍ୟତ୍‌ରେ ଆର୍ଥନୀତିକ ଆତ୍ମନିର୍ଭରଶୀଳତା ଲାଭ କରିଥିବା ନାରୀ ନିଜ ବ୍ୟକ୍ତିତ୍ୱପ୍ରତି ଅଧିକ ମର୍ଯ୍ୟାଦା ଦାବି କରିବସିବ । ତେଣୁ ଚିରାଚରିତ ପୁରୁଷ ପ୍ରାଧାନ୍ୟଦ୍ୱାରା ପରିଚାଳିତ ବିବାହ ସଫଳ ହୋଇ ନ ପାରେ । ଆତ୍ମରକ୍ଷା, ସମ୍ମାନରକ୍ଷା ଓ ବ୍ୟକ୍ତିତ୍ୱର ସୁରକ୍ଷାପାଇଁ ଉଦ୍ୟମ କରିବା ନାରୀପକ୍ଷରେ ବିହିତ ନିଶ୍ଚୟ । ଏଥିପାଇଁ ନିଃଶଙ୍କ ଜୀବନଯାପନ କରୁଥିବା ବିବାହିତ ପୁରୁଷ ମନରେ ଶଙ୍କା ଦେଖାଦେବା ସ୍ୱାଭାବିକ । ନାରୀ ସ୍ଥିତି ସଂପର୍କରେ ନାରୀ ଓ ପୁରୁଷଙ୍କର ଉପରୋକ୍ତ ମନ୍ତବ୍ୟରୁ ପୁରୁଷର ସ୍ୱର ସ୍ୱାର୍ଥସର୍ବସ୍ୱ ହୋଇଥିବାର ଲକ୍ଷ୍ୟ କରାଯିବ । ପ୍ରକୃତପକ୍ଷେ ଏହାହିଁ ଆମ ଭାରତବର୍ଷରେ ନାରୀ ସ୍ଥିତିର ବାସ୍ତବଚିତ୍ର ।

Digitized by PPRACHIN, SOA

ନାରୀ ନିର୍ଯାତନାର ଦେଶକାଳ

ସାରା ପୃଥିବୀର ବିଭିନ୍ନ ଦେଶରେ ନାନାବିଧ ଦୁଃସହ ଅମାନୁଷିକ ବାଛବିଚାର ମଧ୍ୟରେ ନାରୀ ଅସ୍ତିତ୍ୱ ତିଷ୍ଠି ରହିଛି । ସମୟ ଆଗେଇଛି, ସମାଜ ବାହ୍ୟତଃ ପରିବର୍ତ୍ତିତ ହୋଇଛି । ମାତ୍ର ନାରୀର ଅବସ୍ଥାରେ ବିଶେଷ ପରିବର୍ତ୍ତନ ହୋଇ ନାହିଁ । ମଧ୍ୟଯୁଗୀୟ ଭାରତୀୟ ନାରୀ ଯେଉଁ ଶୋଷଣ, ପେଷଣରେ ମ୍ରିୟମାଣ ହୋଇପଡ଼ିଥିଲା, ତା'ଠାରୁ ଆହୁରି ଜଘନ୍ୟତର ଶୋଷଣ ଓ ଅତ୍ୟାଚାରର ଚିତ୍ର ପୃଥିବୀର ବିଭିନ୍ନ ପ୍ରାନ୍ତୀୟ ଦେଶମାନଙ୍କ ପରମ୍ପରାଦ୍ୱାରା ସ୍ୱୀକୃତ । ଏକବିଂଶ ଶତକରେ ଘଟଣା କେତେକାଂଶରେ ଉନ୍ନତ ହୋଇପାରିଛି ମାତ୍ର ସ୍ଥଳ ବିଶେଷରେ ଏହି ପରିବର୍ତ୍ତନ ସାମାନ୍ୟ । ଓଡ଼ିଶାରେ ବିଂଶଶତକର ପ୍ରାରମ୍ଭ କାଳରେ ନାରୀମାନଙ୍କ ସ୍ୱରୂପ ନିର୍ଦ୍ଦେଶ କରି ମହାନ୍ ସମାଜବିତ୍, ନ୍ୟାୟମୂର୍ତ୍ତି, ବିଶିଷ୍ଟ ସାହିତ୍ୟିକ ଓ ବହୁ ଅନୁଷ୍ଠାନର କର୍ଣ୍ଣଧାର ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜ ତାଙ୍କ ନାରୀଚରିତ୍ର ବାଇନାନୀଙ୍କ ମାଧ୍ୟମରେ ଅନେକ ସତ୍ୟ ଉଦ୍‌ଘାଟନ କରିଛନ୍ତି । ଯେଉଁ ସମୟରେ ନାରୀମାନଙ୍କ ଭୂମିକାକୁ ତର୍ଜମା କରିବା ନିମିତ୍ତ ଲୋକେ ଅନାବଶ୍ୟକ ମଣୁଥିଲେ, ସେହି ସମୟରେ ପ୍ରହରାଜଙ୍କ ସୃଷ୍ଟ ଚରିତ୍ର 'ବାଇନାନୀ' ସମାଜପତି, ସଂସ୍କୃତି ଓ ଧର୍ମ ପୀଠର ମୁଖ୍ୟମାନଙ୍କୁ, ରାଜନୀତି ବିଶାରଦ ବ୍ୟକ୍ତି ଓ ଅଧିକ ପ୍ରମତ୍ତ ଗିରସ୍ତମାନଙ୍କୁ ନାରୀଟିର ଅଧିକାର, କର୍ତ୍ତବ୍ୟ, ଦାୟିତ୍ୱ ସଂପର୍କରେ ବହୁ ଗୂଢ଼ ଓ ମୌଳିକ ପ୍ରଶ୍ନ ପଚାରିଛନ୍ତି । ଏହି ସବୁ ପ୍ରଶ୍ନ ଓ ତତ୍କାଳର ଚିତ୍ର ବିଦ୍ରୂପ ମାଧ୍ୟମରେ ବ୍ୟକ୍ତ କରି ପ୍ରହରାଜ ଯୁଗଯୁଗର ନିଦ୍ରାକୁ ଭଙ୍ଗ କରିବାର ପ୍ରଚେଷ୍ଟା ଚଳାଇଛନ୍ତି । ଫଳତଃ, ପ୍ରହରାଜେ ସମାଜର କ୍ରୂର ଦୃଷ୍ଟିରେ ପଡ଼ିଛନ୍ତି, ମାତ୍ର ସେଥିପ୍ରତି ଭ୍ରୂକ୍ଷେପ କରି ନାହାନ୍ତି । ନିଜର ବାଲ୍ୟବିଧବା ଶାଳୀ ପୀତାମ୍ବରୀଙ୍କୁ ସେ ନିଜ ନାମ ସହିତ 'ଦେବୀ' ସାଂଜ୍ଞା ଯୋଡ଼ିବାକୁ ବାଧ୍ୟ କରିଥିଲେ । ସେ କାଳରେ ବ୍ରାହ୍ମଣଘର ବିଧବାମାନେ 'ଦିବ୍ୟା' ଓ ବ୍ରାହ୍ମଣେତର ବିଧବାମାନେ 'ବେଓ୍ୱା' ଲେଖୁବାର ଚଳଣି ଥିଲା । ପ୍ରହରାଜେ ଏ ପ୍ରକାର ଚଳଣିକୁ ବିରୋଧ କରିଥିଲେ । ନିଜର ନବବିବାହିତା ବାଳିକାବଧୂକୁ ପାଠପଢ଼ାଇବା ନିମିତ୍ତ ଯଥାସାଧ୍ୟ ଚେଷ୍ଟା ଚଳାଇଥିଲେ । ସମାଜ ଓ ପରିବାର ମଧ୍ୟରେ ଯେଉଁ ନାରୀମାନଙ୍କୁ ଗୃହଲକ୍ଷ୍ମୀ ରୂପରେ ସେ ଦେଖୁଥିଲେ, ସେମାନଙ୍କର ଚଳଣି ଓ ଜୀବନଧାରାର ବିଶ୍ଳେଷଣ କରିଥିଲେ । ସେ ହିଁ ପ୍ରଥମେ ନାରୀର ଦୟନୀୟ ସ୍ଥିତିକୁ ହୃଦୟଙ୍ଗମ କରି ବାପଘର ଓ ଶାଶୂଘର ସଂପତ୍ତିରେ ତା'ର ଅଧିକାର ପ୍ରସଙ୍ଗ ଉଠାଇଥିଲେ । ଜଣେ ଆଇନଜ୍ଞ ଭାବରେ ଏ ଦିଗରେ ନାରୀମାନଙ୍କୁ ସାହାଯ୍ୟ କରିଥିଲେ ।

Digitized by PPRACHIN, SOA

ଏହି ଦୂରଦୃଷ୍ଟିସଂପନ୍ନ ବ୍ୟକ୍ତି ନିଜ ସ୍ୱଭାବସୁଲଭ ବ୍ୟଙ୍ଗ ଓ ରସିକତା ମଧ୍ୟରେ ନାରୀସ୍ଥିତିକୁ ନିମ୍ନ ରୂପେ ବିଶ୍ଳେଷଣ କରିଛନ୍ତି । "ପାଶବ ଶକ୍ତିବଳରେ ନାରୀମାନଙ୍କୁ ପରିଚାରିକା, ପଦସେବିକା, କ୍ରୀଡ଼ାପୁତ୍ତଳିକା, ସନ୍ତାନୋତ୍ପାଦିକା, ପାକଶାଳିକା, ଅନ୍ତଃକାନିକା, ବହିର୍ହାରିକା, ଚରଣମଞ୍ଜାଳିକା, ତୈଳମର୍ଦ୍ଦକା, ଜଳୋତ୍ତୋଳିକା, ଭାରବାହିକା ରୂପେ ନାରୀର ଭୂମିକାକୁ ସୁନିର୍ଦ୍ଦିଷ୍ଟ କରାଯାଇଅଛି । ବନ୍ଦିନୀ, ବିଶ୍ୱାସଘାତିନୀ, ପାପିନୀ ରୂପରେ ବିଚାର କରାଯାଇଛି ।" ଏହା ଏକ ଭ୍ରାନ୍ତ ବିଚାର । ନାରୀତ୍ୱ ଉପରୋକ୍ତ ବିଚାରର ବହୁ ଉର୍ଦ୍ଧ୍ୱରେ ଅଧିଷ୍ଠିତ । ଏହି କାଳକୁ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ନାରୀ ଜାଗରଣ ଆରମ୍ଭ ହୋଇଗଲାଣି । ତେଣୁ ଏ ଦିଗରେ ସ୍ୱର୍ଗତ ପ୍ରହରାଜ ନାରୀର ବିଭିନ୍ନ ଭୂମିକାକୁ ବିଶ୍ଳେଷଣ କରି, ସେଗୁଡ଼ିକ ଯଥାର୍ଥ ରୂପେ ନାରୀକୁ ଅମର୍ଯ୍ୟାଦା କରିବା ଓ ନିର୍ଯାତନା ଦେବାର ସ୍ୱରୂପ ବୋଲି ଅଭିବ୍ୟକ୍ତ କଲେ ।

ପ୍ରାତ୍ୟହିକ 'ସଂବାଦ' ର ୨୦୦୬, ଜାନୁଆରୀର ନିରୀକ୍ଷଣ ଓ ଗଣନାନୁସାରେ ଭାରତର ନାରୀମାନେ ପ୍ରତି ୩୦ ମିନିଟ୍‌ରେ ଗୋଟିଏ ଯୌତୁକ ଧର୍ଷଣ, ପ୍ରତି ୭୫ ମିନିଟ୍‌ରେ ଗୋଟିଏ ଯୌତୁକହତ୍ୟା, ପ୍ରତି ୯ ମିନିଟ୍‌ରେ ଶାଶୂଘର ନିର୍ଯାତନାର ମାମଲା, ପ୍ରତି ୧୭ ମିନିଟରେ ଗୋଟିଏ ହତ୍ୟା, ପ୍ରତି ୨୩ ମିନିଟ୍‌ରେ ଗୋଟିଏ ଅପହରଣ ଓ ପ୍ରତି ୨ ମିନିଟ୍‌ରେ ଗୋଟିଏ ଚୋରିର ଶିକାର ହୁଅନ୍ତି । ୨୦୦୪ ମସିହାଠାରୁ କନ୍ୟାଭ୍ରୂଣ ହତ୍ୟା ଦୁଇଗୁଣ ବଢ଼ିଥିବାର ସ୍ପଷ୍ଟ ହୋଇଛି । ଏହା ସହିତ ୮୦% ନାରୀ ଘରୋଇ ହିଂସା ମଧ୍ୟରେ ଗାଳି ଶୁଣି ମାନସିକ ନିର୍ଯାତନା ଭୋଗନ୍ତି । ୬୩ % ଶାରୀରିକ ଅତ୍ୟାଚାର, ୧୯% ଯାବତୀୟ କଟକଣା, ୧୮% ଆର୍ଥିକ ନିର୍ଯାତନା ଭୋଗନ୍ତି ଓ ୯% ପତି କଥାବାର୍ତ୍ତା ବନ୍ଦ କରିବା ଅବହେଳା ଭୋଗନ୍ତି ।

ଏହି ପରିପ୍ରେକ୍ଷୀରେ ନିମ୍ନୋକ୍ତ ବିଶ୍ଳେଷଣ ସମସ୍ତେ ଅବଗତ ହେବାପରେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଶ୍ରୀମତୀ ଶାଶ୍ୱତୀ ପଟ୍ଟନାୟକ କହନ୍ତି ଯେ 'The protection of women from domestic violence Act 2005' ପ୍ରଣୀତ ହେବା ପୂର୍ବରୁ କେବଳ ଆଇନତଃ ବୈଧ ପତ୍ନୀମାନଙ୍କର ହିଁ ନିର୍ଯାତନାରୁ ରକ୍ଷା ପାଇବାରୁ ଆଇନର ଆଶ୍ରୟ ନେବାକୁ କିଛିମାତ୍ରାରେ ସୁଯୋଗ ଥିଲା । ପତ୍ନୀଙ୍କୁ ବାଦ୍‌ଦେଲେ ପରିବାରର ଅନ୍ୟ ନିର୍ଯାତିତା ମହିଳା ନ୍ୟାୟପାଇଁ କେଉଁ ଫୋରମ୍‌କୁ ଯିବେ ତା' ସ୍ପଷ୍ଟ ଜଣାପଡୁ ନ ଥିଲା । ପାରିବାରିକ ହିଂସାରୁ ସୁରକ୍ଷା ଆଇନ ଲାଗୁ ହେବାପରେ ପରିବାରର ଅନ୍ୟ ମହିଳାମାନେ ନ୍ୟାୟ ପାଇବାର ସୁଯୋଗ ସୃଷ୍ଟି ହୋଇଛି, ଆଇନତଃ ବିବାହ କରି ନ ଥିବା ପତ୍ନୀ, ପୋଷ୍ୟବାଳିକା ସନ୍ତାନ, ମା', ଭଉଣୀ ବି ଏହି ବିସ୍ତୃତ ପରିସରକୁ ଆସିପାରିଛନ୍ତି । ଏହି ଆଇନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି, ଆର୍ଥନୀତିକ ଶୋଷଣ, ଆର୍ଥିକ ନିର୍ଯାତନା, ସ୍ତ୍ରୀ-ଧନର ସୁରକ୍ଷା, ଆବାସିକ ଅଧିକାର, ଭରଣପୋଷଣ, ମଧ୍ୟବର୍ତ୍ତୀକାଳୀନ ତ୍ୱରିତ କ୍ଷତିପୂରଣ, ଏପରିକି ସେଲ୍‌ଟର୍ ହୋମ୍‌ରେ ରହିବାର ଓ ଚିକିତ୍ସା

Digitized by PPRACHIN, SOA

ପାଇବାର ସୁବିଧା ଏଥିରେ ସାମିଲ୍ ହୋଇଛି । ଆଗରୁ ମହିଳାମାନେ ନିର୍ଯାତନାର ଶିକାର ହୋଇ ନ୍ୟାୟ ଲୋଡ଼ିଲେ ନ୍ୟାୟ କେବଳ କାଉନସେଲିଂ ପ୍ରକ୍ରିୟା ଓ ବିଳମ୍ବିତ ଅଦାଲତି କାରବାରରେ ସୀମିତ ରହୁଥିଲା । ପାରିବାରିକ ହିଂସାରୁ ସୁରକ୍ଷା ଆଇନ୍‌ରେ କିନ୍ତୁ କ୍ଷତିପୂରଣ ଓ ଜରିମାନାର ବ୍ୟବସ୍ଥା ରହିଛି । ଉପରନ୍ତୁ, ଆଇନ୍ ଅନୁସାରେ କେହି ଦୋଷୀ ସାବ୍ୟସ୍ତ ହେଲେ ୧ ବର୍ଷ ଯାଏ ଜେଲ୍ ଓ ୨୦ ହଜାର ଟଙ୍କାଯାଏ ଜରିମାନାର, ସ୍ଥଳବିଶେଷରେ ଉଭୟଦଣ୍ଡର ବ୍ୟବସ୍ଥା ରହିଛି । ଏହା ଅବଶ୍ୟ ସତ ଯେ, ଆମ ପ୍ରଚଳିତ ସମାଜ ବ୍ୟବସ୍ଥାରେ ନିଷ୍ଠୁରତା ବିରୋଧରେ ସୁରକ୍ଷା ବା ୪୯୮ (କ) ଧାରାର ଆଇନ୍ ଭଳି ଏ ଆଇନ୍‌ର ବ୍ୟାପକ ଦୁରୁପଯୋଗ ହେବାର ଆଶଙ୍କା ରହିଛି । ବିଶେଷକରି ସହରାଞ୍ଚଳର କିଛି ମହିଳା ନିଜ ପାରିବାରିକ ଜୀବନରେ ଆଦୌ ସାଲିସ ନ କରି ଏହି ଆଇନକୁ ବ୍ରହ୍ମାସ୍ତ୍ର ଭଳି ବ୍ୟବହାର କରିବାର ଆଶଙ୍କା ବି ରହିଛି । ତେବେ ସବୁ ଆଶଙ୍କା ସତ୍ତ୍ୱେ ମହିଳାମାନଙ୍କ ବୃହତ୍ତର ସ୍ୱାର୍ଥ ଓ ସୁରକ୍ଷାପାଇଁ ଏ ଆଇନ୍‌ର ଆବଶ୍ୟକତା ଯେ ଥିଲା ତା' ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରିବ ।'' (ତତ୍ରୈବ)

'କନ୍ୟାଭ୍ରୂଣ ହତ୍ୟାର ଅଭିନବ ପ୍ରତିବାଦ' ଶୀର୍ଷକରେ 'ଧରିତ୍ରୀ' ସମ୍ବାଦପତ୍ରର ତା ୧୦।୮।୨୦୦୬ ରେ ପ୍ରକାଶିତ ବିଶ୍ଳେଷଣଟି ଖୁବ୍ ଆଶାଜନକ ମନେହୁଏ । ରାଜସ୍ଥାନର ଜୟସାଲମେର ଜିଲ୍ଲାରେ ରହିଛି ରାଜପୁତ ଅଧ୍ୟୁଷିତ 'ଡେଭଲା' ଗ୍ରାମ । ଜିଲ୍ଲାର ସଦର ମହକୁମାଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମରେ ପୁଅଙ୍କ ସଂଖ୍ୟା ତୁଳନାରେ ଝିଅଙ୍କ ସଂଖ୍ୟା ନଗଣ୍ୟ । ୨୫୯ ଜଣ ପୁଅ ଅଛନ୍ତି ଏହି ଗ୍ରାମରେ । ମାତ୍ର ୧୨ ଜଣ ଝିଅ । ଏଭଳି ହେବାର ଏକମାତ୍ର କାରଣ ହେଉଛି କନ୍ୟାଭ୍ରୂଣହତ୍ୟା । ଗ୍ରାମର ସବୁ ପରିବାର ପୁତ୍ର ସନ୍ତାନପାଇଁ ବ୍ୟାକୁଳ । ପରିଣତ ଝିଅମାନଙ୍କ ସଂଖ୍ୟା ଆଶାତୀତଭାବେ ହ୍ରାସ । ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଏହି ଗାଁର ଲୋକେ ଦୀର୍ଘ ୧୫ ବର୍ଷ ଧରି ଗର୍ଭବତୀ ମହିଳାମାନଙ୍କ ଭ୍ରୂଣ ପରୀକ୍ଷାକରି କନ୍ୟାଭ୍ରୂଣହତ୍ୟା କରିଆସୁଛନ୍ତି । ଗାଁ ଲୋକଙ୍କ ଏଭଳି ମନୋବୃତ୍ତି ପ୍ରତି ସଚେତନ ହୋଇଛନ୍ତି ଏହି ଗାଁରେ ଥିବା ୧୨ ଜଣ ଝିଅ । ରାକ୍ଷୀପୂର୍ଣ୍ଣିମାରେ ଗାଁରେ ପୁଅମାନେ ଭଉଣୀର ଅଭାବ ଅନୁଭବ କରୁଥିବା ବେଳେ ଏହି ଝିଅମାନେ ଏଥର ସାମୂହିକ ରକ୍ଷାବନ୍ଧନ କରିଛନ୍ତି । ସେମାନଙ୍କର ଏହି ସାମୂହିକ ଉଦ୍ୟମ ପଛରେ ରହିଛି ପ୍ରତିବାଦର ସ୍ୱର । ପିତାମାତାମାନେ କନ୍ୟାସନ୍ତାନ ପାଇଁ ଆଗ୍ରହୀ ହୁଅନ୍ତୁ, ପୁଅମାନଙ୍କୁ ଭଉଣୀଟିଏ ଦିଅନ୍ତୁ, କନ୍ୟାଭ୍ରୂଣ ହତ୍ୟା ପ୍ରତି ମନ ନ ବଳାନ୍ତୁ– ଏହା ଥିବ ଏହି ଝିଅମାନଙ୍କ ସାମୂହିକ ରକ୍ଷାବନ୍ଧନର ଉଦ୍ଦେଶ୍ୟ ।

ଉକ୍ତ ଗ୍ରାମର ଜଣେ ପଞ୍ଚାୟତ ସଭ୍ୟଙ୍କ କହିବାନୁସାରେ ଏହି ଝିଅମାନେ ସମାଜକୁ ଏକ ଶିକ୍ଷାଦେବାକୁ ନିଷ୍ପତ୍ତି ନେଇଛନ୍ତି । ସେମାନେ ଜଣାଇ ଦେଇଛନ୍ତି ଯେ ପୁତ୍ରସନ୍ତାନ ଭଳି କନ୍ୟାସନ୍ତାନ ମଧ୍ୟ କୌଣସି ଗୁଣରେ କମ୍ ନୁହନ୍ତି । ସେମାନଙ୍କର ମଧ୍ୟ ଗୁରୁତ୍ୱ ରହିଛି । ଜୟସାଲମେରର ମୁଖ୍ୟ ଚିକିତ୍ସାଧିକାରୀ ବି.ଏଲ୍.ଚୌହାନଙ୍କ କହିବାନୁସାରେ

Digitized by PPRACHIN, SOA

ରାଜସ୍ଥାନର ଅନ୍ୟ ଗାଁଗୁଡ଼ିକ ତୁଳନାରେ ଡେଭଲା ଗ୍ରାମର ଲିଙ୍ଗଭେଦ ବୈଷମ୍ୟ (ପୁଅ ଅନୁପାତରେ ଝିଅ) ଯଥେଷ୍ଟ ଅଧିକ । ୨୦୦୫ ଜନଗଣନାନୁସାରେ ଡେଭଲା ଗ୍ରାମର ଜନସଂଖ୍ୟା ଥିଲା ୧,୪୫୫ । ଯେଉଁଠାରେ ପ୍ରତି ହଜାରେ ଜନସଂଖ୍ୟାରେ ପୁରୁଷଙ୍କ ସଂଖ୍ୟା ଥିଲା ୭୨୯ । ଗାଁର ଜଣେ ଝିଅ ପୂଜା କନୱ୍ୱାରଙ୍କ କହିବାନୁସାରେ ଅନେକବର୍ଷ ଧରି ଆମ ଗାଁରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇ ନାହିଁ । କାରଣ ଏଠି ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିବାପାଇଁ ଭଉଣୀ ନାହାନ୍ତି । ତେଣୁ ଆମେ ସାମୂହିକ ଭାବେ ରକ୍ଷାବନ୍ଧନପାଇଁ ନିଷ୍ପତ୍ତି ନେଲୁ ।''

'ପାରିବାରିକ ହିଂସା ସ୍ୱାସ୍ଥ୍ୟପ୍ରତି ବିପଦ' – ଏହି ଶୀର୍ଷକରେ Times of India ର Time nation ପୃଷ୍ଠାରେ TNN ଖବର ମାଧ୍ୟମରେ ଭାରତର ନାରୀମାନଙ୍କ ସ୍ୱାସ୍ଥ୍ୟହୀନତାର କାରଣସ୍ୱରୂପ ପାରିବାରିକ ହିଂସାକୁ ଗୁରୁତ୍ୱ ଦେଇଛନ୍ତି କୌନ୍ତେୟ ସିହ୍ନା । ସେ କହନ୍ତି ଘରେ ମାଡ଼ ଖାଉଥିବା ସ୍ତ୍ରୀଲୋକ ରୁଗ୍ଣ ଓ ପୁଷ୍ଟିହୀନତାର ଶିକାର ହୋଇଥାନ୍ତି । ହାର୍ଭାର୍ଡ ସ୍କୁଲ୍ ପବ୍ଲିକ୍ ହେଲ୍ଥର ସମାଜବିଜ୍ଞାନୀମାନେ ପ୍ରଥମଥରପାଇଁ ଜାଣିଲେ ଯେ ଭାରତୀୟ ନାରୀମାନଙ୍କ ପୁରୁଣା ପୁଷ୍ଟିହୀନତାର ହେତୁ ହେଉଛି ପାରିବାରିକ ହିଂସା ।

୧୫ରୁ ୪୯ ବର୍ଷ ବୟସ୍କା ନାରୀମାନଙ୍କ ବ୍ୟବସ୍ଥା ବିଶ୍ଳେଷଣକରି (ଭାରତୀୟ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଦ୍ୱାରା) ବୈଜ୍ଞାନିକମାନେ ମତଦେଇଛନ୍ତି ଯେ ଶାରୀରିକ ବା ମାନସିକ ଆଘାତ ପାଇଥିବା ନାରୀମାନେ ୧୧% ଅଧିକ ରକ୍ତହୀନତାରେ ପୀଡ଼ିତ ହୁଅନ୍ତି । ଯେଉଁ ନାରୀମାନେ ଭଲ ବ୍ୟବହାର ପାଆନ୍ତି ସେମାନଙ୍କ ତୁଳନାରେ ନିର୍ଯାତିତା ନାରୀ, ଶତକଡ଼ା ୧୧ ପ୍ରତିଶତ ଅଧିକ ରକ୍ତହୀନତା ଭୋଗନ୍ତି । ସେହିପରି ନିର୍ଯାତିତା, ନାରୀମାନେ ୨୧% ଅଧିକ ଓଜନ ହରେଇ ଥାଆନ୍ତି । ଏହି ନିର୍ଯାତିତା ନାରୀମାନଙ୍କ ସନ୍ତାନ ବହୁଳଭାବେ ନଷ୍ଟ ହୋଇଯାନ୍ତି । କିଛି ଜିଦ୍‌ଖୋର ହୁଅନ୍ତି, କିଛି ରୋଗିଣା ହୋଇଯାଆନ୍ତି ।

ହାର୍ଭାର୍ଡର ସମାଜ ଓ ମାନବିକ ବିକାଶ ତଥା ସ୍ୱାସ୍ଥ୍ୟ ବିଭାଗର ସମାଜବିଜ୍ଞାନୀ ଡଃ ଏସ୍. ଭି. ସୁବ୍ରମଣ୍ୟମ୍ କହନ୍ତି ଯେ ଖାଦ୍ୟପେୟ ଯଥେଷ୍ଟ ନ ପାଇ ଶାରୀରିକ ନିର୍ଯାତନା ପାଇ ନାରୀମାନେ ରକ୍ତହୀନ ହୋଇପଡ଼ନ୍ତି । ନାରୀମାନେ ମାନସିକ ଅବସାଦଗ୍ରସ୍ତ ହୋଇପଡ଼ନ୍ତି । ଯଦି ନିୟମିତ ପାରିବାରିକ ହିଂସାର ଶିକାର ହୋଇଥାନ୍ତି । ମାନସିକ ଚାପ Oxidative ଚାପର କାରଣ ଓ ଏହାଦ୍ୱାରା ଜୀବନ୍ତ ତନ୍ତୁଗୁଡ଼ିକ ନଷ୍ଟ ହୋଇଯାଆନ୍ତି । ଏହି ପ୍ରକ୍ରିୟା ଲୋହିତ ରକ୍ତକଣିକା ସବୁକୁ ନଷ୍ଟ କରିଦିଏ ।''

ନାରୀମାନେ ଯେ ଗାଳି ମନ୍ଦ, ସ୍ଥଳବିଶେଷରେ ସ୍ୱାମୀଠାରୁ, ପରିବାରଠାରୁ ମାଡ଼ ଖାଆନ୍ତି, ତା' ଖାଦ୍ୟପେୟ ପ୍ରତି କେହି ଦୃଷ୍ଟି ଦିଅନ୍ତି ନାହିଁ ଓ ସେ ନିଜେ ବି ବିଷାଦଗ୍ରସ୍ତ ହୋଇ ସେଥିପ୍ରତି ସଜାଗ ରହେ ନାହିଁ, ଏହା କିଏ ନ ଜାଣେ ? କେବଳ ଭାରତ କାହିଁକି ଅଧିକାଂଶ ବିକାଶଶୀଳ ଦେଶର ନାରୀମାନଙ୍କ ସମସ୍ୟା ଊଣା ଅଧିକେ ଏହାହିଁ ହୋଇଥାଏ ।

Digitized by PPRACHIN, SOA

ବିଶ୍ୱର ସମାଜବ୍ୟବସ୍ଥାକୁ ଅନୁଧ୍ୟାନ କଲେ ନାରୀ ନିର୍ଯାତନାର ବିବିଧ ଉପାୟ ଜାଣିବାକୁ ମିଳିଥାଏ । ଭାରତ ଦେଶ ସର୍ବଧର୍ମ ସମନ୍ୱୟର ଦେଶ । ତଥାପି ଇର୍ରାକ୍ ଓ ସାଉଦି ଆରବିୟାର ନାରୀମାନଙ୍କ ସ୍ଥିତି ସଂପର୍କରେ ନୋବେଲ୍ ପୁରସ୍କାରପ୍ରାପ୍ତା ଇରାକୀ ମହିଳା ଶିରିନ୍ ଇବାଦୀଙ୍କ ମତାମତ ଉଲ୍ଲେଖଯୋଗ୍ୟ । ଇବାଦୀ ସାମାଜିକ ଅସୁସ୍ଥତାର ଶାନ୍ତିପୂର୍ଣ୍ଣ ସମାଧାନ ନିମନ୍ତେ ପ୍ରଚାର ଚଳାଇଛନ୍ତି । ପ୍ରତି ଧର୍ମ ଓ ସଭ୍ୟତା ମୂଳରେ ନିହିତ ଥିବା ମାନବିକ ଅଧିକାରର ସେ ପ୍ରବକ୍ତା । 'ଇସ୍‌ଲାମ୍'କୁ ବିଶ୍ଳେଷଣ କରି ସେ କହନ୍ତି– ତରବରିଆଭାବେ ଏଠୁ ସେଠୁ କିଛି କିଛି ଅଂଶ ନ ପଢ଼ି ମନଧ୍ୟାନ ଦେଇ କୋରାନ୍ ପଢ଼ିଲେ ସମସ୍ତେ ବୁଝିପାରିବେ ଯେ, ଆଲ୍ଲା ଆମ ସମସ୍ତଙ୍କୁ ସମାନ କରି ଗଢ଼ିଛନ୍ତି । ଆମେ (ନାରୀମାନେ) ସମାନ ଅଧିକାରପାଇଁ ଲଢ଼ିବାବେଳେ ଜାଣିବା ଯେ ଆମେ ଏହାହିଁ କରିବାକୁ ଆଲ୍ଲା ଚାହାନ୍ତି । କୋରାନ୍‌କୁ କଦର୍ଥ କରି ନାରୀ ନିର୍ଯାତନା ଦିଗରେ ପ୍ରୋତ୍ସାହିତ କରୁଥିବା ଧର୍ମାନ୍ଧଙ୍କୁ ସେ ଆହ୍ୱାନ ଦେଇଛନ୍ତି – "ଏକଦା ଇସ୍‌ଲାମିକ୍ ନିୟମ ଥିଲା, ଧର୍ଷିତାଟିଏ ଚାରିଜଣଙ୍କୁ ସାକ୍ଷୀରୂପେ ଯୋଗାଡ଼ କରିବା ଆବଶ୍ୟକ । କିନ୍ତୁ ଆଜିକାଲି ଡାକ୍ତରୀ ବିଜ୍ଞାନ ଏତେବେଶି ଆଗୁସାର ହେଲାଣି ଯେ, ବୁନ୍ଦାଏ ମାତ୍ର ରକ୍ତରୁ ଅବୈଧ ସନ୍ତାନର ପିତୃତ୍ୱ ଚିହ୍ନା ପଡ଼ିଯିବ । × × ଇସ୍‌ଲାମ୍‌କୁ ଡରିବାର ନାହିଁ । ମାତ୍ର ଇସ୍‌ଲାମ୍‌ର ପତାକାତଳେ ଯେଉଁ ସ୍ୱେଚ୍ଛାଚାରୀମାନେ ଅଛନ୍ତି, ସେମାନଙ୍କୁ ଭୟ କରିବା କଥା । 'ଶାରିଆତ୍' ନାମରେ ସେମାନେ ଧର୍ଷଣ, ବାଧ୍ୟବାଧକତାରେ ବିବାହ ଦେବା ଓ ବେଆଇନ୍ ତଲାକ୍‌କୁ ଚାଲୁ ରଖିଛନ୍ତି ।" ନାରୀଙ୍କ ଦୁଃସ୍ଥିତି ପ୍ରତି ସହାନୁଭୂତିଶୀଳା ଇବାଦୀ କହନ୍ତି ଯେ ଇସ୍‌ଲାମ୍‌କୁ ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ବୁଝୁଛନ୍ତି, ସାଉଦି ଆରବିୟାରେ ସ୍ତ୍ରୀଲୋକେ ଗାଡ଼ି ଚଳାଇବାର ନିୟମ ନାହିଁ । ଅଥଚ ବାଙ୍ଗ୍‌ଲାଦେଶ ଓ ପାକିସ୍ଥାନରେ ନାରୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି । କେବଳ ଧର୍ମାନ୍ଧତା ଓ ପୁରୁଷପ୍ରାଧାନ୍ୟ ଏଥି ନିମିତ୍ତ ଦାୟୀ । (Times of India. Nov, 2006) ରକ୍ଷଣଶୀଳ ଇସ୍‌ଲାମ୍‌ରେ କେବଳ ଇବାଦୀ ନୁହନ୍ତି ଅନ୍ୟ ଲେଖିକା ମଧ୍ୟ ନାରୀ ସ୍ଥିତିର ବିଚାର କରିଛନ୍ତି । ଜିନ୍ ସାଶନ୍ Times of India 28th May 2006 ରବିବାର ସଂଖ୍ୟାରେ ଆରବିୟାନ୍ ନାରୀଙ୍କ ସ୍ଥିତିକୁ ବିଶ୍ଳେଷଣ କରିଛନ୍ତି । ସେ କହନ୍ତି, ଧର୍ମ ଯେତେ ନାରୀଙ୍କ ପ୍ରତି ଅତ୍ୟାଚାର ନ କରେ, ସ୍ଥାନୀୟ ପର୍ଦ୍ଦାପ୍ରଥା, ରକ୍ଷଣଶୀଳ ଲୋକାଚାର ହିଁ ଅଧିକ ଅତ୍ୟାଚାର କରେ । ସାରା ବିଶ୍ୱର ଅବସ୍ଥା ଏଇଆ । ସାଂସ୍କୃତିକ ଚେତନାଭେଦରେ ନାରୀ ଦୁର୍ଦ୍ଦଶା ଭୋଗିଥାଏ । ତାଙ୍କ ମତରେ 'If you look all over the world, cultural issues are generally what affect womens' lives while some of the issues may come from religion, whether Christian, Jewish or Muslim, I have found that local customs define how women live. For example, in the U.S.A., I am from deep south, which is very conservative. I found that I grew up much more

Digitized by PPRACHIN, SOA

conservative than friends from California.'' ଅର୍ଥାତ୍ ଆମେରିକା ଭଳି ଗୋଟିଏ ଦେଶରେ ମଧ୍ୟ ଦକ୍ଷିଣାଞ୍ଚଳର ଝିଅମାନେ, ପଶ୍ଚିମାଞ୍ଚଳର ଝିଅମାନଙ୍କଠାରୁ ଅଧିକ କାଇଦା କଟକଣା ମଧ୍ୟରେ ବଢ଼ିଥାନ୍ତି । ଅଥଚ ଦୁଇଟିଯାକ ଅଞ୍ଚଳର ଧର୍ମ ହେଉଛି ଖ୍ରୀଷ୍ଟଧର୍ମ । ଆଫ୍‌ଗାନିସ୍ଥାନ ଭଳି ଛୋଟ ଏକ ଦେଶରେ ନାରୀ ନିର୍ଯାତନାର ଅନ୍ତ ନାହିଁ । 'Revolutionary Association of the women of Afganisthan' ର ଜଣେ ସଭ୍ୟା ମେହମୁଦା କହିଲେ– ଆଫ୍‌ଗାନିସ୍ଥାନର ଧର୍ମ 'ଇସ୍‌ଲାମ୍', ମାତ୍ର ଧର୍ମ ଯେତିକି ନୁହେଁ, ଅସ୍ତ୍ରଶସ୍ତ୍ରଧାରୀ ମୌଳବାଦୀଙ୍କ ଅତ୍ୟାଚାର ଫଳରେ ଆଫ୍‌ଗାନିସ୍ଥାନ ନାରୀମାନଙ୍କ ଜୀବନ ଅତ୍ୟନ୍ତ ଦୁର୍ବିଷହ ହୋଇପଡ଼ିଛି । ବୁର୍ଖା ବାଧ୍ୟତାମୂଳକ ନ ହେଲେ ବି କାବୁଲ୍ ଭଳି ବଡ଼ ସହରମାନଙ୍କରେ ମହିଳାମାନେ ବୁର୍ଖାକୁ ଆଦରି ନିଅନ୍ତି । କାରଣ, ଯୁଦ୍ଧଖୋର୍ ମୌଳବାଦୀଙ୍କ କ୍ରୋଧର ଶିକାର ହେଲେ, କେବେ ଧର୍ଷଣ, କେବେ ହତ୍ୟା ମଧ୍ୟ ଘଟିପାରେ । ଛୋଟ ସହରମାନଙ୍କରେ ସ୍ତ୍ରୀଲୋକମାନେ ବେଶି ଅସୁରକ୍ଷିତ ଓ ପର୍ଦ୍ଦାପ୍ରଥାର ବଶବର୍ତ୍ତୀ । କେତେକ ଗ୍ରାମରେ ମଧ୍ୟ କେନ୍ଦ୍ରୀୟ ସରକାରର ଶାସନ ନାହିଁ ଓ Northern Alliance Commander ମାନେ ତାଙ୍କ ସ୍ଥାନୀୟ ଶାସନ ଚଳାଇଛନ୍ତି । ତେଣୁ ଧର୍ଷଣ, ହତ୍ୟା, ବଳାତ୍କାରର ଭୟ ସବୁବେଳେ ରହିଛି ।'' ପ୍ରଶ୍ନକର୍ତ୍ତ୍ରୀ ଶ୍ରୀମତୀ ମୁଖାର୍ଜୀଙ୍କର ଜିଜ୍ଞାସା – ''ନାରୀମାନେ ରାସ୍ତାରେ ଗଲାବେଳେ ମାଡ଼, ଅପମାନର ଶିକାର ହୁଅନ୍ତି କି ?' Mehmooda କହୁଛନ୍ତି – Definitely yes. Still a large numbers of armed militia belonging to different fundamentalist Parties (especially Northern Alliance) are the main cause behind the plight of Afghan women.'' ତାଙ୍କ ମତରେ ଆଫ୍‌ଗାନ ମହିଳାମାନେ କେତେକ ବଡ଼ ଅଫିସର ହୋଇଛନ୍ତି, ରାଜନୀତିରେ ମଧ୍ୟ ଅଛନ୍ତି– ସେମାନେ ମୁଷ୍ଟିମେୟ ଏବଂ ମୌଳବାଦୀମାନଙ୍କ ସହ ସେମାନଙ୍କର ସୁସଂପର୍କ ଅଛି, ନ ହେଲେ ବା ସେମାନେ ମୌଳବାଦୀଙ୍କ ସହିତ ସାଲିସ୍ କରିଛନ୍ତି । ଏହା ବ୍ୟତୀତ, ତାଲିବାନ୍‌ଙ୍କ ଉତ୍ପାତରେ ନାରୀମାନେ ଆଉ ଚାକିରି କରୁ ନାହାନ୍ତି । ନିହାତି ଅଭାବରେ ପଡ଼ି କେହି ସ୍ତ୍ରୀଲୋକ ଯଦି ଚାକିରି କରେ, ତେବେ ସେ ଡରଭୟ ହେତୁ କେବଳ N.G.O. ମାନଙ୍କରେ କିଛି କାମ କରେ । ସବୁଠାରୁ ଦୁର୍ଭାଗ୍ୟର କଥା ଯେ ଆଫ୍‌ଗାନ୍ ଲେଖକ ଓ କବିମାନେ ମଧ୍ୟ ମୌଳବାଦୀଙ୍କ ମୁଖପାତ୍ର ହୋଇଯାଇଛନ୍ତି । ଏହି ଲେଖକମାନେ ନିଜ କଳାକୃତି ମାଧ୍ୟମରେ ଲୋକଙ୍କୁ କୁପରିଚାଳିତ କରୁଛନ୍ତି । ମୌଳବାଦୀଙ୍କ ପ୍ରକୃତ ରୂପକୁ ଏହି ଲେଖକଗଣ ଲୁଚାଇ ଦେଉଛନ୍ତି ଓ ମିଥ୍ୟା ପ୍ରକାଶ କରୁଛନ୍ତି । ଏହି ଲେଖକମାନେ ନାରୀ ବିପକ୍ଷବାଦୀ ଏବଂ ସରକାରରେ ଉଚ୍ଚ ପଦପଦବୀରେ ଅଛନ୍ତି । ତେଣୁ ନାରୀମାନଙ୍କ ସପକ୍ଷରେ କାର୍ଯ୍ୟରତ RAWAକୁ ମଧ୍ୟ ଅନେକ ହିତକର କାର୍ଯ୍ୟକୁ ଲୁଚିଛପି କରିବାକୁ ପଡୁଛି ।'' (Times of India, June 25, 2006, page-2)

Digitized by PPRACHIN, SOA

ବିପ୍ଳବିଣୀ ଭାରତୀୟ ନାରୀର ଦୁରବସ୍ଥା

ଯଶବିନ୍ଦର୍ ସାଂଗେରା ନାମକ ୧୫ ବର୍ଷର ଝିଅଟିଏ ଗୋଟିଏ ବାଧ୍ୟବାଧକତାଜନିତ ବିବାହକୁ ବିରୋଧକରି ଗୃହତ୍ୟାଗିନୀ ହୁଏ । ଯେଉଁ ବ୍ୟକ୍ତି ଏହି ପଳାୟନରେ ତାକୁ ସାହାଯ୍ୟର ହାତ ବଢ଼ାଏ, ପରବର୍ତ୍ତୀକାଳରେ ଯଶବିନ୍ଦର୍ ତାକୁ ପ୍ରେମ କରେ ଓ ବିବାହ କରେ, ମାତ୍ର ଯୁବକଟି ଭିନ୍ନ ଜାତିର । ଯଶବିନ୍ଦର୍‌ର ବାପାମାଆ ଏହି କ୍ୱାଇଁକୁ ଗ୍ରହଣ କଲେ ନାହିଁ । ବହୁ ବ୍ୟାକୁଳ ଚେଷ୍ଟା ଚଳାଇ ମଧ୍ୟ ଯଶବିନ୍ଦର୍ ନିଜ ପରିବାରରେ ସାମିଲ୍ ହୋଇପାରିଲା ନାହିଁ, ବରଂ ତ୍ୟାଜ୍ୟ ହୋଇଗଲା । ତା'ର ତଳ ଭଉଣୀଟି ମଧ୍ୟ ବାଧ୍ୟବାଧକତାର ବିବାହକୁ ବିରୋଧକରି ଆତ୍ମହତ୍ୟା କଲା । ସାଂଗେରା ଥିଲା ଲଣ୍ଡନର 'ଡର୍ବି' ସହରର ବାସିନ୍ଦା । ତା'ର ପିତାମାତା ୧୯୫୦ ମସିହାବେଳକୁ ଲଣ୍ଡନରେ ସ୍ଥାୟୀବାସିନ୍ଦାରୂପେ ବସବାସ କରୁଥିଲେ । ମାତ୍ର ଭାରତୀୟ ପରିବାରରେ ଏଭଳି ବାଧ୍ୟବାଧକତାଜନିତ ବିବାହ ନିତିଦିନିଆ ଘଟଣା । ଅଧିକାଂଶ ବିବାହ ବଳପ୍ରୟୋଗଜନିତ, କାରଣ, ପ୍ରତିବାଦ୍ ସାମାନ୍ୟ । ପ୍ରତିବାଦ ଅର୍ଥ କ୍ୱଚିତ୍ ପଳାୟନ, ନତୁବା ଆତ୍ମହତ୍ୟା । ନଚେତ୍ ସଚରାଚର ପରିବାରର ମୁଖ୍ୟ ଅଡ଼ିବସନ୍ତି, ସଂପ୍ରଦାୟ ମୁଖ୍ୟ ଜିଦ୍ ଧରନ୍ତି ଓ ଝିଅଟି ମନମୁତାବକ ବର ବାଛିବାର ସୁଯୋଗ ହରାଏ । ଦିଲ୍ଲୀର ସୁସଭ୍ୟ ପରିବାର ହେଉ କି ଉତ୍ତର ପ୍ରଦେଶର ଜାତିପଞ୍ଚାୟତ ହେଉ କି ହେଉ ପଞ୍ଜାବର ସଂପ୍ରଦାୟ ମୁଖ୍ୟ, ଘଟଣା ଏହିଭଳି । ପରିବାରର ଧର୍ମାନ୍ଧ ବିଚାରଜନିତ ସମ୍ମାନ ବଜାୟ ରହିବା ଓ ଏହାର ପୂରା ଦାୟିତ୍ୱ ନାରୀ ଉପରେ ନ୍ୟସ୍ତ । ଏପରିକି ଭାରତ ବାହାରେ ବାସ କରୁଥିବା ଭାରତୀୟ ସଂପ୍ରଦାୟରେ ଯଦି ବରପାତ୍ର ଆପଣାର ସଂପ୍ରଦାୟରୁ ନ ମିଳିଲା, ତେବେ ଭାରତରୁ ବରପାତ୍ର ଅଣାଯିବ । ଭିନ୍ନ ଜାତି, ଭିନ୍ନ ଗୋତ୍ର, ଭିନ୍ନ ଧର୍ମରେ ବିବାହ ଏକ ଦୋଷାବହ ଘଟଣା । କେବଳ ପ୍ରେମବିବାହ ନୁହେଁ, ମୁଣ୍ଡବାଳ ସଜାଇକି କାଟିବାର ସ୍ୱାଧୀନତା ମଧ୍ୟ ଝିଅମାନଙ୍କୁ ଦିଆଯାଏ ନାହିଁ ।

ଅସଲ କଥା ହେଲା, ଏକବିଂଶ ଶତାବ୍ଦୀରେ, ଭାରତ ଦ୍ରୁତବିକାଶଶୀଳ ରାଷ୍ଟ୍ରରୂପେ ପରିଗଣିତ ହେଉଥିଲାବେଳେ, ଆମେ ନିଜକୁ 'ବିକାଶପ୍ରାପ୍ତ' ବୋଲି କହିପାରିବା, ଯେତେବେଳେ ଅର୍ଦ୍ଧେକ ଲୋକଙ୍କୁ ଆମେ ନଗଣ୍ୟ ବୋଲି ବିଚାର କରୁଛେ ?'' ('Shame'– Yasbinder Sanghera, Pub. Hodder and stoughtion 007, page 289, Reviewed by Urvashi Butalia.)

ଆଫ୍‌ଗାନୀ ଲେଖକଙ୍କ ଦରଦ

ଏହା ବ୍ୟତୀତ ଅନ୍ୟ ଏକ ଆଫ୍‌ଗାନୀ ଲେଖକ ଆଫ୍‌ଗାନ୍ ନାରୀମାନଙ୍କ କଥା କହିଛନ୍ତି । ବିଦେଶରେ ବାସ କରୁଥିବା ଆଫ୍‌ଗାନ୍ ଲେଖକ Khalied Hossini ତାଙ୍କ ଦେଶ ନାରୀଙ୍କ ବିଷୟରେ ତାଙ୍କ ରଚିତ ପୁସ୍ତକ ''A Thousand Splendid Sunsରେ ଲେଖିଛନ୍ତି ଯେ, ପ୍ରଥମରୁ ସେ ସେହି ଆଫ୍‌ଗାନ୍ ମହିଳାମାନଙ୍କର (ଉମିମାନଙ୍କର)

Digitized by PPRACHIN, SOA

ମୁଖପାତ୍ର Ventriloquist ଥିଲେ । ପରେ ଯେବେ ସେହି ନାରୀମାନଙ୍କ ନିକଟ ପରିଚୟରେ ଆସିଲେ, ସେମାନଙ୍କ ସପକ୍ଷବାଦୀ ହୋଇ ସେମାନଙ୍କ କଥା ହିଁ ମୁଖ୍ୟତଃ ପ୍ରକାଶ କରିବାରେ ଲାଗିଲେ । ତାଙ୍କ ଭାଷାରେ "At first I was a ventriloquist and they (Afghan women) were dummies speaking with my voice. But as I began to know them the characters took over and I became a moth piece for them. ×× The nameless, faceless women in burquas walking down the street.. are real people who have dreams and hopes and disappointment... Just like everybody else." Dallas Morning News, May 2007 ପ୍ରଥମ ହୋସିନି ଏହି ଡମି ମହିଳାଙ୍କ ଅନ୍ତରାତ୍ମାକୁ ଚିହ୍ନିଲେ । ତାଙ୍କର ଯେ ସମସ୍ତଙ୍କ ପରି ସ୍ୱପ୍ନ, ଆଶା ଓ ବିଷାଦ ଅଛି ତାହା ବୁଝିପାରି ତାଙ୍କ ମୁଖପାତ୍ର ପାଲଟି ଗଲେ ।

ଏହାବ୍ୟତୀତ ନାରୀ ନିର୍ଯାତନାର ଅନ୍ୟ ଏକ ବୀଭତ୍ସତା ନାରୀଧର୍ଷଣ ମାଧ୍ୟମରେ ସକ୍ରିୟ ହୋଇଆସୁଛି । ନାରୀକୁ ଅପମାନ ଓ ନିର୍ଯାତନା ଦେବାନିମିତ୍ତ ଯୁଗେ ଯୁଗେ ଏହି ପାଶବିକତା ପ୍ରଚଳିତ ହୋଇଆସୁଛି । ମିଳିତ ଜାତିସଂଘର ସଦ୍ୟତମ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ମହିଳାମାନଙ୍କ ସଂପର୍କୀୟମାନେ ହିଁ ସେମାନଙ୍କ ପ୍ରତି ସବୁଠାରୁ ଅଧିକ ବିପଦ । ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକପାଇଁ ଏହି ସମସ୍ୟା ଜଟିଳତର ଭାବେ ମୁଣ୍ଡ ଟେକିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୦ଟି ଦେଶର ୨୪ ହଜାର ମହିଳାଙ୍କୁ ନେଇ କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ବାହାର ଲୋକଙ୍କଠାରୁ ଘରଲୋକମାନେ ହିଁ ସେମାନଙ୍କପାଇଁ ମୁଖ୍ୟ ବିପଦ ପାଲଟିଛନ୍ତି । ୧୫ ବର୍ଷରୁ ଉର୍ଦ୍ଧ୍ୱ ୭୫ ପ୍ରତିଶତ ମହିଳା ସେମାନଙ୍କ ସଂପର୍କୀୟମାନଙ୍କଦ୍ୱାରା ଶାରୀରିକ ଉତ୍ପୀଡ଼ନ ଓ ଯୌନଶୋଷଣର ଶିକାର ହେଉଛନ୍ତି । ମହିଳାଙ୍କ ମନ୍ଦ ସ୍ୱାସ୍ଥ୍ୟାବସ୍ଥା ହିଁ ସଂପର୍କୀୟଙ୍କ ନିର୍ଯାତନ ହେତୁ ସମ୍ଭବ ହେଉଛି । ଏହି ତଥ୍ୟଦ୍ୱାରା ମହିଳାମାନଙ୍କ ପ୍ରତି ନିର୍ଯାତନାର ଏକ ଅନାବିଷ୍କୃତ ଦିଗ ଉନ୍ମୋଚିତ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଲିଜଙ୍ଗ-ଉକ୍ ରିପୋର୍ଟର ମୁଖବନ୍ଧ ଲେଖି କହିଛନ୍ତି ଯେ "×× ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ । ଏହି ଅନୁଧ୍ୟାନର ମୁଖ୍ୟ ପ୍ରସଙ୍ଗ ଥିଲା, ମହିଳାଙ୍କ ଘନିଷ୍ଠ ବ୍ୟକ୍ତିମାନଙ୍କଦ୍ୱାରା ସେମାନେ ଶାରୀରିକ ନିର୍ଯାତନା, ଯୌନଶୋଷଣ ଓ ବ୍ୟଭିଚାରର ଶିକାର ହୁଅନ୍ତି । ଏପ୍ରକାର ଶୋଷଣକୁ ସାମ୍ନା କରିଥିବା ମହିଳାଙ୍କ ଅନୁପାତ ୧୫ରୁ ୭୧ ପ୍ରତିଶତ । ଆହୁରି ମଧ୍ୟ ଜଣାପଡ଼ିଛି ଯେ, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଏହି ନିର୍ଯାତନାର ପ୍ରଭାବ ପ୍ରବଳତର । ଏହାକୁ ନିୟନ୍ତ୍ରଣ କରିବା ନିମିତ୍ତ ମହିଳାମାନଙ୍କର ସାମାଜିକ ଓ ଆର୍ଥନୀତିକ ଅଭିବୃଦ୍ଧି ଘଟାଇବା ସହ ଲିଙ୍ଗଗତ ସମାନତା ଉପରେ ସରକାରଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ହେବ ।" ଏହି ରିପୋର୍ଟ ପ୍ରକାଶପାଇଲା ପରେ ସାଧାରଣ ଲୋକଙ୍କ ମନରେ ଯେଉଁ ଧାରଣା ଥିଲା ଯେ ମହିଳାମାନଙ୍କ ପ୍ରତି ଅଜଣା ଲୋକମାନେ

Digitized by PPRACHIN, SOA

ହିଁ ସବୁଠାରୁ ବଡ଼ ବିପଦ– ଏହା ଭୁଲ୍ ବୋଲି ପ୍ରମାଣିତ ହେଲା । (ନ୍ୟୁୟର୍କ ନିଉଜ୍ ଏଜେନ୍ସି - ସଂବାଦ, ତା. ୮ । ୧୦ । ୨୦୦୬)

କ୍ରମଶଃ ସଭ୍ୟତାର ଅଗ୍ରଗତି ସହିତ ଶିକ୍ଷାଲାଭ ନିମନ୍ତେ ଝିଅମାନେ ଆଗୁସାର ହୋଇଛନ୍ତି । ପରିବାର ଲୋକଙ୍କ ଆଡୁ ତାଙ୍କପାଇଁ ବିପଦ ଥିଲାବେଳକୁ ଶିକ୍ଷକମାନଙ୍କ ଦ୍ୱାରା ନାବାଳିକା ଛାତ୍ରୀମାନଙ୍କ ଧର୍ଷଣ ଓ ନିର୍ଯାତନା ଲୋକଲୋଚନକୁ ଆସି ଭୟାବହ ସତ୍ୟର ପ୍ରମାଣ ଦେଉଛି । ହରିୟାନା ଓ ପଞ୍ଜାବ – ଯେଉଁ ଦୁଇଟି ରାଷ୍ଟ୍ରରେ କନ୍ୟାଭ୍ରୂଣ ହତ୍ୟା ଦେଶ ମଧ୍ୟରେ ସର୍ବାଧିକ, ସେଠାରେ ସ୍କୁଲ୍ ଶିକ୍ଷକଙ୍କଦ୍ୱାରା ନାବାଳିକା ଛାତ୍ରୀମାନେ ବଳାତ୍କାରର ଶିକାର ହେଉଛନ୍ତି । ଛାତ୍ରୀମାନଙ୍କୁ ପରୀକ୍ଷାରେ ନମ୍ବର କମାଇ ଦେବାର ଭୟ ଦେଖାଇ ଅନେକ ସ୍କୁଲ୍‌ଶିକ୍ଷକ ଛାତ୍ରୀମାନଙ୍କୁ ଧର୍ଷଣ ଓ ଯୌନ ନିର୍ଯାତନା ଦେବାର ଖବର ପଞ୍ଜାବ ଓ ହରିୟାନାରେ ପ୍ରାତ୍ୟହିକ ହୋଇପଡ଼ିଛି । ହରିୟାନାର ହିସାର୍‌ଠାରେ ଥିବା 'ବିଶ୍ୱାସ ସିନିୟର ସ୍କୁଲ୍' ର ଜଣେ ଶିକ୍ଷକ (ଋଷି ସାଗର ନାମକ) ଛାତ୍ରୀମାନଙ୍କ ଧର୍ଷଣ କରି ଗିରଫ ହୋଇଛନ୍ତି । ଏହି ଶିକ୍ଷକ ୫ମ ଓ ୬ଷ୍ଠ ଶ୍ରେଣୀର ଛାତ୍ରୀମାନଙ୍କୁ ନିଜ କୋଠରିକୁ ଡାକିନେଇ ଯୌନସଂଗମ କରୁଥିଲେ । ହରିୟାନାର ଜିନ୍ଦ୍ ଜିଲ୍ଲାର ଗୋଟିଏ ସ୍କୁଲ୍‌ର ଦୁଇଜଣ ଶିକ୍ଷକ ସାତଜଣ ଛାତ୍ରୀଙ୍କୁ ମାସ ମାସ ଧରି ଧର୍ଷଣ କରି ଆସୁଥିଲେ । ଫଳରେ ଏହି ଝିଅମାନଙ୍କ ଭିତରୁ କେତେଜଣ ଗର୍ଭବତୀ ହେଲେ । ଘଟଣାଟି ଜଣାପଡ଼ିଗଲା ଓ ଶିକ୍ଷକ ଦୁଇଜଣ ଜେଲ୍ ଗଲେ ।

ପଞ୍ଜାବର ଫିଲାଉର୍ ସହରସ୍ଥିତ ସରକାରୀ ଗାର୍ଲସ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍‌ର ଛାତ୍ରୀ ପ୍ରଭ୍‌ଜୋତ୍ ଗତ ଏପ୍ରିଲ୍ ମାସରେ ବିଷ ଖାଇ ଆତ୍ମହତ୍ୟା କଲା । ଶବବ୍ୟବଚ୍ଛେଦ ପରେ ସେ ଗର୍ଭବତୀ ଥିବାର ଜଣାପଡ଼ିଲା । ଏହି ସୂତ୍ରରୁ ପୋଲିସ୍ ସେ ସ୍କୁଲର ଶିକ୍ଷକ୍ ହରଭଜନ ସିଂହଙ୍କୁ ଗିରଫ କଲା । ପ୍ରଭ୍‌ଜୋତ୍ ଗର୍ଭବତୀ ହେବାର ଜାଣିବା ପରେ ହରଭଜନ ତାକୁ ବିଷପିଆଇ ହତ୍ୟା କରିଥିଲା । ଆଇନ୍ ଓ ଗଣମାଧ୍ୟମର ଆଢୁଆଳରେ ଶହ ଶହ କିଶୋରୀଛାତ୍ରୀ ଶିକ୍ଷକମାନଙ୍କଦ୍ୱାରା ଧର୍ଷିତା ହେଉଛନ୍ତି । ଲଜ୍ଜା ଅପମାନ ହେତୁ ଏ ସବୁ ଘଟଣା ବହୁସଂଖ୍ୟାରେ ପୋଲିସ୍ ପାଖକୁ ଆସୁ ନାହିଁ, ଯେତିକି ଆସୁଛି, ତା'ଠାରୁ ଶତଗୁଣ ଏହି ନାରକୀୟ ଘଟଣା ଘଟିଚାଲିଛି ।" ('Out Look' ରୁ ରବିବାର ସଂବାଦ ତା ୮ । ୧୦ । ୨୦୦୬) ।

ନାରୀ ଅସ୍ତିତ୍ୱ ପ୍ରତି ଅପମାନ ଓ ଲାଞ୍ଛନା କମ୍ ହୃଦୟ ବିଦାରକ ନୁହେଁ ! ହିନ୍ଦୁମାନରେ ନାରୀଙ୍କୁ ନ୍ୟୂନଭାବେ ଦେଖିବାର ବ୍ୟବସ୍ଥା ଏକଦା ପ୍ରଚଳିତ ଥିଲା ଓ ଏହା ମଧ୍ୟ ଥିଲା ସେହି ପୁରୁଷପ୍ରଧାନ ସମାଜପତିଙ୍କ କୁସଂସ୍କାରଗ୍ରସ୍ତ ମନୋବୃତ୍ତିରୁ ସଂଜାତ । ମାତ୍ର ବର୍ତ୍ତମାନ, ବିଂଶଶତକର ଶେଷ ଓ ପରବର୍ତ୍ତୀ କାଳରେ ମଧ୍ୟ ଏ ପ୍ରକାର କୁସଂସ୍କାରକୁ ନେଇ ସଭ୍ୟସମାଜ ଧନ୍ଦି ହେବାରେ ଲାଗିଛି । କେରଳର ଆୟାପ୍ପାମନ୍ଦିର 'ଶବରୀମାଳା'ଠାରେ ଅବସ୍ଥିତ । ଏହି ମନ୍ଦିର ମଧ୍ୟକୁ ନାରୀମାନେ (ବୟଃପ୍ରାପ୍ତିଠାରୁ ରଜୋନିବୃତ୍ତି ଯାଏଁ)

Digitized by PPRACHIN, SOA

ପ୍ରବେଶ କରିବାର ନିୟମ ନାହିଁ । କାରଣ ପ୍ରଭୁ ଆୟାପ୍‌ପା ଯୋଗୀ । ନାରୀମାନେ ତାଙ୍କୁ ଦର୍ଶନ କରିବାକୁ ଆସନ୍ତୁ ଏହା ସେ ଚାହାନ୍ତି ନାହିଁ । ଏହି ବିଧିନିଷେଧକୁ ଲଂଘନ କରି କନ୍ନଡ଼ ଅଭିନେତ୍ରୀ ଜୟମାଳା ତାଙ୍କୁ ୨୭ ବର୍ଷ ବୟସ ହୋଇଥିବା କାଳରେ ଥରେ ମନ୍ଦିରକୁ ପ୍ରବେଶ କରି ଦେବବିଗ୍ରହକୁ ସ୍ପର୍ଶ କରିଥିଲେ । ଏହି କଥାଟି ସେ ୧୯ ବର୍ଷ ପରେ କାହିଁକି କେଜାଣି ପ୍ରକାଶ କରିଦେଲେ । ମନ୍ଦିରର 'ତ୍ରାଭାଙ୍କୋର ଦେବସ୍ୱଂବୋର୍ଡ' ଜୟମାଳାଙ୍କ ଏତାଦୃଶ ସ୍ୱୀକାରୋକ୍ତିଟିକୁ ପସନ୍ଦ କଲେ ନାହିଁ । ଜୟମାଳା ଦଣ୍ଡିତା ହେବାର ଯୋଗ୍ୟ ବୋଲି ପ୍ରସ୍ତାବ ଦେଲେ । ସେମାନଙ୍କ ମତରେ ଏଥିରେ ପ୍ରଭୁ ଅସନ୍ତୁଷ୍ଟ । କାରଣ, ଜଣେ ଯୁବତୀ ନାରୀ ପ୍ରଭୁଙ୍କୁ ଛୁଇଁଲେ ମନ୍ଦିରର ପବିତ୍ରତା ନଷ୍ଟ ହୋଇଥାଏ ।'' (TNN News – Times of India 2006 by P. K. Sudarshan) ଏହି ନିର୍ଣ୍ଣୟକୁ ମାନିନେଇ ଅଭିନେତ୍ରୀ ଜୟମାଳା କ୍ଷମାପ୍ରାର୍ଥନା କରିଥିଲେ ଓ ଦଣ୍ଡିତା ହେବାରୁ ରକ୍ଷାପାଇଲେ ।

ଶିକ୍ଷା, ସଭ୍ୟତା, ଆଧୁନିକତା, ଜଗତୀକରଣ ଯେ ସବୁକିଛିର ଅନ୍ତରାଳରେ ନାରୀ ଏବେ ବି ନିର୍ଯାତିତା । ଏହି ନିର୍ଯାତନା ପ୍ରତି ସମାଜ ଓ ପରିବାର ଖୁବ୍ ସଂବେଦନଶୀଳ ନୁହନ୍ତି । ଏଭଳି ଏକ ପରିସ୍ଥିତିରୁ ମୁକ୍ତି ପାଇବା ନିମିତ୍ତ ନାରୀମାନେ ଶିକ୍ଷିତା ସମ୍ମିଳିତା ଓ ଉପାର୍ଜନକ୍ଷମା ହେବାପାଇଁ ଉଦ୍ୟମ କରିବା ଜରୁରୀ ।

Digitized by PPRACHIN, SOA

ଦ୍ୱିତୀୟ ଅଧ୍ୟାୟ

ଉଲ୍ଲିଖିତ କାଳ ମଧ୍ୟରେ ପୁରୁଷ ଓ ନାରୀକବିମାନଙ୍କ କାବ୍ୟିକ ସୃଜନରେ ନାରୀ ବାସ୍ତବତାର ଚିତ୍ରଣର ଏକ ତୁଳନାତ୍ମକ ଅନୁଧ୍ୟାନ

କାବ୍ୟ ସୃଜନରୁ କବିର ସଂସ୍କାର, ଅଭିଳାଷ ଓ ମନନଶୀଳତା ସ୍ପଷ୍ଟ ହୋଇଥାଏ । ତେଣୁ କାବ୍ୟିକ ସୃଜନରୁ ଯେଉଁ ଚିତ୍ର ମିଳେ, ତାହା ସାମାଜିକ ଓ ପାରିବାରିକ ତଥା ଅଧ୍ୟାତ୍ମ ସ୍ତରରେ ନାରୀପ୍ରତି କବିମାନଙ୍କ ବାସ୍ତବ ଆଭିମୁଖ୍ୟକୁ ସ୍ପଷ୍ଟ ସୂଚିତ କରିଥାଏ । ଲିଙ୍ଗଭେଦରେ କିଛିଟା ଭିନ୍ନତା ନାରୀ ପୁରୁଷ ମଧ୍ୟରେ ପରିଲକ୍ଷିତ ହେବାର ଜଣାଯାଏ । ଓଡ଼ିଆ କାବ୍ୟ କବିତାରେ ୧୯୭୫ରୁ ୨୦୦୦ ମସିହା ମଧ୍ୟରେ ନାରୀ ଅସ୍ତିତ୍ୱର ବହୁ ଦିଗନ୍ତ ଉନ୍ମୋଚିତ ହୋଇସାରିଛି । ମାତା, କନ୍ୟା, ପତ୍ନୀ ଭାବରେ, ସାଧାରଣ ସଂଗ୍ରାମୀ ଜୀବନ ବଞ୍ଚୁଥିବା ନାରୀ ଭାବରେ ଓ ବିଦ୍ରୋହିଣୀ ରୂପରେ ନାରୀର ଅନ୍ତର୍ମନର ସ୍ଥିତି ଆବିଷ୍କୃତ ହେବାରେ ଲାଗିଛି । ପୂର୍ବରୁ କାବ୍ୟକବିତାରେ ନାରୀର ଦେବୀରୂପ ସହଜଲଭ୍ୟ ହୋଇଥିଲା । ସମାଜରେ ତାକୁ ଦେବୀରୂପେ ପୂଜା କଲାବେଳକୁ ପରିବାରରେ ଦାସୀରୂପେ ନିୟୋଜିତ କରାଯାଉଥିଲା । ମନେହେଉଥିଲା ଦାସୀତ୍ୱ ହିଁ ତା'ର ଦେବୀପଦ ପାଇବାର ଏକମାତ୍ର ଯୋଗ୍ୟତା । ବର୍ତ୍ତମାନ ମଧ୍ୟ ଏଭଳି ଦୃଷ୍ଟିଭଙ୍ଗୀର ଆମୂଳ ପରିବର୍ତ୍ତନ ସଂଘଟିତ ହୋଇ ନାହିଁ । ଆଦର୍ଶ ଓ ବାସ୍ତବ ମଧ୍ୟରେ ତାରତମ୍ୟ ଯଥେଷ୍ଟ ରହିଛି । ପୁରୁଷପ୍ରଧାନ ସମାଜ 'ନାରୀ'କୁ 'ଦେବୀ' ଆଖ୍ୟା ଦେବା ସହଜ ମଣିଛି ସତ, ମାତ୍ର ନିଜ ସହ ସମାନ କରି ତାକୁ ସମସ୍ତରରେ ଦେଖିପାରି ନାହିଁ । ସମାଜର ବାସ୍ତବଚିତ୍ର ସାହିତ୍ୟରେ ପ୍ରତିଫଳିତ ହେବା ସ୍ୱାଭାବିକ । ତେଣୁ ଆଲୋଚ୍ୟ କାଳରେ ପୁରୁଷର ମଧ୍ୟଯୁଗୀୟ ମନୋବୃତ୍ତିଜନିତ ଆପଣାର ପ୍ରାଧାନ୍ୟ ଜାହିର୍ କରିବାର ନିଶା କେତେକାଂଶରେ ଊଣା ପଡ଼ିଛି । ଏହାର କାରଣ ହୋଇପାରେ ଯେ ଅନେକତ୍ର ଆଇନ୍ କଡ଼ାକଡ଼ି ଲାଗୁକରାଯାଉଛି । ଯେପରିକି, ବିଧବା ବିବାହ ପ୍ରଚଳନ, ବାଲ୍ୟ ବିବାହ-ବିରୋଧ, ଯୌତୁକବିରୋଧୀ ଆଇନ୍‌ର କଟକଣା ମଧ୍ୟରେ ନାରୀକୁ ଅନେକ ସୁବିଧା ସୁଯୋଗ ଦିଆଯିବାର ବ୍ୟବସ୍ଥା ହୋଇଛି । ତେଣୁ ପୁରୁଷ କିଛିଟା ସଚେତନ ହୋଇଛି । ନାରୀଶିକ୍ଷାର ବହୁଳ ପ୍ରଚଳନ, ଉଚ୍ଚଶିକ୍ଷିତା,

Digitized by PPRACHIN, SOA

ବୃତ୍ତିଜୀବିନୀ ନାରୀଙ୍କର ସ୍ୱାଧିକାର ସଚେତନତା ଓ ଦାବି ଯେତିକି ଦୃଢ଼ ହୋଇଛି, ପୁରୁଷ ତା'ର ପ୍ରାଧାନ୍ୟ ଜାହିର୍ କରିବାରେ ସେତିକି ପଶ୍ଚାତ୍‌ପଦ ହେବାକୁ ବାଧ ହୋଇଛି । ପୁରୁଷ 'I am superior' କହିବାରେ କେତେକ ବାଧା ଉପୁଜିଛି । ମାତ୍ର ନାରୀର ବାସ୍ତବିକତାକୁ ଉପଯୁକ୍ତଭାବେ ହୃଦୟଙ୍ଗମ କରିବାକୁ ସମର୍ଥ ହେବାପାଇଁ ପୁରୁଷକୁ ପ୍ରଥମେ ତା'ର 'ପ୍ରାଧାନ୍ୟ-ମନୋବୃତ୍ତି' କୁ ଅତିକ୍ରମ କରିବାକୁ ହେବ । ପରଂପରା ନାମରେ ନାରୀ ଯଦି ସତୀସୀତାଙ୍କୁ ଏବେବି ଆଦର୍ଶ ରୂପରେ ଗ୍ରହଣ କରେ, ତେବେ ସେ ମଧ ଏହି ଯୁଗର ବାସ୍ତବତାକୁ ହୃଦୟଙ୍ଗମ କରିପାରିବ ନାହିଁ ।

ନାରୀ ସ୍ଥିତିର ବାସ୍ତବତାକୁ ଚିତ୍ରଣ କଲାବେଳେ ପୁରୁଷକବି ଓ ନାରୀକବିଙ୍କ ଅନ୍ତର୍ଦୃଷ୍ଟିରେ ମଧ ପାର୍ଥକ୍ୟ ପରିଲକ୍ଷିତ ହେଉଛି । ପୁରୁଷକବି କାବ୍ୟଯୋଗ୍ୟ ନାରୀଚରିତ୍ରଟିକୁ ତଥାପି ଅନେକ ସମୟରେ ନିଜ ସହ ସମାନ (equal) ଭାବେ ଦେଖିପାରିବାରେ ସମର୍ଥ ହେଉ ନାହିଁ । ଅନ୍ୟପକ୍ଷରେ ନାରୀକବିଟି ନାରୀ ଚରିତ୍ରର ଅଙ୍ଗେନିଭା ଅନୁଭୂତିକୁ ଅଧିକ ମାର୍ମିକଭାବେ ପ୍ରକଟ କରିପାରୁଛି । ପୁରୁଷକବିର ନାରୀପ୍ରତି ଦୃଷ୍ଟିଟି ଅଧିକାଂଶତଃ ସମ୍ବେଦନାମୂଳକ ହୋଇଥିବାବେଳେ, ନାରୀ କବିର ବାସ୍ତବତା ପ୍ରତି ରହିଥିବା ଦୃଷ୍ଟିଟି ଅଧିକତର ଆତ୍ମସଂପୃକ୍ତ ଓ ଆନ୍ତରିକ ବୋଲି ସ୍ପଷ୍ଟ ହେଉଛି । ମନସ୍ତାତ୍ତ୍ୱିକ ବିଚାରରେ ପୁରୁଷ ଓ ନାରୀର ପରସ୍ପରପ୍ରତି ଆକର୍ଷଣ ରହିଥିଲେ ହେଁ, ନାରୀର ନିବିଡ଼ ଆକାଂକ୍ଷା ଓ ସ୍ୱପ୍ନଭଂଗର କାହାଣୀ ପ୍ରତି ନାରୀକବି ହିଁ ଅଧିକ ସଂବେଦନଶୀଳା । ପୂର୍ବ ଅଧାୟରେ ନାରୀ ନିର୍ଯାତନା, ନାରୀର ଅଧିକାରହୀନତା, ନାରୀପ୍ରତି ଶୋଷଣ ଓ ପ୍ରବଞ୍ଚନାର ରାଶି ରାଶି ଚିତ୍ର ପ୍ରଦତ୍ତ ହୋଇଛି । ଏହି ଅଧାୟରେ ଆଲୋଚ୍ୟ କବିଗଣଙ୍କ ସଂରଚନାରେ ନାରୀବାସ୍ତବତା କେତେଦୂର ଓ କେତେ ପ୍ରକାର ଅଭିବ୍ୟଂଜିତ ହୋଇଛି, ତାହାହିଁ ବିଚାର କରାଯାଉଛି । ଯୁଗଯୁଗର ଜମାଟବନ୍ଧା ସ୍ୱାର୍ଥପରତାର ବଶବର୍ତ୍ତୀ ହୋଇ ପୁରୁଷର ଚେତନା ଏଯାବତ୍ ନାରୀକୁ ସର୍ବାଂଶରେ ନିଜ ଭଳି ଗ୍ରହଣ କରିପାରି ନାହିଁ । ପୁନଶ୍ଚ, ମାତୃତ୍ୱର ସ୍ୱରୂପ ଆଙ୍କିଲାବେଳକୁ ପୁରୁଷ ଓ ନାରୀକବି ଭେଦରେ ହୁଏତ କିଛିଟା ଭିନ୍ନତା ପରିଲକ୍ଷିତ ହେଉଛି । ପୁରୁଷ ନାରୀର ହିଁ ସନ୍ତାନ, ଏକଥା ସତ୍ୟ ହେଲେ ବି ନାରୀ ନିଜେ ମାତୃତ୍ୱର ଯାତନା ଓ ମହିମାକୁ ଗଭୀରଭାବେ ଅନୁଭବ କରିବାରେ ହକ୍‌ଦାର ହୋଇଛି । କବିମାନେ ପୁରାଣକଳ୍ପର ମାତୃଚରିତ୍ରକୁ ନେଇ ଯଶୋଦା, ଦେବକୀଙ୍କୁ ଦେବୀ ରୂପେ, ପତ୍ନୀ ଓ ପ୍ରେମିକାରୂପେ ଦୁର୍ଗା, ରାଧା, ଅହଲ୍ୟା, ରକ୍ମିଣୀ, ସୁଭଦ୍ରା ପୁଣି ପତି ଓ ପ୍ରେମିକ ରୂପେ କୃଷ୍ଣ, ରାମ, ଲକ୍ଷ୍ମଣ ଆଦିଙ୍କୁ ଗ୍ରହଣ କରିଛନ୍ତି । ନିର୍ଯାତିତା ଅବହେଳିତା ନାରୀଙ୍କ ପୁରାଣ-ପ୍ରତୀକ ହେଉଛନ୍ତି ଅହଲ୍ୟା, ଦ୍ରୌପଦୀ, କୁବୁଜା, ଶବରୀ ଇତ୍ୟାଦି ଚରିତ୍ର । ପୁଣି ନାରୀରୂପକୁ ଚିତ୍ରିବାକୁ ଯାଇ ମାତୃତ୍ୱର ପ୍ରଭାବକୁ କବିମାନେ ପ୍ରକଟ କରୁଛନ୍ତି ।

Digitized by PPRACHIN, SOA

ମାତା ଓ ପିତାମହୀ, ମାତାମହୀ ରୂପରେ ନାରୀ

ମାତା କେବେ ଜନ୍ମଦାତ୍ରୀ ତ କେବେ ପ୍ରକୃତିମାତା, କେବେ ବା ଦେଶମାତୃକାର ପ୍ରତୀକ ମଧରେ ଉଜ୍ଜ୍ୱଳ । କେବେ ବିଶାଳ ଧରଣୀ ତ କେବେ ଭୌଗୋଳିକତା ବଶବର୍ତ୍ତୀ କବିର ମାତୃଭୂମି । ମାଆ, ଜେଜେମାଆ ରୂପରେ ନାରୀର ସ୍ଥିତି, ନାରୀର ଚିତ୍ର ଆଙ୍କିଲା ବେଳେ ତେଣୁ, ସର୍ବପ୍ରଥମେ କବିଚିତ୍ତରେ ନାରୀର ଉପରୋକ୍ତ ମାତୃମୂର୍ତ୍ତିଟି ଜୀବନ୍ତ ହୋଇଉଠେ । ମାତୃରୂପଟି କାହିଁ କେଉଁଯୁଗରୁ କବିକୁ ପ୍ରଭାବିତ କରିଛି, କରାଇଛି କୃତଜ୍ଞତାରେ ଆନତ, ସ୍ନେହରେ ଆପ୍ଲୁତ ଓ ସ୍ମୃତିରେ ଗୌରବାନ୍ୱିତ । ଜନ୍ମଦାତ୍ରୀମାନଙ୍କର ବିଶ୍ୱମୟ ଚିତ୍ର ଶୈଶବର ଅବଲମ୍ବନ ଓ କୈଶୋରର ବିସ୍ମୟ । ମାତ୍ର ପରବର୍ତ୍ତୀ ଜୀବନକାଳରେ ମାଆର ସ୍ମୃତି କବିଙ୍କ ଅନୁଭବକୁ ଅଧିକ ମାର୍ଜିତ ଓ ପରିଶୀଳିତ କରୁଛି । କାବ୍ୟନାୟକ ହୃଦୟଙ୍ଗମ କରୁଛି ଯେ, ମାଆର ସୁମନାସ, ଶ୍ରଦ୍ଧାର ସ୍ମୃତି ଜୀବନର ଧୂଳିପଟଳର ପ୍ରପଞ୍ଚମାୟା ମଧରେ ବଞ୍ଚିବାର ଏକ ତୀବ୍ର ଆଶ୍ୱାସନାରୂପେ ଦଣ୍ଡାୟମାନ । ମାଆ ଦିବଂଗତ, ଅଥଚ ଏବେବି ଦିଶିଯାଏ ତାଙ୍କ ରୂପ ଏବଂ ଉଛୁଳିପଡ଼େ ସନ୍ତାନର ହୃଦୟର ବ୍ୟାକୁଳତା – "ଏବେ ଅନେଇଲେ ଝାପ୍‌ସା ଦୁଶେ, ତା'ର ପ୍ରାଚୀନ ଶଙ୍ଖାକାଚହୀନ, ସରୁ ସରୁ ହାତ, ମଳିନ ଜହ୍ନପରି ମୁହଁ/ ଶୁଖି ଯାଇଥିବା ଫଟାମାଟିପରି କେତେ ଗେହ୍ଲା କରିଥିବା ଓଠ, ମନ୍ଦିରର ନେତପରି ଅଭୟଦାୟୀ ତା'ର କାନିପଣତ ।" (କବି ସୀତାକାନ୍ତ ମହାପାତ୍ର, ସଂ ପ୍ରଦକ୍ଷିଣ ପୃଷ୍ଠା ୧୭) ମାଆ ବର୍ତ୍ତମାନ ଦୂରର, ଧ୍ରୁବତାରା ପରି, ସ୍ମୃତି ତାହାର ଆଶ୍ୱାସ ପ୍ରଦାୟକ । ସ୍ମୃତିରେ ଜୀବନ୍ତ ହୋଇଉଠିଛି ବୋଉର କୋଳ, ତା'ର ରନ୍ଧାବଢ଼ା, "ଚୁଲିମୁଣ୍ଡରେ ବିଲେଇ ପରି ତୋ କତିରେ ଜାକି ହୋଇ ବସିଛୁ ଆମେ, ନିଃଶ୍ୱାସରେ ଛୁଙ୍କ ବାସ୍ନା ।" (ତତ୍ରୈବ)

ସ୍ମୃତିରେ ଜୀବିତ ହୋଇଥାଏ ମାଆ – ତା'ର ସ୍ନେହ ଓ ତ୍ୟାଗ ଅସୀମତ୍ୱ ଏବଂ ଅମରତ୍ୱର ପ୍ରତୀକ – 'ନକ୍ଷତ୍ର ଲୋକ ସେପଟେ, ପଦ୍ମବଣର ଆଢୁଆଳରେ, ଦିଶିଯାଉଥାଏ ମୁହଁ କାହାର, ଅଟକି ଯାଉଥାଏ କାହାର ଶଙ୍ଖ ଶୁଭ୍ର ପାଦ, କ୍ଷୀର ନଈର ? ଅସୀମର, ଅମରତ୍ୱର ? ନାଁ ମୋ ବୋଉର ?' (କବି ପ୍ରତିଭା ଶତପଥୀ 'ବୋଉ' ୧୯୯୯) । ଆଜିର ଯୁଗରେ ବୟସ୍କ ପିତାମାତା ସନ୍ତାନଙ୍କପାଇଁ ଦୁର୍ବହ ଭାରସ୍ୱରୂପ । କବିମାନେ ହୁଏତ ବାପମାଆଙ୍କ ପ୍ରତି ସହାନୁଭୂତିଶୀଳ । କିନ୍ତୁ ସାଧାରଣତଃ ସନ୍ତାନମାନଙ୍କ ଅବହେଳା ବୟସ୍କ ପିତାମାତାଙ୍କୁ ଯନ୍ତ୍ରଣାକାତର କରିଥାଏ । ନାନାଦି ଆଳ ଦେଖାଇ ପୁଅବୋହୂ, ଏପରିକି ଝିଅ ଜ୍ୱାଇଁ ମଧ ମୁଣ୍ଡ ଖସାଇ ନିଅନ୍ତି । ସେହିପରି ଏକ ଆହତ ମାତାର ଚିତ୍ର – "ଅବହେଳିତ, ବିପର୍ଯ୍ୟସ୍ତ ମଶାଣିପରି ଅନେଇ ରହିଥାଏ ମାଆ । ଦିହକୁ ଚରି ଚାଲିଯାଏ ରୋଗ/ ପୋକ ଭିତରେ ଭିତରେ କାଟିଚାଲିଥାଏ କୁଟ୍‌କୁଟ୍ /ବେକକୁ, ପେଟକୁ, ଅନ୍ତନାଡ଼ିକୁ, ଆଖି ନାହିଁ, କାନ ନାହିଁ ଯେମିତି,/ ତମ୍ୱାଳିଆ ପତ୍ରଟେ, ଖସିବ ଖସିବ ହଉଚି ଗଛରୁ, ଯନ୍ତ୍ରଣା ବିଦାରି ଲାଗିଛି ମାଆକୁ ଭିତରୁ ବାହାରୁ ।" (ମାଆର ବାହୁଡ଼ାବେଳ– ପ୍ରତିଭା ଶତପଥୀ, ଅନୁପମଭାରତ)

Digitized by PPRACHIN, SOA

ମାଆ ଦୂରରେ ଅଛି– ତା'ର ଅବର୍ତ୍ତମାନରେ ମଧ୍ୟ ତା'ର ଆବିଷ୍କାରୀ ରୂପ ଦିଶିଯାଏ, ତା'ର ପ୍ରାର୍ଥନାର ସ୍ୱର, ସଂଜବତିର ଅନୁନୟ କେବଳ ସନ୍ତାନ ନିମନ୍ତେ ଅଭିପ୍ରେତ । ଅଥଚ,ସେଇ ବର୍ଷା ଥମ୍ ଥମ୍ ଆକାଶ ପରି ମାତୃସତ୍ତାର ଆବେଶରେ ମୁହ୍ୟମାନ ହୋଇପଡ଼ନ୍ତି କବି – ''ମୁଁ ଆସି ସୁରୁଖୁରୁରେ ପହଞ୍ଚିଯିବା ପରେ, ତା'ରି ଆଡ଼କୁ ଚାହିଁଛି, ସତେ ଯେମିତି ଗୁମ୍‌ସୁମ୍ ଆକାଶକୁ/ଯୋଉଠୁ ପୁଣି ଅସରାଏ ବର୍ଷା ଝରିପଡ଼ିବ/ ବୁଡ଼ିଯିବ ମୋ ଜ୍ଞାନ ଅଜ୍ଞାନର ଦୁଇକୂଳ ।'' (ଚରାଚର-ସୌଭାଗ୍ୟ କୁମାର ମିଶ୍ର)

ଦୁଃଖର ଗରଳକୁ ଯିଏ ନିଜେ ପିଇ ଅମୃତ ବାଣ୍ଟିଦିଏ – ନିର୍ବିଘ୍ନ, ନିଃସଂଶୟ ରହିହୁଏ ଯାହା କୋଳରେ, ସେ ବୋଉ । ବୋଉର ସେହି କରୁଣାକୋମଳ ଆତ୍ମିକ ରୂପ କବିଙ୍କ ଉଚ୍ଚାରଣରେ – ''ଆଉ, ଚିରକାଳ ଲୁହରେ ଉଜ୍ଜ୍ୱଳ ଦି'ଟି ଆଖି / ସବୁ ଦୁଃଖର ଗରଳକୁ ନିର୍ବିକାର ପିଇଥିବା ସେ ମୋ' ବୋଉ / ଯା'ର କୋଳରେ ମୁହଁ ରଖି × × ହାତ ଆଞ୍ଜୁଳାରେ ଧରି ହେଉଥିଲା ଜହ୍ନମାମୁକୁ ।''

('ସବୁ ମନେପଡ଼େ' – ସଂ. କନ୍ୟାକୁମାରୀ, କବି ନିତ୍ୟାନନ୍ଦ ନାୟକ) ।

ମାଆ ପ୍ରତି ଦୃକ୍‌ପାତ କଲାବେଳକୁ ପରିଣତ ବୟସ୍କ ପୁତ୍ର ଆଖିରେ ମାଆର ତ୍ୟାଗପୂତ ଅସ୍ତିତ୍ୱ ଫୁଟିଉଠେ । ସ୍ନେହ ଓ ପବିତ୍ରତାର ଦେବୀସ୍ୱରୂପା ମାଆର ବ୍ୟକ୍ତିତ୍ୱକୁ ଅନୁଭବ କରନ୍ତି ପ୍ରସନ୍ନ କୁମାର ମହାନ୍ତି । ତାଙ୍କ ଅଭିବ୍ୟକ୍ତିରେ 'ଘୃଣାର ରାଜ୍ୟରେ କେମିତି ପାରିଲୁ ହୋଇ ଏତେ ବଡ଼ ସ୍ନେହର ପୃଥିବୀ, ହେ ପ୍ରେମ ଓ ପୁଣ୍ୟର ଦେବୀ ।'' ('ବୋଉ' ସଂ. ଛାଇ ସହ ଲୁଚକାଳି,) । ମାଆ ଜୀବନ ଉଜାଡ଼ିଦିଏ ସନ୍ତାନପାଇଁ, ଅଥଚ, ସନ୍ତାନ କ'ଣ ତା' ନିକଟକୁ ଆଉ ଫେରିଆସେ ? ମାଆର ଅସହାୟତା, ତା'ର ଶେଷହୀନ ଅପେକ୍ଷା, ସକଳ ଅବହେଳା ସତ୍ତ୍ୱେ ମାଆର ଆକୁଳତା କବି ଗିରିବାଳାଙ୍କ ସ୍ୱରରେ – ''ଏକୁଟିଆ ମାଆଟିଏ ପଡ଼ିଅଛି ଜାବୁଡ଼ି ମାଟିକୁ । ଜଗିଅଛି କାଳେ ସିଏ ଫେରୁଥିବ ତା' ଶୂନ୍ୟ କୋଳକୁ । × × ଅଖିଆ ଅପିଆ କାହା ବାଟ ଚାହିଁ ବସିଅଛୁ / ବିନିଦ୍ର, ଏକେଲା / ଭାତ ପଖାଳ ମାଣିକ, ଯିଏ ଯାଏ ସେ କି କେବେ ଫେରିଆସେ ଭଲା !'' (ମା' ହବାର ଦୁଃଖ ପୃ. ୧୭) ନାରୀ ଜୀବନର ପରମ ଗୌରବ ମାତୃତ୍ୱ, ଚରମବନ୍ଧନ ବି ଏହି ମାତୃତ୍ୱ । ବାସ୍ତବ କ୍ଷେତ୍ରରେ ମାତୃତ୍ୱର ଅଧିକାରିଣୀ ଯଥାର୍ଥ ଶ୍ରଦ୍ଧା ଓ ସମ୍ମାନ ପାଏ ନାହିଁ – ''ମା' ହବାର ଦୁଃଖ କେବଳ ମା' ଜାଣେ । ସେ ଦୁଃଖ ବାପା ହବାରେ ନାଇଁ କି ଭାଇ ହବାରେ, ପୁଅ ହବାରେ ନାହିଁ କି ପ୍ରେମିକ ହବାରେ ।'' (ତତ୍ରୈବ, ପୃ. ୩୦)

ମାଆଟିଏ ଝିଅଟିପାଇଁ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ । ସାହସ ପ୍ରଦାୟିନୀ, ଆଶ୍ରୟଦାୟିନୀ ଏକ ପୁଣ୍ୟସ୍ଥଳ । ବାର୍ଦ୍ଧକ୍ୟର ଶକ୍ତିହୀନତା, ଶିଥିଳତା ସତ୍ତ୍ୱେ ମାଆ ସନ୍ତାନର ପରିଚର୍ଯ୍ୟାପାଇଁ ତତ୍ପରା ଅଥଚ, ପ୍ରତିଟି ପରିବାରରେ ବୟସ୍କ ପିତାମାତା ଅନାଦର,

Digitized by PPRACHIN, SOA

ଅବହେଳାର ଶିକାର ହୋଇଚାଲିଛନ୍ତି । ପିତାଠାରୁ ମାତା ହିଁ ଅଧିକତର ଅବହେଳିତା ହୋଇଥାଏ । ଏହି ଅବହେଳା-ଜର୍ଜର ମାଆର ରୂପଟି କବି ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଉଚ୍ଚାରଣରେ – ''ପିଲାଦିନେ ମାଆ ଲୁଗାକାନିରେ, ମୁହଁ ନ ଢାଙ୍କିଲେ ଯାହା ଆଖିକୁ ନିଦ ଆସୁ ନ ଥିଲା । ସେଇ କୋଡ଼ ପୋଛା ସାନ ପୁଅ/ଆଜିକାଲି କଥା ହୁଏ ନାହିଁ । × × ଆଲୁଭର୍ତ୍ତା, ପତ୍ରପୋଡ଼ାପାଇଁ, କଳି କରୁଥିବା ବଡ଼ପୁଅ, ଯନ୍ତ୍ର ପାଲଟି ଯାଇଛି ।'' (ନିରୀହ ନଈର ଆତ୍ମକଥା, ସଂ. ଭାବୁଛି, ଚିଠି ଲେଖିବି ମାଆକୁ, ପୃ, ୧୧-୧୨) । ମାଆ ଅପାଙ୍‌କ୍ତେୟ ହୋଇଯାଏ । ଏ କଥା ସତ । ବର୍ତ୍ତମାନ ଯୁଗରେ, ଅଣୁପରିବାରରେ ବାପାମାଆଙ୍କ ନିମିତ୍ତ ସ୍ଥାନ ନାହିଁ, ଜୀବନର ତୀବ୍ର ପ୍ରତିଯୋଗିତାରେ ଧାବମାନ ସନ୍ତାନସନ୍ତତିଙ୍କ ମନ ଭିତରେ ମଧ ବାପାମାଆଙ୍କ ସ୍ଥାନ ସଂକୁଚିତ ହୋଇ ଆସୁଛି । ଶିଶୁଠାରୁ କିଶୋରୀଯାଏ, କନ୍ୟାଭାବେ, ପତ୍ନୀଭାବେ ଅବହେଳିତା ନାରୀ ପରିଶେଷରେ ମାଆ ଭାବରେ ମଧ ହତାଦର ପାଇଥାଏ, ଆଧୁନିକ ଯୁଗରେ ଝିଅର ଓ ତା' ଶାଶୂଘରର ବସ୍ତୁସର୍ବସ୍ୱ ମନକୁ ନେଇ ମାଆ ଭାଙ୍ଗିପଡ଼େ । ଅନ୍ତର ଅଶ୍ରୁସିକ୍ତ ହୋଇପଡ଼େ ଝିଅର ବିଦାୟ ଲଗ୍ନରେ । ମାତ୍ର ଝିଅ ତାହା ବୁଝେ ନାହିଁ । ଏହିପରି ଅବଜ୍ଞା ଓ ଅନାଦର ଜର୍ଜରିତା ମାଆର ଚିତ୍ର ଆଂକନ୍ତି କବି ଅପର୍ଣ୍ଣା ମହାନ୍ତି – ''ସେଇଠି କୋଉଠି ମାଆର ପୁରୁଣା ଲୁଗାକାନିରେ ବନ୍ଧା ହୋଇପଡ଼ିଥିଲା, ପୋଷେ ସଜ, ଭାବପ୍ରବଣତାର ଲୁହ/ ଝିଅ ଆଡ଼େଇ ଦେଇ କହିଲା କ'ଣ ଯେ ତୋର ବୁଦ୍ଧି ! ଏମିତି ଶସ୍ତା ଜିନିଷଟେ ଦେଖିଲେ ସେମାନେ ମତେ କ'ଣ ଭାବିବେ !! ('ଝିଅ ବିଦା'– ସଂ. ଝିଅ ପାଇଁ ଝର୍କାଟିଏ, ପୃ. ୫୦)

ମାଆକୁ ତା'ର ସନ୍ତାନବତ୍ସଳା, ସୀମିତ ରୂପଠାରୁ କାଢ଼ିନେଇ ଏକ ବିଶାଳ ବ୍ୟାପ୍ତିଠାରେ ଉପନୀତ କରାନ୍ତି କବି ଆଶୁତୋଷ ପରିଡ଼ା । ତାଙ୍କ ମତରେ– ମାଆ ପ୍ରକୃତରେ ନିର୍ଦ୍ଦିଷ୍ଟ ସନ୍ତାନପାଇଁ ଝୁରି ମରେ ନାହିଁ । ଏକ ବିଶ୍ୱସ୍ତ ଜୀବନପାଇଁ, ଗୋଟେ ମୂଲ୍ୟବୋଧ ଗର୍ଭିତ ସମୟପାଇଁ ତା'ର ପ୍ରତୀକ୍ଷା । ମାଆର ସେହି ପ୍ରତୀକ୍ଷା ଓ ସେହି ଆତ୍ମାର ପ୍ରତୀକ ହେଉଛି ଭାରତବର୍ଷର ପ୍ରତୀକ୍ଷା ଓ ଆତ୍ମା । ତ୍ୟାଗର ଜୀବନ ବଞ୍ଚେ ମାଆ, ଏହି ମାଆ ସହ ପ୍ରକୃତିମାତା ବି ଏକ ଓ ଅଭିନ୍ନ ହୋଇଯାଆନ୍ତି– ''ଦାରିଦ୍ର୍ୟର ଦେବୀଟିଏ ପରି ତୁ, ଗଳାରେ ପିନ୍ଧିଥାଉ ଦୁଃଖକୁ / ଫୁଲମାଳ କରି ସଜାଇ ହୋଇଥାଉ / ଶୃଙ୍ଖଳା ଋତୁମାନଙ୍କ ରଙ୍ଗରେ ଓ ଅନେକ ପ୍ରାର୍ଥନା ପରି / ତୋ ପାଖରେ ଜଡ଼ ହୋଇଯାନ୍ତି ଶତାବ୍ଦୀମାନେ'' (ରକ୍ତବର୍ଣ୍ଣ ବାଲି, ପୃ. ୪)

ଏତାଦୃଶ ଦିଗରୁ କବି ଦେଖନ୍ତି ମାତୃଭୂମିକୁ ବ୍ୟକ୍ତିସତ୍ତା ରୂପରେ – ଜନ୍ମଦାତ୍ରୀ ଓ ଦେଶମାତୃକା ଏକାପରି । ଦୁହିଁଙ୍କର ଦୁଃଖ ଏକ, ପ୍ରତ୍ୟାଶା ବି ଏକ । ଲକ୍ଷ୍ୟ ମଧ ଗୋଟିଏ । ସମାନ ଏକ ବିହ୍ୱଳତାରେ ଜନନୀ ଓ ମାତୃଭୂମିକୁ ଏକ ଓ ଅଭିନ୍ନ କରି ଦେଖନ୍ତି କବି ବ୍ରଜନାଥ ରଥ । ସନ୍ତାନର ଚରିତ୍ର, ମର୍ଯ୍ୟାଦା ଓ ଐଶ୍ୱର୍ଯ୍ୟର ଅବକ୍ଷୟରେ ମାଆ ହାତରେ ଥିବା ମଧୁଭାଣ୍ଡ ବିଷ ପାଲଟିଯାଏ । ତଥାପି କଲ୍ୟାଣମୟୀ ମାଆପାଇଁ କବିଙ୍କ

Digitized by PPRACHIN, SOA

ଅନ୍ତରରେ ଅନେକ ଶୁଭ ଚିନ୍ତା – ‘‘କହ କେଉଁ ଦେବଦୂତ ଆଜି, ସ୍ୱର୍ଗରୁ ଆଶିଷ ଢାଳି, ମା’, ତୋତେ ଦେଇପାରେ ଶାନ୍ତି ।’’ (ହେ ମହାଜୀବନ ପୃ. ୨୦) । କବି ପ୍ରତିଭା ଶତପଥୀ ଅନୁରୂପ ଭାବେ ମାଆ ଓ ଦେଶମାତୃକାକୁ ଅଭିନ୍ନଭାବେ ଅନୁଭବ କରନ୍ତି ଓ କୃତଘ୍ନ, ଧୂର୍ତ୍ତ ସନ୍ତାନଙ୍କ ପାଇଁ ମାଆ କଠୋରତା ଅବଲମ୍ବନ କରୁ - ଏହା ମନାସନ୍ତି । ‘‘କ’ଣ ତୁ ରଖିନୁ ସମ୍ପାଦି ?/ଐଶ୍ୱର୍ଯ୍ୟଶାଳିନୀ ମାଆ/ତୋ ପିଲାଙ୍କପାଇଁ ଅଚଳା ସମ୍ପତ୍ତି ! × × ବିଧର୍ମୀ ଓ ଦ୍ରୋହୀ ସନ୍ତାନଙ୍କୁ, ତୁ କ’ଣ ପାରିବୁ କରି ନିର୍ବାସିତ ?’’ (ଉତ୍ତର ଦକ୍ଷିଣ- ପ୍ରତିଭା ଶତପଥୀ)

ଏହି ମାତୃପ୍ରାଣତାଦ୍ୱାରା ଅଭିପ୍ରେତ ହୋଇ ସ୍ଥଳବିଶେଷରେ କବିଚେତନା ମିଥିକ କଳ୍ପନାକୁ ଅଭିଷିକ୍ତ କରିଛି । ପୁରାଣର ଚିରନ୍ତନ ମାତା ଚରିତ୍ର ଯଶୋଦା, ଦେବକୀଙ୍କ ସହ ସନ୍ତାନବତୀ ମାଆଟିଏ ମିଶିଯାଇଛି । ସନ୍ତାନପାଇଁ ବ୍ୟାକୁଳ ସ୍ନେହର ପସରା ମେଲାଇ ମାଆ ବସି ନାହିଁ କେବଳ । ତା’ର ଅଲୌକିକ ଶିଶୁତ୍ୱରେ ହୋଇଛି ମୁହ୍ୟମାନ । ‘ଆର ଦୃଶ୍ୟ’ ସଂକଳନରେ ସୀତାକାନ୍ତ ମହାପାତ୍ର ଯଶୋଦାଙ୍କ ଚିତ୍ର ଆଙ୍କନ୍ତି । ଯଶୋଦା ଏକ ସତ୍ତା– ତାଙ୍କ ମାଧ୍ୟମରେ ପୁରାକଳ୍ପକୁ ଆଧୁନିକ ଜୀବନସହ ଅଭିବ୍ୟଞ୍ଜିତ କରାଯାଇଛି । ଅସରନ୍ତି ପାର୍ଥିବ ସୁଖ ସତ୍ତ୍ୱେ ଜୀବନର କେଉଁ ମହତ୍ତମ ଅର୍ଥ ବାକି ରହୁଛି ଓ ଚିରାଚରିତ ଦୃଶ୍ୟ ଓ ଘଟଣା ମଧ୍ୟରେ ଫୁଟିଉଠୁଛି ବିଶ୍ୱମୟ ଦୃଶ୍ୟ – ବାତ୍ସଲ୍ୟ ଖୋଲିଦେଉଛି ଏକ ଅସାଧାରଣ ଚକ୍ଷୁ । ଅଥଚ ସାଧାରଣ ମଣିଷଙ୍କ ମେଳରେ ଅସାଧାରଣ ଏହି ରହସ୍ୟମୟତା ଏକ ମହାବାସ୍ତବ ଦୃଶ୍ୟକୁ ପ୍ରତ୍ୟକ୍ଷୀଭୂତ କରାଉଛି । ଅପାଠୋଇ ଗଉଡୁଣୀର ଅନ୍ତର୍ବେଦନା, ବିପୁଳ ସହ ସାକ୍ଷାତ୍କାର, କାହାକୁ ବୁଝାଇ ହେବ, ବୁଝି ବି ହେବ କେଉଁମତେ– ‘‘ସ୍ୱାମୀ, ସାଙ୍ଗସାଥୀ ସବୁ କେହି ବୁଝିବେନି, କେବେହେଲେ ବିଶ୍ୱାସ ଯିବେନି / କେମିତି ଅବା ଯାଆନ୍ତେ ? ଦଶଥର ପାଟି ତା’ର ମେଲାକରି ହସି ହସି ଗଡ଼ିଗଲେ ମୋ କଥାରେ ଯଶୋଦାଟା ସତରେ ପାଗଳୀ’’ (ପୃ. ୬୫, ସୀତାକାନ୍ତ ମହାପାତ୍ର) ଦେବକୀଙ୍କ ମାତୃସ୍ୱରୂପର ଚିତ୍ର, ଯାହା ସନ୍ତାନଠାରୁ ବିଶ୍ୱସନ୍ତାନ ପର୍ଯ୍ୟନ୍ତ ବ୍ୟାପ୍ତ ଓ ସାମୂହିକ ମୁକ୍ତିର ଚିତ୍ରକଳ୍ପ ସ୍ୱରୂପ ହୋଇଉଠେ । ଏଠାରେ ସେହି ମାତୃହୃଦୟରୁ ସାର୍ବଜନୀନ ବିଶ୍ୱପ୍ରେମର ସ୍ୱର ଉଚ୍ଚକିତ ହୋଇଛି । ‘‘କେବେ ତୁ ଆସିବୁ ଖସି/ନେଳି ତାରାଟିଏ ମୋର ଦର୍ପୀ ଅନ୍ଧାରରେ/ ହାତରୁ ଗୋଡ଼ରୁ ବେଡ଼ି ଖସିଯିବ ଅଚାନକ / ଭାଗ୍ୟପରି ଅଲଂଘ୍ୟ ଅର୍ଗଳ ଆପେ ଯିବ ଖୋଲି – ’’ (ଦେବକୀ-ନିୟତ ବସୁଧା- ପୃ. ୬୯, ପ୍ରତିଭା ଶତପଥୀ)

ମାଆର ଅଶ୍ରୁସଜଳ ମୁହଁ ସନ୍ତାନର ମାନସପଟରେ ଅଲିଭା ରହିଯାଏ । ମାତୃତ୍ୱ ଯେମିତି ବ୍ୟାକୁଳତା, ପୀଡ଼ା ଓ ନିଃସର୍ତ୍ତ ସମର୍ପଣର ଭାବ-ସଂପର୍କ । ରକ୍ତ ସଂପର୍କ ତ ନିଶ୍ଚୟ । ଠାକୁରଘରେ, ଚଉରାମୂଳେ ଅନବରତ ଝରିପଡୁଥିବା ପ୍ରାର୍ଥନାର ସୁମନାସ ଭିତରେ ଦିବଂଗତା ମାଆର ଅନୁଭବ ସାକାର ହୋଇଉଠେ – ‘‘ସଞ୍ଜବତିଟି ଧରି ତୁ ଘଣ୍ଟା ଘଣ୍ଟା ବୁରୁ ବୁରୁ ହଉ ଯେ...’’ (ବୋଉ, ମୃତ୍ୟୁବାର୍ଷିକୀ, ସଂ. ଘଟଆକାଶ,

Digitized by PPRACHIN, SOA

ପୃ. ୪୮, ହୃଷୀକେଶ ମଲ୍ଲିକ) । ସବୁ ମାଆ ସେହି ବସୁଧା-ଜନନୀର ବ୍ୟକ୍ତି-ରୂପ । କିଏ କହିଥିଲେ ଟି – ''ଈଶ୍ୱର ସକଳ ସ୍ଥାନରେ ତ ରହିପାରିବେ ନାହିଁ, ସେଥିପାଇଁ ସେ ମାଆକୁ ଗଢ଼ିଛନ୍ତି ।'' କବି ସୌଦାମିନୀ ନନ୍ଦ କହନ୍ତି– ''ବାରବାର ଘୋଷାଡ଼ିଆଣି ପୃଥିବୀ ଠିଆ କରିଦିଏ ମାଟି ଉପରେ ରୂପଟିଏ, ବୋଉ ।'' (ଅବାକ୍ ସୁନ୍ଦରୀ ସଂକଳନ) । ମା'ଠାରୁ ଦୂରେଇ ଯାଇ ଝିଅଟି ପରଘରୀ ହୁଏ । ମା' ତା' ନିଜର ଦାୟରୁ ମୁକୁଳିଯାଏ । ଝିଅ ଅଭିମାନ କରେ । ତଥାପି ସଂକୀର୍ଣ୍ଣ ଜନ୍ମଦାତ୍ରୀର ପରିଚୟଠାରୁ ବୋଉଙ୍କର ଏକ ବିଶାଳ ବିଶ୍ୱବ୍ୟାପୀ ଚିତ୍ରକୁ କଳ୍ପନାରେ ଦେଖିବାପାଇଁ ଝିଅ ଆକୁଳ ହୁଏ, କହେ – ''ଆମର ବୋଝ ଭାରାରେ ବିବର୍ଣ୍ଣ ନ ଦିଶନ୍ତୁ ବୋଉ/ଘୋର ଜୀବନ ତାପ, ପ୍ରତାପରେ ବି ଆମେ ଓଦା ହୋଇରହୁ/ତାଙ୍କର ଆସ୍ଥା ଓ ଆକୁଳତା ଭିତରେ । ଚାହିଁଥିଲି, ବୋଉ ମୋ'ର, ସମସ୍ତଙ୍କର ହୋଇଯାନ୍ତୁ/ମୋ'ର ଯେତିକି, ତା'ଠାରୁ ଆହୁରି ବେଶି ।''

(ନୀଳ ନିର୍ବାପନ ସଂ. ପୃ. ୩୬ - ମମତା ଦାଶ)

ସନ୍ତାନ ରୂପରେ ପୁରୁଷ ଯେବେ ମାଆ ପ୍ରତି ଦୃକ୍‌ପାତ କରେ, ମାଆର ତ୍ୟାଗପୂତ ଅସ୍ତିତ୍ୱରେ ବିଭୋର ହୁଏ । ଭଲପାଇବା ଓ ପବିତ୍ରତାର ଦେବୀସ୍ୱରୂପା ସେଇ ମାଆର ବ୍ୟକ୍ତିତ୍ୱ ତା'ର ଅନୁଭବକୁ ମହିମାମଣ୍ଡିତ କରେ ।

ମାଆଙ୍କ ସହିତ ଆସନ୍ତି ଜେଜେମା' । ତାଙ୍କର ସ୍ମୃତି କବି ଅନ୍ତରକୁ ଉଦ୍‌ଥଳ କରେ । ଏଇ ବସ୍ତୁବାଦୀ ଜୀବନର ଦୋଛକିରେ ଅଣନିଃଶ୍ୱାସୀ କବିସତ୍ତା ଜେଜେମାଙ୍କୁ ଅଣ୍ଡାଳି ଆଣି ପଚାରେ ''ସହଜ ସ୍ୱାଭାବିକ ଏଇ, ଉତ୍ପତ୍ତିରୁ ନିଗିଡ଼ିଥିବା ଆମଭଳି କ୍ଷୁଦ୍ରଧାରଙ୍କୁ ମହାନଦୀ ବି ନିଅଣ୍ଟ ପଡ଼ିଯାଉଛି ଆଜିକାଲି / ଜେଜେମା', ତୁମେ ଯେଉଁଠି ଥିଲେ ବି ସତରେ ବୁଝେଇ ପାରିବ କି / ଏ ଲୋଭର ଅନ୍ତ କେଉଁଠି ?' (କଥୋପକଥନ ସଂ, କବି ଅଶ୍ୱିନୀକୁମାର ମିଶ୍ର)

କବିସ୍ମୃତିର ବିଶାଳ କାନ୍‌ଭାସରେ ସାଆନ୍ତମାଆ (ଜେଜେମା')ଙ୍କ ପ୍ରତୀକରୂପ ପ୍ରକଟିତ ହୋଇ ଏକ ମଧୁର, ବିଷଣ୍ଣ ଚିତ୍ର ରଚନା କରେ – 'ସବୁଜହ୍ନ, ଫିକା ଅନ୍ଧାରରେ ସଜା ଆକାଶଟିଏ – ସାଆଁତମା' ।' ('ଘଟ ଆକାଶ' ହୃଷୀକେଶ ମଲ୍ଲିକ)

ଉପରୋକ୍ତ ଆଲୋଚନାଗୁଡ଼ିକ ମଧ୍ୟରେ କବିଚେତନାରେ ମାଆର ଯେଉଁ ଚିତ୍ର ପ୍ରକଟିତ, ତାହା କେବେ 'ଆକାଶ' ପରି ଉଦାର 'କ୍ଷୀରନଦୀ' ପରି ଐଶ୍ୱର୍ଯ୍ୟମୟ, କେବେ ତ୍ୟାଗପୂତ, ମହାନ୍‌ଦାତ୍ରୀର ଅନ୍ତଃକରଣ ପରି ବିପୁଳ ତ କେବେ ସେ ଦେବୀସ୍ୱରୂପା । ଅତଏବ, ନାରୀର ଭୂମିକା ଯେ କେବଳ ସନ୍ତାନ ଜନ୍ମ ମଧ୍ୟରେ ସୀମାବଦ୍ଧ, ତା' ନୁହେଁ, ଭବିଷ୍ୟତ୍ ବଂଶଧରମାନଙ୍କୁ ଉତ୍ତମଭାବେ ଦୀକ୍ଷିତ କରି ସମାଜର ପ୍ରବହମାନ ଧାରାକୁ ବରଂ ନାରୀ ବ୍ୟକ୍ତିତ୍ୱ ତ୍ୱରାନ୍ୱିତ କରିଥାଏ । ନିଜକୁ ଭୁଲି ଅପରକୁ ଗୁରୁତ୍ୱଦେବା, ଜୀବନ ଦେବା ମାତୃତ୍ୱର ସହଜଧର୍ମ । ନାରୀର ସହନଶୀଳତା ଓ ତ୍ୟାଗ ମନୋବୃତ୍ତି ମାତୃହୃଦୟରେ

Digitized by PPRACHIN, SOA

ହିଁ ପ୍ରଚୁର ନିହିତ ଥାଏ । 'ମଦର ଇଣ୍ଡିଆ' ପରି ଚଳଚ୍ଚିତ୍ରରେ 'ମାଆ' ବିପ୍ଳବାତ୍ମକ ଭାବେ ଯାହା କରିପାରେ, ସାଧାରଣ ମାତୃତ୍ୱଠାରେ ସେହି ବିଚାର ବିରଳ ନିଶ୍ଚୟ । ତେବେ, ଭାରତୀୟ ପୁରାଣ ସାହିତ୍ୟରେ 'ଗାନ୍ଧାରୀ' ଚରିତ୍ର ଏକ ବ୍ୟତିକ୍ରମ । 'ଗାନ୍ଧାରୀ'ଙ୍କ ପରି କ୍ୱଚିତ୍ ମାଆ ସତ୍ୟ ଓ ନ୍ୟାୟପାଇଁ ନିଜର ଅନ୍ଧବାତ୍ସଲ୍ୟକୁ ପ୍ରଶ୍ନ କରନ୍ତି । ଆଖିରୁ ଅନ୍ଧତ୍ୱର ସେହି ପରଳ କାଢ଼ିଦେବାକୁ ସମର୍ଥ ହୁଅନ୍ତି । ଅନ୍ୟତ୍ର ମାଆଟିର ଅନ୍ତଃକରଣର ଅସହାୟତା, ସନ୍ତାନପାଇଁ ତା'ର ଅନନ୍ତ ଅପେକ୍ଷା ଓ ଆକୁଳତା ସତ୍ତ୍ୱେ ମାଆ ଆଜି କେଡ଼େ ଅବହେଳିତା ହୋଇପଡୁଛି ! ସାରା ଜୀବନର, ସମର୍ଥ ବୟସର ସ୍ନେହ ଓ ଶକ୍ତି ନିଗାଡ଼ି ଯାହାଙ୍କୁ ବଡ଼ କରିଛି, ସେମାନେ ନିଜ ବାଟରେ ଚାଲିଯାଇଛନ୍ତି, ଫେରି ନାହାନ୍ତି ।

ଦେବକୀ ଏଠାରେ ମାଆଟିଏ ସତ, ମାତ୍ର ସେ ମାତୃତ୍ୱ ବିପୁଳ ଓ ବିରାଟ । ଯଶୋଦାଙ୍କ ପରି ସେ ମାତୃତ୍ୱର ଅନୁଭବ ଅସାଧାରଣ । ସେହିପ୍ରକାର ଅସାଧାରଣ ମାତୃତ୍ୱର ଅଧିକାରରେ ପେଷି ହୋଇଯାଉଛନ୍ତି ଦେବକୀ । ନିଜର ସେହି ଦେଶକାଳର ଅତୀତ, ସନ୍ତାନ ପ୍ରତି ତାଙ୍କର ନିମ୍ନୋକ୍ତ ଅଭିଯୋଗ । ସାଧାରଣ ଜୀବନ ଅପେକ୍ଷା ଅସାଧାରଣ ଜୀବନ ନିର୍ବାହ କରିବା କେଡ଼େ କଷ୍ଟକର ! – ସେ କଷ୍ଟ ଭୋଗିଛନ୍ତି ଦେବକୀ, ତେଣୁ ନାରୀ ଭିତରେ ଥିବା ଅସାଧାରଣତ୍ୱ ପ୍ରତି ସେ ପ୍ରଶ୍ନମନସ୍କା – ''ମୁଁ ତ ମୋର ଭଲ ଥିଲି । କାରାବାସର ଦିନସବୁ ବେଶ୍ ଚମତ୍କାର । ଚିନ୍ତାଦକଶୂନ୍ୟ, ଘଟଣାବିହୀନ × × ତୁମକୁ କିଏ କହୁଥିଲା । ଦୂର ଆକାଶରେ ସ୍ୱପ୍ନ ଅପହଞ୍ଚ ନକ୍ଷତ୍ରକୁ, ମୋ ହାତମୁଠାରେ ତୋଳି ଦେବାକୁ ।'' (ଦେବକୀ, ସଂ. କିଛି କଥା, କିଛି ନୀରବୀ, ବୀଣାପାଣି ପଣ୍ଡା) ।

ମାଆ ବି ହୋଇପାରେ ବିଶାଳ, ବିପୁଳ ପ୍ରକୃତିମାତା । ସେଇ ଉଦାର ମାତାର ଅଯାଚିତ ଦାନକୁ ସନ୍ତାନ ଖାତିର କରେନା । ମାଆର ସୁମନାସକୁ ଆଡ଼େଇ ଯାଇ ହିଂସା, ଦ୍ୱେଷ ଭିତରେ ହଜିଯାଏ । ମାଆ ଅଭିମାନ କରେ, ନମ୍ର ସ୍ୱରରେ ବୁଝାଏ – ତା'ର କଲ୍ୟାଣମୟ ମାତୃ ହୃଦୟର ଅଭିବ୍ୟକ୍ତି – ''କାହିଁକିରେ ସବୁବେଳେ/ ଆତ୍ମାରେ ତୋର/ ରହିଚିରେ ଏ ଅଜଣା ଅନ୍ଧାର/ଅର୍ପିତ ଫୁଲ ତଳେ କାହିଁକି ଜଳେ ହୁତୁହୁତୁ ନିଆଁ ?'' (ମାଆକୁ ଚିଠିଟିଏ, ସଂ. 'ଟିକିଏ ଛାଇ', ଜୟନ୍ତ ମହାପାତ୍ର) ।

ପତ୍ନୀ ରୂପରେ ନାରୀ

ପାରିବାରିକ ବନ୍ଧନର ସବୁଠୁ ନିବିଡ଼ ଗ୍ରନ୍ଥି ରହିଥାଏ ପତିପତ୍ନୀଙ୍କ ମଧ୍ୟରେ । ପତ୍ନୀତ୍ୱର ଅବବୋଧକୁ ଆକାଶର ଅସୀମ ବିସ୍ତୃତିସହ ସଂପର୍କିତ କରନ୍ତି କବି ସୀତାକାନ୍ତ । ଅବିଚଳ ଦୃଢ଼, ଆସ୍ଥାପ୍ରଦ ସେପରି ଏକ ଆତ୍ମିକ ପ୍ରତ୍ୟୟରେ ଅଭିଭୂତ ସେ – ଅତୀତର ଉଦାତ୍ତ ସ୍ମୃତିକୁ ଓ ବର୍ତ୍ତମାନର ଉଦାସୀନତାକୁ ଢାଙ୍କିଦେଇ କବି ଆତ୍ମାକୁ ବ୍ୟାପକ ପରିସରରେ ଦାମ୍ପତ୍ୟ ଉପନୀତ କରାଏ । ଏହି ଉପଲବ୍ଧି – ''ସବୁଦିନେ ତମେ ଆକାଶ ଢାଙ୍କି ଦେଇଛ ଗାଁ ଘର ଅଗଣାରେ/ ମସିଣାରେ ଗଡୁଥିବା ମୋର ଶୁଭ୍ର ପିଲାଦିନ/ ଢାଙ୍କି

Digitized by PPRACHIN, SOA

ଦେଇଛ କଲେଜ ପଢ଼ିଆରେ/ଓଦା କାକର ଓ ଜହ୍ନରେ ସୁଡୁବୁଡୁ /ନିଛାଟିଆ ଉଦାସ ମୋ ମନ ।'' (ପ୍ରଦକ୍ଷିଣ) ପତ୍ନୀଙ୍କ ଆକାଶତ୍ୱର ଅନୁଭବରେ ମୁହ୍ୟମାନ କବି ସୌରୀନ୍ଦ୍ର ବିପୁଳତା ଓ ଅକଳନୀୟତା ଭିତରେ ନିବିଡ଼ତାକୁ ସନ୍ଧାନ କରନ୍ତି । ପତ୍ନୀତ୍ୱର ଚିରନ୍ତନତା ସାମ୍ନାରେ କାଳ ପ୍ରଭାବହୀନ । ଶରୀରର କ୍ଷୟ ଅଛି, ପରିବର୍ତ୍ତନ ଅଛି । ଅନ୍ତର୍ଗତ ସଂପୃକ୍ତିରେ କବି କିନ୍ତୁ ବିଭୋର – ''ଆଜି ସେ କୁଆଡ଼େ ମୋଟା ହୋଇଗଲେଣି / ଆଖିତଳେ କଳାଦାଗ ପଡ଼ିଲାଣି/ ଆଉ ହଳଦିଆ ପତ୍ରପରି/ ଗୋଟେ ଗୋଟେ ବାଳ ବି ପାଚି ଆସିଲାଣି/ ତଥାପି ତାଙ୍କୁ ଦେଖିଲେ ଖାଲି ସେଦିନ ସେଦିନ ଲାଗେ । ସିଏ ତ ସ୍ମୃତିର ସ୍ଥାପତ୍ୟଟିଏ/ ଯା' ପାଖରେ କାଳ ନପୁଂସକ ହୁଏ/ ବର୍ତ୍ତମାନ ଭବିଷ୍ୟତ୍ ସବୁ ହୁଏ ମିଛ ।'' (ଆକାଶ ପରି ନିବିଡ଼, କବି ସୌରୀନ୍ଦ୍ର ବାରିକ) ।

କବି ହୃଷୀକେଶ ମଲ୍ଲିକଙ୍କ 'ଧର୍ମପତ୍ନୀ' ଯଥାର୍ଥରେ ଶଯ୍ୟାସଂଗିନୀ ବା ଭାତ ରାନ୍ଧୁଥିବା ପତ୍ନୀଟିଏ କେବଳ ନୁହେଁ । ପୁରାଣ, ଇତିହାସ, ଯୁଗାବଧି ଭିତରେ ପତ୍ନୀତ୍ୱ ଓ ନାରୀତ୍ୱର ଏକ ମହିମାମୟ ସ୍ୱାକ୍ଷର । ଦେବୀ, ଅହଲ୍ୟା ଆଦିର ପ୍ରତୀକ ମଧ୍ୟରେ ପତ୍ନୀତ୍ୱ-ଚେତନା ବିସ୍ଫୋରିତ । ପତ୍ନୀର ସମୁଦ୍ରତ୍ୱ, ଆକାଶତ୍ୱ ତାଙ୍କ କବିତାର ଧାଡ଼ିରେ – ''ଦେଖ, ଅବଶିଷ୍ଟ ହୋଇ ଆଉ କିଛି ନାହିଁ/ଯେଉଁଥିରେ ଅଂଶଟିଏ ନ ଅଛି ତୁମର/ ସମୁଦ୍ର ବା ଆକାଶ ତ ନୁହେଁ ମୋର ଆଖି/ ହେବ ତମ ସୌନ୍ଦର୍ଯ୍ୟ ଗୋଚର । (ଧର୍ମପତ୍ନୀ) ପତ୍ନୀର ଦେହଜ ଓ ଦେହାତୀତ ସୌନ୍ଦର୍ଯ୍ୟ କବି କଳନା କରିପାରନ୍ତି ନାହିଁ । କବିପତ୍ନୀ କଳାର ସୁକୁମାରତ୍ୱରେ ବୁଡ଼ାଇ ରଖନ୍ତି କବି ଅସ୍ତିତ୍ୱକୁ । ତା'ର ଏକ ରୂପମୟ ଆଲେଖ୍ୟ – ''କଳାରେ ଆଙ୍କିଲ କଜଳର ଧାର ନାଲିର ସିନ୍ଦୂର ଟୋପା/ କେଉଁ ରଙ୍ଗନେଇ ହସଟିଏ ହସ/ କେଉଁ ରଙ୍ଗେ କୁହ କଥା/ ଶବ୍ଦ ଭିତରେ ନିଶବଦେ ରହି ନିଜେ ଲେଖି ହୋଇଯାଅ/ କବିତା ଯାହାକୁ ଦୁନିଆ କହଇ/ ସେ ଭାବରେ ନିଜେ ଥାଅ ।'' (ଶାନ୍ତି ପ୍ରତିଧ୍ୱନି - ରାଜୁ ସାମଲ)

ପୁରୁଷପାଇଁ ପତ୍ନୀ କେବଳ ପ୍ରେମ ନୁହେଁ, କାମର ଚରିତାର୍ଥତା ନିମିତ୍ତ, ପରିବାର ସୃଜନ ନିମିତ୍ତ ଅବଲମ୍ବନ ମଧ୍ୟ । ପତ୍ନୀ ରୂପରେ ସେ ପ୍ରାଣର ଆହ୍ଲାଦଦାୟିନୀ, ସନ୍ତାନ ପ୍ରସବିନୀ, କେବେ ପୁଣି ବିଶ୍ୱମୋହିନୀ, ବିପୁଳତାର ଅଧିକାରିଣୀ । ଅଥଚ, ତା'ର ବ୍ୟକ୍ତିତ୍ୱର ବିକାଶ ଦିଗରେ କେତେ ଯେ ଆଇନ୍, କଟକଣାର ସଂହିତା ରହିଛି, ଏହା ଭୁଲି ଯିବାର ନୁହେଁ । ଏହି ଜୀବନ ସନ୍ଧି ଓ ଆଚରଣବିଧିକୁ ମାନିନେଇ ପତ୍ନୀ ହୋଇଛି ମହାନତାର ଅଧିକାରିଣୀ, ପୁଣି ପୁରୁଷର ମନୋହାରିଣୀ । ପତ୍ନୀକୁ ନେଇ ତେଣୁ ଅନେକ ଶାଶ୍ୱତ ଅନୁଭବର ଚିତ୍ର ଓଡ଼ିଆ କବିତାରେ ଉତ୍କୀର୍ଣ୍ଣ । କବି ପାଇଁ ଦୃଶ୍ୟ ଯେତିକି ସତ୍ୟ, ଅଦୃଶ୍ୟ ସେତିକି ସତ୍ୟ । ଅନ୍ତରଙ୍ଗ ବର୍ଣ୍ଣ ବୋଲି କବି କେବେ ପତ୍ନୀର ଭାବାକୁଳ ଆଖିରେ ବାନ୍ଧି ହୋଇଯାଆନ୍ତି ତ, କେବେ ଆଶ୍ୱାସ ଖୋଜନ୍ତି ଓ ପତ୍ନୀଠାରେ ମାତୃତ୍ୱକୁ ଆରୋପ କରନ୍ତି । ପତ୍ନୀର ସ୍ନେହ-ଉଚ୍ଛଳତା ମଧ୍ୟରେ ଦିଶିଯାଏ ମାଆର ନିଃସ୍ୱାର୍ଥପର-ବିପୁଳତା । କବିଙ୍କର ବିପୁଳତାଠାରେ ଯେ ଅସପତ୍ନ ଅଧିକାର– କବି ଉଚ୍ଚାରନ୍ତି– ''ତୁମେ ଠାକୁରଘରକୁ

Digitized by PPRACHIN, SOA

ଗଲେ ପଛରୁ ଦିଶଇ ବୋଉ ଗଲାଭଳି/ ଯା'ର ପାଦ ଓଦା ଓଦା/କୁହୁଡ଼ି ଭଳିଆ ଭାବାଲୁ ଆଖି/ ମୁଁ ସ୍ୱର୍ଗମଞ୍ଚ ଯେଉଁଠି ଥିଲେ ବି/ ସେ ଚାହାଣି କଞ୍ଚନ ଫୁଲର ଡାଳ ଲମ୍ବି ଆସୁଅଛି ।'' (ଚିତ୍ରଘର– ପ୍ରମୋଦ କୁମାର ମହାନ୍ତି) । ପତ୍ନୀର ଆସ୍ଥାଭାଜନ, ଅସ୍ତିତ୍ୱକୁ, କଲ୍ୟାଣମୟ ଅନ୍ତରକୁ 'ନାଆ', 'ବନ୍ଦର', 'ସମୁଦ୍ର ମନ୍ଥନ' ଆଦିର ପ୍ରତୀକ ମଧ୍ୟରେ ଅନୁଶୀଳିତ କରନ୍ତି କବି – ''ପତ୍ନୀ ଏମିତି ଏକ ସମୁଦ୍ର ଯାହାକୁ ନିରବଧି ମନ୍ଥୁଥିଲେ ବି ହଳାହଳ ନିଗିଡ଼େ ନାହିଁ । ('ପତ୍ନୀ ପ୍ରତି' ଶୈଳକଚ୍ଛ-ରାଜେନ୍ଦ୍ର କିଶୋର ପଣ୍ଡା)

ପତ୍ନୀର ଗଭୀର ସଂସାରୀପଣ, ସ୍ୱାମୀପୁତ୍ରଙ୍କୁ ପ୍ରାଣଧନ କରି ଧରି ରଖିବାର ଅଭିଳାଷ ଖୁବ୍ ଉଦଗ୍ର ଓ ଆନ୍ତରିକ । ସେ ଦେବତାଙ୍କୁ ମାଗେ, ସ୍ୱାମୀପୁତ୍ରଙ୍କୁ ଆବୋରି ରଖିବାକୁ । ପ୍ରାର୍ଥନା କରେ ଓ ସେହି ଅକାତର ସମର୍ପଣ ଯୋଗୁଁ ହିଁ ସେ ଦୁଃଖ ଭୋଗେ– ''ତୁମେ ସଂକଳ୍ପ କଲ– × × ମୋ ପାଖରେ ଥାଆନ୍ତୁ । ମୋର ସ୍ୱାମୀ, ମୋର ପିଲା, ମୋର ଫ୍ରେମ୍‌ରେ ବନ୍ଧା ଠାକୁରମାନେ ××× ତମର ସମର୍ପଣକୁ ମୁଁ ଭାବିନିଏ ଅଦୃଷ୍ଟ ବୋଲି ××× ସେଇଥିପାଇଁ ଦେବତାମାନେ ତୁମକୁ କନ୍ଦାନ୍ତି ସାରାରାତି ।'' (ଅପାର୍ଥିବ ପ୍ରେମ କବିତା- ୫, ହରପ୍ରସାଦ ଦାସ), ସ୍ନିଗ୍ଧ ଶୀତଳ ଛାୟାପ୍ରଦାୟିନୀ, ଚିରଦିନର, ଆପଣାର ଭାବେ ନିଜକୁ ଉତ୍ସର୍ଗ କରିଥିବା ପତ୍ନୀଙ୍କୁ ଏଠାରେ ନିଜ ଗାଆଁର ପ୍ରତୀକ ରୂପେ ଗ୍ରହଣ କରିଛନ୍ତି କବି । ଗାଁ ଯେପରି ବ୍ୟକ୍ତିର ଜୀବନାନୁଭୂତି ସହ ଓତପ୍ରୋତ ପତ୍ନୀର କୋଳ ଠିକ୍ ସେହିପରି ନିବିଡ଼ ଭାବେ ଜଡ଼ିତ ମନୋରମ ସ୍ଥଳଟିଏ । ''ଏବେ କାଟିଲାଣି ପାଦ ଇତିହାସ ପାଲଟିବାବେଳେ/ ଏକଦା ସୁଖର ସାନ୍ନିଧ୍ୟ ସବୁ ପରିକ୍ରମା ପରେ ମୁଁ ବୁଝୁଚି /ମୋ ଗାଆଁ ଭଲ ତ ମୁଁ ଭଲ ।'' ('ସ୍ତ୍ରୀ' ସଂ.-ପର୍ବ-କବି ନୃସିଂହପ୍ରସାଦ ତ୍ରିପାଠୀ) । ଏହି କବି ପୁନଶ୍ଚ ପତ୍ନୀର ଆକର୍ଷଣୀୟ ବକ୍ଷୋଜର ଉପମା ପ୍ରଦାନ କରିଥାନ୍ତି । – ''ତମ ସ୍ତନ ମାଠି ମୁଠି କରି ଅନ୍ନ ସତେ କିଏ ବାଢ଼ିଚି ଥାଳିରେ ।''

କନ୍ୟା ରୂପରେ ନାରୀ

ଅଧୁନା ଆମଦେଶରେ କନ୍ୟା ସନ୍ତାନ ବିପକ୍ଷରେ ହିଁ ସାଧାରଣ ଆଗ୍ରହ ପ୍ରଧାବିତ ହେଉଛି । ଧନୀ ନିର୍ଦ୍ଧନ ନିର୍ବିଶେଷରେ ଅଧିକାଂଶ ପିତାମାତା କନ୍ୟାପ୍ରତି ବିମୁଖ । ଝିଅ ପରଘରୀ, ଦାନଯୌତୁକ ଦେଇ ତାକୁ ସମ୍ଭାଳିବାକୁ ପଡ଼ିବ । ତାକୁ ନେଇ ପରିବାରର ନାନାଦି ଦୁର୍ଭୋଗ । ଅତଏବ କନ୍ୟାଭ୍ରୂଣ ନଷ୍ଟ କରିଦେଲେ ନିସ୍ତାର ମିଳିଯିବ । ସାଧାରଣ ଭାରତୀୟମାନଙ୍କ ମଧ୍ୟରୁ ଅଧିକାଂଶ ଏହି ଧାରଣାର ବଶବର୍ତ୍ତୀ ହେବାସତ୍ତ୍ୱେ କବିଚେତନାରେ ଚିରନ୍ତନ ଅପତ୍ୟସ୍ନେହର ଫଲ୍‌ଗୁ କମ୍ ବେଗଗାମୀ ନୁହେଁ ! ପିତାମାତା ଓ କନ୍ୟାର ସଂପର୍କ ଖୁବ୍ ଗଭୀର ଓ ମାର୍ମିକ । ଜୀବନଯାତ୍ରାରେ କନ୍ୟାଟି ଅନେକ ଦୁର୍ବିପାକର, ବିଡ଼ମ୍ବନାର ସମ୍ମୁଖୀନ ହୁଏ ବୋଲି ସହୃଦୟ ପିତାମାତା ହୁଏତ ଅଧିକ ଦରଦୀ ହୋଇପଡ଼ିଥାନ୍ତି । ଝିଅଟିଏ ନିଜ ସତ୍ତାକୁ ଅର୍ଥମୟ କରିବା ଦିଗରେ ତାକୁ ଯେଉଁ ସହିଷ୍ଣୁତା

Digitized by PPRACHIN, SOA

ଅବଲମ୍ବନ କରିବାକୁ ହୁଏ, ସେଦିଗରେ କନ୍ୟା ପ୍ରତି ପିତୃ ହୃଦୟର ଆକୁତି – ''କୋହ ଚାପି ସ୍ମିତ ଖେଳାଇବୁ/ଅମୃତ ଗିନାକ ତୋର ବିଷ ହେବ ନାହିଁ, ଝିଅ/ଅମୃତ ତ କେବେ ଅଇଁଠା ହୁଏ ନାହିଁ ଝିଅ । (ଝିଅପାଇଁ ଗୋଟିଏ କବିତା-ଶୈଳକକ୍ଷ ରାଜେନ୍ଦ୍ର କିଶୋର ପଣ୍ଡା) ।

ପିତାର ହୃଦୟ କନ୍ୟାପାଇଁ ଅହରହ ବ୍ୟାକୁଳ ହେବା, ଏକ ସ୍ୱାଭାବିକ ବାତ୍ସଲ୍ୟର ରୂପ ଆଙ୍କେ । ଝିଅଟିଏ ହେଲେ ବି ସେ ଯେ ଅବହେଳା ବା ହତାଦରର ପାତ୍ର ନୁହେଁ, ବରଂ 'ସ୍ନେହାତ୍ ଶଙ୍କମାନଃ ପିତୃ ଅନ୍ତରର ଛବି ଫୁଟିଉଠେ – ''କାହିଁକି କେଜାଣି ତୋତେ ଦେଖୁ ଦେଖୁ ଏକ ଶ୍ୱେତ ନିସ୍ତବ୍ଧତାରେ ବିଦୀର୍ଣ୍ଣ ହୋଇଯାଏ ଜୀବନ/ ଶୂନ୍ୟ ମୋର ଶରୀରରେ ସଞ୍ଚରି ଯାଆନ୍ତି ଆଶଙ୍କା ଓ ଭୟ/ ତୋର ଥପ୍ ଥପ୍ ଆଖିର ଲୁହରେ କେମିତି କେଜାଣି ଭାସି ଆସେ ×× ଶୋକ ଆଉ କୋହ ।'' (ଝିଅପାଇଁ କବିତାଟିଏ - ପୃ.୬୮, ସଂ. ଘୋଷଯାତ୍ରା, ଭଗବାନ୍ ଜୟସିଂହ) ଝିଅଟିପାଇଁ ଜୀବନ ଜୀଇଁବା ସହଜ ନୁହେଁ– ବାହାରକୁ ଭିନ୍ନ ରୂପେ ଦୃଶ୍ୟମାନ ହେଲେ ବି ଆଜିର ନାରୀଜୀବନ ଅର୍ଦ୍ଧଶତାବ୍ଦୀ ପୂର୍ବର ନାରୀ ଜୀବନଠାରୁ ବିଶେଷ ଭିନ୍ନ ନୁହେଁ । ନାରୀର ମହିମାମୟ ବ୍ୟକ୍ତିତ୍ୱ ସର୍ବଦା ଅସ୍ୱୀକୃତ ହୁଏ । ଝିଅଟି ସଂସାର-ପେଷଣରେ ପେଷି ହୋଇ ନ ଯାଉ । ତା' ଭିତରେ ବଞ୍ଚି ରହୁ ଏକ ଉତ୍ତୀର୍ଣ୍ଣ ଅଭିଳାଷ, ଅପାର୍ଥିବ ଅଭୀପ୍ସା ସାହସ ଓ ଦମ୍ଭର ବର୍ତ୍ତିକା ହେଉ – ସେ, ''ଝିଅ ହୋଇ ଜନ୍ମ ହୋଇଛୁ ଯେ ଝିଅ, ମନେରଖିବୁ × × କଥା କଥାକେ ଶୋଇପଡ଼ିବୁ ନାହିଁ ନିଆଁ ଶେଯରେ । ଖସିପଡ଼ିବୁ ନାହିଁ ମାଟି ଫାଟରେ/ ଠିଆ ହେବୁ ସିଧାସଳଖ । (ଅବଧୂତୀ, ଅବାକ୍ ସୁନ୍ଦରୀ ପୃ. ୩୧ ସୌଦାମିନୀ ନନ୍ଦ)''

ଝିଅଟି କୈଶୋର ଅତିକ୍ରମ କଲା । ସଂସାରରେ ପାଦଦେବା ପୂର୍ବରୁ କେତେକେଜାଣି ହୃଦୟହୀନତାକୁ ସାମ୍ନା କଲା । ଅଥଚ ଅକାତରେ ହୃଦୟ ଢାଳିଦେବା ତା'ର ଧର୍ମ । କନ୍ୟାଟିର ଏଇ ଉତ୍ସର୍ଗ ଓ ସମର୍ପଣର କରୁଣ ଫଳଶ୍ରୁତିକୁ ରୂପ ଦିଅନ୍ତି କବି ପ୍ରତିଭା ଶତପଥୀ – ''ସାରା ସଂସାରର ମନ୍ଥନରୁ ଜାତ ଯୋଉ ବିଷବୁନ୍ଦାକ/ ପଡ଼ିଥାଏ ଯାହା ବାଣ୍ଟରେ/ ସେ ଅନ୍ୟ କେହି ନୁହଁ/ ମୋ ଝିଅ'' । (ଅଧା ଅଧା ନକ୍ଷତ୍ର, ସଂ. କବିତା 'ମୋ ଝିଅ') ଅନ୍ୟତ୍ର କବି ଝିଅକୁ ଅସୀମ ଧୈର୍ଯ୍ୟର ଆଶ୍ୱାସ ଦିଅନ୍ତି – ପୁରାଣର ନାରୀମାନଙ୍କ ନିର୍ଯାତନାର ଦ୍ୱାହି ଦେଇ ''ପୃଥ୍ୱୀ କେବେ ଫାଟିଯାଏ ନାହିଁ, ଝିଅ ସୀତା, ଶକୁନ୍ତଳାର ଅପୋଛା ଲୁହର ଧାର ବୋହିଯାଏ–'' × × ପୁରାଣ କଳ୍ପର ସଂଯୋଜନା ମାଧ୍ୟମରେ ଏଠାରେ ନିମ୍ନୋକ୍ତ ପଙ୍କ୍ତିଗୁଡ଼ିକରେ - ''ପୃଥ୍ୱୀ କେବେ ଫାଟିଯାଏ ନାହିଁ, ଝିଅ... ଦିବ୍ୟଜ୍ୟୋତି/ସ୍ୱର୍ଗକୁ ଡାକି ନିଏ ନା ଆଉଁଶି ଆଉଁଶି/ ଦୁଇଫାଳ ବସୁନ୍ଧରା କୋଳକୁ ଭିଡ଼ିନିଏନା ×× ନିମଗଛର ଆବୁଡ଼ା ଖାବୁଡ଼ା ଗଣ୍ଡିରେ ମୁଣ୍ଡ ପିଟିପିଟି ଚନ୍ଦନର ସୁବାସ ଫିଟାଉଥିବା ମଳୟ ତୁ, ×× ଧୈର୍ଯ୍ୟ ଓ ଦୃଢ଼ତା ତୋର ଶକ୍ତ ଏକ ସେତୁ ।'' (ନିୟତ ବସୁଧା ପୃ. ୫୭) । ଝିଅ ପାଇଁ ଏକ ସାହସ ଓ ସମୃଦ୍ଧିର ଭବିଷ୍ୟତକୁ କବି କଳ୍ପନା କରିଛନ୍ତି । ମାତା ସବୁକାଳରେ କନ୍ୟାଟିର ସାହାଭରସା । ସମ୍ପଦ ବିପଦକୁ ଝିଅ

Digitized by PPRACHIN, SOA

ପାଖରେ ମାଆଟିଏ ହିଁ ଠିଆ ହୋଇଥାଏ । ଜୀବନର ଚଲାପଥରେ ଝିଅଟି ଆଗେଇଗଲାବେଳେ ବହୁ ପ୍ରକାର ଦୁଃସ୍ଥିତି ଓ ବିଡ଼ମ୍ବନା ମଧ୍ୟରେ ତାକୁ ବାଟ କାଟି ଯିବାକୁ ହୋଇଥାଏ । ମାଆ ଏକଦା ଅଭୟବର ପ୍ରଦାୟିନୀ ଆଶ୍ୱାସନାରେ ଝିଅକୁ ଚେତେଇ ଦେଇଥିଲେ ଏବଂ ଏକଥା ଜଣାଇଥିଲେ ଯେ, ମୃତ ଆତ୍ମୀୟମାନଙ୍କର ହାତର ନିର୍ଦ୍ଦେଶ, ଭାବୀ ବିପଦ ଓ ବିପର୍ଯ୍ୟୟ ସୂଚନା ଦେଇଥାନ୍ତି । ଆଜି କିନ୍ତୁ ଆଧୁନିକ ବିଶ୍ୱାସ ସାମ୍ନାରେ ପୂର୍ବକାଳର ଏପରି ଆଶ୍ୱାସନା ଅର୍ଥହୀନ । ଆଜି ଝିଅଟିଏ ଏଭଳି ଅଲୌକିକ ବିଶ୍ୱାସଠାରୁ ଦୂରରେ । ତା' ପାଇଁ ଉପରୋକ୍ତ ଆଶ୍ୱାସନାର ସମ୍ଭାବନା ହିଁ ନାହିଁ । ସେଥିପାଇଁ ପ୍ରଶ୍ନମନସ୍କା ଝିଅ ଉଚ୍ଚାରଣ କରେ – ''ସେ ହାତ ଆଜି କାହିଁ ? ତମ ପିଲାବେଳର ସତକଥା, ମୋ ପିଲାଦିନର କାହାଣୀ/ ଏବେ ମୋ ଫାଙ୍କା ଦିନମାନଙ୍କର ସ୍ୱପ୍ନ, ସେ ହାତ, କାହିଁ ବୋଉ ?'' (ନୈମିଷାରଣ୍ୟ, ସଂ. 'ହାତ' ମମତା ଦାଶ, ପୃ. ୫)

ଝିଅଟିଏ ଜନ୍ମଠାରୁ ବଡ଼ ହେବା ପର୍ଯ୍ୟନ୍ତ ଏବଂ ତା' ପରେ ବି ନାନା ବିଡ଼ମ୍ବନାର ସମ୍ମୁଖୀନ ହୋଇଥାଏ । ମାତ୍ର ତାହାର ଅନ୍ତର୍ନିହିତ ଶକ୍ତିର ଅପ୍ରତିହତ ପ୍ରଭାବ ବିଷୟରେ କବିଙ୍କ ଚେତନା ଖୁବ୍ ସକ୍ରିୟ ଓ ଉଦ୍‌ବୁଦ୍ଧ । ଯେଉଁ ଝିଅଟି ସାରା ସଂସାରର ମନ୍ଥନରୁ ଜାତ ବିଷ ବୃନ୍ଦାକର ପ୍ରାପକ ହୋଇଥାଏ, (ଆଜି, ଏକବିଂଶ ଶତକରେ ମଧ୍ୟ ଝିଅର ଏତାଦୃଶ ସ୍ଥିତିରେ ବିଶେଷ ପରିବର୍ତ୍ତନ ସଂଘଟିତ ହୋଇ ନାହିଁ ।) ସେହି ଝିଅଟି କନ୍ୟା ସନ୍ତାନଟି ହୋଇପାରେ ବୁଦ୍ଧି, ଜ୍ଞାନ ଓ ଗାରିମାରେ ଧୁରନ୍ଧର । ପ୍ରତିଭା ଶତପଥୀ ସେହି ଚିରନ୍ତନ, ଶକ୍ତିମତୀ କନ୍ୟାର ସ୍ୱରୂପ ଅଂକନ କରନ୍ତି – ''ପୃଥିବୀର ସକଳ ଆକ୍ରୋଶର ଭିତ୍ତି ଉପରେ/ଆତ୍ମବିଶ୍ୱାସର ସ୍ତମ୍ଭ ହୋଇ/ଜଳୁଥାଏ ଯେ/ଅଗ୍ନିପରୀକ୍ଷାରୁ ଧପ୍ ଧପ୍ ଉଚ୍ଛଳି ବାହାରି ଆସେ ଯା'ର ନାରୀତ୍ୱ/ବୃହସ୍ପତିଙ୍କ ଶବ୍ଦଗଣନାକୁ ମିଛ କରି/ନକ୍ଷତ୍ରକୁ ଜାବୁଡ଼ି ଧରେ ଯା'ର ତେଜ/ସେ ମୋ ଝିଅ' । (ମୋ ଝିଅ, ଅଧା ଅଧା ନକ୍ଷତ୍ର ସଂ. ପୃ. ୭୩-୭୪) । କନ୍ୟାପାଇଁ ସ୍ୱପ୍ନ ବିଭୋର ହୋଇଯାଏ ଜନନୀ, କିନ୍ତୁ ବାସ୍ତବତା ଯେ ସେ ସ୍ୱପ୍ନକୁ ଛାରଖାର କରିଦିଏ । ମାୟାମୁଗ୍ଧ, ସ୍ୱପ୍ନାଳୁ ଝିଅଟି ବାସ୍ତବତାର ଶୃଙ୍ଖଳାରେ ବନ୍ଧା ପଡ଼ିଯାଏ । ଶଙ୍କମାନା କବି ଚେତାଇ ଦିଅନ୍ତି ଝିଅକୁ – ''ସେଦିନ ମୋ କୁନିଝିଅ ଚଢ଼ିଥିଲା ବୟସର ସବୁଜ ସିଡ଼ିରେ, ଫଗୁଣର ସବୁଠୁ ସୁନ୍ଦର ଫୁଲଟିକୁ/ ଚଇତର ସବୁଠାରୁ ମିଠା କୋଳିଟିକୁ ସେ ତୋଳିବାକୁ ହାତ ବଢ଼ାଇଲା ବେଳେ/ ମୁଁ କହିଉଠିଲି ନାହିଁ ନାହିଁ ନାହିଁ ।'' (ସଂ. ଝିଅ ପାଇଁ ଝର୍କାଟିଏ, କୁନି ଝିଅ ପାଇଁ – ଅପର୍ଣ୍ଣା ମହାନ୍ତି) ।

କନ୍ୟା ସନ୍ତାନଟିକୁ ଭଲପାଇବାର ମନ୍ତ୍ରଦାନ କରିଛନ୍ତି କବି ଗିରିବାଳା ମହାନ୍ତି– ଶତ୍ରୁତା, ଈର୍ଷା, ହିଂସା, ଯାହା ମଣିଷ ଜୀବନକୁ ନଷ୍ଟଭ୍ରଷ୍ଟ କରିଦେଇଛି, ତା'ଠୁଁ ଦୂରେଇ ରହି ଜୀବନସାଧନା ପଥରେ ବ୍ରତୀ ହେବାକୁ ଝିଅପ୍ରତି କବିଙ୍କର ସୁମନାସ । ଖାଲି ସେତିକି ନୁହେଁ, କନ୍ୟା ସନ୍ତାନଟି ଜନ୍ମଲାଭକରି, କବିଙ୍କୁ ମାତୃତ୍ୱ ପ୍ରଦାନ କରି ଧନ୍ୟ

Digitized by PPRACHIN, SOA

କରିଛି । ସେ କହନ୍ତି – ''ସଭିଙ୍କୁ ପାଇବୁ ଭଲ ଶତ୍ରୁ ମିତ୍ର କରି ନିର୍ବିଚାର/ ସଭିଙ୍କୁ ଦାନୀବୁ ସ୍ନେହ ମିତ୍ର ହଉ, ହଉ ଶତ୍ରୁ ତୋର/ ସ୍ନେହରେ ଧରିବୁ ଶକ୍ତି । ପରିପନ୍ଥୀ ନୁଆଁଇବ ମଥା ××× ମୋ ଜୀବନ ଧନ୍ୟ କରି ମଣିଷରୁ କଲୁ ମୋତେ ମାଆ ×× ତୋ ସହିତ ଚିରଦିନ ରହିଥିବ• ତୋ ମାଆର କା' ।'' (ଉତ୍ସର୍ଗପତ୍ର - 'ମା' ହାବର ଦୁଃଖ' ।) ଏହା ସହିତ ଝିଅଟିର ଦୁଃଖକୁ ହୃଦୟଙ୍ଗମ କରି ତା'ର ଅନ୍ତର୍ବେଦନାର ଚିତ୍ର ଉପସ୍ଥାପନ କରନ୍ତି ଗିରିବାଳା । ଯେ ଝିଅ ହୁଏତ ସ୍ୱ-ଗର୍ଭ ଜାତ ସନ୍ତାନ ନୁହେଁ । ମାତ୍ର 'କନ୍ୟା'ର ପ୍ରତୀକ - ଯେ କୌଣସି ଝିଅ । ତା'ର ଦୁର୍ଭୋଗର ଚିତ୍ର ଆଜି ସୁପ୍ରେକ୍ଷ୍ୟ । ଏଥିରେ ଲୋକକଥାର ସ୍ପର୍ଶ ନିହିତ – ''କିରେ ଝିଅ ତୁ କାହିଁକି ମଲୁ ? ନା ଦିନ ଦି'ପହର ରାଜଧାନୀର ରାଜରାସ୍ତାରେ କାହାର ପିତା/ କାହାର ଭର୍ତ୍ତା, କାହା ଭାଇ, କାହା ପୁଅ ମିଶି/ ଶରୀରରେ ମନରେ ଲକ୍ଷେ ଆଖିର ଅପଲକ ଦୃଷ୍ଟିରେ!ମୋତେ ବାରବାର ଭୋଗିଲା ।'' ଏଠାରେ ଧର୍ଷିତା ଝିଅଟି ଆତ୍ମହତ୍ୟା କରିବାର ଏକ ପ୍ରତୀକ ଚିତ୍ର କବିତାରେ ଉତ୍କୀର୍ଣ୍ଣ ।

ଝିଅଟି କାନ୍ଦିଲାଗିଛି । ସତେ, କ୍ରନ୍ଦନ ସହିତ ଝିଅଟିର ସଂପର୍କ କେତେ ପୁରୁଣା ଓ ଗଭୀର ! କାହିଁକି କାନ୍ଦୁଚି ଝିଅ ? ଭୟ, ଯନ୍ତ୍ରଣା, ବିପଦର ସାମ୍ନାରେ ସେ ରହିଛି– ହୋଇଛି ରକ୍ତାକ୍ତ– ଝିଅର ଏ ଭଳି ବିପର୍ଯ୍ୟସ୍ତ ସ୍ଥିତିକୁ ରୂପ ଦିଅନ୍ତି କବି– ''ଝର୍କା ଖୋଲିଲି ହେମାଳ ପବନରେ ପଶିଆସୁଛି ବାଘୁଆ ଗନ୍ଧ/ ଝର୍କାକଡ଼ରେ ରଙ୍ଗଣୀ ଫୁଲ ପରି ପଡ଼ିଚି/ ଟୋପା ଟୋପା ତାଜା ରକ୍ତ ଓ/ ତା' ଭିତରେ ଉଜଳି ଉଠୁଛି ଝିଅର ମୁହଁ ।'' (ଝିଅ କାନ୍ଦୁଛି - ସଂ. ଅତଳତଳ, ରଞ୍ଜିତା ନାୟକ) କନ୍ୟାର ଦୁଃସ୍ଥିତିରେ କବିମାନଙ୍କ ହୃଦୟ ବିଗଳିତ ହୋଇଛି । ଭ୍ରୂଣ ଅବସ୍ଥାରେ ଆଶଂକା ଜର୍ଜରିତା କନ୍ୟାଟି ମାଆ ନିକଟରେ ଅନୁନୟ କରୁଛି– ତାକୁ ହତ୍ୟା କରା ନ ଯାଉ – ''ତୁମେ ମୋର ଜନ୍ମଦାତ୍ରୀ– ତୁମ୍ରି ଜଠରୁ ଦିନେ ଜନମିବି କନ୍ୟା ହୋଇ/ ଚନ୍ଦ୍ରକଳାପରି ପୁଣି ଦିନୁଁ ଦିନୁ ଦିଶିବି ଉଜ୍ଜ୍ୱଳ/ ମାଆ ଥରେ ସତ କୁହ, ଜନ୍ମ ମତେ ଦେବ କି ନା/ ଅପରର ଶ୍ଳେଷମିଶା ବାକ୍ୟର ଆଘାତ ଶୁଣି/ ସତରେ ପାଲଟିଯିବ ନିର୍ମମ ଘାତକ ? (ଆତ୍ମଜା– ସରୋଜିନୀ ଷଡ଼ଙ୍ଗୀ)

ଧାନକୁଟୁଣୀର ଝିଅ, ମୂଲିଆର ଝିଅଟି ହାତେ ମାପି ଚାଖଣ୍ଡେ ବାଟ ଚାଲେ ତା' ସାମ୍ନାରେ କେତେ ମିଛ ପତିଆରା, କାମୁକତାର ଡାକରା, ବହୁ ସନ୍ତର୍ପଣରେ ତାକୁ ଆଗେଇବାକୁ ହୁଏ । ତା' ଆଶା ସ୍ୱପ୍ନର ଚୂନାଚୂନା ତାରା ଫୁଲ, ଉଜ୍ଜ୍ୱଳ ଫୁଲକୁ ସେ ସାଉଁଟୁ ଥାଏ । ମାତ୍ର ବଡ଼ ନଅଣ୍ଟ, କଠୋର ତା'ର ଜୀବନ– ''ଗାଉଥାଏ ରସରକେଲୀ ସାଉଁଟି ରଖେ ଆଶା ଆଉ ସ୍ୱପ୍ନର ଚୂନାଚୂନା ତାରାଫୁଲ/ ଛୋଟ ପଣତ କୁଆଡ଼ିକି ପାଏ ନାହିଁ ।'' (ଦୁଃଖୀ ଝିଅ'– ମୁହୂର୍ତ୍ତ ମୁହୂର୍ତ୍ତ ସଂ. ପ୍ରବାସିନୀ ମହାକୁଡ଼) । ଝିଅ ପାଇଁ ମାଆ ଅନ୍ତରର ଶୁଭକାମନା ଓ ବରାଭୟ – ଯେଉଁ ଝିଅ ଜୀବନଯାତ୍ରାରେ ବହୁ ଦୁର୍ଦ୍ଦିନର ସାମ୍ନା କରେ, ତାକୁ ମାଆ ଉଦ୍‌ବୋଧନ ଦେଇ କହେ ''ବ୍ୟାପି ଯା' ତୁ ଆଖିରୁ ଅନ୍ତରୀକ୍ଷ/

Digitized by PPRACHIN, SOA

ମାଟିରୁ ମହାସମୁଦ୍ର ଯାଏଁ ସ୍ୱଚ୍ଛଳତାରେ ଭରପୂର ହୁଅ/ ସାମର୍ଥ୍ୟରେ ଉଚ୍ଛୁଳୁ ମୁଚ୍ଛୁଳୁ ହୋଇଉଠୁ/ଆବେଗର ଅନ୍ତଃପୁର ତୋର । xxx ଜଳାଞ୍ଜଳି ଦେଇ ଦେ' ନା ନିଜକୁ । ଟେକି ଦେ'ନା ଅସ୍ତିତ୍ୱ ତୋର ପୃଥିବୀକୁ xxx ଥାଳି ଥାଳି କରି ବାଢ଼ି ଦେ'ନା ନିଜକୁ । ଅନ୍ୟର ଭୋକ ସାମ୍ନାରେ– '' (ଆହତ ପ୍ରତିଶ୍ରୁତି– ଗାୟତ୍ରୀବାଳା ପଣ୍ଡା) । ଝିଅ ଭାବେ ଜନ୍ମି, ଜୀବନର ସୀମିତତା ମଧ୍ୟରେ କବିପଣର ବ୍ୟାକୁଳତାକୁ ଆବଦ୍ଧ କରିବା ସତ୍ତ୍ୱେ ନିଜେ କବି ଭଲଝିଅର ସଂଜ୍ଞା ନିର୍ଦ୍ଦେଶ କରନ୍ତି– ''ଭଲ ଝିଅକୁ ଯେ ଆଖିରେ କୌତୂହଳର କଜଳ ପିନ୍ଧିବାକୁ ମନା xx ତାକୁ ବାଟକୁ ଯିବାକୁ ମନା । ଘାଟକୁ ଯିବାକୁ ମନା, ଏମିତିକି ଫୁଲ ପାଖୁଡ଼ାର ଓଠ ଛୁଇଁବାକୁ ମନା ।'' ('ଭଲ ଝିଅ', ସଂ. କିଛି କଥା, କିଛି ନୀରବତା, ବୀଣାପାଣି ପଣ୍ଡା) । ଝିଅଟିର ବେଦନାସିକ୍ତ ଜୀବନପ୍ରତି କବି ଅନ୍ତର ସହାନୁଭବରେ ବ୍ୟାକୁଳ । ସରଳ ବିଶ୍ୱାସ ନେଇ ଜୀବନପଥରେ ଆଗୋଉଥିବା ଝିଅଟି ସମସ୍ତଙ୍କୁ ସ୍ନେହ ବାଣ୍ଟିବାର ଅଭିଳାଷ ରଖିଥାଏ । ମାତ୍ର ଏଇ ମଧୁର ଅଭିଳାଷଟି ତା'ର, ବିଡ଼ମ୍ବନାର ଶିକାର ହୁଏ । କବିଙ୍କ ଦରଦସିକ୍ତ ସ୍ୱର – ''ଖୁସି ଖୁସିରେ ଆସିଥିଲି / ଜାଣି ନ ଥିଲି, ଚନ୍ଦ୍ରମଣ୍ଡଳ ତଳେ ଲୁଚି ରହିଛି ଆଚମ୍ବିତ ଚିତ୍କାର/ ଜାଣି ନ ଥିଲି, ପଦ୍ମବନରେ ଦେହ ଛପାଇ ରହିଛି ସର୍ପ ।'' ('ଖୁସି ଖୁସିରେ ଆସିଥିଲି', ପକ୍ଷୀ ଜନ୍ମ ଓ ଅନ୍ୟାନ୍ୟ କବିତା, ସଂ. ଚିରଶ୍ରୀ ଇନ୍ଦ୍ର ସିଂହ)

ଜୀବନ ସଂଗ୍ରାମର ଏଭଳି କିଛି ଭୀଷଣତା ରହିଛି ଯାହା ଉଦ୍ଦିଷ୍ଟ କେବଳ ଝିଅଟି ପାଇଁ । ସ୍ୱତନ୍ତ୍ରଭାବରେ ନାରୀଟିଏପାଇଁ – ତା'ର ପରଘରୀ ଜୀବନରେ ପିଲାଦିନର ବାପଘରର ସ୍ନେହମମତାକୁ ତ ସେ ବିସର୍ଜନ ଦେଇଥାଏ, କିନ୍ତୁ ବଧୂ ଜୀବନରେ ଆଘାତର ତୀବ୍ରତା ମନରେ ଦିଏ ଯନ୍ତ୍ରଣା– ସେ ଯନ୍ତ୍ରଣା ଶାଶୂଘରର ଯନ୍ତ୍ରଣା – ''ଜାଣେନା, ସେଇ ମନର କୋମଳ ପରଦାରେ/ କେବେ ଝାମ୍ପିଦେଇ ଚାଲିଯାଏ । xx ସ୍ୱାମୀର ଅମାନୁଷିକପଣ ପିଠିରେ ଚାବୁକ ଖସିଲା ଭଳି ଝଣଝଣ କରେ/ ଶାଶୂ ନଣନ୍ଦଙ୍କ ନିଲଠା ବକ୍ରୋକ୍ତି...''('ସାନ ଭଉଣୀ'– ଅରଣ୍ୟ ସଙ୍ଗୀତ ସଂ, ଅଶ୍ୱିନୀକୁମାର ମିଶ୍ର) ସ୍ୱଜନ୍ମିତ କନ୍ୟା ନ ହେଉ ପଛେ, ଯେକୌଣସି ଝିଅଟିପାଇଁ କବିର ଅନ୍ତରଙ୍ଗ ସୁମନାସ ସ୍ୱତଃ ଝରିପଡ଼େ – ''ଝିଅ, ତୋର ଉତ୍ତରୋତ୍ତର ଉନ୍ନତି ହେଉ । ମଣ୍ଡି ହେଇଯା' ପତ୍ର ଫୁଲ ଫଳରେ/ ହରିଣଙ୍କ ମେଳରେ ତୋର ଖେଳକୁଦ ଚାଲିଥାଉ/ ଆହ୍ଲାଦିତ ହୁଅନ୍ତୁ ଦେବତାଏ ।'' ('ଉତ୍ତର', ସଂ. ଚରାଚର, ସୌଭାଗ୍ୟ କୁମାର ମିଶ୍ର)

ବିପ୍ଳବିଣୀ

ସାହସିକତା ସହ ନାରୀ ବାସ୍ତବତାକୁ ପ୍ରକଟ କରିବା ହିଁ ବିପ୍ଳବ । ପୁରୁଷ କବି ନାରୀ ବାସ୍ତବତା ପ୍ରତି ସହାନୁଭୂତିସଂପନ୍ନ ହେଲାବେଳକୁ ନାରୀ କବି ନିଜକୁ ବିପ୍ଳବିଣୀ ରୂପେ ପ୍ରକଟ କରୁଅଛି । ଯୁଗଯୁଗର ଅନ୍ଧବିଶ୍ୱାସ ଓ ପରଂପରାର ଘୁଣଖିଆ ସଂସ୍କାରକୁ ଅସ୍ୱୀକାର

Digitized by PPRACHIN, SOA

କରି ନୂଆଯୁଗର ବାସ୍ତବ ସ୍ଥିତିରେ ଆପଣାକୁ ଉପସ୍ଥାପନପୂର୍ବକ ନାରୀ ତା'ର ବିଡ଼ମ୍ବନାକୁ ସ୍ପଷ୍ଟ ପ୍ରତ୍ୟକ୍ଷ କରୁଛି । ବିଂଶ ଶତକର ଶେଷାର୍ଦ୍ଧରେ ନାରୀର ସ୍ଥିତି ସମାଜ ପରିବାରରେ ଅନେକଟା ଉନ୍ନତ ହୋଇଥିଲେ ମଧ୍ୟ ତଥାପି ଯେତିକି ଦୁଃସ୍ଥିତି ପ୍ରବଳତର ହୋଇ ରହିଛି, ସେଗୁଡ଼ିକ ନାରୀର ଆବେଗ ଓ ମର୍ଯ୍ୟାଦାକୁ ଆହତ କରୁଛି । ନିଜକୁ ପୁରୁଷ ସହ ସମାନ ମର୍ଯ୍ୟାଦାର ଅଧିକାରୀ ରୂପେ ବିବେଚନା କରିବା କ୍ଷେତ୍ରରେ ନାରୀ ଆଶାଭଙ୍ଗର ଦୁଃଖ ଭୋଗୁଛି । ଚେତନାଗତ ଦାସତ୍ୱ ସ୍ୱୀକାର କରିବା ପ୍ରତିପକ୍ଷରେ ସେ ବିପ୍ଳବର ସ୍ୱର ଉତ୍ତୋଳନ କରୁଛି । ଓଡ଼ିଆ ସାହିତ୍ୟରେ ପ୍ରବନ୍ଧମାନଙ୍କ ମାଧ୍ୟମରେ ଏହି ବିପ୍ଳବକୁ ସାକାର କରିଥିଲେ ସ୍ୱର୍ଗତା ସରଳାଦେବୀ । ସେ କବି ନ ଥିଲେ, କିନ୍ତୁ ଓଡ଼ିଆଣୀଙ୍କୁ ନିଜସ୍ୱ ଅଧିକାର ସଂପର୍କରେ ସ୍ୱର ଫିଟାଇବାକୁ ଆହ୍ୱାନ କରିଥିଲେ । ଓଡ଼ିଆଣୀମାନେ ତଥାପି ଗତାନୁଗତିକତାକୁ ଆଦରି ନେଇ, ନିଜ ସ୍ୱପ୍ନ ଓ ଅଭିଳାଷକୁ ଜଳାଞ୍ଜଳି ଦେଇ ବଞ୍ଚିବାକୁ ଆପଣେଇ ନେଇଥିଲେ । କ୍ରମଶଃ ୧୯୭୫ ଓ ତା'ର ପରବର୍ତ୍ତୀ କାଳରେ ଏହି ଓଡ଼ିଆଣୀମାନଙ୍କ ନିଦ୍ରାଭଙ୍ଗ ଘଟିଲା । ସେମାନେ ନିଜେ କେତେ ବେଶି ପ୍ରବଂଚିତା ଓ ଅସହାୟା, ତାହା ହୃଦୟଙ୍ଗମ କଲେ । କିନ୍ତୁ ସମାଜ ଓ ପରିବାର ସେମାନଙ୍କ ଦୁଃଖ, ସୁଖ ନିମିତ୍ତ ପ୍ରାୟ ପୂର୍ବବତ୍ ବୀତସ୍ପୃହ ରହିଲା । ସମାଜ ଓ ପରିବାରଙ୍କ ମତରେ, ନାରୀର ଗୋଟେ ସ୍ୱତନ୍ତ୍ର ଇଚ୍ଛା ଅଭିଳାଷ କ'ଣ ? ସେମାନେ ନାରୀଙ୍କୁ ଗୁରୁତ୍ୱଦେବାକୁ କୁଣ୍ଠାପ୍ରକାଶ କଲେ । ଯେଉଁ କବି ଲେଖିକାଗଣ ମୁଷ୍ଟିମେୟ ହେଲେ ବି ନାରୀର ଅମର୍ଯ୍ୟାଦା ବିରୋଧରେ ସ୍ୱରୋତ୍ତୋଳନ କଲେ, ନାରୀକବିଗଣ ସେମାନଙ୍କୁ ଆତ୍ମପକ୍ଷର ମଣି ସମର୍ଥନ ଜଣାଇଲେ । ବାଙ୍ଗ୍ଲାଦେଶର ଲେଖିକା କବି 'ତସ୍‌ଲିମା'ଙ୍କୁ ନେଇ କିଛି କବିତା ରଚନା କରାଗଲା । ବିପ୍ଳବିଣୀ ନାରୀ ପ୍ରତିବାଦ କଲା, ପ୍ରଶ୍ନ ଉପସ୍ଥାପନ କଲା, ଉତ୍ତର ଦାବି କଲା– ସ୍ୱାଧିକାର ଜାହିର କରିବାକୁ ଚାହିଁଲା । ଅନେକ ସ୍ଥଳେ ସମାଜ ସେମାନଙ୍କଠାରେ 'ନାରୀବାଦୀ'ର ଷ୍ଟାମ୍ପ୍ ଲଗାଇବାକୁ ପଶ୍ଚାତ୍‌ପଦ ହେଲା ନାହିଁ । କିନ୍ତୁ ପ୍ରକୃତପକ୍ଷେ ଭାରତୀୟ ନାରୀ ପାଶ୍ଚାତ୍ୟ ଅର୍ଥରେ 'ଫେମିନିଷ୍ଟ' ନୁହେଁ, ଏହା ପୂର୍ବ ଅଧ୍ୟାୟରେ ସ୍ପଷ୍ଟ କରାଯାଇଛି । ଭାରତୀୟ ନାରୀ ଉଦ୍ଭଟଭାବେ ପୁରୁଷସହ ସମାନତା ଦାବି କରି ବସେ ନାହିଁ । ଓଡ଼ିଆ ନାରୀ କବିମାନଙ୍କ ପ୍ରତିବାଦର ସ୍ୱରକୁ ବିଚାର କଲେ, ଏହା କିପରି ଆବେଦନପୂର୍ଣ୍ଣ ଓ ଅନୁଚ୍ଚ ଅଥଚ ଶାଣିତ, ଏହା ସହଜରେ ବୁଝିହୁଏ । ତେବେ ନାରୀ ରଚନାରେ ପ୍ରତିବାଦର ସ୍ୱର ଏକ ସ୍ୱତନ୍ତ୍ର ଅଧ୍ୟାୟରେ ବିଶ୍ଳେଷଣ କରାଯିବ ।

ସାଧାରଣ ନାରୀର ବାସ୍ତବତା

ବିଭିନ୍ନ ନାମଧାରିଣୀ, ଜୀବନ ଯୁଦ୍ଧରେ କ୍ଳାନ୍ତ, ସଂଘର୍ଷରେ ଯନ୍ତ୍ରଣାକ୍ତ ତଥା ଉତ୍ତରଣ ପ୍ରୟାସୀ ନାରୀମାନଙ୍କ ବାସ୍ତବ ସ୍ଥିତିକୁ ଏଠାରେ ନିରୀକ୍ଷଣ କରାଯାଉଛି । କବିମାନେ ନାରୀକୁ ମାତା, ପତ୍ନୀ, କନ୍ୟାରୂପରେ ବହୁ ଆବେଗ ଆନ୍ତରିକତା ଦେଇ ପରଖିଛନ୍ତି,

Digitized by PPRACHIN, SOA

ରୂପାୟିତ କରିଛନ୍ତି । ତଥାପି ନିଜ ରକ୍ତ ସଂପର୍କ ବାହାରେ ଜଣେ ସାଧାରଣ ନାରୀକୁ ପ୍ରତିନିଧି କରି ଲେଖାଯାଇଥିବା କବିତାରେ ନାରୀ ଚରିତ୍ରର ବିବିଧ ବୈଚିତ୍ର୍ୟ, ତା'ର ଆନନ୍ଦ, ଅସହାୟତା, ପୀଡ଼ା ଆଦିକୁ ବର୍ଣ୍ଣନା କରିବା ସହ, ତା'ର ବିପ୍ଳବିଣୀ ଚରିତ୍ରକୁ ମଧ୍ୟ ଆଙ୍କିବାକୁ ପ୍ରୟାସ କରିଛନ୍ତି । ଏ ଦିଗରେ କବି ରମାକାନ୍ତଙ୍କ 'ଚନ୍ଦ୍ରମାର ଚୁଡ଼ି' କବିତାରୁ ଚନ୍ଦ୍ରମାର ଚରିତ୍ରକୁ ବିଶ୍ଳେଷଣ କରାଯାଉ । ଚନ୍ଦ୍ରମା ବାରନାରୀ । ଜୀବିକା ନିମିତ୍ତ ପରପୁରୁଷର ଶଯ୍ୟାସଂଗିନୀ ହୁଏ । କିନ୍ତୁ ତା' ମନର ଅଭ୍ୟନ୍ତରରେ ଥାଏ ମୃତସ୍ୱାମୀର ସ୍ମୃତି, କାଚଚୁଡ଼ି ଝୁମ୍‌ଝୁମ୍ ଶବ୍ଦରେ ସେ ସ୍ୱାମୀର ସ୍ୱର ଶୁଣିପାରେ 'ମୁଁ ମଲେ, ତୁ ଆଉ ଦୁତୀଅ ହବୁନି ।' ଅଥଚ ପ୍ରତି ରାତିରେ ନୂଆ ଗରାଖ ନେଇ ଚନ୍ଦ୍ରମା ବଞ୍ଚିଥାଏ । ଗରାଖଠାରେ ପସନ୍ଦ ଅପସନ୍ଦର ପ୍ରଶ୍ନ ଉଠେନା । ନିତାନ୍ତ ଅନିଚ୍ଛୁକ ଭାବେ ମଧ୍ୟ ଦେହଦାନ କରିବାକୁ ହୁଏ । ବଞ୍ଚିବାର ଦାବି ଆଗରେ, ପେଟ ଦାଉରେ ବେଶ୍ୟା ବୃତ୍ତି କରି ଚନ୍ଦ୍ରମା ଜୀବିକା ନିର୍ବାହ କରେ । ତା'ର ଗଭୀର ଅନ୍ତର୍ଦ୍ୱନ୍ଦ୍ୱ ଓ ନିରୁପାୟତା ତଥା ଆତ୍ମ ଧିକ୍‌କାରର ଦୀର୍ଘଶ୍ୱାସ କବି ଶୁଣିପାରନ୍ତି । ସମାଜରେ ଘୃଣିତା ଚନ୍ଦ୍ରମା କବିଙ୍କ ସମ୍ବେଦନାର ଯାଦୁକରୀ ସ୍ପର୍ଶରେ ପାଠକର ସହାନୁଭୂତି ପାଇବାପାଇଁ ହକ୍‌ଦାର ହୁଏ । 'କେତଦିନର' ସଂକଳନରୁ - ''ଚନ୍ଦ୍ରମା କମାଏ ବତି କାଚ ଭଙ୍ଗା କଳା ଲଣ୍ଠଣର/ଇସ୍‌ପାତର ଧାର ପରି ଦୃଷ୍ଟିକୁ ସେ ମାଜି ବସେ/ ଅନ୍ଧାରର ପ୍ରଶସ୍ତ ଶିଳାରେ × × (ଚନ୍ଦ୍ରମାର ଚୁଡ଼ି)

ନାରୀର ଦୁର୍ଭାଗ୍ୟ ତା'ର ଅସହାୟତାକୁ ପୁରୁଷ ବେଶ୍ ସହଜରେ ଗ୍ରହଣ କରିନିଏ, ବରଂ ସ୍ଥଳବିଶେଷରେ ଏ ଦିଗରେ କୌତୂହଳୀ ହୋଇଥାଏ । ଶରୀର-ସଂଭୋଗ ବ୍ୟାପାରରେ ନାରୀଟି ଅନ୍ତଃସତ୍ତ୍ୱା ହୋଇଯାଏ, ଯଦିଓ ବିଂଶଶତକର ଶେଷକାଳକୁ ନାରୀ ଏପ୍ରକାର ଅସହାୟତାର ଘେରରୁ ମୁକୁଳି ଯାଇଛି, ସମୟ ଓ ସମାଜ ତାକୁ ପୁରୁଷ ପରି ଅନେକଟା ବେପରୱା କରିଛି, ତଥାପି ଆମ ଦେଶରେ ଏବେବି ନାରୀ ପରିବାର ଓ ସମାଜଦ୍ୱାରା ଅସ୍ୱୀକୃତ ପ୍ରେମ ସଂଭୋଗରେ ଗର୍ଭବତୀ ହୋଇ ଗର୍ଭପାତ କରାଉଛି । ନାରୀଟି ଏହାପରେ ବି ହସି ହସି ବୁଲୁଥିବାର କାରୁଣ୍ୟକୁ ଚିହ୍ନାଇ ଦେଉଛନ୍ତି କବି ଦୀପକ ମିଶ୍ର– ''ବାଜି ମାର୍, ତୋତେ ଏଇ ମେଳାରେ ଚିହ୍ନେଇ ଦେବି, ଘରୋଇ ଚିକିତ୍ସାରେ ଭ୍ରୂଣହତ୍ୟା କରି ହସି ହସି ବୁଲୁଥିବା ଯୁବତୀକୁ'' । (ନିରବଧି ନାଭିଶ୍ୱାସ ସଂ. 'ବାଜି ମାର୍') ।

କୁବୁଜା ଏକ ମିଥିକ୍ ଚରିତ୍ର ହେଲେ ବି ସମକାଳୀନ ପ୍ରାସଙ୍ଗିକତାକୁ ନେଇ କୁବୁଜାକୁ ବିଚାର କରିବାକୁ ହୁଏ । ଭାଗ୍ୟଦ୍ୱାରା ନିର୍ଯାତିତା ଓ ପରିସ୍ଥିତିଦ୍ୱାରା ଲାଞ୍ଛିତା, ପତିପରିତ୍ୟକ୍ତା କୁବୁଜା ଏଠାରେ ଚିରନ୍ତନ ଏକ ସାଧାରଣ ନାରୀର ଦୁର୍ଭୋଗକୁ ପ୍ରତୀକିତ କରିଥାଏ । କୁବୁଜା ଦୁଷ୍ଟ ରାଜାର ସେବାକରି ଜୀବନ ନିର୍ବାହ କରୁଥିଲା । ସେ କୁତ୍ସିତ ରୂପଧାରିଣୀ, ସାଧାରଣରେ ହାସ୍ୟାସ୍ପଦା । ଆଜିର ସମାଜ ଓ ପରିବାରରେ ଏଭଳି ଚରିତ୍ର ଯଥେଷ୍ଟ ସଂଖ୍ୟାରେ ପରିଲକ୍ଷିତ ହୁଅନ୍ତି । ଅନେକ ଅବିବାହିତା, ଜୀବିକାନ୍ୱେଷଣରେ ବ୍ୟସ୍ତ ତଥା ଲାଞ୍ଛିତା ନାରୀର ଅନ୍ତର୍ମନର ଉଚ୍ଚାରଣ କବିଙ୍କୁ ଅଭିଭୂତ କରିଛି । କରୁଣାର୍ଦ୍ର କବି କୁବୁଜାର ଅଭୀପ୍ସାକୁ ରୂପପ୍ରଦାନ କରି

Digitized by PPRACHIN, SOA

ପାଠକର ମନନଶୀଳତାକୁ ଓ ସହାନୁଭୂତିକୁ ଆପ୍ଲୁତ କରିଛନ୍ତି । 'କୁବୁଜା-ପ୍ରତୀକ'ର ଚରିତ୍ର ମାଧ୍ୟମରେ ସାଧାରଣ ଲାଞ୍ଛିତା ନାରୀ ନିଜ ସ୍ଥିତି ହୃଦୟଙ୍ଗମ କରି ସେଥିରୁ ମୁକ୍ତି ପାଇବାର ସମ୍ଭାବନା ପ୍ରତି ଆସ୍ଥାପୋଷଣ କରେ । "ଆଜି ସତେ ମଳିନ ଏ ପୋଡ଼ାଜଳା ଅପରାହ୍ଣ ପ୍ରାନ୍ତରରେ ଶ୍ୟାମ ଘନ ବଉଦର ପ୍ରାଣ ଛୁଆ ଛାଇ/ ହାଟୁଆରି କୁଳେ ଜାତ ଆଜନ୍ମ କୁବୁଜା ମୋର/ ମନ ଯାଏ କଦମ୍ବ କୁସୁମ ସମ ଉଲ୍ଲସିତ, ମୁକୁଳିତ ହୋଇ – (ଅଷ୍ଟପଦୀ, ସଂ. ସୀତାକାନ୍ତଙ୍କ ଶ୍ରେଷ୍ଠ କବିତା, ଚତୁରଙ୍ଗ ପ୍ରକାଶନୀ, ୧୯୯୨, ପୃ. ୮) ।

ଏ ଯୁଗର ଏକ ମଧ୍ୟବୟସ୍କା, ବିବାହିତା ନାରୀର ପ୍ରେମଭାବନା ଓ ତଜ୍ଜନିତ ଅସହାୟତା ଭିତରେ ଆମେ ଭେଟିବା କବି ସୌଭାଗ୍ୟ ମିଶ୍ରଙ୍କ ଶଶୀଦେଇକୁ । ଦାମ୍ପତ୍ୟ ଓ ପରକୀୟା ପ୍ରେମ ମଧ୍ୟରେ ଛଟପଟ ଜଣେ ନାରୀର ମାନସିକତା ଏହି ଚରିତ୍ର ମାଧ୍ୟମରେ ପ୍ରକଟିତ । ଏଥିରେ ନାରୀଟିର ଆତ୍ମଅନ୍ୱେଷଣ ଓ ଆତ୍ମପରିଚୟ ଏବଂ ଦ୍ୱିଧାବିଭକ୍ତ ସତ୍ତା କବିଙ୍କ ଲେଖନୀରେ – "ଅଇଁଠା ଥାଳିରେ ମାଛକଣ୍ଟା ପରି ମୁଁ,/ ସ୍ୱାମୀ ବାହାରେ ଡ୍ୟୁଟିରେ,/ କୋଉ ଦୂରରୁ ହଠାତ୍ ଗାଡ଼ିର ଶବ୍ଦ, ମୋ ନାହି ମୁଣ୍ଡାରୁ, ମୁଣ୍ଡର ଗହୀରରୁ, ସିପେଇ ପରି ସିଧା ଠିଆ ହୋଇଗଲେ, ମୋ ହାତର ରୁମ – " (ଶଶୀଦେଈ କାନ୍ଦ, ସଂ. ଅନ୍ଧ ମହୁମାଛି') ଆଉ ଗୋଟିଏ ନାରୀ 'ଜେମାଦେଈ' ସେ ମଧ୍ୟ ପ୍ରେମିକା ଭାବେ ଅନ୍ତଃସତ୍ତ୍ୱା ହୋଇ ପ୍ରେମିକଠାରୁ ପ୍ରତ୍ୟାଖ୍ୟାନ ଭୋଗିଛି । ତଥାପି ଅବୈଧ ସନ୍ତାନର ମାତୃତ୍ୱକୁ ଗ୍ରହଣ କରିନେଇ ବଞ୍ଚିବାର ଜୟପତାକା ଉଡ଼ାଇ ଆସିଛି ।

ରାଧାମଣି

ଯେ ଆଉ ଜଣେ ସ୍ତ୍ରୀଲୋକ - ସେ ରେଳଲାଇନ୍ ପାଖ ବସ୍ତିରେ ବଞ୍ଚୁଥାଏ । ତା' ନାମ ରାଧାମଣି । ମଦ୍ୟ ଓ ରୋଗର ଶିକାର ପାଲଟିଯାଏ ତା'ର ସ୍ୱାମୀ । ଶରୀରର ପୁଂଜି ଧରି ଜୀବନ କାଟିବାକୁ ଆଗଭର ହୁଏ ସେ, ଅଥଚ ତା' ଅନ୍ତର୍ଜଗତର ବେଦନା ଓ ଅସହାୟତା କବିଙ୍କ ଲେଖନୀରେ ପ୍ରମୂର୍ତ୍ତ ହୁଏ – "ଅଭାବ ଓ ଛି ଛି କାରର ବୋଝ ବୋହି ଘୁଷୁରୁଥିବା/ ଦାନ୍ତ ନିକୁଟି ଗରାଖ ଅଣ୍ଡାଳୁଥିବା/ ମାଇପିଟିର ଦିହ ଦୁଃଖରେ ଛୋଟିଆ ସପନଟିଏ ଭାଙ୍ଗିଯାଏ । × × ସ୍ୱର ତୋର, ପାଦଚିହ୍ନ ତୋର ବିସ୍ୱାଦ ଓ କ୍ଷତ ତୋ'ର/ ଆତ୍ମାର ପ୍ରତିଟି ଡାକ, ମନର ମହକ/ ଟିପି ହେଇ ରହିଯାଏ କେତେ କାଳକୁ କେଜାଣି/ ତୁ କ'ଣ ପଥରର ଗୀତ ପାଲଟି ଯାଉ, ରାଧାମଣି ?" (କବିତା ଶିଳାଲିପି, ସଂ.ନି.ବ, ପ୍ରତିଭା ଶତପଥୀ)

ଜୀବନ ସଂକଟରେ, ଦାରିଦ୍ର୍ୟର କଷାଘାତ ଜର୍ଜର ନାରୀଟିଏ ରାଧାମଣି । ରୁଗ୍ଣ ସ୍ୱାମୀ ଓ ଜରି ଗୋଟାଉଥିବା ବାଳୁତପୁଅର କ୍ଷୁଧା ସାମ୍ନାରେ ସେ ମଧ୍ୟ ଦେହଜୀବିନୀ ହୁଏ । କିନ୍ତୁ ସେ ଅନିଚ୍ଛାସତ୍ତ୍ୱେ ଶଯ୍ୟାସଙ୍ଗିନୀ ହୋଇ ଅସନ୍ତୋଷରେ କୁହୁଳୁଥାଏ । ବସ୍ତିରେ

Digitized by PPRACHIN, SOA

ଜୀବନ ବିତାଉଥିବା ରାଧାମଣିର ଚିରନ୍ତନ ବିଡ଼ମ୍ବିତ ନାରୀତ୍ୱକୁ କବି ଉପରୋକ୍ତ ରୂପ ପ୍ରଦାନ କରନ୍ତି ।

'ମାଧବୀର ପଞ୍ଚତ୍ରିଂଶତମ ଜନ୍ମୋତ୍ସବ' 'ସଂଦିଗ୍ଧ ମୃଗୟା' ସଂକଳନର ଏକ ଆକର୍ଷଣୀୟ କବିତା । କବି ରମାକାନ୍ତଙ୍କ ଲେଖନୀରେ ରୂପାୟିତ ମାଧବୀ ଆଧୁନିକ ଯୁଗର ଏକ ବୃତ୍ତିଜୀବିନୀ ନାରୀ । ତା'ର ଯୌବନ ଉତ୍ତୀର୍ଣ୍ଣପ୍ରାୟ । ତା'ର ପତ୍ନୀତ୍ୱ ଓ ମାତୃତ୍ୱର ସ୍ୱପ୍ନ ବିଡ଼ମ୍ବିତ । ସେ ଏକାକୀତ୍ୱ ମଧ୍ୟରେ ଜୀବନ ବଞ୍ଚେ । ତା' ପାଇଁ ଜୀବନ ଏକ ଅଚରିତାର୍ଥତା ଓ ବିଫଳ ମୃଗୟା ରୂପେ ପ୍ରତୀତ ହୁଏ । କାରଣ, ପରିବାର ଓ ସନ୍ତାନ ନାରୀର ସହଜାତ । ମାଧବୀ ଏଥିରୁ ବଞ୍ଚିତା । ପୁନଶ୍ଚ ରାସ୍ତାକଡ଼ରେ କଣ୍ଟେଇ ଗଢୁଥିବା ଜଣେ ତରୁଣୀକୁ କବି ନାମକରଣ କରନ୍ତି – 'ଯଶୋଦା'– ଯଶୋଦା ରାସ୍ତାକଡ଼ ଗଛମୂଳେ, ଖରାବେଳେ କଣ୍ଟେଇ ଗଢ଼େ । ତା' ପାଇଁ ଦାରିଦ୍ର୍ୟ ସତ, ଅପ୍ରାପ୍ତି ଆହୁରି ସତ, ସେ ଅପ୍ରାପ୍ତି, ସାଧାରଣ ଅପ୍ରାପ୍ତି ଭିନ୍ନ କିଛି ଐଶ୍ୱର୍ଯ୍ୟମୟ ସ୍ୱପ୍ନର ଅପ୍ରାପ୍ତି ସହ ସଂଯୁକ୍ତ । ତା' କୋଳ ଛୁଆଟି ପାଖରେ ଗୁରୁଣ୍ଡୁଚି । ତା'ର ଅସହାୟତାକୁ ବର୍ଣ୍ଣିବାକୁ ଯାଇ କବି କହନ୍ତି– "ସେ ଦୃଶ୍ୟ ନା ଦେଖଣାହାରି ? ଓର ଉଣ୍ଡୁଥିବା ଫାଜିଲ୍‌ଟୋକା । ଚିଆରିଆ ଗୋଧୂଳି ଓ ଚଞ୍ଚକତାପୂର୍ଣ୍ଣ ଖଣ୍ଡିକାଶ । ତା' ଚାରିକଡ଼େ ।" ('ଯଶୋଦା'– ସଂ.ଧର୍ମପତ୍ନୀ, ହୃଷୀକେଶ ମଲ୍ଲିକ) । ଏହି କବିଙ୍କର ଅନ୍ୟ ଗୋଟିଏ ନାରୀ ଚରିତ୍ର 'ଛବି' – ପ୍ଲାଟ୍‌ଫର୍ମରେ କ'ଣ କରେ ? ହୁଏତ, ମାଆ ତାକୁ ଲଗାଏ ଦେହ ବ୍ୟବସାୟରେ– ପ୍ରେମ ଓ ମାତୃତ୍ୱର ସ୍ୱପ୍ନ ତା'ର ସଫଳ ହୋଇପାରେନା – "ଛବି ଅଣ୍ଡାଳି ହୁଏ ନିଜ ଭିତରର ଫମ୍ପା ମାଠିଆରୁ ଢୋକେ ଓଦା ଓଦା ଆସକ୍ତି ।" (ଛବି ପାଇଁ 'ଖାସ'– ତତ୍ରୈବ, ପୃ. ୧୮)

ଯଶୋମତୀ

ଏକାକିନୀ ଜଣେ ନାରୀ ଚରିତ୍ର । ସ୍ୱାବଲମ୍ବନଶୀଳା, ନଈ କୂଳରେ ତା'ର ଚା'ଦୋକାନ । ତା'ର ଦୁଃଖ ସୁଖକୁ ସାଥୀ ନ ଥାନ୍ତି କେହି । ସେ ପେଟ ପୋଷେ ତା' ପାଇଁ କୌଣସି ସମ୍ଭାବନା ଅର୍ଥହୀନ । ତା' ଉଦାସୀନତା ଓ ଆତ୍ମବିଶ୍ୱାସର ଚିତ୍ର କବିଙ୍କ ସହାନୁଭୂତିପୂର୍ଣ୍ଣ ସ୍ୱରରେ ପରିସ୍ଫୁଟ "ଏତେ ବଡ଼ ଆକାଶ ଜମିଜମା, ପୂର୍ଣ୍ଣମୀରାତି । ସଂସାର ଗଢ଼ିବାଲାଗି ଦରକାର ହୁଏନା/ ଆଠଟା ବେଳେ ଶେଷ ଡଙ୍ଗା ବାହୁଡ଼ିଗଲେ ଗାଁକୁ/ ଶୂନ୍‌ଶାନ୍ ଖାଁ ଖାଁ ଘାଟରେ ଆଉ କିଏ ଆସି ପହଞ୍ଚି ଯିବାର ସମ୍ଭାବନା ନ ଥାଏ/ ନ ଥାଏ ବୋଲି ଯଶୋମତୀ ଶୋଇପଡ଼େ/ କାହାଣୀର ପିଠି ଆଉଁଶି ଦେଇ ଅନ୍ଧାରରେ ।" (ଯଶୋମତୀ, ଉଜ୍ଜୟିନୀ, ସଂ. ପୃ. ୮୪, ସୌ.କୁ. ମିଶ୍ର)

ଆମ୍ରପାଳୀ

ଯେ ଆମ୍ରପାଲୀ ନୁହେଁ– ନୁହେଁ ବୈଶାଳୀର ରାଜ ନଟୀ । ଯେ ବାସ୍ତବ ଜୀବନର ତାଡ଼ନାରେ, ଦାନାପାଣିର ଦାୟ ଭିତରେ ବଞ୍ଚୁଥିବା ଜଣେ ନାରୀ– ଯାହାର ଦେହ, ପ୍ରେମ

Digitized by PPRACHIN, SOA

ବା ଆତ୍ମା କିଛି ବି ମୁଖ୍ୟ ନୁହେଁ । ମୁଖ୍ୟ ବଞ୍ଚିଯିବା ବିକାରହୀନ ଭାବରେ– ''ମୋର ବାକି ପାଉଣା ମତେ ଦେଇଦିଅ । ଆଜି ହାଟ, ଯଦି କହିବ ଉଧୁ ଉଧୁ ଲଙ୍ଗଳା ହୋଇ ଠିଆ ହୋଇଯିବି । ମାଡ଼ଗାଳି ତ ଗୋଡ଼େଇବେ, ଗୋଡ଼େଇଲେ/ ପଛପଟ ଦୁଆର ଖୋଲା ରଖିଥିବ ଆମ୍ବପାଳୀ/ ଯା'ଠୁ ମୋର କେବେ କିଛି ଲୁଚେଇବାର ନାହିଁ ।'' (ତତ୍ରୈବ, ପୃ. ୯୯)

ବାଉଁଶରାଣୀ ନାରୀଟିଏ ଜୀବିକାପାଇଁ ବାଉଁଶରେ ଚଢ଼ି ଖେଳ ଦେଖାଏ । ବଡ଼ ବିପଜ୍ଜନକ ସେ ଖେଳ – ତାକୁ ବାଉଁଶରାଣୀ କୁହାଯାଏ । ପଦେ ପଦେ ହୁଆସିର୍ ହୋଇ ଚଳିବାକୁ ପଡ଼େ । ନାରୀର ସାଂସାରିକ ଜୀବନ ହିଁ ସେହିଭଳି । ସଂସାର କେଳା ରୂପରେ ତାକୁ ବାଉଁଶରାଣୀ କରେ । ଶୈଶବଠାରୁ ଶେଷଦିନ ପର୍ଯ୍ୟନ୍ତ ହାତେ ମାପି ଚାଖଣ୍ଡେ ଚାଲିବା ତା'ର ନିୟତି । କବିଙ୍କ ଅନୁଧ୍ୟାନରେ ''ବାଉଁଶରାଣୀର ଖେଳ ଦେଖିବା ଓ ବାଉଁଶରେ ଚଢ଼ି ଚଢ଼ି ଦଉଡ଼ିରେ ଝୁଲି/ କେଳାର ବାଉଁଶ ରାଣୀ ହେବା କ'ଣ/ କେବେ ଏକା କଥା ?'' (କାଚ ଝୁଲଣା– ଶକୁନ୍ତଳା ଦେବୀ)

ସୁହାସିନୀ ଏକ ସଚେତନହୃଦୟା ନାରୀ । କବି ଅନ୍ତର ସହ ଏକପ୍ରକାର ଅଭିନ୍ନ ଯୋଗାଯୋଗ ତା'ର । ଅଥଚ ସମାଜ ଓ ପାରିବାରିକ ସ୍ଥିତିରେ ସେ ଅବହେଳିତା । ସ୍ନେହ, ପ୍ରେମ ଓ ବିହ୍ୱଳ କୈଶୋର ତା'ର ବିଡ଼ମ୍ବିତ । ସେହି ସୁହାସିନୀ ମଧ୍ୟ ଧର୍ଷିତା ହୋଇଯାଇପାରେ । ତା'ର ଶରୀର ଓ ମନ ଧୂର୍ତ୍ତ ଓ ଅବିଶ୍ୱାସୀ ଜନଙ୍କର ଶିକାର ହୋଇଯାଏ । ତଥାପି ସେହି ନାରୀର ମହିମାମୟ ରୂପ ଆଙ୍କନ୍ତି କବି ସୁଚେତା – ''ତୁ ଗୋଟେ ମାଧୁର୍ଯ୍ୟମୟ ଶିଳ୍ପ । ତତେ ଛୁଇଁବାକୁ ଗଲାବେଳେ ଭୟ ହୁଏ । ଭୀଷଣ ଭୟ, ନିଭୃତରେ ମନ୍ଦିର ମୂର୍ତ୍ତି ସବୁ ଛୁଇଁବା ବେଳର ଭୟ ।'' (ଶିଳାଲିପି, ସଂ. ସୁହାସିନୀ ସହ ଦେଖାହେଲେ ପୃ. ୬୯, ୧୯୯୫) 'ନାରୀ' ଶବ୍ଦଟିର 'ତୁଚ୍ଛତା' ପ୍ରତି ଘୃଣାଜର୍ଜ୍ଜର କବି ନାରୀକୁ 'ନାରୀ' ନ କରି କହନ୍ତି ମାଧୁର୍ଯ୍ୟମୟ ଶିଳ୍ପ ।

ଚିରଦିନର ନାରୀ ଅହଲ୍ୟା । ପୁରାକଳ୍ପରେ ତା'ର ନାମ ଅଛି ସତ, ମାତ୍ର ଏଠାରେ ଜଣେ ବିଦୁଷୀ, ଅନୁଭବପ୍ରବଣା, ସମାଜ ଓ ପରିବାରରେ ଲାଞ୍ଛିତା ନାରୀ ରୂପରେ ଅହଲ୍ୟାକୁ ଚିତ୍ରଣ କରିଛନ୍ତି କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକ । ନିଜ ବକ୍ତବ୍ୟକୁ ନିଜ ଭିତରେ ଚାପି ରଖିଥିବା ନାରୀଟିଏ ସେ, କିନ୍ତୁ ନିଜର ଯନ୍ତ୍ରଣା ସହି ସେ ପ୍ରଶ୍ନ କରିପାରେ । ଯଦିଓ ପ୍ରଶ୍ନରେ ବିପ୍ଲବର ଅଗ୍ନି ନ ଥାଏ, ଥାଏ କୋମଳ ଏକ ହୃଦୟସ୍ପର୍ଶୀ ଆବେଦନ । କୋଉ ଦୋଷ ପାଇଁ କେଜାଣି ନାରୀ ଶାପଗ୍ରସ୍ତା ହୋଇଯାଏ, ମଣିଷର ସକଳ ଦାୟିତ୍ୱକତାଠାରୁ ଦୂରେଇରହେ । କବିଙ୍କ ଉଚ୍ଚାରଣରେ ସେହି ନାରୀର ଅଭିମାନ ଓ ପ୍ରଶ୍ନ– ''କ'ଣ ଦୋଷ ଥିଲା ଯେ ମୋର/ ଏତେ ବଡ଼ କଷ୍ଟ ମତେ ଦେଲ/ ମଞ୍ଚରେ ଜୀବନ ରଖି ମତେ ଜଡ଼ କଲ/ ବର୍ଷ ବର୍ଷ ଧରି ମାଟିଠୁ ବି ହୀନ କରିଦେଲ/ ଭୋକ,

Digitized by PPRACHIN, SOA

ଶୋଷ, ନିର୍ବାସନ ସହି ସହି/ ଭୁଲିଗଲି ଭୋକ, ଶୋଷ ନିର୍ବାସନ କ'ଣ/ ଅନାଇଁ ରହିଲି କାଳେ ଏ ସମୟ ଶେଷ ହେବ । ତମେ ପୁଣି ଫେରିଆସି ପିନ୍ଧିବାକୁ ନୂଆ ଶାଢ଼ି ଦେବ ।'' (ଅହଲ୍ୟା, ସଂ. ସବୁ ଅନ୍ଧାର ଆଜି ରାତିରେ, ପୃ. ୭୨ - ହରପ୍ରସାଦ ପରିଛା ପଟ୍ଟନାୟକ)

ଆଉ ଏକ ସାଧାରଣ ଚରିତ୍ର 'ବିଦୁଲତା' । ଗ୍ରାମର କିଶୋରୀଟିଏ ଜୀବନକୁ ଉଲ୍ଲାସମୟଭାବେ ଜିଇଁବାର କଳାକୁ ଆୟତ୍ତ କରିଛି । ମାତ୍ର ଓଡ଼ିଆ ଘରର ଝିଅ, ପ୍ରଥମ ଯୌବନରେ ବିବାହବେଦୀରେ ପାଦଦେବା ଆଗରୁ ମଣିଷର ଅର୍ଥଲୋଭ ନିକଟରେ ବଳି ପଡ଼ିଛି । ସେଇ ସୁନ୍ଦରୀ ନବଯୁବତୀର ଯୌତୁକବଜାରରେ ଆଦୌ କୌଣସି ମୂଲ୍ୟ ନାହିଁ । ସେ ଏକ ବୟସ୍କ, ଦ୍ୱିତୀୟପକ୍ଷ ମଦ୍ୟପ ପୁରୁଷର ପତ୍ନୀ ହୋଇଥିଲା– କବି ହୃଦୟର ଆକୁଳ ଅଶ୍ରୁ ଉଦ୍‌ଗତ ହୋଇଉଠିଲା ଉଚ୍ଚକିତ ଅଭିବ୍ୟକ୍ତି ମାଧ୍ୟମରେ– ''ହଠାତ୍ ସଞ୍ଜରେ ଦିନେ/ସହଜ କିଣାବିକାର ଦର କଷାକଷି ହେଲା/ ପୃଥିବୀର ସବୁ ସୁନାରୁପା ଯା'ର ସୁନ୍ଦର ମୁହଁର/ ଅଖଳା ହସର ତଉଲରେ ହାରିଯାନ୍ତି/ ସିଏ ପୁଣି ଛନ୍ଦାହେଲା, ନିଶାଖୋର, ଦୋଭେଇ ବରରେ/ବର କୋଳି-ଠୋପା ଝାଡ଼ି ଦି' ଆଖିରୁ । ବିଦୁଲତା କହିଗଲା, 'ଅକାମୀ ଅଲୋଡ଼ାପରି/ଗୋରୁ ଛେଳିପରି/ଦେଇଦେଲେ କଂସେଇ ହାତରେ ।'' ('ବିଦୁଲତା', ନିୟତ ବସୁଧା, ପୃ. ୪୦ ପ୍ରତିଭା ଶତପଥୀ)

ନାରୀ ଜୀବନର ବିଷାଦ, ଅବିଶ୍ରାନ୍ତ କର୍ମମୟତା ଓ ଅବହେଳାପୂର୍ଣ୍ଣ ଜୀବନପ୍ରତି ନାରୀ କବିଟିଏ ସଂବେଦନାରେ ଆର୍ଦ୍ର ହୋଇଉଠେ । ନାରୀର ବିଭଂଗ ଅନ୍ତର ଓ ତଥାପି ସମ୍ମୋହିତ ଅନ୍ତର୍ମନ କବିଙ୍କ ଆଶ୍ୱାସଭରା ଲେଖନୀରେ ସମର୍ପଣର ପ୍ରଦୀପ ହୋଇ ଜଳୁଥିବାର ବୁଝିହୁଏ । ''ଆଉ ତୁମ ଭଙ୍ଗାରୁଜା ଚିତ୍ରଲିପି/ ଶେଷହୀନ ଜ୍ୟୋତ୍ସ୍ନାର ତୂଳୀରେ ସାଜିସୁଜି ଦେଇ ସମର୍ପିତ ବିଶ୍ୱାସର ଦୀପ ଜାଳୁଥାଏ/ ମାୟା ନାରୀଟିଏ'' । (ମାୟା ନାରୀ– ସଂ. ଅନ୍ୟସବୁ ପ୍ରତିଶ୍ରୁତି, ଇନ୍ଦୁ ମିଶ୍ର)

ନାରୀ ଦୁଃଖ ଯାତନାରେ ସନ୍ତୁଳି ହେଉଛି ସତ, ତଥାପି ତା'ର ଗୋଟିଏ ମହିମାମୟ ଅସ୍ତିତ୍ୱ ବଞ୍ଚି ରହିଛି । ଏହି ଅସ୍ତିତ୍ୱକୁ କବି ରୂପଦାନ କରିଛନ୍ତି । ସେ ଶାରଦେଶ୍ୱରୀ', ରାମକୃଷ୍ଣ ପରମହଂସଙ୍କ ପତ୍ନୀ ନୁହନ୍ତି, ଯଥାର୍ଥରେ, ବରଂ ସେ ଏପରି ଏକ ନାରୀ, ଯାହାଙ୍କ ସ୍ଥିତି 'ଈଶ୍ୱରୀ'ଙ୍କ ପଦବାଚ୍ୟ – ଏହି ଈଶ୍ୱରୀ ବେଦନାର ଛାୟାପଥରୁ ଓହ୍ଲାଇ ଆସନ୍ତି– ''ଈଶ୍ୱରୀ ଆସନ୍ତି ନିଜେ । ଈଶ୍ୱରୀ ବେଶରେ, ଢୋଲିଆ ବଜାଏ ବାଜା/ ବେଦନାର ଛାୟାପଥ ଦୋହଲାଇ ×× ମହାକାଳ ଅନ୍ତର୍ଭେଦୀ ଅମୃତରାଗରେ'' (ଶାରଦେଶ୍ୱରୀ, ସଂ. ଦେବୀପାଦ – ପ୍ରମୋଦ କୁମାର ମହାନ୍ତି, ପୃ. ୧୪) ।

ନାରୀ କେବଳ ଗୃହସ୍ୱାମିନୀ, ଶଯ୍ୟାସଙ୍ଗିନୀ ଭାବରେ ତିଷ୍ଠି ନାହିଁ । ନାରୀ ବି ହୋଇପାରେ କଳା-ସାଧିକା, କବି, ନର୍ତ୍ତକୀ, ଗାୟିକା, ଚିତ୍ରଶିଳ୍ପୀ । ତା'ହେଲେ ଜୀବନ ହୁଏ ଅଧିକ ଦୁର୍ବିସହ– ସେ ତା'ର ପ୍ରକୃତ ପ୍ରାପ୍ୟ ପାଏ ନାହିଁ । ତା'ର କଳାକୃତି ଉପଯୁକ୍ତ

Digitized by PPRACHIN, SOA

ମୂଲ୍ୟାୟିତ ହୁଏ ନାହିଁ । ଓଡ଼ିଶାର ପ୍ରସିଦ୍ଧ ନର୍ତ୍ତକୀ ସ୍ୱର୍ଗତା ସଂଯୁକ୍ତା ପାଣିଗ୍ରାହୀଙ୍କ ପ୍ରତି କବିଙ୍କର ସମ୍ବେଦନା ତାଙ୍କ ଅଭିମାନବୋଳା, ପ୍ରାୟ ଅବହେଳିତା କଳା ମୂର୍ତ୍ତିପ୍ରତି କବିଙ୍କ ଉଚ୍ଚାରଣ– ''ଏକଲା ତ ଥିଲ ତୁମେ ସବୁବେଳେ/ ତୁଳସୀ ଗଛଟିଏ ପରି/ ଓଡ଼ିଶାର ଘରଘରର ପ୍ରତ୍ୟେକ ଅଗଣାରେ । xxx ଆଜି ଆଷାଢ଼ର ବରଷା ଭିତରେ/ ତଳକୁ ମୁହଁ ପୋତି କିଏ ଜଣେ ହୋଇଛି ଠିଆ/ ମଣିଷ ନୁହଁ ସେ, ରାଜା ନୁହେଁ କି ମନ୍ତ୍ରୀ/ ଛାଇଟିଏ ବୋଧେ ତୁମର ବିରାଟ ଅଭିମାନର...'' (ଆଶ୍ୱାସନା, ସଂ. ଟିକିଏ ଛାଇ – ଜୟନ୍ତ ମହାପାତ୍ର)

ନାରୀ ପ୍ରତି ସଚେତନ ହେବାର, ନାରୀସତ୍ତାକୁ ଗୁରୁତ୍ୱ ଦେବାର ସମୟ ଉପଗତ । ନାରୀ ଏହା ହୃଦୟଙ୍ଗମ କରିଛି । ସକଳ ବିରୋଧ ଓ ବିଡ଼ମ୍ବନା ଅନ୍ତରାଳେ, ଅସହାୟତା ଭିତରେ ନାରୀ ବୁଝାଇ ଦେବାକୁ ଚାହେଁ ଯେ, ସେ ପଣ୍ୟ ନୁହେଁ । ତା'ର ମର୍ଯ୍ୟାଦା ଲୋଡ଼ା । ଶରୀର ବଦଳରେ ସେ ଅର୍ଥ ମାଗେ ନାହିଁ– ବରଂ ଶ୍ରଦ୍ଧା ଓ ବିଶ୍ୱାସ ଲୋଡ଼ିଥାଏ । ଅଭାବୀ ଝିଅଟିଏର ଅନ୍ତର୍ଗତ ପ୍ରତିବେଦନ କବିଙ୍କ ଭାଷାରେ ପ୍ରମୂର୍ତ୍ତ ହୁଏ । ପାମେଲା ନାମ୍ନୀ ଝିଅଟିଏ ଗଣମାଧ୍ୟମରେ ଚର୍ଚ୍ଚିତା, ହୁଏତ ଧର୍ଷଣର ଶିକାର ହେବା ତା' ଭାଗ୍ୟର ଲିପି । ମାତ୍ର ସେ ଏହାର ପ୍ରତିବାଦ କରିଛି, ଅତି ମାର୍ମିକ ତା'ର ଆବେଦନ । ''ଦୀର୍ଘଶ୍ୱାସ ଓ ହାହାକାରର କାଠିକୁଟାରେ ତିଆରି ମୁଁ/ ବସା ବାନ୍ଧିବ ତ ବାନ୍ଧ/ ଝଡ଼ିପଡ଼ିଥିବା ଖିଏ ବଣ ମହୁଲ ମୁଁ/ ମହୁ ନବ ତ ନିଅ/ ପାଉଣା ଦବ ? ଦିଅ ତେବେ ଶ୍ରଦ୍ଧା ଓ ବିଶ୍ୱାସ ।'' (ପାମେଲା-୨, ହୃଷୀକେଶ ମଲ୍ଲିକ)

ଏ ଯୁଗର ନାରୀ ଜାଗରଣ କାଳରେ, ସଶକ୍ତିକରଣର ପୃଷ୍ଠଭୂମିରେ କବି ନିରୀକ୍ଷଣ କରନ୍ତି ବିଧବା ରୂପ କନଓ୍ୱାରକୁ । ରୂପ କନ୍ଓ୍ୱାର ସାରା ଭାରତ ପ୍ରସିଦ୍ଧ ଏକ ନାୟିକା, ତରୁଣୀ ଯେ କି ପତିର ଚିତାଗ୍ନିରେ ଜଳିଯାଇଥିଲା । ଅବୈଧ ସତୀଦାହ ପ୍ରଥାର ଏକ ଅନ୍ଧବିଶ୍ୱାସଜନିତ ବର୍ବର କ୍ରିୟା ତଥାପି ଲୋକଲୋଚନକୁ ଆସିଲା ଓ ସାରା ଦେଶରେ ହୈ ଚୈ ଖେଳିଗଲା । ଏଭଳି ଏକ ଅମାନୁଷିକ କ୍ରିୟା ଯେ ଆମ ଶିକ୍ଷିତ, ଭଦ୍ର, ସ୍ୱାଧୀନ ସମାଜରେ ତଥାପି ଚଳୁଛି – ଏହାଦ୍ୱାରା ସଚେତନ ମଣିଷର ଅନ୍ତର ଲୋତକାପ୍ଲୁତ ହୋଇଉଠିଲା । କବି ଶତ୍ରୁଘ୍ନ ପାଣ୍ଡବ ରୂପଦେଲେ ସେହି ଯୁବତୀର ମର୍ମବେଦନାକୁ – ''ନିଆଁକୁ ମୁଁ କେତେ ଡରେ/ ତଥାପି ଘରକରଣା ନାଗି ମୋ ଦି' ପାଦକୁ ନିଆଁ ଚୁଲିରେ ତ ପୋଡ଼ିଥିଲି/ ଯେ ମୋତେ କ'ଣ ତା' ବାଧିଥିଲା ?/ ମୋ ହାତରୁ ତୁଟିଲା ଯେବେ ଶଙ୍ଖା ଚୁଡ଼ି ପଟପଟ/ ମୁଁ ଶୁଣିଲି, ଅଲକ୍ଷଣୀ, ପୋଡ଼ାମୁହାଁ, ଡାକ... xx ''ମୁଁ ଛାର ମୃଗୁଣୀ କାତର ଆଖିରେ ସ୍ତୁତି କଲି... ପାଦ ତ ପୋଡ଼ି ଥିଲା/ ତା' ପରେ ନିଆଁ ଆସି ମୋ ହାତ ଆଉ କପାଳ ପୋଡ଼ିଲା...''

(ସାବରମତୀ ସଂ. 'ରୂପ କନଓ୍ୱାରର ଅଗ୍ନିପ୍ରବେଶ', ୨୦୦୦ ଫ୍ରେଣ୍ଡସ୍ ପବ୍ଲିଶର୍ସ ପୃ. ୪୬) ।

Digitized by PPRACHIN, SOA

ଋତୁପର୍ଣ୍ଣା

ଋତୁପର୍ଣ୍ଣା ନାମ୍ନୀ ଜଣେ ସାଧାରଣ ଯୁବତୀ । ମାଆ ତା'ର ଝିଅପାଇଁ ସ୍ୱପ୍ନ ଦେଖୁଛି । ଝିଅଟେ ତା'ର ତା' ନିଜ ଭଳି ଆବଦ୍ଧ ଜୀବନ ବଞ୍ଚିବ ନାହିଁ, ସେ ମୁକ୍ତ ଜୀବନ ବଞ୍ଚିବ । ନିଜ ଇଚ୍ଛା, ଆଗ୍ରହ, ରୁଚିକୁ ନେଇ ଚଳିବ । ତା' ପାଇଁ ବାଧବାଧକତା ନ ଥିବ କିଛି । କିନ୍ତୁ ଯେ ସ୍ୱପ୍ନ ତା'ର ସ୍ୱପ୍ନରେ ହିଁ ରହେ । କାରଣ, ସେ ନିଜେ ଜୀବନ ଜଞ୍ଜାଳର ଚାପ ଓ ପାରମ୍ପରିକ ନାରୀତ୍ୱର ଦାବିରେ ନିଜକୁ ବି ବଳି ଦେଇଦିଏ । ହୁଏତ ସେ ବଳିପଡ଼େ ବୋଲି ନିଜେ ବି ବୁଝିପାରେନା । କ୍ରମଶଃ ନିଜର ସେହି ସଢ଼ଳ ମନର ଚାହିଦାକୁ ହରାଇ ବସେ । ମାତ୍ର ତା'ର ଅସହାୟତାକୁ ବୁଝିପାରନ୍ତି କବି ଗାୟତ୍ରୀବାଳା ପଣ୍ଡା – "ଝିଅକୁ ପକ୍ଷୀ କରିବ କ'ଣ/ ବୋଧେ ତା' ନିଜର ଡେଣା ଦୁଇଟି ଛିଡ଼ିପଡ଼ିଲା/ ଅଦିନିଆ ଝଡ଼ରେ/ କି କାଟି ଦିଆଗଲା ଡେଣାହଳକ/ପରମ୍ପରାର ବେଣ୍ଟଲଗା ଛୁରୀରେ– (ସ୍ତ୍ରୀଲୋକ-ଉଦ୍‌ଭାସ ପୃ. ୩୭) ଏବଂ ନାରୀ ଯେ ଆପଣାର ବ୍ୟକ୍ତିତ୍ୱକୁ ଜଳାଞ୍ଜଳି ଦେଇ ବଞ୍ଚିବା ଅଭ୍ୟାସ କରିଚାଲିଛି ଅଥଚ ତା'ର ବିଦ୍ରୋହ କରିବାର ମାନସିକତା ନାହିଁ, ବରଂ ଅବିଚାରକୁ ସହି ଯାଉଛି ଆପଣା କ୍ଷତର ଯନ୍ତ୍ରଣାକୁ ସହିନେଲା ଭଳି - "ସେ ହସୁଚି ବଞ୍ଚୁଛି ମାନେ ନୁହଁ/ ସେ ଦାୟିତ୍ୱକୁ ଦାୟିତ୍ୱ, କର୍ତ୍ତବ୍ୟକୁ କର୍ତ୍ତବ୍ୟ ଅନୁଶାସନକୁ ଅନୁଶାସନ ବୁଝି ବୁଝି ସନ୍ତୁଷ୍ଟ ରହିଯାଇଛି । xx ସେ ବିଦ୍ରୋହକୁ କାହିଁକି ବିଦ୍ରୋହ ବୋଲି ଚିହ୍ନିଲାନି/ ବିଷାଦକୁ କାହିଁକି ଡାକିଲା ନାହିଁ ବିଷାଦ । xx (ସ୍ତ୍ରୀଲୋକ- ଗାୟତ୍ରୀବାଳା ପଣ୍ଡା, ସୁଚରିତା ପୃ. ୩୫) ।

ଉପରୋକ୍ତ କାବ୍ୟିକ ସୃଜନର ବିଶ୍ଳେଷଣକାଳରେ ଲକ୍ଷ୍ୟ କରାଯାଇଛି ଯେ ନାରୀକୁ ମାତା, ମାତାମହୀ, ପତ୍ନୀ, କନ୍ୟା ଓ ସାଧାରଣୀ ଏବଂ ବିପ୍ଳବିଣୀ ଭାବେ ଚିତ୍ରିତ କରିବା କାଳରେ ନାରୀ କବି ଓ ପୁରୁଷକବିଙ୍କ ରଚନାରେ ଆବେଗ ଓ ଆନ୍ତରିକତାର ତାରତମ୍ୟ ରହିଛି । ପୁରୁଷ ଯେତେବେଳେ ନିଜ କବିତାରେ ଅନୁଭବର ଚିତ୍ର ଆଙ୍କିଛି, ସେ ଅନୁଭବ ଅନ୍ତରଙ୍ଗ ନିଶ୍ଚୟ, ମାତ୍ର ତହିଁରେ ଚରିତ୍ରର ବିଶ୍ଳେଷଣ ଓ ନିରୀକ୍ଷଣର ସ୍ୱର ଭିନ୍ନ । ନାରୀ ଯେବେ ଉପରୋକ୍ତ ଭୂମିକାରେ ଉପନୀତ ନାରୀମାନଙ୍କୁ ଅବଲୋକନ କରିଛି, ତହିଁରେ ନାରୀ ଭୂମିକାର ଅନ୍ତର୍ମନର ଚିତ୍ର ଅଧିକଭାବେ କରୁଣ ଓ ହୃଦୟଗ୍ରାହୀ ହୋଇପାରିଛି । ମା' ଭାବରେ, କନ୍ୟା ଭାବରେ ବା ସାଧାରଣୀ, ବିପ୍ଳବିଣୀଭାବରେ ନାରୀର ଭୋଗାଭୋଗକୁ ଅଧିକ ନିବିଷ୍ଟତା ସହ ଲକ୍ଷ୍ୟ କରିଛନ୍ତି ନାରୀକବିଗଣ । ବିଭିନ୍ନ ଭୂମିକାରେ ନାରୀ ମନର ଶୂନ୍ୟତା, ଅପ୍ରାପ୍ତି, ଅବହେଳା ପ୍ରତି ନାରୀକବିମାନେ ଅଧିକ ସହାନୁଭୂତିଶୀଳା ବୋଲି ବୁଝି ହେଉଛି । କାରଣ ନାରୀର ଦୁର୍ଭାଗ୍ୟ, ତା'ର ଅସହାୟତା ପ୍ରତି ପୁରୁଷଠାରେ ବିଶେଷ ସଚେତନତା ଲକ୍ଷ୍ୟ କରାଯାଏ ନାହିଁ । ହୁଏତ ନାରୀର ସକଳ ଦୁର୍ଭୋଗକୁ ପୁରୁଷ ଯଥାର୍ଥଭାବେ ଅନୁଭବ କରିପାରେ ନାହିଁ । ମାତ୍ର ନାରୀ ଅନେକତ୍ର ନିଜେ ଭୁକ୍ତଭୋଗୀ । ତେଣୁ ସୂକ୍ଷ୍ମଦୃଷ୍ଟିରେ ସେ ନାରୀ ଅଭ୍ୟନ୍ତରକୁ ଅବଲୋକନ କରେ । କେତେକ ପୁରୁଷ କବି

Digitized by PPRACHIN, SOA

ନାରୀପ୍ରତି ସମ୍ବେଦନଶୀଳତା ପ୍ରକାଶ କରନ୍ତି ଓ ନାରୀଠାରେ 'କାୟାପ୍ରବେଶ' କରି ସ୍ୱରଚିତ କବିତାରେ ତା'ର ହୃଦ୍ୟ ରୂପଟିଏ ଆଙ୍କିପାରନ୍ତି । ମାତ୍ର ସାଧାରଣତଃ ସେମାନେ ନାରୀ ଚରିତ୍ରର ତ୍ୟାଗ, ସେବା ଓ ସମର୍ପଣର ଜୟଗାନ କରିଥାନ୍ତି । ଏସବୁ ଗୁଣ ଓ କର୍ମର ଅନ୍ତରାଳରେ ଯେଉଁ ନାରୀଟି ଛଟପଟ, ବିଷଣ୍ଣ ହେଉଥାଏ, ଅନିଭୋଗରେ ଲୋଟିଯାଏ, ସେଥିପ୍ରତି ପୁରୁଷକବିମାନେ ଅଧିକାଂଶତଃ ଯଥେଷ୍ଟ ଧ୍ୟାନଶୀଳ ହୁଅନ୍ତି ନାହିଁ । ମାତ୍ର ନାରୀ କବିଗଣ ସେହି ଅବସ୍ଥା ଓ ଦୁରବସ୍ଥା ପ୍ରତି ଧ୍ୟାନଶୀଳ । ତେଣୁ ଅନେକତ୍ର ସହାନୁଭୂତି ଓ ଶ୍ଳେଷ ମାଧ୍ୟମରେ ସେମାନେ ସେହି ମାଆ, ସାଆଁତମା', କନ୍ୟା ଓ ସାଧାରଣୀଙ୍କ ମର୍ମବାଣୀ ପ୍ରକାଶ କରିଥାନ୍ତି । ପୁରୁଷ ଯେଉଁ ପତ୍ନୀର ତ୍ୟାଗ ଓ ସମର୍ପଣରେ ବିହ୍ୱଳ ହୋଇଉଠେ, ହୁଏତ ସେହି ପତ୍ନୀର ମନଗହନର ବ୍ୟଥା ଓ ବିସ୍ୱାଦକୁ ଯଥାର୍ଥଭାବେ ପୁରୁଷ ପ୍ରକଟ କରିପାରେ ନାହିଁ, ବରଂ ନାରୀକବି ହିଁ ପ୍ରକଟ କରିଥାଏ । ତେବେ ପତ୍ନୀ ବା ପ୍ରେମିକା ଭାବରେ ନାରୀ ମନର ବିଶ୍ଳେଷଣ ଏହାର ପରବର୍ତ୍ତୀ ଅଧ୍ୟାୟରେ ଉପସ୍ଥାପନ କରାଯାଉଛି । ସର୍ବଶେଷରେ କହିହେବ ଯେ ନାରୀକବିମାନଙ୍କ ରଚନାରେ ନାରୀର ବିଭିନ୍ନ ରୂପର ଆଭ୍ୟନ୍ତରୀଣ ଜଗତ ଅଧିକ ମାର୍ମିକ, ଜୀବନ୍ତ ଓ ବାସ୍ତବଭାବେ ପରିସ୍ଫୁଟ ହୋଇପାରିଛି ।

Digitized by PPRACHIN, SOA

ତୃତୀୟ ଅଧ୍ୟାୟ

ନାରୀ ଓ ପୁରୁଷ ମଧ୍ୟରେ ସଂପର୍କର ଦ୍ୱନ୍ଦ୍ୱାତ୍ମକ ବିଭାବ ଓ ବିବର୍ତ୍ତିତ ଓଡ଼ିଆ ପ୍ରେମକବିତାରେ ଏହାର ବିକାଶର ଅନୁଶୀଳନ

ପ୍ରେମ ଓ ଉଜ୍ଜୀବନ

କବିତାରେ ଆବେଗର ଅପରିହାର୍ଯ୍ୟ ଉପସ୍ଥିତିକୁ ଲକ୍ଷ୍ୟକରି ଏକ ପ୍ରବାଦ ରହିଛି– 'Every Young is a Poet'. କୈଶୋର ଓ ଯୌବନ କାଳରେ ପ୍ରତିଟି ସଚେତନ, ସ୍ପନ୍ଦିତ ପ୍ରାଣରେ କବିତାର ଉନ୍ମେଷ ଘଟିଥାଏ । କବିତା ଆବେଗ-ଘନ ମୁହୂର୍ତ୍ତର ଅନୁଭବ ଏବଂ ଏହା ବାସ୍ତବତାର ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସହ ସାଲିସ କରି ପ୍ରକଟିତ ହେଉଥିବା ହେତୁ ତରୁଣପ୍ରାଣର ପ୍ରେମାବେଗ ଓ ସେହି ସଂପର୍କିତ ଉପଲବ୍ଧିରାଜି, ଯଥା– ହର୍ଷ, ବିଷାଦ, ମିଳନ, ବିରହ, ତ୍ୟାଗ ଓ ପ୍ରତାରଣା ଆଦି ବିଭିନ୍ନ ଭାବ ପ୍ରେମାବେଗ ମାଧ୍ୟମରେ ପ୍ରମୂର୍ତ୍ତ ହୋଇଥାଏ । ପ୍ରେମ ମାନବହୃଦୟର ସବୁଠାରୁ ତୀବ୍ର ଓ ମହତ୍ତମ ଭାବାବେଗ, ମାନବର ଚେତନାକୁ ଅନ୍ଦୋଳିତ କରୁଥିବା ଏକ ବିଶେଷ ସ୍ଥିତି, ତେଣୁ ମନୁଷ୍ୟମାତ୍ରେ ପ୍ରେମ ପ୍ରତି ଉନ୍ମୁଖ । ଜୈବିକ ସ୍ଥିତିରୁ ନିରୀକ୍ଷଣ କଲେ ଏହି ପ୍ରେମ ହିଁ ପଶୁପକ୍ଷୀଠାରୁ ମନୁଷ୍ୟକୁ ପୃଥକ୍ ରୂପେ ଚିହ୍ନିତ କରିଥାଏ । ସୃଷ୍ଟିର ନିୟମାନୁସାରେ ସୃଜନର ଆବଶ୍ୟକତାକୁ ନେଇ ପ୍ରତ୍ୟେକ ପ୍ରାଣୀ (Speci) ବିପରୀତ ଲିଙ୍ଗ ପ୍ରତି ଆକୃଷ୍ଟ ହୋଇଥାନ୍ତି । ବିଶ୍ୱରେ ମନୁଷ୍ୟ ସୃଷ୍ଟିର ପ୍ରାରମ୍ଭ କାଳରେ ଆଦାମ୍ ଇଭ୍ ଉପାଖ୍ୟାନକୁ ଆମେ ସମସ୍ତେ ଊଣା ଅଧିକେ ଅବଗତ ହୋଇଛେ । ବିପରୀତ ଲିଙ୍ଗ ପ୍ରତି ଆକର୍ଷଣ ସର୍ଜନର ଏକ ଚିରାଚରିତ ହେତୁ । ମନୁଷ୍ୟପାଇଁ ଏହିହେତୁ ବଳବତ୍ତର ନିଶ୍ଚୟ । କିନ୍ତୁ ମଣିଷ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ହୋଇଥିବାରୁ କେବଳ ଜୈବିକ ଆବଶ୍ୟକତା ମଧ୍ୟରେ ତା'ର ପ୍ରେମ ସୀମିତ ରହେ ନାହିଁ । ଶରୀରଠାରୁ ଭିନ୍ନ ସୂକ୍ଷ୍ମତର ମନ ଏବଂ ଚେତନାଗତ ସ୍ତରରେ ମଣିଷର ପ୍ରେମ ସଂପର୍କର ଆଦାନପ୍ରଦାନ ଘଟିଥାଏ । କବି ଯେହେତୁ ଏକ ସଂବିତ୍ତିସଂପନ୍ନ ବ୍ୟକ୍ତି ଓ ହୃଦୟବୃତ୍ତିର ରୂପକାର, ପ୍ରେମ ବା ଭଲପାଇବାକୁ ନେଇ ସେ ବହୁବିଧ ଅନୁଭବର ଭୂମିରେ ଉପନୀତ ହୋଇଥାଏ ।

ସମୟ ଥିଲା, ଯେତେବେଳେ ନାରୀ ନିଜ ପ୍ରେମାବେଗର ସମଗ୍ର ପରିସରକୁ ରୁଦ୍ଧ କରି, ପରିବାର ଓ ସମାଜରେ ଏକ ଶରୀର ମାତ୍ର– ଧାରିଣୀ ସତ୍ତାରୂପେ ତିଷ୍ଟି ରହି

Digitized by PPRACHIN, SOA

ଆସୁଥିଲା । ତା'ର ଯେ ଭାବ ଓ ଚେତନାଗତ ଜଗତଟିଏ ଅଛି, ଏଥିପ୍ରତି ସେ ନିଜେ ମଧ୍ୟ ସଚେତନ ନ ଥିଲା । ଯଦିବି ସେ ନିଜ ବିଷୟରେ ଧ୍ୟାନ ଦେବାକୁ ଆରମ୍ଭ କରୁଥିଲା କେହି ତାକୁ ସ୍ୱୀକୃତି ଦେଉ ନ ଥିଲେ, ଅନ୍ୟପକ୍ଷରେ ତାକୁ ନିନ୍ଦା ଓ ଅପଯଶର ଶିକାର ହେବାକୁ ପଡୁଥିଲା । ନିଜ ଅସଫଳ ଭଲପାଇବାର ବୋଝ ବୋହି ନାରୀଟି ଅତି ସନ୍ତର୍ପଣରେ ଜୀବନ ଅତିବାହିତ କରୁଥିଲା । କେବେ ବା ପୁରୁଷର ନଗ୍ନକାମନାର ଅଗ୍ନିରେ ଝାସଦେଇ, ନିର୍ଯାତନା ଭୋଗି ଅସମୟରେ ନିଜ ଜୀବନର ଅନ୍ତ ଘଟାଉଥିଲା । ଶିକ୍ଷା ଓ ଉପାର୍ଜନ ଅଭାବରେ ପରମୁଖାପେକ୍ଷୀ ହୋଇ ଜୀବନ ବିତାଉଥିଲା । ମାତ୍ର ବିଂଶ ଶତକର ଶେଷାର୍ଦ୍ଧକୁ ଭାରତୀୟ ତଥା ଓଡ଼ିଶାର ନାରୀସମାଜ ଶିକ୍ଷା ସଚେତନତା ଦିଗରେ ଅଗ୍ରସର ହେବାରେ ଲାଗିଲେ । ସ୍ୱାଧୀନତା ସଂଗ୍ରାମ ନିମିତ୍ତ ଗାନ୍ଧିଜୀଙ୍କ ଆହ୍ୱାନରେ ବହୁଯୁଗରୁ ନିଜକୁ ଭୁଲିଥିବା ନାରୀ ନିଜ ଶକ୍ତି ସଂପର୍କରେ ଜାଗ୍ରତ ହେଲା । ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ନାରୀମାନେ ଇଂରେଜ ସରକାର ବିରୋଧରେ ଲଢ଼ିଲେ । ପଦଯାତ୍ରା କଲେ, ଲୁଣ ମାରିଲେ, ବିଦେଶୀ ବସ୍ତ୍ର ପୋଡ଼ିଲେ, ମଦଦୋକାନ ସାମ୍ନାରେ ପିକେଟିଂ କଲେ । ଏସବୁ କାର୍ଯ୍ୟରେ ନାରୀମାନଙ୍କ ଅପରିହାର୍ଯ୍ୟ ସହଯୋଗ ସେମାନଙ୍କୁ ଆଶାୟୀ କରି ଗଢ଼ିଲା । ତା'ସହ ବିଧବା ବିବାହର ପ୍ରଚଳନ, ବାଲ୍ୟବିବାହ ପ୍ରଥାର ଉଚ୍ଛେଦ ଓ ଶାରଦା ଆଇନ୍ ବଳରେ ବିବାହ ବୟସ ନିର୍ଦ୍ଧାରଣ ପରବର୍ତ୍ତୀକାଳରେ ଯୌତୁକ ବିରୋଧୀ ଆଇନର ପ୍ରଚଳନ, ବିନା ବିଚାରରେ ଯୌତୁକ-ନିର୍ଯାତନାକାରୀଙ୍କୁ ଜେଲ୍‌ଦଣ୍ଡ ଇତ୍ୟାଦି ନାରୀମାନଙ୍କ ସୁରକ୍ଷା ଓ ଜାଗୃତି କ୍ଷେତ୍ରରେ ସକାରାତ୍ମକ ପରିବେଶ ସୃଷ୍ଟି କଲା ।

ନିଜ ବିପକ୍ଷରେ, ସମାଜ ଓ ପରିବାର ସ୍ତରରେ ଘଟୁଥିବା ଅବିଚାର, ଅନ୍ୟାୟ ଓ ପାତର ଅନ୍ତରକୁ ନାରୀମାନେ ବୁଝିବାକୁ ସକ୍ଷମ ହେଲେ । ଏହା ସହିତ ଆର୍ଥିକ ସ୍ୱାବଲମ୍ବନଶୀଳତା ସେମାନଙ୍କୁ ସାହସ ଓ ଉତ୍ସାହ ଯୋଗାଇଲା । ଫଳରେ ନିଜ କଥା ସ୍ପଷ୍ଟଭାବେ ଉଚ୍ଚାରଣ କରିବାକୁ ସେମାନେ ସାହସ ବାନ୍ଧିଲେ । ବିଶେଷକରି ବିବାହଜନିତ ଅସଫଳତା ଓ ନିର୍ଯାତନାକୁ ସେମାନେ ଚିହ୍ନିପାରିଲେ । କିଶୋରୀ ଓ ତରୁଣୀ ମନର ଆବେଗପ୍ରବାହକୁ ପରିଚାଳିତ କରିବାର ଆବଶ୍ୟକତା ସେମାନେ ହୃଦୟଙ୍ଗମ କଲେ, ନିଜ ସ୍ୱରରେ ନିଜ ମନ ଅଭ୍ୟନ୍ତରର ଉପଲବ୍‌ଧିକୁ ସାକାର କରିବାକୁ ସେମାନେ ଭାଷା ଲୋଡ଼ିଲେ । ପୁରୁଷକବି ଓ ନାରୀକବି ସ୍ୱପ୍ରେମୋପଲବ୍‌ଧିକୁ ଅଭିବ୍ୟକ୍ତ କରିବାରେ ଲାଗିଲେ । ଯୁଗରୁଚିର ପରିବର୍ତ୍ତନ ଅନୁସାରେ, ଉପଭୋକ୍ତା ସମାଜର ଦାବିରେ ଏବଂ ଅପେକ୍ଷାକୃତ ଏକ ଉଦାର ପାରିବାରିକ ସ୍ଥିତି ହେତୁ ପ୍ରେମ କବିତା ରଚନାରେ ନାନା ବୈଚିତ୍ର୍ୟ ଦେଖାଦେଲା । ଯେଉଁ ପୁରୁଷ କବିଗଣ ନିଜ ପ୍ରେମାବେଗକୁ ବିଭିନ୍ନ ପ୍ରତୀକ ମାଧ୍ୟମରେ ଅବଗୁଣ୍ଠିତ କରି ପରୋକ୍ଷଭାବେ ପ୍ରକଟ କରୁଥିଲେ, ସେମାନେ କ୍ରମଶଃ ପ୍ରତ୍ୟକ୍ଷଭାବେ, ନିବିଡ଼ ଓ ଗଭୀର ଭାବେ ତଥା ସ୍ପଷ୍ଟ ଭାବରେ ଆପଣାର ବିରହ, ମିଳନ, ଆଶା, ଆକାଙ୍‌କ୍ଷା ତଥା ନାରୀପ୍ରତି ସ୍ୱଆବେଗାତ୍ମକ ମନୋଭାବର ପରିପ୍ରକାଶ

Digitized by PPRACHIN, SOA

ଘଟାଇଲେ । ନାରୀକବିଗଣ ନିଜ ଅନୁଭବ ପ୍ରତି ନିଷ୍ଠାପରତାର ସୂଚନା ପ୍ରଦାନ କରିବା ସହିତ ବିଚ୍ଛେଦ, ମିଳନ, ତ୍ୟାଗ ଓ ପ୍ରତାରଣାର ବିବିଧ ସ୍ୱରକୁ ଉଚ୍ଚାରଣ କଲେ ।

ଏହି ପରିପ୍ରେକ୍ଷୀରେ ୧୯୭୫ରୁ ୨୦୦୦ ମସିହା ମଧ୍ୟରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସଂରଚିତ ପ୍ରେମକବିତା ମଧ୍ୟରେ ପୁରୁଷ ଓ ନାରୀ ପ୍ରାଣର ଆବେଗ ଅନୁଭବ, ଗ୍ରହଣ, ବର୍ଜନ, ମିଳନ, ବିରହ, ନିଷ୍ଠା ଓ ପ୍ରତାରଣାର ଚିତ୍ର ଦେଖିବାକୁ ମିଳିଲା । ମାତ୍ର ପୁରୁଷ କବିଙ୍କ କବିତା ମଧ୍ୟରେ ନାରୀ ପ୍ରତି ଯେଉଁ ଦୃଷ୍ଟିକୋଣ ପୋଷଣ କରାଯାଉଥିଲା, ସେଥିରେ ଥିଲା ପୂର୍ବପ୍ରଚଳିତ କିଛି ଏକଦେଶଦର୍ଶୀ ସ୍ୱାର୍ଥପରତା, ଦାବି ଓ ଅଧିକାରର ଉପସ୍ଥାପନା । ତଥାପି କେତେକ ସ୍ଥଳରେ ପ୍ରେମାସ୍ପଦାର ସନ୍ନିଧିରେ ଠିଆହୋଇ, ତା'ର ହାତଧରି ସୁରକ୍ଷାଦେବା ଓ ସସମ୍ମାନତାକୁ ଗ୍ରହଣ କରିନେବା, ପ୍ରେମିକାପାଇଁ ଆବଶ୍ୟକସ୍ଥଳେ ସ୍ୱାର୍ଥତ୍ୟାଗ କରିବା ପୁରୁଷଙ୍କ କବିତାରେ ଅନେକତ୍ର ପରିଦୃଷ୍ଟ ହେବାରେ ଲାଗିଲା । ମାତ୍ର ଏହା ସହିତ କେତେକ ପୁରୁଷ-ପ୍ରଧାନ ଅହମିକାର ସ୍ଫୁରଣ ମଧ୍ୟ ଦେଖିବାକୁ ମିଳିଲା । ଭଲ ପାଇବାର ପିଚ୍ଛିଳ ପଥରେ ଅସତର୍କଭାବେ ପାଦ ଥୋଇ ପୁଣି ପରାଙ୍ମୁଖ ହେବା, ପୁରୁଷପକ୍ଷେ ଯେତିକି ସହଜ, ନାରୀ ପକ୍ଷରେ ସେତିକି ସହଜ ନୁହେଁ । ଅଥଚ ପ୍ରେମମୟ ଯାତ୍ରା ପଥରେ ନାରୀ ଅଧିକ ସାହସିନୀ ଓ ଜୀବନୋତ୍ସର୍ଗ ନିମିତ୍ତ ଅବଲୀଳାକ୍ରମେ ପ୍ରସ୍ତୁତ ହୋଇଥାଏ । ତ୍ୟାଗ ତା'ର ନିଜସ୍ୱ ଗୁଣ ହୋଇଥିବାରୁ ପ୍ରେମ ସଂପର୍କରେ ନାରୀ ଅଧିକ ରୋକ୍‌ଠୋକ୍ । ଆଲୋଚ୍ୟ କାଳର ପ୍ରେମ କବିତାକୁ ଅନୁଧ୍ୟାନ କଲେ ପୁରୁଷକବି ଓ ନାରୀକବିଙ୍କ ଚେତନା ଭେଦରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇପାରିବ । ତାହାର ବିଚାର-ଆଲୋଚନା ଏହି ଅଧ୍ୟାୟରେ ଉପସ୍ଥାପନ କରାଯାଇଛି ।

ଏକଦା ନାରୀ ଥିଲା ଯଥାର୍ଥରେ ଜୀବନର ବିପୁଳ ସଂଭାବନାରୁ ବଞ୍ଚିତା । ପୁରୁଷ ଥିଲା ତା'ର ଉଦ୍ଧାରକର୍ତ୍ତା । ସମାଜ ଓ ପରିବାରରେ ପୁରୁଷକୁ ନେଇ ନାରୀର ସ୍ଥିତିକୁ ବିଚାର କରାଯାଉଥିଲା । କିନ୍ତୁ ଆଲୋଚ୍ୟକାଳରେ ଆଜି ଜୀବନ ବିକାଶର ପ୍ରତ୍ୟେକ ପର୍ଯ୍ୟାୟରେ, ପ୍ରତିଟି ପରିସରରେ ନାରୀର ସହଯୋଗ ଅପରିହାର୍ଯ୍ୟ ହୋଇପଡ଼ିଛ । ସେ ମଧ୍ୟ ନିଜର ସ୍ୱାତନ୍ତ୍ର୍ୟ ଓ ବିପୁଳ ପରାକାଷ୍ଠା ପ୍ରତିପାଦିତ କରିପାରିଛି । ଏକଦା ହିନ୍ଦୀ-ସାହିତ୍ୟର ବିଶିଷ୍ଟ କବି, ଜ୍ଞାନପୀଠ ପୁରସ୍କାର ବିଜେତା ରାମଧାରୀ ସିଂହ ଦିନକର ତାଙ୍କ 'ଉର୍ବଶୀ' କାବ୍ୟରେ ନାରୀର ପ୍ରେମକୁ ବିଶ୍ଳେଷଣ କରି ଯେଉଁ ମନ୍ତବ୍ୟ ଦେଇଥିଲେ– ତାହା ନିମ୍ନୋକ୍ତମତେ ବୁଝାଯାଇପାରେ ଯେ ପ୍ରେମରେ ନାରୀର ଦାୟିତ୍ୱ ଅଧିକ । ତେଣୁ ପ୍ରେମର ଦେହ ସଂଭୋଗ ଦିଗ ପ୍ରତି ସେ କୁଣ୍ଠିତ ଓ ଅସଂପୃକ୍ତ ରହିବାକୁ ପ୍ରାଣପଣେ ଚେଷ୍ଟା କରେ । କାରଣ, ଶାରୀରିକ ମିଳନ କ୍ଷେତ୍ରରେ ନାରୀ ହିଁ ଦାୟବଦ୍ଧ ହୁଏ । ତାଙ୍କ କାବ୍ୟ ପଙ୍‌କ୍ତିରେ – 'ଯୋ ଭୀ କରତା ପ୍ରେମ୍, ଉସ୍‌କୋ ମାତା ବନନା ହୋତା ହୈ ।'' ମାତ୍ର ଆଲୋଚ୍ୟ କାଳରେ ସାମାଜିକ ତଥା ନୈତିକ ଆଇନ୍ ବଳବତ୍ତର ହୋଇ କୁମାରୀମାତାଙ୍କ ସପକ୍ଷରେ ସେମାନଙ୍କୁ ପ୍ରଚୁର ସୁରକ୍ଷା ଯୋଗାଇପାରିଛି । ନାରୀ ମଧ୍ୟ ସନ୍ତାନସମ୍ଭବା

Digitized by PPRACHIN, SOA

ହେବାର ଇଚ୍ଛାକୁ ନିଜ ଆୟତ୍ତରେ ରଖିପାରିଛି । ବହୁଦୃଷ୍ଟିରୁ ପ୍ରେମାନୁଭବକୁ ସଫଳ କରିବା ଦିଗରେ ପୁରୁଷ ଭଳି ନାରୀ ମଧ୍ୟ ସ୍ୱାଧୀନ ଓ ଦାୟିତ୍ୱମୁକ୍ତ ରହିପାରିଛି, କିନ୍ତୁ ନାରୀର ମାତୃତ୍ୱ ଏବେବି ତା'ର ଅନ୍ତଃକରଣକୁ କେତେକାଂଶରେ ସତର୍କ ଓ ଦାୟିତ୍ୱସଂପନ୍ନ କରିରଖିଛି ।

ବିଂଶ ଶତକର ଶେଷ ଏବଂ ଏଠାରେ ଆଲୋଚ୍ୟକାଳକୁ ପ୍ରେମ ଅବମୂଲ୍ୟାୟିତ ହୋଇଛି ଓ ଏହି ଅବମୂଲ୍ୟାୟନ କ୍ରମଶଃ ବଢ଼ି ବଢ଼ି ଚାଲିଛି । ଯୁବକ ଯୁବତୀଙ୍କ ମଧ୍ୟରେ ଅଙ୍କୁରିତ ଓ ବିକଶିତ ପ୍ରେମ ପୂର୍ବକାଳରେ ତ୍ୟାଗ ଉପରେ ପର୍ଯ୍ୟବସିତ ହେଉଥିଲା । ସତ୍ତାର ସର୍ବାଂଶକୁ ପ୍ରେମ ଆବୋରି ରଖିଥିଲା ଓ ପ୍ରେମୀଯୁଗଳ ଏଥିନିମିତ୍ତ କ୍ଷୁଦ୍ରସ୍ୱାର୍ଥକୁ ଜଳାଞ୍ଜଳି ଦେଉଥିଲେ । ପ୍ରେମିକା ନିମନ୍ତେ ରାଜପୁତ୍ରମାନେ ସିଂହାସନ ପରିତ୍ୟାଗ କରିଯିବାର ଦୃଷ୍ଟାନ୍ତ ବିଶ୍ୱ ଇତିହାସରେ ବିରଳ ନୁହେଁ । ଭାରତୀୟ ପୁରାଣରେ ରାଜକନ୍ୟା ଭିକ୍ଷୁକର ହାତ ଧରିଯିବାର ଦୃଷ୍ଟାନ୍ତ ମଧ୍ୟ ରହିଛି । ପ୍ରେମ ପରି ମହତ୍ତମ ଆବେଗ ଅନ୍ତରକୁ ସିକ୍ତ କରିବା କାଳରେ ପ୍ରେମିକ ପ୍ରେମିକା ପରସ୍ପରକୁ ପାଇବା ନିମନ୍ତେ ବ୍ୟାକୁଳ ହୁଅନ୍ତି ଓ ସେମାନଙ୍କ ସମ୍ମୁଖରେ ଅର୍ଥ, ଯଶ, ଜାତି ଇତ୍ୟାଦିର ବିଚାର ଅବାନ୍ତର ହେବା ସ୍ୱାଭାବିକ । ମାତ୍ର ଆଲୋଚ୍ୟକାଳରେ ପ୍ରେମିକ ଅପେକ୍ଷାକୃତ ଧନଶାଳୀ କନ୍ୟାଟିକୁ ବିବାହକରି ଆପଣା ପ୍ରେମକୁ ଜଳାଞ୍ଜଳି ଦେଉଛି ଓ ଠିକ୍ ସେହିପରି ଯୁବତୀଟିଏ ଆପଣାର ପ୍ରେମିକର ଆର୍ଥିକ ସ୍ଥିତି ଭଲ ନ ଥିଲେ ଅନ୍ୟତ୍ର ବିବାହ କରିବାକୁ କୁଣ୍ଠା ପ୍ରକାଶ କରୁ ନାହିଁ । ପ୍ରେମିକ ପ୍ରେମିକା ପରସ୍ପରର ନିକଟରେ କରିଥିବା ଶପଥ ଅଳୀକ ହୋଇପଡୁଛି । ଏହିଭଳି ବସ୍ତୁତାନ୍ତ୍ରିକତା 'ପ୍ରେମ' ରୂପକ ମହତ୍ତମ ଆବେଗକୁ ଶ୍ୱାସରୁଦ୍ଧ କରିବାକୁ ତତ୍ପର ହୋଇଛି । ଏଭଳି ସମୟରେ 'ପ୍ରତାରଣା' ଶବ୍ଦଟି ଯାହା ମୂଳରୁ ପୁରୁଷ ନିକଟରେ ହିଁ ଥିଲା, ଏବେ ନାରୀ ମଧ୍ୟ ପ୍ରତାରଣା କରିବାକୁ ପଶ୍ଚାତ୍ପଦ ହେଉ ନାହିଁ । ଏତଦ୍‌ସତ୍ତ୍ୱେ ଲକ୍ଷ୍ୟ କରାଯିବ ଯେ, ପ୍ରେମାବେଗର ପରିପ୍ରକାଶ କ୍ଷେତ୍ରରେ ପୁରୁଷ ଯେତିକି ମୁକ୍ତ, ନାରୀ ତା'ର ଦାବି ସାବ୍ୟସ୍ତ କରିବାରେ ସେତିକି ଅଧିକ ସଂଯତ, ସଂଭ୍ରମଶୀଳା ଏବଂ ସର୍ବସ୍ୱତ୍ୟାଗ କରିବା ନିମିତ୍ତ ପ୍ରସ୍ତୁତ ।

ଏହାସତ୍ତ୍ୱେ ସ୍ୱୀକାର କରିବାକୁ ହେବ ଯେ ପ୍ରେମ ହିଁ ମଣିଷର ଜୀବନ ବଞ୍ଚିବାର ସ୍ୱପ୍ନକୁ ଉଜ୍ଜୀବିତ କରିଥାଏ । କବିର ସ୍ୱପ୍ନ ଏକ ସୁନ୍ଦର ଜଗତ ଓ ଜୀବନର ନିର୍ମାଣପାଇଁ ସତତ ଉନ୍ମୁଖ ରହିଥାଏ । ପୁରୁଷପାଇଁ ନାରୀ ହେଉଛି ପ୍ରେରଣାଦାତ୍ରୀ, ସ୍ମୃତିର ଏକ ମହାର୍ଘ ସଞ୍ଚୟ ଓ ତା'ର ପୌରୁଷକୁ ସାର୍ଥକ କରିବାର ଏକ ଅବଲମ୍ବନ । ନାରୀର ପ୍ରେମ ସମ୍ରାଟ୍, ଯୋଦ୍ଧା ଓ ଭିକ୍ଷୁକ ନିର୍ବିଶେଷରେ ପୁରୁଷକୁ ମହିମାମଣ୍ଡିତ କରିଥାଏ ଓ ତା'ର ଜୀବନ ସ୍ପୃହାକୁ ବର୍ଣ୍ଣମୟ କରି ତୋଳିଥାଏ । ଜ୍ଞାନପୀଠ ପୁରସ୍କାର ବିଜୟୀ କବି ଦିନକର ଯଥାର୍ଥରେ କହିଛନ୍ତି– ''ଔର ବକ୍ଷକୀ କୁସୁମକୁଂଜ/ସୁରଭିତ ବିଶ୍ରାମଭବନ ୟେ/ଯହାଁ ମୃତ୍ୟୁକା ପଥିକ ଠହର କର/ ଶ୍ରାନ୍ତି ଦୂର କରତା ହେ ।''

Digitized by PPRACHIN, SOA

ପୁରୁଷର ଜୀବନଯୁଦ୍ଧର ସକଳ ଶ୍ରାନ୍ତି ପ୍ରିୟ ନାରୀର ସାନ୍ନିଧ୍ୟରେ ଦୂର ହେବାପରି, ନାରୀଜୀବନର ସକଳ ବିଡ଼ମ୍ବନା ପ୍ରିୟପୁରୁଷର ସାନ୍ନିଧ୍ୟରେ ଅପସରିଯାଏ । ଏହା ଏକ ଚିରନ୍ତନ ସତ୍ୟ । ଏହି ପ୍ରେମ ବର୍ତ୍ତମାନରେ ଯେତିକି ସମ୍ମୋହିତ କରିଥାଏ, ଅବର୍ତ୍ତମାନରେ ଏହାର ସ୍ମୃତି ତା'ଠାରୁ ଅଧିକ ଉଦ୍‌ବୁଦ୍ଧ ଓ ଅନୁପ୍ରେରିତ କରିଥାଏ । କବି ନନ୍ଦକିଶୋର କହିଛନ୍ତି – ''ସହଜେତ ପ୍ରେମ ଅତି ମଧୁର/ପ୍ରେମ-ସ୍ମୃତି ଆହା ତହୁଁ ମଧୁର ।'' ପୁନଶ୍ଚ ପାଶ୍ଚାତ୍ୟ କବିଙ୍କ ମତରେ–''Love rules the court,

The camp, the grove
Men below and saints above
For love is heaven and heaven is love.''

କିନ୍ତୁ ବିଗତ ଶତାବ୍ଦୀ (ବିଂଶ)ର ଶେଷାର୍ଦ୍ଧରେ ପ୍ରେମ କ୍ରମେ ତା'ର ଗଭୀରତା, ନିଷ୍ପାପରତା ହରାଇ ସୁବିଧାବାଦର ଓ ଉପଭୋକ୍ତାବାଦର ଅସ୍ତ୍ର ପାଲଟିଗଲା । ପ୍ରେମ ମାଧ୍ୟମରେ ସ୍ୱାର୍ଥସିଦ୍ଧି ନିମିତ୍ତ ପ୍ରେମିକ ପ୍ରେମିକା ଲକ୍ଷ୍ୟଯୁକ୍ତ ହୋଇପଡ଼ିଲେ । ଆତ୍ମତ୍ୟାଗ, ସମର୍ପଣ ଓ ସହିଷ୍ଣୁତା ଦୂରେଇଗଲା – ଅପର୍ଣ୍ଣା ସେନ୍‌ଙ୍କ ଦ୍ୱାରା ନିର୍ମିତ '୩୬, ଚୌରଙ୍ଗୀଲେନ୍' ଭଳି ଚଳଚ୍ଚିତ୍ରରେ ଏହି ଅବକ୍ଷୟର ଚିତ୍ର ସ୍ପଷ୍ଟ ଓ ତୀବ୍ରରୂପେ ପ୍ରକଟିତ ହେଲା । ସମାଜରେ ଯୁବପ୍ରାଣର ପ୍ରେମଭଳି ଏକ ସ୍ୱର୍ଗୀୟ ଅନୁଭବ ସହଜ ପର୍ଣ୍ୟରେ ପରିଣତ ହେଲା । ଏପରିକି ପ୍ରେମଜନିତ ବିବାହର ଅବ୍ୟବହିତ ପୂର୍ବରୁ ପ୍ରେମିକ ଆଶା କଲା, ପ୍ରେମିକା-ପତ୍ନୀର ପରିବାର ପ୍ରଚୁର ଅର୍ଥ ଯୌତୁକସ୍ୱରୂପ ଦେବେ ଓ ପ୍ରେମିକା ମଧ୍ୟ ଅପେକ୍ଷା ରଖିଲା ଯେ ତା'ର ପ୍ରେମିକ-ପତି ଆର୍ଥିକ ଓ ସାମାଜିକ ସ୍ଥିତିରେ ଉଚ୍ଚ ସ୍ଥାନରେ ରହିବେ । ଫଳରେ ପ୍ରେମ ତା'ର ସୂକ୍ଷ୍ମତା ଓ ମର୍ଯ୍ୟାଦା ହରାଇଲା । ଶିକ୍ଷିତ ତରୁଣତରୁଣୀ ପ୍ରେମକୁ କିଛି ସମୟର ମଜା ଓ ଉପଭୋଗ ନିମିତ୍ତ ଗ୍ରହଣ କରିବାକୁ ଦ୍ୱିଧାବୋଧ କଲେ ନାହିଁ । ତଥାପି ପ୍ରେମ କବିତା ରଚନା କ'ଣ ବ୍ୟାହତ ହୋଇଛି ? ନାହିଁ । ବରଂ ପ୍ରେମ କବିତା ଅଧିକ ପ୍ରତ୍ୟକ୍ଷ ଓ ସାହସଯୁକ୍ତ ହୋଇଉଠିଲା । କବିମାନେ ସ୍ୱପ୍ରାଣବତ୍ତା ଓ ସ୍ୱପ୍ନକୁ ସୁସଜ୍ଜିତ କରି ପ୍ରେମ କବିତା ମାଧ୍ୟମରେ ଉଚ୍ଚାରିତ କରିବାରେ ଲାଗିଲେ । ମାନବ ହୃଦୟର ସବୁଠାରୁ ତୀବ୍ର ଓ ଐଶ୍ୱର୍ଯ୍ୟମୟ ଏହି ଭାବ ତଥାପି କବିତାକୁ ଆକର୍ଷଣୀୟ କରିବାରେ ଲାଗିଲା । ବାସ୍ତବକୁ ସ୍ୱପ୍ନ ମାଧ୍ୟମରେ, କଳ୍ପନା ମାଧ୍ୟମରେ ପ୍ରତ୍ୟକ୍ଷକରି କବିଗଣ ତଥାପି ପ୍ରେମର ଜୟଗାନ କରିବାରେ ଲାଗିଲେ । ଏହା ସହିତ ସ୍ୱପ୍ନଭଙ୍ଗର ପୀଡ଼ା ଓ ପ୍ରତାରଣାର ଆଘାତ ମଧ୍ୟ କବିତାଗୁଡ଼ିକରେ ତୀର୍ଯ୍ୟକ୍‌ଭାବେ ପ୍ରକାଶ ଲାଭ କଲା ।

ଯେଉଁ ସମୟଖଣ୍ଡ ମଧ୍ୟରେ ରଚିତ ଓଡ଼ିଆ କବିତା ଏଠାରେ ଆଲୋଚ୍ୟ, ସେ ସମୟକୁ କବିତାରେ ପ୍ରେମଭାବକୁ ପ୍ରକଟ କରିବାରେ ତଥାପି ନାରୀଗଣ ସଂକୋଚ ଅନୁଭବ କରୁଥିଲେ । ପୂର୍ବାପେକ୍ଷା ସହଜତର ଓ ସ୍ପଷ୍ଟତର ହେଲେ ମଧ୍ୟ କିଛି ସଂଭ୍ରମ ନାରୀଗଣଙ୍କ କାବ୍ୟରଚନାରେ ଉପସ୍ଥିତ ରହିଥିଲା । ତେବେ, ସେହି ରଚନାଗୁଡ଼ିକରେ

Digitized by PPRACHIN, SOA

ପ୍ରେମଭାବକୁ ଆନ୍ତରିକତା ଓ ନିଷ୍ଠାର ସହ ଗ୍ରହଣ କରାଯାଇଥିବାର ପ୍ରତୀତ ହେଉଥିଲା । ଦି'ଦିନର ଶରୀର-ସଂଭୋଗ-ପ୍ରଧାନ ପ୍ରେମାନୁଭବର ଚିତ୍ର ନାରୀମାନଙ୍କ କବିତାରେ ଏବେ ମଧ୍ୟ ପର୍ଯ୍ୟାପ୍ତ ନୁହେଁ ଏବଂ ସ୍ଥଳବିଶେଷରେ ସେଗୁଡ଼ିକ ପ୍ରତୀକାଶ୍ରୟୀ । ପ୍ରଥମ ଅଧ୍ୟାୟରେ ସ୍ପଷ୍ଟ କରାଯାଇଛି ଯେ କବି ସଚ୍ଚିଦାନନ୍ଦ ରାଉତରାୟ ଓ ଗୁରୁପ୍ରସାଦଙ୍କ କବିତାରେ ନାରୀପ୍ରେମର ମହାର୍ଘତାର ଚିତ୍ର ଅନୁପସ୍ଥିତ । ଅଳକା ସାନ୍ୟାଲ୍, ପ୍ରତିମା ନାୟକ ଆଦି ଆଧୁନିକ ନାରୀ ପ୍ରେମ ଭାବ ଅପେକ୍ଷା ଯୌନସଂଭୋଗକୁ ବିଶେଷ ଗୁରୁତ୍ୱ ଦେଇଛନ୍ତି । ପ୍ରତିମା ନାୟକ – 'ପଡ଼ିଥିବ ଥରେ ଅଧେ ପ୍ରେମେ'ନୁ ସଚ୍ଚିବାବୁଙ୍କ ଉଚ୍ଚାରଣ ପ୍ରତିମା ନିକଟରେ 'ପ୍ରେମ'କୁ ଅପାଙ୍‌କ୍ତେୟ କରିଦେଇଛି. ଗୁରୁବାବୁଙ୍କ ନାୟିକା ଅଳକା ଅନୂଢ଼ା ଥିବାବେଳେ ଗର୍ଭବତୀ ହୋଇଛି । ପ୍ରେମର ମୁଗ୍ଧ ଉଚ୍ଚାଟ ଅନୁଭବ, ନୀରବ ଦିଆନିଆର ଆବେଗ ସେଥିରେ ନାହିଁ । ଏଥିପାଇଁ ୧୯୭୫ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ଲିଖିତ ପ୍ରେମ କବିତାଗୁଡ଼ିକରେ ତରୁଣୀଙ୍କ ପ୍ରାଣର ବିହ୍ୱଳତା, ଆବେଗ, ଅଭିମାନ ସ୍ଥଳବିଶେଷରେ ଜୈବିକ ଚେତନା ପ୍ରମୂର୍ତ୍ତ ହୋଇଥିବାର ଲକ୍ଷ୍ୟ କରାଯିବ । କବିମାତ୍ରେ ପ୍ରେମପ୍ରଣୟର କବିତା ରଚନା କରିଥାନ୍ତି । ପରିମାଣ ଓ ଗୁଣଦୃଷ୍ଟିରୁ ସେଥିରେ ତାରତମ୍ୟ ରହିଥାଏ । ପୁରୁଷମାନଙ୍କ ରଚନାରେ ବିଶେଷଭାବେ ବ୍ୟାକୁଳତା, ଧୈର୍ଯ୍ୟହୀନତା ଓ ମିଳନପାଇଁ ପ୍ରକାଶ୍ୟ ଉତ୍କଣ୍ଠା ଉଚ୍ଚାରିତ ହୋଇଥାଏ । ନାରୀର ରଚନାରେ ପ୍ରକଟଲାଭ କରିଥାଏ ପ୍ରେମର କୋମଳତା, ମଧୁରତା, ସମର୍ପଣ ଓ ସାହସ । ଉପରୋକ୍ତ ସ୍ୱରୂପରେ ବ୍ୟତିକ୍ରମ ଯେ ଲକ୍ଷ୍ୟ କରା ନ ଯାଏ ତା' ନୁହେଁ, ମାନବୀୟ ସକଳ ସୃଜନ କୌଣସି ନିୟମରେ ବାନ୍ଧି ହେବାକୁ ଚାହେଁନା, ଠିକ୍ ଯେଉଁଭଳି କାବ୍ୟଚେତନା ମଧ ଚାହେଁ ବନ୍ଧନ ବିମୋଚନ ଓ ମୁକ୍ତି । ''ନାରୀ ଯେହେତୁ ସମାଜ ଓ ପରିବାରରେ ଅବହେଳିତ ଏବଂ ଅଧିକ ନୀତିନିୟମର ନିପୀଡ଼ନରେ ପିଷ୍ଟ, ସେଥିପାଇଁ ପ୍ରେମ କବିତା ରଚନାକାଳରେ ସେ ଏକ ରହସ୍ୟାଚ୍ଛନ୍ନତାକୁ ପସନ୍ଦ କରିଥାଏ । ଏକ ପ୍ରଚଣ୍ଡ ଶକ୍ତିମୟ ଅପାର୍ଥିବ ପୁରୁଷ ବ୍ୟକ୍ତିତ୍ୱ ପ୍ରତି ପ୍ରେମଭାବ ପ୍ରକଟ କରେ । ପୃଥିବୀର ପୁରୁଷ ସମାଜପ୍ରତି ତା'ର ଆସ୍ଥା ନ ଥାଏ । ସମାଜରେ ଓ ପରିବାରରେ ପୁରୁଷର ଆଧିପତ୍ୟ ବିରୋଧରେ ଏହା ଏକ ପ୍ରତିବାଦ ବୋଲି ବିଚାରିବାକୁ ହେବ । ଏହା ସହିତ ରହସ୍ୟମୟ ବ୍ୟକ୍ତିତ୍ୱ ପ୍ରତି ପ୍ରେମ ନିବେଦନ କରିବାର ଅନ୍ୟ ଏକ କାରଣ ତଥାପି ତିଷ୍ଠି ରହିଛି, ତାହାହେଉଛି ପ୍ରେମଭାବ ପ୍ରତ୍ୟକ୍ଷଭାବେ ବ୍ୟକ୍ତ କରିବା ଦିଗରେ ଅସହାୟତା'', ସେକେଣ୍ଡ ସେକ୍ସ – ସିମୋନ ଦି ବୋଭାର)

ନାରୀ ଓ ପୁରୁଷଙ୍କ ରଚନା ସମଗ୍ରକୁ ବିଶ୍ଳେଷଣ କରି ବିଖ୍ୟାତ ହିନ୍ଦୀ ଲେଖକ ଡଃ ନାମୱର ସିଂହ ନାରୀର ସୃଜନାତ୍ମକତା ସଂପର୍କରେ କହନ୍ତି – ''ଯେଉଁ ଦେଶରେ 'ଅର୍ଦ୍ଧ ନାରୀଶ୍ୱର'ଙ୍କ କଳ୍ପନା କରାଯାଇଛି– ବିଶ୍ୱାସ କରାଯାଇଛି ଯେ, ପାର୍ବତୀଙ୍କ ବିନା ସ୍ୱୟଂ ଭଗବାନ୍ ଶଙ୍କର ଅର୍ଦ୍ଧେକ ହୋଇରହନ୍ତି, ପୂର୍ଣ୍ଣ ହୋଇପାରନ୍ତି ନାହିଁ, ଦୁଃଖର କଥା

Digitized by PPRACHIN, SOA

ସେହି ଦେଶରେ ବାହାନା କରି ନାରୀକୁ ଅର୍ଦ୍ଧାଙ୍ଗିନୀ କୁହାଯାଏ, କିନ୍ତୁ ଏହି 'ଅର୍ଦ୍ଧ'ରୁ ମଧ୍ୟ ନାରୀକୁ ବଞ୍ଚିତ କରାଯାଏ, ସେଠାରେ ନାରୀ ତା'ର ହକ୍ ଦାବି ପାଇବାକୁ ଆଗେଇ ଆସିବା ଦରକାର । ତାକୁ ସ୍ୱୟଂ ନିଜ କଥା କହିବାର ସୁଯୋଗ ଦିଆଯାଉ । ତା' ପାଇଁ ବା ତା' ତରଫରୁ ସବୁବେଳେ ପୁରୁଷ ନ କହୁ, ସେ ନିଜ କଥା ନିଜେ କହୁ, କହିପାରୁ ଓ କହିବାର ଯୋଗ୍ୟ ହେଉ । ଯେବେବି କହୁ, ତା'ର କଥାରେ ଦମ୍ଭ ଓ ଅର୍ଥ ସଂଚାର ହୋଇଥାଉ ଓ ପୁରୁଷ ମୁଣ୍ଡ ହଲାଇ ତାରିଫ୍ କରୁ ଯେ, "ହଁ, ତୁମେ ମୋ'ଠାରୁ ଭଲ କହିଲ ।" "ନାରୀକୁ କହିବାକୁ, ଲେଖିବାକୁ ସୁଯୋଗ ନ ଦେବାଦ୍ୱାରା ମୋ ମତରେ ସାହିତ୍ୟ ଓ ସଂସ୍କୃତିର କ୍ଷତି ହୋଇଛି । ଆପଣ ଦେଖନ୍ତୁ... ନୃତ୍ୟରେ... ପୁରୁଷ ବି ନୃତ୍ୟ କରେ, ଓଡ଼ିଶୀର ଗୁରୁ ମହାପାତ୍ର ନାଚିଲାବେଳେ ଯାହା ଅନୁଭବ ଆସେ, ସେହି ନୃତ୍ୟ ସେହିଭଳି ପଟୁତା ସହକାରେ ନାରୀଟିଏ ନୃତ୍ୟ କଲେ ଅଧିକ ଭଲ ଲାଗିବ । ××× ମୁଁ ଭାବେ କଥକ ନୃତ୍ୟଗୁରୁ ବିର୍ଜୁ ମହାରାଜ ନାଚନ୍ତି ସତ, କିନ୍ତୁ ଏହି ନୃତ୍ୟ ସ୍ତ୍ରୀଲୋକ ପରିବେଷଣ କଲେ ମୋତେ ଭଲ ଲାଗେ । ଓଡ଼ିଶୀ, କଥକ, କୁଚିପୁଡ଼ି ସବୁପ୍ରକାର ନୃତ୍ୟ ନାରୀଦ୍ୱାରା ପରିବେଷିତ ହେଲେ ଅଧିକ ପ୍ରଭାବଶାଳୀ ହୋଇଥାଏ । ଭାରତନାଟ୍ୟମ୍ ତ ପୁରୁଷ ନୃତ୍ୟଶିଳ୍ପୀ କରନ୍ତି ହିଁ ନାହିଁ । ସେହିପରି ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ବାଧା ରହିଛି, କବିତା ତନ୍ମଧ୍ୟରୁ ଗୋଟିଏ । ସେଥିରେ ମୀରାଙ୍କ ତନ୍ମୟତା, ସୁରଦାସ, କବୀର, ତୁଳସୀଦାସଙ୍କଠାରେ ନାହିଁ । "ପଗ ଘୁଙ୍ଗୁରୁ ବାଁଧ ମୀରା ନାଚୀରେ... ×××" । "ମେରେ ତୋ ଗିରିଧର ଗୋପାଲ–" ଏହି ତନ୍ମୟତା କଥା ମୁଁ କହୁଛି । ଏହିଭଳି ପଙ୍କ୍ତି ସୁର, କବୀର କେହି ହେଲେ ଲେଖିପାରନ୍ତେ ନାହିଁ । ସେଇଥିପାଇଁ କେତେକ ଏଭଳି ବିଷୟ ରହିଛି, ଅନୁଭବ ରହିଛି... ଯେପରି ମହାଦେବୀ ବର୍ମାଙ୍କ ଗୀତ– ଏହି ଗୀତ ପୁରୁଷ ଲେଖି ପାରିବ ନାହିଁ । ଉଦାହରଣସ୍ୱରୂପ 'ମଧୁର ମଧୁର ମେରେ ଦୀପ ଜଲ୍'–'ଯେ ମନ୍ଦିରର ଦୀପ, ଯାକୁ ନୀରବରେ ଜଳିବାକୁ ଦିଅ ।' ଦୀପକୁ ନେଇ ବହୁ କବି କବିତା ଲେଖିଛନ୍ତି– କିନ୍ତୁ 'ଦୀପଶିଖା'ର ଗୀତ କେବଳ ମହାଦେବୀ ଲେଖି ପାରିଛନ୍ତି । ତାଙ୍କର ଗୋଟିଏ ଗୀତ ମୋତେ ବହୁତ ଭଲ ଲାଗେ, ଆଖିରେ ଲୁହ ଭରିଯାଏ– "ତୁ ଧୂଲ ଭରାହୀ ଆୟା...." ସେଥିପାଇଁ ଏପ୍ରକାର ଅନୁଭବ ଓ ସଂବେଦନାରୁ ଆମେ ବଞ୍ଚିତ ରହିବା ଯଦି ନାରୀମାନେ ନ ଲେଖିବେ, ନିଜ କଥା କହିବାକୁ ଆଗେଇ ନ ଆସିବେ । ତେଣୁ ନାରୀମାନେ ଅଧିକରୁ ଅଧିକ ଲେଖନ୍ତୁ, ଏହାଦ୍ୱାରା ସବୁ ଭାଷା ଓ ସାହିତ୍ୟର ବୈଭବ ବୃଦ୍ଧିପ୍ରାପ୍ତ ହେବ ।" (ହିନ୍ଦୀ ପତ୍ରିକା 'ପ୍ରଗତିଶୀଳ ଆକଳ୍ପ' ଜାନୁଆରୀ – ମାର୍ଚ୍ଚ, ୨୦୦୩, ପୃ. ୫ର ଓଡ଼ିଆ ପ୍ରରୂପ)

ଆଲୋଚ୍ୟ କାଳଖଣ୍ଡର ପ୍ରେମ କବିତାକୁ ବିଚାର କଲେ ପୁରୁଷ ଓ ନାରୀକବିଙ୍କ ପ୍ରେମ କବିତାରେ କିଛିଟା ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ସେ ସଂପର୍କରେ ପୂର୍ବରୁ ଆଲୋଚନା କରାଗଲା । କିନ୍ତୁ ଏକଥା ସତ ଯେ, ପ୍ରେମାବେଗର ଶାବ୍ଦିକ ବିମୋଚନରେ

Digitized by PPRACHIN, SOA

ନାରୀ ଓ ପୁରୁଷ ଉଭୟେ ରହସ୍ୟ-ଉପାଦାନର ଆଶ୍ରୟ ନେଇଥାନ୍ତି । ନାରୀର କାବ୍ୟଚେତନା ଅଧିକ ରହସ୍ୟାଶ୍ରୟୀ ହେଲେ ମଧ୍ୟ ପୁରୁଷ ବି ପରୋକ୍ଷଭାବେ, ଭିନ୍ନ ପ୍ରତୀକ ଓ ଚିତ୍ରମାନଙ୍କ ମାଧ୍ୟମରେ, କେବେ କେବେ ରହସ୍ୟ ମାଧ୍ୟମରେ ପ୍ରେମଭାବକୁ ବ୍ୟକ୍ତ କରିଥାଏ । ଓଡ଼ିଆ କବିତା ଜଗତରେ ପ୍ରତ୍ୟକ୍ଷ ପ୍ରେମର ସାହସିକ ବିମୋଚନ କିଛି ମାତ୍ରାରେ ଘଟିଛି । କଳାତ୍ମକ ଭାବେ ପ୍ରେମ ପ୍ରକାଶ ନିମିତ୍ତ ମିଥ୍, ପ୍ରତୀକ, ଚିତ୍ରର ଅବଲମ୍ବନ ଜରୁରୀ ହୋଇପଡ଼ିବା ମଧ୍ୟ ଅନିବାର୍ଯ୍ୟ ।

ପ୍ରେମ : ଶରୀରାଶ୍ରୟୀ, ଶରୀରଲଙ୍ଘୀ

ଏ ଦିଗରେ କବି ରମାକାନ୍ତ ରଥଙ୍କ 'ତମେ ହିଁ' ଓ 'ଶ୍ରୀରାଧା'କୁ ଗ୍ରହଣ କରାଯାଇପାରେ । 'ତମେ ହିଁ' ର ନାୟିକା ଜଣେ ନାରୀ, ଯାହା ପ୍ରତି କାବ୍ୟନାୟକ ସ୍ୱପ୍ରେମଭାବ ବ୍ୟକ୍ତ କରିଛନ୍ତି, କିନ୍ତୁ 'ଶ୍ରୀରାଧା'ର କାବ୍ୟନାୟିକା ହିଁ କାବ୍ୟନାୟକ ପ୍ରତି ଆପଣାର ପ୍ରେମାଭିବ୍ୟକ୍ତିକୁ ପ୍ରକଟ କରିଛନ୍ତି । ଉଭୟ କବିତା ଦୀର୍ଘ, 'ତମେ ହିଁ' ଏକ ଦୀର୍ଘ କବିତା ଓ 'ଶ୍ରୀରାଧା' ତା'ଠାରୁ ଦୀର୍ଘତର ଏକ କାବ୍ୟ । ଏହି ଉଭୟ ରଚନାରେ ପୁରୁଷର ନାରୀପ୍ରତି ଓ ନାରୀର ପୁରୁଷପ୍ରତି ପ୍ରେମାନୁଭବ ଅଭିବ୍ୟକ୍ତ ହୋଇଛି । ଏଥିରେ ମୁଖ୍ୟତଃ ବିହ୍ୱଳତା, ଅଭିମାନ, ଅଧିକାରର ପ୍ରଶ୍ନ ଉଠିଛି । ପ୍ରେମର ବିପୁଳତା, ରହସ୍ୟମୟତା, ଶରୀରାଶ୍ରୟିତା, ଆସଙ୍ଗଲିପ୍‌ସା, ବିଚ୍ଛେଦର ଯନ୍ତ୍ରଣା ଓ ପ୍ରେମାସ୍ପଦ, ପ୍ରେମାସ୍ପଦା ପରସ୍ପରକୁ ହରାଇବାର ପୀଡ଼ା ଏହି ରଚନାରେ ପ୍ରମୂର୍ତ୍ତ ହୋଇଛି । ଶ୍ରୀ ରଥଙ୍କ 'ସଚିତ୍ର ଅନ୍ଧାର' (ଲାର୍କ ବୁକ୍ସ, ୧୯୮୨)ରେ ୧୦୧ରୁ ୧୧୧ ପୃଷ୍ଠାବ୍ୟାପୀ ଏହି ଦୀର୍ଘ କବିତା 'ତମେ ହିଁ'ରେ ନାୟିକା ପରକୀୟା । ନାୟକ ନାୟିକାକୁ ସଂବୋଧନାତ୍ମକ ଭାବେ ନିଜ ଭଲ ପାଇବାକୁ ବ୍ୟକ୍ତ କରିବା ନିମିତ୍ତ ଚାହିଁଛି । ଅଥଚ କେଉଁ ଭାବେ ବ୍ୟକ୍ତ କରିବ, ଖୋଜିଚାଲିଛି । ଚିରକାଳ ଏହି ଅଭିବ୍ୟକ୍ତିଜନିତ ଅସହାୟତା ସବୁ ପ୍ରେମିକ ପ୍ରେମିକା ଭୋଗିଥାନ୍ତି । କବି କଣ୍ଠରେ – ''ଯାଅ ନାହିଁ, ଶୁଣ/ମୁଁ ତୁମକୁ କହିବାକୁ ଚାହୁଁଥିବା/ଅଥଚ ଏଯାଏଁ ଖୋଜୁଥିବା କେତେ ପଦ କଥା'' (ପୃ. ୧୦୧) । ଏହା ସତ୍ତ୍ୱେ କବି ପ୍ରେମାସ୍ପଦାର ଚତୁଃପାର୍ଶ୍ୱରେ ଶବ୍ଦର ଜାଲ ବିଛାଇ ନିବେଦନ ଜଣାନ୍ତି । କବିଙ୍କ ମତରେ ପ୍ରେମ ସହ ମୃତ୍ୟୁର ଯୋଗାଯୋଗ ଅତି ବିଚିତ୍ର । ପ୍ରେମଭାବ ପୁଣି ମୃତ୍ୟୁର ପ୍ରତିସ୍ପର୍ଦ୍ଧୀ । ପ୍ରେମପୂର୍ଣ୍ଣ ମୁହୂର୍ତ୍ତରେ ମୃତ୍ୟୁର ଆଶଙ୍କା ଦେଖାଦିଏ । ପ୍ରେମଭାବ ବିନିମୟ କାଳରେ ଆତଙ୍କ ପଶିଆସେ । ଏପରିକି ସୂର୍ଯ୍ୟାସ୍ତ ମଧ୍ୟ ନିଶ୍ଚିତ ମୃତ୍ୟୁର ସମ୍ଭାବନାର ସୂଚନା ପ୍ରଦାନ କରେ । ''ଆତଙ୍କରେ ମୁଁ ଚାହିଁଲି ତୁମର ଆଖିକୁ । ତା' ଆକାଶ ଫାଟିପଡ଼େ ଏବେ ବୁଡ଼ିବାକୁ ଯାଉଥିବା/ ଛଟପଟ ସୂର୍ଯ୍ୟର ରଡ଼ିରେ ।'' (ପୃ. ୧୦୨) । ପ୍ରେମଶରୀରାଶ୍ରୟୀ ହେଲେ ମଧ୍ୟ ଶରୀରଠାରୁ ଅଧିକ କିଛି । ଦେହ ତା'ର ଅବଲମ୍ବନ, ମାତ୍ର ବିଦେହ ତା' ଲୀଳାଭୂମି । ନାୟକ ଅନୁଭବ କରୁଛି ଯେ ହାଡ଼ମାଂସର ବନ୍ଧନ ମଧ୍ୟରେ ଏକ ଆଲିଙ୍ଗନର ପ୍ରଗାଢ଼ତା ତିଷ୍ଠି ରହିଛି, ଯାହା ଶରୀରକୁ ଅତିକ୍ରମ କରି ନିଜର ଅସ୍ତିତ୍ୱ ଜାହିର କରୁଛି ।

Digitized by PPRACHIN, SOA

"ମୁଁ କିପରି ଜାଣିଥାନ୍ତି/ ହାଡ଼ ମାଂସ ରକ୍ତରେ ତିଆରି/ ତମ ଦେହ ବାନ୍ଧିଦେବ ଦିନେ ମୋ ଦେହକୁ/ ଏପରି ନିବିଡ଼ଭାବେ ଆଲିଙ୍ଗନେ ଯାହା/ ଜଣା ନାହିଁ/ ହାଡ଼କୁ ଓ ମାଂସକୁ, ରକ୍ତକୁ ?" କିନ୍ତୁ ଏହି ଭଲ ପାଇବାର ନିବିଡ଼ତା ମୃତ୍ୟୁକୁ ମଧ୍ୟ ପରାସ୍ତ କରି ସାରିଥିବ । କାବ୍ୟନାୟକଙ୍କ ଉଚ୍ଚାରଣ ଓ ପ୍ରଶ୍ନରେ ଅନୁରୂପ ଭାବାବେଗ– "ମୋର ଆଉ ଜନ୍ମ ଥିବ ମୃତ୍ୟୁ ଥିବ/ ତମ ସଂଗେ ଏତେ ବେଶି ଜଣାଶୁଣାପରେ ?" ପ୍ରେମିକାର ସ୍ଥୂଳ ରୂପର ଏକ ଭାବମୟ ବିଗ୍ରହ ଆଙ୍କିବସନ୍ତି କବି । ରହସ୍ୟମୟ ସୂକ୍ଷ୍ମତାରେ ଏହି ଭାବବିଗ୍ରହ ନିର୍ମିତ ହୋଇଥାଏ – ପ୍ରେମାସ୍ୱଦାର ଅସ୍ତିତ୍ୱ ରହସ୍ୟଭାବକୁ ପ୍ରତୀକିତ କରେ – "ତମେ ଏକ ଅଶରୀରୀ ଅଧୈର୍ଯ୍ୟତା, ତମେ/ଆଖିକୁ ନ ଦିଶୁଥିବା ଜାହାଜ ଯାଉଛ/ ଶ୍ୱାସରୁଦ୍ଧ ଶବ୍ଦଙ୍କର ମାଲମତା ନେଇ/"ପୁନଶ୍ଚ ଏଇ ଭାବ ବିଗ୍ରହ ପ୍ରକଟ ହୋଇ ନାରୀତ୍ୱକୁ ଜାହିର କରେ । ତା'ର ନାରୀତ୍ୱ ସକଳ ସତେଜତା, ସୁବାସ, ସୌନ୍ଦର୍ଯ୍ୟ ଓ ନବୀନତାର ପ୍ରତୀକ । କବିଙ୍କ ଅଭିବ୍ୟକ୍ତିରେ "ତୁମର ନାରୀତ୍ୱ ସଦାସର୍ବଦା ରାତିର/ ପ୍ରଥମ ପ୍ରହର/ ସଦାସର୍ବଦା ସତେଜ/ବିଛଣାରେ ଯେତେ ମଲ୍ଲୀ ଫୁଲ" । ଅଥଚ ଏହି ନାରୀତ୍ୱରେ ବିଛଣାର ଅନୁଭବଟି ପଶିଆସେ, ବିଛଣାରେ ସଦା ସଦ୍ୟ ମଲ୍ଲୀଫୁଲ ବାସ୍ନା ଶରୀର ଓ ମନକୁ ଉତ୍ତେଜିତ ଓ ପୁଲକିତ କରିଦିଏ । ପ୍ରେମିକା ସହ ସବୁକିଛି ଦିଆନିଆ, କିନ୍ତୁ କି ଗୋପନୀୟ ! ସମସ୍ତଙ୍କ ଅଗୋଚରରେ ପ୍ରେମିକ ପ୍ରେମିକାପ୍ରତି ଭାବ ପ୍ରକଟ କରେ, ପାପୁଲିକୁ ନିଜ ପାପୁଲିରେ ଛନ୍ଦିଦିଏ ଓ ନିରୋଳା ଦେଖି ଜୁଡ଼ାରେ ଫୁଲଟିଏ ଖୋସିଦିଏ । ନିଷ୍ପାପ, ପ୍ରେମାପ୍ଲୁତ ହୃଦୟର ଏହି ଅନୁରାଗ ସତେ ବଡ଼ ଲୁଚାଛପା, ତେଣୁ ରୋମାଞ୍ଚକର । ଇଂରାଜୀରେ କଥନିକା ଅଛି– "Love is a pleasure when it is a secret. It ceases to be a pleasure, when it ceases to be a secret".

ଉପରୋକ୍ତ ପ୍ରେମାଭିବ୍ୟକ୍ତିର ଅନ୍ୟ ଗୋଟିଏ ପର୍ଯ୍ୟାୟ ପ୍ରକଟିତ ହୁଏ 'ଶ୍ରୀରାଧା'ରେ । ଏଠାରେ ନିଜେ ପ୍ରେମିକା ପ୍ରେମିକ ପ୍ରତି ଆପଣାର ଭାବାବେଗକୁ ଉଚ୍ଚାରଣ କରୁଛି । ଏହା ଏକ ମିଥିକ୍ ସୂଚନା । ମାତ୍ର ଏଥିରେ ଉତ୍‌କୀର୍ଣ୍ଣ ଚରିତ୍ର ନିର୍ଦ୍ଦିଷ୍ଟ ମିଥ୍‌କୁ ଅତିକ୍ରମ କରି ଏକ ଚିରନ୍ତନ ନାରୀର ପ୍ରେମାନୁଭବକୁ ବ୍ୟକ୍ତ କରିଥାଏ । ତା' ଅନ୍ତର୍ଜଗତରେ ପ୍ରେମ, ଆକୁଳତା, ଘାରିହେବା, ମିଳନାକାଙ୍‌କ୍ଷା, ପ୍ରେମିକାପଣର ଅହଂକାର ଓ ଈର୍ଷା ମଧ୍ୟ ଥାଏ । କିନ୍ତୁ ପ୍ରେମପ୍ରବଣ ମନର୍ ଯେଉଁ ବିରହ ବ୍ୟଥିତ ଏକାକୀତ୍ୱ, ଶୂନ୍ୟତାର ଯେଉଁ ତୀବ୍ର ଅନୁଭବ, ଏଠାରେ ତା'ର ଏକ ମାର୍ମିକ ରୂପ ଉତ୍‌କୀର୍ଣ୍ଣ– "ମୁଁ ସର୍ବଦା କାଙ୍ଗାଳୁଣୀ/ଅନ୍ତରୀକ୍ଷ ଯାଏଁ/ ପ୍ରସାରିତ ମୋର ଦୁଇ ସୀମାହୀନ ବାହୁଙ୍କ ଭିତରେ/ମୁଁ ଉଦ୍‌ଗ୍ରୀବ ଶୂନ୍ୟସ୍ଥାନଟିଏ ।" ଏହି ଶୂନ୍ୟତାର ଅନୁଭବରେ ଆକ୍ରାନ୍ତ ନାୟିକା ପୁଣି ନିଜ ଅନ୍ତଃକରଣର ଅଭିଳାଷର ଚିତ୍ରକୁ ଚତୁର୍ଦ୍ଦିଗରେ ଦେଖୁଛି ଏବଂ ପ୍ରେମର ଐକାନ୍ତିକତାରେ ଉପନୀତ୍ ହୋଇଛି ଓ ତା' ସହିତ ଜନ୍ମମୃତ୍ୟୁକୁ ଅତିକ୍ରମ କରିଯାଇଛି । ଏ ପ୍ରକାର ଏକ ସଲଜ୍ଜ ବିହ୍ୱଳ ସ୍ୱର – "ଖାଲି ସେ ହିଁ ଦିଶୁଥିଲେ/ଯୁଆଡ଼େ ଚାହିଁଲେ ସେ ହିଁ/ ଏକମାତ୍ର ସେ ହିଁ/ ମୋର ବାରମ୍ବାର

Digitized by PPRACHIN, SOA

ଜନ୍ମ, ବାରମ୍ବାର ମୃତ୍ୟୁ/ କୁଆଡ଼େ ଉଭେଇଗଲା ଜାଣିହେଲା ନାହିଁ ।'' ରାଧାଙ୍କ ଜୀବନାନୁଭୂତି ମଧ୍ୟରେ ଯେଉଁ ପ୍ରେମାନୁଭବ ନିହିତ, ତାହାର ଏକ ବିପୁଳତା-ଜଡ଼ିତ, ଚିରନ୍ତନ ଅଭୀପ୍ସା ଏଠାରେ ରୂପାୟିତ ହୋଇଛି । ପ୍ରେମ ଓ ମୃତ୍ୟୁ ଜୀବନର ଦୁଇ ଗୋଟି ପ୍ରଚଣ୍ଡ ଓ ଅଦ୍ଭୁତ ଘଟଣା, ଜୀବନର ମୁଖ୍ୟ ଘଟଣା ମଧ୍ୟ । ପ୍ରେମସିକ୍ତ ହୃଦୟ ମୃତ୍ୟୁ ଭୟରେ ଥରହର ହୁଏ । କାରଣ ମୃତ୍ୟୁରେ ହିଁ ପ୍ରେମ ବିଲୟ ଭଜେ । ପ୍ରେମୀଗଣ ଜନ୍ମଜନ୍ମାନ୍ତରର ମିଳନାକାଂକ୍ଷା ପୋଷଣ କରିଥିଲେ ମଧ୍ୟ ମୃତ୍ୟୁକୁ ଭୀଷଣଭାବେ ଭୟ କରନ୍ତି, ବିଶେଷକରି ନିଜର ଅବର୍ତ୍ତମାନତାକୁ କଳ୍ପନା କରି ଶିହରି ଉଠନ୍ତି, ଭାବନ୍ତି ଏଇଠାରେ ପ୍ରେମାସ୍ପଦର ସାନ୍ନିଧ୍ୟ ଓ ଭଲପାଇବାର ଅନ୍ତ ଘଟିବ । ଏହିଭଳି ଆତଙ୍କ, ଯାହା 'ତମେ ହିଁ' କବିତାରେ ମଧ୍ୟ ପ୍ରମୂର୍ତ୍ତ, ଏହି ଆତଙ୍କ ରମାକାନ୍ତୀୟ ପ୍ରେମଚେତନାର ଏକ ବିଶେଷ ବିଭାବ ରୂପେ ଉପଲବ୍ଧ । ଭଲପାଇବାର ନିବିଡ଼ ଅନୁଭବ ଓ ଦେହାନ୍ତ ହେବାର କଳ୍ପନା ଯୁଗପତ୍ ଆସିଯାଉଛି – ''ହଠାତ୍ କାହିଁକି ହାଡ଼ ଭିତରେ ଭିତରେ ଖୁବ୍ ଥଣ୍ଡା ଲାଗିଲା ଓ ହଠାତ୍ କାହିଁକି/ଗୋଟାପଣେ ଥରିଗଲି, ପାଟି ପଡ଼ିଗଲା । କାକର ପବନ ଯୋଗୁଁ ଜମା ନୁହେଁ/ ମତେ ଲାଗିଲା ଯେ ତା'ହେଲେ ଅସଂଖ୍ୟ ରାତି ଆଗକୁ ଏପରି/ରାତିଟିଏ ଆସିବ ଯେ, ମୁଁ ଆଉ ନ ଥିବି ।'' ନାରୀ ପୁରୁଷ ନିର୍ବିଶେରେ ପ୍ରେମାନୁଭବର ଅସହାୟତାରେ ଆକ୍ରାନ୍ତ ହେବା ସ୍ୱାଭାବିକ – ପୁନଶ୍ଚ ପରକୀୟା ପ୍ରୀତି କ୍ଷେତ୍ରରେ ଏହା ଆହୁରି କଠିନ ହୋଇଥାଏ । ମିଳନର ଆଶା ସୁଦୂର ପରାହତ – ଏଣେ ବିଚ୍ଛେଦ ଅସହ୍ୟ – ଏ ଭିତରେ ଧନ୍ଦିହେବା ଜଣେ ପରକୀୟା ନାୟିକାର ଦାରୁଣ ଅସହାୟତା – ରାଧାଙ୍କ କାରୁଣ୍ୟ ଏଠାରେ ଉଲ୍ଲେଖନୀୟ – ''ମୁଁ ତୁମକୁ ଭୁଲିପାରୁ ନ ଥିବି କି ପାଇପାରୁ ନ ଥିବି, ଆଖିରୁ ଆଖି ପାଣି ମରିଯାଇଥିବ ।'' (ପୃ. ୩୬) । ଏ ପର୍ଯ୍ୟାୟର ପ୍ରେମ ହିତାହିତ ଜ୍ଞାନଶୂନ୍ୟ – ହିସାବୀ ଭାବନାର ବହିର୍ଭୂତ – ଦେଣନେଣଠାରୁ ଉର୍ଦ୍ଧ୍ୱରେ । ନାରୀ ଅନ୍ତରର ଏହି ଉପଲବ୍ଧି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ମିଳନଜନିତ ଶରୀର ସ୍ପର୍ଶର ଅନୁଭୂତି ଏଠାରେ ସୂଚନାଧର୍ମୀ ଓ ଶାଣିତ ବିହ୍ୱଳତାରେ ଭରପୂର । ''ଦିନେ ଅକସ୍ମାତ୍ ଛୁଇଁଦେଲି ତୁମର କପାଳ/ ଚନ୍ଦନ ଓ ତୁଷାରର ସମୁଦ୍ର ଭିତରେ/ ମୋ ହାତ ଅଟକି ରହିଗଲା କାଳ କାଳ'' ଉପରୋକ୍ତ ପଙ୍‌କ୍ତିରେ କୋମଳ ଓ ତରଳ ଆତ୍ମୀୟତାରେ ନାରୀ ତା'ର ପ୍ରେମିକକୁ ଗ୍ରହଣ କରୁଛି । ସ୍ୱତଃ ପ୍ରେମିକର ଦୁଃଖ, ଅବସାଦକୁ ଅନୁଭବ କରିପାରୁଛି – ତେଣୁ ସ୍ୱ ପ୍ରେମିକ ଶ୍ରୀକୃଷ୍ଣଙ୍କୁ ରାଧା 'ଈଶ୍ୱର' ବୋଲି ଗ୍ରହଣ ନ କରି 'ଲବଣି ପିତୁଳାଟିଏ' ବୋଲି କହିଛନ୍ତି ଓ ତାଙ୍କ ଅଶ୍ରୁ ଓ ପୀଡ଼ାକୁ ହୃଦୟଙ୍ଗମ କରୁଛନ୍ତି ; ଏପ୍ରକାର ଆନ୍ତରିକତା ନାରୀପ୍ରେମର ବିଶେଷତ୍ୱ ରୂପେ ଚିହ୍ନିତ ହୁଏ । ଶ୍ରୀରାଧାରେ ନାୟିକା ସାଧାରଣ ନାରୀଟେ ପରି ପ୍ରେମିକର ପତ୍ନୀପ୍ରତି ଈର୍ଷାନ୍ୱିତା ହୁଏ । ପତ୍ନୀତ୍ୱର ଗୌରବକୁ ତାଚ୍ଛଲ୍ୟ କରେ । ମୃତ୍ୟୁ ଶରୀରକୁ କବଳିତ କରେ ସିନା, ପ୍ରେମକୁ ଲିଭାଇପାରେ ନାହିଁ । ରାଧା କହନ୍ତି; କୃଷ୍ଣ ଥିଲେ ଅଷ୍ଟଯାଟବଂଶୀଙ୍କ ପତି, ମାତ୍ର ବାସ୍ତବରେ ମୃତ୍ୟୁପରେ

Digitized by PPRACHIN, SOA

ସେ କେବଳ ରାଧାଙ୍କର ହିଁ ପ୍ରେମିକ, କାରଣ ମୃତ୍ୟୁହୀନ ପ୍ରେମର ସାଧନା ତାଙ୍କ ନିଜ ଜୀବନର ବିଶେଷତ୍ୱ । ମୃତ୍ୟୁ ଓ ପ୍ରେମର ଏହି ଛକାପଞ୍ଝା ଖେଳକୁ କଳାତ୍ମକଭାବେ ପ୍ରତୀକିତ କରନ୍ତି ହିନ୍ଦୀ କବି ଉଦୟନ ବାଜପେୟୀ – "ଥୋଡ଼ାସା ଶରୀର ବଚା ରହ ଜାତା ହୈ/ତୁମ୍ହାରେ ମେରେ ଆଲିଙ୍ଗନ୍ ମେଁ ସମାନେକେ କେ ବାଦ୍ ଭୀ/ଥୋଡ଼ୀସୀ ମୃତ୍ୟୁ/ହର୍ ବାର୍ ବଚୀ ରହ୍ ଜାତି ହୈ ମର୍‌ନେ କେ ବାଦ୍‌ଭୀ" । ଅର୍ଥାତ୍ ଶରୀର ମିଳନ କ୍ଷଣରେ ମଧ୍ୟ, ଶରୀରର କିଛି ଅଂଶ ଆଲିଙ୍ଗନ ମଧ୍ୟରେ ଧରିହୁଏ ନାହିଁ ଓ ମରିବାପରେ ମଧ୍ୟ କିଛି ମରଣ ବଞ୍ଚି ରହିଯାଏ । ରମାକାନ୍ତଙ୍କ କବିତାରେ ପ୍ରେମର ଚିରନ୍ତନତା ସୁପ୍ରେକ୍ଷ୍ୟ ହୋଇଯାଏ । ମଣିଷ ନଶ୍ୱର, ଅଥଚ ତା'ର ଭାବାନୁଭୂତି ଚିରନ୍ତନ – ଏହା ସମ୍ଭବ ହୁଏ କେଉଁପରି ? କବି କହନ୍ତି ପ୍ରେମ, ଆବେଗ ଓ ଉପଲବ୍ଧିର ଉତ୍ତୁଙ୍ଗତାରେ ଏହି ମରଣଶୀଳ ମନୁଷ୍ୟ ଅମର ହୋଇଯାଇପାରେ । 'ଶ୍ରୀରାଧା'ରେ ପ୍ରକଟିତ ପ୍ରେମଚେତନା ଏହି ରୂପେ ନାୟକ ନାୟିକାଙ୍କ ଆକାଙ୍‌କ୍ଷାରେ ଅମରତ୍ୱକୁ ସ୍ପର୍ଶ କରିଥାଏ । ନାରୀଟିଏ ତା'ର ପ୍ରେମାସ୍ପଦକୁ କହୁଛି – ଆମ ପ୍ରେମ କ'ଣ ଚିରନ୍ତନ ହୋଇପାରିବ– ଦିନେ ନା ଦିନେ ମୁଁ ତୁମଠୁ ଅଲଗା ହୋଇଯିବି । ଅଲଗା ହୋଇଯିବି ସତ, ହେଲେ ତୁମ ଆଖିର ଲୁହ ହୋଇ, ଦୀର୍ଘଶ୍ୱାସ ହୋଇ ମୁଁ ତୁମ ଭିତରେ ରହିଯିବି । ବିଚ୍ଛେଦର ଲୁହ ଓ ଦୀର୍ଘଶ୍ୱାସରେ ପ୍ରେମୀଯୁଗଳ ହିଁ ତ ପରସ୍ପରଠାରେ ଉପସ୍ଥିତ ଥାଆନ୍ତି । ନିବିଡ଼ ଏହି ଅନୁଭବର ଏକାନ୍ତ ସତ୍ୟ ଏହି ଉଚ୍ଚାରଣ– "ଆସ ଆସ ମୁଁ ତୁମର ଅନ୍ତଃକରଣରେ/ ରହିଥାଏ ନଈ ଆଉ ବାୟୁ ହୋଇକରି/ ମୁଁ ନ ଥିବାବେଳେ ତମ ଆଖି ଛଳଛଳ/ହେବାମାତ୍ରେ ବୋହିଯିବି ଲୁହଧାର ପରି/ତମ ଦୀର୍ଘଶ୍ୱାସ ହୋଇ ପ୍ରତି ପରବର୍ତ୍ତୀ/ ଦୁଃସମୟେ ମୁଁ ସଂଚରିଯିବି/ ସ୍ୱପ୍ନର ଅପ୍ରତ୍ୟାଶିତ ଉପାଦାନ ପରି/ତମ ହୃଦୟରେ ତିଷ୍ଠି ଥିବି ।" (ଶ୍ରୀରାଧା, ପୃ. ୯୦)

ଶାଶିତ ପ୍ରେମାଭିଳାଷର ଅଭିବ୍ୟକ୍ତିକୁ ଅଧିକାଂଶ କବି ପ୍ରତୀକ ମାଧ୍ୟମରେ ପ୍ରମୂର୍ତ୍ତ କରନ୍ତି । ସଂପୃକ୍ତ କାଳର ପ୍ରେମଚେତନାର ପରିପ୍ରକାଶ କ୍ରମରେ ଆସନ୍ତି କବି ସୀତାକାନ୍ତ ମହାପାତ୍ର । 'ପହିଲି ଛୁଆଁ' କବିତାରେ ସେ ପ୍ରେମିକାକୁ ପ୍ରଥମଥର ସ୍ପର୍ଶ କରିବାର ବିଲୋଳ ଅନୁଭବକୁ ସ୍ପର୍ଶକ୍ଷମ ରୂପପ୍ରଦାନ କରନ୍ତି । ଏଠାରେ ଦେହଜ ପ୍ରେମବାସନା ନିଶ୍ଚୟ ଉପସ୍ଥିତ । ମାତ୍ର ଏହି ବାସନା ଦେହ-ସ୍ୱର୍ବସ୍ୱ ନୁହେଁ । ଦେହକୁ ମାତ୍ର ଛୁଇଁ ଦେଇ ସାରା ପ୍ରକୃତିମୟ ହୋଇଯାଇଛି ଏହି ସ୍ପର୍ଶ– ଅମୃତଆସ୍ୱାଦର ସନ୍ନିଧିରେ ପହଞ୍ଚିଯାଇଛି । "କାହିଁ ସେ ପହିଲି ଆଙ୍ଗୁଠି ଛୁଆଁର ପ୍ରଥମ ମହକ ? ମାଟି ମେଘରେ ସୁଡୁବୁଡୁ ହୋଇଥିଲା ସେତିକିରେ/ ସବୁ ତାରା, ଜହ୍ନ, ସୂର୍ଯ୍ୟକୁ କୋଳରେ ଧରି/ ଆକାଶ ଖସି ଆସିଥିଲା ସେତିକିରେ/ ସମୁଦ୍ର କୂଳ ଲଂଘିବ ବସିଥିଲା ସେତିକିରେ" (ସଂ. ପଦଚିହ୍ନ, ପୃ. ୩୬) ।

'ନାରୀ ଡାକିଲା, କହିଲି ଭୋକ ନାହିଁ' । (ଆଳାପ-ସଂ. ଅନ୍ଧ ମହୁମାଛି- ସୌଭାଗ୍ୟ କୁମାର ମିଶ୍ର) । 'ଭୋକ' ଏଠାରେ ଯୌନମିଳନର ପ୍ରତୀକ, ଯଦିଓ ଯେ ଭୋକ ତୁଚ୍ଛା ଭୋକ (ଉଦର‌ଂକ୍ଷୁଧା) ନୁହେଁ । ପ୍ରେମ ସହ, ଭଲପାଇବା ସହ, ଆବେଗ ସହ ନିବିଡ଼ଭାବେ

Digitized by PPRACHIN, SOA

ସଂଶ୍ଳିଷ୍ଟ ଏଇ ଭୋକ । ଏ 'ଭୋକ' ସରିଗଲେ ମଧ ପ୍ରେମ ସରେ ନାହିଁ । ବଞ୍ଚିଥିବା ଯାଏ ଜୀବିତ ରହିଥାଏ । 'ଅନ୍ଧ ମହୁମାଛି' ସଂକଳନର 'ହୃଦୟେଶ୍ୱରୀ' ଏକ ଦୀର୍ଘ କବିତା । ଏହି କବିତାଟି ସୌଭାଗ୍ୟଙ୍କ ବିହ୍ୱଳତା ଓ ବିଚ୍ଛେଦଜନିତ କାରୁଣ୍ୟରେ ଓତପ୍ରୋତ । ଏହା ମୁଖ୍ୟତଃ ଏକ ପ୍ରତୀକାତ୍ମକ କବିତା – 'ଭୋକ' ଓ 'ପାପ' ଭାବରେ ଯାହା ସାଂସାରିକ ଦୃଷ୍ଟିରେ ସାବ୍ୟସ୍ତ ହୁଏ, ଯଥାର୍ଥରେ ତାହା ପ୍ରେମୀମାନଙ୍କପାଇଁ ଭୁଲ୍ ବା ପାପ ନୁହେଁ ବରଂ ସ୍ୱାଭାବିକ ଏକ ଆବେଗର ଚିତ୍ରରୂପ । ଏଠାରେ ହୁଏତ 'ପ୍ରଣୟିନୀ', 'ପରକୀୟା'– ତେଣୁ ଉଠେ 'ଭୁଲ୍' ଓ 'ପାପ'ର ପ୍ରଶ୍ନ । କିନ୍ତୁ ଏ ପୃଥିବୀରେ କେତେ କେଜାଣି ଈର୍ଷା, ଦ୍ୱେଷ, ହିଂସ୍ରତା, ପରଶ୍ରୀକାତରତା ଥିଲାବେଳେ, ଦୁଇଟି ହୃଦୟର ମିଳନକୁ, ସ୍ଥଳବିଶେଷରେ ଶରୀର ମିଳନକୁ ମଧ ପାପ କୁହାଯିବା ଅବିଚାର – ପ୍ରସୂତ ନୁହେଁ କି ? ତେବେ, କବି ତାଙ୍କର ପ୍ରେମାସ୍ପଦାକୁ ଆହ୍ୱାନ କରନ୍ତି, କେତେ କେଜାଣି ଉପଚାର ସଜାଡ଼ନ୍ତି – 'ତୋ ପାଇଁ ହୃଦୟେଶ୍ୱରୀ ପାନ ରଖିଚି, ଗୁଆ ରଖିଚି, ଘୋଡ଼ା ରଖିଚି, ଗାଡ଼ି ରଖିଚି, ମୟୂର ପଙ୍ଖୀ ଶାଢ଼ି ରଖିଚି ଭୋକ ରଖିଚି ପାସ୍ ବୁକ୍ ଓ ଫୁଲ ରଖିଚି, ଆ,'' ! ସତରେ କ'ଣ ପ୍ରେମିକାର ସାନ୍ନିଧ ପାଇବାପାଇଁ ଏତେ ସବୁ ଉପଚାର ସଜାଡ଼ିବା ଜରୁରୀ ? ଦେଖନ୍ତୁ, ପରବର୍ତ୍ତୀ ଧାଡ଼ିଗୁଡ଼ିକରେ 'ପୃଥିବୀପରି' ପ୍ରେମିକା – ''ଗୋଟିଏ ଚୁମ୍ବନରେ ତୁ ସଂଖୋଳି ନେଉ ତୋ'ର ଅନିର୍ଦ୍ଦିଷ୍ଟ ସ୍ୱପ୍ନକୁ/ଶିଶୁକୁ ଜନନୀ ଯେହ୍ନେ କୋଳକୁ ନିଏ ।'' ଏହି ସ୍ୱପ୍ନ ପ୍ରେମିକାର ନିଗୂଢ଼ତମ ସ୍ୱପ୍ନ – ଏହା ତା'ର ପ୍ରେମିକ ହିଁ । ପ୍ରେମ ଓ ସମର୍ପଣରେ ବାସ୍ତବତଃ ପ୍ରେମୀଯୁଗଳଙ୍କ ଚିତ୍ର 'ଶିଶୁ ଓ ଜନନୀ' ଭଳି ପ୍ରତୀକ ମାଧମରେ ଚିରନ୍ତନତା ଲାଭ କରେ । ପ୍ରେମିକା ଏବେ ଜନନୀର ଭୂମିକା ନିର୍ବାହ କରିଛି । 'ଭୋକ'ଟି ଏଠାରେ ଐଶ୍ୱର୍ଯ୍ୟମଣ୍ଡିତ ହୋଇଛି । ମିଳନର ପୃଥିବୀରେ ଆଉ ନାହିଁ 'ଲୋଭ' ଓ 'ପାପ'ର ଚିହ୍ନ, କାରଣ ପ୍ରେମାସ୍ପଦର ମଧୁର ସମ୍ମୋହକ ସାନ୍ନିଧ୍ୟ ସବୁ ଲୋଭ, ପାପକୁ ରୂପାନ୍ତରିତ କରି ସୁନ୍ଦର କରିଦେଇଛି । ନିବିଡ଼ ମିଳନର କ୍ଷଣରେ କବିଙ୍କୁ ପ୍ରେମିକାର 'ଲଳିତ ଅଙ୍ଗ' ଆଦିମାତାର ଦେହବାସ୍ନାରେ ବିଭୋର କରିତୋଳିଛି । ''ତୋର ଲଳିତ ଅଙ୍ଗକୁ କୋଳକୁ ନେଇ ମୁଁ ବନ୍ଧୁକୁ କହିଚି/ ଏ ବେଶ୍ ନିରାପଦ/ ସଖାକୁ କହିଚି, କହିଚି ସୋଦରକୁ । କାକରଭିଜା ରଜନୀଗନ୍ଧାର ଓଜନ ଜାଣି ନେଇଚି/ ଚିହ୍ନିନେଇଚି ଆଦିମାତା ଦେହର ବାସ୍ନା/ବାସ୍ନା ମାଟିର ।''

ନିବିଡ଼ ପ୍ରେମାନୁଭବ ଗୋଟିଏ ପର୍ଯ୍ୟାୟରେ ଉପନୀତ ହୋଇପାରେ, ଯେଉଁଠି ପ୍ରେମିକର ଅନୁଭବ ଆସେ, ପ୍ରେମିକା ସତେକି ଜନନୀ ଓ ପ୍ରେମିକାର ଅନୁଭବ ଆସେ, ତା'ର ପ୍ରେମିକ ସତେକି ଏକ ଶିଶୁ, ତା' ନିଜର ଶିଶୁ ସନ୍ତାନ ।

ପ୍ରେମିକ ପ୍ରେମିକାଙ୍କ ମନରେ ଏକ ଆଶା ଜୀବନ୍ତ ରହିଥାଏ ଯେ, ପରବର୍ତ୍ତୀ ଜନ୍ମରେ ତାଙ୍କର ପ୍ରେମ ନିଶ୍ଚୟ ଅଧିକ ସାର୍ଥକତା ଲାଭ କରିବ । ଯାହା ଅପୂର୍ଣ୍ଣ ଅଛି, ତା' ପୂର୍ଣ୍ଣତର ହେବ । ଏପ୍ରକାର ଅନ୍ତରଙ୍ଗତା ଭିତରେ କବିଙ୍କ ମର୍ଯ୍ୟାଦାବୋଧ ପ୍ରକାଶ ପାଇଛି । କବି

Digitized by PPRACHIN, SOA

ଜୀବନ୍‌ର ଅପର୍ଯ୍ୟାପ୍ତ ମରୁବାଲି ଭିତରେ ପ୍ରେମାସ୍ପଦା ଏକ ଓଏସିସ୍ । ପ୍ରେମିକାର ବର୍ତ୍ତମାନତା ଯେତିକି ଉଦ୍ଦାମତା ଆଣେ, ତା'ର ସ୍ମୃତି ହୁଏ ସେତିକି ବେଦନାଦାୟକ– ''ତମରି ପ୍ରଣୟପରି ନିଭିଗଲା ଆଖିର ଆଲୁଅ/ ଆଖି କିନ୍ତୁ ବଞ୍ଚିରହେ ତୁମ ସ୍ମୃତି ରହିଚି କି ଚେଇଁ / ବିଜନ ବାଲିର ଚରେ ଭାରବାହୀ ପଥିକ ମୁଁ ଏକା/ ତୁହାଇ ତୁହାଇ କାନ୍ଦେ ଶ୍ୟାମବତୀ ଓଏସିସ୍ ପାଇଁ ।'' (ବିରହ, ସଂ. ଆତ୍ମନେପଦୀ- ସୌଭାଗ୍ୟ କୁମାର ମିଶ୍ର) ଉପରୋକ୍ତ ପ୍ରେମାବେଗଜନିତ ବିହ୍ୱଳତା ଓ ମଧୁର ପ୍ରତୀକ୍ଷା ଏଠାରେ ମଧ୍ୟ ନାରୀ ଅସ୍ତିତ୍ୱକୁ ମୂଲ୍ୟବାନ୍ କରି ତୋଳିଛି – ''ତମେ ରୁପାଥାଳି ପଟଜହ୍ନ ମୋର/ ଜକଜକ କୁଆଁର ପୁନିଅଁ/ତମପାଇଁ ଫୁଟେ ମନେ ସପନର କେତେ ନୀଳକଇଁ/ସବୁ କ'ଣ ମିଛଟାରେ ? ଗଡ଼ିଚାଲେ ପହର ପହର/ନିଃସଂଗ କୁଟୀର ପଥେ/ କାଇଁ ତ କା' ଚାଲି ଶୁଭୁ ନାହିଁ !'' (ନୀଳକଇଁ, ଆତ୍ମନେପଦୀ-ସୌ.ମିଶ୍ର)

ଏସବୁ ସତ୍ତ୍ୱେ, ପ୍ରେମିକାର ସାନ୍ନିଧ୍ୟପାଇଁ କାବ୍ୟନାୟକ ବ୍ୟଗ୍ର ଏବଂ ଶରୀର ସଂଗମକୁ 'ପାପ' ବୋଲି ବିଚାର କରନ୍ତି ନାହିଁ । ନାରୀ ଦେହକୁ ସେ 'ଅମୂଲ୍ୟରତ୍ନ' ଆଖ୍ୟା ଦିଅନ୍ତି । ଯେ କ୍ଷଣିକ ଯୌବନର ଦଗାବାଜ୍‌ପଣ ଓ ସମୟର ସବୁକିଛି ନଷ୍ଟ କରିଦେବାର ଦର୍ପ ଭିତରେ ପ୍ରେମିକାର ସଂଗସୁଖ ଅନିର୍ବଚନୀୟ ଏକ ଉପଲବ୍‌ଧିର ଗନ୍ତାଘର । ସମୟର କ୍ଷୟକାରୀଶକ୍ତିର ବିପକ୍ଷରେ ପ୍ରେମ ଓ ସଂଭୋଗ ନିଜ ସ୍ଥିତିକୁ ଜାହିର୍ କରେ-

''ସୂର୍ଯ୍ୟର ଗତିସାଙ୍ଗରେ ତୋର ଅମୂଲ୍ୟରତ୍ନ ଦେହର କ୍ଷୟ ହୁଏ, ସୁନ୍ଦରୀ/ ମନ୍ଦିର ଗାତ୍ରରୁ ଚୂନ ଖସିଲାପରି ତୋର କାନ୍ଧର କେଶରରୁ ଖସିଯାଏ ପରାଗ/ ଏହା ଯଦି ପାପରେ ହୃଦୟେଶ୍ୱରୀ, ମୋର କ୍ଷଣିକ ଉଲ୍ଲାସର ମରକତ ପାତ୍ରରେ/ ସଂଚିତ ହେଉ ତୋର ମୁକ୍ତି/ ଅନିର୍ଦ୍ଦିଷ୍ଟ ପାରଦପରି/ ତୋର ନିଶ୍ଚିନ୍ତ ଯୌବନ ।'' (ଅ. ମହୁମାଛି- ହୃଦୟେଶ୍ୱରୀ) ଅନ୍ୟତ୍ର ''ଦେଖ୍ ତୋ'ର ସିଂହକଟିରେ ହାତମାରିବା ସରି ନାହିଁ/ ସରିବ ନାହିଁ ପୃଥିବୀ ଦୃଶ୍ୟ ଥିବାଯାକେ ।'' (ଅନ୍ଧ ମହୁମାଛି - ହୃଦୟେଶ୍ୱରୀ, ପୃ, ୬୨)

କବି ମାନସିଂହ ସେଦିନ, ତାଙ୍କଠାରୁ ଦୂରେଇ ନିଆଯାଇଥିବା, ଗୃହାଙ୍ଗନରେ ପ୍ରାୟତଃ ବନ୍ଦିନୀ ପରକୀୟାକୁ ଖୋଜି ଉଚ୍ଚାରିଥିଲେ – ''ଧନ୍ୟ ସେ ଗୃହକାରା/ସୁଦୂରେ ଯହିଁ ଗୋ ବନ୍ଦିନୀ ମୋର ଜୀବନର ଧ୍ରୁବତାରା ।'' ଏଠାରେ କବି ସୌଭାଗ୍ୟ ମିଶ୍ର ଉପରୋକ୍ତ ସ୍ୱରରେ ବା ଆକୁଳତାରେ ନୁହେଁ ବରଂ ଭିନ୍ନ ଏକ ବାଗରେ ପ୍ରେମିକାର ଘର ଖୋଜିଛନ୍ତି । ତାର' ଦର୍ଶନପାଇଁ ଝୁରି ହେଉଛନ୍ତି । ଅହେତୁକ ଭାବେ କବି ପବନକୁ ଅନୁନୟ କରୁଛନ୍ତି– ''ଦେଖେଇ ଦେ', କୋଉ ଝରକାରେ ଦିଶିବ ତା'ର ଶୀର୍ଣ୍ଣ ଦେହ'' ସେ ଜାଣନ୍ତି, ଯେ ଅନୁରୋଧ ଅବଶ୍ୟ ବିଫଳ ହେବ । ତଥାପି ବିଚ୍ଛେଦ-କାତର ହୃଦୟ ଆପଣାର ଅଧୀରତାକୁ ବ୍ୟକ୍ତ କରିଛି । ଅଥଚ, ମିଳନ କ୍ଷଣସ୍ଥାୟୀ ବୋଲି କିଏ ନ ଜାଣେ ? ସୁଖ କ୍ଷଣିକ, ମିଳନ କ୍ଷଣିକ । କାବ୍ୟ ନାୟକର ହୃଦ୍‌ବୋଧ ହୋଇଛି – ସୁଖ ହେଉଛି ସମୟରୁ ବହିର୍ଭୂତ ଏକ ସମୟ । ତାହାକୁ ଅଭିବ୍ୟଞ୍ଜିତ କରନ୍ତି କବି – ''ସବୁ ସୁଖ ଏହିପରି ସମୟରୁ ବହିର୍ଭୂତ

Digitized by PPRACHIN, SOA

xx ସେ କାହାର ନୁହେଁ ।'' (ଅନ୍ଧ ମହୁମାଛି ପୃ. ୬୧) । ସୌଭାଗ୍ୟଙ୍କ ପ୍ରେମଚେତନାରେ ଭୋକର ଗୁରୁତ୍ୱ ସ୍ୱୀକୃତ ନିଶ୍ଚୟ । ମାତ୍ର ବିପୁଳ ପ୍ରେମାନୁଭବ ମଧ୍ୟରେ ଏହି ଭୋକ ସର୍ବଶେଷ ସତ୍ୟ ନୁହେଁ । ହୁଏତ ଏ 'ଭୋକ' ଦିନେ ନ ଥିବ, ସ୍ୱପ୍ନ ନିଭିଯିବ, କିନ୍ତୁ ପ୍ରେମ-ବିହ୍ୱଳତା ସରିବ ନାହିଁ । ପୃଥିବୀର ସ୍ଥିତି ରହିଥିବା ଯାଏଁ – ଏହି ଚିରନ୍ତନ ଭାବାବେଗର ଉଦ୍‌ଘୋଷଣା ଦେଖନ୍ତୁ ନିମ୍ନୋକ୍ତପଙ୍‌କ୍ତିଗୁଡ଼ିକରେ – ''ଆମର ଭୋକ ମରିଯିବାର ବେଳ ହେଲାଣି/ ସତ, ଆମର ସ୍ୱପ୍ନ ନିଭିଯିବାର ମୁହୂର୍ତ୍ତ ଆସିଲାଣି/ ପରିଲକ୍ଷିତ ହୁଏ ।

ପ୍ରେମାସ୍ପଦାକୁ କବି ଯୌନକ୍ଷୁଧା ନିର୍ବାହର ଏକ ଅବଲମ୍ୱନ ରୂପେ ବିଚାର କରି ନାହାନ୍ତି । ପ୍ରେମିକା କେବଳ ଦେହର ନୁହେଁ ହୃଦୟର । ତେଣୁ ତାଙ୍କ 'ହୃଦୟେଶ୍ୱରୀ', 'ସୁନ୍ଦରୀ', ଆଦି ସଂବୋଧନ ପ୍ରେମିକାର ଐଶ୍ୱର୍ଯ୍ୟବନ୍ତ ରୂପକୁ ପ୍ରକାଶ କରେ । ପ୍ରେମାନୁଭବର ବିବିଧ ସୌନ୍ଦର୍ଯ୍ୟର ଗନ୍ତାଘର ଖୋଲିବାକୁ ଯାଇ କବି ପୁରାଣକଳ୍ପର ଶକୁନ୍ତଳା ଓ ଅହଲ୍ୟାଙ୍କୁ ଉପଜୀବ୍ୟ କରନ୍ତି । ପ୍ରେମିକାର ସାଧନା, ସମର୍ପଣ, ନିଷ୍ଠା ଓ ସହିଷ୍ଣୁତାକୁ ନେଇ ଶକୁନ୍ତଳାଙ୍କ ଚରିତ୍ର ସମୃଦ୍ଧ । ନିଷ୍ଠୁର ପୁରୁଷର ସଂଭୋଗଲିପ୍ସା ଓ ଦାୟହୀନତା ନିକଟରେ ପ୍ରେମ-ସଂବେଦିତା ନାରୀ ହୁଏତ ଅଭିମାନ କରେ, ମାତ୍ର ସ୍ମୃତିରେ ଉଜ୍ଜୀବିତ ପ୍ରିୟତମକୁ ତ୍ୟାଗ କରିପାରେ ନାହିଁ – ନିଜେ ମଧ୍ୟ ସାମାଜିକ ବ୍ୟବସ୍ଥା ମଧ୍ୟରେ ଗୌଣତା ପ୍ରାପ୍ତ ହୋଇଥିବାରୁ ନିଜ ଦୁଃଖର ପ୍ରତିକାର ଖୋଜିବାକୁ ନିଜ ଅଧିକାରକୁ ଜୋର୍‌ଦେଇ ସାବ୍ୟସ୍ତ କରିପାରେ ନାହିଁ । 'ଅଭିଜ୍ଞାନ ଶାକୁନ୍ତଳମ୍'ଠାରୁ 'ଦ୍ୱାସୁପର୍ଣ୍ଣାର' ଶକୁନ୍ତଳାଙ୍କ ପର୍ଯ୍ୟନ୍ତ ନାରୀର ଏହି ଯନ୍ତ୍ରଣା, ପୀଡ଼ା ଓ ସମର୍ପଣଭାବ କବିଲେଖନୀରେ ଉତ୍‌କୀର୍ଣ୍ଣ – ''କ୍ଳାନ୍ତ ଶ୍ରାନ୍ତ ପାରିଧିରୁ ସେ ଫେରୁଥିବେ, ମୁହଁ ଧୋଇବେ ଝରଣାରେ, ମୁଁ ଗୋଟେ ଝରଣାପରି ବହି ଯାଉଥିବି ତାଙ୍କ ବିବର୍ଣ୍ଣସ୍ମୃତିର ଅନ୍ଧାର ଭିତରେ ମୁଁ ତାଙ୍କ ମନଲାଖି ଗୀତଗାଉଥିଲି/ କେବେ ବି ଟାଣୁ ନ ଥିଲି ଦେଖିବାକୁ ଟିକିଏ ଚୋରାସୂର୍ଯ୍ୟଲୋକର କୋଳରେ ଝୁଲି/କେମିତି ବିନ୍ଦୁଏ ଲୁହ ମୋର ଚକ୍ ଚକ୍ କରୁଚି ଗୋପନରେ ।'' (ସୌଭାଗ୍ୟ କୁମାର ମିଶ୍ର)

ଏହି ପରିପ୍ରେକ୍ଷୀରେ ନାରୀପ୍ରତି ନିବେଦିତ ଓ ନାରୀଠାରୁ ପ୍ରାପ୍ତ ବହୁବିଧ ଅନୁରାଗର ପରିଚୟ ମିଳିଥାଏ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତା ପୁସ୍ତକ 'ଅନ୍ୟା'ରେ । ନାରୀକୁ ଆଧାରକରି ଏଭଳି ବ୍ୟାପକ, ଗଭୀର ତଥା ବିହ୍ୱଳ ମାନସିକତାର ଉଚ୍ଚାରଣ କ୍ୱଚିତ୍ ଓଡ଼ିଆ କବିତାରେ ପରିଲକ୍ଷିତ ହୋଇଥାଏ । ନାରୀ ହେଉ କି ପୁରୁଷ ହେଉ ପ୍ରେମପଥର ସକଳ ବନ୍ଧବାଡ଼ ଭୁଲିଯାଏ –"I have a prize tonight/ I'll come to thee in the moon. light/No hell can bar my way. ଯାହା ନିଜଠାରୁ 'ଭିନ୍ନ' ଅଥଚ ନିଜ ସତ୍ତାର ନିକଟତମ, ସେହି ଅସ୍ତିତ୍ୱକୁ ଏଠାରେ 'ଅନ୍ୟା' ରୂପରେ ବ୍ୟାଖ୍ୟା କରାଯାଇଛି । ପ୍ରେମିକାର ପ୍ରଥମ ସ୍ୱୀକୃତିଠାରୁ ଆରମ୍ଭକରି ବିଭିନ୍ନ ସମ୍ମୋହନ ଓ ଉଚ୍ଚାଟନର ଚିତ୍ରସହ କାବ୍ୟନାୟକର କଳ୍ପନା ଓ ଉପଲବ୍ଧି ପହଞ୍ଚିଯାଏ 'ମୋହିନୀ'

Digitized by PPRACHIN, SOA

ଠାରେ, ଯାହାକୁ କବି 'ପରମା' ବୋଲି ଚିହ୍ନାଇ ଥାଆନ୍ତି । ଇନ୍ଦ୍ରିୟଠାରୁ ଅତୀନ୍ଦ୍ରିୟ ପର୍ଯ୍ୟନ୍ତ ବ୍ୟାପ୍ତ ଏହି ପ୍ରେମାଭିବ୍ୟକ୍ତି ମଧ୍ୟରେ, କେଉଁଠି ନାରୀ ପରମା, ସରସ୍ୱତୀ, ଈଶ୍ୱରୀ, କେଉଁଠି ମଧ୍ୟ ସେ ଅସତୀ, ହୃଦୟହୀନା, ପ୍ରତାରିକା । ଏହା ସତ୍ତ୍ୱେ 'ଅନ୍ୟା'ର ମୁଖ୍ୟ ସ୍ୱର ନାରୀର ଅସ୍ତିତ୍ୱକୁ ଗଭୀର ସ୍ୱୀକୃତି ପ୍ରଦାନପୂର୍ବକ ପୁରୁଷପ୍ରାଣର ଏକମାତ୍ର ଶକ୍ତିପ୍ରଦାୟିନୀ ରୂପେ ଚିତ୍ରଣ କରିଛି ।

ନାରୀର ପ୍ରେମ ପୁରୁଷକୁ ମହତ୍ତର ଅସ୍ତିତ୍ୱରେ ରୂପାନ୍ତରିତ କରିଛି, କବିଙ୍କ ଉଚ୍ଚାରଣରେ – "ତୁ ମୋର ପ୍ରେମ / ଉଦ୍‌ଭାବନ ନୋହୁଁ ତୁ/ ଖାଲି ଆବିଷ୍କାର/ ତୁ ତ ଥିଲୁ ଅବିରତ, ଥିଲୁ ଚିରକାଳ/ ତୋତେ ଖୋଜିବାରେ ଆଉ ନିଜକୁ ଚିହ୍ନାଇବାରେ / ବିତିଗଲା କେତେ ଇହକାଳ ।" ×× ପୁନଶ୍ଚ "ତୋ ସମ୍ମତି ପରେ / ସବୁ ଶତ୍ରୁମାନଙ୍କୁ ବି/ ପରମ ଉଦାରତାରେ କରି ନେଇ ହୁଏ କୋଳାଗ୍ରତ ତୋ ସମ୍ମତି ପରେ ମନବଳେ/ସ୍ୱେଚ୍ଛାଚାରୀ ଈଶ୍ୱରଙ୍କ ବିରୋଧରେ ଚାଲିଥିବା ମୋର ଯୁଦ୍ଧଯାତ୍ରା କରିଦେବାକୁ ସ୍ଥଗିତ ।" 'ତୋ ସମ୍ମତିପରେ ଅନ୍ୟା) ପ୍ରେମାସ୍ପଦା ଏଠାରେ କବି ପୁରୁଷର ଚେ[illegible]କୁ ଆକାଶପରି ପ୍ରଶସ୍ତ ଓ ମାଟିପରି ମମତାମୟ କରିଦେବାକୁ ସମର୍ଥ ହୋଇଛି । ନାରୀପ୍ରତି ବି[illegible] ଭାବସହ ଶରୀର ସଙ୍ଗମର ଚିତ୍ର ମଧ୍ୟ ବଡ଼ ସତେଜ, ସ୍ପର୍ଶକ୍ଷମ ମାର୍ମିକ ଓ ଆକର୍ଷଣୀୟ – "ତୁମର ଅଙ୍ଗପ୍ରତ୍ୟଙ୍ଗ ବିକଶିବାର ସୁଖରେ/ବୁଜି ବୁଜି ହୋଇଯାଏ/ ମୁହଁଟି କିନ୍ତୁ ଥାଏ ଜାଗ୍ରତ, ଜ୍ୱଳନ୍ତ/ ତମ୍ଭୋର [illegible] ପରେ ।" (କ୍ୟାମ୍ପସ୍‌ରେ କବି ଓ ଲାଜକୁଳୀ ଫୁଲ)

ଅଥଚ ପ୍ରେମାସ୍ପଦାର ରୂପାନ୍ତର ଘଟୁଛି, ସେ ହେଉଛି 'ଗୃହିଣୀ ସନ୍ନ୍ୟାସିନୀ' ଓ ସେହି ବିସ୍ମୟ-ନାରୀର ଚିତ୍ର କବିଙ୍କ ଲେଖନୀରେ 'ତୁ ମିଠା ସମୁଦ୍ରମୟ ମରୀଚିକା ସତ୍ୟମୟ ମିଥ୍ୟା ରାଜସିକ/ ତୁ ଢେଉବୀଧାରା : ତୁ ପ୍ରାଣ/ ତୁ ତଟୋତ୍ତରା : ଚିର ବହମାନ ନିର୍ବାଣ ×× ପ୍ରେମିକୋତ୍ତମା, ପରମା–ସୁନ୍ଦରୀ, ପାବନୀ ତୁଇ ସୁରଧୁନି ।" (ଆକାଶଗଙ୍ଗା) ନାରୀପ୍ରେମର ପାବନୀଶକ୍ତି, ପ୍ରେମିକ ହୃଦୟକୁ ଉତ୍ତରଣ ପଥରେ ଅଗ୍ରଗାମୀ କରିବାର ସାମର୍ଥ୍ୟ ରଖିଥାଏ । ନାରୀ ଅସ୍ତିତ୍ୱର ଅକଳନ୍ତି ମହିମା ଓ ବିପୁଳ ରୂପବିନ୍ୟାସ ତଥା ଉପଲବ୍ଧିର ନୂତନତ୍ୱକୁ କବି ରୂପ ଦିଅନ୍ତି– "ଏଇ ଯେ ତୋର ସୁଗୌର ଗାଲର ତିଳରେ ମୋତେ ଦୃଶ୍ୟ ହେଉଛି ବିଦ୍ରୁଭୂତ ଜଗନ୍ନାଥ ×× ଭାରତର ପୂର୍ବ ଉପକୂଳରେ ତୁ ଯେମିତି ଧାଡ଼ିଏ କବିତା" ।

କବିଙ୍କ ଦୃଷ୍ଟିରେ ନାରୀ ଯେତିକି ଦେବୀ, ସେତିକି ମାନବୀ, ଯେତିକି ସତୀ, ସେତିକି ଅସତୀ, ଯେତିକି ନିକଟର ସେତିକି ଦୂରର, ଯେତିକି ଦେହଲଗ୍ନା ସେତିକି ବିଦେହୀ । ଅଥଚ ସେହି ନାରୀର ଅବର୍ତ୍ତମାନରେ ପୁରୁଷତ୍ୱ ଅପୂର୍ଣ୍ଣ ରହେ । କବିଙ୍କର ଏହି ଆଶ୍ଚର୍ଯ୍ୟ ଉପଲବ୍ଧି ଉଚ୍ଚାରିତ ହୁଏ – "ପ୍ରିୟ ବୈଦେହୀ, ତୁମେ କାମେଶ୍ୱରୀ ଯେତିକି/ସରସ୍ୱତୀ ବି ସେତିକି / ×× ବାମା ରୂପେ ଆସ୍ଥାନିତା ନ ହେବା ଯାଏ ତୁମେ/ ସଂପନ୍ନ ହୁଏନା ମୋର ଦେବାଧିଷ୍ଠାନ/ ସଂପର୍ଣ୍ଣ ହୁଏନା [illegible] [illegible]ବିଗ୍ରହ ।" (ସହବାସ) ।

Digitized by PPRACHIN, SOA

ପୁରୁଷର ପ୍ରେମ ଯେ ସ୍ୱକୀୟାଠାରୁ ପରକୀୟା ପର୍ଯ୍ୟନ୍ତ ପରିବ୍ୟାପ୍ତ ଓ ଉଦ୍‌ବେଳିତ, ତାହା ପ୍ରତ୍ୟେକ ଅନୁଭବୀ ଜାଣିଥାଏ । କିନ୍ତୁ ଏହି ପ୍ରେମର ସ୍ୱରୂପ କିପରି ? ସ୍ୱକୀୟା ପ୍ରେମ କ'ଣ କେବଳ ସାଂସାରିକତା ମଧ୍ୟରେ ସୀମିତ ? ହୁଏତ ଦାମ୍ପତ୍ୟ ଭିତରେ ବେଳେବେଳେ ଦେଖାଯାଏ ଝଡ଼ଝଞ୍ଜା, ମାତ୍ର ତାହା ସାମୟିକ । ପ୍ରେମ ନିମିତ୍ତ, ଭଲପାଇବା ନିମିତ୍ତ ଏଇ ସାମୟିକ ପ୍ରତିବନ୍ଧକ ହୁଏତ ପୂର୍ଣ୍ଣତାକୁ ଚିହ୍ନାଇବାର ଏକ ହେତୁ । ପତ୍ନୀପ୍ରତି, ନାରୀସତ୍ତାଟି ପ୍ରତି କବିଙ୍କ ପ୍ରଚୁର ଆନ୍ତରିକତାର ଉଦାହରଣ– "ଟିକେ ଅଭାବ ରହିଯିବାରେ ହିଁ/ ସବୁ ଭଲପାଇବାର ସାର୍ଥକତା/ ଟିକେ ଅପୂର୍ଣ୍ଣ ରହିଯିବାରେ ହିଁ/ ସବୁ ସ୍ୱାର୍ଥର ନିବିଡ଼ତା ×× ବା ଏମିତି ହୋଇପାରେ ଯେ ତମେ କେବେହେଲେ ବି ଜାଣିବ ନାହିଁ/ କେତେ ବେଶି ମୋର ଭଲପାଇବା/ ସେଇ ହେବ ମୋ ପାଇଁ । ପୁଣିଥରେ ଆଉ ଗୋଟିଏ ଜନ୍ମର ବାଟ ଚାହିଁବା" (ଅପାର୍ଥିବ ପ୍ରେମ କବିତା) ପୃ.୬୨-୬୪ ହର ପ୍ରସାଦ ଦାସ ।

ସମ୍ମୋହନ, ଚିରଦିନ

ଆଲୋଚ୍ୟ ସମୟଖଣ୍ଡର ବିଶିଷ୍ଟ କବି ସୌରୀନ୍ଦ୍ର ବାରିକଙ୍କ ରଚିତ ପ୍ରେମ କବିତାଗୁଡ଼ିକରେ ମୁଖ୍ୟତଃ ସ୍ୱକୀୟାର ମହତ୍ତ୍ୱ ଉଦ୍‌ଘୋଷିତ ହୋଇଛି । 'ଆକାଶ ପରି ନିବିଡ଼' କବିତା ସଂକଳନଟିର ଅନେକ କବିତା ପ୍ରେମଚେତନାର ଜ୍ୟୋତିରେ ସମୁଜ୍ଜ୍ୱଳ । କବି ଚେତନାରେ ପ୍ରେମାସ୍ପଦା ସ୍ଥାପତ୍ୟଟିଏ । ପ୍ରଥମ ମିଳନ କାଳରେ, ଯୌବନ କାଳରେ ଯେଉଁ ଉଦ୍ଦାମତା ନେଇ ସେ ଉଭା ହୋଇଥିଲେ, ଆଜି ବି ତାହା ଉଜ୍ଜ୍ୱଳିତ ରହିଛି । ସ୍ମୃତିର ସେହି କୋମଳ ପ୍ରତିମାକୁ ଆଜିର ସମୟରେ ଚିତ୍ରରୂପ ଦିଅନ୍ତି କବି-ଭଲପାଇବା ନିକଟରେ ଯୌବନ, ଜରା, ଅତୀତ, ବର୍ତ୍ତମାନ, ଭବିଷ୍ୟଦ୍ ଆଦି ଅବସ୍ଥା ପରି କାଳଖଣ୍ଡ ଗୁରୁତ୍ୱହୀନ– "ତାଙ୍କୁ ଆଜିବି ଦେଖିଲେ କେମିତି ସେଦିନ ସେଦିନ ଲାଗେ/ ×× ସ୍ଥାପତ୍ୟଟିଏ/ ଯା ପାଖରେ କାଳ ନପୁଂସକ ହୁଏ/ ବର୍ତ୍ତମାନ, ଭବିଷ୍ୟଦ୍, ସବୁ ହୁଏ ମିଛ" (ସେଦିନ, ଆକାଶ ପରି ନିବିଡ଼, ପୃ. ୧୭) ।

ପ୍ରେମାନୁଭବକୁ କବି ସମୟ ଓ ସଂସାରର କଷଟିରେ ବାରବାର ପରଖି ଚାଲିଥାନ୍ତି । ସେଇ ନିବିଡ଼ ଆକାଶପରି ପରିବ୍ୟାପ୍ତ ପ୍ରେମାନୁଭବ କ୍ରମଶଃ ଦୂରେଇଯାଏ ସ୍ୱାଭାବିକ ଭାବେ । ଏଥିରେ ଶ୍ରଦ୍ଧାହୀନତା ବା ନିବିଡ଼ପଣର ଶିଥିଳତା ନ ଥାଏ । ସଂସାର ଓ ସମୟର ତାଡ଼ନାରେ ଏହି ମହାର୍ଘ ବିରଳ ଅନୁଭବଟିର ଚଞ୍ଚଳତା ହୁଏତ କିଛିଟା ଊଣା ପଡ଼ିଯାଏ, ତାହା ଭିନ୍ନ ଏକ ରୂପରେ ପ୍ରକଟିତ ହୁଏ– "ତୁମେ କ'ଣ ଜାଣିପାରୁନ/ ଆମେ କେମିତି ଘନିଷ୍ଠଭାବରେ ଦୁହେଁ ଦୁହିଁଙ୍କଠାରୁ ଦୂରେଇ ଯାଉଚେ/ ମୁକୁଳିବା ଭିତରେ ଦୁଇଟି କଅଁଳ ପତ୍ର ଯେମିତି/ ଧୀରେ ଧୀରେ ପରସ୍ପରଠାରୁ ଦୂରେଇ ଯାଆନ୍ତି, ଠିକ୍ ସେଇମିତି ।" (ତତ୍ରୈବ. ପୃ. ୩୮ ।)

Digitized by PPRACHIN, SOA

ସୌରୀନ୍ଦ୍ରଙ୍କ କବିତାରେ ପ୍ରେମସ୍ମୃତିର ମଧୁରତର ରୂପଚିତ୍ର ଅନେକ ବିରଳ ଅନୁଭବକୁ ପ୍ରାଣସଂବେଦୀ ପ୍ରତୀକ ମାଧ୍ୟମରେ ଅଭିବ୍ୟକ୍ତ କରିଛି । ସେହି ଦେହ ଅଛି, ସେହି ମନ ଅଛି, କିନ୍ତୁ ପ୍ରେମର ସେ ଉଦ୍ଦାମତା ନିଶ୍ଚୟ ଶିଥିଳ ହୋଇଛି । ମାତ୍ର ପ୍ରେମିକାର ସ୍ମୃତିର ସରସ ରଙ୍ଗ ବୋଳି ହେଇ ସେହି ପ୍ରେମ ପୁଣି ନୂଆ ନୂଆ ମନେ ହେଉଛି– ''ମନେପଡ଼େ ଘର କୋଣରେ ସେ ନିଷ୍ପ୍ରଭ ଦୀପ–/ ତୁମ ଆଖିରେ ପ୍ରଜାପତି ପରି କମ୍ପୁଥିବା/ ସେ ନିଷ୍ପ୍ରଭ ଦୀପ/ ଆଉ ସେ ନୀଳ ଆଖି/ ଯହିଁରୁ ସ୍ୱପ୍ନସବୁ, ସଂପର୍କ ସବୁ କୁଆଁ ମେଲୁଥିଲେ/ ଲଟେଇ ଯାଉଥିଲେ ଦେହରୁ ଦେହକୁ ମନରୁ ମନକୁ ।'' (ବିବାହ ବାର୍ଷିକୀ-୨,ପୃ. ୬୦)

କବି ନୃସିଂହପ୍ରସାଦ ତ୍ରିପାଠୀ କେବେ ପ୍ରେମିକାର କ୍ଷଣ-ଉପସ୍ଥିତିର ସମ୍ମୋହନ ପ୍ରତି ଓ କେବେ ତା'ର ଅପହଞ୍ଚ ସ୍ଥିତି ପ୍ରତି ସ୍ୱାନୁଭବର ଗଭୀରତା ପ୍ରକଟ କରିଛନ୍ତି । ପ୍ରେମ ଖୁବ୍ ସହଜ, ସରଳ, ସାଙ୍ଗ ହୋଇ ଖରା ପୋଇଁଲାଭଳି, କିନ୍ତୁ ପ୍ରେମବିହ୍ୱଳତା ଓ ମିଳନର ଐକାନ୍ତିକତା ବଡ଼ କ୍ଷଣସ୍ଥାୟୀ । ଏଥିପ୍ରତି କବି ପ୍ରେମିକାକୁ ଦୋଷାରୋପ କରନ୍ତି ନାହିଁ ବରଂ କାବ୍ୟନାୟକର ନିଃସଂଗତାଜନିତ ଯନ୍ତ୍ରଣାର ଉଚ୍ଚାରଣକୁ ଅଭିବ୍ୟକ୍ତି ପ୍ରଦାନ କରନ୍ତି– ''ଏବେ ଖାଲି ତା'ର ଛାଇ । ସେ ଛାଇରେ ମୁଁ ବନ୍ଧା । ମୁଁ ବନ୍ଦୀ । କେବଳ ଖରାରେ ସିଝୁଛି ।'' (ପ୍ରେମିକା, ସଂ. ପର୍ବ-ନୃ.ପ୍ର. ତ୍ରିପାଠୀ) । ପୁରୁଷ ପ୍ରେମରେ ଲିପ୍ତ ହେଲେ କ'ଣ ଚାହେଁ, କ'ଣ ପାଏ, ତାହାର ଅଭିବ୍ୟକ୍ତି ସ୍ପଷ୍ଟ ନ ହେଲେ ବି, ପ୍ରେମିକା ଯେ କବି ଅନ୍ତରକୁ ଏକ ଅନନ୍ୟ ଆପଣାପଣରେ ଭରିଦିଏ, ବହୁ ଓଡ଼ିଆକବିଙ୍କ ରଚନାରୁ ଏହା ସ୍ପଷ୍ଟ ହୋଇପଡ଼େ । 'ରୁଚିକା' ସେହି ନାରୀ, ସେହି ପ୍ରେମିକା, ଯାହାର ପଦାଘାତର ଚିହ୍ନ ସୁନ୍ଦରଭାବେ କବିଙ୍କ ବକ୍ଷଦେଶରେ ଉକୁଟି ଉଠିଲା ଠିକ୍ ବିଷ୍ଣୁଙ୍କ ଛାତିରେ ଭୃଗୁଙ୍କ ଉଜ୍ଜ୍ୱଳ ପଦଚିହ୍ନ ଭଳି – ପୁରାଣକଳ୍ପର ପ୍ରତୀକାତ୍ମତାକୁ ବର୍ଣ୍ଣନା କରିଛନ୍ତି କବି ଦୀପକ ମିଶ୍ର- ''ରୁଚିକା ! ସତକୁ ସତ ଭୃଗୁ ପାଦ ଚିହ୍ନଠାରୁ ଆହୁରି ଗଭୀର/ ଆହୁରି ସୁନ୍ଦର/ ତୁମ ପାଦଚିହ୍ନ ଉଠିଲା ଉକୁଟି/ ମୋ ଛାତିର ବାହାର ଭିତର ।'' (ଋକ୍ ପୃ. ୫୯)

ପୁଣି ସେଇ ତୁଳନାତ୍ମକ ପ୍ରତୀକ ଚିତ୍ର – ପୂର୍ବଜ କବିମାନଙ୍କ ଅନୁଭବର ଏକ ମନୋଜ୍ଞ ଇସ୍ତାହାର – ଦେବଯାନୀଙ୍କ ପ୍ରେମବିହ୍ୱଳ ଚିତ୍ର ଅଙ୍କନ କରିବାକୁ ଯାଇ କବି ଶରତ୍‌ଚନ୍ଦ୍ର ପ୍ରଧାନ ବହୁ ଉପମା ଠୁଳ କରିଛନ୍ତି – ନାରୀର ମୁଗ୍ଧ ସମର୍ପଣ ଏଠାରେ ପ୍ରକଟିତ – ''ଗାଉ ଅପଯଶ, ନିଷ୍ଠୁର ସମୟ/ ଗୋଟିଏ ମନରେ, ଯୋଡ଼ିଏ ହୃଦୟ/ କେମନ୍ତ ରଖିବି, ଭାବେ ନିରନ୍ତର/ ନିକଟୁ ନିକଟ, ତୁମେ ମୋ ପ୍ରାଣର/ ଯେଣେ ଅନାଇଲେ, ଖାଲି ତୁମେ ଦିଶ/ ଘଉଡ଼ାଇ ଦେଲେ କିରିକିରି ହସ/ ତୁମେ ମୋ ଚନ୍ଦ୍ରିକା, ରଜତ ଧବଳ/ ଧଳାକଇଁ ମୁଁ ବା ବେଣ୍ଟ ପୋଖରୀର ।'' (ଯଯାତି – ପୃ. ୩୫)

ନାରୀ ସଂଭୋଗର ବିଭିନ୍ନ ଅନୁଭବ ଓ ଉପଲବ୍ଧି ତଥା ଚିତ୍ରମାନଙ୍କୁ ନେଇ ରଚିତ କାବ୍ୟ 'ଶୂନ୍ୟରମଣ'ରେ ନାରୀର ଏକ ସହଜିୟା ଯୋଗିନୀରୂପ ଉତ୍କୀର୍ଣ୍ଣ । ନାରୀ ହେଉଛି ସଂଭୋଗର ଆଧାର ଏବଂ ସଂଭୋଗ ମାଧ୍ୟମରେ ପୁରୁଷ ମହତ୍ତର ଏକ ସୁଖରେ

Digitized by PPRACHIN, SOA

ଉପନୀତ ହେବାର ପଥକୁ ପ୍ରାପ୍ତ ହୁଏ । ତେଣୁ ଶରୀର ସଂଭୋଗର ବିଭିନ୍ନ ସ୍ତରର ଅନୁଭବମାନଙ୍କୁ ପ୍ରତୀକ ଓ ଚିତ୍ର ମାଧ୍ୟମରେ କବି ଅଭିବ୍ୟକ୍ତ କରିଛନ୍ତି । ଏଠାରେ ମଧ୍ୟ ନାରୀ କେବଳ ଶରୀର-ସର୍ବସ୍ୱ ନୁହେଁ, ସେ ମଧ ପ୍ରେମୀ ପୁରୁଷକୁ, ପ୍ରଣୟୀକୁ ବିଚିତ୍ର ଏକ ଜଗତର ଅନୁଭୂତି ପ୍ରଦାନ କରିଥାଏ । ଶୂନ୍ୟକୁ ପୂର୍ଣ୍ଣତାର ଦିଗକୁ ନେଇ ଚାଲେ ଓ ସାମାନ୍ୟକୁ ବିପୁଳତାରେ ଭରିଦିଏ । 'ଶୂନ୍ୟରମଣ'ର କବି ନୃସିଂହ ତ୍ରିପାଠୀ କହନ୍ତି – "ତମ୍ଭୁକୁ ତୋଫାନ ଡର/ ମତେ ତୋ ବିରହ/ ପ୍ରସାଦ ପରିକା ତତେ ପାଉଥିଲା ବେଳେ ଫୁଲ ଶେଯ ଉପୁଜାଏ ହଂସା ଉଡ଼ା ଭୟ ।" ×× ଚିପୁଡ଼ିଲା ପରି/ ଅଭିସାର ଦରମେଲା କବାଟକୁ ସୁଲୁସୁଲୁ ଚିପ ପବନର/ ଟିକେ ଟିକେ ଦେଲା ପରି ଖୋଲି/ ସଙ୍ଗମର ମୁକୁଳାରେ ଅନ୍ତିମ ଖୋଜିଲି/ ସେଠାରେ ମରଣ ନାହିଁ/ ଖାଲି ଥାଏ ଅମୃତ ବିରହ/ କରୁଣାରେ ଫାଟି ଫାଟି ପଡୁଥାଏ କୋହ ।" (ପରମପୁର, ଶୂନ୍ୟରମଣ ପୃ. ୧୧) । ନାରୀସଂଗମ କାଳରେ ପୁରୁଷ ପ୍ରସାଦପାଇଲା ଭଳି ଏକ ପବିତ୍ର ଅନୁଭବରେ ଉପନୀତ । ଶରୀର ପରମପ୍ରାପ୍ତି ଦିଗରେ ଏକ ସାଧନ । ତେଣୁ ଦେହ ମଧ କବିଙ୍କୁ ବିଦେହର ସ୍ପର୍ଶ ଆଣିଦିଏ । ଲାଗେ, ମିଳନଠାରେ ହିଁ ବିରହ ନିହିତ । ଏକ ଅବୁଝା କାରୁଣ୍ୟରେ ପ୍ରେମିକର ଅନ୍ତର ସିକ୍ତ ହୋଇଉଠେ । ପ୍ରେମିକ ପ୍ରେମିକା ପରସ୍ପର ସର୍ବସ୍ୱ ତ୍ୟାଗ କରିବା ନିମିତ୍ତ ଆଗଭର ହୁଅନ୍ତି । ପ୍ରେମର ସ୍ମୃତି ଯେତିକି ଉଲ୍ଲସିତ କରେ ସେତିକି କରେ ବେଦନାର୍ତ୍ତ । ଏହି ସ୍ମୃତିଚାରଣ କାଳରେ କବି ଯନ୍ତ୍ରଣାର ବିନ୍ଦୁପାତକୁ ସହ୍ୟ କରନ୍ତି । କବି ନିତ୍ୟାନନ୍ଦ ନାୟକଙ୍କ ଉଚ୍ଚାରଣରେ "ମନେପଡ଼େ ଏକା ସାଙ୍ଗେ ପାହାଡ଼ ଚଢ଼ିବାପାଇଁ/ ନଈକୁ ଡେଇଁବାପାଇଁ ଶପଥ ନେବାର ଦିନ/ ଏକାସାଙ୍ଗେ ଚୁପ୍‌ଚାପ୍ ଲୁହ ଢାଳିବାର ବି/ ×× ସେ କେଉଁକାଳର କଥା ହେଲାଣି/ ଫୁଲହାରରେ ଚିଠି ନେଇ ଯାଇଥିବା ମାଲୁଣୀ/ ହୁଏତ ଏଯାବତ୍ ଫେରି ନାହିଁ । କେତେ ମଉଳା ମୁଚୁକୁନ୍ଦ ଫୁଲ ବାସ୍ନାରେ ଭିଜିଗଲାଣି ଏଇ ମାଟି ।" (ସବୁ ମନେପଡ଼େ ସଂ. କନ୍ୟାକୁମାରୀ ପୃ. ୪୪-୪୫)

ପ୍ରେମାବେଗରେ ଟଳମଳ କବି ଅନ୍ତର ସ୍ୱଆବେଗକୁ ସାର୍ବଜନୀନତା ପ୍ରଦାନ କରି ତାକୁ ଏକ ଭାବାନୁଭୂତି ରୂପରେ ଦେଖେ । ଏଠାରେ ପ୍ରେମିକ ବା ପ୍ରେମିକା ମୁଖ୍ୟ ନୁହନ୍ତି, ପ୍ରେମ ଏକ ଭାବ, ଯାହା ଐତିହାସିକ ସ୍ଥିତିସଂପନ୍ନ । ବ୍ୟକ୍ତିର ପ୍ରେମ, ପ୍ରତାରଣା, ଯୁଦ୍ଧ, ମୃତ୍ୟୁ, ବିଜୟ, ପରାଜୟ ସବୁକିଛି ଇତିହାସର ଅନ୍ତର୍ଗତ । ଅନ୍ୟଭାବରେ ଦେଖିଲେ ବ୍ୟକ୍ତିର ଏହି ସକଳ ଭାବ ଓ ଅବସ୍ଥା ମଧ୍ୟରେ ଇତିହାସ ନିହିତ । କବି ଆଶୁତୋଷ ପରିଡ଼ା କହନ୍ତି – "ଯଦି ଭାବୁଛ ପ୍ରେମ ବୋଲି କିଛି ଅଛି/ ତା' ବି ହୋଇପାରେ ଇତିହାସର ଭ୍ରାନ୍ତି/ ପ୍ରେମର ବି ଗୋଟେ ଇତିହାସ ଅଛି/ ×× ତେଣୁ ସବୁ ପ୍ରେମ, ସବୁ ପ୍ରତାରଣା/ ତୁମର/ ସବୁ ଯୁଦ୍ଧ, ସବୁ ମୃତ୍ୟୁ ତୁମର/ ସବୁ ବିଜୟ ସବୁ ପରାଜୟ ତୁମର ।" (ଅଂଗାରଗାର–'ଇତିହାସ') । ତାଙ୍କ ଦୃଷ୍ଟିରେ ମଣିଷପାଇଁ ପ୍ରେମ ଏକ ଐତିହାସିକ ସତ୍ୟ, ଐତିହାସିକ ଆବଶ୍ୟକତା ।

Digitized by PPRACHIN, SOA

ଚର୍ଯ୍ୟାପଦର ସହଜିୟା ଭାବ । ନୈରାମଣିଦାରୀ, ଡୋମ୍ବୀ, ଶବରୀବାଳି ଆଦି ଚରିତ୍ରକୁ ଅବଲମ୍ବନ କରି ପ୍ରେମର ଯେଉଁ ମୁକ୍ତ ସଂଚରଣ, ତାହା କବି ପ୍ରାଣକୁ ବିସ୍ମୟାଭିଭୂତ କରେ । ଏପ୍ରକାର ନାରୀର ନାମରୂପ ବା ପ୍ରତୀକ ରୂପ ହୋଇଥାଏ 'ସହଜସୁନ୍ଦରୀ' ଓ କାବ୍ୟନାୟକ ନିଜକୁ ଅବଧୂତ ରୂପେ ପରିଚିତ କରାଇଛନ୍ତି । ସଂସାର ତ୍ୟାଗୀ, ଯୋଗୀ ଅବଧୂତ ବୋଲି କିଏ ନ ଜାଣେ ? ମାତ୍ର ଏଠାରେ ସେହି ଅବଧୂତ ପୁଣି ତ୍ରିପୁରମୋହିନୀ, ସହଜସୁନ୍ଦରୀଙ୍କୁ ସଂବୋଧନ କରୁଛନ୍ତି 'ଅବଧୂତିକା' ରୂପେ । ଅଥଚ ଅବଧୂତିକାଙ୍କୁ ସେ ଆହ୍ୱାନ କରୁଛନ୍ତି– ନିଜ ନାବରେ ତାକୁ ବସାଇନେବେ । ସେହି ନାବ ପୁଣି ନିରଂଜନା ନଦୀବକ୍ଷରେ ଭାସୁଥିବାର ପ୍ରତୀତ ହେଉଛି । ଏହି ଆହ୍ୱାନ ତ୍ରିପୁରମୋହିନୀ ପ୍ରତି ଯେତିକି ଅଭିପ୍ରେତ ସେତିକି ସେଇ ମାନସୀପ୍ରତିମା, କଳ୍ପଲୋକର ନାରୀପ୍ରତି ଉଦ୍ଦିଷ୍ଟ । କବି ବଂଶୀଧର ଷଡ଼ଙ୍ଗୀ ନିଜ ସତ୍ତାଠାରେ ଅବଧୂତ-ପଣକୁ ଆରୋପ କରି କହନ୍ତି – ''ବନ୍ଧବାଡ଼ ପରିଖା ଡେଇଁ/ ଚାଲିଆ ! ତ୍ରିପୁରମୋହିନୀ/ତୋ ବାଟକୁ ମୁଁ ଚାହିଁ ବସିଚି । ଅନେଶୋତ ରାଣୀଙ୍କୁ ତୁଚ୍ଛ କରିଚି କେବଳ ତୋ'ରିପାଇଁ/ନିରଂଜନାରେ ମେଲି ଦେଇଚି/ କୃଷ୍ଣାଜିନ/ ଅବଧୂତିକା/ଶୂନ୍ୟତାରେ ପରିପୂର୍ଣ୍ଣ ମୋର ନାବ × ସାବଧାନରେ ଚଢ଼ିଆ' ମୋ ଡଙ୍ଗାକୁ –'' । ସଂଧାଭାଷାରେ ରଚିତ ଦ୍ୱିଅର୍ଥବୋଧକ ଚର୍ଯ୍ୟାପଦଗୁଡ଼ିକର ନିହିତାର୍ଥ ଯାହାହେଉନା କାହିଁକି, ସହଜବୋଧଗମ୍ୟ ଏହାର ପ୍ରତୀତ ଅର୍ଥ – ନାରୀ ଓ ପୁରୁଷଙ୍କର ପରସ୍ପରପାଇଁ ବ୍ୟାକୁଳତା । ଶରୀର ସଙ୍ଗମରେ ନିମଜ୍ଜିତ ହେବାର ଅଭୀପ୍ସା ଏଥିରେ ସ୍ପଷ୍ଟ ସୂଚିତ ହୋଇଛି । ମହାଶୂନ୍ୟରେ ଉପବିଷ୍ଟ ହେବାନିମିତ୍ତ ବ୍ୟଗ୍ର ଏହି ଅବଧୂତ କ'ଣ ନିଜେ କାପାଳିକ ? ମହାସୁଖରେ ଆବିଷ୍ଟ ହେବାର ଇଚ୍ଛାରେ ସେ ପ୍ରତୀକ୍ଷାରତ ? 'କାମନାର ବିନାଶରେ ଦୁଃଖର ବିନାଶ' ବୋଲି ନିରଞ୍ଜନା ନଦୀତଟର ତପସ୍ୱୀ ଗୌତମ ପ୍ରଚାର କରିଥିଲେ ମଧ୍ୟ କାମନା କ'ଣ ସହଜରେ ବିନଷ୍ଟ ହୋଇଥାଏ ? କାମନାକୁ ଜୟ କରିବାର କୃଚ୍ଛ୍ର ସାଧନା ନ କରି ବରଂ କାମନାର ତୃପ୍ତିପାଇଁ ମଣିଷ ଉଦ୍ୟମ କରେ – କବିଙ୍କ ରଚନାରେ – ''ସାୟଂକାଳ ଉପସ୍ଥିତ ବିତିଶ ଯୋଗିନୀଙ୍କର ଅଙ୍ଗୋଲ୍ଲାସ/ଚତୁର୍ଥ ସନ୍ଧ୍ୟାର ଅପେକ୍ଷାରେ/ ଶବରୀ ଗ୍ରୀବାର ଗୁଞ୍ଜରାମାଳୀ/କାପାଳିକର ସଂଭୋଗର ପ୍ରତୀକ୍ଷାରେ ।'' (ଶବରୀଚର୍ଯ୍ୟା, ସଂ. –, ଚର୍ଯ୍ୟାପଦ – ବଂଶୀଧର ଷଡ଼ଙ୍ଗୀ) ।

ନାରୀର ସାନ୍ନିଧ୍ୟ ପୁରୁଷପାଇଁ ଅପରିହାର୍ଯ୍ୟ, ନାରୀକୁ ନେଇ ତା'ର ଯେତେକ ସ୍ୱପ୍ନ ଓ ସଂଭୋଗ ପିପାସା । ସେଠାରେ ପ୍ରେମ ଉପସ୍ଥିତ ଥାଇପାରେ ନ ଥାଇପାରେ । ପିପାସା ପରିତୃପ୍ତ ହେବା ପରେ ବି ନାରୀ-ସାନ୍ନିଧ୍ୟ ଲାଭ ନିମିତ୍ତ ଆକୁଳତା ରହିଥାଏ । ମାତ୍ର ନାରୀ ଆସଂଗଲିପ୍‌ସା ହିଁ ପୁରୁଷଠାରେ ଅବଶ୍ୟମ୍ଭାବୀ ଆକର୍ଷଣ ଆଣିଥାଏ । ସୁନ୍ଦର ଏକ ପ୍ରତୀକ ମାଧ୍ୟମରେ ଏହି ଚିତ୍ରକୁ ପ୍ରକଟ କରନ୍ତି କବି ଭଗବାନ୍ ଜୟସିଂହ – ''ତା'ର ବଧୂଳି-ଲାଲ୍ ଦେହକୁ ଚୁମ୍ବନରେ ଚମକାଇଲା ବେଳେ ତା'ର ଶୃଙ୍ଗକୁ ଛୁଅଁ/ ତା'ର ଘାସ ଏବଂ ଘର୍ମର ରୁଦ୍ଧ ଦ୍ୱାରରେ ପ୍ରବେଶ କର/ ଚଳଚଞ୍ଚଳ ନଦୀଜଳରେ ଅନୁଭବ କର/

Digitized by PPRACHIN, SOA

ନୀଳହଂସର ପହଁରିବାର କୌଶଳ/ ପହଁରୁ ପହଁରୁ ଶୁଣ ଭଳି ଭଳି କାକଳି ପକ୍ଷୀଙ୍କ'' (ମାୟାଘେରରେ କାଳିଦାସ, ପୃ. ୬୪)।

କବିର ସ୍ୱପ୍ନ ଓ କଳ୍ପନାରେ ଯେଉଁ ମାନସୀ ଆସେ, ସେ ପରକୀୟା। ଯଦି ସ୍ୱପ୍ନ ଓ କଳ୍ପନାରୁ ବାସ୍ତବତାର ତେଲଲୁଣକୁ ଓହ୍ଲାଇଆସେ ସେ ସ୍ୱକୀୟା। ମାତ୍ର ଉଭୟ କ୍ଷେତ୍ରରେ ପୁରୁଷ ପ୍ରେମିକର ଭୂମିକାରେ ଅବସ୍ଥାନ କରିପାରେ। କବି ପ୍ରମୋଦକୁମାର ମହାନ୍ତି ଏକ ମଧୁର ପ୍ରେମାନୁଭବର ଉଚ୍ଚାରଣ କରନ୍ତି– ''ଏହାପରେ ତୁମରି ଆଖିର ରାକା ବ୍ୟାପିଥିଲା ଅରଣ୍ୟରୁ ଅରଣ୍ୟ ପର୍ଯ୍ୟନ୍ତ/ ଦୂରାନ୍ତର ତୋଟା ଛାଇତଳେ ରହି ରହି ଡାକୁଥିଲା ଟଣା ଟଣା କାହାର ଆଳାପ/ ଆମେ ଦିହେଁ ଦିହିଁଙ୍କ ସାମ୍ନାରେ ଥିଲେ ଚୁପ୍‌ଚାପ୍ ଆପାଦ ମସ୍ତକ/ଏହାଠାରୁ ବେଶି କଥା କହି/ଆଉ କେଉଁ ବର୍ଣ୍ଣମାଳା ଗଢ଼ିପାରେ ସର୍ବୋଚ୍ଚ ସଂପର୍କ ?/ କୃତଜ୍ଞ ମୁଁ ସମୟ ପାଖରେ/ ତୁମ ସହ ଭେଟ ହେଲା ବୋଲି/ ତୁମେ ପୁଣି ମନେ ଅଛ ଆଜୀବନ ମନେପଡ଼ ବୋଲି।'' (ହୃଦୟେଶ୍ୱରୀ' ସଂ. ଦେବୀପାଦ, ପୃ. ୧୨୫।)

ନାରୀ ଚିରକାଳ ନିଜ ପ୍ରେମ ଓ ଆବେଗର ପରିପ୍ରକାଶ କ୍ଷେତ୍ରରେ ମୌନତା ଅବଲମ୍ବନ କରିଥାଏ, ସଙ୍କୁଚିତ ହୋଇଥାଏ। ଏହି ନାରୀ ପୁଣି ପୁରୁଷର ଲାଳସାର ଶରବ୍ୟ ହୁଏ, ପତିରୂପୀ ଅଧିକାରସର୍ବସ୍ୱ ବ୍ୟକ୍ତିର ସଂପତ୍ତିରୂପେ ବିବେଚିତା ହୁଏ, ତା'ର କ୍ରୋଧାଗ୍ନିରେ ପ୍ରସ୍ତରୀଭୂତା ହୁଏ। ଶେଷକୁ ସେହି ପୁରୁଷର ପଥ ଚାହିଁ ପ୍ରାର୍ଥନାରତା ରହେ। ଅହଲ୍ୟାଙ୍କ ଚରିତ୍ର ମାଧ୍ୟମରେ ନାରୀ ଅସ୍ତିତ୍ୱର ଚରମ ବିଡ଼ମ୍ବନାକୁ ରୂପଦିଅନ୍ତି କବି। ଏହି ବିଡ଼ମ୍ବନା ପୁରାଣଯୁଗରେ ଥିଲା ଏବଂ ବର୍ତ୍ତମାନ ଯୁଗରେ ମଧ୍ୟ ରହିଅଛି, ପୁରୁଷର ଏତାଦୃଶ ସହାନୁଭୂତିହୀନତାକୁ ତାଚ୍ଛଲ୍ୟସହ ପ୍ରକଟ କରିଛନ୍ତି କବି– ''ନିବୀର୍ଯ୍ୟପୁରୁଷ ପରି/ ଗୋଟି ଗୋଟି କରି ଯେଝା ବାଟେ ଗଲେ/ ଆଶ୍ରମର ପବିତ୍ରତା ନଷ୍ଟ ହେଲା କହି/ ଫାଶୀ ଆସାମୀଟି ଭଳି ଚୁପ୍ ରହିଗଲେ/ ଅସହାୟା ନାରୀ ଜାତିପ୍ରତି/ ଘଟିଥିବା ଘଟଣାର ସତ୍ୟାସତ୍ୟ ଜାଣିବାକୁ/ ଜଣେ କେହି ଆଗ୍ରହୀ ନ ଥିଲେ/ ନିଜ ଦୁଃଖରେ ନିଜେ ହନ୍ତସନ୍ତ ହେଉଥିବା ପ୍ରେମକାଙ୍ଗାଳୁଣୀ ନିରୁତା ନାରୀ ମୁଁ/ସାତ୍ତ୍ୱିକ ତେଜରେ ସୁନାପରି ଦାଉ ଦାଉ ଉଜ୍ଜ୍ୱଳ।'' (ଅହଲ୍ୟା ପୃ. ୧୭, ଫନୀ ମହାନ୍ତି)

ସଂପର୍କିତା ନାରୀର ରହସ୍ୟମୟରୂପକୁ ନିରୀକ୍ଷଣ କରି ତା'ର ନିକଟତର ଓ ଦୂରତର ସ୍ଥିତିକୁ ଆପଣେଇ ନିଅନ୍ତି କବି ଅମରେନ୍ଦ୍ର ଖଟୁଆ। ତାଙ୍କପାଇଁ ନାରୀ ଯେହେତୁ ରହସ୍ୟମୟୀ, ସେ ନାରୀ ନା କିନ୍ନରୀ ବୁଝାପଡ଼େ ନାହିଁ। ତଥାପି ନାମହୀନ, ମୁଖହୀନ, ପରିଚିତିହୀନ ସେହି ସଂପର୍କକୁ ନିଜ ସର୍ବୋତ୍ତମ ଅଭିଳାଷର ଫଳଶ୍ରୁତି ରୂପେ ସ୍ୱୀକାର କରନ୍ତି କବି–

''ରହସ୍ୟମୟୀ ତୁ, ନାରୀ ନା କିନ୍ନରୀ/କେବଳ ନିର୍ଜୀବ କବିତାର ସ୍ୱର ଅଥବା ତୁ ବିଷାଦୀୟ ସମୟର ପୃଥକ୍ ଅଭିଳାଷୀ/ତତେ ନ ଜାଣି ପାରିବାର ଭୀଷଣକାୟ ଅଜ୍ଞାନ,

Digitized by PPRACHIN, SOA

ଏତେ ପାଖରେ ଦୁଇ ସ୍ଥିତିର ଆଲୋଡ଼ନ ଓ ଦୂରରେ ଥିଲେ/ଅପହୃତ ମାନସିକତାର ଦାରିଦ୍ର୍ୟ ବର୍ତ୍ତମାନ/ ନାମହୀନ, ମୁଖହୀନ, ପରିଚିତିହୀନ/ ତୋ ପାଖରୁ ସୁଖ ଦୁଃଖ ଯାହା ମିଳୁ/ ତାହାହିଁ ମୋ ନିଶ୍ଚିତ ନିର୍ବାଣ/'' (ରହସ୍ୟମୟୀ– ଗଳ୍ପକୁ କବିତା ବନେଇଲେ', ସଂ. ଶବ୍ଦଜ ନିରାପତ୍ତା, ଅମରେନ୍ଦ୍ର ଖଟୁଆ) ।

କବିଟିର ଆଖିସାମ୍ନାରେ କଥାକୁହା ସମୁଦ୍ରଟିଏ ସୃଜିଦିଏ କାହାର ଆଖି ? ପ୍ରେମିକାର ଆଖି ନିଶ୍ଚୟ । ସେଇ ଆଖିକୁ ପ୍ରତୀକିତ କରି ବ୍ୟକ୍ତ କରିବା ଭିତରେ କବି ବାରବାର ଭୁଲ କରେ । ଭାବବିହ୍ୱଳତାରେ ବୁଡ଼ିଯାଏ । ଶେଷକୁ ଆଖିକୁ ଆଙ୍କୁ ଆଙ୍କୁ ଆଙ୍କି ପକାଏ କଥାକୁହା ସମୁଦ୍ର– ''ଆଙ୍କି ଜାଣିଥିଲେ/ ଆଙ୍କି ଥାନ୍ତି ତୁମ ଆଖି ଦୁଇଟି/ ଚନ୍ଦ୍ରବଦନୀ ମଝିରେ କଳଙ୍କିତ ଜହ୍ନ/ ଭୁଲ୍‌କଲି/ ଶ୍ୟାମଳ କ୍ଷେତ ମଝିରେ ଅନ୍ଧାରର ଛାଇ/ ଚନ୍ଦ୍ରୋଦୟ ନାହିଁ ।''×× (ଆଖି, ସଂ. ଦେହଦେଉଳ, ସୁନୀଲ ପୃଷ୍ଟି) କିନ୍ତୁ ସେହି ପ୍ରେମାସ୍ପଦାର ଆଖି ଯେ ଲୁହ ଓ ବିଦାୟଦ୍ୱାରା ଟଳମଳ– କବି ଉଚ୍ଚାରେ– ''ଚିହ୍ନିବାରେ ଅଭିମାନ ଧାଡ଼ି ଧାଡ଼ି ଲୁହ/ସ୍ୱାତୀ ନକ୍ଷତ୍ର, ବିଦାୟ ପରର ଭାଷା ×/ ଆଖି ଆଙ୍କିବାକୁ ବସେ ତ ଦେଖେ କଥାକୁହା ସମୁଦ୍ର ।'' (ତତ୍ରୈବ - ସୁନୀଲ ପୃଷ୍ଟି)

ପ୍ରେମିକାର ସାନ୍ନିଧ୍ୟ ନିମିଷକୁ କଳ୍ପକଳ୍ପରେ ରୂପାନ୍ତରିତ କରିଦିଏ । ପ୍ରେମାନୁଭବ ଦେହରେ ସଂଚରି ଦେହକୁ ଅତିକ୍ରମ କରିଯାଏ । ବର୍ତ୍ତମାନରେ ସଞ୍ଚରି ପ୍ରାଗୈତିହାସିକ ହୋଇଉଠେ । ଏଠାରେ ହୁଏତ ପ୍ରେମର ପୃଷ୍ଠପଟରେ ଏପରି କିଛି ମହାର୍ଘ ତ୍ୟାଗ ବା ସମର୍ପଣର ଚିତ୍ର ମିଳେନା କିନ୍ତୁ ଆବେଗ ଓ ବିହ୍ୱଳତା ପ୍ରଚୁର । ପ୍ରେମକୁ ନେଇ ପୁରୁଷର ଉପଲବ୍ଧି ପ୍ରାୟତଃ ଆବେଗସର୍ବସ୍ୱ, ମିଳନ ଓ ଅନୁରାଗ ଆଶାୟୀ । କବି ପ୍ରସନ୍ନ କୁମାର ମିଶ୍ର ଏତାଦୃଶ ବିହ୍ୱଳ ଆବେଗର ଚିତ୍ର ଆଙ୍କନ୍ତି – ''ସେ ବୁଝିପାରିବ – ନିମିଷକ ଭିତରେ କିପରି ମୁଣ୍ଡ ଟେକନ୍ତି ଅସଂଖ୍ୟ ନିମିଷ/ ବୃତ୍ତ ଭିତରେ କେମିତି ରହିଯାଏ ବ୍ରହ୍ମାଣ୍ଡ/ ସେ କହିଉଠନ୍ତା/ଜାଣିଲି, ଜାଣିଲି ପ୍ରିୟ ଆଦୌ ମିଛ ନୁହେଁ ଜୀବନ/ ମିଛ ହୋଇପାରେନା ପ୍ରେମ/ କେବେ ତ ବୃଥାରେ ଯାଏନା ବର୍ଷ ବର୍ଷ ପ୍ରତୀକ୍ଷା କରି ତପସ୍ୟାରେ ବିଛେଇଦେଲେ ଯୌବନ ।'' (ନିମିଷକ ଲାଗି ମନିକା'– ଶ୍ରେଷ୍ଠ ଓଡ଼ିଆ କବିତା, ସଂ.– ଦାଶରଥି ଦାସ ପୃ. ୨୦୯, ପ୍ରକାଶକାଳ ୧୯୯୮) ।

ପ୍ରେମ ସହ ପାପକୁ ସଂପର୍କିତ କରିବା ଓ ଯୁକ୍ତି ବଳରେ ଏହି ପାପ ଚେତନାକୁ ଅତିକ୍ରମ କରିଯିବା କବି ଚେତନାର ଏକ ଚିରାଚରିତ ପ୍ରୟାସ । ପୁରୁଷ ପ୍ରେମରେ ଦାୟବଦ୍ଧ ହେବା ଅପେକ୍ଷା ମୁହୂର୍ତ୍ତ ପ୍ରଧାନ ଅନୁଭବକୁ ଅଧିକ ଗୁରୁତ୍ୱ ଦିଏ । ପ୍ରେମକୁ ସେ ପବିତ୍ର ଗଙ୍ଗା ରୂପରେ ଚିତ୍ରଣ କରେ । ତେବେ, ଏ ପ୍ରକାର ଅନୁଭବ ମଧ୍ୟରେ ରୂପ ନିଏ ପ୍ରେମିକା ପ୍ରତି ଗଭୀର ସୁମନାସ । ପ୍ରେମିକାର ମଙ୍ଗଳ କାମନାରେ କବି ନିଜର ସମୟକୁ ବ୍ୟୟ କରିବା ନିମିତ୍ତ ଆଶା ପୋଷଣ କରନ୍ତି– କବି ସରୋଜ ରଞ୍ଜନ ମହାନ୍ତିଙ୍କ କବିତାରେ ନାରୀପ୍ରେମର ଏତାଦୃଶ ବିହ୍ୱଳତା ଓ ମଙ୍ଗଳାକାଙ୍କ୍ଷା ସ୍ପଷ୍ଟ ହୋଇଉଠେ – ''ପାପ କ'ଣ

Digitized by PPRACHIN, SOA

ପୁଣ୍ୟ କ'ଣ/ ସ୍ୱର୍ଗ କ'ଣ/ ନର୍କ କ'ଣ / ମୁଁ ଜାଣେନା ଜମାରେ ହୃଦୟେଶ୍ୱରି । ମୁଁ ଖାଲି ଜାଣେ ଯେ ପ୍ରୀତି ମୋର ଜହ୍ନର ଶର୍ବରୀ/ ପାପ ମିଛ ପୁଣ୍ୟ ମିଛ ସ୍ୱର୍ଗ ନର୍କ ସବୁ ମିଛ/ ସତ୍ୟ ଖାଲି ପୃଥିବୀ ଓ ତା' ମାଟିର ପୁଲକ ଉଲ୍ଲାସ ××/ ପାପ ନୁହେଁ ପ୍ରୀତି । ତାହା ପୁଣ୍ୟତୋୟା ଗଙ୍ଗାର ଜାଗୃତି ।'' (ହୃଦୟେଶ୍ୱରୀ ପୃ. ୫୭, ୫୮, କାଗଜ ଡଙ୍ଗାର ଶ୍ଳୋକ ୧୯୭୭)

ଏହି କବି ପ୍ରିୟାର ଶୁଭ ମନାସି ଦୀପାଳି ଜଳାଇ କହନ୍ତି – ''ଦୀର୍ଘାୟୁ ହୁଅ ତମେ । ମୋ ଆୟୁଷ ନେଇ ଓ/ ତମର ସମୟକୁ ସୁନ୍ଦର ସତେଜ କରିବାରେ/ ମୋ ସମୟ ଅର୍ଘ୍ୟ ହୋଇଯାଉ ।'' (ଫୁଲ ଫୁଟାଇବା ମନା' ବର୍ଗଫଳ, ପୃ. ୧୩)

ପ୍ରେମରେ ରହସ୍ୟର ସଂଯୋଗ ଏକ ଅବଶ୍ୟମ୍ଭାବୀ ପରିଣତି । ଏଠାରେ ଭୁଲ ବୁଝାମଣା ବି ଖୁବ୍ ସହଜ । ତଥାପି ପ୍ରେମିକ ପ୍ରିୟତମାର ଅସ୍ତିତ୍ୱକୁ ବିଭିନ୍ନ ସ୍ତରରେ ଅନୁଭବ କରିଥାଏ । ପୃଥିବୀର ସବୁ ନାରୀଙ୍କ ମଧ୍ୟରେ ପ୍ରେମିକା ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ । ସେ ସମୁଦ୍ରର ଗଭୀରତା ସହ, ନଦୀର ସ୍ୱର ସହ ପ୍ରତୀକିତ ହେଲେ ହିଁ ନିଜସ୍ୱ ବିଶିଷ୍ଟତା ସାବ୍ୟସ୍ତ କରେ । କବି ପ୍ରସନ୍ନ ପାଟଶାଣୀ ଏତାଦୃଶ ଉପଲବ୍‌ଧିକୁ ଉଚ୍ଚାରଣ କରନ୍ତି– ''ଭୁଲ୍ ବୁଝାମଣାର ଶଙ୍ଖ ତୁ ଆଉ ବଜାନା/ ମୋ ହୃଦୟ ସିଂହାସନେ ତୁ ଅଟୁ ସାମ୍ରାଜ୍ଞୀ/ ଗଜରାଜ ପିଠିରେ ତୁ ବୁଲି ବାହାରିବା ବେଳେ/ ମାହୁନ୍ତ ମୁଁ ହେବି/ ଈର୍ଷା କରନ୍ତୁ ବା ଅପବାଦ ଦିଅନ୍ତୁ/ ସେ ଆମ ସଂପର୍କର ବିବାଦ ନୁହେଁ ।''

× × ''ପୃଥିବୀର ସବୁ ନାରୀଙ୍କୁ ମୁଁ ଘୃଣା କରେ/ କେବଳ ତତେ ବାଦ୍ ଦେଲେ/ ପୃଥିବୀର ସବୁ ସମୁଦ୍ର ମତେ ଅଗଭୀର ଲାଗେ/ କେବଳ ତତେ ବାଦ୍ ଦେଲେ/ ପୃଥିବୀର ସବୁ ନଈର ଗୀତ ମତେ ବେସୁରା ଶୁଭେ । କେବଳ ତତେ ବାଦ୍ ଦେଲେ ।''

(ଅନନ୍ତ ଶୟନ'– ଶ୍ରେଷ୍ଠ ଓଡ଼ିଆ କବିତା, ସଂ– ପ୍ରଫେସର ଦାଶରଥି ଦାସ ପୃ. ୨୪୫, ପ୍ରକାଶ ୧୯୯୮) ।

ପତ୍ନୀର ମହିମା

ତେବେ କେବଳ ଶଯ୍ୟାସଙ୍ଗିନୀ ବା ସନ୍ତାନର ଜନନୀଭାବେ ପୁରୁଷ ନାରୀକୁ ଲୋଡ଼େ ନାହିଁ । ଏହା ଅନ୍ତରାଳରେ ଯେଉଁ ଦିଗ୍‌ବିଦିଗ ବିସ୍ମୟନିହିତ ଓ ଯେଉଁ ଆତ୍ମୀୟତାର ଚିତ୍ର ଦେଇ କବି ନାରୀଅସ୍ତିତ୍ୱକୁ କେବେ ପୃଥିବୀ, କେବେ ଈଶ୍ୱରୀ, କେବେ ମାଆ, କେବେ ବା ଭୟଙ୍କରା ଭାବେ ପ୍ରକଟ କରିଛନ୍ତି, ତାହା ନାରୀପୁରୁଷର ଉତ୍ତୁଙ୍ଗ କଳ୍ପନାକୁ ସ୍ପର୍ଶ କରେ ଓ ସାଂସାରିକତାକୁ କରେ ବିହ୍ୱଳ ଓ ସ୍ୱପ୍ନମୟ । ଯଥାର୍ଥରେ କବି ଦିନ୍‌କର କହିଥିଲେ– ''କ୍ୟା, ନାରୀ ବନ୍‌କର ନିକଲ ପଡ଼ୀ ତୁମ । ନାରାୟଣକୀ ମହାକଳ୍ପନା ସେ/ ଏକାୟନ ମନ୍‌ସେ ।'' ପ୍ରକାରାନ୍ତରେ ବୀର ରାଜା ପୁରୁରବା ଅପ୍‌ସରୀ ଉର୍ବଶୀଙ୍କୁ ଦେଖି ବିହ୍ୱଳ ହେଇ ଉପରୋକ୍ତ ମତେ କହିଛନ୍ତି । କବି ହୃଷୀକେଶ ମଲ୍ଲିକ 'ଧର୍ମପତ୍ନୀ' କବିତା ସଂକଳନରେ

Digitized by PPRACHIN, SOA

ନାରୀର ମହିମ୍ନରୂପ ଆଙ୍କିଛନ୍ତି । ଯୁଗେ ଯୁଗେ ପ୍ରେମର ତୀବ୍ରତା ପରକୀୟାକୁ ଆଶ୍ରୟ କରିଥିବାର ପ୍ରଚୁର ନଜିର୍ ରହିଛି । ମାତ୍ର ପତ୍ନୀତ୍ୱ ଓ ନାରୀତ୍ୱର ଗାରିମା ପୁରୁଷ ହୃଦୟକୁ, ଶରୀରକୁ, ଜୀବନକୁ ଯେଉଁପ୍ରକାର ଐଶ୍ୱର୍ଯ୍ୟରେ ବିମଣ୍ଡିତ କରିଦିଏ, ତା'ର ଶାବ୍ଦିକ ଅଭିବ୍ୟକ୍ତି ନିମ୍ନୋକ୍ତ ପଂକ୍ତିଗୁଡ଼ିକରେ ଉଚ୍ଚାରିତ ''ଶେଯ ଛାଡ଼ି ପାହୁଲ ଥାପିଲ ତମେ ଘର ଅଗଣାରେ ପଦ୍ମ ଫୁଟିଗଲା । ପ୍ରଥମ ଶବ୍ଦରେ ତୁମ ଅଫଳନ୍ତି ଆମ୍ୱଗଛେ, ବଉଳ ଧଇଲା ।'' ×× ''ବାଢ଼ିଲ ଚଟୁଏ ଭାତ/ ଦେଖ, ପ୍ରିୟତମା ! ପୂର୍ଣ୍ଣ ହୋଇଗଲା ଲକ୍ଷେ ଯୋଗୀଙ୍କର ଥାଳ/ ଭିଜାଇଲ ଚାରାଗଛ କାଖରେ ମାଠିଆ ଥୋଇ/ ତିନ୍ତିଗଲା ତୁମ ଛାତି/ ପୂରିଗଲା ମୋର ଶୂନ୍ୟକୋଳ !'' ନାରୀ ଓ ପତ୍ନୀର ଏଇ ଶୁଭଙ୍କରୀ ଲକ୍ଷ୍ମୀ ଅସ୍ତିତ୍ୱରେ କବି ହୋଇଛନ୍ତି ଅଭିଭୂତ ତଥାପି ପ୍ରେମାସ୍ୱଦାର ଏକ କରାଳରୂପ ମଧ୍ୟ ସେ ପ୍ରତ୍ୟକ୍ଷ କରିଛନ୍ତି । ନାରୀ ଯେ କାଳୀ ରୂପିଣୀ ପତି ଶିବଙ୍କର ଛାତିରେ ପାଦ ରଖିଥିଲେ, ଏ ପରିକଳ୍ପନା ନୂଆ ନୁହେଁ, ମାତ୍ର ବିଚିତ୍ର ଓ ଆକର୍ଷଣୀୟ ନିଶ୍ଚୟ – ''ତୁମକୁ ନିଦରେ ଦେଖେ, ବସ୍ତ୍ରହୀନା, ଲୋଳଜିହ୍ୱା.../ କୋଉ ଆଦିମତମ ରାତ୍ରିପରି/ ତମ ନିବିଡ଼ ଚେହେରା/ ହାତରେ ଖଡ୍‌ଗ... ବେକରେ ମୁଣ୍ଡମାଳ/ ସବୁଯାକ ମୋର କିନ୍ତୁ ବିଭିନ୍ନ ଜନ୍ମର ।'' ପୁନଶ୍ଚ ''କ୍ରମେ ତମ ମୁହଁ ଦେଖାଯିବ ନଈ ଝରଣା ଓ/ ଜଙ୍ଗଲରେ ପୂର୍ଣ୍ଣ ଏ ପୃଥିବୀ ପରି/ ତମେ ପିନ୍ଧିଥିବା ସିନ୍ଦୂର ବିନ୍ଦୁକୁ ସୂର୍ଯ୍ୟ ଭାବି ଡେଉଁଥିବେ/ କଅଁଳା ବାଛୁରୀ ।'' ନାରୀପ୍ରେମର ସମର୍ପଣର କର୍ତ୍ତୃତ୍ୱ ଓ ବିପୁଳତା ନିକଟରେ ପୁରୁଷ ନିଜ ଅସ୍ତିତ୍ୱକୁ ସମର୍ପଣ କରିଦେବାକୁ ଶ୍ରେୟ ମନେକରିଛି । ପୁରୁଷର ସ୍ୱପ୍ନକୁ ଘାରିଥାଏ ଯେଉଁ ନାରୀ, ସେ ନାରୀର ବିବିଧ ବର୍ଣ୍ଣମୟତା କବିମାନଙ୍କ ରଚନାରେ ସ୍ପଷ୍ଟ ହେଉଥାଏ । ତେବେ ନାରୀକୁ ଶୋଷଣ କରେ କିଏ ? କିଏ ଦିଏ ନିର୍ଯାତନା ? ପ୍ରେମିକାକୁ ପ୍ରତାରିତା କରେ କିଏ ? ପ୍ରେମ ବଦଳରେ କିଏ ଅର୍ଥକୁ ମାପିବସେ ? ଏଥିରୁ ସ୍ପଷ୍ଟ ହୁଏ ଯେ, କବିମାତ୍ରେ ପ୍ରେମିକା ପ୍ରତି, ପତ୍ନୀ ପ୍ରତି ଅନୁରକ୍ତ । କିନ୍ତୁ ମଣିଷର ହୃଦୟବୃତ୍ତିକୁ ଠିକ୍ ନିର୍ଣ୍ଣୟ କରିବା ସହଜ ନୁହେଁ । ମାତ୍ର, କବିତା ଅନ୍ତରର ସତ୍ୟାଗ୍ରହୀ ଭାବକୁ ନେଇ ସଂରଚିତ ହୋଇଥାଏ । ତେଣୁ କବିତାର ଅଭିବ୍ୟକ୍ତି ସତ୍ୟର ନିକଟବର୍ତ୍ତୀ ନିଶ୍ଚୟ ।

ସମୁଦ୍ର ନା ମୃତ୍ୟୁ

ଶ୍ୟାମଳୀ ବାଳିକାକୁ ନେଇ କବିଚିତ୍ତ ଆବେଗମୁଖର– ନୋଳିଆଟିର ସତ୍ତାସହ ଏକାତ୍ମ ଓ ଅଭିନ୍ନ ହୋଇଯାଏ କବିସତ୍ତା । ଏହି ବାଳିକାର ନାଭି ପୁଣି ଅତଳ ଜଳଭଉଁରୀ । ଏଠାରେ ମାଛ ଯୌନାବେଗର ପ୍ରତୀକ । ଏହି ନାୟିକା ସହ ମିଳନରେ କବି ନିଜ ଅସ୍ତିତ୍ୱର ସୀମିତତା ଭାଙ୍ଗି ପରିବ୍ୟାପ୍ତ ହୋଇଯିବେ । ନିଜେ ହୋଇଯିବେ ସମୁଦ୍ର । କାରଣ ଯେ ନାୟିକା ସମୁଦ୍ର ପରି – ''ସମୁଦ୍ର ପରି ତମେ ନା ତମ ପରି ସମୁଦ୍ର ×× ନା', ତମେ ମୋତେ ଆଉ ତମ ଅତଳ ନୀଳରେ ନିବିଷ୍ଟ କରନା... ମୋତେ ଲାଗୁଚି, ମୁଁ ଆଉ ଭାଙ୍ଗିଯିବି କି/ ମୁଁ ବି କ'ଣ ସମୁଦ୍ର ହୋଇଯିବି ନା କ'ଣ ?'' (ସଂ.ଦୃଶ୍ୟବୋଧ– ଶ୍ୟାମଳୀ ବାଳିକା – ଶତ୍ରୁଘ୍ନ ପାଣ୍ଡବ) ।

Digitized by PPRACHIN, SOA

କବିଙ୍କ ପ୍ରେମ ସମୁଦ୍ରର ପ୍ରତିରୂପ – ସମୁଦ୍ର ଭଳି ରହସ୍ୟମୟତା, ଅନିଶ୍ଚିତତା, ବ୍ୟାପ୍ତି ଏବଂ ସମୁଦ୍ରପରି ଆକର୍ଷଣ କରିପାରିବାର ଦକ୍ଷତା ରହିଛି ପ୍ରେମର । ପ୍ରେମିକାର ସ୍ଥିତି କେଉଁଥିରେ ପ୍ରତୀକିତ ହୋଇପାରିବ ? ତା'ର ଅବୟବର ଅଂଶ ମାତ୍ର ସମୁଦ୍ରର ଅଂଶ । ଅଥଚ ପ୍ରେମିକାକୁ ଚୁମ୍ବନ କଲେ, ତାହା ଦଂଶନ ହୋଇଯାଏ ଏବଂ ତା'ର ସାକ୍ଷାତ୍ ଅର୍ଥ ମୃତ୍ୟୁ । ଏଠାରେ ପ୍ରେମର ତୀବ୍ରତା ଓ ବ୍ୟାପକତା ସୂଚିତ– ଏହା ଯେତିକି ଶରୀରଧର୍ମୀ, ସେତିକି ରହସ୍ୟୋପଲବ୍‌ଧିରେ ପରିବ୍ୟାପ୍ତ– ''କେବେ ତୁମେ ଅଥଳ ଅତଳ ପାଣିର ଆମିଷ ବାସ୍ନା ?/ ହଠାତ୍ ପାଲଟିଯାଅ ଚିକ୍ ମିକ୍ ଓଦା ବାଲି/ ×× ତୁମକୁ ଭେଟିଲେ/ ମୁଁ ଭେଟେ ମୋ ମୃତ୍ୟୁକୁ'' ('ତୁମେ : ସମୁଦ୍ର', ଦୃଶ୍ୟବୋଧ ଶତ୍ରୁଘ୍ନ ପାଣ୍ଡବ) କିନ୍ତୁ ସମୁଦ୍ରରେ କ'ଣ ଶୋଷ ମରେ ? ପ୍ରେମ ଯେତେ ବେଶି ପରିବ୍ୟାପ୍ତ ଓ ରହସ୍ୟମୟ ହେଲେ ବି ପରକୀୟା ପ୍ରେମ ବତାସଭଳି ଘରଦ୍ୱାର ଛିନ୍ନଛତ୍ର କରିଦିଏ । କବି ଶତ୍ରୁଘ୍ନ କହନ୍ତି – 'ଜାଣେ, ତା ପାଣିରେ ମରେନା ଶୋଷ/ଜାଣେ, ତା' ପାଣି ଏକ ଝିଲ୍‌ମିଲ୍ ମରୀଚିକା/ ଏକ ନୀରବ ବତାସ...'' (ପାଣିପଙ୍କ ପଦ୍ମବନ – ତତ୍ରୈବ) ।

ପ୍ରେମଭାବଟି ଯେତିକି ବାସ୍ତବ, ସେତିକି କଳ୍ପନା, ଯେତିକି ଇନ୍ଦ୍ରିୟ ସଂବେଦୀ, ସେତିକି ରହସ୍ୟଘନ– କବିଙ୍କ ଉପଲବ୍‌ଧିର ନିର୍ଯ୍ୟାସରେ ଏହା ପ୍ରକଟିତ । ପ୍ରେମୋପଲବ୍‌ଧି କବି ବ୍ୟକ୍ତିତ୍ୱକୁ ଉଚ୍ଚାଟ କରେ, ସମ୍ମୋହିତ କରେ ଓ ବିପୁଳତର ଅନୁଭବରେ ଅଧିରୂଢ଼ କରାଏ, ଯୌନମିଳନରେ ଅସ୍ତିତ୍ୱର ମହାର୍ଘତା ଅନୁଚ୍ଚାରିତ ରହି ମଧ୍ୟ କାବ୍ୟଭାଷା ଲୋଡ଼ିଥାଏ । ନାରୀ ଏଠାରେ ଶରୀର ନୁହେଁ, ନୁହେଁ କେବଳ ଇନ୍ଦ୍ରିୟସର୍ବସ୍ୱ- ନାରୀ ଏକ ଚେତନା ଏକ ପବିତ୍ରତା,/ ଗୋଟି ଗୋଟି ପୁରାଣକଳ୍ପର ଅବଲମ୍ବନ ସେ । ସେଥିପାଇଁ ପ୍ରେମିକାର ଅଭିବ୍ୟକ୍ତି ମଧ୍ୟରେ ଗୀତଗୋବିନ୍ଦ, ଅନୁଷ୍ଟୁପ୍ ଝଙ୍କାର ଓ ସାମଗାନର ମହିମା ଉପଲବ୍‌ଧି ଭିତରକୁ ଆସେ । ପ୍ରେମିକାର ସାନ୍ନିଧ୍ୟରେ କବି ସନ୍ନ୍ୟାସରେ ଓ ପ୍ରାର୍ଥନାରେ ରୂପାନ୍ତରିତ ହୋଇଯାଆନ୍ତି, ଭାବାନ୍ତର ଘଟେ ତାଙ୍କ ଚେତନା ଓ ଅନୁଭବର । ଏପ୍ରକାର ଅନନ୍ୟ ଅନୁଭବ କବି ବିପିନ୍ ନାୟକଙ୍କ ଉଚ୍ଚାରଣରେ– ''ତମ ରକ୍ତ ସ୍ରୋତରେ ରତି, ରାତ୍ରୀ/ ଅନସୂୟା, ଅହଲ୍ୟା ××/ ଉଚ୍ଚାରଣରେ ଗାୟତ୍ରୀ/ଗୀତଗୋବିନ୍ଦ ଅନୁଷ୍ଟୁପ୍ ଓ ଆକାଶର ସାମଗାନ ମୁଁ ଶୁଣିଛି/ ତମର ସାନ୍ନିଧ୍ୟ ଯଦି ସନ୍ନ୍ୟାସ/ ପ୍ରେମ ଯଦି ପ୍ରାର୍ଥନା ×× ମୁଁ ସେଇ ସନ୍ନ୍ୟାସ ×× ଏବଂ ପ୍ରାର୍ଥନାରେ ଇ ଚିରକାଳ ଅଛି ।'' (ସହଜ ସୁନ୍ଦରୀ, ସଂ. ବନ୍ଦଘରର ବାସ୍ନା) । କବି ଭଲପାଇବାର ଦୁଃଖ ବୁଝନ୍ତି, ଅଥଚ ସେଇ ଦୁଃଖ ଭିତରେ କିଛି ପ୍ରାପ୍ତିର ଆନନ୍ଦ ନିହିତ ରହିଥାଏ । ଯେଉଁଥିପାଇଁ ପ୍ରେମପ୍ରବଣ କବିଟି ପ୍ରେମିକାଠାରେ ବନ୍ଧା ପଡ଼ିଯାଏ । ସେହି ପ୍ରେମ ସଚରାଚର ପରକୀୟା । ପରକୀୟାପ୍ରୀତିର ଉଦ୍‌ବେଳନ ଓ ଯନ୍ତ୍ରଣା କାଳ କାଳ ପ୍ରେମକ୍ଷମ ଅନ୍ତରକୁ ଆବିଷ୍ଟ କରିଥାଏ । ଲୁହ ବି ହୁଏ ଆନନ୍ଦ – କଣ୍ଟା ବି ହୁଏ ଫୁଲ । ପୁରାକଳ୍ପର ଅଂଶକୁ ଭିତ୍ତିକରି କବି ପ୍ରେମପ୍ରବଣ ହୃଦୟକୁ 'ଅନ୍ଧମାଛ' ଦ୍ୱାରା ପ୍ରତୀକିତ କରନ୍ତି । ତାଙ୍କ ପ୍ରେମ ଋଷି ମନ ଭୁଲା ସତ୍ୟବତୀ

Digitized by PPRACHIN, SOA

ପ୍ରତି ନିବେଦିତ, ତା' ସତ୍ତ୍ୱେ ପ୍ରେମିକା ସତ୍ୟବତୀର ଦୁଃଖକୁ ସେ ବୁଝନ୍ତି । କିନ୍ତୁ ସତ୍ୟବତୀ ଯେ ଅନ୍ଧ ମାଛଟିର ଦୁଃଖକୁ ବୁଝେ ନାହିଁ । ମାଛ କ'ଣ ଅନ୍ଧ ହେଇଥାଏ ? ଏଠାରେ ପ୍ରେମ ହିଁ ଅନ୍ଧ ଓ ଅନ୍ଧ ମାଛ ଅନ୍ଧ ପ୍ରେମିକର ପ୍ରତୀକରୂପ । ପ୍ରେମ ଯେ ଅନ୍ଧ, ଏକଥା କିଏ ନ ଜାଣେ ? ସେହି ଅନ୍ଧତ୍ୱକୁ ବରଣକରି ପ୍ରେମୀଯୁଗଳ ଦୁଃଖ ଭୋଗନ୍ତି । ବିପିନ୍ ନାୟକଙ୍କ ଉଚ୍ଚାରଣରେ– ''ହେଲେ ଏତେ ସବୁ କଷ୍ଟ ସତ୍ତ୍ୱେ/ ତମେ କ'ଣ ଜାଣ ସାତ ତାଳ ପାଣିଭିତରୁ/ ତମ ଡଙ୍ଗା ଭିତରକୁ ଡେଇଁ ପଡ଼ିଥିବା/ ସେ ଅନ୍ଧ ମାଛଟିର ଦୁଃଖ କ'ଣ,/ ଭାଗ୍ୟ କ'ଣ, ଭବିତବ୍ୟ କ'ଣ ?'' (ଅନ୍ଧ ମାଛ ଓ ସତ୍ୟବତୀ କଥା, ସଂ. ବନ୍ଦ ଘରର ବାସ୍ନା) କେଉଁଠି ବିହ୍ୱଳ ପ୍ରେମାନୁଭବ ତ କେଉଁଠି ବିରହବେଦନା, ଅନ୍ୟ କେଉଁଠି ଅଭିମାନ, ଏ ସବୁର କଷଟିରେ ପ୍ରେମାସ୍ୱଦାର ସଂଦିଗ୍ଧ ଛାଇଟିଏ ଫୁଟିଉଠେ । ନା ତାକୁ କୋଳେଇ ନେଇ ହୁଏ ନା ପରିତ୍ୟାଗ କରିହୁଏ ତାକୁ ? କବି ସନ୍ଦେହ ପ୍ରକଟ କରନ୍ତି – ''ତୁମକୁ ଏଯାଏଁ ଜାଣିପାରିଲି ନାହିଁ ମୁଁ/ ଫୁଲକୁ ପ୍ରତିନିଧିତ୍ୱ କରୁଛି ନା କଣ୍ଟାକୁ ?/ ତମର ଏକାଧିକବାର ଅସଂଖ୍ୟ ଆଲିଙ୍ଗନର ଉତ୍ତାପ ସବୁ ଅବୋଧ୍ୟ/ ଆବିଷ୍କାର କରି ନାହିଁ ତୁମକୁ/ ବସନ୍ତ କିମ୍ବା ଗ୍ରୀଷ୍ମର ତହକ ଲଗାଣ ।''

(ସୁଚରିତାସୁ – ସଂ. ମନୋରମା କାହାଣୀ– ନୀଳମଣି ପରିଡ଼ା)

ପ୍ରେମଭାବଟି ନାରୀ ପୁରୁଷ ମଧ୍ୟରେ ଯେ ତିଷ୍ଠି ରହିଛି, ଆଜିର ନିର୍ଯାତିତା ନାରୀ ସେକଥାକୁ ବିଶ୍ୱାସ କରେନା । ପ୍ରତାରଣା, ଲାଞ୍ଛନା ଓ ପରିତ୍ୟାଗ ସେ ଭୋଗୁଛି । ପୁରୁଷର ନଗ୍ନ ଶରୀର ତୃଷାକୁ ସେ ଚିହ୍ନିଛି । ତେଣୁ ସେ କହେ – ''ଅନ୍ତରର ଅନୂଢ଼ା ଅବଶୋଷ ଗୀତ କରିପାରିବି, ଶୁଣିବ ?/ ହୃଦୟକୁ ହୃଦୟ ଚିହ୍ନିବା, ତାହା ମିଛ / ଜିଭରୁ ନିଗିଡ଼େ ଲାଳ/ ସାମ୍ନାରେ ଦେଖିଲେ କଷି ମାଂସର ଭୂଗୋଳ ।'' (ଉଆଁସୀ- ସେନାପତି ପ୍ରଦ୍ୟୁମ୍ନକେଶରୀ)

ପ୍ରେମ ଓ ଆତ୍ମୀୟତା ଖୋଜି ନାରୀଟିଏ ନିରାଶ ହୁଏ । ତା'ର ପ୍ରିୟଜନ ତାକୁ ହତାଦର କରେ । ପ୍ରେମରେ ପରିପୂର୍ଣ୍ଣ ହୃଦୟ ପ୍ରତାରଣାଦ୍ୱାରା ଜର୍ଜରିତ ହୁଏ । ପ୍ରେମୀଟିଏ ଏକଦା ପ୍ରିୟ ଥିବା ସେହି ନାରୀକୁ ଆଡ଼େଇ ଯାଏ – ''କେହି ମୋତେ ବୁଝନ୍ତିନି ଥରେ/ ହେଲେ ଯାହାକୁ ମୁଁ ଠାବଦିଏ ହାତ ପାପୁଲିରେ/ ସେଇ ପୁଣି ଠେଲି ଦିଏ ସାମାନ୍ୟ ମଇଳା ଭାବି/ ଘଷି ଘଷି ସାବୁନ ଓ ଗରମ ପାଣିରେ ।'' (ଭିଜା ଗୟସ, ସଂ. ନିଜର କବିତା, ଶକୁନ୍ତଳାଦେବୀ) ।

ମହତୀ ପ୍ରେମିକା

ସ୍ୱପ୍ରେମାବେଗକୁ ପ୍ରତ୍ୟକ୍ଷଭାବେ ଉଚ୍ଚାରଣ କରିବା ଏକଦା ନାରୀ ପକ୍ଷରେ ସମ୍ଭବ ନ ଥିଲା । କିନ୍ତୁ ସମୟ ଓ ପରିସ୍ଥିତିର ପରିବର୍ତ୍ତନ ହେତୁ ଏଭଳି ସଂକୋଚ କ୍ରମଶଃ ଅପସାରିତ ହେଉଛି । ତଥାପି, ପ୍ରତୀକ ଓ ପୁରାକଳ୍ପ ମାଧ୍ୟମରେ ପ୍ରେମଚେତନାକୁ ପ୍ରମୂର୍ତ୍ତ

Digitized by PPRACHIN, SOA

କରିବା ଏକାଧାରରେ ଅଧିକ କଳାତ୍ମକ ଓ ସୂଚନାଧର୍ମୀ ହୋଇପାରୁଛି । ପ୍ରେମାନୁଭବ, ଯାହା ମୁଖ୍ୟତଃ ଗୋପନୀୟ ହେଲେ ହିଁ ମର୍ଯ୍ୟାଦାକର, ସେହି ଅନୁଭବ ସହ ପୁରାକଳ୍ପର ଯୋଗାଯୋଗ ତେଣୁ ନିବିଡ଼– ସେଠାରେ ନାୟିକା ହୋଇପାରେ ରାଧା, ଶକୁନ୍ତଳା ବା ଗୋପୀଟିଏ, ଅହଲ୍ୟା ବା କେବେ ଲଳିତା । ପ୍ରେମିକ ହୋଇପାରେ କେବେ କୃଷ୍ଣ, କେବେ ଦୁଷ୍ମନ୍ତ, ଇନ୍ଦ୍ର, କେବେ ବା ବିଦ୍ୟାପତି, କିନ୍ତୁ ଏସବୁ ଚରିତ୍ର ମଧ୍ୟରେ ପ୍ରେମିକ ମୁଖ୍ୟତଃ ଲମ୍ପଟ ଓ ପ୍ରତାରକ ରୂପେ ଚିହ୍ନିତ ହୋଇଛି । ସତେ ଯେମିତି ଲମ୍ପଟତା ପ୍ରେମିକତ୍ୱର ଏକ ଗୌରବ । ପ୍ରତାରଣା ଅବଶ୍ୟ ପ୍ରେମିକଠାରେ ସହଜ । ଏଠାରେ ତେଣୁ ପ୍ରେମିକାଟିଏ ତା'ର ବିଡ଼ମ୍ବିତ ପ୍ରେମ ଓ ବିଶ୍ୱାସ, ସମର୍ପଣର ଆଲେଖ୍ୟ ପ୍ରଦାନ କରୁଛି । ବାସ୍ତବରେ ବିଶ୍ୱାସ ହିଁ ପ୍ରେମର ଭିତ୍ତିଭୂମି । ମାତ୍ର ବିଶ୍ୱାସ ହରାଇ ପ୍ରତାରିତା ହେବା ମଧ୍ୟ ପ୍ରେମିକାର ଭାଗ୍ୟ । ପ୍ରେମିକା କିନ୍ତୁ ସହଜରେ ପ୍ରତାରିକା ସାଜି ପାରେନା । ତା'ର ଅନ୍ତର୍ଗତ ଭାବ ବିଶ୍ୱାସ ଓ ସମର୍ପଣରେ ଗଢ଼ା ହୋଇଥାଏ । ତେଣୁ ବିଶ୍ୱାସଘାତକତାର ନଜିର ପ୍ରେମିକା ଚରିତ୍ରରେ ଅପେକ୍ଷାକୃତ କମ୍ ଦେଖାଯାଏ । ପ୍ରେମିକର ବିଶ୍ୱାସଘାତକୁ ବହୁ ଯୁଗରୁ ପ୍ରେମିକା ଭୋଗିଆସିଛି । ଆଜି, ଏହି ବିଂଶ ଶତକର ଶେଷ ଓ ଏକବିଂଶ ଶତକର ଆରମ୍ଭକାଳକୁ ପ୍ରେମିକା ନିଜେ ନିଜର ବ୍ୟକ୍ତିତ୍ୱକୁ କରିଛି ଦୃଢ଼ ଓ ସାହସୀ । ପ୍ରତାରଣାରେ ସେ ଭାଙ୍ଗିପଡୁ ନାହିଁ, ସ୍ଥଳବିଶେଷରେ ସେ ମଧ୍ୟ ପ୍ରେମକୁ ଅସ୍ୱୀକାର କରିପାରୁଛି, ହୁଏତ ଅଭିମାନରେ ପ୍ରେମିକର ଲମ୍ପଟତା ପ୍ରତି ସଜାଗ ହୋଇ ନିଜସ୍ୱ ବକ୍ତବ୍ୟରେ ଆପଣାର ପ୍ରେମପ୍ରତି ଗର୍ବସୂଚକ ଭାବ ବ୍ୟକ୍ତ କରୁଛି ।

ପୁରାକଳ୍ପକୁ ନେଇ କବି ମମତା ଦାଶ ଗୋପୀଙ୍କ ପ୍ରେମଭାବର ଏକ ଉଜ୍ଜ୍ୱଳ ଆଲେଖ୍ୟ ପ୍ରଦାନ କରନ୍ତି । ତାଙ୍କ 'ଛଦ୍ମବେଶ' କବିତାରେ ପରକୀୟା ପ୍ରେମିକାର ମାର୍ମିକ ଆବେଦନ ପ୍ରକଟ ଲାଭ କରେ । ସେହି ପରକୀୟା ନାରୀର ସଂସାର ଅଛି, ତା'ର ସ୍ୱାମୀ ସନ୍ତାନ ଅଛନ୍ତି, ଅଥଚ ପ୍ରେମର କି ମାୟା, କି ଆକର୍ଷଣ ଭିଡ଼ି ଧରୁଛି ଶରୀରକୁ, ପ୍ରାଣକୁ, ଅନ୍ତଃସ୍ଥଳକୁ ! ଗୋଟି ଗୋଟି ଗୋପୀ ଛଦ୍ମବେଶ ଧରି ସଂସାର କରୁଛନ୍ତି । ସେମାନଙ୍କ ଅନ୍ତଃକରଣର ପ୍ରକୃତ ଭାବ ହେଉଛି କୃଷ୍ଣପ୍ରେମ ବିହ୍ୱଳତା । ଅନ୍ୟ ଅର୍ଥରେ ପରକୀୟା ନାରୀଟି ପ୍ରେମିକ ନିମିତ୍ତ ବ୍ୟାକୁଳ ହୋଇପଡୁଛି । ଅଥଚ, ଏହି ଛଦ୍ମବେଶର ପୁରୁଣା ଲୁଗାଟି ଉଡ଼ିଗଲେ ଯାହା ଅଭିବ୍ୟକ୍ତ ହୋଇପଡୁଛି, ତାହା ହେଉଛି ପ୍ରେମିକାର ଅନ୍ତର୍ଗତ ରୂପ । ତା'ର ବିବସନା ଅସ୍ତିତ୍ୱ, ପ୍ରେମିକାର ଅସ୍ତିତ୍ୱ । ସେଠାରେ ଆଉ ସଂସାରୀ ଅସ୍ତିତ୍ୱର ଛଦ୍ମବେଶ ନାହିଁ । ପ୍ରେମିକା ଏଠାରେ ପ୍ରେମିକକୁ ଜାଗତିକ ଅର୍ଥରେ ପାଇପାରେ ନାହିଁ । ତଥାପି ଏହି ପ୍ରେମିକର ଉଦାସୀନତାକୁ ସହିପାରେନା ନାୟିକା, ଅଭିମାନରେ ଫାଟିପଡ଼େ– କହେ – ପବନ ! ତୁ ଯାହାଙ୍କ ଆଦେଶରେ ଉଡ଼ାଇ ନେଇଛୁ ମୋ ପୁରୁଣା ଲୁଗା, ଯା', କହିଦେ ତାଙ୍କୁ/ ତାଙ୍କର ହୋଇ ଏ ପୃଥିବୀରେ ଯେ ଥିଲା, ସେ ଆଉ ନାହିଁ । ଗୋଟେ ଆକାଶସ୍ପର୍ଶୀ ଅଭିମାନ ଆକୁଳ ହୋଇ ଜଳିଲାଗିଛି ତା' ଜାଗାରେ ।"

Digitized by PPRACHIN, SOA

ଅନ୍ୟତ୍ର ଆଂଶିକ ପୁରାକଳ୍ପକୁ ସ୍ପର୍ଶକରି କବି ବୀଣାପାଣି ପଣ୍ଡା ପ୍ରତାରିତା ପ୍ରେମିକାର ଅନ୍ତର୍ମନକୁ ରୂପଦାନ କରନ୍ତି । ବିଶ୍ୱାସର ପ୍ରତୀକ ମୁଦିଟିକୁ ହଜାଇ ଦେଇଛି ପ୍ରେମିକା– ତା'ର ଅଭିବ୍ୟକ୍ତି ଫୁଟିଉଠିଛି – ''ବିଶ୍ୱାସର ଆବରଣ ଓ ଅନୁରାଗର ଆଭୂଷଣରେ/ ଥରେ ସଜେଇ ଦେଲେ ଦେହ ମନ/ ଜୀବନ ଜାଜ୍ୱଲ୍ୟମାନ ହୁଏ/ ହୃଦୟ ହୁଏ ରତ୍ନଗର୍ଭା । ସେଠି ମାମୁଲି ରତ୍ନ ମୁଦିଟିଏ × ନିଛକ କାଂଗାଳପଣରେ ଦିଶୁଥାଏ ଫିକା ×× ଜାଣି ନ ଥିଲି ଆଦିମ ଅରଣ୍ୟରୁ ଆହୁରି ଆଦିମ/ ମଣିଷର ମନ/ଯେଉଁଠାରେ ଚିରକାଳ ମିଥ୍ୟାର ରାଜୁତି/ ଛଳନାର ଅନ୍ଧାରି ଶାସନ ।'' (ମୁଦି, ସଂ. କିଛି କଥା, କିଛି ନୀରବତା, ପୃ. ୩୩) ।

ଭଲପାଇବା କେବଳ ଦେବାରେ ହିଁ ନିହିତ ଥାଏ । ଦେବା ନେବାର ହିସାବନିକାଶଠାରେ ପ୍ରେମ ରହେ ଅନୁପସ୍ଥିତ । ବହୁ ଅନୁଭବୀଙ୍କ ମତରେ ପ୍ରେମାନୁଭବ କ୍ଷେତ୍ରରେ, ପ୍ରେମାକୁଳତା ଓ ପ୍ରେମଜନିତ ତ୍ୟାଗର ବିଚାରରେ ନାରୀ ପୁରୁଷଠାରୁ ଅଧିକ ପାରଙ୍ଗମ, ଅଧିକତର ସମର୍ପଣ-କ୍ଷମା । ପ୍ରେମ ଶରୀରାଶ୍ରୟୀ ତ ନିଶ୍ଚୟ, ତେବେ କଳ୍ପନାରେ ମଧ୍ୟ ମନ-ଚେତନା-ଆତ୍ମା ସ୍ତରରେ ପ୍ରେମବିହ୍ୱଳତାର ବିକଳ୍ପ ନାହିଁ । ପ୍ରେମିକ ପୁରୁଷ ସମକ୍ଷରେ ଏତାଦୃଶ ନିଃସର୍ତ୍ତ ସମର୍ପଣର ଉଚ୍ଚାରଣ ଅପର୍ଣ୍ଣା ମହାନ୍ତିଙ୍କ କବିତାରେ– ''ବୁଝିପାରୁ ନ ଥିଲି ମୁଁ/କେମିତି ଫେରି ଆସିଲା ନିସ୍ତବ୍ଧ ପ୍ରାଣରେ । ତୁମକୁ ଈପ୍ସିତତମ ପାଇବାର ବ୍ୟଗ୍ର ଆକୁଳତା । ×× ଦୀର୍ଘଶ୍ୱାସଟିଏ ହୋଇ/ ତମରି ଦରଦଭରା ପାପୁଲି ତ ଆଉଁଶି ଦେଉଥିଲା/ ପୁଣ୍ୟବୋଧ, କର୍ତ୍ତବ୍ୟ ଓ ଅଧିକାରର ନିର୍ମମ ନଖଦନ୍ତରେ/ ଛିନ୍ନବିଚ୍ଛିନ୍ନ ମୋଅରି ଅଚେତନ ଅସହାୟ ଦେହ ?'' (ଅସତୀ, ପୃ. ୪-୬) ପ୍ରେମରେ ନାରୀ ଶିଖିଛି– ସମର୍ପଣ, ଶିଖିଛି ମଧ୍ୟ ପ୍ରତାରକ ପ୍ରେମିକକୁ ଅସ୍ୱୀକାର କରି ସ୍ୱଆତ୍ମିକ ପ୍ରତିଷ୍ଠା ନିମିତ୍ତ ସାହସ ସଞ୍ଚୟ କରିବାର କଳା । ଭଲପାଇବାର ତାସ୍ ଘର ଭାଙ୍ଗିଗଲା, କାରଣ ତାହା ମାଟିର କି ଇଟା କଂକ୍ରିଟ୍‌ର ନ ଥିଲା, ଥିଲା କାଗଜରେ ତିଆରି, କ୍ଷୀଣ ଥିଲା ତା'ର ଆୟୁଷ୍କାଳ । ଏ ସଂପର୍କରେ ପ୍ରତାରିକା ପ୍ରେମିକା ନିଜ ଅନ୍ତଃସତ୍ତାକୁ ପ୍ରେରଣା ଦିଏ, ଉଦ୍‌ବୋଧନ ଦିଏ । ଯେଉଁଠି ପ୍ରେମ ହିଁ ଅନୁପସ୍ଥିତ, ସେଠାରେ ଆତ୍ମାର ବାର୍ତ୍ତାକୁ ନିଜ ଭିତରେ ହିଁ ସଂଭାଳି ସାଇତି ରଖିବା ଶ୍ରେୟସ୍କର । ଭଲପାଇବା ମଧ୍ୟ ଏକଲା ଜିଇଁବାକୁ ଶିଖାଏ । ଭଲପାଇବାର ପାତ୍ର ଯଦି ଯୋଗ୍ୟତା ହରାଇଲା, ତେବେ ପ୍ରେମିକାଟି ଏକାକୀ ଜିଇଁବାର ଧୈର୍ଯ୍ୟକୁ ଆପଣେଇ ନିଏ । ନିମ୍ନୋକ୍ତ ପଙ୍‌କ୍ତିମାନଙ୍କରେ ଏହି ଉଚ୍ଚାରଣ – ''ସବୁକଥା ସବୁବେଳେ ମୁହଁ ଖୋଲି ହୁଏନା/ ଜଣେଇବା ପୂର୍ବରୁ ତ ଭାଙ୍ଗି ପଡ଼ିଥିଲା ତାସ୍ ଘର/ ବହୁତ ଡାକିଚି/ ଯେ ଫେରି ଚାହିଁଲାନି ସେ ପ୍ରେମିକ ହୋଇପାରେନା/ ପତ୍ର ଓଠର କାକର ଭଳି ଟଳମଳ ମୋ ଭିତିରି କଥା/ ଭଲ ପାଇଲେ ଯେ ଏକଲା ଜିଇଁବାକୁ ହୁଏ/ ଏଇନେ ନୂଆ କରି ଶିଖୁଛି ।'' (ଆଉ କେବେ କୁହନି ସେକଥା, ସଂ. 'ଏକ୍‌ଲା ଚଢ଼େଇ'– ବିଜୟଲକ୍ଷ୍ମୀ ପରିଡ଼ା) ।

Digitized by PPRACHIN, SOA

ନାରୀଟି ପ୍ରେମରେ ଓତପ୍ରୋତ ହୁଏ ପୁଣି ବିଚ୍ଛେଦରେ ହୋଇପଡ଼େ ମ୍ରିୟମାଣ । ଆବେଗ ଆହତ ହେଲେ ପ୍ରେମାସ୍ପଦାର ପ୍ରାଣ କ୍ଷତାକ୍ତ ହୁଏ ଓ ପ୍ରେମାବେଗ ଫୁଲରୁ ସୁବାସ ଉଡ଼ିଗଲା ପରି ଛାଏଁ ଛାଏଁ ଅନ୍ତରକୁ ପରିତ୍ୟାଗ କରି ଯାଏ । କବି ଶକୁନ୍ତଳାଦେବୀ ଏଭଳି ଏକ ଆବେଗ-ଶୂନ୍ୟତାକୁ ଆଙ୍କି ବସନ୍ତି– ''ପ୍ରେମରେ ଆଘାତ ପାଇ/ ଆବେଗର ଋତୁ ହୁଏ ପତ୍ରଝଡ଼ା/ କ୍ଷତ ଜର୍ଜରିତ କରି ପ୍ରାଣବିନ୍ଦୁଟିକୁ/ ଆପଣା ମନକୁ ମନ ଚାଲିଯାଏ, ଫୁଲକୁ ଏକେଲା କରି ସୁବାସ ଯେପରି ।'' (ଅମୋକ୍ଷ ଇନ୍ଦ୍ରିୟ, ସଂ, 'ସ୍ୱାଭିମାନ' ପୃ. ୩୧) ପ୍ରେମ ଏକ ମହତ୍ତମ ଭାବାବେଗ, ଯାହା ନାରୀବ୍ୟକ୍ତିତ୍ୱକୁ ଐଶ୍ୱର୍ଯ୍ୟମଣ୍ଡିତ କରିଥାଏ । ନାରୀ ହୃଦୟଙ୍ଗମ କରେ ଯେ, ପ୍ରକୃତରେ ସେ ନିଜେ ହିଁ ନିଜର ବନ୍ଧନ । ନିଜ ପ୍ରେମାବେଗ ତାକୁ ବାନ୍ଧି ରଖେ । ସେ ନାୟିକା, ମୁଖ୍ୟା । କେବେ ସେ ନିଜକୁ ଉଜାଡ଼ି ସମର୍ପିତ କରିଦେଇପାରେ ତ, କେବେ ପୁଣି, ଅପ୍ରସ୍ତୁତ କାଳରେ ନିଜର ଭାବାବେଗକୁ ନିଜଠାରେ ସମାହିତ କରିପାରେ – କବି ପ୍ରତିଭା ଶତପଥୀଙ୍କ କବିତାରେ ପ୍ରେମର ଏକ ବ୍ୟକ୍ତିକ-ନୈର୍ବ୍ୟକ୍ତିକ ଚିତ୍ର – ''ପୁରୁଷ – ଭିକ୍ଷୁକ ଚଣ୍ଡାଳ କେବେ/ କେବେ ରାଜେଶ୍ୱର/ କେବେ ଅବା ଆବିଷ୍ଟ ସନ୍ନ୍ୟାସୀ ହୋଇ/ ଠିଆ ହୁଏ/ ସେ ସିଂହାସନର/ ନିକଟତମ ଭୂମିରେ ସ୍ୱଇଚ୍ଛାରେ/ × ମୁଁ ପରମ କୃପଣତା । ମୁଁ ଚରମଦାନ/ ଗୋଟିଏ ବିନ୍ଦୁରେ ସମସ୍ୟା ଓ ସମାଧାନ/ରକ୍ତାକ୍ତ କ୍ଷତରୁ/ ମିଳିଥିବା ଅଧୀର ଆନନ୍ଦପରି ମୂଲ୍ୟବାନ୍/ନିଜେ ଲୀଳା ନିଜେ ଶ୍ରେୟଗୁଣ ।'' (ସଂ. ତନ୍ମୟଧୂଳି, 'ନାୟିକା') । ଅନ୍ୟତ୍ର ତାଙ୍କ କାବ୍ୟନାୟିକା ପ୍ରେମିକର ପ୍ରତାରଣାରେ ଆହତ ହୋଇ ତଥାପି ନିଜ ଉଦାରତାରେ ପ୍ରେମିକକୁ ସହ୍ୟ କରିନିଏ । ପ୍ରତୀକ ମାଧ୍ୟମରେ ସେ ପ୍ରେମୋପଲବ୍ଧିର ମହାର୍ଘତା ଓ ସାଫଲ୍ୟକୁ ନିରୂପଣ କରି କହନ୍ତି– ଏଠାରେ ମଧ୍ୟ ଆଂଶିକ ପୁରାକଳ୍ପର ପ୍ରୟୋଗରେ ଉଚ୍ଚାରଣ ହୁଏ ମାର୍ମିକ– ''ହାତ ଧରି ବାଟ ଚାଲୁଥିବା ରାଜକୁମାରୀକୁ/ ଛାଡ଼ିଦେଇ ଯାଇ ହୁଏନା ଜଙ୍ଗଲରେ/ ଅଧା ବସ୍ତ୍ରରେ ×× ଫଳଠାରୁ ଡେମ୍ଫକୁ ବି ଛିଣ୍ଡେଇ ଫିଙ୍ଗିଦେଇ ହୁଏନା ଯୋଉଠି ସେଠି/ ×× ତୁମେ ଯେମିତି ମତେ ଅଚାନକ ଧକ୍କା ଦେଇ ଫିଙ୍ଗିଦେଲ କୋଳରୁ/ ଖୋଲାଖୋଲି ରାସ୍ତା କଡ଼କୁ/ ମଣିଷ ଫିଙ୍ଗିଦେଇ ପାରେ ନାହିଁ ସେମିତି ଆପଣାର ଶତ୍ରୁକୁ' । (ସଂ. ତନ୍ମୟ ଧୂଳି, 'ଫିଙ୍ଗି ହୁଏନା') ।

ଅନେକ ପ୍ରେମକବିତାର ରଚୟିତ୍ରୀ ପ୍ରବାସିନୀ ମହାକୁଡ଼ଙ୍କ କାବ୍ୟାତ୍ମା ତଥାପି ସ୍ୱପ୍ନ ଓ ଯନ୍ତ୍ରଣାକୁ ଏକତ୍ର ଗ୍ରହଣ କରିନେବାକୁ ପ୍ରସ୍ତୁତ । ସେ ଅନୁଭବ କରନ୍ତି, ନାରୀର ପ୍ରେମ ଏକ ଗଭୀର, ବିରଳ ଉପଲବ୍ଧି, ଯାହା ପରିସମାପ୍ତ ହୁଏ ନାହିଁ । ପ୍ରେମାକୁଳ ଅନ୍ତର ପ୍ରତାରଣାକୁ ମଧ୍ୟ ଆପଣେଇ ନେଇ ରକ୍ତାକ୍ତ ହୁଏ ନିର୍ବିବାଦରେ । ସେ ଦୋଷାରୋପ କରନ୍ତି ନାହିଁ ପ୍ରେମିକ ପ୍ରତି । ହୁଏତ ପ୍ରେମିକ ନିରୁପାୟ, ସେ ପ୍ରେମିକକୁ କ୍ଷମା କରି ଦିଅନ୍ତି । ପ୍ରକୃତ ପ୍ରେମର ନିୟମ ତାହାହିଁ । ଦେବାରେ ସନ୍ତୋଷ, ପାଇବାର ଲୋଭର ଉଦଗ୍ରତାକୁ ସଂଯତ କରି ବରଂ ପ୍ରେମିକର ମଙ୍ଗଳକାମନାରେ ଜଳିଯିବା ପ୍ରକୃତ ପ୍ରେମର ରୀତି । ହୁଏତ ପ୍ରେମିକ ପୁରୁଷଟି ନାରୀର

Digitized by PPRACHIN, SOA

ଏତାଦୃଶ ଉଦାର ପ୍ରେମ ପ୍ରବଣତାକୁ ଲାଳନ କରିବାରେ ଅସମର୍ଥ । ମାତ୍ର ନାରୀ, ଯୁଗେ ଯୁଗେ କ୍ଷମାଶୀଳା ହୋଇ ପ୍ରେମପ୍ରଣୟର ପୀଡ଼ାକୁ ଭୋଗି ଚାଲିଛି । କବି ପ୍ରାଣର ସ୍ୱପ୍ନ ହୋଇପାରେ ପ୍ରେମିକର ବିଭୋର କୋଳ, ନୂତନ ଜଗତର ଆବାହନ, ହୋଇପାରେ ନାରୀତ୍ୱର ଚରମ ସାର୍ଥକତାର ଅନୁଭବ । ଉପରୋକ୍ତ ସକଳ ସ୍ୱପ୍ନର ପ୍ରତୀକ ପାଲଟିଯାଏ ନଦୀ । ପ୍ରବାସିନୀ କହନ୍ତି– ‘‘ଯାଇ ହୁଏନି ନଦୀ ପାଖକୁ/ ଗଲାବେଳେ ତମେ ସେତେବେଳକୁ/ ଖରାଦିନ ହେଲେ ଶୁଖି ଯାଇଥାଅ/ ଏଥରକ ନ ହେଲା ନାହିଁ/ ଆଉ ଥରକ ଖରାଦିନର ବହୁ ପୂର୍ବରୁ/ ପହଞ୍ଚି ଯାଇଥିବି/ ତୁମ ପାଖେ’’ (ସଂ. ମୁହୂର୍ତ୍ତ ମୁହୂର୍ତ୍ତ, ପୃ. ୬୨-୬୩) । କ୍ଷୋଭ ଓ ଅଭିମାନହୀନ କ୍ଷମାଶୀଳା ପ୍ରେମିକାର ହୃଦୟ ନିଷ୍କପଟ ଓ ତା’ର ନିଷ୍ଛଳ ଭଲପାଇବାର ଚିତ୍ର ଏଠାରେ ଉତ୍କୀର୍ଣ୍ଣ ହୋଇଛି । କାବ୍ୟ ନାୟିକାଙ୍କ ପ୍ରେମିକା ଚରିତ୍ରଟି ଅଭିନୟ ଜାଣେନା । ନିରାବରଣ ତା’ର ଅନ୍ତଃକରଣ । ସେ ଉଚ୍ଚାରଣ କରେ – ‘‘ନରମି ଆସୁଚି ସାତବର୍ଷ ତଳର ଗୋଟେ ଚଳଚଞ୍ଚଳ ଝିଅର ମୁହଁ/ ଅଭିନୟ କରିବାଟା ଗୋଟେ ଚମତ୍କାର ଆର୍ଟ ସିଦ୍ଧାର୍ଥ/ ଯଦି ଅଭିନୟ କରିପାରିଥାନ୍ତି/ ଆଜି ତ ×× ଜାଳିଥାନ୍ତି ଖୁସିର ରୋଶଣି/ କବିତାରେ କହିବାକୁ ପଡ଼ି ନ ଥାନ୍ତା/ ଏ ଆତ୍ମକାହାଣୀ’’ । (ସିଦ୍ଧାର୍ଥଙ୍କୁ ଗୋଟେ ଦୀର୍ଘ ଚିଠି, ସଂ. ମୁହୂର୍ତ୍ତ ମୁହୂର୍ତ୍ତ, ପୃ. ୩୧, ପ୍ରବାସିନୀ ମହାକୁଡ଼)

ପ୍ରେମିକା କିଛି ଦାବି କରେ ନାହିଁ– ପ୍ରେମିକ ପ୍ରତି ତା’ର ନାହିଁ କିଛି ଅଭିମାନ ବରଂ ବ୍ୟାକୁଳତାରେ ଝୁରି ମରେ ସେ । ନାରୀ ସବୁକାଳେ ଏହିପରି । ସେ ସାହସିନୀ, ସେ ତ୍ୟାଗ, କ୍ଷମା, ସ୍ନେହଶୀଳା । ପ୍ରବାସିନୀ କହନ୍ତି – ‘‘ମତେ କହିଦିଅ/ ହେ ମୋର ସୁଦୂର ପ୍ରେମିକ/ ସତେ କ’ଣ ଶୁଭେ ନାଇଁ/ ପହଞ୍ଚି ପାରେ ନାଇଁ/ ପବନର ଢେଉ ଆଉ ମେଘର ପାଚେରି ଡେଇଁ/ ମୋ ଆତ୍ମାର ଡାକ ?’’

(ତୁମେ ନିଜେ ପ୍ରେମ, N.B.T. ସଂକଳନ, ସାଂପ୍ରତିକ ଓଡ଼ିଆ କବିତା ୧୯୯୭, ପୃ. ୧୪୬) ।

ଏଭଳି ପ୍ରେମିକାର ପରାଜୟ ନାହିଁ । ପ୍ରେମିକର ନିଷ୍ଠୁରତା, ପ୍ରତାରଣାକୁ ସେ ସହଜରେ କ୍ଷମା କରିଦିଏ । ନିଜର ଅନ୍ତରାତ୍ମାକୁ ପ୍ରେମର ସିଂହାସନରେ ଅଭିଷିକ୍ତ କରିଥାଏ । ସେ ପରକୀୟା ନାୟିକା ପ୍ରଶ୍ନ କରେ– ‘‘କେମିତି ଜାଣିଲ ଏତେ ଯନ୍ତ୍ରଣା ଦେବାର କୌଶଳ ?’’ (ମୁହୂର୍ତ୍ତ ମୁହୂର୍ତ୍ତ, ପୃ. ୩୫) । ତା’ ସହ ପ୍ରେମିକର ସଂପର୍କ କେତେ ଦୂରର, ପତ୍ନୀର ଅଧିକାର ବା ସାନ୍ନିଧ୍ୟର ସୁଯୋଗ ତା’ ପାଇଁ ନାହିଁ । ସେ ସ୍ୱପ୍ନ-ସଖୀ । କବି କହନ୍ତି – ‘‘ସୂର୍ଯ୍ୟ ଉଠିଲେ/ ଉଠେଇ ହୁଏନା ତୁମକୁ/ ଚା’ କପ୍ ନେଇ ପାଖରେ ଠିଆ ହେବାକୁ ପଡ଼େନା/ ତୁମପାଇଁ ସାରାଦିନ ବ୍ୟସ୍ତ ବି ରହେନା/ ଅଥଚ ସୂର୍ଯ୍ୟ ଉଠୁ ବା ନ ଉଠୁ/ ସ୍ୱପ୍ନରେ ଆସି ତୁମକୁ ଉଠେଇ ଦିଏ/ ଶୋଷ ଥାଉ ବା ନ ଥାଉ ଜୀବନ ମରୁରେ/ ସ୍ୱଚ୍ଛ ମରୁ ଝରଟେ ହୋଇ/ ତୁମ ଓଠ ଉପକୂଳେ ପହଞ୍ଚି ପାରେ’’- (ତତ୍ରୈବ, ପୃ. ୭୩) । ଭଲପାଇବାରେ ସିକ୍ତ ନାରୀ ହୃଦୟ ଭଳି ପୁରୁଷର

Digitized by PPRACHIN, SOA

ହୃଦୟ କିନ୍ତୁ ଏପ୍ରକାର ଅମ୍ଳାପ ସହିଷ୍ଣୁତା, କ୍ଷମାଶୀଳତା ନେଇ ପ୍ରଶସ୍ତ, ଉଦାର ହୋଇପାରେନା । ଅନ୍ତତଃ ଓଡ଼ିଆ କବିତାରେ ପୁରୁଷ କବିଙ୍କ ପ୍ରେମଚେତନା ଯେତେ ବେଶି ବିହ୍ୱଳ ହେଲେ ବି, ଏଭଳି ନିଃସର୍ତ୍ତ ସମର୍ପଣର ଚିତ୍ର ସେଥିରେ ମିଳେ ନାହିଁ । ପ୍ରେମମଗ୍ନା ନାରୀହୃଦୟର ଅମାପ ସହିଷ୍ଣୁତା, ପ୍ରେମିକକୁ ବୁଝିପାରିବାର ଅସମ୍ଭବ ପ୍ରବଣତା ଉଛକିତ ହୋଇଉଠେ ପ୍ରବାସିନୀଙ୍କ କବିତାରେ । ‘‘ନାରୀଟିଏ ଥିଲା ନଦୀକୂଳରେ/ ଏକା ଏକା ଦୁଃଖକଷ୍ଟକୁ ସହିଯିବାର ଅପୂର୍ବ କଳାକୌଶଳ ତାକୁ ଜଣାଥିଲା/ ×× କାରଣ, ତା’ର ସୁଦୂର ପ୍ରେମିକର ସମସ୍ତ କଷ୍ଟକୁ, ଦୁଃଖକୁ/ କିଛି ଭଲ ନ ଲାଗିବାର ଅଜବ ମୁଡ୍‌କୁ ଉଦାସୀପଣକୁ/ ଅକ୍ଳେଶରେ ସହି ନେଇ ପାରୁଥିଲା ।’’ (ତତ୍ରୈବ ପୃ. ୨୩)

ଏଭଳି ଏକ ପ୍ରେମାନୁଭବକୁ ଲାଳନ, କରି ଅନ୍ତରରେ ଅଭିଷିକ୍ତ କରି, ନିଜର ମହତ୍‌ପଣକୁ ପ୍ରତିଷ୍ଠା ଦେବାରେ ନାରୀ ହିଁ କେବଳ ସମର୍ଥ । ପୁରୁଷର ପ୍ରେମ ମଧ୍ୟରେ ଯେତେ ବେଶି ବିହ୍ୱଳତା ଥାଉ ପଛକେ, ବାସ୍ତବ କ୍ଷେତ୍ରରେ ଏହି ପ୍ରକାର ସାମର୍ଥ୍ୟ ପୁରୁଷଠାରେ ପରିଲକ୍ଷିତ ହୁଏ ନାହିଁ । ବିଂଶ ଶତକର ଶେଷାର୍ଦ୍ଧରେ ଜନ୍ମଲାଭ କରିଥିବା ଝିଅମାନେ ପ୍ରେମର ବିଭିନ୍ନ ପରିଭାଷାକୁ ପରୀକ୍ଷା କରିନେବାରେ ଧୁରନ୍ଧର । ଆଜିର ନାରୀର ଆଖିରେ ପ୍ରେମ ହେଉଛି ଆଶା ଆଶ୍ୱାସନାର ଏକ ଝଲକ । ନାରୀ ହିଁ ପ୍ରେମକୁ ବିଶ୍ୱସ୍ତ ଓ ଉଜ୍ଜ୍ୱଳ କରିପାରେ । ତା’ର ହତାଶ ଅନ୍ତରାତ୍ମା ଆଲୋକିତ ହୋଇଉଠେ ପ୍ରେମର ଚନ୍ଦ୍ରାଲୋକରେ । ‘‘ମୋପାଇଁ ତିଆରି କଲୁ/ ବିଶାଳ ପରିଧିଟିଏ କ୍ଷମାର/ ଗଢ଼ିଲୁ ମନ୍ଦିରଟିଏ ଆଶ୍ୱାସନାର/ ଦେହରେ ତୋର ମହକୁଥିଲା ବିଶ୍ୱାସ ମୋର/ ଧୂପ ଚନ୍ଦନ ବାସ୍ନାରେ/ ତାରିଆଡ଼କୁ ହତାଶ ହୋଇ ଚାହିଁଲା ବେଳେ/ ଜହ୍ନଟିଏ ଉଙ୍କି ମାରୁଥିଲା ଆକାଶରେ ।’’ (ଆହତ ପ୍ରତିଶ୍ରୁତି, ପୃ. ୨୧, ଗାୟତ୍ରୀବାଳା ପଣ୍ଡା) । ଅଥଚ ଏଇ ପ୍ରେମକୁ ଆଡ଼େଇ, ଭୟ କରି, ଲୁହକୁ ଲଜ୍ଜା ବୋଲି ଶିଖି ଆବେଗକୁ ପ୍ରଦମିତ କରି ରଖେ ଝିଅଟି, ସ୍ୱପ୍ନ ଦେଖିବାଠାରୁ ଦୂରେଇ ରହେ । ଅନ୍ତରର ବାଣୀକୁ, ଏପରିକି ପ୍ରାର୍ଥନାକୁ ମଧ୍ୟ ରୂପ ଦେଇପାରେନା, ଶବ୍ଦ ମାଧ୍ୟମରେ ସ୍ଫୁରିତ କରିପାରେନା ନିଜକୁ । ଅଥଚ ପ୍ରେମର ମହାନତାକୁ ସ୍ୱୀକାର କଲାବେଳକୁ ସେଇ ଆଶ୍ୱାସନାର ମନ୍ଦିର ଭିତରେ ଈଶ୍ୱର ନ ଥାନ୍ତି । ନାରୀପାଇଁ ଅସମର୍ଥତାର ଉଚ୍ଚାରଣଟିଏ ବେଶ୍ ହୃଦୟସ୍ପର୍ଶୀ । ଗାୟତ୍ରୀ ପ୍ରେମକୁ ବୁଝନ୍ତି, କିନ୍ତୁ ପ୍ରେମିକର ଅବବୋଧ ଓ ଅନ୍ତରଂଗତାକୁ କଟାକ୍ଷ କରନ୍ତି । ପୁରୁଷ ପ୍ରେମକୁ ବୁଝେନା– ତା’ର ଅଭିଧାନରେ ପ୍ରେମର ପରିଭାଷା ଅନୁପସ୍ଥିତ । କାରଣ ନିଜ ନିଜ ‘ପାପ’ଠାରେ ପୁରୁଷ ନିଜ ପୌରୁଷର ଉଜ୍ଜ୍ୱଳ ସ୍ୱାକ୍ଷର ଦେଖନ୍ତି । ‘ପାପ’ ଯେଉଁଠି ମୁଖ୍ୟ, ସେଠାରେ ପ୍ରେମର ସ୍ଥାନ କାହିଁ ? ସେ ଲେଖନ୍ତି– ‘‘ପ୍ରେମକୁ ସେମାନେ କେଉଁ ନାଆଁରେ ଡାକିଥା’ନ୍ତେ ଭାବୁଚ ?/ ତାଙ୍କପାଇଁ ପାପଟିଏ ତ ଥିଲା/ ପୃଥିବୀର ସବୁଠାରୁ ବଡ଼ ପୌରୁଷର ସ୍ୱାକ୍ଷର ।’’ (ତତ୍ରୈବ, ପୃ. ୭୪)

Digitized by PPRACHIN, SOA

କବି ସୁଚେତା ମିଶ୍ରଙ୍କ ରଚନାରେ ପ୍ରେମର ସ୍ୱରୂପ ସମୁଦ୍ରପରି ବିଶାଳ, ରହସ୍ୟମୟତାକୁ ବୁଝିହୁଏନା, ସାଧାରଣ ବ୍ୟକ୍ତିଟିଏ, ସେ ନାରୀ ହେଉ କି ପୁରୁଷ ହେଉ, ପ୍ରେମର ଲାବଣ୍ୟ, ତା' ପାଇଁ ଏକ ଭାରସଦୃଶ ହୋଇଯାଏ । ଅର୍ଥାତ୍ କବି ସମର୍ଥନ କରନ୍ତି ଯେ, ପ୍ରେମ ଅସାଧାରଣ, ଲାବଣ୍ୟମୟ, ଆବେଗପ୍ରବଣ– ତା'ର ଆତ୍ମବିସ୍ମୃତ ତନ୍ମୟତା, ଅନିର୍ବଚନୀୟ ବ୍ୟଥା ଓ ଗୂଢ଼ ତୃପ୍ତି ପାଖରେ ମଣିଷର ସ୍ଥିତି ଅସହାୟ ଓ ପରାସ୍ତ । ତାଙ୍କ ଉଚ୍ଚାରଣରେ "ସମର୍ପଣର ଆତ୍ମବିସ୍ମୃତ ତନ୍ମୟତା/ ଆବେଗର ଅନିର୍ବଚନୀୟ ବ୍ୟଥା/ ପ୍ରେମର ଗୂଢ଼ ତୃପ୍ତି/ ତୁମେ ବୁଝିପାରିବନି/ ମୁଁ ପ୍ରଥମରୁ କହିଥିଲି/ ସମୁଦ୍ର ପାଖକୁ ଯାଅନି/ ତା' ଲାବଣ୍ୟ ତୁମେ ସହିପାରିବନି ।" (ସଂ. ଶିଳାଲିପି, ପୃ. ୧୦୮)

ନାରୀ ତାଙ୍କପାଇଁ କେଉଁଠି ମାତୃତ୍ୱର ଆଲୋକରେ ମହୀୟାନ୍ ତ କେଉଁଠି ପ୍ରିୟ ନାରୀର ସ୍ମୃତିରେ ବିଜଡ଼ିତ ଏକ ଅଫୁରନ୍ତ ଉତ୍ସାହ । ସେ ଯେଉଁ ବାଟରେ ଅଟକିଯାଏ ସେ ବାଟେଶ୍ୱରୀ, ଯେଉଁ ଘାଟରେ ବସିଯାଏ ସେ ଘାଟେଶ୍ୱରୀ । ସେହି ତରୁଣୀ ପୁଣି ତା' ଓଠର ରକ୍ତିମାରେ ଆଲୋକିତ କରିଦିଏ ଆଗକୁ ଯିବାର ପଥ । କବି କ୍ଷୀରୋଦ ପରିଡ଼ା ନାରୀର ଏହି ମହିମ୍ନ ରୂପକୁ, ଅନୁଭବକୁ କବିତାରେ ପ୍ରକଟ କରନ୍ତି– "ଯଥେଷ୍ଟ ଆଲୋକ ଅଛି/ ତା' ଓଠର ରକ୍ତିମାରେ/ ଆଲୋକିତ କରିବାକୁ ଏଇ ଅନାବରଣ ପଥ/ ×× ଆବେଗ ଓ ଏକାଗ୍ରତାର ଟାଣପଣରେ ଆଗେଇ ଯାଅ/ ତା' ନିକ୍ୱଣକୁ କରି ନିଶାଣ/ ×× କେବେ ସେ ଅନ୍ଧୁଣୀ ନୁହେଁ/ ଯଦିବା ଚାଲୁଥାଇ ଅନୁସରି । ଆପଣା ଭିତରେ ମାତୃତ୍ୱ ଭିଜେଇ ।"

(ପଛକୁ ଚାହଁନା – ସଂ. ଆରୋହଣ ୧୯୯୫)

ଏହି କବିଙ୍କପାଇଁ ପ୍ରେମ ଏକ ଦେହାତୀତର ଅବବୋଧ –

ପ୍ରିୟତମା ଦୂରରେ ରହିଲେ ବି କବିଙ୍କ ମାୟା ଅତୁଟ ରହିଛି । ଶରୀରର ଚୌହଦୀରେ ନ ପାଇଲେ ବି ଗଛଡାଳରେ ଫୁଲଟିର ଅନାହତ ସୌନ୍ଦର୍ଯ୍ୟ ପ୍ରତି ସେ ଆସ୍ଥାବାନ୍ । ପ୍ରେମିକା କେବେ ଅଭୀପ୍‌ସାର ରଚନା ନ କରୁ ପଛେ, ସେ ଚିରକାଳ କବିଙ୍କ ଚେତନା ଊର୍ଦ୍ଧ୍ୱାସୀନା ହୋଇରହୁ । ଏହି ବିଭୋରପଣ ଓ ସମ୍ମାନବୋଧ କବିଙ୍କ ଉଚ୍ଚାରଣରେ– "ଆକାଶ ଓ ମେଘର ସନ୍ଧିରେ/ ଛପି ଛପିକା ପଛେ ଝଟକୁ ଥାଅ/ ଯେମିତି ଦିଶୁଛ ସେମିତି ଦିଶ/ ×× ଓହ୍ଲାଅ ନାହିଁ କେବେ ତଳକୁ/ ମୁହଁ ଦେଖାଅନା ଯମୁନାର ଜଳକୁ/ ପ୍ରତୀକ୍ଷା ନୁହଁ ବି/ କୁଞ୍ଜ କି କଦମ୍ବ ମୂଳକୁ/ ×× ମୋ ପାଇଁ ସ୍ୱପ୍ନରେ ରୁହ କି ଛାୟାରେ ରୁହ/ ରହିଥାଅ କାଳ କାଳ ଚିର କାଳ ।" (ତତ୍ରୈବ ପୃ. ୨)

କବିଙ୍କ ଅନୁଭବର ଇଲାକାରେ ବସନ୍ତଋତୁ ପ୍ରେମ ଓ ମିଳନର ମଧୁରରାଗକୁ ପୁଷ୍ପାୟିତ କରେ । ବିହ୍ୱଳ ପ୍ରେମାନୁଭୂତି ମଧ୍ୟରେ ପତ୍ନୀ ଓ ପ୍ରେମିକା ଏକ ଓ ଅଭିନ୍ନ ହୋଇଯା'ନ୍ତି । କବି ଶ୍ରୀନିବାସ ଉଦ୍‌ଗାତାଙ୍କ ପ୍ରେମୋପଲବ୍‌ଧି ମଧ୍ୟରେ ସେହି ଆବେଗପ୍ରବଣତା । ସଂଭୋଗର ଆବେଶ ଉଚ୍ଛକିତ ହୋଇଉଠେ । ନାରୀର ଚୁମ୍ବନ,

Digitized by PPRACHIN, SOA

ଆଲିଙ୍ଗନ କବି ଅନ୍ତରକୁ ଉଲ୍ଲସିତ ଓ ମହିମାମଣ୍ଡିତ କରେ । ପତ୍ନୀ ପ୍ରେମ ହେଉ କି ପରକୀୟା ସଂପର୍କ ହେଉ ବା ଏ ଉଭୟେ, ଅନ୍ତରକୁ ପ୍ଳାବିତ କରିବାକୁ ଉନ୍ମୁଖ ଓ ପୁରୁଷମାତ୍ରେ ନାରୀ ସାନ୍ନିଧ୍ୟ-ପିପାସୁ । ଏହି ସତ୍ୟର ଉଦ୍‌ଘୋଷଣା କରିବାକୁ କବି ସମର୍ଥ – "ଆଜି ହଠାତ୍ କେତେ ନିଆଳୀର ମହକ ଅଜାଡ଼ି ଦେଲା/ ତମର ସ୍ୱର୍ଣ୍ଣିମ ଚୁମାଟି/ ତମ ଆଖିର ନୀଳ ଆକାଶରେ/ ଅନେକ ତାରାର ଫୁଲ/ ତା'ରି ଗୁଚ୍ଛାମାଳଟି ତମେ ତମର ସେଇ ମୃଣାଳ ବାହୁ !/ ×× ତମେ ମୋର ଭୁଜ ସୋପାନରେ/ ପୁଷ୍ପିତ ଲତାଟି ଭଳି ଶୋଇଥିଲେ / ମୁଁ ମନେକରେଁ ବସନ୍ତ ସ୍ଥିର ହୋଇ ରହିଯାଇଛି/... ଆଉ ମୋର ହାତ ଖୋଜି ବୁଲୁଛି ସେଇ ବସନ୍ତାୟିତ ତନୁରେ ବସନ୍ତକୁ ।"

(କବିତା 'ବସନ୍ତ' ସଂ. ପ୍ରତିମା ଅପ୍ରତିମ, ପୃ. ୧୭-୧୮)

ପ୍ରେମର ଉଚ୍ଛଳ ଆବେଗରେ କବି ପ୍ରାଣ ବିହ୍ୱଳ ହୋଇଉଠେ, ମାନସୀ ପ୍ରତିମାର ସାନ୍ନିଧ କଳ୍ପନାରେ ଉଚ୍ଚକିତ ଅନୁଭବ ସ୍ୱପ୍ନମୟ ହୁଏ । ସତେ କି ମାନସୀର ସକଳ ପରିବେଶ ସହ କବିର ଆତ୍ମିକ ଯୋଗାଯୋଗ ପ୍ରତିଷ୍ଠା ହୋଇଯାଏ । ଏହି ପ୍ରେମ ପରକୀୟା, ତେଣୁ ଏହାର ସ୍ମୃତି ମଧୁର ଆବେଶ ଭରିଦିଏ । କବି ଅକ୍ଷୟକୁମାର ବେହେରା ସେହି ପ୍ରେମାନୁଭବର ସ୍ୱରୂପ ଆଙ୍କି ବସନ୍ତି– "ରକ୍ତରେ ମିଶେଇ ଦେଇଛି ତମ ଗାଆଁ ଜହ୍ନରାତି/ ନିଦାଘ, ଶ୍ରାବଣ × ସେଦିନୁ କିଛି ନ ବୁଝି ତୁମ ଆଖିରେ ସ୍ୱପ୍ନ ଦେଖିଲି × ଚୁପ୍‌ଚାପ୍ ବସି କାହିଁ କେତେଦୂରେ/ ତୁମଠାରୁ ଏ ଜହ୍ନ ଆଲୁଅରେ ଖୋଜୁଛି ତମ ଗାଆଁ ସ୍ମୃତି/ ଡିବିରି ଆଲୁଅରେ ଦିଶୁଥାଏ ତୁମ ମୁହଁ/ ଦିକ୍ ଦିକ୍ ତାରାଟିଏ ଦୂର ଆକାଶର ।"

(ତୁମ ଗାଁ ଜହ୍ନରାତି–ସଂ. ଯେତେସବୁ ଗୋପନୀୟ, ପୃ. ୨୭-୨୮)

ଓଡ଼ିଆ ପ୍ରେମ କବିତା ମଧ୍ୟରେ ଯେଉଁ ବିହ୍ୱଳତା ଆବେଗ, ଆସକ୍ତି, ଆନ୍ତରିକତା, ସହନଶୀଳତା, ବ୍ୟଥା, ବିରହ, ଯନ୍ତ୍ରଣା ଆଦି ରୂପ ପରିଗ୍ରହଣ କରିଛି, ସେସବୁକୁ ନିରୀକ୍ଷଣ କଲେ ବୁଝିବାକୁ ହୁଏ ଯେ, ଏକ ଦୃଷ୍ଟିରେ ପୁରୁଷ କବି ଓ ନାରୀ କବି ଭେଦରେ ପ୍ରେମର ସ୍ପନ୍ଦନ କେତେକାଂଶରେ ଏକ ଓ ଅଭିନ୍ନ । ମାତ୍ର ଅପରଦୃଷ୍ଟିରେ ରହିଛି ମଧ୍ୟ ପ୍ରଚୁର ଭିନ୍ନତା । ପୁରୁଷର ବ୍ୟାକୁଳ ଉଚ୍ଚାରଣ, ଆବେଗଜଡ଼ିତ ସାନ୍ନିଧ୍ୟଲିପ୍ସା ତଥା ନିଜ ଅନ୍ତଃକରଣକୁ ଉଦ୍ଦୀପ୍ତ କରୁଥିବା ଭାବାନୁଭବ ଖୁବ୍ ମାର୍ମିକ । ମାତ୍ର ନାରୀ କବିମାନଙ୍କ ପ୍ରେମଚେତନାରେ ଯେଉଁ ସମର୍ପଣ ଭାବ, ସହିଷ୍ଣୁତାର ଭାବ ପରିସ୍ଫୁରିତ ତାହା ପୁରୁଷକବିଙ୍କ ରଚନାରେ ଦେଖାଯାଏ ନାହିଁ । ଏହି ଦୃଷ୍ଟିରୁ ପୁରୁଷକବିଙ୍କ ସ୍ୱର ନାରୀକବିଙ୍କ ସ୍ୱରଠାରୁ ଭିନ୍ନ । ନାରୀ କବିଙ୍କ ପ୍ରେମର ସ୍ୱର ହୁଏତ କିଛିଟା ଅପ୍ରତ୍ୟକ୍ଷ ଓ ଅନୁଦ୍ଦାମ ମାତ୍ର ଉପଲବ୍‌ଧିର ସ୍ୱରୂପରେ ଏହା ଅଧିକ ଗଭୀର, ଗମ୍ଭୀର ଓ କଲ୍ୟାଣକାମନାଦ୍ୱାରା ପରିଶୀଳିତ ।

Digitized by PPRACHIN, SOA

ଚତୁର୍ଥ ଅଧ୍ୟାୟ

ନାରୀ ପ୍ରତି ସାମାଜିକ ତଥା ପାରିବାରିକ ବନ୍ଧନ ବିରୋଧରେ ପ୍ରତିବାଦର ସ୍ୱର ଓ ନାରୀ ମୁକ୍ତିର ସମ୍ଭାବନା ଉପରେ ଏକ ଆକଳନ

ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ବନ୍ଧନର, ଉତ୍ପୀଡ଼ନର, ଅବିଚାରର ଶିକାର ହୋଇଆସିଛି ନାରୀ । ଏପରିକି ବିଂଶଶତକର ପ୍ରଥମ ପାଦରେ ମଧ୍ୟ ତା' ପାଇଁ ଶିକ୍ଷା ହୋଇଛି ସ୍ୱପ୍ନ, ନିଷେଧାତ୍ମକ ଏକ କର୍ମ ଏବଂ ବାଲ୍ୟବିବାହାଦି ନାନା କୁସଂସ୍କାର ଭିତରେ ତା'ର ଶରୀର ମନ ଓ ସ୍ୱପ୍ନ ଛାରଖାର ହୋଇଯାଇଛି । ନାରୀର ଯେ ସମାନ ଅଧିକାର ଅଛି, ଏହି କଳ୍ପନା ପର୍ଯ୍ୟନ୍ତ ଆଜିକୁ ୧୦୦ ବର୍ଷ ତଳେ ସମ୍ଭବ ହୋଇ ନ ଥିଲା । ମଣିଷ ସମାଜର ଅର୍ଦ୍ଧେକ ସଂଖ୍ୟାବିଶିଷ୍ଟ ସ୍ତ୍ରୀଜାତି ଅତି ନଗଣ୍ୟ ବିଚାର ତଳେ ପିଷ୍ଟ ହୋଇଥିଲା । ପ୍ରଥମ ଅଧ୍ୟାୟରେ ଏ ସଂକ୍ରାନ୍ତରେ ସବିଶେଷ ଆଲୋଚନା ହୋଇଛି । ଘଟଣାକ୍ରମେ ଭାରତର ସ୍ୱାଧୀନତା ଓ ନାରୀଜାଗରଣ ମଧ୍ୟ ଦେଇ ସମାଜ ଠାରେ ଏକ ସଚେତନତା ପ୍ରବେଶ କରିଛି । ଫଳରେ ନିଜ ପ୍ରତି ଅବିଚାର ବିରୋଧରେ ନାରୀ ସ୍ୱର ଉଠାଇଛି । ନିର୍ଯାତନା ଓ ଅମାନୁଷିକ ବ୍ୟବହାରର ପ୍ରତିବାଦ କରିଛି । ତ୍ୟାଗ ଆଉ ସମର୍ପଣ ବଦଳରେ ସେ ଆଶା କରିଛି ଶ୍ରଦ୍ଧା, ସମ୍ମାନ ଓ ଦାବି କରିଛି ଅପଣାର ସ୍ୱାଧିକାର । ସମାଜ ଅତି ସନ୍ତର୍ପଣରେ ନ ଶୁଣିବା, ନ ବୁଝିବାର ଅଭିନୟ କରିଛି । ବାସ୍ତବରେ ଉଦାର ଚରିତ୍ରସଂପନ୍ନ ପୁରୁଷଗଣ ହିଁ ନାରୀଜାତିକୁ ସଚେତନତାର ଆହ୍ୱାନ ଶୁଣାଇଛନ୍ତି । ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ମଧୁସୂଦନଦାସଙ୍କଠାରୁ ମହାତ୍ମାଗାନ୍ଧୀଙ୍କ ପର୍ଯ୍ୟନ୍ତ ବ୍ୟକ୍ତିତ୍ୱଗଣ ନାରୀକୁ ସୁରକ୍ଷା ଦେବାରେ, ତା'ର ପ୍ରାପ୍ୟ ଅଧିକାର ପ୍ରଦାନ କରିବା ନିମିତ୍ତ ଅନେକ ପ୍ରୟାସ କରିଛନ୍ତି । ବିଂଶ ଶତକର ସମାପ୍ତି ପରେ, ଏକବିଂଶ ଶତକର ପ୍ରାରମ୍ଭ କାଳରେ, ୨୦୦୫ ମସିହାରେ, 'Domestic Violence Act.' (DVA) ବା ପାରିବାରିକ ହିଂସା ବିରୋଧରେ ଏକ ଆଇନ୍ ପ୍ରଣୟନ ହୋଇଛି । ନାରୀମାନଙ୍କ ପ୍ରତି ଏଣିକି ଅବା ପାରିବାରିକ ହିଂସା ସଂଘଟିତ ହୋଇପାରିବ ନାହିଁ । ଅନ୍ତତଃପକ୍ଷେ ଆଇନ୍‌ର ଶାସନ ନିମିତ୍ତ ନାରୀମାନଙ୍କ ପକ୍ଷରେ ସୁଯୋଗ ରହିଛି । ପତ୍ନୀ, ମାତା, ଭଗ୍ନୀ, କନ୍ୟା ଯେ ବି ହେଉ, ନାନାପ୍ରକାର ଆଚରଣ, ଅର୍ଥାତ୍ ଧିକ୍କାର, ଅପମାନ, ଗାଳି, ଗଞ୍ଜଣା, ମାଡ଼ ଇତ୍ୟାଦି ପରି ନିର୍ଯାତନା ବା ମାନସିକ ଯନ୍ତ୍ରଣାର ଶିକାର ହେଲେ ନାରୀ ଆଇନ୍‌ର ଆଶ୍ରୟ ନେଇପାରିବ ।

Digitized by PPRACHIN, SOA

ନାରୀତ୍ୱର ଅମର୍ଯ୍ୟାଦା ବିରୋଧରେ ଏହି ଆଇନ୍ କାମ କରିବ । ଏହି DVA ଆଇନ୍ ନାରୀମାନଙ୍କ ମନରେ ନୂତନ ଆଶା ଓ ଆସ୍ଥା ସଂଚାର କରିଛି । ତେବେ, ସମଗ୍ର ବିଂଶ ଶତକରେ, ବିଶେଷକରି ବିଂଶଶତକର ଦ୍ୱିତୀୟାର୍ଦ୍ଧରେ ଯେଉଁ ଅଭୂତ ନାରୀ ଜାଗରଣ ସୃଷ୍ଟି ହୋଇଛି ଓ ବିଭିନ୍ନ ନାରୀ ଅନୁଷ୍ଠାନ ଓ ଆନ୍ଦୋଳନ ଜାରି ରହିଛି, ସେସବୁର ଫଳଶ୍ରୁତିସ୍ୱରୂପ ଏହି ଆଇନ୍ ଗୃହୀତ ହୋଇଅଛି ।

ସଂପ୍ରତି ନାରୀମାନଙ୍କୁ ସୁରକ୍ଷା ଦେବା ନିମିତ୍ତ ଓ ସ୍ୱାଧିକାର ପ୍ରଦାନ ନିମିତ୍ତ ନାରୀମାନେ ହିଁ ଆଗୁସାର ହୋଇଛନ୍ତି ସତ, ମାତ୍ର ଉଦାରପୁରୁଷମାନେ ମଧ୍ୟ ନାରୀ ଦୁଃସ୍ଥିତିକୁ ସେମାନଙ୍କ ରଚନାରେ ପ୍ରତିଫଳିତ କରିଛନ୍ତି । ତେବେ, ନାରୀକବିଗଣ ଏ ଦିଗରେ ଅଧିକ ନିଷ୍ଠା ଓ ପ୍ରଯତ୍ନ ଦର୍ଶାଇଛନ୍ତି । କାରଣ, ସେମାନେ ଭୁକ୍ତଭୋଗୀ । ଏ ଦିଗରେ ଭାରତୀୟ ନାରୀବାଦୀ ଲେଖିକାମାନଙ୍କ ମଧ୍ୟରେ ଅନୀତା ଦେଶାଇଙ୍କ ଉପନ୍ୟାସ ‘Fire of the Mountain’କୁ ବିଶେଷ ମାନ୍ୟତା ଦିଆଯାଏ ।

ଭାରତବର୍ଷର ନାରୀମାନଙ୍କ ମଧ୍ୟରୁ କେହି କେହି ଏବେବି ଭାବନ୍ତି ଯେ, ସ୍ୱାମୀ ଆଶ୍ରୟଦାତା, ସ୍ତ୍ରୀ ଆଶ୍ରିତା ଓ ଅଧୀନା । ସିନ୍ଦୂର ଟୋପାକ ତା’ର ଜୀବନ । ତଥାପି ଅଧିକାଂଶ ନାରୀ ଯୁଗ ଯୁଗର କୁସଂସ୍କାର ଓ ଅନ୍ଧବିଶ୍ୱାସର ଘୋଡ଼ଣିକୁ ଭାଙ୍ଗିଦେବାର ପ୍ରଚେଷ୍ଟା ଚଳାଇଛନ୍ତି । କବିଗଣ ସମୟ ଓ ସମାଜର ସଚେତନ ବିନ୍ଦୁ । ତେଣୁ ନାରୀପ୍ରତି ଅତ୍ୟାଚାର ଓ ବନ୍ଧନର ପ୍ରତିକାର ନିମନ୍ତେ କବିତା ମାଧ୍ୟମରେ ନାରୀଟି ପ୍ରତିବାଦ କରିଛି । ନାରୀମୁକ୍ତିର ସମ୍ଭାବନାକୁ ସାକାର ଓ ତ୍ୱରାନ୍ୱିତ କରିବା ନିମନ୍ତେ କବିଗଣଙ୍କର ଏହି ଉଦ୍ୟମ ଓ ଉଚ୍ଚାରଣକୁ ଏଠାରେ ଅନୁଧ୍ୟାନ କରାଯାଉଛି । ତେବେ ବହୁକାଳରୁ ପ୍ରଚଳିତ ରୀତିନୀତି ସମର୍ଥିତ ସ୍ୱାମୀ ସ୍ତ୍ରୀ ସଂପର୍କର ପାରିଭାଷିକ ଶବ୍ଦାବଳୀ ମଧ୍ୟରେ ସାଧାରଣତଃ ରହିଛି ପ୍ରେମଦ୍ୟୋତକ ଶବ୍ଦ– ‘‘ପୁରୁଷର ଅନ୍ତର ଜିଣିବାପାଇଁ ନାରୀର ଗୋଟିଏ ମାତ୍ର ବାଟ ଅଛି– ତାହା ହେଉଛି ତା’ ଦେହ । ସେତକର ଆଶ୍ରୟ ନ ନେଲେ ସେ ସ୍ୱାମୀର ରୋଷାଗ୍ନିଦ୍ୱାରା କବଳିତ ହେବ ।’’ (Shashi Despande That long silence : A Critical Study (2005), Asia Book Club, New Delhi ଦ୍ୱାରା ପ୍ରକାଶିତ ପୁସ୍ତକର ଅଂଶବିଶେଷ, ଓଡ଼ିଆ ପ୍ରରୂପରେ)

ଏହାସତ୍ତ୍ୱେ ଏ ଯୁଗର ସଚେତନ କବି ଓ ନାରୀ ତା’ର ସଂରଚିତ କବିତା ମାଧ୍ୟମରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛି । ହୁଏତ ଯୁଦ୍ଧଘୋଷଣା କରି ନାହିଁ, ମାତ୍ର ତୀବ୍ର ସ୍ୱରରେ ନିଜ ବକ୍ତବ୍ୟକୁ ଜନମାନସଠାରେ ପହଞ୍ଚାଇବାର ପ୍ରୟାସ ଜାରି ରଖିଛି । ସମାଜ ଓ ପରିବାରର ଅବିଚାର, ପାତରଅନ୍ତର ନୀତି ବିରୋଧରେ ଉଚ୍ଚାରଣ କଲାବେଳକୁ ନାରୀଟିଏ ହୁଏତ ନିଜ ଅନ୍ତର୍ବେଦନାର ଚିତ୍ର ପ୍ରକଟ କରିଛି । କେବେ ବା ନିଜ ଚତୁଃପାର୍ଶ୍ୱରେ ଘଟୁଥିବା ବିଡ଼ମ୍ବନାକୁ ପ୍ରମୂର୍ତ୍ତ କରୁଛି । ଏ ଉଭୟ ପ୍ରକାର ନିରୀକ୍ଷଣରେ ନାରୀଚେତନାର

Digitized by PPRACHIN, SOA

ପ୍ରତିବାଦର ସ୍ୱର ପରିସ୍ଫୁଟ ହେଉଛି । ଅଥଚ ନାରୀଟିଏ, କବିଟିଏ ବୁଝିଥାଏ ଯେ ତା' ପକ୍ଷରେ କବିତାମନସ୍କ ହେବା କେତେବଡ଼ ବିଘଟଣ– "ତୁମେ ଯଦି କବିତାସଂଗିନୀ ହେଉଚ ତ ଦେଖିବ ସାରା ସଂସାରର ସବୁ ଚାହିଦାମାନେ/ ହାତ ଧରାଧରି ହେଇ ତୁମକୁ ତାଙ୍କ ଆଡ଼େ ଟାଣିବେ/ କହିବେ ଆମର ହ', ଆମର ହ'/ ଘର କହିବ ମୋର ଯତ୍ନ ନଉନୁ/ ପତି କହିବେ ତୁମେ ମୋ ମନସ୍କ ନୁହଁ/ ସଂସାର କହିବ ଅସଂସାରୀ ହେଲା" – (ତୁମେ ଯଦି କବିତାମନସ୍କ, ସଂ. କାଳୀ ଝିଅ ପୃ. ୯ ଗିରିବାଳା ମହାନ୍ତି) ।

ପରିବାରର ଏହି ବିଘଟଣ ସହିତ ସମାଜର ଅହନ୍ତା ବି କିଛି କମ୍ ନୁହଁ । ବୟଃପ୍ରାପ୍ତା ଝିଅଟିଏ ଦାଣ୍ଡରେ ଚାଲିଗଲାବେଳେ ଯେଉଁ ଇଙ୍ଗିତ ଓ ଅଶ୍ଳୀଳତାର ଶିକାର ହୁଏ– ତା'ର ସ୍ୱରୂପ ହୋଇପାରେ, ଚାହାଣିର, ସ୍ୱରର, ଅଙ୍ଗଭଙ୍ଗୀର ପୁଣି ଆକ୍ରମଣର । ଏ ଯୁଗରେ ସେଇ ପୁରାଣ ଯୁଗର ଅଦ୍ଭୁତ ଘଟଣାସବୁ ଘଟିଲା ନାହିଁ । ଲାଞ୍ଛିତା ସୀତାଙ୍କପାଇଁ ଦିନେ ବସୁମାତା ବିଦୀର୍ଣ୍ଣ ହୋଇଥିଲା, ଅପମାନିତା ଦ୍ରୌପଦୀଙ୍କପାଇଁ ଶୂନ୍ୟରୁ ଲମ୍ବି ଆସିଥିଲା ସୁରକ୍ଷାର ବସ୍ତ୍ରଗୁଡ଼ିକ । ହେଲେ, ଏ ଯୁଗରେ ତ ସେପରି କିଛି ଘଟିବାର ସମ୍ଭାବନା ହିଁ ନାହିଁ । ତେଣୁ କବି ଝିଅଟିକୁ ଆହ୍ୱାନ କରନ୍ତି– ନିଜ ଅପମାନର ପ୍ରତିଶୋଧ ନେବାକୁ ସେ ନିଜେ ଜାଗିଉଠୁ । ତା'ର ଅମିତଶକ୍ତି ଓ ପରାକ୍ରମ ରହିଛି । ନତମୁଖରେ ସବୁକିଛି ସହିନେବାକୁ ସେ ଜନ୍ମ ହେଇନି– "ପଦ୍ମିନୀ ପୁଣ୍ଡରୀକାକ୍ଷ ମା' ମୋର ଉଠ୍/ ଉନ୍ମୁକ୍ତ ରହୁ କେଶ– ଯୁଦ୍ଧ ମାଗ୍/ ହୃଦୟରେ ଜଳାଇ ରଖ୍ ଅସୁର ନିଧନର ନିଆଁ/ ସହସ୍ରଭୁଜା ହୋଇଉଠ ଝିଅ–" (କିରେ ଫୁଲଗଛ ତୁ କାହିଁକି ମଲୁ, ସଂ. କାଳୀ ଝିଅ, ପୃ. ୭୫) । ଝିଅଟିଏ ଜନ୍ମ ହେବ, ବଢ଼ିବ, ବିଭା ହେବ, ପିଲା ଜନ୍ମ କରିବ, ସମସ୍ତଙ୍କ ସେବା କରିବ, ସହିଷ୍ଣୁ ହେବ । ତା'ର ପୁଣି ଦୁଃଖ କ'ଣ, ଆକାଂକ୍ଷା ସ୍ୱପ୍ନ ଗୋଟେ କ'ଣ, ଭାବ-ଅଭାବ-ବୋଧ ବି କଅଣ ? କ୍ରୋଧ ଆଉ ଅଭିଶାପ କ'ଣ ? ଛାର ସ୍ତ୍ରୀଲୋକଟା ସେ, ଅମକର ସ୍ତ୍ରୀ, ସମକର ମାଆ – ତା'ର ପୁଣି ସ୍ୱତନ୍ତ୍ର ପରିଚୟ କ'ଣ ? କବି ଗିରିବାଳାଙ୍କ କଣ୍ଠରେ ତାଚ୍ଛଲ୍ୟ ଫୁଟିଉଠେ – ସମାଜ ଓ ପରିବାରର ଏହି ବିଚାର ବିରୋଧରେ ସେ ସ୍ୱର ଉଠାନ୍ତି– "ଜିଇଁବାକୁ ଯେ ଦିଆଯାଇଚି/ ସେଇ କ'ଣ ଯଥେଷ୍ଟ ନୁହେଁରେ ମାଣିକ/ ତା' ପରେ ଫେର୍ ନିଜ ଖୁସିରେ ସ୍ୱପ୍ନ ଦେଖିବୁ/ କି ସ୍ପର୍ଦ୍ଧା/ ଛାର ସ୍ତ୍ରୀଲୋକଟା/ ଦଳି ଦେଲେ ନିଶ୍ଚିହ୍ନ ହୋଇଯିବୁ ।" (ସ୍ତ୍ରୀଲୋକ–ଗିରିବାଳା ମହାନ୍ତି)

ନାରୀ ସଚେତନ ହୋଇଛି ନିଜ ଆବେଗ ଓ ଆକାଂକ୍ଷା ପ୍ରତି । ତଥାପି ଆମଦେଶରେ ଦାରିଦ୍ର୍ୟର ପ୍ରବଳ ରାଜୁତି । ଝିଅଟି ତ ଅବହେଳିତା, ପୁଣି ଗରିବଘର ଝିଅ । ତା' ଅବସ୍ଥା ଆହୁରି ଶୋଚନୀୟ । 'ଦୁଃଖୀ ଝିଅ' କବିତାରେ ଦୁଃଖୀ ଝିଅ, ଗରିବ ଘରର ଝିଅଟିର ମନ ଖୋଲୁଛନ୍ତି କବି, ତା' ନିଜ ସ୍ୱରରେ । ଏଠାରେ ମଧ୍ୟ ଲକ୍ଷ୍ୟ କରିବା କଥା ଯେ, ଗରିବଘର ହେଉ କି ମଧ୍ୟବିତ୍ତ ଘର ଝିଅ ହେଉ, ସବୁଠାରେ ଊଣା ଅଧିକେ ପରିସ୍ଥିତି ସମାନ । ଖୁବ୍ ବିତ୍ତଶାଳୀ ପରିବାରର ଝିଅମାନେ ହୁଏତ ଟିକିଏ ଅଧିକ

Digitized by PPRACHIN, SOA

ସୁଯୋଗ ପାଇଥାଆନ୍ତି । ମାତ୍ର ଯେ ଓଡ଼ିଶା ରାଜ୍ୟରେ ଅଧିକାଂଶ ଝିଅଙ୍କ ଅବସ୍ଥା ଏକାପରି । କବି ଦୁଃଖୀ ଝିଅ ତୁଣ୍ଡରେ ଭାଷା ଦିଅନ୍ତି– ''ବାବୁଘର ବଡ଼ପୁଅ ଭାରି ଭଲ, ସହରରେ ପଢୁଥାଏ ପାଠ, ଏକୁଟିଆ ଦେଖି କେବେ ସଞ୍ଜବେଳେ କାନମୂଳେ ଚୁପଚୁପ୍ କହିଯାଏ । ଚାନ୍ଦ ଭଳି ମୁହଁ ପାଇ ତୁ କେମିତି ହେଇଯାଉ ନଷ୍ଟ ?'' (ମୁହୂର୍ତ୍ତ ମୁହୂର୍ତ୍ତ, ସଂ. ପ୍ରବାସିନୀ ମହାକୁଡ଼, ପୃ. ୯୩) । ଏ ପ୍ରକାର ଇଙ୍ଗିତରେ, ସଂଭାଷଣରେ ଅଭାବୀ ନବଯୁବତୀଟି ବିହ୍ୱଳ ହୋଇପଡ଼ିବା ସ୍ୱାଭାବିକ । ମାତ୍ର ଏଠାରେ କବି ଝିଅଟିର ବିବେଚନା ଶକ୍ତି ଓ ସଂଭ୍ରମର ପ୍ରତିଷ୍ଠା କରିଛନ୍ତି । ଉପରୋକ୍ତ ଲାଳସାଜଡ଼ିତ ନିମନ୍ତ୍ରଣକୁ ଝିଅଟି ଆଡ଼େଇ ଯାଇଛି । ଅଥଚ ଲାଳସା ଭିନ୍ନ ଅନ୍ୟ ଏକ ଆବେଗରେ ନାରୀଟି ସବୁକିଛି ସମର୍ପଣ କରିଦେବାକୁ ପ୍ରସ୍ତୁତ । ଅନ୍ୟ ଏକ ପରିପ୍ରେକ୍ଷୀରେ ପ୍ରେମାବିଷ୍ଟା ନାରୀଟି କହେ – ''ମୁଁ ତ ଏମିତି ନାରୀଟେ/ଯିଏ ଖାଲି ଦେଇ ଜାଣେ । ଦେଇ ଦେବାରେ ଯିଏ ଅପୂର୍ବ ଆନନ୍ଦ ପାଏ/ ନିଅ, ନେଇଯାଅ/ ମୋ ଭିତରେ ଯାହା କିଛି ସୁନ୍ଦର ମଧୁର ଲୋଭନୀୟ ଭଲପଣ/ ସବୁ ନେଇଯାଅ ।'' (ପ୍ରେମ ଏକ ଋତୁ– ପ୍ରବାସିନୀ ମହାକୁଡ଼, ପୃ. ୫୧)

ଝିଅଟିପାଇଁ ଝର୍କାଟିଏ ନାହିଁ । 'ଝର୍କା' ଏଠାରେ ଗୋଟିଏ ପ୍ରତୀକ– ବୃହତ୍ତର ସଂପର୍କର, ପ୍ରତିବାଦର, ମୁକ୍ତିର ଗୋଟିଏ ଅୟନ ମାତ୍ର । ଝିଅଟି ନିଜସ୍ୱ ସମଗ୍ର ଦହନ ଓ ପୀଡ଼ାକୁ ଲୁଚେଇ ରଖେ । ଏପରିକି 'ବଧୂଦାହ'ର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଜାଣିପାରେନା, ଜାଣିଲେ ବି କାହାକୁ ଜଣାଇ ପାରେନା । କିଶୋରୀଠାରୁ ବୟସ୍କା ହେବାଯାଏଁ କେତେ ବିଧି ନିଷେଧ ତା' ପାଇଁ ! ଏହି ନିଷେଧ ବିଧିର ବିପକ୍ଷରେ ରହିଛି ଗୋଟିଏ ଝର୍କା, ଝର୍କା ଏଠାରେ ନିଜକୁ ପ୍ରକଟ କରିପାରୁଥିବା ମାଧ୍ୟମଟିଏ । କବି କହନ୍ତି– ''ଘରେ ଝର୍କାଟିଏ ଥିଲେ/ ଝିଅର ଜୀବନ ଏତେ ସଅଳ ସରିଯାଇ ନ ଥାନ୍ତା.../ ନିଆଁରେ ହୁତ୍ ହୁତ୍ ଜଳି ଗଲାବେଳେ/ ଝର୍କା ଖୋଲି ସାଇପଡ଼ିଶାଙ୍କୁ/ ଡାକିପାରିଥାନ୍ତା ତ !'' (ଝିଅପାଇଁ ଝର୍କାଟିଏ ପୃ. ୩... ଅପର୍ଣ୍ଣା ମହାନ୍ତି) ।

ପ୍ରାୟ ୧୦/୧୧ ବର୍ଷ ବୟସରେ ଝିଅଟି ପହିଲି ବୟଃପ୍ରାପ୍ତିର ଚୌକାଠରେ ପାଦ ଥାପେ । ମାଆ ଜାଗତିଆର୍ ହୁଏ, ନାନା ନିଷେଧର ପରମ୍ପରାରେ ଝିଅକୁ ଛନ୍ଦିପକାଏ । ଝିଅ ତା' ମନମୁତାବକ ଏଣିକି ଆଉ ଦାଣ୍ଡକୁ ଯିବନି, ବଣକୁ ଯିବନି, ଅପହଞ୍ଚ ଡାଳରୁ କୋଳି ତୋଳିବନି– କିନ୍ତୁ ଝିଅ କରେ ଅନୁଯୋଗ– ''କାହିଁକି ?'' ଏହାର କି ଉତ୍ତର ଦେବ ମାଆ ? ସେ ତ କାଳେ କାଳେ ଏହିପରି ଝିଅଟିର ମନକୁ ଦେହକୁ କାଟି କାଟି ବନ୍‌ସାଇ କରିଛି । କବି ଚେତନାରେ ଏହି ଚିତ୍ରର ପ୍ରତିଫଳନ– ''ଏବେ ମତେ କୁନିଝିଅକୁ କାଟିକୁଟି, ସୁଆଦିଆ କରି ପରଷିଦବାକୁ ହବ/ ତା' ବାପାଙ୍କୁ ତା' ସ୍ୱାମୀଙ୍କୁ ରୁଚୁଥିବା/ ସୁବର୍ଣ୍ଣ ଥାଳିରେ ।'' (ତତ୍ରୈବ-ପୃ. ୫) ।

ସ୍ତ୍ରୀଲୋକଟିପାଇଁ ନିନ୍ଦାପାଇବା ସହଜ । ଯେଉଁ ଗୁଣ ବା ଯୋଗ୍ୟତା ଥିଲେ ପୁରୁଷଟିଏ ପ୍ରଶଂସା ପାଏ, ନାରୀପାଇଁ ସେହି ଗୁଣ ଅପଯଶ ଡାକିଆଣେ, କବି ଅନୁଚ୍ଚ ପ୍ରତିବାଦର

Digitized by PPRACHIN, SOA

ସ୍ୱର ଉଠାନ୍ତି– "ଭଲ ତରକାରି ରାନ୍ଧିଲେ/ ପ୍ରଶଂସା ପାଏ ସ୍ତ୍ରୀଲୋକଟି/ ଭଲ କବିତା ଲେଖିଲେ ନିନ୍ଦା । ××/ ମରି ଶିଖିଲେ ଗୁଣଗାନ ତ ଜୀବନକୁ ଭଲପାଇଲେ ନିନ୍ଦା ।" (ତତ୍ରୈବ-ପୃ.୯) । ନାରୀ ଜୀବନର ଏହି ବିଡ଼ମ୍ବନା ଆହୁରି କଠୋର ଓ ତୀବ୍ର ହୋଇଉଠେ– ଗଙ୍ଗାଜଳ ପବିତ୍ର, ପୁଣି ତୃଷା ନିବାରିଣୀ– ମାତ୍ର ଦେହ ଓ ମନ ସକଳର ତୃଷା ନିବାରିଣୀ ନାରୀକୁ ସମାଜ ବା ପରିବାରରେ କେହି ପବିତ୍ର, ମହତ୍ ରୂପେ କଳନା କରନ୍ତି ନାହିଁ । କ୍ଷୋଭର ଏହି ଉଚ୍ଚାରଣ– "ନାରୀଟିଏ ଗଙ୍ଗାହେଉ/ କେହି ଚାହାନ୍ତି ନାହିଁ/ ସେ ଶୋଷ ମେଣ୍ଟାଉଥାଏ/ ସବୁରି ଦେହର ମନର ସଂସାରର/ କେହି ତା'ର ମୋକ୍ଷଦାରୂପକୁ/ ଥାପନା କରନ୍ତି ନାହିଁ ପିପାସିତ ଆତ୍ମା-ମନ୍ଦିରରେ ।" (ତତ୍ରୈବ ପୃ. ୧୫) । ଅଥଚ ଆଜି, ନାରୀ ଆଉ ଏସବୁକୁ ସହିନେବାକୁ ପ୍ରସ୍ତୁତ ନୁହେଁ । ଚିରାଚରିତ ପ୍ରଥାକୁ ସେ ଭାଙ୍ଗିବାକୁ ଚାହେଁ, ଚାହେଁ ମଧ ନିର୍ଭୀକ ଅନୁଭବ ମାନ ଉଚ୍ଚାରି ଯିବାକୁ । ଅଥଚ, ତା'ର ମନ ଓ ଦେହ, ସ୍ୱପ୍ନ ଓ କଳ୍ପନା ଉପରେ କେତେ କେଜାଣି ଆବରଣ ! ସତୀତ୍ୱ ଯେ ତା'ର ନିହାତି ଆବଶ୍ୟକ ଏକ ପରିଚୟ । ଅତଏବ 'ସତୀ' ନ ବୋଲାଇଲେ ତା'ର ସ୍ଥିତି ହିଁ ନାହିଁ । ସତୀତ୍ୱର ଲକ୍ଷ୍ମଣଗାର ଡେଇଁବାରେ ତା'ର ମନଚେତନା ପ୍ରବୃତ୍ତ ଥିଲେ ହେଁ, ସେ ସତୀତ୍ୱର ଛଳନା କରିବାକୁ ବାଧ୍ୟ ହୁଏ । ନାରୀର ଆଭ୍ୟନ୍ତରୀଣ ଏହି ରୂପଚିତ୍ର– "ସତୀତ୍ୱ ଯିବା ଭୟରେ/ ସ୍ତ୍ରୀଲୋକଟି ଏଇ ଡହ ଡହ ସତ୍ୟସବୁକୁ/ ଚାପି ଦେଉଥାଏ ପାଦରେ/ ଜଳନ୍ତା ଅଙ୍ଗାର ଉପରେ ଠିଆହୋଇ/ ସତୀତ୍ୱର ଶୀତଳ ଛଳନାରେ ।" (ତତ୍ରୈବ, ପୃ.୧୮) ।

କନ୍ୟାଭ୍ରୁଣର ହତ୍ୟା ଏଯୁଗର ଏକ ଭୟଙ୍କର ବିପଜ୍ଜନକ ବାସ୍ତବତା । ହୁଏତ ସ୍ଥଳବିଶେଷରେ ଏହି ବ୍ୟବସ୍ଥା ପୂର୍ବରୁ ମଧ ପ୍ରଚଳିତ ଥିଲା । ମାତ୍ର ଏଭଳି ଲକ୍ଷ୍ୟସିଦ୍ଧ ଭାବରେ ବୈଜ୍ଞାନିକ ଉପାୟରେ ବହୁଳ ଭାବରେ କନ୍ୟାଭ୍ରୁଣମାନ ନିହତ ହେଉ ନ ଥିଲେ । କନ୍ୟାଟିଏ ପତ୍ନୀଟିଏ, ମାତାଟିଏ କେତେ ସ୍ନେହ, ଭକ୍ତି, ସ୍ୱପ୍ନଦେଇ ପରିବାର ସକଳର ଅନ୍ତରାତ୍ମାକୁ ପୂର୍ଣ୍ଣ କରିଥାଏ । ମାତ୍ର ଆଜିର ସମାଜ ଓ ବ୍ୟକ୍ତି ତାକୁ ଅଭିଶାପ ମନେ କରୁଛି ଓ ତା'ର ଧ୍ୱଂସ ସାଧନ କରୁଅଛି । ପ୍ରକାରାନ୍ତରେ, ଯେ ସମାଜ ଓ ଯେ ସମାଜର ଏକକ ବ୍ୟକ୍ତି ନିଜର ଧ୍ୱଂସ ସାଧନ କରୁ ନାହିଁ କି ?– "ଏବେ ତ ମାଟି ଛୁଇଁବା ଆଗରୁ/ ଆମେ ଲିଭେଇ ଦେଲେଣି ତା'ର ଛାୟା/ ×× କେତେ ନିଶ୍ଚିନ୍ତରେ କାଟିଦେଲେଣି/ ଆମେ ଧାରେ କଅଁଳ ମୌନ/ ମାନବିକତାର ମାୟା !" (ତତ୍ରୈବ-ପୃ. ୨୪)

ନାରୀର ପଣ୍ୟ ଯୋଗ୍ୟ ଅସ୍ତିତ୍ୱକୁ ଲକ୍ଷ୍ୟକରି କବିଙ୍କ ଲେଖନୀରୁ କଟାକ୍ଷର ଶାଣିତତା ଓ ପ୍ରତିବାଦର ତୀବ୍ରତା ସ୍ପଷ୍ଟ ହୋଇଉଠେ । ବିଶେଷକରି ଜଗତୀକରଣର ଏ ଯୁଗରେ ନାରୀର ଶରୀରକୁ ନେଇ 'ବିଶ୍ୱସୁନ୍ଦରୀ ପ୍ରତିଯୋଗିତା'ର ବିପଣୀକୁ ଲକ୍ଷ୍ୟକରି କବିଙ୍କ କଟାକ୍ଷ – "ତୁ ସୁନ୍ଦରୀ ଦିଶିଲୁ । ବିଶ୍ୱବଣିକର ଚୁକ୍ତିବଦ୍ଧ କୃପାକଟାକ୍ଷରେ/ ଆଲୋକର ଫୁଆରାରେ/ ମୁକୁଳାଦେହର ଇଞ୍ଚ ମାପୁ ମାପୁ/ ତୁ ରହିଗଲୁ ଯୋଉ ଅନ୍ଧାରକୁ ସେଇ

Digitized by PPRACHIN, SOA

ଅନ୍ଧାରରେ/ ତାଜା ମାଂସର ଖୋଲାମେଲା ବିପଣୀ-ଯୋଗ୍ୟା/ କଣ୍ଢେଇଟିଏ ହୋଇ'' । (ତତ୍ରୈବ, ପୃ. ୪୩) । ଆଜି ସଜ୍ଞାନ ସଚେତନଭାବେ ନାରୀଟି ସୁନ୍ଦରୀ ପ୍ରତିଯୋଗିତାରେ ନିଜକୁ ଦେହସର୍ବସ୍ୱ କରିପକାଇବାକୁ ତତ୍ପର । ସମାଜର, ପରିବାରର ସୌଦାଗରୀ-ଲୋଭ ସାମ୍ନାରେ ବୋହୂଟି ମୁଣ୍ଡ ନୁଆଁଇ ନିଜକୁ ଦୀକ୍ଷିତ କରିନେଉଛି । ଝିଅ ହୁଏତ ନିଜେ ଏଭଳି ଯୂପକାଠର ପଶୁ ଏକଥା ହୃଦୟଙ୍ଗମ କରିପାରୁ ନାହିଁ । ନାରୀ ଯେ ଅନ୍ୟ ହାତର କ୍ରୀଡ଼ନକ ସାଜିଛି ତା' ନୁହେଁ, ସେ ନିଜର ବୁଦ୍ଧିବୃତ୍ତି, ଆତ୍ମମର୍ଯ୍ୟାଦା ମଧ୍ୟ ହରାଇ ବସୁଛି । ମର୍ଯ୍ୟାଦାପ୍ରାପ୍ତି ପାଇଁ ତା'ର ଅନ୍ତଃକରଣ ଶୁଦ୍ଧ ଓ ବିଚାରଶୀଳ ହେବା ଆବଶ୍ୟକ । ନିଜର ପରିଚୟକୁ ସ୍ପଷ୍ଟ ଓ ଅବିଚଳ ରଖିବା ଦିଗରେ ନାରୀ ନିଜେ ମଧ୍ୟ ଯୋଗ୍ୟତା ହାସଲ କରିବା ଉଚିତ । କେବଳ ଏହି ଯୁଗର ବ୍ୟବସ୍ଥା ନୁହେଁ, ପୁରାଣ ଯୁଗରେ ମଧ୍ୟ ନାରୀକୁ ଲାଞ୍ଛିତା କରିବାର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରୋତ୍ସାହନ ଦେବାରେ ପୁରୁଷ ଥିଲା ଧୁରନ୍ଧର । ନାରୀର ଗୌଣତା ପ୍ରତିପାଦନ କରିବାର ଲକ୍ଷ୍ୟ ରଖି ଥିଲା ପୁରୁଷ । ଅପର୍ଣ୍ଣାଙ୍କ ବିଦ୍ରୂପ ଜଡ଼ିତ କଣ୍ଠରେ– ''ନାରୀର ମୁକୁଳା ଜାନୁଯୌବନ ନ ଦେଖିଲେ/ ଏମାନଙ୍କର ନିର୍ବୀର୍ଯ୍ୟପଣ/ ନାରୀକୁ ଶକ୍ତି ବୋଲି ସ୍ୱୀକାର କରେ ନାହିଁ/ ନାରୀକୁ ବାଜି ନ ରଖିଲେ/ ଜୁଆଖେଳରେ ବିବସ୍ତ୍ର ନ କଲେ/ ସଭାରେ ଏମାନଙ୍କ ବାହୁରେ ଅଧର୍ମ ବିପକ୍ଷରେ ଅସ୍ତ୍ର ଧରିବାପାଇଁ/ ବଳପାଏ ନାହିଁ ।'' ('ଦେବୀ' ତତ୍ରୈବ)

ସମାଜରେ ଲାଞ୍ଛିତା ହୋଇ, ନାନା ପ୍ରଲୋଭନର ଶିକାର ହୋଇ ନାରୀ ପୁରୁଷର ଯୌନ ଲାଳସାର ଜାଲରେ ନିପତିତ ହେଉଛି । ଅବିବାହିତା ଝିଅଟି ଏହିରୂପେ ମାତୃତ୍ୱର ଅଧିକାର ହେତୁ ସମାଜ ଓ ପରିବାରରେ ଲାଞ୍ଛିତା ଓ ତିରସ୍କୃତା ହେବାର ଦୃଷ୍ଟାନ୍ତ ଅପର୍ଯ୍ୟାପ୍ତ । କବିଙ୍କ ସଂବେଦନଶୀଳ ଉଚ୍ଚାରଣରେ– ''କାହିଁ ଅଭିଆଡ଼ୀ କ୍ରନ୍ଦନରତା/ ନୟନର ଲୁହେ ଝୁରେ କାହିଁ ମାତା/ ×× କୁମାରୀ ମାତାର ଶୁଭେ କ୍ରନ୍ଦନ/ ଶିଶୁରକ୍ତର ଚିତାଚନ୍ଦନ/ ମଣ୍ଡନ କରେ କାହିଁ ରାଜପଥ ଭାଲେ/ (ମରୁ ଗୋଲାପ ଓ ଅନ୍ୟାନ୍ୟ କବିତା– 'ଫାଲ୍‌ଗୁନୀ' କବି ବ୍ରଜନାଥ ରଥ) ।

କନ୍ୟାର ଜନ୍ମଲଗ୍ନକୁ ନେଇ ଅନେକ ବିଧିନିଷେଧ ପ୍ରଚଳିତ । ଅମାବାସ୍ୟାରେ ଜନ୍ମଲାଭ କରିଥିବା କନ୍ୟାଟି ଭାଗ୍ୟହୀନା । ସେ ବିଧବା ହୋଇଯିବା ନିଶ୍ଚିତ । ଏହା ଏକ କୁସଂସ୍କାର ହୋଇଥିଲେ ହେଁ, ଏହି ଅନ୍ଧବିଶ୍ୱାସରେ ପୀଡ଼ିତ ଆମ ସମାଜ ଓ ପରିବାର । ତେଣୁ ମନ୍ଦଲଗ୍ନରେ ଜନ୍ମିତା କନ୍ୟା ସହଜରେ ବହୁ ଦୁର୍ଭାଗ୍ୟର ଶିକାର ହୋଇଥାଏ । ଏହି ଦୁଃସ୍ଥିତିପାଇଁ ସେ କାହା ନିକଟରେ ଅଭିଯୋଗ କରିବ ? ପୁରୁଷପ୍ରଧାନ ଏହି ସମାଜ, ତା'ର ଅବିଚାର-ଦୁଷ୍ଟ ବ୍ୟବସ୍ଥା ମଧ୍ୟରେ ସେ ପତି ବା ପିତା କାହାଠାରେ ଅଭିଯୋଗ କରେ ନାହିଁ । ସେ ଦାୟୀ କରେ ନିୟତିକୁ । ତା' ଅନ୍ତଃକରଣର ଦୁଃଖ ଓ ନିଜର ଦୟନୀୟ ସ୍ଥିତି ପ୍ରତି ତା'ର ହେୟଭାବ ଏକ ପରୋକ୍ଷ ପ୍ରତିବାଦର ରୂପ ପରିଗ୍ରହଣ କରେ– ''ମୋତେ ନଈଟିଏ କଲ ସିନା/ ହେଲେ ଏତେ ପଙ୍କ ଥାପିଲ ଗର୍ଭରେ/ ନିଜକୁ ଘୃଣା

Digitized by PPRACHIN, SOA

ଲାଗେ/ ସ୍ନାନପାଇଁ ଶିଶୁଟିଏ ଆସି/ ଯେବେ ଭୟରେ ଅଟକିଯାଏ/ ଯେତେ ଡାକିଲେ ବି ଗୋଡ଼ ବୁଡ଼ାଏନି/ମୋ ଛାତିର ହଲିଲା ପାଣିରେ । (ଉଆଁସୀ – ସେନାପତି ପ୍ରଦ୍ୟୁମ୍ନ କେଶରୀ)

ନାରୀକୁ ପଣ୍ୟ ଭାବିବା, ପତ୍ନୀକୁ ସ୍ୱାଧିକାରଭୁକ୍ତ ଏକ ସଂପତ୍ତି ଭାବିବା ପୁରୁଷର ବା ପତିର ଏକ ହୃଦୟହୀନ ଚାଲ୍ । ଏହି ଚାଲ୍ ପୁରୁଣା ଯୁଗରୁ ଯେ ନୂଆ ଯୁଗ ପର୍ଯ୍ୟନ୍ତ ବିବିଧ ରୂପରେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇଚାଲିଛି । କନ୍ୟାଭ୍ରୁଣହତ୍ୟାର ବିଭୀଷିକା ସାରାଦେଶରେ ମହାମାରୀ ଭଳି ମାଡ଼ି ଚାଲିଛି । ବହୁ ରାଜ୍ୟରେ କନ୍ୟାର ଅନୁପାତ, ପୁତ୍ରର ଅନୁପାତ ତୁଳନାରେ ହ୍ରାସ ପାଇ ଚାଲିଛି, ଏହିଭଳି ଏକ ଦୟନୀୟ ପରିସ୍ଥିତିରେ କବି ସରୋଜିନୀ ଷଡ଼ଙ୍ଗୀ କନ୍ୟାଭ୍ରୁଣର ମିନତିକୁ ଶବ୍ଦଗତ କରି ରୂପଦେଇଛନ୍ତି । ଅବଶ୍ୟମ୍ଭାବୀ ହତ୍ୟାର ସମ୍ମୁଖରେ କନ୍ୟାଭ୍ରୁଣଟି ସତେ କି ଏକ ଅବବୋଧସଂପନ୍ନା, ଅଲିଅଳୀ ଝିଅଭଳି ମାଆପାଖରେ ନିଜର ଆକୁଳତା ପ୍ରକାଶ କରୁଛି । ହୁଏତ ଏହି ଅଧୀର ସ୍ନେହପ୍ରବଣତାର ପରିପ୍ରକାଶ ହେତୁ ଭ୍ରୁଣହତ୍ୟାପାଇଁ ପ୍ରସ୍ତୁତ ଥିବା ମାଆ ମନରେ ଭାବାନ୍ତର ଆସିପାରେ । 'ଆତ୍ମଜା' ସଂକଳନରେ କନ୍ୟା ଭ୍ରୁଣର ଆକୁତି ପୂର୍ବରୁ ଉଲ୍ଲେଖ କରାଯାଇଛି । କନ୍ୟାଟିପାଇଁ ମାଆର ବ୍ୟାକୁଳତା ଅସୀମ । କାରଣ କନ୍ୟାଟିର ଭବିଷ୍ୟତ୍ ସ୍ୱପ୍ନ, ସମାଜ ଓ ପରିବାର ନିକଟରେ ମୂଲ୍ୟ ହରାଇବସେ । ଅଲିଅଳୀ ଝିଅର ସ୍ୱପ୍ନ ସହ ତା'ର ନିଶ୍ଚିତ ଭବିଷ୍ୟତ୍ ଯେମିତି କ୍ଷତାକ୍ତ ହୁଏ । ହୁଏତ ବା କାମନା ତଥା ଲାଳସାର ଦାଢ଼ରେ ରକ୍ତାକ୍ତ ହୋଇପଡ଼େ ।

ନିଜର ପ୍ରିୟବାନ୍ଧବୀ ବା ନିଜ ସତ୍ତାର ଅନ୍ୟ ଏକ ସ୍ୱରୂପର ପ୍ରତୀକକୁ ପ୍ରବୋଧନା ଦିଅନ୍ତି ସୁଚେତା ମିଶ୍ର । ତାଙ୍କ ମତରେ 'ନାରୀ' ଶବ୍ଦଟି ସଚରାଚର ଲାଳସା ସହ ଜଡ଼ିତ । କବି ଅନ୍ତର ନାରୀପ୍ରତି ପ୍ରଚଳିତ ଏପ୍ରକାର ଅବହେଳା ଓ ଘୃଣା ହେତୁ ମର୍ମାହତ । ତେଣୁ ନାରୀ ମାତ୍ର ଶବ୍ଦଟି ହିଁ କୁତ୍ସିତ, ଅସନା ମନେହୁଏ । ସୁଚେତା କହନ୍ତି – "ଛିଃ ସୁହାସିନୀ, ଛିଃ/ କାନ୍ଦନା/ ମୁଁ କେତେବେଳେ କହିଲି ତୁ ନାରୀ ବୋଲି/ ଏକାଧିକ ଲାଳସା ଭିତରେ ସେ ବ୍ୟବହୃତ ଶବ୍ଦ ଗୋଟିକ/ କି ଅସନା ସତରେ/ xx ତତେ କେବେ ପଚାରେନି ବିଶ୍ୱାସହନ୍ତା/ ପ୍ରତାରକ ବା କେଉଁ ଅହଙ୍କାରୀ ପୁରୁଷର କଥା ।" (ସୁହାସିନୀ ସହ ଦେଖାହେଲେ' ଶିଳାଲିପି, ସଂ. ପୃ. ୬୯-୭୦)

ଚିରାଚରିତ ଯେଉଁ ଗୁଣଗୁଡ଼ିକରେ ନାରୀମାନଙ୍କୁ ଭୂଷିତ କରାଯାଏ, ଆଜି ସେହି ବିଶେଷଣଗୁଡ଼ିକୁ ଅସ୍ୱୀକାର କରିବାପାଇଁ କବି ସୁଚେତା ଆହ୍ୱାନ ଦିଅନ୍ତି – ନାରୀ ଯେ ଦୁର୍ବଳ ବୋଲି ନମ୍ର, ତା' ନୁହେଁ– ତା' ଉପରେ କାହାର ଜନ୍ମଗତ ଅଧିକାର ନ ଥାଇପାରେ– "ଶତାବ୍ଦୀ ଶତାବ୍ଦୀ ଧରି ନାରୀକୁ ଚିତ୍ରଣ କରୁଥିବା/ ବିଦଗ୍ଧ କବିମାନଙ୍କୁ କହନ୍ତି– / ଫେରେଇ ନିଅ ତମର ସମ୍ବେଦନା/ ଆହୁରି କିଛି ସମୟ ଦରକାର/ ଲୋକେ ବୁଝିବାକୁ ଯେ ନମ୍ରତାର ଅର୍ଥ ଦୁର୍ବଳତା ନୁହେଁ/ କି ଲଜ୍ଜା, ପାପ ଢାଙ୍କିବାର ବସ୍ତ୍ର ନୁହେଁ/ ଶ୍ରଦ୍ଧା ମାଗି

Digitized by PPRACHIN, SOA

ଆଣିବାର ଚିଜ ନୁହେଁ/କି ଅଧିକାର କେବେ ଜନ୍ମଗତ ନୁହେଁ ।'' ପୁନଶ୍ଚ, ଝିଅଟିଏ ଶାଶୂଘରେ ରହିଥିବା ଅବସ୍ଥାରେ ହେଉ ବା ବିବାହ ପରେ ସ୍ୱାମୀ ସହ ସଂସାର କରିବାରେ ହେଉ, କେତେ ଏକାକୀ ହୋଇଯାଏ ! ନିଜର ସର୍ବସ୍ୱ ଦାନକରି ମଧ ତା' ଅନ୍ତର ଅନ୍ଧକାରରେ ଆଛନ୍ନ ଥାଏ । ସେ ଅଶେଷ କଲ୍ୟାଣ କାମନା ନେଇ ଘର କରିବାକୁ ଆଗେଇ ଆସେ ସତ, ମାତ୍ର, ବସ୍ତୁତଃ, ତା'ର ସ୍ନେହ ଓ ତ୍ୟାଗକୁ ଯଥାର୍ଥ ସ୍ୱୀକାର ମିଳେନି, ସେ ବଡ଼/ ଲାଂଛିତା, ପ୍ରବଞ୍ଚିତା ହୋଇଥାଏ । ସୁଚେତାଙ୍କ ଉଚ୍ଚାରଣରେ ''ଶୁଭ ମୁହୂର୍ତ୍ତରେ ଗୃହ-ପ୍ରବେଶ/ଅକଳନ ଶ୍ରଦ୍ଧାଦେଇ/ କାନ୍ଥକୁ ମଜବୁତ୍ କରିବାର ଆବେଶ/ ହାତରେ ଘରକଯାକର ଚାବିପେନ୍ଥା ଧରି ବି/ ନିଜ ଲାଗି, ପ୍ରିୟ କୋଣଟିଏ ଖୋଜିବାର କଷ୍ଟ ।'' (ଶେଷକଥା- ଶିଳାଲିପି, ସଂ. ପୃ. ୯୪) ।

ନାରୀ ଜନ୍ମର ଯାବତୀୟ ଅନିଭୋଗ, ଦୁର୍ଦ୍ଦଶା ଓ ବହୁ ସାମାଜିକ, ପାରିବାରିକ ବିଧିନିଷେଧ ଭିତରେ ନାରୀଟି ସତେକି ପଞ୍ଜୁରି ଭିତରର ପକ୍ଷୀଟିଏ । ପକ୍ଷୀ ସହ ପଞ୍ଜୁରିଟି ସମ୍ବନ୍ଧାନ୍ୱିତ । କବି କହନ୍ତି, ପକ୍ଷୀଟି ପଞ୍ଜୁରି ବିରୋଧରେ ବିଦ୍ରୋହ କରିପାରେ । ଦିନେ ନା ଦିନେ ପଞ୍ଜୁରି ଭାଙ୍ଗିଦେବା ହିଁ ତା'ର ସଂକଳ୍ପ– ''ଜାଣେ/ ମୁଁ ନିଜେ ପିନ୍ଧିଛି ପଞ୍ଜୁରିପଣ/ ଜାଣେ ପଞ୍ଜୁରି ବିରୋଧରେ ସର୍ତ୍ତହୀନ ସଂଗ୍ରାମ/ ଦିନେ ଭାଙ୍ଗି ନ ପାରିଲେ ଲୁହାପାତିଆର ବାଡ଼/ ରାଧାମାଧବ ମତେ ପକ୍ଷୀ ଜନ୍ମ ହିଁ ଦେବ/ ମୁଁ ବାରମ୍ବାର ଜନ୍ମୁଥିବି/ ପଞ୍ଜୁରିକୁ ଭାଙ୍ଗିବାଯାଏଁ/ ଓ ପକ୍ଷୀଟିଏ ହୋଇ ସାରା ଜନ୍ମ/ ଆକାଶ ଭୋଗିବି'' । (ପକ୍ଷୀ ଜନ୍ମ, ପୃ. ୨୭ ଚିରଶ୍ରୀ ଇନ୍ଦ୍ରସିଂ) ।

ପୁରୁଷର ଲୋଳଜିହ୍ୱ କାମନା ନାରୀକୁ ସାଧାରଣ ଜୀବନଯାପନର ଅଧିକାର ଦିଏନା । ଝିଅଟି ଆସୁରିକ ପ୍ରବୃତ୍ତିର ଶିକାର ହୁଏ । ଧର୍ଷିତା ହୁଏ । ସେଥିପାଇଁ ନାରୀତ୍ୱକୁ ଉଦ୍‌ବୋଧନ ଦେଇ କବି ନାରୀ ବ୍ୟକ୍ତିତ୍ୱର ଶକ୍ତି ଉପରେ ବିଶ୍ୱାସସ୍ଥାପନ କରିଛନ୍ତି– ''ତେଣୁ ସବାଶେଷ ଦୃଶ୍ୟପଟ ନୁହେଁ/ ନୁହେଁ ଏଇ ମୋର ରକ୍ତସ୍ନାତା ବିବସନା ଦେହ/ କାରଣ, ମୁଁ ହିଁ ଜାଣେ/ କେଉଁପରି ଲିଭେ ମୋର ନିଆଁ ଲହଲହ/ ମୁଁ ହିଁ ତୋକିପାରେ/ମୋର ଯେତେ ନୀଳାଭ ନିର୍ଯାସ/ ମୁଁ ହିଁ ଢାଙ୍କିପାରେ ଫର ଫର ଶାରଦ ଶାଢ଼ିରେ ମୋର ବିବସନା ଦେହ ।'' (ତତ୍ରୈବ, ପୃ.୧୭)

କବି ଗାୟତ୍ରୀବାଳା କହନ୍ତି, ପରମ୍ପରାର ଅବଗୁଣ୍ଠନ ଯେ କେବଳ ବନ୍ଧନର ଅନ୍ୟ ନାମ, ବ୍ୟକ୍ତିତ୍ୱର ସଂହାର, ଏହା ଝିଅମାନେ ହୃଦୟଙ୍ଗମ କରିବା ଉଚିତ । ଧର୍ଷଣର ଦାଢ଼ରେ ବଳିପଡୁଥିବା ଝିଅ ନିଜ ଶରୀରକୁ ନେଇ ସଂତ୍ରସ୍ତ – କାରଣ ପୁରୁଷମାନେ ପାଶବିକ ଜିଘାଂସାରେ ପାଗଳପ୍ରାୟ ହୋଇଛନ୍ତି । ଏଠାରେ ଝିଅଟିଏ ତା' ନିଜ କଥା କହୁଛି– ''ମୋ ପାଦଚିହ୍ନରୁ କିଛି କିଛି ଠଉରେଇଲେ/ ଶ୍ୱାପଦମାନେ/ ବାରିପାରିଲେ ଝିଅଦେହର ଗନ୍ଧ କି' କ'ଣ/ ଦାନ୍ତରେ ଛିଣ୍ଡେଇ, ଝୁଣିଝୁଣି ଖିନ୍‌ଭିନ୍ କରି/ ଅଲଗା କରିପକେଇଲେ/ ହାଡ଼ରୁ ମାଂସ, ମାଂସରୁ ରକ୍ତ/ ରକ୍ତରୁ ଅସ୍ତିତ୍ୱ ।'' ତା'ର ଉତ୍ତରରେ

Digitized by PPRACHIN, SOA

କବି ସଂଗ୍ରାମର ଆହ୍ୱାନ ଦିଅନ୍ତି– ''ତେଣୁ କହି ରଖୁଚି କେହି ଲୁଚିରହନା ଓଢ଼ଣା ତଳେ/ ପରମ୍ପରାର ମିଛ ଆଦର୍ଶର ଅବଗୁଣ୍ଠନ ତଳେ । ବାହାରିଆସ ପଦାକୁ/ ରାଜରାସ୍ତାକୁ/ ନ୍ୟାୟ ମାଗନା/ ନ୍ୟାୟ ଓଟାରି ଆଣ/ ସଂଗ୍ରାମ କର, ସଂଘର୍ଷ କର ।'' (ଆହତ ପ୍ରତିଶ୍ରୁତି, ସଂ. ଝିଅ. ପୃ. ୧୯-୨୦, ଗାୟତ୍ରୀବାଳା ପଣ୍ଡା) ।

ଗୃହିଣୀଟିଏ ସଂସାର ଭିତରେ ଛଟପଟ ହେବାର ସ୍ୱର ଶୁଭେ, ଯଦି ଗୃହିଣୀଟି ଗୋଟିଏ ଅନୁଭବୀ ନାରୀ ହୋଇଥାଏ, କବି ହୋଇଥାଏ ସେହିଁ ଏପ୍ରକାର ବିଡ଼ମ୍ବନା ଭୋଗେ । ଏହାର ପ୍ରତିବାଦ ନିମିତ୍ତ କାହା ସ୍ୱରରେ ଦାଢ଼ ଥାଏ ତ, କାହା ସ୍ୱରରେ ଥାଏ ସାଲିସ୍‌ର ନମ୍ରତା । ମାତ୍ର ନାରୀଟି ତା' ଘର ସଂସାରର ଗୃହକର୍ତ୍ତ୍ରୀ ଭାବରେ ତା' ବିଡ଼ମ୍ବିତ ସ୍ଥିତିକୁ ସାମ୍ନା କରୁଥାଏ, କିଛି ନ ଥିବାର ନିଃସ୍ୱପଣରେ ଘାରି ହେଉଥାଏ । ଗୃହିଣୀଟିଏ ମା' ଭାବରେ, ପତ୍ନୀ ଭାବରେ, ବଧୂ ଭାବରେ ସମସ୍ତ କର୍ତ୍ତବ୍ୟ ତୁଲାଇଲା ବେଳେ ବୁଝିପାରେ ଯେ ସେ କେଡ଼େ ଅସହାୟା– ତା'ର ଉଚ୍ଚାରଣ– ''କୁଟାଖିଏ ମୋର ନୁହେଁ ଜାଣୁ ଜାଣୁ ପୁଣି ଥରେ ଅଣ୍ଟାରେ ଓଷଦ ଘଷି/ ମାର୍ଗଶିର ଗୁରୁବାରେ/ ତୋ' ଅଗଣାରେ ଝୋଟି ଲେଖୁଥିବି/ ××× ପୋଛୁଥିବି ଦଶଥର/ ଝାଡୁଥିବି ତୋ ଦେହରୁ ଧୂଳି/ ତାଳରେ ବସେଇ ଦେବିନି କୁଆ–'' (ମୋ ଘର, ସଂ. ନିଜର ଭାବିଲା ପରେ, ସଂଘମିତ୍ରା ମିଶ୍ର, ପୃ. ୫୫)

ଜଣେ ନାରୀ କବିତା ଲେଖୁଥିବ, ଜୀବନକୁ ଚାଖି ଚାଖି ବଞ୍ଚୁଥିବ ଅଥଚ ତା'ର ପ୍ରବଞ୍ଚିତ ହେବାର ଆଘାତ ଅପମାନକୁ ସେ ବୁଝି ନ ପାରିବ କିପରି ? ସଚେତନ ହୃଦୟଟିଏ, ମନଟିଏ ସ୍ୱପ୍ନ ନ ଦେଖିବ ବା କିପରି ? ଯାହା ଜାଗତିକ ଜୀବନରେ ସମ୍ଭବ ହୋଇ ନାହିଁ, ତାହା ସ୍ୱପ୍ନରେ ହୁଏତ ସଂଭବ ହୋଇପାରେ । କିନ୍ତୁ ସ୍ୱପ୍ନକୁ ସାର୍ଥକ କରିବା ସମ୍ଭବ ନୁହେଁ, ବିଶେଷକରି ଜଣେ ନାରୀପକ୍ଷରେ । କେତେ ଭୀତି, ନିଷେଧ ଓ ଅନୁଚିତତାର ଗାର କଟାଯାଇଛି ତା'ର ମନରେ, ଦେହରେ, ଚତୁଃପାର୍ଶ୍ୱରେ । ସ୍ୱପ୍ନର ଉଚ୍ଚାଟ ଆମନ୍ତ୍ରଣକୁ ସେ ଘେନିପାରେ ନାହିଁ – ''ନା, ମୁଁ ଯାଇପାରିବି ନାହିଁ । ପୋଷାକ ଉପରେ ଭୀତିର ସ୍ୱାକ୍ଷର ନେଇ/ ଆଦୌ କୁହାଯାଇ ନ ଥିବା ପ୍ରଶ୍ନର/ ଭାର ବୋହି ମୁଁ ଯିବି ନାହିଁ ।'' (ଶାଳିନୀ, 'କିଏ ଡାକୁଛି ସ୍ୱପ୍ନ ବେଳେ, ଉଜାଗର ବେଳେ') । ଝିଅଟି ବୋହୂବୋହୂକା ଖେଳେ । କିନ୍ତୁ ଟିକେ ବଡ଼ ହେଲେ ସମ୍ବାଦପତ୍ରରୁ ପଢ଼େ ନିଷ୍ଠୁର, ଭୟଙ୍କର ସମ୍ବାଦ, ବଧୂହତ୍ୟା, ବୋହୂର ଜଳିଯିବା ଖବର । ତେଣୁ ନୂଆ ଯୁଗର ଝିଅ ଏଣିକି ବୋହୂବୋହୂକା ଖେଳିବାପାଇଁ ଝୁଙ୍କ୍ ଧରିବ ନାହିଁ । ତଥାପି ଝିଅଟିଏ ଯେବେ ମାଆ ହେବ, ଦୁଃଖ ସହିତ ତା'ର ପରିଚୟ ନିଶ୍ଚୟ ଘଟିଯିବ– ''ଝିଅଟି ମାଆ ହେଲା/ ଛତିଶବର୍ଷ ବେଳକୁ/ ଛତିଶ ଅୟୁତ ଦୁଃଖର ମୁହଁ/ ଦେଖି ସାରିଥିଲା/ ×× କଥାକଥାକେ ଆଖିରୁ/ ଆଷାଢ଼ ଡାକୁଥିଲା ।'' (ଜୀବନ ପାତ୍ର ମୋ, ସଂ. ଝିଅର ସ୍ୱପ୍ନ ପୃ. ୬୭, ଜୟନ୍ତୀ ରଥ)

Digitized by PPRACHIN, SOA

ନାରୀ ଅସ୍ତିତ୍ୱଟି ଯେତେ ଅନୁଚ୍ଚ, ଯେତେ ପରୋକ୍ଷଭାବେ ହେଉପଛେ ନିଜ ଅସ୍ତିତ୍ୱ ସମ୍ବନ୍ଧରେ ସଚେତନ ହୋଇଯାଏ – ''ଯିଏ ଯାହାର କର୍ମକ୍ଷେତ୍ରକୁ ବାହୁଡ଼ି ଗଲେଣି/ ଚଢ଼େଇମାନେ ତାଙ୍କ ବସାକୁ/ ଶର, ତା'ର ତୂଣୀରକୁ/ ସମୟ, ତା'ର ଗନ୍ତବ୍ୟସ୍ଥଳକୁ/ ତୁ ବି ତୋ ଜାଗାକୁ ଚାଲିଯା'/ ସମାଧିସ୍ଥ ହୋଇଯା' ସେଇଠି/ ଏଠି ତୋର ଦରକାରୀପଣିଆ କିଏ ବୁଝିବ ଯେ ?''

(ଫେରିବା କଥା, ସଂ. ଈପ୍‌ସିତା ଷଡ଼ଙ୍ଗୀ, 'କିଏ ବୁଝିବ' ପୃ. ୧୬) ।

ନାରୀ ନିର୍ଯାତନା କବି ଅନ୍ତରରେ ସହାନୁଭୂତିର ଗୁଞ୍ଜରଣ ସୃଷ୍ଟି କରେ । କବିର ସ୍ୱର କେବେ ହୁଏ ଉଦାସ ତ, କେବେ ହୁଏ ବିଦ୍ରୂପ-ଶାଣିତ । କବି ପୁରୁଷ ହେଲେ ବି ତା' ଚତୁଃପାର୍ଶ୍ୱରେ ଘଟୁଥିବା ନାରୀଦୁର୍ଦ୍ଦଶା, ନାରୀର ଅସହାୟତା ତାକୁ ଦ୍ରବୀଭୂତ କରିଦିଏ । କବି ଜୟନ୍ତ ମହାପାତ୍ରଙ୍କ ରଚନାରେ ସେହି ମାର୍ମିକତାର ଅଭିବ୍ୟକ୍ତି– ''ଗିରସ୍ତଠୁ ମଝିରେ ମଝିରେ ପିଟା ଖାଉଥାଏ/ ଶାଶୂ ଶ୍ୱଶୁରଙ୍କ ସରି ଆସୁଥିବା ଦେହ ଭିତରେ/ ନିଜେ ଉବୁଟୁବୁ ଖାଏ/ କିନ୍ତୁ ପିଲାଏ ଯେତେବେଳେ ଖାଇବସନ୍ତି/ ସମସ୍ତଙ୍କୁ କେମିତି/ ତା' ଦେହରୁ/ ଘାସ କଅଁଳିବା ପରି ଲାଗେ ।'' (ଘାସ କଅଁଳିବା କଥା' ସଂ. କହିବି ଗୋଟିଏ କଥା) କିମ୍ବା ନାରୀ ଜୀବନର ଯାତନା ଓ ଦାବଦାହ ପ୍ରତି କବିଙ୍କ ସହାନୁଭୂତି ପାଠକପ୍ରାଣରେ ଏହିଭଳି ଏକ ସଚେତନତା ସୃଷ୍ଟି କରିବାକୁ ସକ୍ଷମ ହୁଏ– ''ସେ ଦଶବରଷର ଝିଅର ହସ ହସ ମୁହଁକୁ ଦେଖି/ କ'ଣ ଥିଲା ତା'ର ନୀରବ ଚାହାଣିରେ/ ସାରାଜୀବନ କେଉଁ ଖୁଣ୍ଟରେ ବନ୍ଧା ହୋଇ ରହିବାର ନିରାଟ ଅଭିମାନ ?/ ନା କୌଣସି ରାଧାଙ୍କର ଲୁହର ଘା' ଦାଗ ? ('ଦାଆ'– ତତ୍ରୈବ-ଜୟନ୍ତ ମହାପାତ୍ର) ।

ପୁରୁଷ ପ୍ରଧାନ ସମାଜରେ, ବସ୍ତୁବାଦର ଉତ୍କଟ ନର୍ତ୍ତନ ମଧ୍ୟରେ ନାରୀଟି ଯେ ବଧୂ ଓ ପତ୍ନୀଭାବେ ନଗଣ୍ୟା ଓ ତା'ର ସ୍ଥିତି ପଣ୍ୟ ରୂପେ ପରିଗଣିତ ହୋଇଥାଏ । ବୃତ୍ତିଜୀବନୀ ଝିଅଟି ଜୀବନର ବିଡ଼ମ୍ବନା– ''ଝିଅଟି ଯାଇ ରନ୍ଧାଘରେ ଝାଳରେ ତିନ୍ତେ/ ରୋଗୀର ଶେଯ ପାଖରେ ଅନିଦ୍ରା ରହେ/ ଅଫିସରେ କାମ କରୁ କରୁ ଭାଗ୍ୟକୁ ନିନ୍ଦେ/ ସ୍କୁଲ ଘରେ କଳାପଟାକୁ ଲୁହରେ ପୋଛିଦିଏ/ ଦୀର୍ଘଶ୍ୱାସରେ ହାଲୁକା କରିବାକୁ ଚେଷ୍ଟାକରେ/ କାମର ବୋଝକୁ ।'' (ଝିଅଟିର ଦୁଃଖ, ସଂ. ସଚରାଚର– ଜଗନ୍ନାଥ ପ୍ରସାଦ ଦାସ) ବିବାହ ମାଧ୍ୟମରେ ପୁରୁଷ ନାରୀ ଉପରେ ଯେଉଁ ଅଧିକାର ସାବ୍ୟସ୍ତ କରେ, ତା'ର ମୂଳଭିତ୍ତି ହେବା ଉଚିତ ମାନବିକତା ଓ ସମ୍ମାନବୋଧ । କିନ୍ତୁ ପତ୍ନୀକୁ ଏକ ଅଧିକୃତ ବସ୍ତୁରୂପେ ବିଚାରୁଥିବା ବ୍ୟବସ୍ଥାକୁ ନେଇ କବିଙ୍କ ଉଚ୍ଚାରଣ– ''ସେ ଥିଲା/ ସ୍ୱାମୀର ନିତିଦିନିଆ ଲୋଡ଼ା/ ବିଛଣା ଚାଦରଟେ ସତେବା''– ('ପରୀ', ସଂ. କହି ନ ହେଲେ, ପ୍ରତିଭା ଶତପଥୀ)

ପୁନଶ୍ଚ ନାରୀର କୌଣସି ଅସାଧାରଣ ସ୍ଥିତିକୁ, ଉତ୍ତରିତ ମାନସିକତାକୁ, ଉନ୍ନତ ମନନଶୀଳତାକୁ ପୁରୁଷ ସମାଜ ସ୍ୱୀକାର କରେ ନାହିଁ । ଶରୀରଗତ ସତ୍ତାକୁ ହୁଏତ

Digitized by PPRACHIN, SOA

ଚିହ୍ନେ, ମାତ୍ର ନାରୀ ଅସ୍ତିତ୍ୱର ସଚେତନତାକୁ ଆଡ଼େଇ ଯାଏ । ଉତ୍ତୀର୍ଣ୍ଣ ଚେତନାରେ ଉପନୀତ, ଉଦାର ବ୍ୟକ୍ତିତ୍ୱର ଅଧିକାରିଣୀ ନାରୀଟି ଯେବେ କହେ– ''ମତେ ଜାଗାଦିଅ/ ଗୃହସ୍ଥ ସ୍ଥପତି, ବ୍ରହ୍ମଚାରୀ/ ମୁଁ ଯେ ପରୀ/ ମନ୍ତ୍ରରେ, ସଂଗୀତରେ ସଜାଇ ଦେବି/ ତୁମର ଗୃହସ୍ଥଳୀ, ତପଃସ୍ଥଳୀ/xx ଆଜୀବନ ଶୂନ୍ୟଚାରିଣୀ ମୁଁ ନୁହଁ/ ମୋର ଲୋଡ଼ା ମାଟି-ମାଟି ।'' (ତତ୍ରୈବ) । ଏସବୁ ନିବେଦନ ପ୍ରତି ପୁରୁଷ ସମାଜ କର୍ଣ୍ଣପାତ କରେନା– ବରଂ ଭ୍ରୂକୁଞ୍ଚନ କରେ । କବିଙ୍କ ଉଚ୍ଚାରଣରେ ''ଆଖି କାନ ନ ଥିଲା ବୋଧେ କାହାରି ଅଲୌକିକ ଯେ ଜ୍ୱଳନ୍ତ ଫୁଲଝରି ସେମାନେ ଭାବିଲେ ଲଙ୍ଗଳା ନିଆଁ ବୋଲି ।'' (ତତ୍ରୈବ, ପୃ. ୧୨) । ନାରୀର ଏତାଦୃଶ ବିପୁଳ, ମହିମାମୟ ରୂପକୁ କେବଳ ଶରୀର ମଧ୍ୟରେ ସୀମିତ ରଖିବା ସମୀଚୀନ ନୁହେଁ । ନାରୀତ୍ୱ ଶରୀରସର୍ବସ୍ୱ ନୁହେଁ । ପୁରାଣକାଳରେ ରାଜବଧୂକୁ ଲାଞ୍ଛନା ଦେବା ଉଦ୍ଦେଶ୍ୟରେ, ତାକୁ ରାଜସଭାରେ ଉଲଗ୍ନ କରାଯିବାର ପ୍ରଚେଷ୍ଟା ହୋଇଥିଲା । ମାତ୍ର ଏ ଯୁଗର ନାରୀ ପାଇଁ 'ବସ୍ତ୍ରହରଣ' ଆତ୍ମଅପମାନର ଏକମାତ୍ର କାରଣ ନୁହେଁ । ନାରୀର ବ୍ୟକ୍ତିତ୍ୱରେ ସ୍ୱପ୍ନ ଓ କଳ୍ପନାରେ ନାରୀତ୍ୱର ମର୍ଯ୍ୟାଦାବୋଧ ନିହିତ । କବି ଅଂଗୀକାର କରନ୍ତି– ''ଶାଢ଼ି ଉଲାରିଦେଲେ/ କେବଳ ଯେ ଆଘାତ, ଅପମାନ ହୁଏ/ ତା' ନୁହେଁ/ ନାରୀତ୍ୱ ଏକ ମର୍ଯ୍ୟାଦା, ଏକ ଗୂଢ଼ସତ୍ତା/ ଯାହା ଖାଲି ଶରୀରରେ ନ ଥାଏ/ ଥାଏ ନାରୀର ସ୍ୱପ୍ନରେ, କଳ୍ପନାରେ/ ରକ୍ତରେ ମେଦରେ, ସ୍ୱେଦରେ ଥାଏ, ଅବଶ୍ୟ/ ଥାଏ ମାତୃତ୍ୱରେ, ଦେବୀତ୍ୱରେ ।'' ('ବସ୍ତ୍ର ହରଣ ନୁହେଁ', ସଂ. କହି ନ ହେଲେ, ପୃ. ୩୨– ପ୍ରତିଭା ଶତପଥୀ)

ନାରୀ ନିର୍ଯାତନାର ଅନେକ ରୂପ, ଅନେକ ମାର୍ଗ । ଧନିକ ଗୃହରେ ହୁଏତ ଯେ ନିର୍ଯାତନାର ସ୍ୱରୂପ ଭିନ୍ନ ପ୍ରକାରର ଦରିଦ୍ର ଗୃହରେ ଭିନ୍ନ ଏକ ପ୍ରକାରର । ବିବାହିତାଟି କେଉଁଠି ସ୍ୱାମୀଠାରୁ ମାଡ଼ଗାଳି ଖାଏ ତ ଅନୂଢ଼ା ଝିଅଟି ଉପହାସର ଶିକାର ହେବାର ହେଉଥାଏ । କେବଳ ଓଡ଼ିଶାରେ ନୁହେଁ, ସାରା ଭାରତରେ ଏହା ଚିରାଚରିତ ଏବଂ ସାରା ପୃଥିବୀରେ ଊଣା ଅଧିକେ ଏହି ନିର୍ଯାତନା ସଂଘଟିତ ହୋଇଚାଲିଛି । କବିଙ୍କ ସ୍ୱରରେ– ''ମଧୁ କିନ୍ତୁ ରିକ୍ସା ଟାଣିବ/ ଗତ ରାତିରେ ସ୍ତ୍ରୀକୁ ବାଡ଼େଇଥିବା କ୍ଲାନ୍ତ ହାତରେ/ xxx ହଷ୍ଟେଲ୍ ଫେରୁଥିବା ଦୁଇ ଝିଅଙ୍କ କାଳ୍ପନିକ ଭୟ ?'' (କିଏ କିଛି ବୁଝେନା', ସଂ. ସବୁ ଅନ୍ଧାର ଆଜି ରାତିରେ ପୃ. ୨୭ ହରପ୍ରସାଦ ପରିଚ୍ଛା ପଟ୍ଟନାୟକ)

ଭାରତବର୍ଷର, ଓଡ଼ିଶାର ପ୍ରତିଟି ସ୍ଥାନରେ 'ନାରୀଧର୍ଷଣ'ର ସମ୍ବାଦ ଅସଂଖ୍ୟ ଓ ଏହା ଅଭିନବ ଉପାୟରେ ସଂଘଟିତ ହେଉଅଛି । କେନ୍ଦ୍ରାପଡ଼ାରେ ହେଉ ବା କଟକରେ ହେଉ, କିମ୍ବା ହେଉ ଦିଲ୍ଲୀରେ, ଲକ୍ଷ୍ନୌରେ – ନିର୍ଯାତନାର ଗଭୀରତା ଓ ଗମ୍ଭୀରତା ପ୍ରାୟ ଏକାପରି । କବିଙ୍କ ରଚନାରେ– ''ମୁଁ ଦେଖୁଚି, କେନ୍ଦ୍ରାପଡ଼ା/ ତୋର ଉଲଗ୍ନ ଚୌହଦୀ ଭିତରକୁ/ ପଶି ଆସିଛି ଗୋଟେ ଓଡ଼ିଶା/ ପଶି ଆସିଚି ଏକ ଭାରତବର୍ଷ/ ଯା'ର ଗୋପନ ଗହ୍ୱରରେ/ ପଡ଼ିରହିଛି ନାରୀମାନଙ୍କ ବିଦୀର୍ଣ୍ଣ ଶରୀର/ ଯା'ର ମୁକ୍ତ ବଜାରରେ/

Digitized by PPRACHIN, SOA

ମାଂସଲୋଭୀ ମଣିଷଙ୍କ ଭିଡ଼'' । (କେନ୍ଦ୍ରାପଡ଼ା ୧୯୯୮, ସଂ. ରକ୍ତବର୍ଣ୍ଣ ବାଲି, ପୃ.୨୦, ଆଶୁତୋଷ ପରିଡ଼ା) ।

ପୂର୍ବରୁ ନାରୀଟିଏ ନିଜ ଆବେଗ ଓ ଆକାଂକ୍ଷା ଜଣାଇବାକୁ ପାଟି ଖୋଲିପାରୁ ନ ଥିଲା । ନିଜର ସ୍ୱପ୍ନ ଓ ଆଗ୍ରହ ବିଷୟରେ କାହାକୁ ଜଣାଇବା ତା' ପାଇଁ ଲଜ୍ଜାକର ଥିଲା । ମାତ୍ର ପ୍ରଥମେ କବି ବ୍ରହ୍ମୋତ୍ରୀ ମହାନ୍ତି ନାରୀର ଗଭୀରତମ ଆବେଗ ଓ କାମନାକୁ ସ୍ପଷ୍ଟ ସ୍ୱରରେ ପ୍ରକଟ କଲେ । ନାରୀଟି ପ୍ରିୟତମର ସାନ୍ନିଧ୍ୟ କାମନା କରେ ଏବଂ ଏହି କାମନା ଶବ୍ଦଗତ ହୁଏ କବିଙ୍କ ରଚନାରେ– ''ମୋର ଭାରି ଇଛା ହୁଏ/ ତୁମେ ମୋତେ କନ୍ଦୁକ ସମାନ/ ଉପରକୁ ଫିଙ୍ଗିଦେଇ ପଡୁ ପଡୁ ଦି' ବାହୁ ପ୍ରସାରି/ ଆଶ୍ରୟ ଦିଅନ୍ତ ବୁକେ/ ଖସୁ ଖସୁ ଶୂନ୍ୟରୁ ତଳକୁ/ ଶିହରି ମୁଁ ପ୍ରାଣର ଆତଙ୍କ/ ଉଠନ୍ତି ଚିତ୍କାରି'' (ଆଶ୍ଚର୍ଯ୍ୟ ଇଚ୍ଛା', ସଂ. ଦୃଷ୍ଟିର ଦ୍ୟୁତି, ୧୯୮୧ ପୃ. ୮୯) । କେବଳ ଏତିକି ନୁହେଁ, ଏହି ଶତାବ୍ଦୀରେ ନାରୀ ଯେ ତା'ର ଆତ୍ମ ପରିଚିତିର ଅନ୍ୱେଷଣରେ ବ୍ୟାପୃତ, ଏହାର ଚିତ୍ର ପ୍ରଦାନ କରନ୍ତି କବି । ଏ ଶତାବ୍ଦୀର ନାରୀ ଶୃଙ୍ଖଳାକୁ ସ୍ୱୀକାର କରେନା, ତା'ର ଅନେକଟା ସ୍ୱାଧୀନତା ରହିଛି ଓ ମୁକ୍ତିପିପାସା ମଧ୍ୟ ପ୍ରଚୁର । ବହୁ ଦିନରୁ ଅବଦମିତ ତା'ର ଇଚ୍ଛା, ଆଗ୍ରହ ଓ ବ୍ୟକ୍ତିତ୍ୱ ପ୍ରସ୍ଫୁଟନ ଖୋଜେ । ପ୍ରେମ ଓ ପ୍ରଣୟ ଆଜିର ନାରୀପାଇଁ ପୂର୍ବାଚରିତ ଅର୍ଥ ରଖେ ନାହିଁ । ''ମୁଁ ଏକ ନୂତନ କାବ୍ୟ/ ଅର୍ଥ ଯାର ସଂପୂର୍ଣ୍ଣ ଅବୋଧ୍ୟ/ ଅଥଚ ମୁଁ ପଢ଼ାହୁଏ/ ଚମତ୍କାର ଛନ୍ଦର ଆବୃତ୍ତି/ ସଂଖ୍ୟାହୀନ ଟୀକାକାର/ ମୋ ଅଧରେ ଟିକେ ଚାପାହସ/ ନିତି ଅଭିସାର, ନିତି ବିରହେ ମୁଁ ନୂଆ ରୂପ ନିଏ ।'' (ତତ୍ରୈବ, ପୃ. ୯୮) । ଏହି ରୂପକୁ ଶ୍ରେୟ ବୋଲି କବି ଗ୍ରହଣ କରି ନାହାନ୍ତି, ତେବେବି ଗତାନୁଗତିକ ନାରୀଠାରୁ ଏହାର ଏକ ଅଲଗା ରୂପ ଆଙ୍କିଛନ୍ତି । କଳାତ୍ମକ ସୃଷ୍ଟିରେ ପ୍ରତିବାଦର ସ୍ୱର ସର୍ବଦା ତୀବ୍ର ଓ ପ୍ରଖର ହୋଇ ନ ଥାଏ । ଏହା ଥାଏ ଅନୁଚ୍ଚ ଓ ସୂଚନାଧର୍ମୀ । ଏହା ସତ୍ତ୍ୱେ ନାରୀ ନିର୍ଯାତନା, ନାରୀ ଶୋଷଣ ଓ ଭାଗ୍ୟହୀନା ନାରୀର କଷଣ ପ୍ରତି କବିର ହାର୍ଦ୍ଦିକ ସହାନୁଭୂତି ମଧ୍ୟ ପାଠକ ସମାଜକୁ ପରୋକ୍ଷ ଭାବେ ସଚେତନ ଓ ଉଦ୍‌ବୁଦ୍ଧ କରିଥାଏ । ବସ୍ତି ବାସିନ୍ଦା ନାରୀ, ଅଭାବୀ ନାରୀର ଦୁଃଖର ସ୍ୱରୂପ ବହୁବିଧ । ମହାଭାରତର ନାୟିକା ଦ୍ରୌପଦୀଙ୍କଠାରୁ ତା'ର ନିର୍ଯାତନା ଓ ଅପମାନ କୌଣସି ଗୁଣରେ କମ୍ ନୁହେଁ । କେଉଁଠି ସ୍ୱାମୀ ପିଟେ, ମାରେ ତ କେଉଁଠି ଅର୍ଥ ପାଇଁ ଦେହକୁ ବିକ୍ରୟ କରିବାକୁ ସେ ବାଧ୍ୟ ହୁଏ/ କେଉଁଠି ବା ଚାହି ଚାପରା ଅଶ୍ଳୀଳ ଇଙ୍ଗିତର ଶିକାର ହୋଇ ଝିଅଟିଏ ପାଟି ବୁଜି ପଡ଼ିଥାଏ । କବି ପ୍ରଦୀପ ବିଶ୍ୱାଳ ଏତାଦୃଶ ସଂବେଦନଶୀଳତାକୁ ରୂପ ଦିଅନ୍ତି – ''ତା'ର ମାତାଲ ବାପ ଘରକୁ ଫେରି ଦାଉ ସାଧି ଥିଲା/ ରୋଗିଣୀ ମାଆ ଉପରେ/ ×× ମାସେ କାଳ କେଉଁ ବସ୍ତିରେ ବିତେଇ/ ଫେରି ଆସିଥିଲା ଗଲାକାଲି ତା'ର ବଡ଼ଭଉଣୀ/ ×× ବାବୁଘର ପାଇଟି ସାରି ଲେଉଟିଲାବେଳେ/ ସଞ୍ଜରେ ତାକୁ ଟାହିଟାପରା କରିଥିଲେ ସାହି ଟୋକାଏ ରାସ୍ତା ମଝିରେ ।'' ('ଦ୍ରୌପଦୀ', ସଂ. ଶେଷଲୋକ, ପୃ. ୨)

Digitized by PPRACHIN, SOA

ସଂସାରୀ ନାରୀଟିର ଦୁଃଖ ଅଛି, ନିଜକୁ ରୁନ୍ଧି ରାନ୍ଧି ସମସ୍ତଙ୍କୁ ସନ୍ତୁଷ୍ଟ କରିବାର ଦାୟିତ୍ୱ ଅଛି । କାହାଠାରେ ନିଜ ଦୁଃଖ କହି ନ ପାରିବାର, କାହାଠାରୁ ସହାନୁଭୂତି ପାଇ ନ ପାରିବାର କ୍ଲେଶ ମଧ୍ୟ ଅଛି । ସବୁକିଛି ସହିଯିବାକୁ ସେ ଆବାଲ୍ୟରୁ ଶିଖିଛି, ଅଭ୍ୟାସ କରିଛି । ତଥାପି ଆପଣାର ସ୍ୱପ୍ନକୁ ସାକାର କରିବା ପଥରେ ତା'ର ଅନୁଭବ– ''ଯନ୍ତ୍ରଣାର ନାଗଫେଣୀ କଣ୍ଟା ପାପୁଲିକୁ କ୍ଷତବିକ୍ଷତ କରେ, ରକ୍ତାକ୍ତ କରେ ।'' ('ସୂର୍ଯ୍ୟୋଦୟ', ପୃ. ୧୩, ବିଜୟିନୀ ଦାସ) ଆବହମାନ କାଳରୁ ନାରୀଟିପାଇଁ ନାନାବିଧ ନିର୍ଯାତନାର ଦ୍ୱାର ଉନ୍ମୁକ୍ତ । ଇତିହାସରୁ ପୁରାଣଯାଏ ଓ ବର୍ତ୍ତମାନ ଯୁଗ ପର୍ଯ୍ୟନ୍ତ ଲମ୍ବି ରହିଛି ସେହି ନିର୍ଯାତନା ପ୍ରଦାନର ବିବିଧ କୌଶଳ । ଲାଞ୍ଛନା, ଅପମାନ, ଧର୍ଷଣ, ଅବହେଳା ଯୁଗେ ଯୁଗେ ନାରୀର ଲଲାଟ ଲିଖନ । କବି ପ୍ରଶ୍ନମନସ୍କା ହୁଅନ୍ତି । ପୁରୁଷ ସମାଜର ସାମ୍ନାରେ ଛିଡ଼ା ହୋଇ, ଆପଣାର ଜର୍ଜରିତ ନାରୀତ୍ୱର ସକଳ ଭୂମିକାର ସ୍ୱରୂପକୁ ବିଶ୍ଳେଷଣ କରନ୍ତି ଏବଂ ପ୍ରଶ୍ନ ଉଠାନ୍ତି । – ସମାଜପତି ଓ ସଂସାରର ପତିମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ପ୍ରଶ୍ନ– 'ଫେରାଇ ପାରିବ ତମେ ମୋର ସହସ୍ର ସହସ୍ର ବର୍ଷର ଲାଞ୍ଛିତ ନାରୀତ୍ୱ ? ପ୍ରଚଣ୍ଡ ସମ୍ଭାବନାର ମୁହୂର୍ତ୍ତ ସବୁକୁ ??/ ପଞ୍ଚପାଣ୍ଡବଙ୍କ ନିରୁପାୟ ପୌରୁଷରୁ/ ପାଲଟି ଯାଇପାରିବ ପୁରୁଷୋତ୍ତମ ନାରାୟଣ ?'' (ତତ୍ରୈବ, ପୃ. ୧୫) । କିନ୍ତୁ କବିଙ୍କର ଏହି ପ୍ରଶ୍ନ ଅନୁତ୍ତରିତ ରହେ ଓ ନାରୀର ଆହତ ମନ, ଅସହାୟ ଶରୀର ପ୍ରତି କେହି ହେଲେ ଉଦାର ଦୃଷ୍ଟି ନିକ୍ଷେପ କରନ୍ତି ନାହିଁ । ଏହା ସତ୍ତ୍ୱେ ନାରୀ ସ୍ଥଳବିଶେଷରେ ନିଜ ଅସାମାନ୍ୟ ଦକ୍ଷତା ଓ କ୍ଷମତା ପ୍ରଦର୍ଶନ କରିଛି । ତେଣୁ ସମୟ ନିଶ୍ଚୟ ଆସିବ, ସେ ନିଜକୁ ମୁକ୍ତ କରିବାର ଯୋଗ୍ୟତା ହାସଲ କରିପାରିବ ।

ନାରୀ ଭୟଂକର ଦୁଃସ୍ଥିତିକୁ ସାମ୍ନାକରି ପିଷ୍ଟ ହୋଇ ରହିଥିଲେ ମଧ୍ୟ ଇତିହାସରେ ନାରୀବୀରତ୍ୱର ଭୂରି ଭୂରି ଦୃଷ୍ଟାନ୍ତ ରହିଛି । ପ୍ରଥମ ଅଧ୍ୟାୟରେ ଏ ସମସ୍ତର ବିଶ୍ଳେଷଣ କରାଯାଇଛି । ''୧୮୫୭ରେ ସଂଘଟିତ ସିପାହୀ ବିଦ୍ରୋହରେ ରଣାଙ୍ଗନରେ ଅବତୀର୍ଣ୍ଣା ଝାନ୍ସିରାଣୀ ଲକ୍ଷ୍ମୀବାଈ ବାମ ଓ ଦକ୍ଷିଣ ଉଭୟ ହସ୍ତରେ ଖଣ୍ଡା ଚଳାଇ ବ୍ରିଟିଶଙ୍କର ନିଧନ କରିଥିଲେ ଓ ବୀର ରମଣୀର ଗତିପ୍ରାପ୍ତ ହୋଇଥିଲେ । ଝିଲ୍‌କାରୀ ଦେବୀ କ୍ଷତ୍ରିୟାଣୀ ବେଶରେ ବାଘଭଳି ଗର୍ଜି ଗର୍ଜି ବ୍ରିଟିଶମାନଙ୍କୁ ହତ୍ୟା କରିଥିଲେ ।

Quoted from foreword R. C. Boudh, Cultural publishers Lucknow.

Digitized by PPRACHIN, SOA

ନାରୀ ମୁକ୍ତିର ସମ୍ଭାବନା ଉପରେ ଏକ ଆକଳନ

ଆଲୋଚ୍ୟକାଳରେ ନାରୀ ସଚେତନତା ପ୍ରଖର ହୋଇଉଠିଛି । ନାରୀମାନେ ନିଜ ବ୍ୟକ୍ତିତ୍ୱ ପ୍ରତିଷ୍ଠା ଦିଗରେ ଉଦ୍ୟମ ଜାରି ରଖିବାକୁ ପ୍ରସ୍ତୁତ ହୋଇଛନ୍ତି । ଏକବିଂଶ ଶତକର ପ୍ରାରମ୍ଭକାଳକୁ ବିଗତ ଶତାବ୍ଦୀର ନାରୀମୁକ୍ତିର ସାଧନା ଅନେକାଂଶରେ ସଫଳ ହୋଇଛି । ନାରୀଗଣ ଅଧିକରୁ ଅଧିକ ନିଜ ଚେତନାକୁ ମୁକ୍ତିର ମନ୍ତ୍ରରେ ଦୀକ୍ଷିତ କରି, ଆତ୍ମମର୍ଯ୍ୟାଦା ପଥରେ ଅଗ୍ରସର ହେଉଛନ୍ତି । ଏହି ମୁକ୍ତି ଚେତନାର ଅଧିକାରିଣୀ ନାରୀ ଅଧିକ କର୍ମକ୍ଷମା ଓ ଯୋଗ୍ୟତାସଂପନ୍ନା ହୋଇପାରିଛି । ଆପଣାର ଚେତନାକୁ ବିକଶିତ କରିବା ଦିଗରେ ପ୍ରେରଣାପ୍ରାପ୍ତ ହୋଇଛି । ନୂତନ ସମୟର ଶକ୍ତିମତୀ, ମୁକ୍ତିପ୍ରବଣା ନାରୀର ପରିଚୟ ନିମ୍ନୋକ୍ତମତେ ପ୍ରଦାନକରିବା ସମୀଚୀନ ହୋଇପାରିବ ।

ଆଜିର ଦୃଢ଼ମନା ନାରୀ ନିଜ ସାମର୍ଥ୍ୟର ବିସ୍ତାର ନିମିତ୍ତ ଆଗ୍ରହୀ ଓ ଏ ଦିଗରେ ସେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଚାଲିଛି । ନୂତନ ଆତ୍ମବିଶ୍ୱାସରେ ଦୀକ୍ଷିତ ହୋଇ ତା'ର ପ୍ରତିଷ୍ଠା ଓ ପରିଚୟର ଦିଗନ୍ତକୁ ପ୍ରସାରିତ କରିବା ଦିଗରେ ଯତ୍ନଶୀଳା ହେଉଛି । ସେ ଶକ୍ତିସଂପନ୍ନା ହୋଇ, ସ୍ଥଳବିଶେଷରେ ପୁରୁଣା ବ୍ୟବସ୍ଥାକୁ ଅସ୍ୱୀକାର କରିବାକୁ ପ୍ରସ୍ତୁତ ହେଉଛି । ପୂର୍ବ ସମୟ ଭଳି ପ୍ରେମଭାବରେ ସିକ୍ତ ହୋଇ ସେ ଆତ୍ମତ୍ୟାଗ କରିବାର ପଥକୁ ଗୁରୁତ୍ୱ ଦେଉ ନାହିଁ । 'ଲଜ୍ଜା ନାରୀର ଭୂଷଣ' ଏହି ବାକ୍ୟକୁ ଲଂଘନ କରିବାକୁ ସେ ସଜ୍ଞାନ ସଚେତନ ଭାବେ ଆଶାୟୀ ହୋଇଛି । ବଞ୍ଚିବାକୁ ହେଲେ ଶକ୍ତି ସଞ୍ଚୟ କରିବାକୁ ପଡ଼ିବ, ଏହା ସେ ବୁଝିଛି ଓ ନିଜର ଅନ୍ତର୍ନିହିତ ଶକ୍ତି ଉପରେ ବିଶ୍ୱାସ ରଖିଛି । ଆଜିର ବୃତ୍ତିଗତ ବ୍ୟବସ୍ଥାରେ ନାରୀକୁ ଯେଉଁ ଗୁରୁଦାୟିତ୍ୱ ବହନ କରିବାକୁ ଓ ପ୍ରତିଯୋଗିତାରେ ବାଜି ଲଗାଇବାକୁ ପଡୁଛି, ସେଥିରେ ନିଜକୁ ଆଗେଇ ନେବାର ବିବିଧ ପ୍ରୟାସରେ ନାରୀଟି ପ୍ରୟାସରତା । ତା' ପାଇଁ ମଧ୍ୟ ଏହିଭଳି ଦାୟିତ୍ୱ ଓ ପ୍ରୟାସର ଯଥେଷ୍ଟ ଆବଶ୍ୟକତା ରହିଛି । ଏ ଯୁଗର ନାରୀ ଏକଥା ମଧ୍ୟ ହୃଦୟଙ୍ଗମ କରିଛି ଯେ, ସେ ଯଦି ନୂଆ ନୂଆ ସମ୍ଭାବନାକୁ ଆବିଷ୍କାର କରିବାର ଯୋଗ୍ୟତା ନ ରଖେ, ନିଜକୁ ମୁକ୍ତ ନ କରେ; ଭୀତି ଓ ତ୍ରାସରୁ ବାହାରି ନ ଆସେ, ତେବେ ସକଳ ସୁଯୋଗ ତା'ର ହାତଛଡ଼ା ହୋଇଯିବ । ସେ ଖୁବ୍ ଯତ୍ନର ସହ ସୂଚନାମୟ ଦୁନିଆକୁ ଗ୍ରହଣ କରିନେବାକୁ ତତ୍ପର । ତେଣୁ ପୂର୍ବରୁ ପ୍ରଚଳିତ ନାରୀର 'ଲଳିତଲବଙ୍ଗଲତା' ଚିତ୍ରଟି ଅନ୍ତର୍ହିତ ହେବାକୁ ଲାଗିଲାଣି ଓ ନାରୀଟି ଶକ୍ତିମତୀ ପାଲଟିଯିବା ସହ, ନିଜ ନାରୀତ୍ୱର ନିର୍ଦ୍ଦିଷ୍ଟତାକୁ ମଧ୍ୟ ବଜାୟ ରଖିପାରୁଛି ।

Digitized by PPRACHIN, SOA

ପୁରୁଷଠାରୁ ସର୍ବଦା ନାରୀ ଅଧିକ ଜଟିଳତାକୁ ସାମ୍ନା କରିଥାଏ । ସଂଘର୍ଷ ମଧ୍ୟରେ ଶାନ୍ତ ରହିବାର ମନୋବୃତ୍ତିକୁ ଓ ଧୈର୍ଯ୍ୟକୁ ପୋଷଣ କରିଥାଏ । ସ୍ୱସ୍ତ୍ୟୟନ ନିମିତ୍ତ ଭୂମିକା ଗ୍ରହଣ କରିଥାଏ । ବର୍ତ୍ତମାନର ସମୟ ପୂର୍ବରୁ ନାରୀ ଅସ୍ତିତ୍ୱକୁ ଗୁରୁତ୍ୱ ଦିଆଯାଉ ନ ଥିଲା । କିନ୍ତୁ ଆଜି, ନାରୀଗଣ ମର୍ଯ୍ୟାଦାପୂର୍ଣ୍ଣ ସ୍ଥିତି ଯେ ସେମାନଙ୍କର ପ୍ରାପ୍ୟ, ସେଥିନିମିତ୍ତ ଦାବି ଉପସ୍ଥାପିତ କରୁଛନ୍ତି । ତେଣୁ ସେମାନଙ୍କ ପ୍ରାପ୍ୟସ୍ୱରୂପ ମର୍ଯ୍ୟାଦା ଅନେକାଂଶରେ ସେମାନଙ୍କୁ ମିଳୁଛି । ଏହି ପରିପ୍ରେକ୍ଷୀରେ ଆଜିର ସମାଜ ଅଧିକ ମୁକ୍ତ ହୋଇଛି ଓ ପୁରୁଣା ସମାଜ ବ୍ୟବସ୍ଥାକୁ ଭାଙ୍ଗି ନୂଆ ସମାଜ ବ୍ୟବସ୍ଥା ପ୍ରତିଷ୍ଠା କରିବାରେ ଉଦ୍ୟମଶୀଳ ହୋଇଛି । ଏତାଦୃଶ ନୂତନ ନାରୀବ୍ୟକ୍ତିତ୍ୱର ଚିତ୍ର ସାହିତ୍ୟ, ଚଳଚ୍ଚିତ୍ର, ଚିତ୍ରକଳା ଆଦି ସକଳ କଳାତ୍ମକବିଧା ଜରିଆରେ ପ୍ରମୂର୍ତ୍ତ ହେଉଛି । 'ନାରୀ' କହିଲେ ବୁଦ୍ଧିହୀନା, ଦୂରଦୃଷ୍ଟିରହିତା ଜଣେ ସୁନ୍ଦରୀ, ଶରୀରସର୍ବସ୍ୱା ନାରୀକୁ ବୁଝାଉ ନାହିଁ । ସୌନ୍ଦର୍ଯ୍ୟ ମଧ୍ୟ କେବଳ ଶରୀରାଶ୍ରୟୀ ବୋଲି ବିଚାର କରାଯାଉ ନାହିଁ । ନାରୀର ଶାରୀରିକ ସତ୍ତା ଓ ବୌଦ୍ଧିକ ସତ୍ତା ଯେ ଭିନ୍ନ ଦୁଇଟି ସତ୍ତାଭାବେ ପରିଗଣିତ, ଏହା ବୁଝିବାର ବେଳ ଉପଗତ ହେଲାଣି । ଶରୀରଗତ ସୌନ୍ଦର୍ଯ୍ୟ ଅନୁପସ୍ଥିତ ଥିଲେ ମଧ୍ୟ ନାରୀର ଅନ୍ତଃସୌନ୍ଦର୍ଯ୍ୟ, ଶିକ୍ଷା, ଯୋଗ୍ୟତା ଆଦି ସ୍ୱୀକୃତିପ୍ରାପ୍ତ ହେଉଛି । ତେଣୁ ନାରୀଟିଏ ତା'ର ଶକ୍ତି ଓ ସମ୍ଭାବନାର ପୃଥକ୍ ପରିଚୟ ପ୍ରଦାନ କରିପାରୁଛି । ଏହି ସଚେତନତାର ଯୁଗରେ ଜଣେ ନାରୀ ମଧ୍ୟ ତା'ର ଯୌନଜୀବନ ସଂପର୍କରେ ସ୍ୱାଧୀନ ମତ ବ୍ୟକ୍ତ କରିପାରୁଛି । ନିଜର ଅଧିକାରକୁ ନେଇ ପ୍ରଶ୍ନ ଉଠାଇ ପାରୁଛି । ଯୌନ ସଂଭୋଗରେ ନିଜର ସହଯୋଗକୁ ବିଶେଷ ଆବଶ୍ୟକ ମଣୁଛି ଓ ଏ ଦିଗରେ ନିଜ ପୋଷାକ, ପରିଚ୍ଛଦ ନେଇ ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ସେ ପାଇପାରୁଛି । ପ୍ରତିଯୋଗିତାପୂର୍ଣ୍ଣ ଦୁନିଆରେ ନିଜ ରୂପସଜ୍ଜା ନିମିତ୍ତ ସେ ସ୍ୱାଧୀନତା ପାଇପାରିଛି । ଶିକ୍ଷିତା, ସହର ବାସିନ୍ଦା ଭାରତୀୟ ନାରୀମାନେ ଆଉ ଆଜି କେବଳ ସନ୍ତାନ ପ୍ରସବର ଯନ୍ତ୍ରଭାବେ ପରିଚିତା ନୁହନ୍ତି । ସନ୍ତାନକୁ କେବେ ଜନ୍ମଦେବେ, କିଭଳି ଲାଳନପାଳନ କରିବେ, ଏ ସମସ୍ତ କର୍ମ ବିଷୟରେ ସେମାନେ ନିର୍ଣ୍ଣୟ ନେଇପାରୁଛନ୍ତି । ବୃତ୍ତିଗତ ସ୍ୱାଧୀନତା ଓ ଅର୍ଥ ଉପାର୍ଜନଜନିତ ସ୍ୱାବଲମ୍ବନଶୀଳତା ନାରୀମାନଙ୍କୁ ଆଶ୍ଚର୍ଯ୍ୟଭାବେ ନବନାରୀତ୍ୱରେ ବିଭୂଷିତ ଓ ରୂପାନ୍ତରିତ କରିଦେଇଛି । "ମୁଁ ସେଇ ପୁରୁଣା ନାରୀ, କିନ୍ତୁ ମୋର ଲୁକ୍‌କାୟିତ ପ୍ରତିଭା ଓ ପ୍ରଜ୍ଞାକୁ ମୁଁ ଏବେ ପ୍ରକଟ କରିବା ନିମିତ୍ତ ପ୍ରସ୍ତୁତ ।" ବିନା ଦ୍ୱିଧାରେ ନାରୀ ଏହି ଘୋଷଣା କରିପାରୁଛି । ତା'ର ପ୍ରଚୁର ସାହସିକତା ଓ ଆତ୍ମବିଶ୍ୱାସ ରହିଛି । ଏହି ପ୍ରକାର ଆତ୍ମବିଶ୍ୱାସ ସହିତ ସେ ଯୌନ ସଂପର୍କ ରକ୍ଷା କରୁଛି, ପୁସ୍ତକ ପଠନ କରୁଛି, ଘର ସଜେଇବାକୁ ଚିତ୍ରଟିଏ କ୍ରୟ କରୁଛି ଓ ଚା' ଖାଇବାକୁ ରେସ୍ତୋରାଁକୁ ଯାଇପାରୁଛି । କିନ୍ତୁ ସିନେମା, କଫି ବାର୍ ଓ ପାନଶାଳାକୁ ଏକା ଏକା ଯିବାର ସାହସ ତଥାପି ସେ ସଞ୍ଚୟ କରିପାରୁ ନାହିଁ । ପୁରୁଷପ୍ରଧାନ ସମାଜର ରୀତି ଓ ଅସାମାଜିକ ବ୍ୟକ୍ତିମାନଙ୍କ ନ୍ୟୂନ ମନୋବୃତ୍ତି ଯୋଗୁଁ ହିଁ ନାରୀ ଏବେ ମଧ୍ୟ ନିଜକୁ ଅସୁରକ୍ଷିତ ମନେକରୁଛି । ନଚେତ୍ ଏ ଯୁଗର ନୂତନ ଚେତନାରେ ଦୀକ୍ଷିତା ନାରୀ ଶରୀର ଓ ମନରେ ଯଥେଷ୍ଟ ମୁକ୍ତ ଓ ସ୍ୱାଧୀନଚେତା ହୋଇପାରିଛି ।

Digitized by PPRACHIN, SOA

ପଞ୍ଚମ ଅଧ୍ୟାୟ

ନାରୀ ଅସ୍ତିତ୍ୱର ଆଧ୍ୟାତ୍ମିକ ଦିଗଗୁଡ଼ିକର ଉନ୍ମୋଚନ ଓ ତା'ର ଉଚ୍ଚତର ମୂଲ୍ୟବୋଧଭିତ୍ତିକ ରୂପାନ୍ତର ନେଇ ଅନୁଶୀଳନ

ବିଂଶ ଶତକ ଭାରତର ବିଶ୍ୱପ୍ରସିଦ୍ଧ ଯୋଗୀ ଅରବିନ୍ଦ ନାରୀମାନଙ୍କ ଉଦ୍ଦେଶ୍ୟରେ ଆପଣାର ମତାମତ ବ୍ୟକ୍ତ କରିଥିଲେ, ''ନାରୀ ନରକର ଦ୍ୱାର' ନୁହେଁ, 'ଦେହ ବା କାମ ସର୍ବସ୍ୱ ନୁହେଁ' । ନାରୀର ଏକ ଅନ୍ତରାତ୍ମା ରହିଛି, ଯାହା ପୂର୍ଣ୍ଣବିକାଶ ଲାଭ କରିବାର ଯୋଗ୍ୟତା ଅର୍ଜନ କରେ ।'' ଯୋଗୀ ଅରବିନ୍ଦ ଏହା ବିଶ୍ୱାସ କରୁଥିଲେ । ସେ କହିଥିଲେ ''ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁଥିଲେ । ଭଗବାନ୍ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି । ଭଗବାନ୍ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧାରଣା ପୋଷଣ କରିବା ଅବଶ୍ୟ ଅନ୍ୟାୟ ହେବ ନାହିଁ ।'' ସନ୍ନ୍ୟାସୀମାନେ ନାରୀଠାରୁ ଦୂରେଇ ରହିବାକୁ ନିରାପଦ ମଣୁଥିଲେ । ଭଗବାନ୍ ବୁଦ୍ଧ ସଂଘରେ ଭିକ୍ଷୁଣୀମାନଙ୍କୁ ପ୍ରବେଶାଧିକାର ନିଷେଧ କରିଥିଲେ । ସନ୍ଥ ତୁଳସୀ ଦାସ କହିଲେ, 'ଢୋଲ, ଗଁୱାର, ଶୂଦ୍ର, ପଶୁ, ନାରୀ– ଏମାନେ ସମସ୍ତେ ତାଡ଼ନା ପାଇବାକୁ ଯୋଗ୍ୟ । ଉପରୋକ୍ତ ସମସ୍ତ ନିର୍ଣ୍ଣୟ ସାଧୁସନ୍ଥ, ଦେବଦୂତମାନଙ୍କର ଅବିଚାର-ପ୍ରସୂତ । ସେମାନେ ପୁରୁଷର ଲାଳସାକୁ ଓ ନାରୀର ଶରୀରସତ୍ତାକୁ ଦୃଷ୍ଟିରେ ରଖି ଏସବୁ ମନ୍ତବ୍ୟ ଦେଇଥିଲେ । ନାରୀର ଯେ ଅନ୍ତରାତ୍ମା ଅଛି, ହୃଦୟ ଅଛି, ବିଚାରବୋଧ ଅଛି, ରୁଚିବୋଧ ରହିଛି, ତା'ର ଚେତନା ଯେ ଏକ ଉତ୍ତୀର୍ଣ୍ଣ ଅଭିଳାଷକୁ ଧାରଣ କରିପାରେ, ୟେ ଦିଗରେ ଉଲ୍ଲିଖିତ ସାଧୁସନ୍ଥଗଣ ଦୃକ୍‌ପାତ କରି ନାହାନ୍ତି । ନାରୀ ମଧ୍ୟ ସ୍ୱଅନ୍ତଃସତ୍ତାର ବିକାଶ ସଂପର୍କରେ ନିଜେ ଦୃଢ଼ତାର ସହିତ କିଛି ବକ୍ତବ୍ୟ ଦେଇପାରି ନାହିଁ । ତେବେ, ପ୍ରାଚୀନ ଯୁଗର ବେଦସୂକ୍ତ ରଚୟିତ୍ରୀଗଣ ନିଜ ଧୀମତ୍ତାର ଯଥେଷ୍ଟ ପରିଚୟ ଦେଇଛନ୍ତି । ମଧ୍ୟ-ଯୁଗୀୟ ରାଜରାଣୀ ମୀରାବାଈ ସଂସାରିକତାର ଊର୍ଦ୍ଧ୍ୱରେ ନାରୀ ଚେତନାର ବର୍ଦ୍ଧିଷ୍ଣୁ ଅଭୀପ୍ସାକୁ ରୂପପ୍ରଦାନ କରିଛନ୍ତି । ବହୁ କୋମଳକାନ୍ତ ନିଗୂଢ଼, ପ୍ରେମରସଯୁକ୍ତ, ବିହ୍ୱଳ ଗୀତିକବିତା ମାଧ୍ୟମରେ ସେ ନାରୀସତ୍ତାର ଉପଲବ୍ଧିର ଜଗତକୁ ବହୁଭାବରେ ଆବିଷ୍କାର କରିଯାଇଛନ୍ତି । ତଥାପି ପୁରୁଷ-ପ୍ରଧାନ ସମାଜ ନାରୀର ଏହି ଊର୍ଦ୍ଧ୍ୱତନ ଭାବାବେଗକୁ ସ୍ୱୀକାର କରି ନାହିଁ, ସମ୍ମାନ ଦେଇ ନାହିଁ, ଘରକରଣା, ପରିଚାରିକାବୃତ୍ତି ଓ ସନ୍ତାନପ୍ରସବ ତଥା ଲାଳନ ପରିସରରେ ଆବଦ୍ଧ ରଖିବାକୁ ପୁରୁଷ ସର୍ବଦା ପ୍ରଯତ୍ନ କରିଆସିଛି ।

Digitized by PPRACHIN, SOA

ନାରୀ ପ୍ରକୃତରେ ନଦୀଭଳି ପ୍ରବହମାନା । ଆକାଶ ଭଳି ପରିବ୍ୟାପ୍ତ । ମାଟି ଭଳି ଗଭୀର ଓ ସହନଶୀଳା । ବୁକର ପ୍ରାଇଜ୍ ପ୍ରାପ୍ତ ହୋଇଥିବା 'God of small things'ର ଲେଖିକା ଅରୁନ୍ଧତୀ ରାୟ କହିଛନ୍ତି - "ତୁମେ ଯେତେ ଆଘାତ ଦିଅ, ନାରୀକୁ ତୁମେ ଭାଙ୍ଗି ଦେଇପାରିବ ନାହିଁ । ସେ ପୃଥିବୀଭଳି ସହନଶୀଳା ।" ତା'ଠାରେ ଉପରୋକ୍ତ ଗୁଣ ସବୁ ଘନୀଭୂତ ରୂପରେ ରହି ତା'ର ସ୍ଥିତି, ଚେତନା ଓ କଳ୍ପନାକୁ ସାଧାରଣ ଶରୀରକୁ ଟପିଯିବା ନିମନ୍ତେ ଉଦ୍‌ବୁଦ୍ଧ କରେ । ନାରୀ ଯେ ମାତା ହୁଏ, ସେହି ଭାବରେ ସେ ଗୋଟିକରୁ ଏକାଧିକକୁ ବ୍ୟାପିଯାଏ । ମାତୃତ୍ୱ ଏଇ ବିଚିତ୍ର ପ୍ରଶସ୍ତି ଓ ପ୍ରଚାରକୁ ଲକ୍ଷ୍ୟକରି ବିଶିଷ୍ଟ ହିନ୍ଦୀକବି, ଜ୍ଞାନପୀଠ ପୁରସ୍କାର ବିଜେତା ଦିନକର୍ କହନ୍ତି "ଗଲ୍‌ତି ହୈ ହିମଶିଳା, ଗଠନ ଦେହକୀ ଖୋକର୍/ପର୍ ହୋ ଯାତି ଅସୀମ/କିତନି ପୟସ୍ୱିନୀ ହୋ କର - " 'ଉର୍ବଶୀ' ।

ଉତ୍ତରଣ ଅଭୀପ୍‌ସା ନାରୀର ନିଜସ୍ୱ । ସଂକୀର୍ଣ୍ଣ ପାରିପାର୍ଶ୍ୱିକ ସ୍ଥିତିରେ ଆବଦ୍ଧ ରହିଲେ ହେଁ ତା'ର ଚେତନା ଓ ସ୍ଥିତିର ବ୍ୟାପ୍ତି ଜାହିର ରହିଥାଏ । କିନ୍ତୁ ତା'ର ଏହି ଯୋଗ୍ୟତା ପ୍ରତି ଏଯାବତ୍ ପରିବାର ଓ ସମାଜ ସସ୍ନେହ ଦୃଷ୍ଟିପାତ କରି ନାହାନ୍ତି । ତେଣୁ ମୀରାବାଈ, ମହାଦେବୀ ବର୍ମା, ଅମୃତା ପ୍ରୀତମ୍‌ଙ୍କ ଭଳି ନାରୀବ୍ୟକ୍ତିତ୍ୱଗଣ ଏପ୍ରକାର ସଂକୀର୍ଣ୍ଣତାକୁ ଶ୍ରେୟ ମଣି ନାହାନ୍ତି ।

କିନ୍ତୁ ସମୟ ବଦଳିଛି । ବିଂଶ ଶତକର ପ୍ରାରମ୍ଭ କାଳରୁ ସାହିତ୍ୟ ରଚନା କରିଥିବା, ଦେଶର ଆହ୍ୱାନରେ ଜାତୀୟ ଆନ୍ଦୋଳନର ଉତ୍ସର୍ଗିତ ତଥା ଅନିଶ୍ଚିତ ଜୀବନପଥରେ ଝାସ ଦେଇଥିବା ନାରୀଗଣ ନିଜ ଆତ୍ମସଚେତନତା ଓ ସାହସିକତା ତଥା ଅଭ୍ରାନ୍ତ ବିଚାରବୋଧର ପରିଚୟ ଦେଇଛନ୍ତି । ଏହି ନାରୀଗଣ କେବଳ ଓଡ଼ିଆଣୀ ନୁହନ୍ତି, ଭାରତର ପ୍ରତିଟି ଅଞ୍ଚଳରେ ଜନ୍ମଲାଭ କରି, ଜୀବନ ବିତାଇ, ସ୍ୱକର୍ମଧାରାର ଆଦର୍ଶକୁ ଏମାନେ ପ୍ରତିଷ୍ଠିତ କରିଯାଇଛନ୍ତି । ଓଡ଼ିଆ ସାହିତ୍ୟକୁ ବହୁ ନାରୀ ରଚୟିତ୍ରୀ ସମୃଦ୍ଧ କରିଯାଇଛନ୍ତି । ବିଶେଷକରି ଓଡ଼ିଆ କବିତା କ୍ଷେତ୍ରରେ ସ୍ୱ ଆତ୍ମପରିଚୟକୁ ତୁଂଗତା ପ୍ରଦାନ କରିଛନ୍ତି ଓଡ଼ିଆଣୀମାନେ । ଏମାନଙ୍କ ମଧ୍ୟରେ ନାରୀପ୍ରାଣର ଉତ୍ତୀର୍ଣ୍ଣ ଅଭିଳାଷକୁ ବାଙ୍ମୟ କରି ସଂବେଦ୍ୟ କରିପାରିଛନ୍ତି କବି ସ୍ୱର୍ଗତା କୁନ୍ତଳାକୁମାରୀ ସାବତ । ତାଙ୍କ କବିତାଗୁଡ଼ିକରେ ବିଭୁପ୍ରେମ, ମାନବପ୍ରେମ, ଦେଶପ୍ରେମସହ ଏକ ଉତ୍ତୀର୍ଣ୍ଣ ଅଭୀପ୍‌ସା ଅଙ୍ଗାଙ୍ଗୀଭାବେ ଜଡ଼ିତ ରହିଥିଲା । ସମାଜ ଓ ପରିବାରରେ ନାନା ଦୁଃସ୍ଥିତି ଓ ଅବିଚାରର ଚାପରେ ପେଷି ହୋଇ ନାରୀଟିଏ ଓ କବିଟିଏ ଏକ ନିର୍ଭର, ବିଶ୍ୱାସଯୋଗ୍ୟ ସତ୍ତାକୁ ଖୋଜିଛି କଳ୍ପନାରେ ହେଉ ପଛେ ପାଇପାରିଛି । ବାସ୍ତବ ଜୀବନର ସକଳ କ୍ଷତ ଓ ଖଣ୍ଡିତତାକୁ ପୂର୍ଣ୍ଣ କରିବା ନିମିତ୍ତ ଏହି ସତ୍ତାର ସାହଚର୍ଯ୍ୟ ତାକୁ ଆଶାନ୍ୱିତା କରିଛି । ନାରୀଟିର ନିଜସ୍ୱ ମୂଲ୍ୟ, ତା'ର ଅନ୍ତରାତ୍ମାର ଅଭୀପ୍‌ସା ଓ ବ୍ୟକ୍ତିତ୍ୱ ଯେ ସେହି ଊର୍ଦ୍ଧ୍ୱତର ସତ୍ତା ନିକଟରେ ଆଦୃତ ହେବ, ଏହା କବି ବିଶ୍ୱାସ ରଖିଛନ୍ତି ଓ ଏହି ବିଶ୍ୱାସ ତାଙ୍କୁ ଆଶ୍ୱସ୍ତ କରିଛି । ବ୍ୟକ୍ତିଜୀବନ ସହଜେ ଭଙ୍ଗା ନୌକାଟିଏ, ସଂସାର ମହାସମୁଦ୍ର, ସେଥିରେ

Digitized by PPRACHIN, SOA

ନାରୀଜୀବନର ବାସ୍ତବ ସ୍ଥିତି ଆହୁରି ଅସହାୟ । ଏତାଦୃଶ ଜୀବନବୋଧକୁ ଗ୍ରହଣ କରିଥିବା ନାରୀଟି ତା' ମନଃସ୍ଥିତିର ଓ ହୃଦୟର ଶୁଦ୍ଧ, ସୁନ୍ଦର, ସତେଜ ଅଭିଳାଷଟିକୁ ଅବଲମ୍ବନ ସ୍ୱରୂପ ଗ୍ରହଣ କରି ଜୀବନ ବଞ୍ଚିଆସିଛି ।

ଆଲୋଚ୍ୟକାଳରେ, ନାରୀକବିମାନଙ୍କ ରଚନାରେ ଏକ ଉଜ୍ଜ୍ୱଳ ଜୀବନଜିଜ୍ଞାସାର ଚିତ୍ର ପରିଲକ୍ଷିତ ହୁଏ । ସେମାନେ ଘରର ଚାରିକାନ୍ଥ ବାହାରେ, ଭାତ ଲୁଗା, ପରିବାରର ସରହଦ ଡେଇଁ ସଶରୀର ସେହି ଉଜ୍ଜ୍ୱଳ ଅଭୀପ୍‌ସାର ଜଗତରେ ପହଞ୍ଚି ପାରନ୍ତି ନାହିଁ, ତାହା ସତ୍ୟ । ମାତ୍ର ମନରେ, କଳ୍ପନାରେ, ସ୍ୱପ୍ନରେ, ଚେତନାଜଗତରେ ଭିନ୍ନ ଏକ ବିପୁଳ ଉପଲବ୍‌ଧି ଲାଭ କରିଥାନ୍ତି । ନାରୀ ସତ୍ତା, ଯାହା ବିଂଶ ଶତକର ପ୍ରାରମ୍ଭ କାଳ ପର୍ଯ୍ୟନ୍ତ ଅବହେଳିତ ହୋଇରହିଥିଲା, ଏବେ ସେହି ସତ୍ତାର ମହିମାମୟ ଅବବୋଧ ନାରୀ କବିଗଣ ଅନୁଭବ କଲେ ଓ ତା'ର ସୂକ୍ଷ୍ମ ଚିତ୍ର ଆଙ୍କିବାର ଆଗ୍ରହ ପ୍ରକାଶ କଲେ । ସେମାନଙ୍କ ଏହି ଅନନ୍ତବ୍ୟାପ୍ତିରେ ସାରା ପୃଥିବୀର ସହଯୋଗ ସେମାନେ ଉପଲବ୍‌ଧି କଲେ । ''ଆଜିଯାଏ ଥିଲି ଲୁଚି ଆବରଣ ତଳେ/ ଇଚ୍ଛା ଜାଗିଲା/ ଅବଗୁଣ୍ଠନ ତଳୁ ମୁଁ ଚାହିଁଲି ଥରେ/ ସହସା କି ହେଲା/ ସୂର୍ଯ୍ୟ ଚମକି ଆସିଲା ନିକଟେ ମୋର/ ସବୁ ବନ୍ଧନ ବେଷ୍ଟନୀ ହାଣି ହୋଇ ଉଜ୍ଜ୍ୱଳତର ×× ଉଷା ସଂଗତେ ଗନ୍ଧ କୁସୁମେ ବନ୍ଦନା ଗାଇ ଗାଇ/ ଅଭିନନ୍ଦନ ଜଣାଇଲେ ରୂପ– ସାଗରେ ମୋ ଅବଗାହି/ ପାରାବାର ତୋଳି ଉର୍ମିର ବାହୁ ଗମ୍ଭୀର ଗରଜନେ/ ପାଦତଳେ ମୋର ଜଣାଇଲା ପ୍ରୀତି– ପ୍ରଣତି ମତ୍ତ ମନେ ।'' ('କଟାକ୍ଷ', ସଂ. ଅବତରଣ ପୃ. ୩୨-୩୩ ବ୍ରହ୍ମୋତ୍ରୀ ମହାନ୍ତି) । ଆପଣା ଅସ୍ତିତ୍ୱର ଏତାଦୃଶ ମହାନତାକୁ ନାରୀଟିଏ କବିଟିଏ ହୃଦୟଙ୍ଗମ କରିବା ଅବକାଶରେ ଏକ ଉର୍ଦ୍ଧ୍ୱତର ସୋପାନରେ ଆରୂଢ଼ ହୋଇଥାଏ ଓ ଏକ ବିଶାଳ ଭୂମାଠାରେ ଲୀନ ହୋଇଯିବାର ବିହ୍ୱଳତାଦ୍ୱାରା ଆବିଷ୍ଟ ହୋଇଥାଏ– ''ତୁମର ଧ୍ୟାନରେ ତେବେ ଅହଂବୋଧ/ ଉନ୍ମେଷର ପ୍ରଶ୍ନ ଆଉ କାହିଁ ? ଦୁହିଁଙ୍କ ସ୍ଥିତିର ମଧ୍ୟେ/ ମୁଁ ଦେଖିବି ବ୍ୟାପ୍ତ ତୁମେ ଚରାଚରେ/ ଅସ୍ତିତ୍ୱ ମୋ ନାହିଁ ।' (କବିତା ସମଗ୍ର, ପୃ. ୧୯୬– ବ୍ରହ୍ମୋତ୍ରୀ ମହାନ୍ତି)

ଜାଗତିକ ଜୀବନର ଉର୍ଦ୍ଧ୍ୱରେ, ସେହି କଳ୍ପନାରେ ପ୍ରତ୍ୟକ୍ଷୀଭୂତ ଅଣଜାଗତିକ ବିଶ୍ୱରେ ଉପନୀତ ହୋଇଗଲେ ବ୍ୟକ୍ତିସତ୍ତା, ନାରୀସତ୍ତା ତା'ର ନିର୍ବେଦ ଅବସ୍ଥାକୁ ପ୍ରାପ୍ତ ହେଉଛି । ଏକ ଉତ୍ତୀର୍ଣ୍ଣ ପର୍ଯ୍ୟାୟରେ ବ୍ରହ୍ମୋତ୍ରୀ କହନ୍ତି– ''ଶୂନ୍ୟ ମୁହୂର୍ତ୍ତରେ/ ଯେତେବେଳେ ବ୍ୟକ୍ତି ନାହିଁ, ବସ୍ତୁ ନାହିଁ/ ସେମାନଙ୍କ ସଂପର୍କିତ, ଏକୀଭୂତ ହୋଇଗଲେ, ନିଶୂନ ହାହାକାର କାହିଁ ?'' (କବିତା ସମଗ୍ର, ପୃ. ୧୭୯) । ଏତାଦୃଶ ଉର୍ଦ୍ଧ୍ୱତନ ଜଗତର ଅଭିଜ୍ଞତା ହାସଲ କରିଥିବା ନାରୀକବିଙ୍କର ଚେତନା ଓ କଳ୍ପନାର ସାମର୍ଥ୍ୟ ନିଶ୍ଚୟ ପ୍ରଚୁର । ପ୍ରଚୁର ମଧ୍ୟ ଅପରର ଯନ୍ତ୍ରଣା ପ୍ରତି ସ୍ୱହୃଦୟରେ ପୋଷଣ କରିଥିବା ସହାନୁଭୂତି । ସେହି ସମ୍ବେଦନଶୀଳତାର ଏକ ଅବବୋଧ ଓ ଉଚ୍ଚାରଣ ଉପଲବ୍‌ଧ ହୁଏ ବ୍ରହ୍ମୋତ୍ରୀଙ୍କ ରଚନାରେ– ''କାହାର ଯନ୍ତ୍ରଣା କେତେ ଆମେ କ'ଣ କେବେହେଲେ ବୁଝୁ ?/ ବିଦ୍ରୂପ ହିଁ କରିଥାଉ ଅନ୍ୟର ଅସମୟେ/ ମାପିବାକୁ ଚେଷ୍ଟା

Digitized by PPRACHIN, SOA

କରୁ/ କେବେ ତା' ବ୍ୟଥାର ସରହଦ/ ସେ ଦୁଃଖ ବି ଆମ ଜୀବନରେ । ସ୍ଥିତି ତା'ର ଜାହିର କରିବ ଦିନେ/ ଏ ସତ୍ୟକୁ ବୁଝିବି ବୁଝୁନା ।'' (କବିତା ସମଗ୍ର, ପୃ.୧୭୨) ।

ବନ୍ଧନର ଚୌହଦୀରେ ଥାଇ ମୁକ୍ତିକୁ ଉପଭୋଗ କରିବାର ମାନସିକତା ଭାରତୀୟ ନାରୀର ରହିଛି । ଠିକ୍ ଅନୁରୂପ ଭାବେ ଓଡ଼ିଆନାରୀଟି କବିତା ମାଧ୍ୟମରେ ଅନ୍ତର୍ଜଗତର ବିମୁଗ୍ଧଭାବକୁ ସୂଚିତ କରିଅଛି । କବି ଚିତ୍ତର ମରାଳ, ସ୍ୱପ୍ନର ମାନସରୋବରେ ସଂଚରଣ କରିପାରେ, ଏ ସ୍ୱପ୍ନ ଜାଗତିକ ଜୀବନର ସୁଖ ସୌଭାଗ୍ୟକୁ ନେଇ ସଂଗଠିତ ହୋଇ ନ ଥାଏ । ଆତ୍ମସିଦ୍ଧି ଓ ଆତ୍ମଲୟର ଯେ ଉଚ୍ଚାରଣ– ''କ୍ଷଣେ କ୍ଷଣେ ଦିନ ମାସ ବର୍ଷ ଆବର୍ତ୍ତନେ/ ଏକାନ୍ତ ଗୋପନେ ମାଟିର ମାୟାରେ ହଜି/ ନୀଳ ନୀଳ ଆକାଶର କଣେ/ ଏଇ ମୋର ରାଜହଂସ ଚିତ୍ତ ଦିବା ଓ ରାତ୍ରିର ବୃତ୍ତେ/ ଶୁଣଇ ନିରତ/ ଏ ସୃଷ୍ଟିର ଶାଶ୍ୱତ ସଂଗୀତ ।'' (ରାଜହଂସ, ସଂ. ବର୍ଷାର ବଳାକା-ପୃ.୨୨, ୧୯୮୮. ବନଜଦେବୀ) କ୍ଷୁଦ୍ର ଜୀବନର ସୀମାରୁ ମୁକତିର ଅଭିଳାଷ କବିଙ୍କୁ ଉର୍ଦ୍ଧ୍ୱ ଜଗତକୁ ଉତ୍ତୋଳିତ କରିନିଏ । ପ୍ରକୃତି, ପ୍ରେମ, ମାନବଜଗତ ସବୁକିଛିରୁ କବି ଆହରଣ କରି ନିଅନ୍ତି ମୋହମୁଗ୍ଧ ବିହ୍ୱଳଭାବ । ସଂସାର, ପରିବାର ଓ ସମାଜର ଅବିଚାର, ନିଷ୍ଠୁରତା ସେଠାରେ ଅନ୍ତର୍ହିତ ହୋଇଯାଏ । ବରଂ ଆତ୍ମ ମୁକ୍ତି ଦିଗରେ ଚେତନାର ନିରନ୍ତର ପ୍ରୟାସ କବିସତ୍ତାକୁ ଭୂମା ସହିତ ଏକୀଭୂତ କରିଦିଏ । ଏତାଦୃଶ ଆବିଷ୍କସ୍ୱର– ''ଏ କି ଉତ୍ତରଣ ପୀଠ !/ ଜାଗତିକ ଜୀବନ ଉର୍ଦ୍ଧ୍ୱରେ/ ଯେଉଁଠି ପରମ ତୃଷ୍ଣା, ନିଜ ସାଥେ ନିଜେ ହିଁ ନିମଗ୍ନ/ କିଏ ଏଠି ବଂଶୀ କିଏ ବଂଶୀଆଳ/ କାହିଁ ତାରତମ୍ୟ/ ମନେହୁଏ ସବୁ ତମେ, ତମେ ସ୍ୱପ୍ନ, ତମେ ପ୍ରେମ, ତମେ ଆଲିଙ୍ଗନ ।'' (ତତ୍ରୈବ, ପୃ. ୨୪) । ନାରୀର ଚେତନା ମୁକ୍ତି ପାଇଛି ଓ ଏହି ସହଜ ମୁକ୍ତିପାଇଁ ତାକୁ ଚେତନାଜଗତରେ ବିପ୍ଳବ କରିବାକୁ ପଡ଼ିଛି, କିନ୍ତୁ ସମାଜ ଓ ପରିବାରରେ ପରିବର୍ତ୍ତନ ସେ ଲୋଡ଼ି ନାହିଁ, ଲୋଡ଼ିଲେ ବି ପାଇପାରନ୍ତା ନାହିଁ । ଏ ବିଷୟ ସେ ଭଲ ରୂପେ ବୁଝିଛି । ଚେତନାର ଏହି ମୁକ୍ତି ପର୍ବ ବନଜଙ୍କ କବିତାରେ ଲକ୍ଷ୍ୟ କରାଯାଏ । ଭ୍ରାନ୍ତି, ସ୍ୱାର୍ଥାନ୍ଧତା କ୍ଷଣପ୍ରୀତି, – ଏ ସବୁର କବଳରୁ କବି ଚିତ୍ତ ମୁକ୍ତ ହୋଇ ଗାନ କରେ– ''ସେ କାରା ଭାଙ୍ଗିଛି ଆଜି/ ମୁକ୍ତ ମୁଁ କରିଛି ମତେ/ ଖୋଲ ରୁଦ୍ଧଦ୍ୱାର/ ମୁଁ କରିଚି ମତେ ଉନ୍ମୋଚନ/ ମୁଁ ଦେଖୁଚି ମତେ ଆଜି/ ଏକାନ୍ତ ବିଜନେ ।'' (ତତ୍ରୈବ, ପୃ. ୧୦୨)

ନାରୀଟି ବହୁସ୍ଥଳରେ ପ୍ରାଣର ବାନ୍ଧବଟିଏ ଖୋଜିଛି ଓ ତା'ର ମନୋମତ ବନ୍ଧୁଟିଏ ତାକୁ ମିଳି ନାହିଁ । ପିତା,ପତି, ପୁତ୍ର, ଜ୍ଞାତି ପରିଜନ ବେଷ୍ଟିତ ଜୀବନରେ ଯଥାର୍ଥ ଆତ୍ମୀୟତା ସେ ପାଇପାରି ନାହିଁ । ତେଣୁ ପୁରାଣକଳ୍ପକୁ ଆଶ୍ରୟ କରି ନାରୀଟି ଆପଣାର ସଖା ପାଇବାର ଅଭିଳାଷକୁ ଉଜ୍ଜୀବିତ ରଖିଛି । କବି ଶକୁନ୍ତଳା ଦେବୀ ତେଣୁ ସକଳ ଦୁର୍ଭାଗ୍ୟ ମଧ୍ୟରେ ଆଶ୍ୱାସନାର ସ୍ୱର ଖୋଜିଛନ୍ତି– ଆସ୍ଥା ସ୍ଥାପନ କରିଛନ୍ତି ଏକ ଅସାଧାରଣ କଳ୍ପନାଠାରେ– ''ପ୍ରାଣର ବାନ୍ଧବ ମୋର ହେ ମାଧବ !/ ବିଦାୟର ଅନ୍ତିମ ବେଳାରେ/ ଶେଷ ପ୍ରଶ୍ନ ପଚାରି ମୁଁ/ ଏ ନଶ୍ୱର ଶରୀରକୁ ଛାଡ଼ିଦେଇ ଯିବି ।'' (ଯାଜ୍ଞସେନୀ, ସଂ. ଅମୋକ୍ଷଇନ୍ଦ୍ରିୟ, ପୃ. ୧୭) ମିଳନ ମଧୁର ସମୟ ଯେତେ ବେଶି ଅସମ୍ଭବ

Digitized by PPRACHIN, SOA

ମନେହେଉଥାଏ, ସେତେବେଳେ କବିଟି ଅନ୍ତଃପ୍ରେରଣାଦ୍ୱାରା ପ୍ରେରିତ ହୋଇ ନିଜକୁ ସରାଗମୟ କରିବସେ । ସେଇ ତୁମେ, ସେଇ ପୂର୍ଣ୍ଣପୁରୁଷ, ସେହି କଳ୍ପନା ପୁରୁଷକୁ ପ୍ରତୀକ୍ଷା କରିବାର ଆତ୍ମବିଶ୍ୱାସ ଦୃଢ଼ୀଭୂତ ହୋଇଥାଏ । ''ମୁଁ ଚାହିଁଚି, ଚାହିଁଥିବି ମିଳନର ସେଇ ଲଗ୍ନ, ଶୁଭ ମୁହୂର୍ତ୍ତକୁ/ ତୁମେ କେବେ ଆସିବ ଓ ସତରେ ଆସିବ !/ ମୋ ସରାଗ, ଅନୁରାଗ, ଶାଖାରେ, ଲତାରେ, ନୂଆ ଭାବଟିଏ ପୁଣି ସୃଷ୍ଟି ହେବ/ ଅନବଦ୍ୟ ପ୍ରେରଣାର ଚିତ୍ରାଙ୍ଗୀ ମୁଦ୍ରାରେ ।'' (ତତ୍ରୈବ, ପୃ. ୩୬)

ନାରୀଟିଏ ନିଜର ସୀମିତ ସତ୍ତାକୁ ପ୍ରସାରିତ କରିପାରେ ଓ ସାରାଜଗତର ଶୋକୋଲ୍ଲାସକୁ ନିଜ ସତ୍ତା ମଧ୍ୟରେ ଅନୁଭବ କରିପାରେ । ଚେତନା ଓ ମନନର ବିପୁଳ ପ୍ରସାରଣ ହେତୁ ସେ ରୁଦ୍ଧ ନୁହେଁ ବା ଏକକ ନୁହେଁ । ସାର୍ବଜନୀନ ସ୍ତବ୍ଧତା ଓ କୋଳାହଳକୁ ଭୋଗିବାକୁ ସେ ପ୍ରସ୍ତୁତ । କବି ସୌଦାମିନୀ ନନ୍ଦ କହନ୍ତି – ''ଏକକ ସତ୍ତା ମୁଁ / ମୁଁ କିନ୍ତୁ ବହନ କରେ ଦୁନିଆର ପ୍ରତିଟି ସ୍ପନ୍ଦନ/ ଅସୁମାରି କୋଳାହଳ, ଅବ୍ୟାହତ ସ୍ତବ୍ଧ ନୀରବତା/ ସବୁପାଇଁ ରହିଛି/ ମୋ ଅନୁଭବ ସ୍ଥିତିସ୍ଥାପକତା ।'' (ବାହୁଡ଼ା ବିଜୟ ବେଳେ, ସଂ. ସୂର୍ଯ୍ୟାଭିଳାଷ, ପୃ. ୮) କବି ଅସ୍ତିତ୍ୱ ପ୍ରସରିଯାଏ, ଆକାଶଭଳି ପରିବ୍ୟାପ୍ତ ହୋଇଯାଏ । ସେ ବ୍ୟାପ୍ତିର ପୁଣି ଆଦୌ ଶରୀର ନ ଥାଏ । ଏଠାରେ କବିଙ୍କପାଇଁ ଆକାଶ ଏକ ଇନ୍ଦ୍ରିୟ ସଂବେଦ୍ୟ ନାରୀ । ସେ ନାରୀ ନୀଳଶାଢ଼ି ପରିହିତା । ଆକାଶ ଭଳି ମଧ କବିଙ୍କ ସ୍ୱପ୍ନର ଇଲାକା– ସେଠାରେ ସେ ଅଭିଭୂତା– ଶୂନ୍ୟ ହିଁ ଶୂନ୍ୟର ପରିଚୟ ହୋଇପାରେ । ଏହିଭଳି ଏକ ବାୟବୀୟ (ଆବ୍‌ଷ୍ଟ୍ରାକ୍ଟ) ଉପଲବ୍‌ଧିରେ କବିଚିତ୍ତ ଦେହର ଦେହଳୀ ଟପି ପ୍ରସରିଯାଏ ଅନନ୍ତ ସ୍ୱପ୍ନ ଇଲାକାକୁ– ''ନିଜକୁ ଖୋଜିବା ଆଉ ନିଜଠାରେ ହଜିବାର ତୃପ୍ତି ଏକା/ ଆକାଶ ଇ ଜାଣେ/ ଶୂନ୍ୟତାର ପରିଚୟ ଶୂନ୍ୟତା ହିଁ ନିଜେ/ ଜହ୍ନ କି ପବନ ନୁହେଁ/ ନୁହନ୍ତି ବି ସୂର୍ଯ୍ୟ ଓ ତାରକା/ ଦେହର ଦେହଳୀଟାକୁ ଟପି ଆସିଲାପରେ ହିଁ/ ବିସ୍ତୀର୍ଣ୍ଣ ମୋ ସ୍ୱପ୍ନର ଇଲାକା ।'' (ତତ୍ରୈବ, ସ୍ୱପ୍ନଭଂଗ, ପୃ. ୬୯)

ନିଜ ଘରର ଚୌହଦୀ ଭିତରେ ସଂସାର-ଜଞ୍ଜାଳରେ କ୍ଷୟ ପାଇଯାଉଥିବା ନାରୀସତ୍ତା ତଥାପି ଏକ ବିପୁଳ ଆହ୍ୱାନକୁ ଶୁଣିପାରେ । ଶୁଣିପାରେ, ମାତ୍ର ନିଜର ଦୟନୀୟ ସ୍ଥିତି ହେତୁ ତା' ଚେତନାର ଏଇ ଉତ୍ତରଣ ଯେ ଅନ୍ୟମାନଙ୍କଦ୍ୱାରା ସ୍ୱୀକୃତ ହୋଇପାରିବ, ଏଥି ନିମିତ୍ତ ସେ ସଂଦିଗ୍‌ଧା । କବି ପ୍ରତିଭା ଶତପଥୀ ନିଜ ସ୍ଥିତିର ଏତାଦୃଶ ବିରୋଧାଭାସକୁ ରୂପପ୍ରଦାନ କରନ୍ତି– ''ପଥର ଚକି ମଝି ମାଣିଖୁଣ୍ଟ ପରି/ ସହଜ ଧର୍ମରେ କ୍ଷୟ ପାଇଯାଇଥିବା ମୁଁ/ ପାଣି ବାଲ୍‌ଟିରେ ଗୋଡ଼ିଟାଏ ପରି/ ନିସ୍ତବ୍‌ଧ ନୀରବତାରେ ବୁଡ଼ି ଯାଉଥିବା ମୁଁ/ ଅଶ୍ରୁତ ଆଶ୍ୱାସନାମୟ କାହାର ଏ ସ୍ୱରଟି/ ସତେରେ ଶୁଣିପାରେ...xx ଅବଶ୍ୟ ଅଫିସରୁ ଘର/ ରନ୍ଧାଘରୁ ପିଲାଙ୍କ ପଢ଼ାଟେବୁଲ୍ ଯାଏ/ ଘୂରି ବୁଲୁଥିବା ମୁଁ/ ପାନିଆଁରୁ ଗୋଛା ଗୋଛା ଉପୁଡ଼ା କେଶକୁ କାଢ଼ି ଫିଙ୍ଗି ଦଉଥିବା ମୁଁ/ କ୍ଷୁଦ୍ରତା, ନୀଚତା ଓ ନିଶ୍ୱରତାରେ ଛନ୍ଦି ହେଉଥିବା ମୁଁ/ ଏଇ ଡାକକୁ ଶୁଣିପାରେ ବୋଲି/ କେହି ସତ ମଣିବେ ନାହିଁ ।'' (ନିୟତ ବସୁଧା ୨ୟ, ସଂ. କାହା ଡାକ ପୃ. ୩୩-୩୪ ୧୯୮୦) ।

Digitized by PPRACHIN, SOA

ସଂସାରୀ ସ୍ଥିତିଟି ବଡ଼ ନ୍ୟୂନ, ଛଟପଟ । ତୋର ପ୍ରତୀକ ରୂପ ହୋଇପାରେ 'ଗୋଠଜଗୁଆଳ' । ସେ ଖରା, ବର୍ଷା, ଶୀତ ସହି ଗୋଠ ଜଗେ, ଗାଈ ଗୋଠ, ମଇଁଷି ଗୋଠ ବା ହୋଇପାରେ ଛେଳି ମେଣ୍ଢାଙ୍କ ଗୋଠ । ମାତ୍ର ତା'ର ଅନ୍ତଃସତ୍ତା ଏଥିରେ ପରିତୃପ୍ତି ପାଏ ନାହିଁ । ଏକ ମଧୁର କଳାତ୍ମକ ଅଭିବ୍ୟକ୍ତିପାଇଁ ସେ ବ୍ୟାକୁଳ । ସେଥିପାଇଁ ତା' ଅଣ୍ଟାରେ ବଇଁଶୀଟିଏ ଖୋଷିଥାଏ । ସମୟ ଓ ସୁଯୋଗ ଦେଖି ପ୍ରାଣର ଉଚ୍ଚାଟନକୁ ବଇଁଶୀରେ ସ୍ୱର ସଂଯୋଗକରି ସେ ପ୍ରସ୍ଫୁଟିତ କରେ । ଏହି ବଇଁଶୀଆଳ ରୂପଟି ଜଣେ ସୃଜନଶୀଳ ନାରୀର, ଜଣେ କବିର ପ୍ରତୀକ ହୋଇଯାଏ ।

ଗୋଠ ଜଗୁଆଳ ଓ ବଇଁଶୀଆଳ ଏ ଦୁଇଟି ସତ୍ତା ମଝିରେ ନାରୀଟିର ଜର୍ଜରିତ ଅସ୍ତିତ୍ୱ ଉପସ୍ଥିତ ରହିଥାଏ – ''ଏମିତି ମୁଁ ଧନ୍ଦି ହେବି/ ଏ ହାତେ ଗୋଠ ପାଞ୍ଚଣ ସେ ହାତେ ବଇଁଶୀ/ ଆକାଶ ସାଥିରେ ମାଟି ମାଟିରେ ଆକାଶ/ ଯୋଡୁଥିବ ଚିରକାଳ/ ସତେ ଅବା ପବନର ଗୋଟିଏ ହିଲ୍ଲୋଳ । ଶୂନ୍ୟସଙ୍ଗେ କଠିନକୁ ଯୋଗ କରୁଥିବି ମୁଁ ବଇଁଶୀଆଳ ।'' (ତତ୍ରୈବ ପୃ. ୧୪)

କବିତ୍ୱର ଏତାଦୃଶ ସମ୍ମୋହନରେ ଘାରିହେଉଥିବା ଚିରାଚରିତ ପାରମ୍ପରିକ ନାରୀଜୀବନର ଅଦ୍ଭୁତ ସ୍ଥିତିକୁ କବି ଅଙ୍ଗେ ନିଭେଇଛନ୍ତି । ସେଥିପାଇଁ କପଟ ଛଳରେ ନାରୀର କବିପଣର ଆକୁଳତାକୁ ଉଚ୍ଚାରିଛନ୍ତି– ''କବି ହେବା ମାନେ କ'ଣ ? ରନ୍ଧାଘର ଝର୍କା ସେପଟେ/ କଅଁଳ କଦଳୀଭଣ୍ଡା ପରି ବାହାରି ଆସୁଥିବା/ ଜହ୍ନକୁ ଚାହିଁ ରହିବା ଏକୁଟିଆ ଘରେ/ ଟେବୁଲ୍‌ରେ, ତକିଆରେ ମୁହଁମାଡ଼ି/ ଲୁହରେ ଭାଙ୍ଗି ପଡ଼ିବା ? ×× (କହିହେବା ମାନେ କ'ଣ, ସଂ. ନିୟତ ବସୁଧା ପୃ. ୪୪-୪୫)

ପ୍ରାଣର ସୁଗନ୍ଧକୁ ନାରୀଟିଏ ଚିହ୍ନିପାରେ । ଜାଗତିକ ସଂସାରର ଦୈନନ୍ଦିନତା ଭିତରେ ସେ ଏକ ଅପୂର୍ବ ପୁଲକିତ ଅନୁଭବକୁ ପ୍ରତ୍ୟକ୍ଷ କରିଥାଏ । ସେହି ଉର୍ଦ୍ଧ୍ୱତନ ଅନୁଭବକୁ ସେ ହୁଏତ ସ୍ପର୍ଶ କରିପାରେନା, ମାତ୍ର ତା'ର ଅବବୋଧରେ ସେହି ଅନୁଭବ ସଂଜୀବିତ ହୋଇ ତା' ଅସ୍ତିତ୍ୱକୁ ଅର୍ଥମୟ କରିଦିଏ । ସୁଗନ୍ଧ, ଶୂନ୍ୟତା ଓ ବିଶ୍ୱାସ ଏହି ଅନୁଭବର ଅନ୍ୟ ଏକ ପରିଭାଷା । କବି ପ୍ରତିଭା ଶତପଥୀ ଏ ଉଚ୍ଚାଟନର ସ୍ୱର ଶୁଣାନ୍ତି– ''ପ୍ରାଣଶକ୍ତି ଫୁଲଟିଏ । ସେ ଫୁଲର ତିନିଥାକ ପାଖୁଡ଼ା ଭିତରେ/ ତୁମେ ସୁଗନ୍ଧ/ ×× ତୁମେ କ'ଣ ମୋରି ନିର୍ଯାସ ? ବିଶ୍ୱାସ ମୋର ? ×× କି' ଅନିର୍ବଚନୀୟ ପୁଷ୍ପାୟିତ ରତ୍ନ/ ଭିଜେଇ ଦଉଚି ମୋର ରସାତୁର ଅସ୍ତିତ୍ୱ/'' (ପୁଷ୍ପାୟିତ ରତ୍ନ, ସଂ. ନିମିଷେ ଅକ୍ଷର, ପୃ. ୨୬-୨୭) କବିଟି ନିଜ ସାଂସାରିକ ସ୍ଥିତିର ସ୍ୱରୂପକୁ ବଡ଼ ବିସ୍ୱାଦକର ମନେକରିଛି । ତା' ପାଇଁ ସଂସାର କୁଣ୍ଠିତ । ଉତ୍ତୀର୍ଣ୍ଣ କୌଣସି ଅନୁଭବକୁ, ସ୍ୱପ୍ନକୁ, ବିହ୍ୱଳତାକୁ ସଂସାର ଚିହ୍ନେ ନାହିଁ, ସ୍ୱୀକାର କରେ ନାହିଁ । ସଂସାରକୁ ଘେରି ଥାଆନ୍ତି ଯେଉଁ ମଣିଷ, ନାରୀଟିର ପ୍ରିୟ ପରିଜନ, ନାରୀର ପ୍ରାଣର ଅଭୀପ୍ସା ବୁଝିବାପାଇଁ ସେମାନଙ୍କର ଚାହିଦା ନ ଥାଏ । କେଉଁ ଯୁଗରୁ ନାରୀ ଯେ ଶରୀର-ସର୍ବସ୍ୱ ଏକ ଅସ୍ତିତ୍ୱରେ ପରିଣତ ହୋଇଯାଇଛି ! ଏଠାରେ କବି ସେହି କୁଣ୍ଠିତ ସଂସାରର ହୃଦୟହୀନତାକୁ ରୂପ ଦିଅନ୍ତି, ଯେଉଁ ହୃଦୟହୀନତା

Digitized by PPRACHIN, SOA

କବି ବ୍ୟକ୍ତିତ୍ୱର ଉତ୍ତରଣକୁ ସ୍ୱୀକାର କରେ ନାହିଁ– "ଅନେଇଁ ଦେଲାବେଳକୁ/ କୁଣ୍ଠିତ ସଂସାରଟିଏ/ ଅଣ୍ଟା ଭାଙ୍ଗି ଛିଡ଼ା ହେଇ ଥର ଥର ହାତରେ ଯାଚୁଚି/ ଚିତ୍ରିତ ରୁମାଲ ଖଣ୍ଡେ/ ସେଥିରେ ରହିଚି ଅଙ୍କା/ ଛାତି ନ ଥିବା ଲୋକର ଛବିଟିଏ/ ଗ୍ରହଣ ନ କଲେ ବି ମୁଁ/ କି ଦର୍ପରେ ଅନାଉଚି ସିଏ !" (ତତ୍ରୈବ, ପୃ. ୪୦) । ଚିରାଚରିତ ଜୀବନକୁ ଆପଣେଇ ନେଲାବେଳେ ତଥାପି ନାରୀଟିଏ ତା'ର ଉତ୍ତୀର୍ଣ୍ଣ ଅଭିଳାଷକୁ ପ୍ରତୀକ୍ଷା କରି ରହିଥାଏ । ପ୍ରତୀକ୍ଷା ପ୍ରତ୍ୟାଶାରେ ପରିଣତ ହୁଏ । ଏହି ପ୍ରତ୍ୟାଶିତ ଅବବୋଧଟି କେତେବେଳେ ଓହ୍ଲାଇଆସେ କବିଙ୍କ ଚେତନା ଜଗତକୁ, ଜୀବନର ସଂକୀର୍ଣ୍ଣତା ଭିତରେ ବିପୁଳତାର ଯେ ଉପଲବ୍‌ଧି ନାରୀର ଅସ୍ତିତ୍ୱକୁ ଏକ ଚିରନ୍ତନ ଉତ୍ତରଣରେ ଉପନୀତ କରିଥାଏ । ଏଭଳି ଏକ ମହିମାମୟ ଅବବୋଧକାଳରେ କବି ପୃଥିବୀକୁ ମଧ୍ୟ ସେଥିରେ ଅଂଶୀଦାର କରନ୍ତି । କବିଙ୍କ ଉଚ୍ଚାରଣରେ – "ସେ ବିପୁଳ ସମ୍ଭାବନା କ'ଣ/ ଯେ କୌଣସି ମୁହୂର୍ତ୍ତରେ ଆଜି/ ଶୁଆପରଟିଏ ପରି ଖସିପଡ଼ିବ ମୋ/ ଗହଳ କେଶ ଉପରେ ? ତତ୍‌କ୍ଷଣାତ୍ ମୋ ଓଠରୁ/ ଉପଯୁକ୍ତ ପ୍ରତ୍ୟୁତ୍ତରଟିଏ/ ଠିଆହବ ପୃଥିବୀର/ ଅସମାହିତ ଅନେକ ପ୍ରଶ୍ନଙ୍କ ସାମ୍ନାରେ ?" (ପ୍ରତ୍ୟାଶିତ, ନି.ଅ. ସଂ. ପୃ. ୧୦୮) ସନ୍ତାପ ଉପରେ ପାଦଥୋଇ ଚାଲିଗଲାବେଳେ ନାରୀଟିଏ ନିଜ ସତ୍ତାର ଶକ୍ତିକୁ ଅନୁଭବ କରେ । ସେ ଏଇ ସନ୍ତାପରେ ଆକ୍ରାନ୍ତ ହେବାର ନୁହେଁ ବୋଲି ତା'ର ହୃଦ୍‌ବୋଧ ହୁଏ । ତା' ସ୍ଥିତିର ଉଚ୍ଚତା ଓ ବ୍ୟାପକତା ଏତେ ବିଶାଳ ଯେ, ଏହାକୁ ଆକଳନ କରିବା କାଳରେ ନାରୀଟିଏ ସ୍ତବ୍ଧ ହୋଇଯିବାର ସ୍ୱୀକାର କରେ । ×× ମାତ୍ର ଏମିତି ପ୍ରତ୍ୟୟ ହୁଏ "ଅକସ୍ମାତ ପାଲଟିଚି ମୁଁ ନିଜେ ନକ୍ଷତ୍ର/ ଚତୁର୍ଦ୍ଦିଗେ ବ୍ୟାପୁଥିବା ତେଜର ସ୍ପର୍ଶରେ/ ମୁଁ ନିଜେଇ ସ୍ତବ୍ଧ ଦାରୁଭୂତ ।" (ନବମୁହୂର୍ତ୍ତ, ସଂ.ଶାଳିନୀ, ଜୟନ୍ତୀର, ପୃ. ୨୪) ସାଧାରଣ ମଣିଷର ମରଣଶୀଳ ଶରୀର, ଜନ୍ମମୃତ୍ୟୁ ବନ୍ଧରେ ଛନ୍ଦି ହେଇଥିବା ଆତ୍ମାକୁ ଗ୍ରହଣ କରି ନାରୀଟିଏ ବିଶ୍ୱବ୍ରହ୍ମାଣ୍ଡର ଏକାତ୍ମତାକୁ ଉପଲବ୍‌ଧି ଭିତରେ ଆଣେ । ପରମସତ୍ତାର ସେହି ଦିଗ୍‌ବିଦିଗବ୍ୟାପୀ ଅଦୃଶ୍ୟ ରୂପକୁ ହୃଦୟରେ ଘେନେ । ପୃଥିବୀ, ଆକାଶ, ମହାଶୂନ୍ୟ – ଏ ସବୁକିଛିରେ ଏକ ବିଶୁଦ୍ଧ ସତ୍ୟର ରୂପକୁ ସଂଦର୍ଶନ କରିପାରେ । କବି ଜୟନ୍ତୀ ନିଜ ଅସ୍ତିତ୍ୱକୁ ମହିମ୍ନ ବୋଲି ବୁଝନ୍ତି ଓ ନିଜଠାରେ ଅମିତ ତେଜ ଥିବାର ବିଶ୍ୱାସ କରନ୍ତି । ଉତ୍ତୀର୍ଣ୍ଣ ସେହି ମହାସତ୍ତାସହ ଏକ ଗଭୀର ନିବିଡ଼ ଯୋଗାଯୋଗ ପ୍ରତିଷ୍ଠାକରି ବ୍ୟକ୍ତ କରନ୍ତି ସ୍ୱଆତ୍ମବିଶ୍ୱାସ । ସେଇଥିପାଇଁ ତ ସେଇ ଗୋପ୍ୟ ସତ୍ୟଟିକକ ବୁଝିଯିବାପରେ ×× "କିଛି ହିଁ ପ୍ରଭେଦ ମୋତେ ଦିଶୁ ନାହିଁ/ ମରୁରେ, ନଦୀରେ, ମେଘରେ, ବର୍ଷାରେ/ କିଶଳୟ ବା ମହାଦ୍ରୁମରେ/ ନୀଳଶୈଳ, ଶ୍ୟାମଳପୃଥିବୀ/ ଅବା ମହାଶୂନ୍ୟ ସୋପାନରେ ।" (ତତ୍ରୈବ, ଶେଷ ଅହଂକାର, ପୃ. ୫୧)

ଏକୁଟିଆ ଝିଅଟିର ଅନ୍ତର୍ମନର ସ୍ୱରୂପ ଉଦ୍‌ଘାଟିତ ହୁଏ କବିଙ୍କ ମନନଶୀଳ ଲେଖନୀରେ । ଏକାକିନୀ ଝିଅଟିର ସ୍ୱରୂପର ପ୍ରତୀକ ହୋଇପାରେ ଜଳ ବିନ୍ଦୁଟିଏ, ଯାହା ସୂର୍ଯ୍ୟକୁ ଧରି ରଖିଥାଏ ତା' ନିଜ ଭିତରେ । ଝିଅଟିର ନଗଣ୍ୟ, ତୁଚ୍ଛ ଅସ୍ତିତ୍ୱର ପ୍ରତୀକତା

Digitized by PPRACHIN, SOA

କରେ ଏତେ ବଡ଼ ଜଙ୍ଗଲର ସାରୁପତ୍ର ଉପରେ ବୁନ୍ଦାଏ ପାଣି । ଅଥଚ ପ୍ରଚଣ୍ଡ ତେଜସ୍ୱୀ ସୂର୍ଯ୍ୟଙ୍କୁ ନିଜ ଅଭ୍ୟନ୍ତରରେ ପ୍ରତିଫଳିତ କରିବାର ସାମର୍ଥ୍ୟ ସେ ଧରିରଖେ । ସେହିପରି ଝିଅଟି ବିପୁଳ ସ୍ୱପ୍ନ, କଳ୍ପନାକୁ ନିଜ ଭିତରେ ଧାରଣ କରିଥାଏ । ନିଜ ଅସ୍ତିତ୍ୱର ଗୌରବକୁ ବି ଅନୁଭବ କରିଥାଏ । ସେ ଯେ ଖାଲି ଦେହଟିଏ ନୁହେଁ, ଦେହଠାରୁ ବହୁ ଅଧିକ ଏକ ପରିବ୍ୟାପ୍ତ ଚେତନର ଅଧିକାରିଣୀ, କବି ସେହି ଅସ୍ତିତ୍ୱକୁ ବ୍ୟକ୍ତ କରନ୍ତି– "କିଏ ଜାଣେ/ ସମସ୍ତେ ଦେଖନ୍ତି ତାକୁ/ ତା' ଦେହର ଫ୍ରେମ୍‌ଟିରେ । ×× ଏତେ ବଡ଼ ସାରୁପତ୍ର ଉପରେ ଢଳ ଢଳ ବିନ୍ଦୁଏ ଜଳ/ ଅବିଚଳ/ ଧରି ରଖିଥାଏ ସୂର୍ଯ୍ୟକୁ/ ଆପଣା ଭିତରେ ।" (ନୈମିଷାରଣ୍ୟ ବୈ ପୃ. ୧୬, ଏକୁଟିଆ ଝିଅଟିଏ, ମମତା ଦାଶ)

ଊର୍ଦ୍ଧ୍ୱତନ ଜଗତର ଏକ ଅନୁଭବ ସଞ୍ଚରି ଯାଇପାରେ ପାଷାଣ ଦେହରେ । ସେ ପାଷାଣ ଯଦି ହୋଇଥାନ୍ତି ଅହଲ୍ୟା, ପୁରାକଳ୍ପର ଏକ ଚରିତ୍ର । ତାଙ୍କ ପ୍ରେମ ରାମ-ପ୍ରେମର ବିଭୂତିରୁ ସଂଜାତ । ଏହି ପ୍ରେମାନୁଭବ ତାଙ୍କ ଚେତନାର ଦିଗ୍‌ବଳୟକୁ ଆଲୋକରେ ଉଦ୍ଭାସିତ କରିଦିଏ । ଦେହର ଉପଭୋଗର କୌଣସି ବୀଭତ୍ସ ଦାଗ ସେଠାରେ ରହେ ନାହିଁ । ସେ ଯେ ଏକ ସ୍ୱଚ୍ଛ, ସମର୍ପିତ ଆତ୍ମାର ସ୍ପନ୍ଦନ । ଏଭଳି ଉତ୍ତୀର୍ଣ୍ଣ ଅନୁଭବର ସ୍ୱର ଏଠାରେ ଉଦ୍ଧାର କରାଯାଉଛି । "ପ୍ରଥମେ କସ୍ତୁରୀ, ଚନ୍ଦନର ଛିଟିକା/ କି କଅଣ/ ତୀକ୍ଷଣ ଛୋଟ ତୀର ଭଳି ଭେଦିଗଲା ପିଠି ଉପରେ/ ଶିରାପ୍ରଶିରା ଲଟେଇଗଲେ ତା' ପରେ/ ଲଳିତ ଲତିକା ଶ୍ରେଣୀ ପରି/ ଉଷୁମ ରକ୍ତ ସଂଚରିଗଲା ମନପ୍ରାଣରେ ।" (ପବିତ୍ର ପ୍ରତାରଣା, ୧୯୯୪), ସଂ, ଉଜ୍ଜ୍ୱଳ ଉପବନ, ମମତା ଦାଶ, ପୃ, ୭୮) ।

ଶତାବ୍ଦୀବ୍ୟାପୀ କୁସଂସ୍କାରକୁ ଅସ୍ୱୀକାର କରି ସେଥିରେ ପରିବର୍ତ୍ତନ ଘଟାଇ ଏକ ନୂତନ ଅର୍ଥମୟ ଜୀବନ ବଞ୍ଚିବାର ମାର୍ଗ ଜଣେ ନାରୀ ପାଇଁ ହୁଏ ସୁଦୂର ପରାହତ । ଯେଉଁ କତିପୟ ମହିଳା ଆପଣାର କବିତା ମାଧ୍ୟମରେ ପ୍ରତିବାଦ ଓ ବିପ୍ଳବର ସ୍ୱର ଶୁଣାଇଛନ୍ତି, ସେଥିରେ ହୁଏତ କିଛିଟା ବ୍ୟକ୍ତିତ୍ୱ-ସଚେତନତା ପରିଦୃଷ୍ଟ ହୋଇଛି । ମାତ୍ର ଜଣେ ସୃଜନଶୀଳା, ମର୍ଯ୍ୟାଦାବନ୍ତ ନାରୀ ବାହ୍ୟମୁକ୍ତିକୁ ମୁଖ୍ୟ ମନେ ନ କରି ଅନ୍ତର୍ମୁକ୍ତି ନିମିତ୍ତ ଧ୍ୟାନଶୀଳ ହୋଇଛି । ଜୀବନର ବୃହତ୍ତର ଅର୍ଥକୁ ହୃଦୟଙ୍ଗମ କରି ଆତ୍ମଶକ୍ତିର ପ୍ରତିଷ୍ଠା ଦିଗରେ ଆଶାୟୀ ହୋଇଛି । "ତୁମର ବଳିଷ୍ଠ ବାହୁ ଉପାଧାନ ଥିଲା/ ପରମ ଭରସା ଥିଲା/ ସ୍ୱପ୍ନ ଥିଲା, ଈର୍ଷା ଥିଲା, ଆବେଗ ବି ଥିଲା/ ସେଦିନ ମୋ ଆଖିରେ ବିମ୍ବିତ/ ଝଲମଲ ରୂପେଲି ଜାଲଟି/ ପୃଥିବୀକୁ ଆକାଶକୁ ଛନ୍ଦି ରଖିଥିଲା" ('ଭବିଷ୍ୟତ୍‌ଠାରୁ ବୃହତ୍ତର', ସଂ.. ମହାମେଘ ୧୯୮୮, ପୃ. ୧୦୪, ପ୍ରତିଭା ଶତପଥୀ) । ଏଠାରେ ଉଚ୍ଚାରିତ 'ତୁମେ' ଶବ୍ଦଟି ସେହି ପରାମସତ୍ତା ବା ଆତ୍ମସତ୍ତାର ଉତ୍ତୀର୍ଣ୍ଣ ରୂପ ବୋଲି ଗ୍ରହଣ କରାଯାଇପାରେ । ପରମ ସତ୍ତାଠାରେ ନିବିଡ଼ ଆସ୍ଥାସ୍ଥାପନ କରି କବି ଦୈନନ୍ଦିନ ଜୀବନର ଅସାରତାକୁ, ବିଭଙ୍ଗତାକୁ ଭୁଲିବାର ପ୍ରୟାସ କରିଛନ୍ତି । ନିଜ ଆତ୍ମାର ସଂକୀର୍ଣ୍ଣତା, ଲୋଭ, ଗ୍ଲାନି, ସ୍ୱାର୍ଥଆଶାର ତୁଚ୍ଛତାକୁ ବିଶ୍ଳେଷଣ କରି, ନିଜ ସତ୍ତାର ଊର୍ଦ୍ଧ୍ୱତନ ଅଭୀପ୍‌ସା ସଂପର୍କରେ ସଚେତନ ହୁଅନ୍ତି । ଏହି ସଚେତନତା, ତାଙ୍କୁ ବିପୁଳ ଜୀବନର ଆକର୍ଷଣରେ

Digitized by PPRACHIN, SOA

ମଗ୍ନ କରି ରଖେ । ସାରା ଜୀବଜଗତ ପ୍ରକୃତି ଓ ବ୍ୟକ୍ତି ସତ୍ତା ଏହି ଆକର୍ଷଣର ପ୍ରତିବିମ୍ବ ବହନ କରେ ଓ ରୂପାନ୍ତରିତ ହୋଇଯାଏ । କବିଙ୍କ ଉପଲବ୍ଧିରେ ମାନବୀ ଅସ୍ତିତ୍ୱର ମହିମ୍ନ ରୂପ ପ୍ରକଟିତ ହୁଏ । ମାଟିଲଗ୍ନା, ପାର୍ଥିବ ଏ ଶରୀର ସତ୍ତା ଜରା, ବ୍ୟାଧି, ଦୁଃଖଶୋକରେ ଜର୍ଜରିତ ହେଲାବେଳକୁ କବିସତ୍ତାର ଅପରାର୍ଦ୍ଧ ଏକ ବୃହତ୍ତର ସତ୍ତାର ଉନ୍ନତ ଉପଲବ୍ଧିଠାରେ ସମାହିତ ହୋଇ ରହେ– ''ଏଠି ଯେ ଅର୍ଦ୍ଧେକ ମୋର/ ଜରାବ୍ୟାଧି ଦୁଃଖଶୋକ ସନ୍ତୁଳିତ ଦେହ ମୋର/ ଏଇଠାରେ ଭୂପତିତ ଭବିଷ୍ୟତ୍ ମୋର/ ତୁମଠାରେ କିଏ ପୁଣି ?/ ମୋ ସତ୍ତାର ଅପରାର୍ଦ୍ଧ ?/ ଭବିଷ୍ୟତଠାରୁ ବଡ଼/ ସମଗ୍ରତା ଠାରୁ ବୃହତ୍ତର ।'' (ତତ୍ରୈବ, ପୃ. ୧୧୨)

ବ୍ୟକ୍ତିର ଆଶା, ସ୍ୱପ୍ନ, ଅଭିଳାଷ ଓ ଉପଲବ୍ଧି ଏତେ ସୁନ୍ଦର, ମହାନ୍ ହୋଇଥିବା ସ୍ଥଳେ ଜରାବ୍ୟାଧି ଦୁର୍ବିପାକଜନିତ ସେହି ମହାନତାର ବିଲୟକୁ କବି ସହ୍ୟ କରିପାରନ୍ତି ନାହିଁ । ତେଣୁ ଜୀବନର ବୃହତ୍ତର ସତ୍ୟ ନିକଟରେ ସେ ପହଞ୍ଚି ଯାଆନ୍ତି, ସେ ନାରୀ ସତ୍ତାଟି ଆତ୍ମା ଓ ଶରୀର ସହ ସେଠାରେ ଉପନୀତ ହୁଅନ୍ତି । ଭାଗ୍ୟ ହାତରେ ବ୍ୟକ୍ତି ଯେ କ୍ରୀଡ଼ନକ ଏହା ସ୍ୱୀକାର କରିବା ଜଣେ ଦୃପ୍ତ ମାନସିକତାର ନାରୀପକ୍ଷେ ଦୁରୂହ ହୋଇପଡ଼େ । ଭାଗ୍ୟକୁ ଗ୍ରହଣ କରିନେବା ଅସମ୍ଭବ ମନେହୁଏ । କବି ପ୍ରତିବାଦ କରନ୍ତି । ଆପଣାର ନାରୀ ଶରୀରର ସଂକୀର୍ଣ୍ଣତାରୁ ମୁକୁଳି ତାଙ୍କ ମାନସିକତା ବିଶ୍ୱବ୍ୟକ୍ତିତ୍ୱର ସ୍ତରକୁ ଉନ୍ନୀତ ହୋଇଯାଏ । ସେ ପ୍ରତିବାଦ ସ୍ଲୋଗାନ୍ ନୁହେଁ, ରାଜରାସ୍ତାର ବିପ୍ଲବ ନୁହେଁ, ବରଂ ଭାବଜଗତର, ଚେତନାସ୍ତରର ଏକ ବିପ୍ଲବ । ପ୍ରେମ ଓ ପ୍ରାର୍ଥନାରେ ଓତପ୍ରୋତ ନାରୀର ଅନ୍ତର ନିଜ ଭାଗ୍ୟର କଠୋରତାକୁ, ଅନ୍ୟ ଅର୍ଥରେ ପରିବାର ଓ ସମାଜର ଅବିଚାରକୁ ନୀରବରେ ଗ୍ରହଣ କରିନେଇ ପାରେନା, ସେ ଏକ ଅର୍ଥମୟ ଜୀବନ ଖୋଜେ । ସକଳ କଠୋରତାକୁ ଭୋଗିବା ହିଁ ତା'ର ନିୟତି ବୋଲି ସେ ଜାଣେ । ସେଥିପାଇଁ ସେହି କବି ଓ ନାରୀଜଣକ ଏକ ଅଚିନ୍ତ୍ୟ, ଅଦୃଶ୍ୟ ସତ୍ତା ନିକଟରେ ଅଭିଯୋଗ ବାଢ଼େ– ''ଅପେକ୍ଷାରେ ରହିଥିଲ ମୋର/ ପୃଥିବୀର ସବୁତକ କଠୋରତା/ ଉପହାରସ୍ୱରୂପ ଦେବାକୁ/ କେବେଠାରୁ ବାଟ ଜଗିଥିଲ/ ସେଗୁଡ଼ିକ ସତେ କ'ଣ ଉପହାର ଯୋଗ୍ୟ ଥିଲା ?/ ଅଥଚ ମୁଁ ସେଗୁଡ଼ିକୁ ହାତପତାଇ ନେଇଛି !!' (ନିୟତିର ନବଜନ୍ମ, ତତ୍ରୈବ, ପୃ, ୯୭) ଆବେଗ ଓ ଅନୁଭବ ଜଗତରେ ନାରୀଟିଏ ପ୍ରିୟତମଙ୍କୁ ହରାଇଛି, ବିନାଦୋଷରେ ଦଣ୍ଡିତା ହୋଇଛି । କେତେ ଆଶା ସ୍ୱପ୍ନ ବିଫଳ ହୋଇଛି ତା'ର । ତୁଚ୍ଛତା ଓ କ୍ଷୁଦ୍ରତାରୁ ନିଜ ଅସ୍ତିତ୍ୱକୁ ଉଦ୍ଧାର କରିନେବାର ବହୁ ଉଦ୍ୟମ ଯେ ସଫଳ ହୋଇ ନାହିଁ । କାବ୍ୟନାୟିକା ସେହି ବିଷାଦର ଚିତ୍ର ଆଙ୍କିଛନ୍ତି । ବିଭିନ୍ନ ପ୍ରତୀକ ସହଯୋଗରେ ଚାଞ୍ଚଲ୍ୟ ଓ ଇଙ୍ଗିତଯୁକ୍ତ ଏସବୁ ଚିତ୍ର ତାଙ୍କ ଉତ୍ତୀର୍ଣ୍ଣ ଅଭୀପ୍‌ସାର ତୀବ୍ରତାକୁ ସୂଚିତ କରୁଛି– ''ପତଙ୍ଗ ସମାନ ମୋର/ ଉତ୍‌କଣ୍ଠିତ ଆଶାମାନେ/ ବିଫଳତା ବହ୍ନିରେ ଝାସିବା/ ×× ତଡ଼ିବାର ଉପକ୍ରମ ମାତ୍ରେ । ମୋର ମୂଷାପରି ଜିଦ୍‌ଖୋର୍ ବିଷୟବାସନା ଛପିଯିବା/ କ୍ଷଣକରେ ସନ୍ତର୍ପଣେ ଆସି/ ଆତ୍ମା ସହିତ ସଂଲଗ୍ନ ସୁନ୍ଦର ଦୃଢ଼ ଡୋରକୁ/ କାଟିବାରେ ଲାଗିଯିବା ମିଛ

Digitized by PPRACHIN, SOA

ନୁହେଁ...'' (ତତ୍ରୈବ, ପୃ. ୧୦୦) ଏହି ଅଭୀପ୍ସା ଅନେକତ୍ର କଳ୍ପନା ଓ ଶବ୍ଦଶିଳ୍ପର ସାମର୍ଥ୍ୟ ନିମିତ୍ତ ସୁସଂଗଠିତ ହୋଇଥାଏ । କବିତ୍ୱର ସୃଜନ ଚେତନାର ଅପୂର୍ବ ଲୋକସହ ସଂଯୁକ୍ତ ହେବାର ଆଗ୍ରହ ଓ ଉଦ୍ଦୀପନା କବିଚିତ୍ତକୁ ଅଥୟ କରେ । ନିଜ ଆୟୁଷ ବିନିମୟରେ କବି ସର୍ବୋତ୍ତମ କବିତାଟିଏ ରଚନା କରିବାର ଆଶା ସଞ୍ଚୟ କରିଥାନ୍ତି– ''ଶୂନ୍ୟ-ସଂଜୀବିତ ଶବ୍ଦମାନେ/ ନିଜସ୍ୱ ଅଭିମାନକୁ ଜଳାଞ୍ଜଳି ଦେଇ/ ମୋର ଅପାରଗ ହାତରେ ଖସିବା/ ଅସମ୍ଭବ ତା'ଠୁଁ ଅସମ୍ଭବ ପୁଣି/ ଅବଶିଷ୍ଟ ଆୟୁଷକୁ ତୁମ ହାତେ ସମର୍ପି ଦେଲେ ବି/ ଅନଶ୍ୱର କବିତାର ଧାଡ଼ିଟିଏ/ ମୋ କଣ୍ଠରେ ଉଚ୍ଚାରିତ ହେବା ।'' (ତତ୍ରୈବ, ପୃ. ୧୦୧) । ନିଜର ଛୋଟ ଛୋଟ ଅନୁଭବର ଦୁର୍ଲଭ ମାଳାଟିଏ ଗୁନ୍ଥି କବି କଠୋର ଭାଗ୍ୟର ପ୍ରତିପକ୍ଷରେ ସ୍ପର୍ଦ୍ଧା କରି ଠିଆ ହୁଅନ୍ତି । ବ୍ୟକ୍ତିଗତ ଜୀବନସ୍ତରରେ ଏ ସ୍ପର୍ଦ୍ଧା କମ୍ ସାମର୍ଥ୍ୟ ପ୍ରକଟ କରେ ନାହିଁ ! ମହାନ୍ କଳ୍ପଲୋକରୁ, ବିଶ୍ୱାସରୁ, ଆତ୍ମସତ୍ତାଠାରୁ ଏକ ସାମର୍ଥ୍ୟ ପ୍ରକଟିତ ହୋଇ କବି ଆତ୍ମାକୁ ଉଚ୍ଚକିତ କରେ ଓ ଆତ୍ମବଳକୁ ଉଦ୍‌ବୁଦ୍ଧ କରେ । ଗୋଟିଏ ଉଜ୍ଜ୍ୱଳ, ବିମୁକ୍ତ ଭାଗ୍ୟ ନିଜପାଇଁ ଓ ସମଗ୍ର ମଣିଷ ସମାଜପାଇଁ ଗଢ଼ିଦେବେ ବୋଲି କବି ଗଭୀର ବିଶ୍ୱାସ ପ୍ରକଟ କରନ୍ତି । ନିୟତିକୁ ନୂଆକରି ସୁନ୍ଦରତର କରି, କାମ୍ୟ କରି ଗଢ଼ିତୋଳିବାର ଏଇ ସାମର୍ଥ୍ୟ କବି ନିଜ ଦେହ ମନ, ଆତ୍ମା ଓ ଚିନ୍ତନରୁ ହିଁ ଆହରଣ କରିଥାନ୍ତି । ଭାଗ୍ୟର ଅସଂପୂର୍ଣ୍ଣତାକୁ ସେ ପୂର୍ଣ୍ଣ କରି ଗଢ଼ି ତୋଳିବେ । ସେ ଯେଉଁ ଭାଗ୍ୟ ଗଢ଼ିଦେବେ ବିଶ୍ୱଚରାଚରପାଇଁ, ତାହା ମୂଳ ଭାଗ୍ୟ ନୁହେଁ । ବରଂ ମୂଳଭାଗ୍ୟର ପ୍ରତିପକ୍ଷରେ ଏକ ସ୍ପର୍ଦ୍ଧାଶୀଳ ସମାନ୍ତରାଳ ଭାଗ୍ୟ । ''ଅତଏବ ଆଜି ମୁଁ ତୁମକୁ ଗଢ଼ିଦିଏଁ/ ×× ଜଳାବର୍ତ୍ତ, ଅନ୍ଧବେଗ, ହୃଦୟହୀନତା ପରି/ ବାହାନାକୁ ପୋଛିଦିଏ ତୁମ ଅସହାୟତା ଓ କିଂକର୍ତ୍ତବ୍ୟବିମୂଢ଼–ପଣକୁ/ ତୁମ ଅସମ୍ପୂର୍ଣ୍ଣତାକୁ ପରିପୂର୍ଣ୍ଣ କରିଦିଏ ଗଢ଼ିଦିଏଁ... (ତତ୍ରୈବ, ପୃ. ୧୧୩) ।

ଭାରତୀୟ ପୁରାଣମାନଙ୍କରେ ନାରୀମହତ୍ତ୍ୱର ଭୂରି ଭୂରି ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ । ସହଜେ 'ଦେବୀ' ଭାବରେ ସେ ଅମିତବିକ୍ରମର ଅଧିକାରିଣୀ । ପୁନଶ୍ଚ ଜୀବନ କ୍ଷେତ୍ରରେ ଉତ୍ତୀର୍ଣ୍ଣ ଅନୁଭବ ଓ ସୂକ୍ଷ୍ମ ଉପଲବ୍‌ଧି ନିମିତ୍ତ ସକ୍ଷମ, ଏ ଦିଗରେ ମିଥିକ୍ ଚରିତ୍ର 'ଶବରୀ'କୁ ନେଇ କବି ନାରୀ ସାମର୍ଥ୍ୟର ଦୃଷ୍ଟାନ୍ତ ଉପସ୍ଥାପନ କରିଛନ୍ତି । ଏଠାରେ ନାରୀଟି ଅରଣ୍ୟବାସିନୀ, ସଭ୍ୟ ଶିକ୍ଷିତ ଓ ସଂପନ୍ନ ସମାଜଠାରୁ ବହୁଦୂରରେ ଅବସ୍ଥାନ କରିଛି । ତଥାପି ତା'ଠାରେ ଅମୃତ ଅଭୀପ୍‌ସା ଜାଗ୍ରତ ହୋଇଛି । ସାଧନା ଓ ପ୍ରତୀକ୍ଷାର କଠୋର ପରାକାଷ୍ଠା ମଧ୍ୟରେ ସେ ଏକ ଅସାଧାରଣ ଜୀବନାନୁଭବର ଅଧିକାରିଣୀ ହୋଇପାରିଛି । ଆତ୍ମାର ସିଦ୍ଧିପାଇଁ ପୁରାଣ ଚରିତ୍ରର ଗତାନୁଗତିକତାରୁ ବାହାରିଯାଇ ସେ ସାମକାଳୀନ ପ୍ରାସଙ୍ଗିକତାର ପରିପ୍ରେକ୍ଷୀରେ ନିଜ ଚେତନାକୁ ଉଦ୍‌ବୁଦ୍ଧ କରିଛି । ଆତ୍ମାଭିଳାଷକୁ ବ୍ୟକ୍ତ କରିଛି । ଯେଉଁ ପରମ ସତ୍ତା ବ୍ୟକ୍ତିସତ୍ତାର ଅପରାର୍ଦ୍ଧ, ସେହି ସତ୍ତାସହ ଯୁକ୍ତ ହେବାର ଅଭିଳାଷରେ ଶବରୀ ନିଜ ଅସ୍ତିତ୍ୱକୁ ମହାର୍ଘ ମନେକରୁଛି । ନାରୀ ବୋଲି ତା'ର ଦ୍ୱିଧା ବା ଗ୍ଲାନି ରହି ନାହିଁ । ବ୍ୟକ୍ତି ଚରିତ୍ରର ଶୁଦ୍ଧତା ଓ ସ୍ନେହ ସମର୍ପଣକୁ ହିଁ ସେ ଅନ୍ତରରେ ସଂପାଦି ରଖିଛି । କବି ପ୍ରତିଭା ଶତପଥୀଙ୍କ ଉଚ୍ଚାରଣରେ

Digitized by PPRACHIN, SOA

'ଶବରୀ'ର ଏହି ଅଭୀପ୍‌ସା ପ୍ରତୀକ ମଧ୍ୟରେ ମୂର୍ତ୍ତିମନ୍ତ "ଜଗତ୍‌ମୟ ବୃକ୍ଷରୁ ଲତାରୁ/ ଫଳ ତୋଳିଛି, ଚାଖିଛି/ ମୋ ନିଜର ବିଭ୍ରାନ୍ତି ମମକାରକୁ/ ପରଶ୍ରୀକାତରତାକୁ/ କଟୁ ତିକ୍ତ କଷାୟ ଫଳ ସମାନ/ ଗୋଟି ଗୋଟି ସବୁକୁ ଫିଙ୍ଗିଛି/ ସୁମଧୁର ରସଟଳମଳ/ ସୁପକ୍ୱ ଫଳ ସମାନ ମୋ ପ୍ରେମ ଅଭିମାନ, ସହିଷ୍ଣୁପଣକୁ/ ତୁମପାଇଁ ସଂପାଦି ରଖିଚି ।" (ଶବରୀକାବ୍ୟ, ପୃ. ୫୨) ଦ୍ୱିତୀୟ ସଂସ୍କରଣ ୨୦୦୫) । ଉପରୋକ୍ତ ପଙ୍‌କ୍ତିଗୁଡ଼ିକରେ ଏକ ବିଶେଷ ଅନୁଭବ ଉଚ୍ଚାରିତ ହୋଇଛି । କେବଳ ନିଜ ପରିବାରର ଓ ସମାଜର ନିର୍ଯାତନା ହେତୁ ନାରୀଟି ଯେ ଅସହାୟ, ତା' ନୁହେଁ ବରଂ ବୃହତ୍ତର ଅର୍ଥରେ ସମଗ୍ର ମାନବ ସମାଜର ଦୁର୍ଭାଗ୍ୟ ଓ ଦୁର୍ଭୋଗ ନିମିତ୍ତ ନାରୀଟିର ପ୍ରାଣ ବ୍ୟାକୁଳ ହୋଇଉଠିଛି । ବିଶ୍ୱମାନବର ନିର୍ଯାତନାର ଅଂଶୀଦାର ହେବାକୁ ନାରୀଟିଏ ଉତ୍ସର୍ଗିତ ଅଭିଳାଷ ପୋଷଣ କରିଛି । ପାରମ୍ପରିକ ଅର୍ଥରେ ଏଠାରେ ଶବରୀ 'ମୋକ୍ଷ' ପ୍ରାର୍ଥନା କରୁ ନାହିଁ ବରଂ ମଣିଷର ଦୁଃଖହାରିଣୀ ହେବାର ଆଶାପୋଷଣ କରୁଛି । ଏତାଦୃଶ ଅଭିଳାଷର ଚରମ ପରାକାଷ୍ଠା ପ୍ରତିପାଦିତ ହୁଏ କବିଙ୍କ 'ତନ୍ମୟ ଧୂଳି' ସଂକଳନର ଗଭୀର, ମନନଶୀଳ ସ୍ୱର ମାଧ୍ୟମରେ । ନାରୀ ଅସ୍ତିତ୍ୱ ମହିମାବନ୍ତ ହୋଇଉଠେ, ଯେତେବେଳେ ନାରୀ ସ୍ୱ ପ୍ରେମାନୁଭୂତିର ସାହଚର୍ଯ୍ୟରେ 'ମହାକବି'ଟିଏ ସୃଜି ଦେବାର ସ୍ପର୍ଦ୍ଧା କରେ । ଜଣେ ଅମିତଶକ୍ତିର ଅଧିକାରିଣୀ କାବ୍ୟନାୟିକା ସମଗ୍ର ବିଶ୍ୱର, କେବଳ ମନୁଷ୍ୟ ନୁହନ୍ତି ସକଳ ପ୍ରାଣୀଙ୍କ ଦୁଃଖକୁ ଲାଘବ କରିବା ନିମିତ୍ତ ସାହସର ସହିତ ଉଚ୍ଚାରଣ କରିପାରେ– "ଈଶ୍ୱରଙ୍କ ଡେଣାରେ ଚଢ଼ି/ ଅବିଶ୍ରାନ୍ତ ଘୂରୁଥିବା ନକ୍ଷତ୍ରଙ୍କୁ/ ଉତ୍ତାଳ ଝରଣାର/ ମୁଖର ଶେଯ ଉପରକୁ ଡାକି ଆଣିବା/ ଲକ୍ଷେ ଚଢ଼େଇଙ୍କୁ ଆଧାର ଦେବା/ xx ପ୍ରାଣୀମାନେ ଭାଗ ବାଣ୍ଟି ନେଉଥିବା ଦୁଃଖରୁ/ ବଡ଼ ଭାଗଟି ଉଠାଇ ନେବା/ ଭୋଗି ଚାଲିବା ।" (ଫେରିଯିବା ତା'ହେଲେ, ତନ୍ମୟ ଧୂଳି, ପୃ. ୧୦୮)

ଜୀବନର ଗତାନୁଗତିକତାକୁ ମାନିନେଇ ବଞ୍ଚୁଥିବା ନାରୀଟିର ଅନ୍ତର୍ଲୋକରେ ତଥାପି ଏକ ଅତି ଜାଗତିକ ଆସ୍ପୃହା ଜାଗିଉଠେ । ତା'ର ତୁଚ୍ଛ ଅସ୍ତିତ୍ୱ ଗୌରବମୟ ହୋଇଯାଏ । ସେ ମୁକ୍ତି ଚାହେଁ, କେଉଁଠୁ ? ସଂସାରରୁ, ଜୀବନରୁ ନା ତା'ର ତୁଚ୍ଛ ଆବଦ୍ଧ ଅସ୍ତିତ୍ୱଠାରୁ ? ହୁଏତ ଏ ସମସ୍ତଠାରୁ । ତେଣୁ ଏକ ବିପୁଳ ସତ୍ତାର ସାନ୍ନିଧ ଖୋଜିବସେ ସେ । ଅନ୍ୟ ଅର୍ଥରେ ନିଜ ମହିମାମୟ ଅସ୍ତିତ୍ୱକୁ ଉପଲବ୍‌ଧିରେ ଆଣେ । ବଞ୍ଚିବା ହୁଏ ମଧୁର, ସ୍ମୃତି ପାଲଟେ ମହିମ୍ନ – "ମତେ ମୁକ୍ତି ଦେ' ମୁକ୍ତି ଦେ' ବୋଲି/ ଯେତେ ଚିତ୍କାର କଲେ ବି/ ଅଝଟ ହେଲେ ବି ତୁ/ ବାରମ୍ବାର ତୋର ସେଇ ପରମ କାରୁଣିକ ହାତ ଦୁଇଟିରେ/ ତୋଳି ଧରୁ ତୋ ଚାହାଣିର କମନୀୟତାରେ/ ଅଭିଷିକ୍ତ କରୁ ମତେ/ ମୃତ୍ତିକାର ସିଂହାସନ ପରେ ।" (ବତ୍ରିଶ ସିଂହାସନ, ସଂ. ସୂର୍ଯ୍ୟୋଦୟ, ବିଜୟିନୀ ଦାସ)

ଆତ୍ମଅନ୍ୱେଷା, ଆତ୍ମୋପଲବ୍‌ଧି ଓ ଆତ୍ମାର ବିସ୍ଫୋରଣରେ ନାରୀସତ୍ତା ହୁଏ ଉଦ୍‌ବୁଦ୍ଧ, ଉଚ୍ଚାଟ । ଏକ ଉତ୍ତୀର୍ଣ୍ଣ ପୃଥିବୀକୁ ଅନୁଭବ କରେ, ପ୍ରତ୍ୟକ୍ଷ କରେ । ଜନ୍ମମୃତ୍ୟୁର ନିଗଡ଼ରେ ବନ୍ଦୀ ହୋଇ ରହିଥିବା ଯେ ପୃଥିବୀକୁ କବି ଅତିକ୍ରମ କରିଯାଆନ୍ତି । ନିଜସତ୍ତାର ଚିରନ୍ତନତାକୁ

Digitized by PPRACHIN, SOA

ହୃଦୟଙ୍ଗମ କରିବା କାଳରେ ତାଙ୍କ ଚେତନାରୁ ସଂକୀର୍ଣ୍ଣତାର ସୀମା ଲୁପ୍ତ ହୋଇଯାଏ । ଦୁଃଖ ଯନ୍ତ୍ରଣା ଆପେ ଆପେ ଲୁଚିଯାଆନ୍ତି । ଏକ ଅଖଣ୍ଡ ପ୍ରଶାନ୍ତିରେ ହୃତ୍‌ସ୍ପନ୍ଦନ ପୁଲକିତ ହେଉଥାଏ । କବି ବିଜୟିନୀଙ୍କ ଶବ୍ଦ ସମ୍ଭାରରେ ଏଇ ଶରୀରୋତ୍ତର ଅନୁଭବ ରୂପ ପରିଗ୍ରହଣ କରେ– "ଜନ୍ମନିଏ ମୋ ଭିତରେ ଆଉ ଏକ ନୂତନ ପୃଥିବୀ/ ନୀଳାଭ ବଳୟ ତଳେ/ ×× ତା'ର କି ମୃତ୍ୟୁ ନାହିଁ ପୁନର୍ଜନ୍ମ ନାହିଁ ?? ××/ ହେଇ ମୁଁ ଆଲୋକିତ କଲି ମୋର ସମଗ୍ର କୋଠରି/ ଉନ୍ମୋଚନ କଲି ଆବରଣ/ ଆଲୋକେ ଆଲୋକ ହେଲି/ ପବନେ ପବନ ହେଲି/ କେବଳ ମୁଁ ମୋ ହୃତ୍‌ସ୍ପନ୍ଦନ/ ×× ଇଥରୀୟ ସ୍ଥିତିରେ ମୋ' ଦୁଃଖର ବିନ୍ଦୁ ନାହିଁ/ ଯନ୍ତ୍ରଣାର ରେଖା ନାହିଁ/ ପ୍ରଶାନ୍ତିର ପରିଧି ମୋ/ ଛୁଇଁ ଯାଏ ଅତୀନ୍ଦ୍ରିୟ ସୀମା ।" (ତତ୍ରୈବ. ପୃ. ୧୨) । ଏ ପ୍ରକାର ଉତ୍ତରଣ ଅନୁଭବ ହୁଏତ ନାରୀସ୍ଥିତିର ବିଡ଼ମ୍ବନାରୁ ସଂଜାତ ହୋଇଥାଏ । ଆତ୍ମମର୍ଯ୍ୟାଦା ପ୍ରାପ୍ତିରେ ବିଫଳ ମନୋରଥ ହୋଇ ନାରୀସତ୍ତା ହୁଏତ ଆତ୍ମଅନ୍ୱେଷଣରେ ବ୍ୟାପୃତ ରହେ । ଲିଙ୍ଗଗତ ଭେଦ ବିଚାର ବ୍ୟତିରେକେ ଜୀବନର ଅନ୍ୟ କ୍ଷୁଦ୍ରତା ଓ କ୍ଷଣିକତା ପ୍ରତି ନାରୀର ସଚେତନ ମାନସ ପ୍ରତିକ୍ରିୟାଶୀଳ ହୁଏ । ତା'ର ହୃଦୟରେ ଆକାଶ-ପ୍ରବଣତା ସ୍ପଷ୍ଟ ହୋଇପଡ଼େ ।

ନାରୀଟିଏ ପ୍ରଶ୍ନ କରି ବସୁଛି, ତା'ର ଆରାଧ୍ୟ ଦେବବିଗ୍ରହଙ୍କୁ । ସ୍ୱୀୟସତ୍ତାରେ ସେ ଅନୁଭବ କରୁଛି ଯେଉଁ ସମ୍ବେଦନା, ସେ ମଧୁର କୋମଳ ସଂବେଦନା କ'ଣ ସତରେ ଈଶ୍ୱରଙ୍କଠାରେ ଅଛି ? ତା' ମନରେ ସନ୍ଦେହ ଉଇଁଉଠୁଛି । ଅର୍ଥାତ୍ ଈଶ୍ୱରଙ୍କଠାରୁ ଅଧିକ ସମ୍ବେଦନଶୀଳତାର ଅଧିକାରିଣୀ ହୋଇଛି କି ସେ ନିଜେ ? କବି ସଂଘମିତ୍ରାଙ୍କ ସତ୍ତା ବହୁଭାବରେ ନିଗୃହୀତା । ନାରୀସତ୍ତାଟିର ସ୍ଥିତିର ଉଦାର ଅନ୍ୱେଷଣରେ ବ୍ୟାପୃତା ଅଛନ୍ତି, ସେ କହନ୍ତି – "ତୁମ କାଠ ଶରୀର ଭିତରେ/ ସତେ କ'ଣ ମୋ ଭଳି ଅନୁଭୂତିପ୍ରବଣ/ ମନଟିଏ ଅଛି ?/ ଯେଉଁ ମନ ଛୁଇଁପାରେ କୋଟିଏ ପ୍ରାଣୀଙ୍କୁ ?/ ଯେଉଁ ମନ ଆଣିପାରେ ଜଡ଼ଦେହେ ନୂତନ ସ୍ପନ୍ଦନ – (ମମତାର ଉପପାଦ୍ୟ, ପୃ. ୧୨) ।

ଜୀବନ ଯୁଦ୍ଧରେ କ୍ଳାନ୍ତ ନାରୀଟିଏ କାହାକୁ ଖୋଜୁଥାଏ ? ଆତ୍ମୀୟସ୍ୱଜନଙ୍କ ଭ୍ରୂକ୍ଷେପହୀନତାରେ ସେ ଆକ୍ରାନ୍ତ । ତା'ଠାରେ ଅନ୍ୟମାନଙ୍କର ଅନେକ ଦାବି, ଅଥଚ, ସେ ନିଜେ କାହାଠାରେ ଦାବି ଉପସ୍ଥାପନ କରିବ ? ସେହି ଏକ ବିପୁଳ ସତ୍ତାକୁ ସେ ଖୋଜେ, ଯିଏ ତା'ର ଏକାନ୍ତ ନିଜର ହେବ ଓ ତାଙ୍କୁ ପାଇଛି ବୋଲି ହୃଦୟଙ୍ଗମ କରି ନିଜସତ୍ତାକୁ ପ୍ରବୋଧନା ଦିଏ– "ଆଜିର ଏ ଆସନ୍ନ ମୁହୂର୍ତ୍ତେ/ ମୋର ମନ ତୁମକୁ ହିଁ ଝୁରେ/ ମୁକୁଳା ଦୁଆର ମୋର ପୂର୍ଣ୍ଣକୁମ୍ଭ ରଖିଛି ସଜାଇ/ କ୍ଳାନ୍ତିରେ ବୁଜଇ ପତା/ କେତେବେଳେ କୁବୁଜା ପରି ବା ଦିଏ ବାଟକୁ ଅନାଇଁ"– (ତତ୍ରୈବ ପୃ. ୨୮) । ସାଂପ୍ରତିକ କାଳର ନାରୀଟି ବଞ୍ଚିବାର ବାଧା ବନ୍ଧନ, ବିଡ଼ମ୍ବନାକୁ ଆପଣାର କରି ବାଟ ଚାଲେ । ତଥାପି ଭିତରେ ଏକ ଆଲୋକମୟ ଜଗତର ଉପଲବ୍ଧି ତାକୁ ଉଚ୍ଚାଟ କରେ, ବିହ୍ୱଳ କରେ । ଆପଣା ସ୍ଥିତିର ଗୌରବ ସମ୍ବନ୍ଧରେ ସେ କିନ୍ତୁ ଦୃଢ଼ ନିଶ୍ଚିତା - ଆତ୍ମନିରୀକ୍ଷଣ ମାଧ୍ୟମରେ ସେ ଆତ୍ମବଳ ସହିତ ପରିଚିତ ହୁଏ ଓ ନିଜ ସ୍ଥିତିର ବିପୁଳତାକୁ ପ୍ରଖ୍ୟାପିତ

Digitized by PPRACHIN, SOA

କରିବା ନିମନ୍ତେ ଉଚ୍ଚାରେ– "ମୁଁ ଯେ ଭାବିପାରେ ଅନୁଭବ କରିପାରେ/ ମୋର ଏଇ ରକ୍ତମାଂସର ଛାଞ୍ଚ/ ଆତ୍ମାର ଅନନ୍ୟ ସ୍ପର୍ଶରେ/ ଯେ ଧନ୍ୟ ହୋଇପାରେ/ ପରମାର୍ଥ ଦାବି କରିପାରେ/ ଏ ଶରୀର ରେଶମ ସୂତାରେ ଢଙ୍କା ମୂର୍ତ୍ତିଟିଏ ନୁହେଁ । ଏ ଶରୀର ପ୍ରଜ୍ଞା ଏବଂ ଚେତନାର ନଭଶ୍ଚୁମ୍ବୀ ମନ୍ଦିର/ ସ୍ପର୍ଦ୍ଧାରେ ମଥା ଟେକି ଉଭା ହୋଇପାରେ ।" (ମୁଁ- ସଂ. ଅବ୍ୟକ୍ତ ଆତ୍ମୀୟତା, ପୃ. ୪୬, ଅପର୍ଣ୍ଣା ମହାନ୍ତି)

ନାରୀକୁ ବହୁଶତାବ୍ଦୀ ଧରି କେବଳ ଶରୀର ଆଧାରରେ ବିଚାର କରାଯିବାର ପରମ୍ପରା ରହିଛି । ଶରୀର ଭିତରେ ଯେ ତା'ର ଗୋଟିଏ ଉଜ୍ଜ୍ୱଳ, ଜୀବନ୍ତ ଚେତନା ବିଦ୍ୟମାନ ଓ ତା'ର ମନନଶୀଳ ଜଗତ ପରିବ୍ୟାପ୍ତ ରହିଛି, ଉପରୋକ୍ତ କବିତାଂଶଗୁଡ଼ିକରୁ ଏହାର ମାର୍ମିକ ଚିତ୍ର ମିଳିଥାଏ । ନାରୀଟିଏ ସନ୍ତାନ ପ୍ରସବ କରିବା, ରାନ୍ଧିବାଢ଼ି ପରଷିବା ଭିନ୍ନ ଆଉ ଯେ ଅନେକ କାର୍ଯ୍ୟରେ ଦକ୍ଷତା ହାସଲ କରିଛି, ତା'ର ଯେ ଏକ ସଚେତନ, ମନନଶୀଳ, ବିଚାରଯୁକ୍ତ ଦୃଷ୍ଟି ଓ କଳ୍ପନା ଜୀବନ୍ତ ରହିଛି, ସେ ଯେ ସ୍ୱୀୟ ତେଜବଳରେ ଏକ ସମାନ୍ତରାଳ ଜଗତର ସତ୍ୟକୁ ପ୍ରତ୍ୟକ୍ଷ କରେ, ବୁଝେ, ଜାଗତିକ ସଂସାରର ବାହାରେ ଥିବା ଏକ ଉନ୍ନତ, ଅତିକ୍ରମଣଶୀଳ ଅଭୀପ୍ସା ଯେ ତା'ର ଅନ୍ତରାତ୍ମାକୁ ଉଦ୍‌ବୁଦ୍ଧ ଓ ପ୍ରସାରିତ କରେ, ଏହା ଅନ୍ତତଃ ଆଲୋଚ୍ୟ କାଳର ନାରୀ ତା'ର କାବ୍ୟିକ ଅଭିବ୍ୟକ୍ତିରେ ସ୍ପଷ୍ଟଭାବେ ଉଚ୍ଚାରଣ କରିଛି । ତା'ର କ୍ଷମତାର ଦିଗଦିଗନ୍ତ ଅସମ୍ଭବଭାବେ ପ୍ରଶସ୍ତ ଓ ତା'ର ଆତ୍ମଶକ୍ତି ଅପରାଜେୟ ଏବଂ ଶାଣିତ । ପରମସତ୍ତା ସହ ତା'ର ନାରୀସତ୍ତା ସ୍ପର୍ଦ୍ଧା କରିବା ନିମିତ୍ତ ପ୍ରସ୍ତୁତ । ଜରାମରଣ ଊର୍ଦ୍ଧ୍ୱରେ ବ୍ୟକ୍ତିସତ୍ତାର ଯେଉଁ ଅବବୋଧ ଓ ତଲ୍ଲୀନତା ତଥା ପରମଦିଗ ପ୍ରତି ଆସ୍ପୃହା, ସୀମାତିକ୍ରମଣର ଅଦମ୍ୟ ପ୍ରୟାସ ଏହିସବୁ ଗୁଣ ଏହି କାଳର ନାରୀ କବିମାନଙ୍କ ଉଚ୍ଚାରଣରେ ବହୁଭାବେ ବର୍ଣ୍ଣବିଭାମୟ ହୋଇ ସୁସଂଗଠିତ ରୂପେ ଆତ୍ମପ୍ରକାଶ କରିଛି ।

ପ୍ରଚୁର ଅବହେଳା, ହତାଦର, ଅସ୍ୱୀକାର ମଧ୍ୟରେ ତଥାପି ମନନଶୀଳା, କାବ୍ୟ-ସୃଜନ-ସମର୍ଥା ନାରୀମାନେ ଜୀବନର ଚିରନ୍ତନ ମୂଲ୍ୟକୁ ଖୋଜିଛନ୍ତି, ସେହି ମୂଲ୍ୟଠାରେ ବିଶ୍ୱାସ ରଖିଛନ୍ତି । ଅନ୍ୟଅର୍ଥରେ ନିଜର ଅସ୍ତିତ୍ୱର ମହାର୍ଘତାକୁ ହୃଦୟଙ୍ଗମ କରି ଚିରନ୍ତନତା ସହ ନିଜ ଅନ୍ତଃକରଣର ଅଭେଦ୍ୟ ଯୋଗାଯୋଗକୁ ସ୍ଥାପନ କରିବାର ପ୍ରୟାସ ଚଳାଇଛନ୍ତି । ସେଦିନ ବିଶିଷ୍ଟ ଦାର୍ଶନିକ ଓ ଲେଖକ ଜାଁ ପଲ୍ ସାର୍ତ୍ରେ କହିଥିଲେ– "Life has no meaning, the moment you loose the illusion of being eternal," ଅସ୍ତିତ୍ୱବାଦର ପ୍ରବକ୍ତା ଏହି ଉଚ୍ଚତର ଅଭୀପ୍ସାକୁ 'Illusion' ନାମରେ ନାମିତ କଲେ ହେଁ, ପ୍ରତ୍ୟେକ କଳାସାଧକ 'ଏହି ଅଭୀପ୍ସା ବ୍ୟତିରେକେ ଯେ କଳା ସୃଷ୍ଟି ଅସମ୍ଭବ' ଏହା ହୃଦୟଙ୍ଗମ କରିଥାଏ ।

ସାଧାରଣ ନାରୀଟିଏ ନିଜ ବ୍ୟକ୍ତିତ୍ୱର ଉତ୍ତୁଙ୍ଗତାରେ ଅହଙ୍କାର-ସର୍ବସ୍ୱ ହୋଇଯାଏ ନାହିଁ । ନିଜ ନାରୀତ୍ୱ ଓ କବିତ୍ୱର ଅନ୍ତରାଳରେ ଏକ ବୃହତ୍‌ଶକ୍ତିର ପ୍ରେରଣା ସେ ଅନୁଭବ କରେ । ସେଠାରେ ତାହାର ସାମାନ୍ୟ ସ୍ଥିତିର ଦୁଃଖ, ଜଞ୍ଜାଳ ରହେ ନାହିଁ । ଥାଏ ଏକ

Digitized by PPRACHIN, SOA

ସମର୍ପଣର ଆନନ୍ଦ – ''ମୁଁ ଖୁବ୍ ସାଧାରଣ/ ଖାଲି ତୁମ ସ୍ନେହ କାକରରେ ବଢୁଥାଏ/ କେବେ କେବେ ଫୁଲ ହୋଇ ଫୁଟେ/ ସହସ୍ର ପାଦସ୍ପର୍ଶରେ ପ୍ରାୟ ନିଶ୍ଚିହ୍ନ ହୋଇଗଲାପରେ/ ପୁଣି କେବେ ଶ୍ୟାମ ରଙ୍ଗ ଧରିବା ଉଙ୍କୁଟେ/ ×× ଏସବୁ କେବଳ ତୁମରି ଆଗ୍ରହ ଅବା ନିଗ୍ରହର ନିଦର୍ଶନ/ ଯଦିଓ ବାହାରେ ମୁଁ ଦିଶୁଥାଏ ଶ୍ୟାମ ଛନ ଛନ/ ×× ବେଳେବେଳେ ପଥରକୁ କବିତା କରିବା/ ସିଦ୍ଧି ଯା' ଦେଇଛ ତୁମେ/ ଏ ଜନ୍ମର ଘନିଷ୍ଠ ପାଥେୟ ।'' (ଏମିତି ତପସ୍ୟା କାହିଁ, ସଂ, କାଳି ଝିଅ– ଗିରିବାଳା ମହାନ୍ତି)

ନାରୀର ମହିମ୍ନ ରୂପକୁ ଅବଲୋକନ କରନ୍ତି, କବି ହରିହର ମିଶ୍ର । ପ୍ରଭୁ ଜଗନ୍ନାଥଙ୍କ ସେବିକା 'ମାହାରୀ'(ମାହାରୀ ହେଉଛି ନର୍ତ୍ତକୀ ଯିଏ ପ୍ରଭୁଙ୍କୁ ହିଁ ସମର୍ପିତା ହୋଇ, ଅନୂଢ଼ା ରହିଥାଏ) କୁ 'ମହାନାରୀ' ରୂପେ ଅଭିହିତ କରନ୍ତି । ମାହାରୀର ଚିତ୍ତର ଅବହେଳିତ ଏକାକୀ ସତ୍ତାର ଅନ୍ତର୍ଲୋକକୁ ନିରୀକ୍ଷଣ କରି ତନ୍ମଧ୍ୟରେ ନାରୀ ଅସ୍ତିତ୍ୱର ବିପୁଳତାକୁ ଉଦ୍‌ବୋଧିତ କରନ୍ତି କବି – ''ଆଗୋ ମହାନାରୀ, ଅନ୍ୟ ଦିନେ ପଶୁର ବଳିରକ୍ତ/ ପୋଛିଦେଉ ପଣତରେ/ ଅଧରରୁ କା'ର/ ଅନ୍ୟ ନାରୀ ନ ଥାନ୍ତି ଯେଉଁଠି/ ତୁ ଏକା ଦିବ୍ୟ ନାରୀ ସବୁ ଦେଖୁ / ନିର୍ବାକ୍ ଆଖିରେ ××/ ମାହାରୀ ତୁ ଅଷ୍ଟ ଧାତୁ ବେଣ୍ଟଲଗା/ ଖଡ୍‌ଗ ହସ୍ତେ ଠିଆ ହେଉ/ ଆଉ କେଉଁ ନୃତ୍ୟ ପାଇଁ...'' (ମହାନାରୀ, ସଂ. ଶଂଖନାଭି ପୃ. ୧୧୭) ନାରୀର ବିଶାଳ, ପରିବ୍ୟାପ୍ତ ଶକ୍ତିମୟୀ, ଅସ୍ତିତ୍ୱ ଯେ ନାରୀ ବ୍ୟକ୍ତିତ୍ୱର ଚରମ ଉତ୍କର୍ଷ, ଏହାର ଚିତ୍ର ଉପରୋକ୍ତ ରଚନାରେ ଉତ୍କୀର୍ଣ୍ଣ ।

ନାରୀକୁ ମହାପ୍ରକୃତିର ଏକ ସ୍ୱତଂତ୍ର ପରିଭାଷା ରୂପେ ଉପସ୍ଥାପନ କରିଛନ୍ତି କବି ଆଶୁତୋଷ ପରିଡ଼ା । ତା'ର ପୀଡ଼ା ଓ ଯନ୍ତ୍ରଣାର ଅନ୍ତରାଳରେ ଉପସ୍ଥିତ ମହିମ୍ନ ଓ ବିପୁଳତର ରୂପର ପରିଚୟ ଦିଅନ୍ତି ସେ - ''ତୁମେ କ'ଣ ଥିଲ ପ୍ରଥମ ଓ ଶେଷ ପ୍ରାର୍ଥନା/ ଏତେ ପ୍ରସ୍ତରିତ ନିଃଶ୍ୱାସର ?/ ଘନୀଭୂତ ଆଲୁଅର ଦେହ ନେଇ/ କେହି ଦିଗଂଗନା ?'' ନାରୀ ଅସାଧାରଣୀ, କଳ୍ପନାରେ ତା'ର ପ୍ରତ୍ୟକ୍ଷୀଭୂତ ରୂପକୁ କବି ବାସ୍ତବତାର ପୁଟ ଦେଇ ସଜୀବ ଓ ସକ୍ରିୟକରି ତୋଳନ୍ତି । ଏଠାରେ ନାରୀ ଅମିତ ତେଜର ଅଧିକାରିଣୀ, ସେ ଆଦିମା ଓ ମୁକ୍ତ - ''ତୁମେ ଯେବେ ଜଳରୁ ଉଠିଆସିବ/ ଆହୁରି ଉଜ୍ଜ୍ୱଳ ଦିଶିବ ସୂର୍ଯ୍ୟାଲୋକ/ ତୁମକୁ ଦେଖୁ ଦେଖୁ/ ଅଂଧ ହୋଇଯାଇଥିବା ସବୁ ଆଖି/ ମାଳ ହୋଇ ଝୁଲିଯିବେ ତୁମ ଛାତିରେ/ ତୁମ ଦେହସାରା ଲଟେଇଯିବ/ ମାଟିରୁ ବାହାରି ଆସି କିଛି ଉତ୍ତାପ/ ଓ ତୁମେ ଦିଶୁଥିବ ଆଦିମ ନାରୀଭଳି/ ନିଃସଂକୋଚ, ମୁକ୍ତ ।''

(ସଂ. ଅନ୍ତରାଳ, ପୃ. ୧୦ ଓ 'ଜଳକନ୍ଯା' କବିତା, ପୃ. ୬୫)

ପରିବାରର ନିଷ୍ଠୁରତା, ସମାଜର ଅବିଚାର ନାରୀଟି ଭୋଗେ । ଭାରତୀୟ ନାରୀ ଏଯାବତ୍ ଦୃଢ଼ ପ୍ରତିବାଦ ମାଧ୍ୟମରେ ଉପରୋକ୍ତ ଅବସ୍ଥାର ବିଶେଷ କିଛି ପରିବର୍ତ୍ତନ ଘଟାଇପାରି ନାହିଁ । ମାତ୍ର ସ୍ୱ ଅସ୍ତିତ୍ୱର ଗଭୀର ବିଶ୍ୱାସରେ ସେ ଅସୀମ ଧୈର୍ଯ୍ୟର ସହ ଆଗେଇ ଚାଲିଛି । ତା'ର ଭରସା ଥାଏ ଅନିର୍ବାଣ ଏକ ଜ୍ୟୋତିଠାରେ । ତା' ଚେତନାରେ ସହଯୋଗିତା କରି ଏହି ଉଦ୍ଦୀପ୍ତ ଜ୍ୟୋତିଟି ତାକୁ ଆଶ୍ୱାସନା ପ୍ରଦାନ କରେ । ଏହି

Digitized by PPRACHIN, SOA

ଜ୍ୟୋତି ସ୍ପର୍ଶାତୀତ, ଦୃଶ୍ୟାତୀତ, ଅଥଚ ତା'ର ସ୍ଥିତି ସତ୍ୟଠାରୁ ଦୂରବର୍ତ୍ତୀ ନୁହେଁ । ସୌଦାମିନୀଙ୍କ ଉତ୍ତରଣ ଆଶା ନିମ୍ନୋକ୍ତ ପଂକ୍ତିଗୁଡ଼ିକରେ ଉଚ୍ଚାରିତ – ''ଦୂରରୁ ଅଳକାନନ୍ଦାର ଛନ୍ଦ/ ଫର ଫର ଦୂର ଦେଉଳର ନେତ/ ତଥାପି ଆଶ୍ୱାସି ନିଏ/ କେଉଁ ଗହନ ଗୁହାରେ/ ଅନିର୍ବାଣ ଜ୍ୟୋତିଟିଏ ତଥାପି ଜଳୁଛି ବୋଲି/ ପ୍ରତ୍ୟୟର ହାତ ଅଣ୍ଡାଳି ହେଉଥାଏ ।'' (ଅବାକ୍ ସୁନ୍ଦରୀ, ସଂ. 'ଅନିର୍ବାଣ', ପୃ. ୪୧)

ନାରୀଟିଏ ଆଜି ଜୀବନ ସଂଗ୍ରାମରେ ଏକାକିନୀ । ସ୍ୱାମୀ, ସନ୍ତାନ ଆଦିର ଅଳୀକତାକୁ ତା'ର ସଚେତନ ଅସ୍ତିତ୍ୱ ନିର୍ଭୁଲ ଭାବେ ହୃଦୟଙ୍ଗମ କରିପାରେ । ବ୍ୟକ୍ତିତ୍ୱର ଏକାକୀତ୍ୱ ମଧ୍ୟରେ ସେ ଏକ ଉର୍ଦ୍ଧ୍ୱଜଗତର ସଂସ୍ପର୍ଶ ଲାଭ କରେ । କାଳର ପ୍ରବହମାନତାରେ ସେ ଏକ ଶାଶ୍ୱତ ପ୍ରତ୍ୟୟକୁ ସାମ୍ନା କରେ ଓ ଆପଣାଇ ନିଏ । ତା'ର ସ୍ଥିତିକୁ ଉଜ୍ଜ୍ୱଳ ଓ ଆଶାନ୍ୱିତ କରିବାକୁ ଏହି ଆକାର ଓ ନିରାକାର ଆଶାର ଦୀପନ ଯଥେଷ୍ଟ । କବି ଇନ୍ଦୁ ମିଶ୍ର ଏଭଳି ଏକ ଅନୁଭବକୁ ବ୍ୟକ୍ତ କରନ୍ତି– ''ଲକ୍ଷ କୋଟି ବର୍ଷ କାଳର ଯେତେକ ଆଭାସ/ xxxx ଅନ୍ଧ ଏ ଆଖିରେ ଏ କି ତୁମ ଆଶାର ଦୀପନ !? ସୃଷ୍ଟି କମଳର ବିକଚ ବିକାଶ/ ତୁମେ ଆକାର ଓ ନିରାକାର ମାଟି ଓ ମୈନାକ/ ସୀମା ଆଉ ଅସୀମର ବିଚିତ୍ର ବିଭବ/ ତୁମେ ପ୍ରତିମାରେ ପ୍ରତ୍ୟୟର ଶାଶ୍ୱତ ପ୍ରତୀକ ।'' (କେବଳ ଆଧାର ସେଇ, ସଂ. ଅନ୍ୟ ସବୁ ପ୍ରତିଶ୍ରୁତି, ପୃ. ୭୨) ଏହି ଶାଶ୍ୱତ ପ୍ରତିଶ୍ରୁତିରେ ଆବିଷ୍ଟ ହୋଇ କବି ଆତ୍ମବିଶ୍ୱାସର ଶିଖରେ ପହଞ୍ଚନ୍ତି– ନିଜସ୍ୱ ଅସ୍ତିତ୍ୱର ବିପୁଳତାକୁ ବୁଝନ୍ତି ଓ ଅସ୍ପର୍ଶ ଶୃଙ୍ଗାରର ସମ୍ମୋହକୁ ଉପଲବ୍‌ଧିରେ ଆଣନ୍ତି– ''ଏବେ ମୋର ଉର୍ଦ୍ଧ୍ୱଗତ ଆତ୍ମପାଇଁ/ ଲୋଡ଼ା ନାହିଁ ତୁମର ପୁଷ୍ପକ/ ସାରା ଆକାଶରେ ମୋର ଅନାହତ ସୁପର୍ଣ୍ଣାର ପକ୍ଷ/xx ତୁମେ ରହିଯାଅ ହୋଇ ଶୂନ୍ୟାୟିତ/ ଅଜଣା ସମ୍ମୋହ/ ନିରବଧି କାଳ ଦୂରତ୍ୱର/ ତୁମେ ହିଁ ତ ଅସ୍ପର୍ଶ ଶୃଙ୍ଗାର ।'' (ତତ୍ରୈବ, ପୃ. ୬୮)

କବିଙ୍କ ଚେତନାର ଉତ୍ତୀର୍ଣ୍ଣ ପର୍ଯ୍ୟାୟରେ ମାତୃମୂର୍ତ୍ତି ପ୍ରକଟିତ । ସେ ହୋଇପାରନ୍ତି ଜଗଜ୍ଜନନୀ ଶ୍ରୀମା, ଯେ କି କବିଙ୍କୁ ଅଭୟ ପ୍ରଦାନ କରିପାରିବେ । ଜନ୍ମଦାୟିନୀ ମାଆଙ୍କଠାରୁ ଯେ ଭିନ୍ନ, ଯେ ପାଳନକର୍ତ୍ତ୍ରୀ । କବିଙ୍କ ଅନାଥ-ପ୍ରତୀତ ଅସ୍ତିତ୍ୱ ପ୍ରତି ତାଙ୍କର ଆଶୀର୍ବାଦବାଣୀ ଉଚ୍ଚାରିତ ହେବାର ସ୍ୱର– ''କଥା ଦିଅ ମା, ଆଉ ଜନ୍ମାରୁ ସହି ହେଉ ନ ଥିବା/ ଶେଷ ସନ୍ଧ୍ୟାଟିରେ/ ଅନ୍ତତଃ ମୁଁ ତୁମକୁ ଡାକିବି/ ଯେମିତି ଉଭା ହୋଇଯିବ ତତ୍‌କ୍ଷଣାତ୍/ ନିଶ୍ଚୟ କହିଦେବ ଯେମିତି 'ମୁଁ ଅଛି ।' (ନୀଳ ନିର୍ବାପନ, ପୃ. ୩୪, ଅନାଥ, ମମତା ଦାଶ)

ଉପରୋକ୍ତ ଉଦ୍ଧୃତିଗୁଡ଼ିକୁ ସୂଚନାତ୍ମକଭାବେ ଉପସ୍ଥାପନ କରି ନାରୀର ଉଚ୍ଚତର ମୂଲ୍ୟବୋଧଭିତ୍ତିକ ଉପଲବ୍‌ଧିର ପ୍ରାସଂଗିକ କେତେକ ଚିତ୍ର ପ୍ରଦାନ ଏହି ଅଧ୍ୟାୟର ମୂଳ ଲକ୍ଷ୍ୟ ।

Digitized by PPRACHIN, SOA

ଶେଷ ସ୍ୱର୍ଶ

ଏ ଯୁଗର ନାରୀ - ସାମର୍ଥ୍ୟ ଓ ଅସାମର୍ଥ୍ୟ

ବର୍ତ୍ତମାନ ଯୁଗରେ ନାରୀ ସାରା ବିଶ୍ୱକୁ ଶାସନ କରିବାକୁ ବାହାରିଲେଣି । ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀ ହିଲାରୀ କ୍ଲିଣ୍ଟନ, ଜର୍ମାନ ଚାନ୍‌ସେଲର୍ ଆଞ୍ଜେଲା ମକରେଲ୍, ଫ୍ରାନ୍ସର ପ୍ରଥମ ନାରୀ ରାଷ୍ଟ୍ରପତି ସେଗୋଲିନି ରୟାଲ୍ ଏମାନଙ୍କୁ ବିଚାରକୁ ନେଲେ ନାରୀର ରାଜନୀତିକ ଓ ପ୍ରଶାସନିକ ସାମର୍ଥ୍ୟର ଗୁରୁତ୍ୱ ଉପଲବ୍ଧି କରିହୁଏ । ଭାରତ ଅବଶ୍ୟ ତା'ର ମୁଖ୍ୟ ନେତ୍ରୀ ଇନ୍ଦିରାଗାନ୍ଧୀଙ୍କୁ ନେଇ ଗର୍ବିତ । ଆମେରିକା ଏବେ ମହିଳା ରାଷ୍ଟ୍ରପତିଙ୍କୁ ବାଛିବାକୁ ଆରମ୍ଭ କଲାବେଳକୁ, ଭାରତ କୋଉ ଯୁଗରୁ ତା'ର ରାଷ୍ଟ୍ରମୁଖ୍ୟ ମହିଳାଙ୍କୁ ଗ୍ରହଣ କରିସାରିଛି । ଏହି ଲୌହମାନବୀଗଣ ପାଶ୍ଚାତ୍ୟ ଅପେକ୍ଷା ପ୍ରାଚ୍ୟରେ ବହୁପୂର୍ବରୁ (ଦକ୍ଷିଣ ଏସିଆ) ପ୍ରତିଷ୍ଠା ପ୍ରାପ୍ତ ହୋଇଛନ୍ତି । ଇନ୍ଦିରାଗାନ୍ଧୀଙ୍କ ବ୍ୟତୀତ, ଶିରିମାଭୋ ବନ୍ଦରାନାୟକ (ଶ୍ରୀଲଙ୍କା), ବେନଜିର ଭୁଟ୍ଟୋ (ପାକିସ୍ଥାନ), ବେଗମ ଖାଲେଦା ଜିଆ (ବାଂଲାଦେଶ), ରାଷ୍ଟ୍ରପତି ଆରୟୋ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ରେଣୁକା ଚୌଧୁରୀ, ନାରୀ ଓ ଶିଶୁ ବିକାଶର ରାଷ୍ଟ୍ରମନ୍ତ୍ରୀ ଉପରୋକ୍ତମତେ କହିଛନ୍ତି । କିନ୍ତୁ ଆମେରିକାର ରାଷ୍ଟ୍ରପତି କେବଳ ଗୋଟିଏ ପ୍ରତୀକଠାରୁ ଅଧିକ କିଛି । ବିଶ୍ୱର ସବୁଠୁ ବଡ଼ଶକ୍ତିର ଓ ବିଶାଳ ଅର୍ଥନୀତିର ସେ ହେଉଛନ୍ତି ମୁଖ୍ୟ । ଆମେରିକାର ରାଷ୍ଟ୍ରପତିଙ୍କ କ୍ଷମତା ବହୁତ ବେଶି ଓ ସାରା ବିଶ୍ୱ ନିମିତ୍ତ ନୀତିନିୟମର ନିର୍ମାତା ରୂପେ ମର୍ଯ୍ୟାଦାବନ୍ତ, ସେଥିନିମିତ୍ତ ଜଣେ ମହିଳା ପ୍ରାର୍ଥୀ ହେବା ସାମାନ୍ୟ କଥା ନୁହେଁ । ଇନ୍ଦିରା ଗାନ୍ଧୀଙ୍କ ପରେ ଭାରତରେ ମଧ୍ୟ ଏକାଧିକ ନାରୀନେତ୍ରୀ ବିଶିଷ୍ଟତା ପ୍ରାପ୍ତ ହେବାକୁ ହକ୍‌ଦାର୍ । ତା' ହେଲେ ନାରୀ କ'ଣ ଜଣେ ଅଧିକ ସମର୍ଥ ନେତ୍ରୀ ? ରେଣୁକା ଚୌଧୁରୀ କହନ୍ତି– "ଅବଶ୍ୟ, ନାରୀମାନେ ଅଧିକ ସାମର୍ଥ୍ୟର ଅଧିକାରିଣୀ । ସେମାନେ ଏକାଧିକ କାର୍ଯ୍ୟ ଏକ ସମୟରେ କରିପାରନ୍ତି । ଘରର କାର୍ଯ୍ୟରେ, ଦପ୍ତରର କାର୍ଯ୍ୟରେ ସେମାନେ ଧୁରନ୍ଧର, ବରଂ ଅଧିକ ଆତ୍ମମର୍ଯ୍ୟାଦାସହ (non-confrontational) କରିପାରନ୍ତି । ତା'ହେଲେ, ନାରୀମାନେ କ'ଣ ନେତ୍ରୀ ଭାବରେ ଶାସକ ଭାବରେ ଅଧିକ ସାଧୁତାର ଅଧିକାରୀ ? ରେଣୁକା ଚୌଧୁରୀ କହନ୍ତି, ସାଧୁତା ସହ ନାରୀ ପୁରୁଷ ଲିଙ୍ଗଭେଦର କିଛି ସଂପର୍କ ନାହିଁ । ଏହା ବ୍ୟକ୍ତିତ୍ୱର ବିଚାର । ଅରୁଣା କେଟ୍‌ଲୀ କହନ୍ତି, ନାରୀ ପୁରୁଷ ଉଭୟେ ସମଭାବରେ ଦୁର୍ନୀତିଗ୍ରସ୍ତ ହୋଇପାରନ୍ତି । ପଞ୍ଚାୟତ ସ୍ତରରେ ନାରୀମାନେ ଖୁବ୍ କାର୍ଯ୍ୟକ୍ଷମ ଓ ନୀତିନିୟମ ଜାହିର କରିବାରେ ସାଧୁ । କିନ୍ତୁ ଏମିତି ବି କେତେକ ଅଛନ୍ତି, ନାମକୁ ମାତ୍ର ପଦବୀରେ ରହିଥାନ୍ତି । ଜଣେ ନାରୀଠାରୁ ସବୁ ସ୍ତରରେ, ସକଳ ପରିସ୍ଥିତିରେ

Digitized by PPRACHIN, SOA

ଅଧିକ ଆଶା କରିବା ଉଚିତ ନୁହେଁ । ମାର୍ଗାରେଟ୍ ଆଲ୍‌ଭା କହନ୍ତି, ''ଲୋକେ ଯେ ନାରୀମାନଙ୍କ ବିଚାର ଓ ଚରିତ୍ରକୁ ଏତେ ଉଚ୍ଚରେ ରଖନ୍ତି ଓ ସକଳ ଭଲ କଥା ସେମାନଙ୍କଠାରୁ ଆଶା କରନ୍ତି, ଏଥିରେ ମୁଁ ଗର୍ବ ଅନୁଭବ କରୁଛି । ନାରୀମାନଙ୍କ ପ୍ରତି ଜନସାଧାରଣ ଏକପ୍ରକାର ସମ୍ମାନସୂଚକ ମନୋବୃତ୍ତି ପୋଷଣ କରିଥିବା ଆନନ୍ଦର ବିଷୟ ।''

''ତେବେ କେବଳ ସଫଳତା ନୁହେଁ, ମହିଳାଙ୍କପାଇଁ ୨୦୦୮ ବର୍ଷ କେତେକ ବିଫଳତା ମଧ୍ୟ ଆଣି ଦେଇଛି । ତେବେ ସବୁଠାରୁ ବଡ଼ ବିଫଳତା ଡେମୋକ୍ରାଟିକ୍ ଦଳର ରାଷ୍ଟ୍ରପତି ପଦପ୍ରାର୍ଥୀ ହିଲାରି କ୍ଲିଣ୍ଟନ୍‌ଙ୍କ ପରାଜୟ । ବିଜୟୀ ହୋଇଥିଲେ, ସେ ହୋଇଥାନ୍ତେ ଆମେରିକାର ପ୍ରଥମ ମହିଳା ରାଷ୍ଟ୍ରପତି । ଆଉ ଏକ ବିଫଳତା ହେଉଛି ରିପବ୍ଲିକାନ ଦଳର ଉପରାଷ୍ଟ୍ରପତି ପଦପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସାରା ପାଲିନ୍‌ଙ୍କ ପରାଜୟ । ଚଳିତବର୍ଷ ଭାରତରେ ବହୁପ୍ରତୀକ୍ଷିତ ମହିଳା ସଂରକ୍ଷଣ ବିଲ୍ ଅନୁମୋଦିତ ହୋଇ ନାହିଁ । ଏହାଛଡ଼ା ବିଶ୍ୱରେ ମହିଳାଙ୍କ ସ୍ଥିତିରେ ସେପରି କୌଣସି ଉନ୍ନତି ପରିଲକ୍ଷିତ ହୋଇ ନାହିଁ । ବରଂ ମହିଳାଙ୍କ ବିରୋଧରେ ଯୌନ ନିର୍ଯାତନା, ଧର୍ଷଣ, ହତ୍ୟା ଓ ଘରୋଇ ହିଂସା ଆଦି ବଢ଼ିଛି । ଭାରତରେ ସବୁଠାରୁ ଅଧିକ ଘଟୁଥିବା ଅପରାଧଗୁଡ଼ିକ ମଧ୍ୟରେ ଧର୍ଷଣ ଆଗରେ ରହିଛି । ଏକ ସର୍ଭେ ଅନୁଯାୟୀ ଭାରତରେ ପ୍ରତି ୩ ମିନିଟ୍‌ରେ ମହିଳାଙ୍କ ବିରୋଧରେ ଗୋଟିଏ ଅପରାଧ ଘଟୁଥିବାବେଳେ ପ୍ରତି ୩୦ ମିନିଟ୍‌ରେ ଗୋଟିଏ ଧର୍ଷଣ ଘଟଣା ଘଟୁଛି । ଶିଶୁ ଧର୍ଷଣରେ ଭାରତ ବିଶ୍ୱରେ ୩ୟ ସ୍ଥାନରେ ରହିଛି । ମହିଳାଙ୍କ ସ୍ଥିତି ସଂପର୍କରେ ବିଶ୍ୱର ୧୩୦ଟି ଦେଶରେ 'World Economic Force' ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ଭାରତ ୧୧୩ତମ ସ୍ଥାନରେ ରହିଛି । ଆମେରିକା ଏହି ତାଲିକାରେ ୨୭ତମ ସ୍ଥାନ ଅଧିକାର କରିଛି । ଚାରିଆଡ଼େ ସଶକ୍ତିକରଣର ଧ୍ୱନି ଶୁଭୁଥିଲେ ମଧ୍ୟ ଏବେବି ଭାରତରେ ମହିଳାଙ୍କୁ ପୁରୁଷଙ୍କ ସହ ସମାନ ଅଧିକାର ମିଳି ନାହିଁ । ଏହି ତାଲିକାରେ ସବୁଠାରୁ ତଳେ ରହିଛନ୍ତି, ସାଉଦି ଆରବ୍, ଚାଦ୍ ଓ ୟେମେନ୍ ।'' ('ସଂବାଦ' ତା ୨୬ । ୧୨ । ୨୦୦୮ରେ ପ୍ରକାଶିତ)

ବିଂଶ ଶତକର ଶେଷ ୩ ଗୋଟି ଦଶକ ଓ ଏକବିଂଶ ଶତକର ପ୍ରାରମ୍ଭ କାଳକୁ ନିରୀକ୍ଷଣ କରି ବିଚାର କଲେ ସମଗ୍ର ବିଶ୍ୱର ନାରୀ ଅସ୍ତିତ୍ୱର ସାମର୍ଥ୍ୟରେ ଅସମ୍ଭବ ପରିବର୍ତ୍ତନ ସଂଘଟିତ ହୋଇଛି । ପରିମାଣାତ୍ମକ ଭାବରେ ନ ହେଲେ ମଧ୍ୟ ଗୁଣାତ୍ମକ ଦୃଷ୍ଟିରୁ ନାରୀଚେତନା, ନାରୀଦକ୍ଷତା ଓ ନାରୀର ସାହସ ତଥା ସାମର୍ଥ୍ୟର ଆଶ୍ଚର୍ଯ୍ୟ ଅଭିବୃଦ୍ଧି ଘଟିଛି । ଏହି ଅଭିବୃଦ୍ଧିର ପୃଷ୍ଠପଟରେ ସଂଘଟିତ ଯେଉଁ ନିର୍ଯାତନା, ପ୍ରତିବାଦ ଓ ସଂଘର୍ଷ ନିହିତ, ତାହାର ସମ୍ୟକ୍ ଚିତ୍ର ଏଠାରେ ଯଥାର୍ଥ ଉପସ୍ଥାପିତ କରିବାର ଉଦ୍ୟମ ମାତ୍ର ହୋଇଛି ।

Digitized by PPRACHIN, SOA

ପ୍ରତିଭା ଶତପଥୀଙ୍କ ରଚନା ସମ୍ଭାର

କବିତା

- ଅସ୍ତ ଜହ୍ନର ଏଲିଜି (୧୯୬୯)
- ଗସ୍ତ ସମୟ (୧୯୭୪)
- ସାହାଡ଼ା ସୁନ୍ଦରୀ (୧୯୭୮)
- ନିୟତ ବସୁଧା (୧୯୮୦, ୧୯୮୬)
- ନିମିଷେ ଅକ୍ଷର (୧୯୮୫) (ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ)
- ମହାମେଘ (୧୯୮୮)
- ଶବରୀ (୧୯୯୧) (୧୯୯୨) ଇଙ୍ଗା ଶିଳ୍ପଗୋଷ୍ଠୀ ପ୍ରଦତ୍ତ ଶାରଳା ପୁରସ୍କାର ପ୍ରାପ୍ତ), ୨ୟ ସଂକଳନ ୨୦୦୫
- ତନ୍ମୟ ଧୂଳି (୧୯୯୬) (୨୦୦୧ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ)
- ଅଧା ଅଧା ନକ୍ଷତ୍ର (୨୦୦୧) (କର୍ଣ୍ଣାଟକର ଏନ୍. ଏନ. ଥିରୁମଲାମ୍ବା ଜାତୀୟ ପୁରସ୍କାର ପ୍ରାପ୍ତ)
- କହି ନ ହେଲେ (୨୦୦୬)

ନିବନ୍ଧ/ ପ୍ରବନ୍ଧ/ ଗଦ୍ୟ/ ଆତ୍ମଜୀବନୀ

- କଳ୍ପନାର ଅଭିଷେକ (୧୯୮୨, ୧୯୯୮)
- ସ୍ପନ୍ଦନର ଭୂମି (୧୯୯୩)
- ପ୍ରତିଫଳନ (୧୯୯୩)
- ଉତ୍ତର ଆଧୁନିକ ଓଡ଼ିଆ କବିତା ଓ ଅନ୍ୟାନ୍ୟ ପ୍ରବନ୍ଧ (୧୯୯୯, ୨୦୦୬) (ଭାରତୀୟ ସମାଲୋଚନାମଣ୍ଡଳୀ ପୁରସ୍କାରପ୍ରାପ୍ତ)
- ଭାରତ ମାତାର ଲୁହ (୨୦୦୨)
- ଶୈଶବରୁ ସଂସାର (ଆତ୍ମକଥା) (୨୦୦୮)

ଭ୍ରମଣ କାହାଣୀ

- ବର୍ଣ୍ଣିଳ ଭୋଗପୁର ... (୨୦୦୪)

ଅନୁବାଦ

- ୭ ଗୋଟି ଉପନ୍ୟାସ, ଜୀବନୀ ଓ କବିତା ଗ୍ରନ୍ଥର ଓଡ଼ିଆ ଅନୁବାଦ ।

Digitized by PPRACHIN, SOA

ଇଂରାଜୀ ଓ ଭାରତୀୟ ଭାଷା ଅନୁବାଦରେ ପ୍ରକାଶିତ କବିତା ଗ୍ରନ୍ଥ

- ସମୟ ନହିଁ ହେି (ତୁନି ତୁଇ କବିତାଏଁ)
  ଅନୁବାଦ - ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, (୧୯୯୪)
- ଶବରୀ (କାବ୍ୟ)
  ଅନୁବାଦ - ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, (୧୯୯୬)
- ଅଧା ଅଧା ନକ୍ଷତ୍ର
  ଅନୁବାଦ - ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ର (୨୦୦୨)
- ତନ୍ମୟ ଧୂଳି
  ଅନୁବାଦ - ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ର (୨୦୦୪)
- A Time of Rising
  Translated by Sri Jayant Mohapatra (2003)
- Enchanted Dust
  Translated by R. P. Samal (2007)
- Dhoor Kamni (Punjabi)
  Translated by Dr. Vanita (2008)
- ମଗନ୍ ଧୂଳି (ରାଜସ୍ଥାନୀ) ୨୦୦୯
  ଅନୁବାଦ - ଶ୍ରୀ ଅତୁଲକୁମାର ଶର୍ମା
- ତନ୍ମୟାଧୂଳି (ତେଲୁଗୁ) ୨୦୦୯
  ଅନୁବାଦ - ପ୍ରଫେସର ଡଃ ଏନ୍. ଗୋପୀ
- ମାଲାୟାଲମ୍, ମରାଠୀ, ଗୁଜୁରାଟୀ, ଭାଷାମାନଙ୍କରେ ଅନୂଦିତ ତନ୍ମୟ ଧୂଳି କେନ୍ଦ୍ର ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ପ୍ରକାଶୋନ୍ମୁଖୀ ।

ବୃତ୍ତିଗତ ପରିଚୟ

1. Awarded U.G.C. Teacher Fellowship
2. Awarded U.G.C. MRP as Principal Investigator
3. Member, U.G.C. Panel
4. Juror, Professor Emiratus Award by U.G.C. New Delhi
5. Executive Member, in the U.G.C. Golden Jubilee Celebration Committee of Language and Literature [Eastern Zone] 2003

Digitized by PPRACHIN, SOA

ପ୍ରଭୂତ କବିଯଶର ଅଧିକାରିଣୀ ପ୍ରଫେସର ପ୍ରତିଭା ଶତପଥୀ ଯେ ଜଣେ ବିଶିଷ୍ଟ ଗଦ୍ୟରଚୟିତ୍ରୀ, ଏହାର ପରିଚୟ ବହୁପୂର୍ବରୁ ଜନବିଦିତ । ସମୀକ୍ଷାତ୍ମକ ଦୃଷ୍ଟି ତାଙ୍କ ସୂକ୍ଷ୍ମ କାବ୍ୟିକ ଅବବୋଧର ଅନ୍ୟ ଏକ ଦିଗ । ତିନି ଗୋଟି ସମାଲୋଚନାତ୍ମକ ପ୍ରବନ୍ଧ ପୁସ୍ତକ, ଦୁଇ ଗୋଟି ଫିଚର ଗଳ୍ପ ପୁସ୍ତକ, ଭ୍ରମଣ କାହାଣୀ ଓ ସ୍ୱ-ଆତ୍ମକଥା ରଚନା କରି ସେ ପ୍ରଚୁର ପାଠକୀୟ ବିହ୍ୱଳତା ପ୍ରାପ୍ତ ହୋଇଛନ୍ତି । ଏହା ବ୍ୟତୀତ କେତୋଟି ବିଶ୍ୱକ୍ଲାସିକ ଉପନ୍ୟାସ ଓ କବିତାର ଅନୁସୃଜନରେ ତାଙ୍କର ଦକ୍ଷତା ଉଲ୍ଲେଖନୀୟ । ଏହି ପ୍ରବନ୍ଧ ପୁସ୍ତକଟି ଏକ ବିଶେଷ ଓ ବିଶିଷ୍ଟ ଦିଗନ୍ତକୁ ଉନ୍ମୋଚିତ କରିବାରେ ସମର୍ଥ ହୋଇଛି । ଓଡ଼ିଆ ଭାଷାରେ ଏଯାବତ୍ ଏଭଳି ପୁସ୍ତକ ରଚିତ ହୋଇ ନାହିଁ । ସମଗ୍ର ବିଶ୍ୱସ୍ତରୀୟ ନାରୀ ଅସ୍ତିତ୍ୱର ବାସ୍ତବତାର ତତ୍ତ୍ୱଭିତ୍ତିକ ଓ ତଥ୍ୟଗତ ଅନୁଶୀଳନକୁ ନେଇ ଏହି ପୁସ୍ତକଟି ୫୪ ଜଣ ଓଡ଼ିଆ କବିଙ୍କ ରଚନାର ପ୍ରାୟୋଗିକତାକୁ ପ୍ରତିନିଧିତ୍ୱ କରିଛି । ପ୍ରବନ୍ଧ ପୁସ୍ତକ ହୋଇଥିଲେ ହେଁ ସ୍ଥଳବିଶେଷରେ ନାରୀଜୀବନର କାରୁଣ୍ୟ ଓ ପୀଡ଼ାସହ ଲେଖିକାଙ୍କ କାବ୍ୟିକ ସଂବେଦନା ସମ୍ମିଳିତ ହୋଇ ଏହି ପୁସ୍ତକକୁ ଆକର୍ଷଣୀୟ ଓ ଆବେଶମୟ କରିପାରିଛି । ଏହାର ପୃଷ୍ଠାଙ୍କ ଉନ୍ମୋଚନ କଲେ ବିଦଗ୍ଧ ପାଠକ ଆଗ୍ରହାନ୍ୱିତ ହୋଇ ଏହାର ଅଭ୍ୟନ୍ତରକୁ ନିବିଷ୍ଟ ଚିତ୍ତରେ ପ୍ରବେଶ କରିବେ । ଏହି ପୁସ୍ତକ ଯେ ଏକ ନୂତନ ଉଦ୍ୟମଗତ ସିଦ୍ଧି ଏହା ଅବଶ୍ୟ ସ୍ୱୀକାର କରିବାକୁ ହେଉଛି ।

ବିଦ୍ୟାପୁରୀ

ବାଲୁବଜାର, କଟକ ୭୫୩ ୦୦୨

ISBN 978-81-7411-705-2

www.vidyapuri.com

Digitized by PPRACHIN, SOA